## ଶାରଳା ମହାଭାରତୀୟ

# ନାରୀଚିତ୍ର

ସାରଳା ମହାଭାରତୀୟ

# ନାରୀଚିତ୍ର

ଶ୍ରୀମତୀ ସରଳା ଦେବୀ

ପ୍ରକାଶକ—

ଉତ୍କଳ ବିଶ୍ୱବିଦ୍ୟାଳୟ

କଟକ

ପ୍ରଥମ ସଂସ୍କରଣ

ମୂଲ୍ୟ ଟ ୩ ୮ (ତିନି ଟଙ୍କା ମାତ୍ର)

# ଉତ୍ସର୍ଗ ପତ୍ର

ସୁଯୋଗ୍ୟା, ଗୁଣବତୀ ସ୍ୱଣୀ ସାହେବା, ଅର୍ପଣେ—

ଶ୍ରୀମତୀ ଉମେଶ୍ୱରୀ ସୁଥୁ

ଶ୍ରୀଭଞ୍ଜନାସୁ

# ମୁଖବନ୍ଧ

ପ୍ରାୟ ଦଶ ବର୍ଷ ପୂର୍ବେ ଧାରାବାହିକ ରୂପେ ସାରଳା ମହାଭାରତରେ ନାରୀର ଛଦ୍ମ ନାମ ଦେଇ କେତେଗୁଡ଼ିଏ ପ୍ରବନ୍ଧ 'ସହକାର' ମାସିକ ପତ୍ରିକାରେ ଲେଖିଥିଲି । ସେ ଗୁଡ଼ିକ ସଂଗ୍ରହ କରି ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ଆବଶ୍ୟକ ପରିବର୍ତ୍ତନ କରିଛି ।

ଆମ ଓଡ଼ିଆ ସାହିତ୍ୟରେ ସମାଲୋଚନାମୂଳକ ଗ୍ରନ୍ଥ ସଂଖ୍ୟା ଅତି କମ । ସେଥିରେ ପୁଣି ଗୋଟିଏ ଗୋଟିଏ ଗ୍ରନ୍ଥ ଉପରେ ଗୋଟିଏ ଗୋଟିଏ ବିଭାଗକୁ ଅବଲମ୍ବନ କରି ସମାଲୋଚନା କରିବା ପ୍ରୟାସ ମଧ୍ୟ ବେଶି ନାହିଁ । ସାରଳା ଦାସଙ୍କ ମହାଭାରତରେ ଏକ ପ୍ରକାଣ୍ଡ ଗ୍ରନ୍ଥରୁ ନାରୀ ଚରିତ୍ର ଭଳି ଏକ ଏକଦେଶଦର୍ଶୀ ବିଷୟ ଉପରେ ଆଲୋଚନା କରି ଗ୍ରନ୍ଥ ଲେଖିବା ଅତି ଦୁରୂହ ବ୍ୟାପାର । ପୁଣି ବିଭିନ୍ନ ପ୍ରକାଶିତ ସଂସ୍କରଣରେ ବିଷୟମାନଙ୍କରେ ବିଭିନ୍ନତା ପରିଲକ୍ଷିତ ହେଉଥିବାରୁ କୌଣସି ବିଷୟରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ପ୍ରତିପାଦନ କରିବା କିଛି ସହଜ କଥା ନୁହେଁ । ପ୍ରକାଶିତ ଓ ଅପ୍ରକାଶିତ ପାଣ୍ଡୁଲିପି ଓ ମୁଦ୍ରିତ ଗ୍ରନ୍ଥମାନଙ୍କରୁ ପାଠୋଦ୍ଧାର କରି ପ୍ରକୃତ ତଥ୍ୟ ବାହାର କରିବା ବର୍ତ୍ତମାନ କାଳରେ ଉପଯୁକ୍ତ ପୁସ୍ତକାଳୟ ଅଭାବରୁ ଏକାବେଳକେ ଅସମ୍ଭବ କହିଲେ ଚଳେ । ଏସବୁ ଅଭାବ ଅସୁବିଧା ସତ୍ତ୍ୱେ ଏହି ସମାଲୋଚନାମୂଳକ ଗ୍ରନ୍ଥ ଲେଖିବାରେ ମତେ ପ୍ରେରଣା ଦେଇଛି ଆମ ଓଡ଼ିଶାର ନାରୀ ଜାତିର ବର୍ତ୍ତମାନ ଅବସ୍ଥା । ପୂର୍ବେ ଆମ ଶାସ୍ତ୍ରପୁରାଣକାରମାନେ କିଭଳି ଆଦର୍ଶ ଜାତିସମ୍ମୁଖରେ ରଖିଥିଲେ, ତାହା ସମ୍ୟକରୂପେ ଅବଗତ କରାଇ ଜନସାଧାରଣଙ୍କୁ ବର୍ତ୍ତମାନ ଯୁଗରେ ନାରୀଜାତିର ଉନ୍ନତି ପାଇଁ ଜାଗ୍ରତ କରାଇବା ମୋର ପ୍ରଧାନ ଉଦ୍ଦେଶ୍ୟ । ମହାକବି ସାରଳା ଦାସ ଯେଉଁ ଜୀବନ୍ତ ନାରୀଜଗତ୍ ସର୍ଜନା କରିଛନ୍ତି, ତାହା ବର୍ତ୍ତମାନ ଯୁଗର ନାରୀମାନେ ଆଲୋଚନା କରି ଯାହା ଶିକ୍ଷଣୀୟ, କରଣୀୟ, ତାହାକୁ ଗ୍ରହଣ କରିବେ, ଏହି ଆଶା ମୋର ରହିଛି ।

ଏହି ଗ୍ରନ୍ଥ ପ୍ରକାଶ କରିବା ମୋ ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା; କାରଣ ଏକେ ତ ଅର୍ଥାଭାବ, ତହିଁରେ ପୁଣି ଏ ଧରଣର ପୁସ୍ତକମାନଙ୍କର ଆଦର ଓଡ଼ିଶାର ଜନସାଧାରଣଙ୍କ ଭିତରେ ଖୁବ ଅଳ୍ପ ଦେଖାଯାଏ । ସେ ଦିଗରୁ ଦେଖିଲେ ପୁସ୍ତକବିକ୍ରୟରୁ ମୁଦ୍ରଣବ୍ୟୟ ତୁଲାଇବା ମଧ୍ୟ ସମ୍ଭବ ନୁହେଁ, କିନ୍ତୁ ବିଷୟର ଗୁରୁତା ଦୃଷ୍ଟେ ପୁସ୍ତକମୁଦ୍ରଣ ଦିଗରେ ମୋତେ ଚେଷ୍ଟା କରିବା ପାଇଁ ପ୍ରେରଣା ଦେଇଛି ଉତ୍କଳ ବିଶ୍ୱବିଦ୍ୟାଳୟର ସାହିତ୍ୟଉନ୍ନତି କମିଟି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ମୋତେ ପୁସ୍ତକ ମୁଦ୍ରଣରେ ସାହାଯ୍ୟ କରିଥିବାରୁ ସେମାନଙ୍କୁ ମୋର ଧନ୍ୟବାଦ ଜଣାଉଛି । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବ କୁଳପତି ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟ ଓ ଅବସରପ୍ରାପ୍ତ ସଂସ୍କୃତ ଅଧ୍ୟାପକ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସହାନୁଭୂତି ମୋତେ ସାହାଯ୍ୟ କରିଥିବାରୁ ସେମାନଙ୍କୁ ମଧ୍ୟ ମୋର କୃତଜ୍ଞତା ଜଣାଉଛି । ଗ୍ରନ୍ଥର ପ୍ରୁଫ ସଂଶୋଧନ ଏବଂ ପରିମାର୍ଜନ କରିଥିବାରୁ ଉତ୍କଳ ୟୁନିଭର୍ସିଟି ପ୍ରେସର ପ୍ରଧାନ କର୍ମବୃନ୍ଦଙ୍କ ସହାୟତା ଲାଗି ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

ଶେଷରେ ପଣ୍ଡିତ ଶ୍ରୀ ସୂର୍ଯ୍ୟନାରାୟଣ ଦାସ ଏମ୍. ଏ. ଏହି ପୁସ୍ତକର ପାଣ୍ଡୁଲିପି ଲେଖନ ଓ ମୁଦ୍ରଣ ସମ୍ବନ୍ଧରେ ମୋତେ ପ୍ରଥମ ପ୍ରବର୍ତ୍ତନା ଦେଇ ବହୁତ ଉତ୍ସାହିତ କରିଥିବାରୁ ତାଙ୍କୁ ମୋର ଧନ୍ୟବାଦ ଏବଂ କୃତଜ୍ଞତା ଜଣାଉଛି ।

ଏହି ଗ୍ରନ୍ଥ ପାଠ କରି ଯେଉଁ ସାହିତ୍ୟିକ ସୁଧୀବର୍ଗ ସ୍ୱ ସ୍ୱ ଅଭିମତ ବ୍ୟକ୍ତ କରିଅଛନ୍ତି, ସେମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଅଛି ।

ତେଲେଙ୍ଗା ବଜାର<br>ତା ୧୫।୩।୫୨<br>କଟକ

ସରଳା ଦେବୀ

# ଅଭିମତ

ସାରଳା ମହାଭାରତରେ ସେ ଯୁଗର ନାରୀମାନଙ୍କର ବହୁତ ଚରିତ୍ର ନାନା ପ୍ରକାରେ ବିକ୍ଷିପ୍ତ ହୋଇ ରହିଛି, କିନ୍ତୁ ତାକୁ ଏକାଠି କରି ସ୍ୱତନ୍ତ୍ର ଭାବେ ସମାଲୋଚନା ସୂତ୍ରରେ ଏପର୍ଯ୍ୟନ୍ତ କେହି ବାହାରକୁ ଆଣି ଲୋକଙ୍କ ଆଖି ଆଗରେ ଥୋଇ ନ ଥିଲେ । ଏତେଦିନ ପରେ ଯେ ଉଦ୍ୟମିଲେ ସେ ହେଉଛନ୍ତି ଆଧୁନିକ ଯୁଗର ମନ ପାଇଥିବା ଓ ଏ ଯୁଗର ଚିନ୍ତାଧାରା ସହିତ ପରିଚିତା ଆଧୁନିକ ଉତ୍କଳର ଜଣେ ସୁପ୍ରତିଷ୍ଠିତା ପ୍ରଗତିଶୀଳା ନାରୀ ସରଳା ଦେବୀ ।

ଶ୍ରୀମତୀ ସରଳା ବର୍ତ୍ତମାନ ଯୁଗର ନାରୀଶିକ୍ଷା ପ୍ରତି ତୀକ୍ଷ୍ଣ ଦୃଷ୍ଟି ପକାଇ ଓ ନିଜର ଅନୁଭୂତିଦ୍ୱାରା ବୁଝି ପାରିଛନ୍ତି ଯେ, ବର୍ତ୍ତମାନର ଶିକ୍ଷାରେ ଶିକ୍ଷିତା ନାରୀମାନଙ୍କ ଦ୍ୱାରା ସମାଜର ବିଶେଷ କଲ୍ୟାଣ ସମ୍ଭବପର ହେଉ ନାହିଁ; ତେଣୁ ସେ ଯୁଗର ନାରୀଚରିତ୍ରର ଦୃଢ଼ତା, ଧୈର୍ଯ୍ୟ, ତେଜ, ତ୍ୟାଗ, ସଂଯମ, ଗୁରୁଜନସେବା, ଆତ୍ମୀୟପ୍ରୀତି ଇତ୍ୟାଦିର ଆଲୋକରଶ୍ମି ଯଦି ବର୍ତ୍ତମାନର ନାରୀମାନଙ୍କ ହୃଦୟକୁ ଆଲୋକିତ କରେ, ତାହା ଦ୍ୱାରା ଆଧୁନିକ ସମାଜର ବହୁତ ମଙ୍ଗଳ ସାଧିତ ହେବ ଭାବି ଏଥିରେ ହାତ ଦେଇଛନ୍ତି ।

ଜାତୀୟ ଚରିତ୍ର ଗଠନର ମୂଳଦୁଆ ପକାଇବା ଭାର ନାରୀମାନଙ୍କ ଉପରେ । ନାରୀମାନେ ଯଦି ଆଦର୍ଶ ଚରିତ୍ର ଅନୁକରଣରେ ନିଜର ଚରିତ୍ର ଗଠନ କରନ୍ତି, ସେମାନଙ୍କ ସନ୍ତାନମାନେ ସେହି ପ୍ରଭାବରେ ପ୍ରଭାବିତ ହେବା ସୁନିଶ୍ଚିତ । ଏଥିପାଇଁ ଉତ୍କଳର ଆଧୁନିକା ନାରୀମାନଙ୍କ ଦୃଷ୍ଟିକୋଣ ବଦଳାଇବା ନିମନ୍ତେ ଏହି ଧରଣର ପୁସ୍ତକ ବହୁ ପରିମାଣରେ ଛପା ହେବା ଆବଶ୍ୟକ ।

ବର୍ତ୍ତମାନର ନାରୀଶିକ୍ଷାର ଅଙ୍ଗସ୍ୱରୂପ ଏ ବହି ଖଣ୍ଡିକ ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇ ସେମାନେ ଏହି ପୁସ୍ତକର ଆଦର୍ଶ ରମଣୀମାନଙ୍କ ଚରିତ୍ରବଳରେ ଅନୁପ୍ରାଣିତ ହେଲେ ଓ ନିଜର ଚରିତ୍ରକୁ ସେହି ଭାବରେ ଗଠନ କଲେ ମୁଁ ବହୁତ ଆନନ୍ଦିତା ହେବି । ସରଳାଙ୍କର ଏ ଶୁଭ ଉଦ୍ୟମ ଆଶାତୀତ ସାଫଲ୍ୟ ଲାଭ କରୁ, ମୋର ଏହି କାମନା । ଇତି ।

କଟକ
୨୮।୩।୫୧

ଶ୍ରୀମତୀ ଦେବହୂତି ଦେବୀ

ଶ୍ରୀମତୀ ସରଳା ଦେବୀଙ୍କ ଲିଖିତ 'ସାରଳା ମହାଭାରତରେ ନାରୀଚରିତ୍ର'ର କେତେକ ଅଂଶ ଦେଖିଲି । ଏହା ଖୁବ୍ ଦରକାରୀ ଆଲୋଚନା । କେହି ଏହା ଏପର୍ଯ୍ୟନ୍ତ ଏପରି ଭାବରେ କରି ନ ଥିଲେ । ସରଳା ବାଟ ଦେଖାଇଲେ ବୋଲି କହିଲେ ହୁଏ । ସେଥିପାଇଁ ତାଙ୍କୁ ସାଧୁବାଦ । କେହି ହୁଏ ତ ପଢ଼ି ସରଳାଙ୍କୁ ଖୁବ୍ ରକ୍ଷଣଶୀଳ ବୋଲି କହିବେ, ସେଥିରେ କିଞ୍ଚିତ ସତ୍ୟ ଅଛି ବୋଲି ଧରି ନେଲେ ମଧ ବୁଝିବାର ଅଛି, ଏ ପ୍ରବୀଣ ବୟସ ଓ ପରିଣତ ବୁଦ୍ଧିରେ ତାଙ୍କର ଏ ପ୍ରତିକ୍ରିୟା କାହିଁକି ? ଏହାଇ ବୁଝି ବସିଲେ ସତ୍ୟଟି ସ୍ପଷ୍ଟ ହେବ । ନଚେତ୍ ମତାଦର୍ଶରେ ଯେଉଁମାନେ ଗତାନୁଗତିକ, ସେମାନେ ଯୁକ୍ତିର ସଙ୍ଗତି ଲଗାଇ ସରଳାଙ୍କ ସାରଳା କାବ୍ୟ ନାୟିକାଙ୍କୁ ସେ ଯୁଗରୁ ଆଣି ଏଯୁଗର ସାମଞ୍ଜସ୍ୟରେ ହୁଏ ତ ବୁଝି ପାରିବେ ନାଇ । ନ ବୁଝନ୍ତୁ ଚିନ୍ତା ନାଇ । ସରଳାଙ୍କର ଏଭଳି ପ୍ରୟତ୍ନ ବେଳକୁ ବେଳ ବଢ଼ୁ । ମୋର ଏଇ ଶୁଭେଚ୍ଛା ଓ ଆଶୀର୍ବାଦ ।

କଟକ
୧୭-୩-୧୯୫୨

ନୀଳକଣ୍ଠ ଦାସ
ନବଭାରତ ପ୍ରେସ୍

ଶ୍ରୀମତୀ ସରଳା ଦେବୀଙ୍କ ସଙ୍କଳିତ "ସାରଳା ମହାଭାରତରେ ନାରୀଚରିତ୍ର"ର ପାଣ୍ଡୁଲେଖ ପଢ଼ିଲି । ଏଥିରେ 'ଭାରତ' ବର୍ଣ୍ଣିତ ନାରୀଚରିତ୍ର ଗୁଡ଼ିକ ସେ ଯେପରି ନିପୁଣଭାବରେ ବିଶ୍ଳେଷଣ କରି ତହିଁର ବିଶିଷ୍ଟତା ପ୍ରତିପାଦନ କରିଛନ୍ତି, ତାହା ଉଣା ପାଣ୍ଡିତ୍ୟ, ରଚନାପାଟବ ଓ ମୌଳିକ ଚିନ୍ତାର ପରିଚୟ ଦେଉ ନାହିଁ । ମହାକବି 'ସାରଳା ଦାସ' ସେ ଯୁଗର ନାରୀଙ୍କ ନୈତିକ ଓ ସାମାଜିକ ଜୀବନର ଚିତ୍ର ଦେବାକୁ ଯାଇ ପ୍ରକୃତରେ ତାଙ୍କ ସମସାମୟିକ ଓଡ଼ିଆ ସମାଜର ରୀତି, ନୀତି, ଚିନ୍ତା ଓ କୃଷ୍ଟିହିଁ ଫୁଟାଇଛନ୍ତି । ଲେଖିକା ଏହି ବିରାଟ ଗ୍ରନ୍ଥ-ସମୁଦ୍ର ମନ୍ଥନ କରି ନିଜର ବିଚାରଦ୍ୱାରା ଯେଉଁ ସବୁ ସତ୍ୟ ପ୍ରକଟ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଅଛନ୍ତି, ତାହା ଅମୃତ ତୁଲ୍ୟ ସୁସ୍ୱାଦୁ ତଥା ପୁଷ୍ଟିକର ହୋଇଛି ବୋଲି ମୋର ବିଶ୍ୱାସ । ପୁଣି ଶ୍ରୀମତୀ ସରଳାଙ୍କର ବଳିଷ୍ଠ ଓ ସାବଲୀଳ ଭାଷା ଏହାକୁ ସମଧିକ ଉପାଦେୟ ଓ ସରସ କରି ଦେଇଛି । ଓଡ଼ିଆରେ ଆଲୋଚନାମୂଳକ ପୁସ୍ତକର ସଂଖ୍ୟା ଅତି ଅଳ୍ପ କହିଲେ ଚଳେ । ଏ ପୁସ୍ତକ ଯେ କେବଳ ସେତକ ଅଭାବ ପୂରଣ କରିବ, ତାହା ନୁହେଁ—ଆମ ଝିଅ ବହୁଙ୍କ ହାତରେ ଦେବା ଭଳି ଖଣ୍ଡିଏ ସୁପାଠ୍ୟ ପୁସ୍ତକ ଅଧିକନ୍ତୁ ମିଳିଗଲା ।

ଇତି

କଟକ
୩।୩।୧୯୬୧

ଲକ୍ଷ୍ମୀକାନ୍ତ ମହାପାତ୍ର
(ଉତ୍କଳର କାନ୍ତକବି)

ଶ୍ରୀମତୀ ସରଳା ଦେବୀଙ୍କ ନୂତନ ଲେଖା 'ନାରୀତନ୍ତ୍ର'ର ପାଣ୍ଡୁଲିପି ମୁଁ ପଢ଼ି ଆନନ୍ଦ ଲାଭ କଲି । ସମାଜରେ ନାରୀଚରିତ୍ର କିପରି ସୁଗଠିତ ହେବ, ତାହାହିଁ ତାଙ୍କର ଲକ୍ଷ୍ୟ । ସେଥି ପାଇଁ ସେ ଏହି ପୁସ୍ତକରେ କେତେକ ଆଦର୍ଶ ସ୍ଥାନୀୟ ପୌରାଣିକ ନାରୀଜୀବନୀ ଆଲୋଚନା କରିଛନ୍ତି । ଓଡ଼ିଆ କବି ସାରଳା ଦାସ ନିଜ ମହାଭାରତ ଗ୍ରନ୍ଥରେ ଦ୍ୱାପର ଯୁଗର ନାରୀମାନଙ୍କୁ ପଞ୍ଚଦଶ ଶତାବ୍ଦୀର ଅପେକ୍ଷାକୃତ ନୂତନ ଛାଞ୍ଚରେ ଢାଳିବାକୁ ଅବଶ୍ୟ ପ୍ରୟାସୀ ହୋଇଛନ୍ତି । ତଥାପି ପାଠକ ନିକଟରେ ସେମାନେ ବହୁ ପରିମାଣରେ ପୌରାଣିକ ପରିଚ୍ଛଦରେ ଆବୃତ । ସତ୍ୟ ଯୁଗ କଥା ସ୍ୱତନ୍ତ୍ର; ତ୍ରେତା ଯୁଗର ନାରୀଙ୍କ ପରି ସେମାନେ ଦେବତା ଶ୍ରେଣୀର ଅନ୍ତର୍ଭୁକ୍ତ ବିବେଚିତ ନୋହୁଥିଲେ ସୁଦ୍ଧା, ସମାଜ ସେମାନଙ୍କଠାରେ ଅଳ୍ପାଧିକ ଦେବୀତ୍ୱ ଆରୋପ କରିଛି । ଯାହା ବଡ଼, ଆମ ଆଖିରେ କେତେକ ମାତ୍ରାରେ ତାହା ମାନବ ପକ୍ଷରେ ଅଲଭ୍ୟ ବା ଦୁର୍ଲଭ୍ୟ, ସୁତରାଂ ଅତିମାନୁଷ ଜନସାଧାରଣ ଏତେ ଚିନ୍ତାଶକ୍ତିହୀନ ଯେ ଏହି ବିଂଶଶତାବ୍ଦୀରେ ସୁଦ୍ଧା, ରକ୍ତମାଂସର ମନୁଷ୍ୟକୁ ସ୍ୱୟଂ ଈଶ୍ୱରଙ୍କ ଅବତାର-ରୂପେ କଳ୍ପନା କରାଯାଉଛି । ଚିନ୍ତାଶକ୍ତି ଜନ୍ମାଇବା ନିମନ୍ତେ ପ୍ରବଳ ଆଘାତ ଆବଶ୍ୟକ । ସେ ଆଘାତ ପୌରାଣିକ ଆଦର୍ଶ ଅପେକ୍ଷା ସମସାମୟିକ ଅଭିବରେ, ଐତିହାସିକ ଦୃଷ୍ଟାନ୍ତଦ୍ୱାରା ହୁଏତ ବେଶି ଦିଆଯାଇ ପାରନ୍ତା ।

କିନ୍ତୁ ଗ୍ରହଣ କରିବା ଉପାଦାନ କାହିଁ ? ସମାଜର ଲକ୍ଷ୍ୟ ବଦଳି ଯାଇଛି । ଧନୀ ଦରିଦ୍ର, ଥିଲା ନଥିଲା, ପୁଞ୍ଜିପତି ଶ୍ରମିକ, ଶାସକ ଶାସିତ ପ୍ରଭୃତିଙ୍କ ମଧ୍ୟରେ ଯେପରି ଶ୍ରେଣୀ ସଂଘର୍ଷର ଉପତ୍ତି ହୋଇଛି, ସେହିପରି ଏକ ଶ୍ରେଣୀ ସଂଘର୍ଷ ପୃଥିବୀର ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଉପୁଜୁଛି । ସ୍ତ୍ରୀ ଜାତି ପୁରୁଷଠାରୁ ଅଧିକରୁ ଅଧିକ କ୍ଷମତା ଛଡ଼ାଇ ନେବାକୁ ବ୍ୟାକୁଳ । ପ୍ରଗତି ନାମରେ ପୁରୁଷ ମଧ୍ୟ ତାହା ସ୍ତ୍ରୀଜାତିକୁ ଦେବା ନିମନ୍ତେ ପ୍ରସ୍ତୁତ । କିନ୍ତୁ ସ୍ତ୍ରୀ ତାହା ଦାନସ୍ୱରୂପ ଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି । ପୁରୁଷଠାରୁ ସ୍ୱତନ୍ତ୍ରତା ସେମାନଙ୍କର ଯେ ଜନ୍ମଗତ ଦାବୀ, ସେହି ମନୋଭାବହିଁ ତାଙ୍କ

କାର୍ଯ୍ୟ କଳାପ ନିୟନ୍ତ୍ରଣ କରିବାର ଦେଖାଯାଉଛି । ଏ ଦାବୀ ସେମାନେ ସ୍ଥାନେ ସ୍ଥାନେ ନିଜ ବୁକୁର ରକ୍ତରେ ଲେଖିବାକୁ ସୁଦ୍ଧା ଆରମ୍ଭ କଲେଣି । ଧନୀ ଦରିଦ୍ର, ସ୍ୱଳ୍ପ ନସ୍ୱଳ୍ପ, ପୁଞ୍ଜିପତି ଶ୍ରମିକ ଓ ଶାସକ ଶାସିତଙ୍କ ସଂଘର୍ଷ ପରିବାରର ଅଭ୍ୟନ୍ତର କ୍ରିୟା ନୁହେଁ; ତାର କ୍ଷେତ୍ର ପାରିବାରିକ ସୀମା ବାହାରେ । ସୁତରାଂ ତାହା ଯୁଗଯୁଗବ୍ୟାପୀ ପାରିବାରିକ ତ୍ୟାଗ ଭିତ୍ତିରେ ପ୍ରତିଷ୍ଠିତ ପରିବାରର ପୂର୍ଣ୍ଣତା ସ୍ପର୍ଶ କରିବାକୁ ଅକ୍ଷମ । କିନ୍ତୁ ନର ନାରୀ ସଂଘର୍ଷ ପରିବାରର ସେହି ଭିତ୍ତିରେ କୁଠାରାଘାତରୁ ଆରମ୍ଭ ।

ନର ଓ ନାରୀ ମଧ୍ୟରେ ସଂଘର୍ଷର କାରଣ ଥିଲେ ଏହି କୁଠାରାଘାତ ବରଣୀୟ ହୁଅନ୍ତା । କିନ୍ତୁ ସେପରି କାରଣ କଣ ଅଛି ? କେତେକ ଘଟଣାବିଶେଷର ମାତ୍ର ସଂଶ୍ଳେଷଣ କରି କୌଣସି ନିଷ୍ପତ୍ତିରେ ପହଞ୍ଚିବା ତ ଠିକ୍ ନୁହେଁ । କୌଣସି କୌଣସିଠାରେ ପରିବାର ମଧ୍ୟରେ ହୁଏ ତ ସଂଘର୍ଷ ଘଟିଛି । କିନ୍ତୁ ତାହା ପାରିବାରିକ ଜୀବନର ଅନ୍ତର୍ଣୀଣ ଦୁର୍ବଳତା ଯୋଗେ ଘଟେ ନାହିଁ । ନର ଶାରୀରିକ ବଳରେ ବଳୀୟାନ୍; ନାରୀ ଅବଳା, କିନ୍ତୁ ସେହି ଅବଳାକୁ ନରସମାଜ ଶକ୍ତିରୂପେ ପୂଜା କରୁଛି । ଲକ୍ଷ୍ମୀ, ସରସ୍ୱତୀ, ଦଶଭୁଜା ଦୁର୍ଗା ଓ ନୃମୁଣ୍ଡମାଳିନୀ କାଳୀ ଉପାସ୍ୟା ଅଟନ୍ତି । ସମାଜର ସଂଗଠନ ଏହି ଭିତ୍ତି ଉପରେ ଗଢ଼ା । ଉତ୍ପାଦନ ଦିଗରୁ ଦେଖିଲେ, ନାରୀ ହେଉଛି କ୍ଷେତ୍ର; ସେ ଚିର, ଶାଶ୍ୱତ ଓ ବୀଜ ତୁଳନାରେ ମୂଲ୍ୟବତୀ । ନାରୀକୁହିଁ କେନ୍ଦ୍ର କରି ଯୁଗେ ଯୁଗେ ପାରିବାରିକ ବେଷ୍ଟନୀ ଗଠିତ ହୋଇ ଆସିଛି । ଯୌବନରେ ନାରୀ ପ୍ରିୟତମା, ପ୍ରୌଢ଼ ବୟସରେ ପୂଜନୀୟା ମା । ବାପ ଓ ମା ଉଭୟଙ୍କୁ ଏକତ୍ର ଦେଖିଲେ, ପ୍ରଥମେ ମାଙ୍କୁ ଓ ତା ପରେ ବାପାଙ୍କୁ ନମସ୍କାର କରିବାପାଇଁ ନର ନୀତିଶାସ୍ତ୍ର ଲେଖି ପୁତ୍ରକନ୍ୟାଙ୍କୁ ଶିକ୍ଷା ଦେଇଛନ୍ତି ।

ନାରୀସ୍ୱାଧୀନତା ସମ୍ପର୍କରେ ବର୍ତ୍ତମାନ ଯେପରି ପୃଥିବୀବ୍ୟାପୀ ଆନ୍ଦୋଳନ ଚାଲିଛି, ତାର ପରିଣାମ ସମାଜ ପକ୍ଷେ ଗର୍ହିତ ନୋହିଲେ ରକ୍ଷା । ଏପର୍ଯ୍ୟନ୍ତ ପୃଥିବୀରେ ନର ଭର୍ତ୍ତା ଓ ନାରୀ ଭାର୍ଯ୍ୟା ହେଉଥିଲେ । କେତେକ କ୍ଷେତ୍ରରେ ଏ ସମ୍ପର୍କର ବିପର୍ଯ୍ୟୟ ଅବଶ୍ୟ ଦେଖାଯାଏ । ନର ଭାର୍ଯ୍ୟା ଓ ନାରୀ ଭର୍ତ୍ତାର ସ୍ଥାନ ଗ୍ରହଣ କରନ୍ତି । କିନ୍ତୁ ବିପର୍ଯ୍ୟୟ ସତ୍ତ୍ୱେ ପାରିବାରିକ ଦାୟିତ୍ୱ ସାଧନରେ ବାଧା ପଡ଼ିବାର କ୍ୱଚିତ୍ ଦେଖାଯାଏ ।

ପ୍ରକୃତି ନର ଓ ନାରୀର କାର୍ଯ୍ୟ ବାଣ୍ଟି ଦେଇଥିଲା ପରି ମନେ ହୁଏ । ନାରୀ ଭାର୍ଯ୍ୟା ନ ହୋଇ ସ୍ୱାବଲମ୍ବିନୀ ହେବା ଆଦର୍ଶବାଦରେ ସମାଜର ଅସ୍ତିତ୍ୱରେ ବାଧା ଘଟିବାର ସମ୍ଭାବନା ରହିଛି । ପ୍ରଜନନ ଓ ସନ୍ତାନ-ପାଳନ ଗୃହ ଭିତରର କର୍ମ, ସେ କର୍ମ କରିବା ବ୍ୟକ୍ତି ଭାର୍ଯ୍ୟା ହେବା ବ୍ୟତୀତ ଉପାୟାନ୍ତର ନାହିଁ । ସେଥି ପାଇଁ ବୈଜ୍ଞାନିକଙ୍କ ମତରେ ମାନବ ସମାଜ ବହୁ ସହସ୍ର ବର୍ଷ ବୟୁସ୍କ ହୋଇଥିଲେ ସୁଦ୍ଧା ପରିବାର ଭିତରୁ ସ୍ୱତନ୍ତ୍ର ହୋଇ ପାରି ନାହିଁ ।

ନର ନାରୀ ସମ୍ପର୍କ ବିଷୟରେ ଯେଉଁ ନୂତନ ଚିନ୍ତାଧାରା ଉପୁଜିଛି, ତାକୁ ବଦଳାଇ ଭିନ୍ନ ଚିନ୍ତାଧାରା ସୃଷ୍ଟି କରିବା ଏ ପୁସ୍ତକ ଲେଖିକାଙ୍କର ଉଦ୍ଦେଶ୍ୟ । ପୃଥିବୀର ଅନ୍ୟତ୍ର ଯାହା ହୋଇଥାଉ, ଭାରତରେ ସେ ନୂତନ ଚିନ୍ତାଧାରା ଉପୁଜିବା ନିମନ୍ତେ ଆମ ଦେଶର ଶିକ୍ଷାପଦ୍ଧତି ବହୁ ପରିମାଣରେ ଦାୟୀ । ଲେଖିକା ନିଜେ ସେହି ଶିକ୍ଷାପଦ୍ଧତିରୁ ପ୍ରସୂତା । କିନ୍ତୁ ଅନୁଭୂତି-ବଳରେ ସେ ତାର ଦୋଷ ଦୁର୍ବଳତା ଧରି ପାରିଛନ୍ତି । ସୁତରାଂ ପୁସ୍ତକର ପ୍ରଥମ ଓ ଅନ୍ୟାନ୍ୟ ଅଧ୍ୟାୟରେ ସେ ସେହି ଦୋଷ ଓ ଦୁର୍ବଳତା ଉପରେ ଆଘାତ କରିବାକୁ ଚେଷ୍ଟିତ ହୋଇଛନ୍ତି । ନର ଓ ନାରୀ ଉଭୟଙ୍କର ସମାଜ ଏବଂ ପରିବାର ମଧ୍ୟରେ ପରସ୍ପରଠାରୁ ଭିନ୍ନ କାର୍ଯ୍ୟ ସାଧନ କରିବାକୁ ଥିବା ସ୍ଥଳେ, ଉଭୟଙ୍କର ଶିକ୍ଷା ଏକ ପଦ୍ଧତିରେ ଚାଲି ପାରେ । ତାହାହିଁ ଲେଖିକା ପ୍ରାଞ୍ଜଳ ଭାବରେ ଦେଖାଇବାକୁ ପ୍ରୟାସ କରିଛନ୍ତି ।

ପ୍ରଚଳିତ ଶିକ୍ଷା ଫଳରେ ନାରୀ ନର ପରି କେତେକ ଜ୍ଞାନ ଅବଶ୍ୟ ଲାଭ କରୁଛନ୍ତି; କିନ୍ତୁ ତାକୁ କାର୍ଯ୍ୟକାରୀ କରି ପାରୁଛନ୍ତି କ୍ୱଚିତ୍ । ଯେଉଁମାନେ କାର୍ଯ୍ୟକାରୀ କରିବାକୁ ବସୁଛନ୍ତି, ସେମାନଙ୍କୁ ସରକାରୀ ବା ଅନ୍ୟ ଚାକିରି କିମ୍ବା କୌଣସି ବ୍ୟବସାୟର ଆଶ୍ରୟ ଗ୍ରହଣ କରିବାକୁ ପଡ଼ୁଛି । ସେଥିରେ ବ୍ୟକ୍ତିବିଶେଷର ପ୍ରତିଷ୍ଠା ଯେତେବିଶେଷରେ ସମ୍ଭବ ହେଲେ ସୁଦ୍ଧା, ପରିଣାମ ସ୍ପୃହଣୀୟ ହେଉଅଛି ବୋଲି ବୋଲାଯାଇ ନ ପାରେ । ଶିକ୍ଷାପ୍ରାପ୍ତା ନାରୀ ଶ୍ରୀନବଳା ଓ ଅକର୍ମଣ୍ୟା ହୋଇ ପଡ଼ୁଛନ୍ତି; ସୁତରାଂ ସନ୍ତାନପ୍ରସବ କାର୍ଯ୍ୟ ନିମନ୍ତେ ସେମାନଙ୍କର ପୂର୍ଣ୍ଣ ଉପଯୋଗିତା ରହୁ ନାହିଁ । ସନ୍ତାନପାଳନ କାର୍ଯ୍ୟ ହୁଏ ତ ସେମାନେ ଯଥାର୍ଥ କରି ପାରନ୍ତେ; କିନ୍ତୁ ତାହା ଧାତ୍ରୀ

ହସ୍ତରେ ନ୍ୟସ୍ତ କରି ସେମାନଙ୍କ ମଧ୍ୟରୁ ଅନେକେ ନିଜ ନିଜକୁ ଅନ୍ୟାନ୍ୟ ନାରୀସୁଲଭ କାର୍ଯ୍ୟରେ ନିୟୋଜିତ କରିବାର ଦେଖାଯାଉଛି ।

ନାରୀସ୍ୱାତନ୍ତ୍ର୍ୟ ସ୍ରୋତ ବର୍ତ୍ତମାନ ଯେପରି ପ୍ରଖର ଗତିରେ ଚାଲିଛି, ତାକୁ ରୋଧିବାରେ ଶ୍ରୀମତୀ ସରଳା ଦେବୀ ଏ ପୁସ୍ତକ ସାହାଯ୍ୟରେ କେତେ ସମର୍ଥ ହେବେ କେଜାଣି । କିନ୍ତୁ ପୁସ୍ତକଟିର ଲେଖା ପ୍ରଣାଳୀ ଭଲ ହୋଇଛି । ପାଠକ ପାଠିକା ତାହା କେବଳ ସାହିତ୍ୟଭାବରେ ପଢ଼ିଲେ, ସେଥିରୁ ଯେ ଚିନ୍ତାଧାରାର ବିପ୍ଳବ ନିମନ୍ତେ ଉପାଦାନ ନ ମିଳିବ, ତାହା ନୁହେଁ । ଆଧୁନିକ ଶିକ୍ଷା ଓ ପାଶ୍ଚାତ୍ୟ ସାମାଜିକ ଜୀବନର ଆଦର୍ଶ ଅନୁସରଣ ଫଳରେ ଆମ ସମାଜର ଗତିବିଧି ବହୁ ପରିମାଣରେ ପ୍ରଭାବିତ ହୋଇପଡ଼ିଛି । ଲେଖିକା ତାହା ପୁଙ୍ଖାନୁପୁଙ୍ଖରୂପେ ଜଣାଇଛନ୍ତି । ସେ ସବୁ ପ୍ରଗତି ନାମରେ ଏକ ବ୍ୟଭିଚାରର ଆକାରରେ ଜୀବନରେ ପଶିଯାଇଛି ବୋଲି ଅନେକ ବହୁଦର୍ଶୀ ବିଜ୍ଞ ବ୍ୟକ୍ତିଙ୍କର ମତ । ସେ ମତ କେତେ ପରିମାଣରେ ଅଭ୍ରାନ୍ତ, ସମୟହିଁ ତାହା ପ୍ରମାଣିତ କରିବ । କିନ୍ତୁ ମତବାଦର ପ୍ରଚାର ନ ହେଲେ ତ ତାହା ପ୍ରତିଯୋଗିତା କ୍ଷେତ୍ରରେ ଦୃଢ଼ ହୋଇ ପାରିବ ନାହିଁ । ଏ ପୁସ୍ତକରେ ସେହି ପ୍ରଚାର ଦିଗରେ ଉଦ୍ୟମ କରାଯାଇଛି ଓ ଏ ଉଦ୍ୟମ ଗୋଟିଏ ସବଳ ଲେଖନୀଦ୍ୱାରା ହୋଇ ଅଛି ।

୨୫-୩-୪୧ } ଗୋଦାବରୀଶ ମିଶ୍ର

# ସୂଚୀପତ୍ର


| ଅଧ୍ୟାୟ | ବିଷୟ | ପୃଷ୍ଠାଙ୍କ |
|---|---|---|
| ପ୍ରଥମ ଅଧ୍ୟାୟ— | | |
| | ସେ କାଳର ସାମାଜିକ ଅବସ୍ଥା; ନାରୀର ସ୍ଥାନ | ୧ |
| ଦ୍ୱିତୀୟ ଅଧ୍ୟାୟ— | | |
| | ଗଙ୍ଗା, ଅମ୍ବା, ଅମ୍ବାଳିକା, ସତ୍ୟବତୀ | ୨୯ |
| ତୃତୀୟ ଅଧ୍ୟାୟ— | | |
| | ଗାନ୍ଧାରୀ | ୪୮ |
| ଚତୁର୍ଥ ଅଧ୍ୟାୟ— | | |
| | କୁନ୍ତୀ | ୬୨ |
| ପଞ୍ଚମ ଅଧ୍ୟାୟ— | | |
| | ଦ୍ରୌପଦୀ ଚରିତ | ୮୪ |
| ଷଷ୍ଠ ଅଧ୍ୟାୟ— | | |
| | ଅନ୍ୟାନ୍ୟ ନାରୀଚରିତ୍ର | |
| | (କ) କନ୍ୟା ଚରିତ୍ର | ୧୩୩ |
| | (ଖ) ମୃଦୁସୁଲୀ | ୧୬୫ |
| | (ଗ) ସତ୍ୟାଙ୍କ ସତୀତ୍ୱ | ୧୭୨ |
| | ଉପସଂହାର | ୧୮୫ |
| | ପରିଶିଷ୍ଟ | |

# ସାରଳା ମହାଭାରତୀୟ ନାରୀଚରିତ୍ର

## ପ୍ରଥମ ଅଧ୍ୟାୟ

### ସେ ସମୟର ସାମାଜିକ ଅବସ୍ଥା : ନାରୀର ସ୍ଥାନ

ସାରଳା ଦାସଙ୍କ ମହାଭାରତ ଭାରତୀୟ ପ୍ରାକୃତ ଭାଷାର ଗ୍ରନ୍ଥମାନଙ୍କ ମଧ୍ୟରେ ଏକ ଅଦ୍ୱିତୀୟ ଗ୍ରନ୍ଥ । ବିଷୟ ସମୂହର ବିଶାଳତା, ଚରିତ୍ର ଚିତ୍ରଣରେ, ଘଟଣା ବର୍ଣ୍ଣନାରେ ସ୍ୱାଧୀନତା ଏବଂ ବୈଚିତ୍ର୍ୟ ପ୍ରକାଶ ସାରଳା ଦାସଙ୍କ ମହାଭାରତରେ ଯେପରି ଭାବରେ ଦେଖାଯାଏ ସେହିପରି କ୍ୱଚିତ୍ ଗ୍ରନ୍ଥରେ ଦେଖାଯାଏ । କଳେବରର ବିଶାଳତା ଓ ଭାଷାର ମାଦକତା ଦୃଷ୍ଟିରୁ ଏହି ମହାଭାରତଟି ଯେ କୌଣସି ଭାଷାରେ ଗୌରବର ସ୍ଥାନ ଅଧିକାର କରିବ, ସନ୍ଦେହ ନାହିଁ । ପଞ୍ଚଦଶ ଶତାବ୍ଦୀ ବେଳକୁ ଭାରତରେ ଅତି ଅଳ୍ପସଂଖ୍ୟକ ପ୍ରାକୃତ ଭାଷାର ଏତେ ବଡ଼ ବିଶାଳ ଗ୍ରନ୍ଥ ଦେଖାଯାଏ । ସାରଳା ମହାଭାରତ ବ୍ୟାସଦେବଙ୍କ ମହାଭାରତର ଅନୁବାଦ ହୋଇ ନ ଥିବାରୁ ଏବଂ ଏହି ଗ୍ରନ୍ଥରେ ଶତ ଶତ ଜୀବନ୍ତ ଚରିତ୍ର ସୃଷ୍ଟି ହୋଇଥିବାରୁ ଏହାର ସ୍ଥାନ ଅତି ଉଚ୍ଚ । ଯଦି ବ୍ୟାସଦେବଙ୍କ ମହାଭାରତକୁ ତତ୍କାଳୀନ ସାମାଜିକ ରୀତିନୀତିର ଲିପିବଦ୍ଧ ସଂହିତା ବୋଲି ଧରାଯିବ, ତାହାହେଲେ ବହୁ ଅଂଶରେ ସାରଳା ଦାସ ମହାଭାରତକୁ ଓଡ଼ିଶା ତଥା ଭାରତର ସେହି ଯୁଗର ରୀତିନୀତିର ସ୍ୱଚ୍ଛ ଦର୍ପଣ ବୋଲି କହିବାକୁ ହେବ ।

ପଞ୍ଚଦଶ ଶତାବ୍ଦୀରେ ଓଡ଼ିଶାର ଅବସ୍ଥା ଅତି ସଙ୍କଟାପନ୍ନ ଥିଲା । ଗଙ୍ଗବଂଶର ଶେଷ ରାଜାମାନେ ପୂର୍ବ ରାଜାମାନଙ୍କ ପରି ସେତେ ଶକ୍ତିଶାଳୀ ନ ଥିବାରୁ ଦେଶରେ ବରାବର ଅଶାନ୍ତି ରହିଥିଲା । ବୈଦେଶିକ ଶତ୍ରୁମାନେ ବିଭିନ୍ନ ସମୟରେ ବିଭିନ୍ନ ଦିଗରୁ ଦେଶ ଭିତରେ

ପଣି ଲୁଣ୍ଠନ କରୁଥିଲେ ଓ ପ୍ରଜାକୁଳ ଉପରେ ଅତ୍ୟାଚାର କରୁଥିଲେ । କେହି କେହି ଧର୍ମାନ୍ଧ ମୁସଲ୍‌ମାନ ରାଜା ହିନ୍ଦୁ ସମାଜର ଆରାଧ୍ୟ ଦେବମୂର୍ତ୍ତି ଓ ଦେବମନ୍ଦିର ଧ୍ୱଂସ କରିବାକୁ କୁଣ୍ଠା ବୋଧ କରୁ ନ ଥିଲେ । କପିଳେନ୍ଦ୍ର ଦେବଙ୍କ ସିଂହାସନାରୋହଣର କେତେ ବର୍ଷ ପୂର୍ବରୁ ଫିରୋଜଶାହ ଉତ୍କଳ ଆକ୍ରମଣ କରିଥିଲେ । ପୁରୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ସେ ବହୁ ମନ୍ଦିର ଧ୍ୱଂସ କରିଥିଲେ । ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ମଧ୍ୟ ବାଦ ପଡ଼ି ନ ଥିଲା । ଧର୍ମନାମରେ ନିରୀହ ପ୍ରଜାମାନଙ୍କ ଉପରେ ଅକଥନୀୟ, ଅମାନୁଷିକ ଅତ୍ୟାଚାର ଏହି ମୁସଲମାନ ଶାସକମାନେ କରୁଥିଲେ । ଫିରୋଜଶାହଙ୍କ ଖଡ୍ଗାଘାତରେ ଚିଲିକାର ଜଳାମ୍ବୁ ଲୋହିତ ପାଲଟି ଯାଇଥିଲା । ଏହି ମୁସଲମାନ ବାଦଶାହ ପୁରୀଠାରୁ ଅସଂଖ୍ୟ ନାରୀଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ଦିଲ୍ଲୀ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଇଥିଲେ । ଚିଲିକା ଜଳରେ ସ୍ନାନ କରୁଥିବା ଲୋକମାନଙ୍କୁ ନିର୍ମମଭାବରେ ହତ୍ୟା କରିଥିଲେ ।

ଏହି ସବୁ ଅତ୍ୟାଚାର ଯୋଗୁଁ ସମଗ୍ର ଓଡ଼ିଶାରେ ଲୋକମାନଙ୍କ ମନରେ ସର୍ବଦା ଅଶାନ୍ତି ଭୟାତଙ୍କ ଜାଗି ରହିଥିଲା । ପୁଣି ଓଡ଼ିଶା ରାଜା ଦୁର୍ବଳ ଥିବାରୁ ଦେଶରେ ଦୁର୍ବୃତ୍ତମାନଙ୍କର ଉପଦ୍ରବ ବୃଦ୍ଧି ପାଇଥିଲା । କପିଳେନ୍ଦ୍ର ଦେବ ରାଜା ହେବା ପରେ ମଧ୍ୟ ଦେଶରେ ଶାନ୍ତି ନ ଥିଲା । ଦେଶକୁ ଦୁର୍ବୃତ୍ତମାନଙ୍କ କବଳରୁ ରକ୍ଷା କରିବା ପାଇଁ ରାଜାଙ୍କୁ ପ୍ରବଳ ଉଦ୍ୟମ କରିବାକୁ ପଡ଼ିଥିଲା । ବିଦ୍ରୋହୀ ଓ ଦେଶଦ୍ରୋହୀମାନଙ୍କୁ ନିର୍ମୂଳ କରିବା ପାଇଁ କପିଳେନ୍ଦ୍ର ଦେବଙ୍କୁ ବହୁକାଳ ଲାଗିଥିଲା ଏବଂ ବୈଦେଶିକ ଶତ୍ରୁମାନଙ୍କର ଲୋଲୁପ ଦୃଷ୍ଟିରୁ ଦେଶକୁ ରକ୍ଷା କରିବା ନିମନ୍ତେ ରାଜାଙ୍କୁ ବହୁତ ଥର ଯୁଦ୍ଧ କରିବାକୁ ପଡ଼ିଥିଲା । ଏସବୁ ଯୁଦ୍ଧ ଦେଶରେ ପ୍ରଭାବ ନିଶ୍ଚୟ ପକାଇଥିବ । ସାରଳା ଦାସ ଏହି ସମୟରେ ଗ୍ରନ୍ଥ ରଚନା କରିଥିବାରୁ ଏହାର ଛାୟା ଯେ ତାଙ୍କ ଲେଖା ଉପରେ ପଡ଼ିଥିବ ଏଥିରେ ସନ୍ଦେହ ନାହିଁ । ଚରିତ୍ର ଚିତ୍ରଣରେ ଓ ବିଷୟ ସଂସ୍ଥାପନାରେ ଏହାର କିଛି କିଛି ଆଭାସ ସାରଳା ଦାସଙ୍କ ଗ୍ରନ୍ଥରୁ ମିଳେ ।

ସ୍ୱ ଗ୍ରନ୍ଥରେ ସାରଳା ଦାସ ସମସାମୟିକ ଓଡ଼ିଆ ସମାଜର ସାଧାରଣ ଅବସ୍ଥା, ରୀତି ନୀତି, ସୁଖ ଦୁଃଖ ପ୍ରଭୃତି ଲେଖିଥିବାର ମନେ ହୁଏ। ମହାଭାରତରେ ସାରଳା ଦାସ ଯେଉଁ ନାରୀଚରିତ୍ର ସର୍ଜନା କରିଛନ୍ତି ତାହା ମଧ୍ୟ ଏକ ଅଭିନବ ଉଦ୍ୟମ। ଅନେକ ସ୍ଥାନରେ ସେ ଖାଣ୍ଟି ଓଡ଼ିଆଣୀର ଚରିତ୍ର, ରୂପରେଖ ରୀତିନୀତି ବିବାହବିଧି ସାଜସଜ୍ଜା ଦେବା ପାଇଁ ଭୁଲି ନାହାନ୍ତି। ଓଡ଼ିଶାର କୋଣାର୍କ ତୀର୍ଥମାହାତ୍ମ୍ୟ, ମାଘ ସପ୍ତମୀ ସ୍ନାନଫଳ, ବଡ଼ମ୍ବା, ପାରଳା, କଟକ ପ୍ରଭୃତି ସ୍ଥାନ କଥା ବି ସେ ମହାଭାରତରେ ପୁରାଇଛନ୍ତି। ସାରଳାଙ୍କ ପୂର୍ବରୁ ଓଡ଼ିଆ ଭାଷା ସାହିତ୍ୟରେ କୌଣସି ବଡ଼ ଗ୍ରନ୍ଥ ନ ଥିଲା କହିଲେ ଚଳେ। କୌଣସି ଗ୍ରନ୍ଥକୁ ଆଦର୍ଶ କରି ରଚନା କରିବାର ସୌଭାଗ୍ୟ ମଧ୍ୟ ତାଙ୍କର ନ ଥିଲା। ସଂସ୍କୃତ ମହାଭାରତ ସରଣୀକୁ ସେ ବହୁସ୍ଥାନରେ ତ୍ୟାଗ କରିଥିବାରୁ ବିଭିନ୍ନ ଚରିତ୍ର ଚିତ୍ରଣ ଓ ଘଟଣା ସମାବେଶରେ ନିଜର ଅଭିଜ୍ଞତା, ଚିନ୍ତାଶକ୍ତି ଉପରେ ନିର୍ଭର କରିଥିଲେ। ଏହି ହେତୁ ସେ ଦେଶର ଓ ସମାଜର ରୀତି ନୀତି ଆଚାର ବ୍ୟବହାର ସୁଖ ଦୁଃଖକୁ ଭଣ୍ଡାରସ୍ୱରୂପ ଗ୍ରହଣ କରି ସେଥିରୁ ନିଜ ସାମଗ୍ରୀ ବାହାର କରିଛନ୍ତି। ଏଭଳି ଅପୂର୍ବ ସଂସାର ସର୍ଜନା ସାମାନ୍ୟ କବି ପକ୍ଷରେ ସମ୍ଭବ ନୁହେଁ। ମତିମାନ୍ ସାରଳା ଦାସ ବିଭିନ୍ନ ଚରିତ୍ର ଚିତ୍ରଣରେ, ବିଶେଷତଃ ନାରୀଚରିତ୍ର ଚିତ୍ରଣରେ ଖୁବ୍ ବିଚକ୍ଷଣତା ପ୍ରଦର୍ଶନ କରିଛନ୍ତି। ସାରଳା ଦାସଙ୍କ ନାରୀ ଦୋଷଗୁଣସମନ୍ୱିତା। ତାଙ୍କ ନାରୀ-ଚିତ୍ରରେ ନାରୀର ଦେବୀତ୍ୱ ସହିତରେ ମାନବୀତ୍ୱର ସଂଘର୍ଷ ସନ୍ନିବଦ୍ଧ। ସେଥିପାଇଁ ସାରଳାଙ୍କ ମହାଭାରତ ପାଠକପାଠିକାଙ୍କୁ କେବଳ ନୀତିଶାସ୍ତ୍ର ପୁରାଣର ଆନନ୍ଦ ଦିଏ ନାହିଁ, ପକ୍ଷାନ୍ତରେ ଗଳ୍ପ ଉପନ୍ୟାସ ପାଠର ଆମୋଦ ମଧ୍ୟ ଦିଏ।

ସେ ଯୁଗରେ ନରନାରୀମାନେ ବ୍ରତ, ଦେବପୂଜା ଓ ଅନ୍ୟାନ୍ୟ ସାମାଜିକ ଗଣ୍ଡୀ ନିର୍ଦ୍ଦିଷ୍ଟ ବିଧି ବିଧାନ ମାନି ଚଳୁଥିଲେ। ପିତୃତର୍ପଣ, ଦାନ, ପୂଜା, ଉପାସନା, ସେବା, ଭକ୍ତି, ବିନୟ, ନମ୍ରତା, ବୀରତ୍ୱ, ବ୍ୟକ୍ତିତ୍ୱ, ଗୁରୁଗୌରବ ଲୋକଚରିତ୍ରରେ ଦେଖାଯାଉଥିଲା। ଦୈନନ୍ଦିନ

ଜୀବନରେ ଶାସ୍ତ୍ରୀୟ ଓ ସାମାଜିକ ନିୟମରୁ ବହିର୍ଭୂତ ହୋଇ କେହି ଚଳୁ ନ ଥିଲା । କି ନର, କି ନାରୀ ସମସ୍ତଙ୍କର ବ୍ୟକ୍ତିତ୍ୱ ଗୋଟିଏ ମାନବିକ ବିଶିଷ୍ଟ ନୈତିକ-ନିଷ୍ଠା ପରିସର ମଧ୍ୟରେ ନିୟନ୍ତ୍ରିତ ହେଉଥିଲା । ସେଥିପାଇଁ ଯୁଦ୍ଧଯାତ୍ରା, ବିବାହ, ଗୀନଚର୍ଯ୍ୟା ପ୍ରଭୃତି ବିଷୟରେ କ୍ରମ ବା ନିର୍ଦ୍ଦିଷ୍ଟ ପ୍ରଣାଳୀ ରହିଥିଲା । ଜ୍ୟୋତିଷ ଶାସ୍ତ୍ର ଉପରେ ଲୋକଙ୍କର ଶ୍ରଦ୍ଧା ଥିଲା ଏବଂ କାମ୍ୟ କର୍ମ ନିମନ୍ତେ ବିଜ୍ଞ ଜ୍ୟୋତିଷୀ ଏବଂ ପଣ୍ଡିତମାନଙ୍କର ଉପଦେଶକୁ ଲୋକେ ଶୁଣୁଥିଲେ ଓ ମାନୁଥିଲେ ।

ସାରଳା ଦାସ ମନ୍ଦବୁଦ୍ଧି ଓ ମନ୍ଦ ଆଚରଣକାରୀ ନରନାରୀମାନଙ୍କର ଦୁଃଖମୟ ପରିଣାମ ଦେଖାଇ ଯାଇଛନ୍ତି । ଅଧର୍ମ, ଅନ୍ୟାୟ, କପଟାଚାର ପରିଣତି ଯେ ମନୁଷ୍ୟଜୀବନରେ ଦୁଃଖଦାୟକ ହୁଏ, ଏହାହିଁ ମହାଭାରତରେ ଉଲ୍ଲିଖିତ ଚରିତ୍ରମାନଙ୍କର ଆଲୋଚନାରୁ ଜଣାପଡ଼େ ।

ସାରଳା ମହାଭାରତରେ ବହୁ କନ୍ୟାଙ୍କ ହରଣ କଥା ଲେଖା ଅଛି । କୁମାରୀମାନେ ପତିର ଧନୈଶ୍ୱର୍ଯ୍ୟଠାରୁ ତାର ଶକ୍ତିକୁ ପତିନିର୍ବାଚନର ମାନଦଣ୍ଡ ବୋଲି ବିଚାରୁଥିଲେ । ସେମାନେ ଦୁର୍ବଳମତି, ଅଶକ୍ତଦେହ, କୁତ୍ସିତ ବରକୁ ବରଣ କରୁ ନ ଥିଲେ । ପ୍ରଣୟ ବିବାହର ମୂଳ ନୀତି ଥିଲା । କିନ୍ତୁ ପତିର ଶକ୍ତିକୁହିଁ ପତ୍ନୀମାନେ ବେଶି ମୂଲ୍ୟ ଦେଉଥିବାରୁ ରାକ୍ଷସ ବା ଆସୁର ବିବାହକୁ ମଧ୍ୟ ସେମାନେ ଗାନ୍ଧର୍ବ ବିବାହ ତୁଲ୍ୟ ମନେ କରୁଥିଲେ ।

ନାରୀ ଜାତିରେ ସାଧାରଣ ଶିକ୍ଷା ଓ କଳାଶିକ୍ଷାର ପ୍ରଚଳନ ଥିଲା । ନାରୀ ତାର ସହଜାତ ବୁଦ୍ଧିରେ ସବୁ ପ୍ରକାର କାର୍ଯ୍ୟ ସଂସାରକ୍ଷେତ୍ରରେ ତୁଲାଉଥିଲା । ରାଜ୍ୟଚାଳନା, ଯୁଦ୍ଧ ପ୍ରଭୃତି ବିଷୟରେ ମଧ୍ୟ ତାର ସମ୍ପର୍କ ରହିଥିଲା ।

## ବିବାହବିଧି :

ସାରଳା ଦାସଙ୍କ ମହାଭାରତରେ କନ୍ୟାହରଣ, ଯୁଦ୍ଧ, ଗାନ୍ଧର୍ବ ବିବାହ ପରେ ପୁଣି ପ୍ରାଜାପତ୍ୟ ବୈଦିକ ବିଧିରେ ବିବାହ, ମଙ୍ଗଳକୃତ୍ୟ, ଲବଣଗ୍ରମରୀ, ଦାଆଁମଙ୍ଗଳା, ମଙ୍ଗଳ ଅଧିବାସରେ ବର କନ୍ୟା

କୁଙ୍କୁମ, ତେଲ, ହରିଦ୍ରା ଲଗାଇବା, ପଞ୍ଚଗ୍ରାସ, କଉଡ଼ିଖେଳ, ସାତ ସଧବା ନାରୀଙ୍କର ବରକନ୍ୟା ମଙ୍ଗୁଳା, କୁଶଗ୍ରନ୍ଥିରେ ବରକନ୍ୟା ହସ୍ତଗଣ୍ଠି, ଶ୍ୟାଳକ ଭଣେଇର ପାଦଧୁଆ, ସନ୍ମୁଖର କନ୍ୟାସମର୍ପଣ, ନୂତନ ମଶିଣାରେ ବେଦୀ ଉପରେ ବରକନ୍ୟା ବସିବା, ସାତ କଳସୀ ପାଣି ସାତ ଘରୁ ଆଣିବା, ବର କନ୍ୟାମାନଙ୍କର ପ୍ରସାଧନ, ଅଙ୍ଗାଭରଣ, ବେଶଭୂଷଣ, ଶିଳାଉପରେ ବସାଇ ସଧବା ନାରୀ ବର କନ୍ୟା ମଙ୍ଗୁଳିବା, ଗ୍ରହବିପ୍ରଙ୍କ ମଙ୍ଗଳାଷ୍ଟକ, ବ୍ରାହ୍ମଣମାନଙ୍କ ଆଶୀର୍ବାଦ, ବେଦମନ୍ତ୍ର ଉଚ୍ଚାରଣ, ଶ୍ୱଶୁର ଜାମାତାଙ୍କୁ କନ୍ୟା ନିମନ୍ତେ ଦଶ ଦୋଷ ମାଗିବା, ବିବାହର ଉତ୍ସବ, ଦାନ, ଭୋଜନ, ଶଙ୍ଖ, ମହୁରୀ, ଭେରୀ ତୂରୀ, ମାର୍ଦ୍ଦଳ, କଂସାଳ, କାହାଳୀ, ବୀଣା, ଶଙ୍ଖ ହୁଳହୁଳି, ପାଞ୍ଚପାଠ, ଲାଜାହୋମ ପ୍ରଭୃତି ବିବାହ ପଟରେ ଲେଖା ଅଛି । ବନ୍ଦୁ ଲୋଡ଼ିବା, ଗୁଆ ପକାଇବା ମଧ୍ୟ ଲେଖା ଅଛି । କନ୍ୟାପିତା ବିବାହବେଳେ ତାକୁ ଗାଇ, ହାତୀ, ଘୋଡ଼ା, ବାସନ, ହାଦୋଳା, ହୀରା, ନୀଳ, ସୁନା, ରୁପା, ବସନ ଭୂଷଣ, ପରିଗୃହୀ, ମୁଦୁସୁଲି ଗଣିକାମାନଙ୍କୁ ଯୌତୁକ ଦେଉଥିଲେ । ସଧବା ନାରୀ ବେଦୀ ନିକଟରେ ବରକୁ ପରିହାସ କରିବା, ଗୀତ ଗାଇବା, ଆମ୍ବଡାଳ, ପାନ, ଅକ୍ଷତ, ଦୂର୍ବା, ସୁବାସ ଜଳ, ଅଳତା, ସିନ୍ଦୂର, ଚନ୍ଦନ, କସ୍ତୁରୀ, କୁଙ୍କୁମ ପ୍ରଭୃତିରେ ବିବାହ ପରେ ବରକନ୍ୟାଙ୍କୁ ବନ୍ଦାପନା କରିବା କଥା ଲେଖା ଅଛି । ସେକାଳରେ ନାରୀମାନେ ଚିତା କୁଟାଉ ଥିଲେ ।

ସାରଳା ଦାସଙ୍କ ଯୁଗରେ ଆମ ଓଡ଼ିଆ ସମାଜର ଅବସ୍ଥା ଯାହା ଥିଲା, ଅଦ୍ୟାପି ଗ୍ରାମ ସମାଜମାନଙ୍କରେ ତାହା ରହିଅଛି । ଜାତୀୟ ଜୀବନର ବିଭିନ୍ନ ଅନୁଷ୍ଠାନମାନଙ୍କରେ ସେହି ପରମ୍ପରା ବଞ୍ଚି ରହିଛି । କନ୍ୟାମାନଙ୍କର ଶାଶୁଘରକୁ ଗଲାବେଳେ ଯେଉଁ ପାଠ, ଅଳଙ୍କାର ପିନ୍ଧିବା କଥା ସାରଳା ଦାସ ଲେଖିଛନ୍ତି, ଊନବିଂଶ ଶତାବ୍ଦୀର ଶେଷଭାଗ ଓ ବିଂଶ ଶତାବ୍ଦୀର ଗୋଟାଏ ଯୁଗ ଧରି ସେହି ଉଲ୍ଲିଖିତ ଅଳଙ୍କାରଗୁଡ଼ିକ ଆମ୍ଭମାନଙ୍କ ପରିବାରର କନ୍ୟାମାନେ ପିନ୍ଧି ବିବାହ ହେଉଥିଲେ । ବହୁ ପ୍ରକାର ଅଳଙ୍କାର ବ୍ୟବହୃତ ହେଉଥିଲା । ତହିଁ ମଧ୍ୟରୁ ମୁକ୍ତାହାର,

ହୀରାନୀଳାବସା ସୁନାହାର, ଗୁପସରି, ତାଟଙ୍କ, କାପ, ମୁଦି, କଙ୍କିଣୀ ବାହୁଟି, ତାଡ଼, ଗୁଣା ବସଣି, କୁଣ୍ଡଳ, ନୂପୁର, ବଳା, ବଳୟ, ଚୁଡ଼ି, ପାହୁଡ଼, ଝୁଣ୍ଟିଆ, ସୀମନ୍ତହାର ବା ଅଳକା, ଚନ୍ଦ୍ରହାର ପ୍ରଭୃତି ପ୍ରଧାନ । ନାରୀଧର୍ମ ବିଧାନ ମଧ୍ୟ ସାରଳା ଦାସ ଲେଖିଛନ୍ତି ।

କୁମାରୀମାନେ ରଜଃସ୍ୱଳା ହେବା ପରେ ବିବାହ ହେଉଥିଲେହେଁ ଋତୋବତୀ ଅନୂଢ଼ା କନ୍ୟା ରଖିଲେ ପିତୃପୁରୁଷଙ୍କ ଶ୍ରାଦ୍ଧରେ ପାଣି ନ ଯାଇବା କଥା ଓ ତଜ୍ଜନିତ କନ୍ୟାପିତାର ମହାପାପ ପୁଣି ଗାର୍ହସ୍ଥ୍ୟ ଜୀବନର କ୍ଷତିକାରକ ବୋଲି କନ୍ୟାପିତା ମନରେ ଉତ୍କଣ୍ଠା ସୃଷ୍ଟି କରି ହୋଇଛି । ସାରଳା ଦାସ ଉପରୋକ୍ତ ମତାନୁବର୍ତ୍ତୀ ହୋଇ କନ୍ୟାପିତାଙ୍କୁ କନ୍ୟା-ଦାୟରେ ଚିନ୍ତିତ କରାଇ ବର ଖୋଜିବାକୁ ମଧ୍ୟସ୍ଥ ସୃଷ୍ଟି କରିଛନ୍ତି । ପୌରାଣିକ ହରଣମୂଳକ ବିବାହର ମଧ୍ୟସ୍ଥତା କରିବାକୁ ଅଧିକାଂଶ ସ୍ଥଳରେ ନାରଦଙ୍କୁ ଅଣାଯାଇଛି ଏବଂ ନାରଦଙ୍କ ମଧ୍ୟସ୍ଥତାରେ ଗାନ୍ଧର୍ବ ବିବାହଗୁଡ଼ିକ ହୋଇ ଶେଷରେ ଅଧିକାଂଶ ବିବାହ ଯୁଦ୍ଧ ଓ କଳହ ପରେ ନିଷ୍ପତ୍ତି ହୋଇଥିବାର ଦେଖାଯାଏ ।

କନ୍ୟା ବିବାହ ପରେ ଶାଶୁଘର, ଗଲାବେଳେ ପିତାମାନେ କାନ୍ଦିବା କଥା ଲେଖା ଅଛି । ମାତାମାନେ ଯେ ବାହୁନି କାନ୍ଦୁଥିଲେ ତାର ପରମ୍ପରା ସବିଶେଷ ରହିଅଛି । ସାରଳା ମହାଭାରତ ଯୁଗରେ ମାତାମାନଙ୍କ କାନ୍ଦଣା ଥିଲା ।

"ରାଣୀ ମହାଦେଈମାନେ ଆସି ଶୋକ କଲେ
ଝିଅର ନାମ ବାହୁନି ସକଳେ କାନ୍ଦିଲେ" (ମଧ୍ୟପର୍ବ)

ଓଡ଼ିଆ ସମାଜରେ ବାହୁନା ପ୍ରଥା ଆଜିପର୍ଯ୍ୟନ୍ତ ସହର ମଫସଲରେ ରହିଅଛି । ଏହି ବାହୁନା ପ୍ରଥା ପରମ୍ପରାର ସାକ୍ଷ୍ୟ ଦେଉଛି ସାରଳା ମହାଭାରତ ।

## ଗାନ୍ଧର୍ବ ବିବାହ ପରେ ବୈଦିକ ବିବାହ

ସାରଳା ଦାସ ନାୟକ ନାୟିକାଙ୍କ ମଧ୍ୟରେ ଗାନ୍ଧର୍ବ ବିବାହ କରାଇ ପରେ ଦେଶୀୟ ପ୍ରଥା ବା ରୀତି ନୀତି ଅନୁସାରେ ସେହି ବିବାହଗୁଡ଼ିକୁ

ବୈଦିକମତେ ସମ୍ପନ୍ନ କରାଇଛନ୍ତି । ପୁରାଣ ଯୁଗରେ ସୁବିଧା ଦୃଷ୍ଟିରୁ ସବୁ କାର୍ଯ୍ୟ ହେଉଥିବାର ଜଣାପଡ଼େ । ନୀତିକୁ "ଅକାଲେ ନିୟମ ନାସ୍ତି" ଭାବରେ ପାଳନ କରାଯାଉଥିଲା । ଏହା ସାରଳା ଦାସଙ୍କ କାଳରେ ଘଟିଥିବା ମଧ୍ୟ ସ୍ୱାଭାବିକ । ମହାଭାରତୀୟ ସାମାଜିକ ବିଧି ବ୍ୟବସ୍ଥାରେ ବରାବର ସାମାଜିକ ଆବଶ୍ୟକତା ଦୃଷ୍ଟେ ପ୍ରଥାକୁ ବଦଳା ଯାଇଛି ଓ ଏହି ବଦଳା ପ୍ରଥାକୁ ଲୋକେ ନୀତି ବୋଲି ମାନିଛନ୍ତି । କିନ୍ତୁ ଏହା ସତ୍ୟ ଯେ ମାନବିକ ନୀତି ବା ମନୁଷ୍ୟତାକୁ ସବୁ ବିଧି ବ୍ୟବସ୍ଥାଠାରୁ ଉଚ୍ଚତମ କରି ରଖାଯାଇଛି । ସେହି କାରଣରୁ ସେକାଳର ସାମାଜିକ ଜୀବନରେ ବୈଚିତ୍ର୍ୟମୟ ଶୃଙ୍ଖଳା ରହି ସମାଜ ବିଧି ବିଧାନ ଭିତରୁ ବିକାଶ ପାଇଛି । ପକ୍ଷାନ୍ତରେ ସଙ୍କୀର୍ଣ୍ଣ ପ୍ରଥା ବା ବିଧି ନିଷେଧ ଗଣ୍ଡି ଭିତରେ ମନୁଷ୍ୟର ବ୍ୟକ୍ତିତ୍ୱ ବା ମନୁଷ୍ୟତ୍ୱକୁ ଲୋପ କରାଯାଇ ନାହିଁ । ଭାରତବର୍ଷରେ ମହାଭାରତ ଯୁଗହିଁ ଦେଶୀୟ ଓ ସାମାଜିକ ସଭ୍ୟତାର ଜନନୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ହିନ୍ଦୁ ବର୍ଣ୍ଣାଶ୍ରମ ଭିତରେ ରହି ଯୁଗ ତାର ବିରୋଧିତା କରିଅଛି । କ୍ଷେତ୍ରବିଶେଷରେ ବ୍ରାହ୍ମଣ ଶୂଦ୍ରକନ୍ୟାର ପାଣି ଗ୍ରହଣ କରିଛି । କିନ୍ତୁ ଉଦାର ବୈଦିକ ସମାଜର ପରମ୍ପରା ତାହା ଜୀର୍ଣ୍ଣ କରି ଦେଇଛି । ଫଳତଃ ସମାଜ ବିଧିନିଷେଧ ଗଣ୍ଡି ଭିତରୁ କ୍ରମଶଃ ବିବୃଦ୍ଧ ହୋଇ ସତେଜ ଓ ବଳିଷ୍ଠ ହୋଇ ଉଠିଛି ବୋଲି ମନେ ହୁଏ ।

ପୁଣ୍ୟର ପୁରସ୍କାର ଓ ପାପର ଦଣ୍ଡ ସମାଜ ତଥା ରାଷ୍ଟ୍ରବିଧିରେ ରହିଛି । ପୁଣି ଆଧ୍ୟାତ୍ମ ଜଗତରେ ବ୍ୟକ୍ତିର ବୈଧ ଓ ଅବୈଧତାକୁ ଋଷି, ପୁରୋହିତ ଓ ଗୁରୁବର୍ଗ ବିଚାର କରି ନିଷ୍ପକ୍ଷପାତ ନୀତି ଧରି କାର୍ଯ୍ୟ କରିଛନ୍ତି । ଙ୍କ ସର୍ବୋପରି ମାନବତାକୁ-ତାର ପ୍ରାଣକୁ ଏବଂ ବ୍ୟକ୍ତିତ୍ୱକୁ ଯେ ମୂଲ୍ୟ ଦିଆଯାଇଛି, ଏହାହିଁ ମହାଭାରତୀୟ ସାମାଜିକ ସଭ୍ୟତାର ଉତ୍କୃଷ୍ଟ ଦିଗ—ବଡ଼ କଥା । ଅତୀତ ସମାଜରେ ବ୍ୟଷ୍ଟିକୁ ଚାପିଦେଇ ସମାଜର ସମଷ୍ଟି ବଢ଼ି ନାହିଁ—ବ୍ୟକ୍ତି ବା ବ୍ୟଷ୍ଟିକୁ ସଙ୍ଗରେ ନେଇ ବା ଉପରେ ଥୋଇ ମହାଭାରତୀୟ ସମାଜର ପ୍ରଗତି ଘଟିଛି । ସେହି ଦୃଷ୍ଟିରୁ

ସାରଳା ମହାଭାରତ ସମାଜ, ପରିବାର, ରାଷ୍ଟ୍ର, ଅର୍ଥ, ପରମାର୍ଥ, ଦେହ ଓ ଆତ୍ମା ସବୁ ଦିଗର ବୈଜ୍ଞାନିକ ପ୍ରୟୋଗଶାଳା ବୋଲି ବୋଧ ହୁଏ ।

## ବିବାହରେ ଲୋକାପବାଦ

ସେ ଯୁଗରେ ଲୋକନିନ୍ଦାକୁ ସମସ୍ତଙ୍କର ଭୟ ଥିଲା । କନ୍ୟା ବିବାହ ପୂର୍ବରୁ ଦୂଷିତା ହେଲେ ପିତୃକୁଳର ଲଜ୍ଜା ଓ ଅପମାନ ହେଉଥିଲା । ଶାମ୍ବ ଗୋପନରେ ଚନ୍ଦ୍ରାବତୀକୁ ଭ୍ରଷ୍ଟ କରିବା କଥା ଶୁଣି ଯୁଧିଷ୍ଠିର-ଦୁର୍ଯ୍ୟୋଧନକୁ କହୁଛନ୍ତି—

"ଦୂଷିତ ହୋଇଲା ମାନଗୋବିନ୍ଦ ଯେ ରାଜା-
ହସ୍ତିନାପୁରକୁ ହେଲା ଆମ୍ଭକୁଳେ ଲଜ୍ୟା,"

ଅବସ୍ଥା ଦେଖି ଦୁର୍ଯ୍ୟୋଧନ ସହଦେବଙ୍କ ଦ୍ୱାରା ଶାମ୍ବକୁ ଖବର ଦେଲେ । ଯାହା ହେବାର ହେଲା; ଏ ଲଜ୍ଜାର କ୍ଷତିପୂରଣ ତାଙ୍କୁ କରିବାକୁ ହେବ । ସ୍ୱୟମ୍ବର ସଭାରେ ଲକ୍ଷେ ରାଜାଙ୍କ ସମ୍ମୁଖରୁ ସେ ଝିଅ ହରଣ କରି ନେଇଯାଉ । କୌଳିକ ଲଜ୍ଜା ଓ ଅପମାନର କ୍ଷତିପୂରଣ ବିକ୍ରମ ଦ୍ୱାରା କରା ହେଉଥିଲା । ଏହାହିଁ ସେ କାଳ ସମାଜର ପ୍ରଥା ଥିଲା । ମହାଭାରତକାର ଲେଖିଛନ୍ତି:—

"ବିଭାନୋହୁ ଝିଅ ବାପଘରେ ଯୁବା ହେଲେ
ତାର ରଜ ପିତୃଲୋକ ପାଆନ୍ତି ଭଲେ ।
କେବେହେଁ ଯେ ବଂଶ ତାର ଉଜ୍ଜ୍ୱଳ ନୁହଇ
ବେଦବର ଏହା ନିଜ ମୁଖରେ ଭାଷଇ
ଅବିବାହି ଯୁବା କନ୍ୟା ଘରେ ନ ରଖିବ
ସେ କନ୍ୟାକୁ ରଖିଲେଟି ଆପଦ ପଡ଼ିବ"

(ଆଦିପର୍ବ)

"ଯୁବା କନ୍ୟା ଇନ୍ଦ୍ର ତୁମେ ଘରେ ଯେ ରଖିଲ
ଏତେକ ଅନର୍ଥ ତୁମେ ଅର୍ଜିଣ ବସିଲ ।

ତୁମରର ଏଥେଁ କିଛି ଦୋଷ ହେଉ ନାହିଁ
ପୁରୁଷ ହୋଇଲେ ଯୁବା ସ୍ତ୍ରୀ ନ ଛାଡ଼ଇ ।
× × × ×
ଲୋକାଗ୍ରେ କନ୍ୟା ତୋର ଦୂଷିତ ହୋଇଲା
ଅନ୍ୟ ଲୋକେ ପ୍ରଦାନଂ କରି ତ ନୋହିଲା ।”

କୃଷ୍ଣ ସୁରେଖାପିତା କୃତଶେଖରକୁ କହିଲେ:—

“ଆଜଯାଏ କନ୍ୟା ବିଭା ନ ଦେଲୁ ରାଜନ
ତେଣୁ ଦୁହିତା ତୋହର ଦୂଷିତା ହୋଇଲା
ଆମ୍ଭ ପୁତ୍ରକୁ ସୁନ୍ଦର ଦେଖି ସେ ବରିଲା
ତୁ ତାକୁ ବିଭା ନ ଦେଇ ରଖିଲୁ ବନ୍ଧନେ
ତେଣୁ ମହାକୋପ ଜାତ ହେଲା ଆମ୍ଭ ମନେ ।”

ଲୋକାପବାଦ ଭୟରୁ ଚନ୍ଦ୍ରାବତୀ ହରଣରେ ଯୁଧିଷ୍ଠିର କହୁଛନ୍ତି:—

“ଗୁପତେ ଏ କଥା ହେଲା ହୋଇବା ଅରିଷ୍ଟି ।
ପାପ କଥାକୁ ଗୁପତ କରି ନ ଯୋଗାଇ
ଲୋକରେ ଅଯଶ ପୁଣି ଆପେ ନାଶ ଯାଇ ।
ଦୁହିତାର ମନ୍ଦପଣ ନ ଜାଣିବେ ଲୋକେ
ଆମ୍ଭଙ୍କୁ ତ ମନ୍ଦ ବୋଲି ଟହୋଲିବେଟି ଥୋକେ ।”

ଉପରୋକ୍ତ ପଦମାନଙ୍କରୁ ଜଣାଯାଏ ରାଜା ପ୍ରଜା ସମସ୍ତଙ୍କ ଗୃହରେ ଓ ସାମାଜିକ ଜୀବନରେ ଲୋକାପବାଦକୁ ଭୟ ଥିଲା ଓ ସେହି ଭୟ ଅହେତୁକୀ ନ ଥିଲା ବୋଲି ସାମାଜିକ ଜୀବନ ଲୋକମତ ଅନୁସାରେ ନିୟନ୍ତ୍ରିତ ହେଉଥିଲା । କ୍ଷେତ୍ରବିଶେଷରେ ବ୍ୟକ୍ତିର ସ୍ୱାର୍ଥଠାରୁ ସମଷ୍ଟିର ହିତକୁ ସମାଜର ଦୃଷ୍ଟି ଥିଲା ।

## ନାରୀଶିକ୍ଷା

ସେହି ଯୁଗରେ ନାରୀଶିକ୍ଷା ସାଧାରଣ ଭାବରେ ଦେଶରେ ପ୍ରଚଳିତ ଥିଲା । ତାହା ନ ଥିଲେ ରାଜକନ୍ୟାମାନଙ୍କ ହରଣ, ବିବାହବୃତ୍ତାନ୍ତ

ଘଟଣା ବର୍ଣ୍ଣିବା ସମୟରେ ସାରଳା ଦାସ ବିବାହବେଦୀ ନିକଟରେ ମୁକୁସୁଲିମାନଙ୍କର ଗୀତ ଗାଇବା କଥା ଲେଖି ନ ଥାନ୍ତେ ।

ମହାଭାରତ ବିରାଟ ପର୍ବର ପାଣ୍ଡବ ଅଜ୍ଞାତବାସ କାଳରେ ସେମାନେ ଯେତେବେଳେ ବିରାଟ ଉଆସରେ ଛଦ୍ମବେଶରେ ରହି ଗୃହକର୍ମ କରୁଥିଲେ, ସେତେବେଳେ ଅର୍ଜ୍ଜୁନ ନାରୀର ଛଦ୍ମବେଶରେ ବୃହନ୍ନଳା ନାମ ଧାରଣ କରି ରାଜକୁମାରୀ ଉତ୍ତରାଙ୍କୁ ନୃତ୍ୟ ଗୀତ ଓ କଳା ବିଦ୍ୟା ଶିକ୍ଷା ଦେବା କଥା ଲେଖା ହୋଇ ନ ଥାନ୍ତା । ଏହା ସାରଳା ଦାସଙ୍କ କପୋଳ-କଳ୍ପିତ ନୁହେଁ, ମୂଳ ମହାଭାରତର ଉକ୍ତି । ମୂଳ ମହାଭାରତକାର ବ୍ୟାସଦେବ ଦ୍ରୌପଦୀଙ୍କୁ ବିଦୁଷୀ ବୋଲି ଲେଖିଛନ୍ତି, ମାତ୍ର ସାରଳା ଦାସ ତାଙ୍କର ଲିଖନ ପଠନ କଥା ଲେଖି ନାହାଁନ୍ତି । କିନ୍ତୁ ଶିକ୍ଷିତା ମାର୍ଜ୍ଜିତ-ବୁଦ୍ଧି ଦ୍ରୌପଦୀଙ୍କର ହିତାହିତ ଜ୍ଞାନ, ବିଚାରଶକ୍ତି, ଗୁରୁ ଲଘୁ ମାନାଜ୍ଞାନ, ସମ୍ପର୍କ ବିବେଚନା କଥା ଲେଖିଛନ୍ତି । ସୁଭଦ୍ରାହରଣ ପରେ କୌରବ-ପକ୍ଷୀୟ ନୃପତିମାନେ ଯେତେବେଳେ କନ୍ୟା ହରଣକାରୀ ଅର୍ଜ୍ଜୁନଙ୍କ ସହିତ ସଂଗ୍ରାମ କଲେ, ସୁଭଦ୍ରା ସେହି ଯୁଦ୍ଧରେ ପତିଙ୍କ ସାରଥି ହୋଇଥିଲେ । ସତ୍ୟଭାମା ମଧ ଶ୍ରୀକୃଷ୍ଣଙ୍କ ରଥରେ ସାରଥ୍ୟ କରିବାର ଲେଖା ଅଛି । ଏଥିରୁ ଜଣାଯାଏ, ଅଭିଜାତ ବଂଶର କନ୍ୟାମାନେ ଅଶ୍ୱଚାଳନା, ରଥ-ଚାଳନା ଓ ଧନୁର୍ବିଦ୍ୟାରେ ପାରଦର୍ଶିନୀ ଥିଲେ । ସେ ଯୁଗରେ ଯେଉଁ ସାମାଜିକ ଓ ରାଷ୍ଟ୍ରୀୟ ସଂସ୍କୃତି ଭାରତୀୟ ସମାଜକୁ ନିୟନ୍ତ୍ରଣ କରୁଥିଲା, ସେହି ପରମ୍ପରା ରକ୍ଷା କରି ବିଧି ନିଷେଧ ନ ଛାଡ଼ି ପରିବାରରେ ଚଳିବା ଏବଂ ସମ୍ପର୍କୀୟ ଆତ୍ମୀୟ, ଆତ୍ମୀୟାମାନଙ୍କ ସହିତ ସହଯୋଗିତା କରି ଗୋଟିଏ ସାଂସ୍କୃତିକ ପରିବେଷ୍ଟନୀ ତିଆରି କରି ଆଦର୍ଶକୁ ଲକ୍ଷ୍ୟ ରଖି ଜୀବନଯାତ୍ରା ପ୍ରଣାଳୀ ନିୟନ୍ତ୍ରିତ କରିବା ଶିକ୍ଷାକୁ ଲୋକେ ନାରୀଶିକ୍ଷା ବୋଲି କହୁଥିଲେ । ସେକାଳରେ ସ୍କୁଲ କଲେଜ ନ ଥିଲା । ଗୃହରେ ଶିକ୍ଷାଲାଭ କରିବା, ଅସ୍ତ୍ରଶିକ୍ଷା କରିବା, ଗୁରୁଗୃହରେ ବେଦ ବେଦାନ୍ତ ଓ ଆଧ୍ୟାତ୍ମିକ ଶାସ୍ତ୍ରମାନ ଅଧ୍ୟୟନ କରି ତଦନୁସାରେ ନାରୀଧର୍ମ ପାଳନ କରିବା ବା ଶାସ୍ତ୍ରୀୟ କ୍ରିୟା କଳାପ ଆଚରଣ କରିବା ହୋଇଥିଲା

ନାରୀଶିକ୍ଷାର ପ୍ରଧାନ ଅଙ୍ଗ । ଏହି ଶିକ୍ଷା ସାଧାରଣତଃ ମହାଭାରତୀୟ ନାରୀଚରିତ୍ରମାନଙ୍କରେ ରହିଅଛି । ମୂଳତଃ ନାରୀର ବୋଧ ଓ ସଙ୍ଗତ ଆଚରଣ ପୁଣି ପାରିବାରିକ ଓ ସାମାଜିକ ସମ୍ପର୍କରେ ପରସ୍ପର ସହିତ ବ୍ୟବହାର ଓ ବା ଚରିତରେ ଉପଯୁକ୍ତ ମାତ୍ରାଜ୍ଞାନ ବୋଧକୁ ନାରୀଶିକ୍ଷାର ନମୁନା ବୋଲି ଧରାଯାଉଥିଲା ।

ମହାଭାରତ ଯୁଗରେ ନାରୀର ଲିଖନ ପଠନ ପ୍ରଥା ଥିବା କଥା ଉକ୍ତ ହୋଇଛି । କୀଚକବଧ ବୃତ୍ତାନ୍ତରେ କୀଚକଭଗିନୀ ବିରାଟରାଣୀ ସୁଦେଷ୍ଣା ଦାସୀ ଦ୍ରୌପଦୀଙ୍କ ହାତରେ ଭାଇ କୀଚକ ନିକଟେ ଚିଠାଉ ପ୍ରେରଣ କରି-ଥିଲେ । ପୁଣି ସେ ଦ୍ରୌପଦୀଙ୍କୁ ମନ୍ତ୍ରମହୌଷଧିପ୍ରବୀଣା ବୋଲି ସମ୍ମାନ କରି କହିଥିଲେ । ଦ୍ରୌପଦୀ କୀଚକ ନିକଟେ ରାଣୀଙ୍କର ଗନ୍ଧପତ୍ର ନେଇ-ଯିବା କଥା ଲିଖିତ ଅଛି ପୁଣି ଦ୍ରୌପଦୀ ଯେ ତାହା ଦେଶକାଳ ପାତ୍ର ଅବସ୍ଥାନୁଯାୟୀ ପାଠ କରି ନ ଥିବେ ଏହା ନୁହେଁ । କୀଚକବଧ ପରେ ତାର ପାଳିତା ଓ ରକ୍ଷିତା ନାରୀମାନଙ୍କର ଶୋକାପନୋଦନ ନିମନ୍ତେ ଦ୍ରୌପଦୀ ମାନବଜୀବନର ଦାର୍ଶନିକ ତତ୍ତ୍ୱ କହି ସାନ୍ତ୍ୱନା ଦେଇଛନ୍ତି । ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ନ ଥିଲେ ଦ୍ରୌପଦୀ ନାରୀମାନଙ୍କୁ ପ୍ରାକୃତିକ ଧନ ସମ୍ପଦ ଓ ଜୀବନର ଅସାରତା, ପ୍ରାକୃତିକ ପରିବର୍ତ୍ତନ କଥା କପରି କହି-ଥାନ୍ତେ ? କରୁଣା ନାମକ କୀଚକର ଦାସୀ ଓ ଦୂତୀକୁ ପୁଣି ରାଣୀ ସୁଦେଷ୍ଣାଙ୍କୁ ଦ୍ରୌପଦୀ ସତୀତ୍ୱ ଧର୍ମ କଥା କହି ଭର୍ତ୍ସନା କରିଛନ୍ତି । କୀଚକ ପଠାଇଥିବା ମହାର୍ଘ ପ୍ରଣୟୋପହାରକୁ ତୁଚ୍ଛ ମଣି ଦ୍ରୌପଦୀ ଘୃଣାରେ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ ସୁଦେଷ୍ଣାଙ୍କ ପ୍ରଲୋଭନ ବାକ୍ୟରେ ଅବିଚଳ ରହି ତାଙ୍କର ପରମ ପାଣ୍ଡିତ୍ୟ ଜ୍ଞାନର ପରାକାଷ୍ଠା ଦେଖାଇଛନ୍ତି ।

"ସୁଦେଷ୍ଣା ସୈରିନ୍ଧ୍ରୀକୁ ଯେ ପରମ ଆଶ୍ୱାସେ

× × ×

ମାଗୋ ତୁହି ମୋର ପରମ ବିଶ୍ୱାସୀ

ବିଶ୍ୱାସ କାର୍ଯ୍ୟରେ ମାଗୋ ଅନ୍ୟକୁ ନ ପେଷି ।

ନବରର ନାରୀମାନେ ଅଟନ୍ତି ଚତୁରୀ
ବିଶ୍ୱାସ କଥା ରଖନ୍ତି ନାହିଁ ଗୋପ୍ୟ କରି ।
ମାଗୋ ତୋହର କରେ ମୁଁ ଦେଉଛି ଲେଖାଟି
କୀଚକପୁରରେ ଦେଇ ଆସ ତୁ ଲେଉଟି ।”

ନଗରର ନାରୀସାଧାରଣଙ୍କୁ ସାରଳା ଦାସ ‘ଚତୁରୀ’ ଓ ‘ଲଘୁ-ହୃଦୟା’ ‘ଦୁର୍ବଳଚିତ୍ତ’ ଓ ‘ଅବିଶ୍ୱାସୀ’ ବୋଲି ପାଞ୍ଚ ଶବ୍ଦ ବର୍ଣ୍ଣ ଛଳେ ମଧ୍ୟ ଚିତ୍ରିତ କରିଛନ୍ତି । ଏହି ନଗରର ନାରୀ ବା ନାଗରିକାମାନେ ଯଦି ସାଧାରଣ ଶିକ୍ଷା ପାଇ ନ ଥାନ୍ତେ ତେବେ ସାରଳା ଦାସ ନବର ନାରୀମାନଙ୍କୁ ‘ଚତୁରୀ’ ‘ଅବିଶ୍ୱାସିନୀ’ ବା ‘ଲଘୁହୃଦୟା’ ବୋଲି କଦାପି ଚିତ୍ରିତ କରି ନ ଥାନ୍ତେ । ସେହି କାରଣରୁ ସାଧାରଣ ଭାବରେ ନାରୀଶିକ୍ଷାର ପ୍ରଚଳନ ସେ କାଳରେ ଥିଲା ବୋଲି ଧରାଯିବ ।

× × × ×

ଲେଖା ପଢ଼ା ଛଡ଼ା ଅଙ୍କନକଳା ସେକାଳର ନାରୀସମାଜରେ ପ୍ରଚଳିତ ଥିଲା । ଚିତ୍ରାଙ୍ଗଦା ପରିଣୟ ପରେ ପ୍ରତିଶ୍ରୁତି ମତେ ଅର୍ଜୁନ ଯେତେବେଳେ ଦ୍ୱାଦଶ ବର୍ଷ ତପସ୍ୟା ନିମନ୍ତେ ବନଗମନ କରିବାକୁ ଉଦ୍ୟତ ହେଲେ, ସେତେବେଳେ ନବପରିଣୀତା ଚିତ୍ରାଙ୍ଗଦା ଶୋକାକୁଳା ହୋଇ ପଡ଼ିଲେ । ଅର୍ଜୁନ ଚିତ୍ରାଙ୍ଗଦାକୁ ତାଙ୍କର ପ୍ରତିରୂପ ରଖିବାକୁ ସାନ୍ତ୍ୱନା ଦେଇ କହିଥିଲେ ଏବଂ ଚିତ୍ରାଙ୍ଗଦା ଅର୍ଜୁନ ରୂପ ଆଙ୍କି ବା ଗଢ଼ି ରଖିଲେ ।

ବିରାଟପର୍ବରେ ନାରୀବେଶୀ ‘ବୃହନ୍ନଳା’ ଭାବରେ ଅର୍ଜୁନ ରାଜ-ଉତ୍ତରାଙ୍କୁ ନୃତ୍ୟ ଗୀତ ଶିକ୍ଷା ଦେଉଥିଲେ । ମହାଭାରତ ଯୁଗରେ ନପୁଂସକମାନଙ୍କୁ ରାଜାନ୍ତଃପୁରରେ ନାନା କାର୍ଯ୍ୟରେ ନିଯୋଗ କରାଯାଉଥିଲା । ଏହାର ଧାରମାନ ସାରଳା ଦାସଙ୍କ କାଳରେ ବି ଚାଲିଥିଲା । ଦିଲ୍ଲୀ ହାରେମରେ ଖୋଜାମାନେ ରହୁଥିଲେ । ଓଡ଼ିଶାରୁ ମାଇଚିଆ ଲୋକଙ୍କୁ ଦିଲ୍ଲୀ ବାଦଶାହଙ୍କ ହାରେମକୁ ନିଆଯାଉଥିଲା । ଓଡ଼ିଶାରେ ଦାସ ବ୍ୟବସାୟ ଭଳି ଏଭଳି କୃତ୍ରିମ ଉପାୟରେ ନପୁଂସକ କରିବା ପ୍ରଥା

ରହିଥିଲା । ସେହି କାରଣରୁ ଦିଲ୍ଲୀ ବାଦଶାହ ଔରଙ୍ଗଜେବ ଏଭଳି ପ୍ରଥା ବନ୍ଦ କରିବା ପାଇଁ ଓଡ଼ିଶାରେ ଫରମାନ ବା ହୁକୁମନାମା ଜାରି କରିଥିଲେ । ଗଡ଼ଜାତ ଓ କୋରାପୁଟ ଜିଲ୍ଲାରେ ଏହି ମାଇତଅମାନଙ୍କ ସଂଘ ଏପର୍ଯ୍ୟନ୍ତ ରହିଛି । ସେମାନଙ୍କର ଚୈତ୍ର ମାସରେ ମିଳିତ ଉତ୍ସବ ଅନୁଷ୍ଠାନମାନ ପାଳିତ ହୁଏ । ସେହି କାରଣରୁ ମନେ ହୁଏ, ଆମ ଦେଶରେ ଗଣିକା ବା ଦେବଦାସୀ ପ୍ରଥା ଭଳି ଏହି ମାଇତଅ ସୃଷ୍ଟି ପ୍ରଥା ବହୁ ପୁରାତନ କାଳରୁ ଚାଲି ଆସିଛି ।

## ଆଡ଼ ହେବା ବା ଲୁଚିବା :

ସେକାଳର ନାରୀମାନେ ଦେବର ପ୍ରଭୃତି ସଂପ୍ରାପ୍ତବୟସ୍କ ପୁରୁଷଙ୍କୁ ଲୁଚୁଥିଲେ । ଦେଢ଼ଶୁର, ମଉଳାଶୁର, ଜୋଇଁ, ଭଗିନୀପତି ଏମାନଙ୍କୁ ନାରୀମାନେ ସମୀହ କରି ଚଳୁଥିଲେ । ଜୋଇଁକୁ ମଫସଲରେ ନାରୀମାନେ ଲୁଚିବାର ପ୍ରଥା ରହିଛି । ନଣନ୍ଦେଇକୁ ମଧ୍ୟ ଶଳାଭାଉଜ ଲୁଚନ୍ତି । ଦେଢଶୁର ସହିତ ଭାଇବୋହୂର ସମ୍ପର୍କ ବା ସଂସ୍ପର୍ଶ ମହା-ପାପରେ ଗଣିତ ହେଉଥିଲା । ମଉଳାଶୁରକୁ ଭଣଜାବୋହୂ ଦେଖା ଦିଏ ନାହିଁ । ତାଙ୍କର ଛାୟା ବି ପଡ଼ିବା ବାରଣ । ଦେଢଶୁର ବ୍ୟବହାର କରୁଥିବା ପଦାର୍ଥମାନ ମଧ୍ୟ ଭାଇବୋହୂ ଛୁଇଁବା ପ୍ରଥା ଆମ ଓଡ଼ିଆ ହିନ୍ଦୁ ସମାଜରେ କଠିନ ଭାବରେ ନଷିଦ୍ଧ । ଏହାର କାରଣ ସେକାଳରେ ଏକାନ୍ନବର୍ତ୍ତୀ ପରିବାର ଏବଂ ପାରିବାରିକ ସଭ୍ୟତାର ଉତ୍କର୍ଷତା ଓ ପରସ୍ପର ଗୁରୁ ଲଘୁ ସମ୍ପର୍କ ଭିତରେ ବ୍ୟବଧାନ ପୁଣି ଭକ୍ତି ଶ୍ରଦ୍ଧାର ସମ୍ପର୍କ ରକ୍ଷିବାପାଇଁ - ସେକାଳରେ ସାମାଜିକ ପ୍ରଥା ଗ୍ରହଣ ହୋଇଥିଲା । ଗୁରୁ ଲଘୁ ଗୌରବ ରକ୍ଷିବା ପାଇଁ କାଳ କାଳ ଧରି ଭାରତୀୟ ସମାଜରେ ଯେ ସଂସ୍କୃତି ଗଢ଼ି ହୋଇ ଆସିଛି, ତାହା ସାରଳା ଦାସ କାଳରେ ଓଡ଼ିଶାର ଘରେ ଘରେ ଚଳୁଥିଲା । ବିଧି ନିଷେଧ ପାରିବାରିକ ସମ୍ପର୍କକୁ ନିୟନ୍ତ୍ରଣ କରୁଥିଲା । ଧୃତରାଷ୍ଟ୍ର ଓ ଗାନ୍ଧାରୀ ବାକ୍ୟାଳାପ କରୁଥିବା ବେଳେ ପାଣ୍ଡୁ ସେଠାରେ ଉପସ୍ଥିତ ହୋଇ ଯିବାରୁ ଦିଅରକୁ ବଡ଼ ଭାଉଜ ଆଡ଼ ହେଲେ ।

"ଧୀତକାରେ ବିଜେ କଲେ ପାଣ୍ଡୁ ନରସ୍ୱାମୀ
ଧୃତରାଷ୍ଟ୍ର ସନ୍ନିଧିରେ ରହିଲେ ପ୍ରଣମି ।
ଗାନ୍ଧାରୀ ଅନ୍ତର ହେଲେ ରାଜାଙ୍କୁ ସେ ଦେଖି"

( ଆଦ୍ୟପର୍ବ )

## ସ୍ୱାମୀ ବଶୀକରଣ

ମହାଭାରତୀୟ ନାରୀମାନେ ବିଶେଷତଃ ଅନୂଢ଼ା କୁମାରୀମାନେ ବଶୀକରଣ ମନ୍ତ୍ର ଓ ନାନା ଦୈବୀ କ୍ରିୟା କର୍ମମାନ ସାଧନ କରିବା ଜଣାଯାଏ । ଉଲୂକ ବିଦ୍ୟା, ନାଗାନ୍ତ ବିଦ୍ୟା, ସ୍ତମ୍ଭନ, ମୋହନ ପ୍ରଭୃତି ତାନ୍ତ୍ରିକ ବିଦ୍ୟା, ଔଷଧ, ବୁଟି ଆଦି ବିଦ୍ୟାରେ ସାଧାରଣ ନାରୀମାନଙ୍କର ଅଭିଜ୍ଞତା ଥିବାର ସାରଳା ଦାସ ଲେଖିଛନ୍ତି ।

ବନବାସ କାଳରେ ଶ୍ରୀକୃଷ୍ଣ ସତ୍ୟଭାମାଙ୍କୁ ନେଇ ପାଣ୍ଡବ ଓ ଦ୍ରୌପଦୀଙ୍କୁ ଭେଟିବାକୁ ଯାଇଥିଲେ । ସତ୍ୟଭାମା ଦ୍ରୌପଦୀଙ୍କୁ ପଚାରିଲେ, "ଆମେ ଅଷ୍ଟପାଟ-ବଂଶୀ ଓ ଶତ ସହସ୍ର ରମଣୀ ଶ୍ରୀକୃଷ୍ଣଙ୍କ ମନକୁ ଆମ୍ଭମାନଙ୍କ ଠାରେ ବାନ୍ଧିରଖି ପାରିଲୁ ନାହିଁ । ତୁମେ ପୁରୁଷଙ୍କୁ ଭଣ୍ଡିବା ବିଦ୍ୟା ବଶୀକରଣ ତନ୍ତ୍ର ମନ୍ତ୍ର କିଣ ଜାଣ, ଯହିଁରେ ତୁମର ପତିମାନେ ଅନୁଗତ । ଏହାର ସତ୍ୟ କାରଣ କହ ।" ଦ୍ରୌପଦୀ କହିଲେ —

"ବୋଲନ୍ତି ପାଞ୍ଚାଳୀ ଶୁଣ ଅଗୋ ଶକ୍ରାବତୀ
ସତ୍ୟ କହିବି ତାହା ତୁ ନ କରିବୁ ପ୍ରତୀତି ।

ନ ଜାଣଇ ଔଷଧ ନ ଜାଣଇ ମନ୍ତ୍ରକାଣ୍ଡେ
ନୁହଇ ମୁଁ ଜ୍ଞାନଦାତା ନୁହଇ ପାଖଣ୍ଡେ ।

ମୋହର କର୍ମରେ ଜାଣ ଅଛି ପଞ୍ଚପତି
ବିଚାରି ଖଟଇ ମୁହିଁ ତାହାଙ୍କ ପ୍ରକୃତି ।

ନିତ୍ୟ ସାଧମତେ ମୁହିଁ କରେ ତାଙ୍କ କର୍ମ
ପଞ୍ଚପତି ସେବୁଥାଏ ଚିନ୍ତି ଦେବ ଧର୍ମ ।

ନ କରଇ ବ୍ରତ ମୁହିଁ ସୁପକାର ବିଧି
ନତେଁ୍ୟହେଁ ଜାଣଇ ମୁହିଁ ରନ୍ଧଣା ପ୍ରସିଦ୍ଧି ।
ଏକକ୍ଷତ ଅଛନ୍ତି ମୋ ଧାଇ ପରିବାରୀ
ସର୍ବ ଚରଚଇ ମୁହିଁ କୃତ୍ୟକର୍ମ ସାରି ।
ଅଶ୍ୱଶାଳ, ଗଜଶାଳ, ଲାଗେ ସବୁ ଚିନ୍ତା
ଏକାନ୍ତେ ଆରାଧି ଥାଇ ମୁହିଁ ପତିଭକ୍ତା ।
ସ୍ୱାମୀ ଆଦି କରି ଯେତେ ଦାସଦାସୀଗଣ
ସମସ୍ତଙ୍କୁ ମୋର ହୃଦେ ଏକଇ ସମାନ ।
ପତି ଆସନ୍ତେ ଆସନ କରି ପରିତେଜ୍ୟା
ଅତି ପ୍ରୀତିରେ ମୋହଣ ମଣ୍ଡିଣ ସୁଶଯ୍ୟା ।
ଆଗୋ ସତ୍ୟା ଏହିପରି ଖଟିଲେ ସ୍ୱାମୀକି
ମନ୍ତ୍ର ଅଉଷଧି ଆଉ ଲୋଡ଼ିବ କାହିଁକି ?”

ଏଥିରୁ ଜଣାପଡ଼େ, ପତିମାନେ ସେ ଯୁଗରେ ବହୁପତ୍ନୀକ ଥିବାରୁ ଏବଂ ଏକନାରୀ ବଶୀଭୂତ ନ ଥିବାରୁ ପତ୍ନୀମାନଙ୍କ ଭିତରେ ସପତ୍ନୀଭାବରୁ ଉପରିତ ପ୍ରତିଦ୍ୱନ୍ଦୀ ଭାବ ରହୁଥିଲା । ସେହି କାରଣରୁ ସେକାଳରେ ଶିକ୍ଷିତା ବା ଅଶିକ୍ଷା ନାରୀମାନେ ସ୍ୱାମୀବଶ ନିମନ୍ତେ ତନ୍ତ୍ର ମନ୍ତ୍ର ଅନୁଷ୍ଠାନ କରୁଥିଲେ ଓ ଦୈବୀ କ୍ରିୟା ଶିଖୁଥିଲେ । ଜଣେ ସ୍ତ୍ରୀ ତା ସ୍ୱାମୀକୁ ବଶ କରିବାକୁ ଭୋଜନରେ ଔଷଧ ଦେଇ ସ୍ୱାମୀକୁ କିପରି ବ୍ୟାଧିଗ୍ରସ୍ତ କରି ଅକାଳରେ ବିଧବା ହେଲା ଓ ଜୀବନବର୍ଷ କାଳ ଦଣ୍ଡ ପାଇଲା ତାହା ଦ୍ରୌପଦୀ ସତ୍ୟଭାମାଙ୍କୁ ବିସ୍ତାରି କହିଛନ୍ତି । ଦ୍ରୌପଦୀ ସତ୍ୟଭାମାଙ୍କୁ କହିଥିଲେ:—

“ଭାବରେ ସେବା କରିଣ ଭଜନ୍ତି ଯେ ପତି
ପତିଭକ୍ତା ସ୍ତ୍ରୀଙ୍କର ହୁଏ ସଦଗତି ।”

ସାରଳାଙ୍କ ଯୁଗ ଓଡ଼ିଶାର ଗଡ଼ଜାତ ପ୍ରଭୃତିରେ ବନ୍ୟାଞ୍ଚଳ ନାରୀମାନେ ଏହି ବଶ୍ୟ, ଉଚ୍ଚାଟନ, ଜାରଣ, ମାରଣ ବିଦ୍ୟାମାନ ଆୟତ୍ତ

କରିଥିଲେ । ଅଦ୍ୟାପି ଆଦିବାସୀ, ଶବର, ସଉରା, କନ୍ଧ ସାନ୍ତାଳ ଜାତିରେ ନାରୀମାନେ ଏସବୁ ଗୁପ୍ତ ବିଦ୍ୟାରେ ଅଭିଜ୍ଞା ଅଟନ୍ତି ।

## ସାଧାରଣ ପାରିବାରିକ ଚିତ୍ର

ସାରଳା ଦାସ କୁନ୍ତୀ ଓ ଗାନ୍ଧାରୀ ଚରିତ୍ରରେ ଦେବୀ ଭାବ ଆରୋପଣ କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଜାଆ ଜୋଉଳା ପ୍ରତିଦ୍ୱନ୍ଦୀ ଭାବ ଦେଖାଇ ସେମାନଙ୍କୁ ମାନୁଷୀ କରି ଚିତ୍ରିତ କରିଛନ୍ତି । ମୂଳ ମହାଭାରତ ଅନୁକ୍ତ ଏହି ଆଖ୍ୟାନ ସାରଳା ଦାସଙ୍କ କଳ୍ପନା । କିନ୍ତୁ ଆଖ୍ୟାନଟି କୌତୁକପ୍ରଦ । ସାଧାରଣ ପାରିବାରିକ ଜୀବନର ଘଟଣାକୁ ସେ ତାଙ୍କ କଳ୍ପନାବଳରେ ସୃଷ୍ଟି କରିଇ କୁନ୍ତୀ ଗାନ୍ଧାରୀଙ୍କ ଜୀବନରେ ମଧ୍ୟ ଦେଖାଇଛନ୍ତି । ଦୁଇ ଜାଆ, ସଉତୁଣୀ ଭିତରେ ପ୍ରତିଦ୍ୱନ୍ଦିତା, ଈର୍ଷା ଅତି କଟିନ ବାସ୍ତବ । ଏହା ସବୁ ଯୁଗ, ସବୁ କାଳ, ସବୁ ଦେଶ ଓ ପାତ୍ରରେ ସତ୍ୟ—ଏହା କହିବା ଅତ୍ୟୁକ୍ତି ।

ଶିବପୂଜା କରିବାକୁ ପ୍ରତ୍ୟୁଷରୁ ଦୁଇ ଜାଆ ଯାଆନ୍ତି । ଦିନେ ଗାନ୍ଧାରୀଙ୍କ ପୂର୍ବରୁ କୁନ୍ତୀ ଯାଇ ପୂଜା କରିବା ଦେଖି ଗାନ୍ଧାରୀ ରାଗରେ କହିଲେ—

"ରାଗେ ଗାନ୍ଧାରୀ ଯେ ତାଙ୍କୁ ବୋଲଇ ବଚନ
ମୁଁ ସେ ଲିଙ୍ଗ ପୂଜିବାକୁ ଅଟଇ ଭାଜନ ।
ତୁ ଯେ ପୂଜା ଭାଙ୍ଗୁ ମୋର କିପରି ଜଗତେ × × ×
ଅନେକ ଝିଙ୍ଗାସି କରି ଗାନ୍ଧାରୀ ବୋଇଲେ
ଅପମାନ ପାଇ କୁନ୍ତୀ ଦୁଃଖେ ବାହୁଡ଼ିଲେ ।"

କୁନ୍ତୀ— "କୁନ୍ତୀ ଯେ ବୋଇଲେ ମୁହିଁ ପୂଜେ ନିତି ନିତି
ତୁମ୍ଭେ କିପାଇଁ କହିଲ ଏବେ ଗୋ ଅଗାଢ଼ ।"

ଏପରି ଉଚ୍ଚବାଚ ହେବାରୁ ଶିବ ବ୍ରାହ୍ମଣର ଛଦ୍ମରୂପରେ ଆବିର୍ଭୂତ ହୋଇ କହିଲେ, "ତୁମ୍ଭେ କୁରୁ ପାଣ୍ଡବଙ୍କ ମାଆ ହୋଇ କଳି କରୁଛ

କରିଥିଲେ । ଅଦ୍ୟାପି ଆଦିବାସୀ, ଶବର, ସଉରା, କନ୍ଧ ଧାଙ୍ଗଡ଼ ଜାତିରେ ନାରୀମାନେ ଏସବୁ ଗୁପ୍ତ ବିଦ୍ୟାରେ ଅଭିଜ୍ଞା ଅଛନ୍ତି ।

## ସାଧାରଣ ପାରିବାରିକ ଚିତ୍ର

ସାରଳା ଦାସ କୁନ୍ତୀ ଓ ଗାନ୍ଧାରୀ ଚରିତ୍ରରେ ଦେବୀ ଭାବ ଆରୋପଣ କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଜାଆ ଜେଉଁଲା ପ୍ରତିଦ୍ୱନ୍ଦୀ ଭାବ ଦେଖାଇ ସେମାନଙ୍କୁ ମାନୁଷୀ କରି ଚିତ୍ରିତ କରିଛନ୍ତି । ମୂଳ ମହାଭାରତ ଅନୁକ୍ତ ଏହି ଆଖ୍ୟାନ ସାରଳା ଦାସଙ୍କ କଳ୍ପନା । କିନ୍ତୁ ଆଖ୍ୟାନଟି କୌତୁକପ୍ରଦ । ସାଧାରଣ ପାରିବାରିକ ଜୀବନର ଘଟଣାକୁ ସେ ତାଙ୍କ କଳ୍ପନାବଳରେ ସୃଷ୍ଟି କରି କୁନ୍ତୀ ଗାନ୍ଧାରୀଙ୍କ ଜୀବନରେ ମଧ୍ୟ ଦେଖାଇଛନ୍ତି । ଦୁଇ ଜାଆ, ସଉତୁଣୀ ଭିତରେ ପ୍ରତିଦ୍ୱନ୍ଦିତା, ଈର୍ଷା ଅତି କଠିନ ବାସ୍ତବ । ଏହା ସବୁ ଯୁଗ, ସବୁ କାଳ, ସବୁ ଦେଶ ଓ ସମାଜରେ ସତ୍ୟ—ଏହା କହିବା ଅଯୁକ୍ତ ।

ଶିବପୂଜା କରିବାକୁ ପ୍ରତ୍ୟୁଷରୁ ଦୁଇ ଜାଆ ଯାଆନ୍ତି । ଦିନେ ଗାନ୍ଧାରୀଙ୍କ ପୂର୍ବରୁ କୁନ୍ତୀ ଯାଇ ପୂଜା କରିବା ଦେଖି ଗାନ୍ଧାରୀ ରାଗରେ କହିଲେ—

"ରେରେ ଗାନ୍ଧାରୀ ଯେ ତାଙ୍କୁ ବୋଲଇ ବଚନ
ମୁଁ ସେ ଲିଙ୍ଗ ପୂଜିବାକୁ ଅଇଲି ଯତନ ।
ତୁ ଯେ ପୂଜା ଭାଙ୍ଗୁ ମୋର କପଟ ଜଗତେ × × ×
ଅନେକ ହିଂସାସି କରି ଗାନ୍ଧାରୀ ବୋଇଲେ
ଅପମାନ ପାଇ କୁନ୍ତୀ ଦୁଃଖେ ବାହୁଡ଼ିଲେ ।"

କୁନ୍ତୀ— "କୁନ୍ତୀ ଯେ ବୋଇଲେ ମୁହିଁ ମୂର୍ଖେ ନାହିଁ ନାଥ
ତୁମ୍ଭେ କପାଇଁ କହିଲ ଏବେ ଗୋ ଅନାଥ ।"

ଏପରି ଉଚ୍ଚବାଚ ହେବାରୁ ଶିବ ବ୍ରାହ୍ମଣର ଛଦ୍ମରୂପରେ ଆବିର୍ଭୂତ ହୋଇ କହିଲେ, "ତୁମ୍ଭେ କୁରୁ ପାଣ୍ଡବଙ୍କ ମାଆ ହୋଇ କଳି କରୁଛ

କାହିଁ ? ଯେ କାଲି ପ୍ରଭାତରୁ ସହସ୍ର ସ୍ୱର୍ଣ୍ଣଚମ୍ପା ଆଣିବ, ସେ ଆଗ ଶିବ ପୂଜିବ ।

ଏହା ଶୁଣି ଦୁଇଜାଆ ବାହୁଡ଼ିଲେ । କୁନ୍ତୀ ଋଷି ଘର ଛୋଇଲେ । ଖାଇଲେ ନାହିଁ । ସେ ଭାବିଲେ ଗାନ୍ଧାରୀ ଶତପୁତ୍ର ଜନନୀ, ରାଜରାଣୀ, ସେ ଆଗ ପୂଜା ଯଶ ନେବ । ମୋର ପାଞ୍ଚ ପୁତ୍ର—ମୁଁ ଆଉ କଣ କରିବି ? ଅର୍ଜ୍ଜୁନ ଆଗେ ଦୁଃଖିତ ହୋଇ କାନ୍ଦିବାରୁ ସେ କହିଲେ, ତୁମେ ଖାଅ, ମୁଁ ଏତେ ବେଶି ଫୁଲ ନେଇ ଦେଉଳରେ ଭରି ଦେବି ଯେ ଶିବ ଚମ୍ପାଫୁଲ ତଳେ ବୁଡ଼ିଯିବେ । କୁନ୍ତୀ ଖିଆପିଆ କଲେ । ରାତିରେ ଉତ୍କଣ୍ଠାରେ ନିଦ ହେଲା ନାହିଁ । ପାହାନ୍ତାରୁ ନିତ୍ୟକର୍ମ ସାରି ଶିବପୂଜା ଉଦ୍ଦେଶ୍ୟରେ ଯାଇ ଦେଖିଲେ ଯେ ଅକଳନ୍ତା ସ୍ୱର୍ଣ୍ଣଚମ୍ପା ଗଦା ହୋଇ ଅଛି । କୁନ୍ତୀ ପୂଜାରେ ବସିଲେ । ଏ ସମୟରେ ଗାନ୍ଧାରୀ ଆସି ଦେଖିଲେ—

"ସ୍ୱର୍ଣ୍ଣଚମ୍ପାରେ ଦେଉଳକୁ ବାଟ ନାହିଁ
ବାହୁଡ଼ିଗଲେ ଗାନ୍ଧାରୀ ବହି ଲଜ୍ଜା ପାଇ"

କବି କହୁଛନ୍ତି:—

"ସୁପୁତ୍ର ଉପୁଜାଇଣ କୁନ୍ତୀ ସାଧୁ ହେଲେ
ଲଜ୍ଜା ପାଇଣ ଗାନ୍ଧାରୀ ନିଜ ପୁରରେ ଗଲେ ।"

ଏହାର ତାତ୍ପର୍ଯ୍ୟ ହେଉଛି, ପୁରୁଷଙ୍କ ଭିତରେ ଭ୍ରାତୃବିରୋଧ ଭଳି ନାରୀ ଭିତରେ ଯାଆ ଯାଆ, ନଣନ୍ଦ ଭାଉଜ, ସପତ୍ନୀ ପ୍ରଭୃତି ଗହଣରେ ସର୍ବଦା ବିରୋଧ ରହିଅଛି ଓ ସାଧାରଣ ନାରୀଚରିତ୍ରରେ ଏହା ଏକ ବାସ୍ତବ ଦିଗ । ସେଥିପାଇଁ ମହାଭାରତକାଳର ପରମ୍ପରା ଭଳି ଏ କାଳରେ ବି ଏକାନ୍ନବର୍ତ୍ତୀ ପରିବାର ରହିବା ବହୁକାଳ ପାଇଁ ସମ୍ଭବ ହୁଏ ନାହିଁ । ଏହି କ୍ଷୁଦ୍ର ଆଖ୍ୟାନରେ ନାରୀମାନର ଅହମିକା ଓ କ୍ଷୁଦ୍ରତାକୁ କବି ସ୍ଫୁଟତର କରି ରୂପଦାନ କରିଛନ୍ତି ମାତ୍ର ।

ନାରୀ ସୁଖୀ ହେବାକୁ ସନ୍ତାନବାଞ୍ଛା କରେ । ସୁପୁତ୍ରମାନେ ମାତୃ-ଦୁଃଖହାରୀ ଓ କୁପୁତ୍ରମାନେ ମାତୃଦୁଃଖବର୍ଦ୍ଧନକାରୀ । ପାଣ୍ଡବ ସେହି

କାରଣରୁ ସାଧୁ ଓ ଯୋଗ୍ୟ; ପୁଣି କୌରବମାନେ ତାର ବିପରୀତ, ଏହାହିଁ କବି ଦେଖାଇଛନ୍ତି ।

ପୁଣି ସାରଳା ଦାସ ପାଣ୍ଡବମାନଙ୍କ ପାରିବାରିକ ନାରୀଗଣ ଯାହା ବର୍ଣ୍ଣନା କରିଛନ୍ତି, ତାହା ପ୍ରତି ପରିବାର ପ୍ରତି ପ୍ରଯୁଜ୍ୟ । ଧର୍ମଯଜ୍ଞର ଆୟୋଜନ ଆଗରୁ କୃଷ୍ଣ ଗରୁଡ଼ବାହନରେ କୁନ୍ତୀନଅରକୁ ବୁଲିଗଲେ । କୁନ୍ତୀଙ୍କୁ ଶ୍ରୀକୃଷ୍ଣ ପ୍ରଣାମ କରନ୍ତେ କୁନ୍ତୀ ତାଙ୍କୁ କଲ୍ୟାଣ କଲେ । କୁନ୍ତୀ କୁଶଳ ପୁଚ୍ଛିଲାରୁ ଶ୍ରୀକୃଷ୍ଣ ତାଙ୍କ ପରିବାରର କୁଶଳ କଥା ମାଉସୀଙ୍କୁ କହିଲେ । ଯୁଧିଷ୍ଠିର ଘରକୁ କୃଷ୍ଣ ଆସିବା ଦେଖି ମାଆଙ୍କୁ ରନ୍ଧାବଢ଼ା ଆୟୋଜନ କରିବାକୁ କହିଲେ । କୁନ୍ତୀ ଅନ୍ତଃପୁରକୁ ଗଲେ ।

"ଭିତର ପୁରକୁ କୁନ୍ତୀ ଦେବୀ ଚଳିଗଲେ
ଗୋବିନ୍ଦ ଆସିଛନ୍ତି ବୋଲିଣ କହିଲେ ।
ଶୁଣି ଯାଜ୍ଞସେନୀ ମନେ ଆନନ୍ଦ ହୋଇଣ
ଷଡ଼ରସେ ପାକ ସେହୁ କଲେକ ପାଚନ ।
କଲେ ସେ ନାନା ବର୍ଣ୍ଣରେ ବ୍ୟଞ୍ଜନ ଭିଆଣ
ପଞ୍ଚାମୃତରେ ପାୟସ କଲେକ ରନ୍ଧନ ।
ପଞ୍ଚ ବର୍ଣ୍ଣରେ ପିଷ୍ଟକ କଲେ ସେହୁ ପୁଣ
ଭୋଜନ କରିବେ ବୋଲି ପ୍ରଭୁ ଜନାର୍ଦ୍ଦନ ।
ରନ୍ଧନବିଧି ସାରିଣ ଦ୍ରୁପଦ ଦୁଲଣୀ
ଯାଇଁ ଜଣାଇଲେ ବେଗେ କୁନ୍ତୀ ଠାକୁରାଣୀ ।"

ପାଣ୍ଡବଭ୍ରାତା ଓ ଶ୍ରୀକୃଷ୍ଣ ଆସନରେ ବସି ଭୋଜନ କଲେ ।

"ସେଜ୍ଞାମାନ ଆଗୁଁ ମାଏ ସଜାଡ଼ିଣ ଥିଲେ
ସୁବର୍ଣ୍ଣ ଥାଳୀରେ ଆଣି ଅନ୍ନ ପରଷିଲେ ।
ଦିବ୍ୟ ଓଳିଆର ଅନ୍ନ ଗାଈଘୃତ ନେଇ
ନାନା ବ୍ୟଞ୍ଜନ ଦଧିଅନ୍ନ ଆଣି କୁନ୍ତୀଦେଇ
କ୍ଷୀରି କ୍ଷୀରିସାମାନ ଯେ ପରଷନ୍ତି ଆଣି

× × ×

ପଞ୍ଚବର୍ତ୍ତୀ ପିଠା ପରପନ୍ତ୍ର କୋଇନ୍ତାଏ
ଆମ୍ବ ଲେମ୍ବୁ ଚଉରସ ତହୁଁ ଆଣି ଦଏ।

ଆଚମନ ସରିଲାରୁ—
କର୍ପୂର ବଡ଼ଆମାନ ତହୁଁ ଆଣିଦେଲେ ।”

ଏଥିରୁ ମହାଭାରତକାର ଦେଖାଇଛନ୍ତି-ଶାଶୁ ବାହାରେ ପରିବେଷଣ କରିବେ, ବଧୂ ଭିତରଶାଳେ ରାନ୍ଧିବେ । ଦ୍ରୌପଦୀ ପତି ଓ ଶ୍ରୀକୃଷ୍ଣଙ୍କୁ ପରିବେଷଣ କରିବାକୁ ଆଗରୁ ବାଡ଼ି ଦେଇଥିଲେ । କୁନ୍ତୀ ପରିବେଷଣ କଲେ । ଦେଖିବା କଥା ଏହି ଯେ ପୂର୍ବକାଳ ବଧୂମାନେ ପରିବାର ନିମନ୍ତେ ଏବଂ ଅତିଥି ଅଭ୍ୟାଗତଙ୍କ ନିମନ୍ତେ ରନ୍ଧନ କରୁଥିଲେ । ଶାଶୁ-ମାନେ ବଧୂମାନଙ୍କ ଉପସ୍ଥିତିରେ ରନ୍ଧନ କରୁ ନ ଥିଲେ ।

ଏ ପରମ୍ପରା କେବଳ ଉତ୍କଳରେ ନୁହେଁ, ଊନବିଂଶ ଶତକର ଶେଷ-ଭାଗ ପର୍ଯ୍ୟନ୍ତ ଏପରି କି ଅଦ୍ୟାପି ବହୁ ପ୍ରଦେଶ ଓ ଗ୍ରାମମାନଙ୍କରେ ପ୍ରଚଳିତ ରହିଅଛି । କିନ୍ତୁ ପାଶ୍ଚାତ୍ୟ ଆତ୍ମକୈନ୍ଦ୍ରିକ ଚିନ୍ତା ଓ ତଥାଗତ ଶିକ୍ଷା ସଭ୍ୟତାର ଅନୁକୃତିରୁ ଆମ୍ଭମାନଙ୍କର ଦେଶୀୟ ପରିବାର ବନ୍ଧନ ଅର୍ଥ-ନୈତିକ କାରଣରୁ କ୍ରମଶଃ ଶିଥିଳ ହୋଇ ଯାଉଥିବାରୁ ଏକାନ୍ନବର୍ତ୍ତୀ ପରିବାର ଏବଂ ଆତ୍ମୀୟତାର ବନ୍ଧନ ଲୋପ ପାଇ ଯାଉଅଛି । ପୂର୍ବ-ପ୍ରଚଳିତ ପରମ୍ପରାଗୁଡ଼ିକ ବିପରୀତ ମାର୍ଗରେ ଗତି କରୁଅଛି । ସେହି କାରଣରୁ ସାମାଜିକ ପ୍ରଥାମାନଙ୍କର ବିଲୋପ ସହିତ ପାରିବାରିକ ଶୃଙ୍ଖଳା ଏବଂ ମାନବାଙ୍ଗନଗଠିତ ସୌନ୍ଦର୍ଯ୍ୟ ନାଶ ହୋଇ ଯାଉଅଛି । ଭାରତରେ ଏ ଯୁଗରେ ଅଧିକାଂଶ ସ୍ଥଳରେ ଯୁବତୀ ବଧୂମାନଙ୍କ ଉପସ୍ଥିତିରେ ବୃଦ୍ଧା ଶାଶୁମାନଙ୍କର ରନ୍ଧନ, ପରିବେଷଣ ଚକ୍ଷୁରେ ପଡୁଅଛି ।—

## ଯୌତୁକ ପ୍ରଥା

ରାଜାମାନେ ରାଜକୁମାରୀମାନଙ୍କୁ ବିବାହ ଦେଲା ବେଳେ ଯୌତୁକ ଦେଉଥିଲେ । ସାରଳା ଦାସ ବହୁସ୍ଥଳରେ ଯୌତୁକ ଦେବା କଥା ଲେଖିଛନ୍ତି । ଭୂମନ୍ତୁ ସ୍ୱଦୁହିତା ଭାନୁମତୀକୁ ଦୁର୍ଯ୍ୟୋଧନଙ୍କ ହସ୍ତରେ

ଅର୍ପଣ କରିବା ସମୟରେ ବିବାହବେଦୀରେ ବହୁ ପଦାର୍ଥ ଯୌତୁକସ୍ୱରୂପ ଦେଇଥିଲେ । ସେ ଭିତରେ ପରିବାରୀ, ଗଣିକା ମଧ୍ୟ ଥିଲେ ।

ଲକ୍ଷେକ ସ୍ୱର୍ଣ୍ଣ ଆବର ଲକ୍ଷେ ପରିବାରୀ
ବାଛିଣ ଦେଲା ଗଣିକାଗଣ ନୃତ୍ୟକାରୀ ।

## ବିବାହରେ କନ୍ୟାର ମତ

ବର ନିର୍ବାଚନରେ କନ୍ୟାମାନଙ୍କ ମତ ପ୍ରତି ଯେ ପିତାମାନେ ଯଥେଷ୍ଟ ଖାତିର ଦେଖାଉଥିଲେ, ତାହା ଭାନୁମତୀ ସ୍ୱୟଂବରରୁ ଜଣାଯାଏ । ଭାନୁ ସ୍ୱୟଂବର କରି ବହୁ ରାଜାଙ୍କୁ ନିମନ୍ତ୍ରଣ କରିଥିଲେ, କିନ୍ତୁ ଦୁହିତା ଭାନୁମତୀଙ୍କ ସର୍ତ୍ତ ଅନୁସାରେ ବିବାହ ହୋଇଥିଲା । ଭାନୁମତୀ କହିଥିଲେ, ଯାହାର ହସ୍ତରେ ଶଙ୍ଖନିଧି ପଦ୍ମନିଧି ଥିବ, ତାକୁ ବିବାହ କରିବେ । ସେହି ସର୍ତ୍ତର ସମାଧାନ ଦୁର୍ଯ୍ୟୋଧନଙ୍କଠାରେ ଥିବାରୁ ଦୁର୍ଯ୍ୟୋଧନଙ୍କୁ ବିବାହ କରିଥିଲେ । × × ×

## ଅନିଚ୍ଛା ବିବାହ

ସ୍ୱର୍ଗର ଦେବକନ୍ୟାଙ୍କଠାରୁ ଆରମ୍ଭ କରି ମର୍ତ୍ତ୍ୟର ରାଜକୁମାରୀମାନଙ୍କ ପର୍ଯ୍ୟନ୍ତ ବହୁ କନ୍ୟାଙ୍କୁ ସାରଳା ଦାସ ନାୟିକାରୂପରେ ସ୍ୱୟଂବର ମଞ୍ଚରେ ଠିଆ କରାଇଛନ୍ତି । କେତେକ ସ୍ଥାନରେ କନ୍ୟା ସ୍ୱୟଂବର ପୂର୍ବରୁ ସ୍ୱ ଇଚ୍ଛାନୁସାରେ ବରନିର୍ବାଚନ କରିଥିବା ବର୍ଣ୍ଣନା ମଧ୍ୟ କରି ଦେଇଛନ୍ତି । ଅଧିକାଂଶ ସ୍ୱୟଂବରରେ ଯୁଦ୍ଧ ସୃଷ୍ଟି କରି ତାର ବିସ୍ତୃତ ବିବରଣୀ ମଧ୍ୟ ଦେଇଛନ୍ତି । କେତେକ କନ୍ୟା ସ୍ୱୟଂବର ପାଇଁ ମଧ୍ୟ ରାଜି ହୋଇ ନାହାନ୍ତି । ଗଙ୍ଗା ପୂର୍ବରୁ ଶିବଙ୍କୁ ବରରୂପେ ମନେ ମନେ କଳ୍ପନା କରି ସାରିଥିଲେ; ଶାନ୍ତନୁଙ୍କ ସହିତ ତାଙ୍କର ବିବାହ ପିତା ସ୍ଥିର କରିଥିବାରୁ ସେ ଏହାର ପ୍ରତିରୋଧ କରିଥିଲେ । ପରେ ଅନିଚ୍ଛା-ବିବାହରେ ତାଙ୍କର ଦାମ୍ପତ୍ୟ ଜୀବନରେ ଏହାର ପ୍ରତିକ୍ରିୟା ଯେଉଁପରି ଭାବରେ ପଡ଼ିଲା, ତାର ଚିତ୍ର ସାରଳା ଦାସ ଦେଇଛନ୍ତି । ତାହା ନୀତି ଦିଗରୁ ଉଚ୍ଚକୋଟିର ହୋଇ ନ ପାରେ, କିନ୍ତୁ ମନସ୍ତତ୍ତ୍ୱର ବିଶ୍ଳେଷଣ ଦିଗରୁ ଅତି ଉଚ୍ଚ ଧରଣର ହୋଇଛି, ଏଥିରେ ସନ୍ଦେହ ନାହିଁ ।

## ପରାମର୍ଶଦାତା ରୂପରେ ସ୍ତ୍ରୀ

ସମ୍ପଦ ଓ ବିପଦରେ ଭାର୍ଯ୍ୟାମାନେ ସ୍ୱାମୀମାନଙ୍କୁ ଉପଯୁକ୍ତ ପରାମର୍ଶ ଦେଉଥିଲେ ଏବଂ ସେମାନେ ସବୁବେଳେ ସ୍ୱାମୀଙ୍କୁ ଅନ୍ଧଭାବରେ ସମର୍ଥନ କରୁ ନ ଥିଲେ । ବେଳେବେଳେ ଭାର୍ଯ୍ୟାମାନଙ୍କର ପରାମର୍ଶ ବିଜ୍ଞ ମନ୍ତ୍ରୀମାନଙ୍କ ପରାମର୍ଶ ପରି ଅତି ଉପାଦେୟ ମଧ୍ୟ ହେଉଥିଲା । ଜନ୍ମାନ୍ଧ ଯୋଗୁଁ ରାଜ୍ୟଶାସନ ପରିଚାଳନା ସ୍ୱହସ୍ତରେ ନ ନେଇ ଧୃତରାଷ୍ଟ୍ର କନିଷ୍ଠ ଭ୍ରାତା ପାଣ୍ଡୁଙ୍କ ହସ୍ତରେ ସ୍ୱେଚ୍ଛାକୃତ ଭାବରେ ଅର୍ପଣ କରିଥିଲେ ମଧ୍ୟ ସାଧାରଣ ମାନବିକ ହୃଦୟଦୌର୍ବଲ୍ୟ ଯୋଗୁ ପାଣ୍ଡୁଙ୍କ ରାଜଶ୍ରୀ ଦେଖି ସେ ମନରେ ଆନନ୍ଦ କି ଶାନ୍ତି ପାଉ ନ ଥିଲେ । ଗାନ୍ଧାରୀ ସ୍ୱାମୀଙ୍କର ମନୋଗତ ଭାବ ବୁଝି ପାରି ତାଙ୍କୁ ଏହି ଭାବ ପରିତ୍ୟାଗ କରିବା ପାଇଁ ଯେଉଁ ପରାମର୍ଶ ଦେଇଥିଲେ ତାହା ସମସ୍ତଙ୍କ ପକ୍ଷରେ ପ୍ରଯୁଜ୍ୟ । ଗାନ୍ଧାରୀ କହିଲେ, "ଏହି ସଂସାରରେ କେହି ଅମର ହୋଇ ନାହିଁ । ଭଲ ମନ୍ଦ, ବଡ଼ ସାନ ସବୁ ଭଗବାନଙ୍କ ଲୀଳା; କେବଳ ଭଗବାନଙ୍କ ଛଡ଼ା ସଂସାରରେ କେହି ବଡ଼ ନାହାନ୍ତି । ସେ କେବଳ ବଡ଼ । ତୁମେ ଜନ୍ମାନ୍ଧ ହେବାରୁ, ରାଜତ୍ୱ ଛାଡ଼ିଲ ବୋଲି ଦୁଃଖିତ ହେବାର ନୁହେଁ । ପାଣ୍ଡୁ ରାଜା ହେଲେ ବୋଲି ସେ କିଛି ବଡ଼ ନୁହନ୍ତି କି ତୁମେ କିଛି ସାନ ହୋଇଗଲ ନାହିଁ । ଏଥିପାଇଁ ମନରେ ଏତେ ଦୁଃଖ କରିବାର ନୁହେଁ ।" କର୍ମକୁ ଆଦର କରିବା ପାଇଁ ଗାନ୍ଧାରୀଙ୍କ ଉପଦେଶ ବହୁତ୍ୟାଗର ତେଜରେ ଦୀପ୍ତ । ଧୃତରାଷ୍ଟ୍ର ରାଜା ହୋଇଥିଲେ ସେ ରାଣୀ ହୋଇ ରହିଥାଆନ୍ତେ ।

ଏହିପରି ଅନେକ ସ୍ଥଳରେ ସାରଳା ଦାସ ଭାର୍ଯ୍ୟାମାନଙ୍କ ମୁଖରୁ ଉପଦେଶବାଣୀ ଶୁଣାଇଛନ୍ତି । ଦୁଷ୍ଟ ଦୁର୍ଯ୍ୟୋଧନଙ୍କ ପତ୍ନୀ ଭାନୁମତୀ ତାଙ୍କୁ ସତ୍ ପରାମର୍ଶ ଦେଇ ଥିଲେନ୍ତି—ଦ୍ରୌପଦୀ ମଧ୍ୟ ସ୍ୱାମୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ମହାଭାରତର ପ୍ରଧାନ ନାରୀ—

ଦ୍ରୌପଦୀ ସେହି ଅତୀତ କାଳରେ ପଞ୍ଚପତି ବରଣ କରିଥିଲେ । ତାହାର କାରଣ ସାରଳା ଦାସ ଲେଖିଛନ୍ତି ଯେ ପଞ୍ଚଭ୍ରାତାଙ୍କର ଦ୍ରୌପଦୀଙ୍କ

ସହିତ ପରିଣୟ ସୂତ୍ରରେ ଆବଦ୍ଧ ହେବାର ଇଚ୍ଛା ଥିଲା । ସେହି ଉଦ୍ଦେଶ୍ୟ ମନରେ ରଖି ଯୁଧିଷ୍ଠିର ଦ୍ରୌପଦୀ ସ୍ୱୟମ୍ବରଉତ୍ସବ ପରେ ଯେତେବେଳେ ତାଙ୍କ କୁଟୀରକୁ ଫେରିଲେ ସେତେବେଳେ ତାଙ୍କ ମାଆଙ୍କୁ ଦୂରରୁ ଡାକି କହିଲେ, "ଆମେ ଆଜି ଗୋଟିଏ ଫଳ ଆଣିଛୁ ।"ମା କିଛି ନ ବୁଝି କହିଲେ ପାଞ୍ଚଜଣ ଯାକ ବାଣ୍ଟିକରି ଭୋଜନ କର " ସେଥିପାଇଁ ମା'ଙ୍କ ବାକ୍ୟ ଅମାନ୍ୟ ନ କରି ସମସ୍ତେ ମିଳି ଦ୍ରୌପଦୀଙ୍କର ସ୍ୱାମୀ ହେଲେ । ଏହି ଆଖ୍ୟାୟିକା ଯାହା ହେଉ ପଛକେ ସେହି ଯୁଗର ହିନ୍ଦୁ ସମାଜରେ ବହୁ ବିବାହ ପ୍ରଥା ଚଳୁଥିବାରୁ ବହୁପତ୍ନୀକ ପୁରୁଷ ଓ ବହୁପତି ନାରୀମାନଙ୍କୁ ସମାଜ ସ୍ଥାନ ଦେଉଥିଲା । ଲୋକେ ଘୃଣା କରୁ ନ ଥିଲେ । ଯେଉଁଠାରେ ନର ନାରୀ ଲୋକମତ ଅବଜ୍ଞାପୂର୍ବକ ଲୋକଚକ୍ଷୁର ଅନ୍ତରାଳରେ ନିଜର ପ୍ରବୃତ୍ତିଦ୍ୱାରା ତାଡ଼ିତ ହୋଇ ଅପକର୍ମମାନ କରୁଥିଲେ ଏବଂ ସେହି ଅପକର୍ମ ମୂଳରେ ମାନସିକତା ନ ଥାଇ କେବଳ ଦୈହିକ ଉପଭୋଗ ବିଶିଷ୍ଟ ସ୍ଥାନ ଅଧିକାର କରୁଥିଲା; ଅସତୀତ୍ୱ ବା ଅସତ୍ କେବଳ ସେହି କ୍ଷେତ୍ରରେ ଧରାଯାଉଥିଲା । ଏହାର ଅର୍ଥ ଏହି ଯେ ଯଦି ପୁରୁଷ କିମ୍ବା ନାରୀ "ବଂଶରକ୍ଷା" କୁ ଉଦ୍ଦେଶ୍ୟ ରଖି ସାମାଜିକ ସମ୍ପର୍କର ଅପେକ୍ଷା ନ ରଖି କୌଣସି ପର ପୁରୁଷ ବା ପର ନାରୀ ସହିତ ମିଳିତ ହେଉଥିଲେ, କେବଳ ସେହି ବ୍ୟକ୍ତିମାନେ ଅଧଃପତିତ ଓ ଘୃଣିତ ହେଉଥିଲେ । ସେମାନଙ୍କୁ ବ୍ୟଭିଚାର ଦୋଷରେ ଦୂଷିତ, ପାପୀ ବୋଲି ଲୋକେ କହୁଥିଲେ । ନଚେତ୍ ବହୁପତିକା ବା ବହୁପତ୍ନୀକ ହେବା ହେତୁ ସେ ଯୁଗ ସମାଜ ନରନାରୀମାନଙ୍କୁ ପତିତ ବା ବାଛନ୍ଦ କରୁ ନ ଥିଲା । ଏହିପରି ସାମାଜିକ ଉଦାର ଦୃଷ୍ଟି କେବଳ ମର୍ତ୍ତ୍ୟଲୋକ ନୁହେଁ, ଦେବଲୋକରେ ମଧ୍ୟ ପ୍ରଚଳିତ ଥିବାର ପ୍ରମାଣ ମିଳେ । ସାଧାରଣ ନର ନାରୀ ନୀତିନିଷ୍ଠ ଓ ଧାର୍ମିକ ଥିବାରୁ ସେମାନଙ୍କ ପ୍ରତି ସମାଜ ସହଜରେ ବିରୁଦ୍ଧାଚରଣ କରି ପାରୁ ନ ଥିଲା । ଏଥିପାଇଁ ଯେ ସେ କାଳର ସମାଜରେ ପତିତ, ଘୃଣିତ ନରନାରୀଙ୍କର ସଂଖ୍ୟା ଅଳ୍ପ ଥିଲା, ତାହା ନୁହେଁ । ସେ ଯୁଗରେ ମଦ୍ୟପ, ଅମିତାଶୃଙ୍ଖ, ବ୍ୟଭିଚାରୀ ନରନାରୀମାନେ ରହିଥିଲେ ଏବଂ ସେମାନେ ଥିଲେ ବୋଲି ଏହି ଜାତିର ଅସ୍ତିତ୍ୱ ସମାଜ ଜୀବନରେ ରହି-

ଥିଲା । ଗନ୍ଧର୍ବମାନେ ମଧ୍ୟ ଉଚ୍ଛୃଙ୍ଖଳ ଥିବାର ପ୍ରମାଣ ପୁରାଣେତିହାସରୁ ମିଳେ । ଇନ୍ଦ୍ରସଭାରେ ଦେବରାଜ୍ୟରେ ଏପରି ଉଚ୍ଛୃଙ୍ଖଳ ନର-ନାରୀଙ୍କର ଭ୍ରଷ୍ଟତାଜନିତ ଶାପ ପାଇ ନାନା ଲୋକରେ ଜନ୍ମ ପାଇବା କଥା ଲେଖା ଅଛି । ସମାଜରେ ନୀତି ଅନୀତିର ସୂକ୍ଷ୍ମ ବିଚାର ଥିଲା । କିନ୍ତୁ ସମଗ୍ର ସାମାଜିକ ଦୃଷ୍ଟିକୋଣ ସ୍ଥିର ସମୁଦ୍ରଭଳି ଶାନ୍ତ, ଉଦାର ଓ ଗମ୍ଭୀର ଥିବାରୁ ତାର ବିଚାରବୁଦ୍ଧି ବ୍ୟାପକ ଥିଲା । ସଂକୀର୍ଣ୍ଣ ସ୍ୱାର୍ଥପର ବିଚାରବୁଦ୍ଧି ନ ଥିବାରୁ ଦ୍ରୌପଦୀ, କୁନ୍ତୀ, ତାରା, ମନ୍ଦୋଦରୀ ପ୍ରମୁଖ ନାରୀ-ମାନେ ପୁଣ୍ୟଶ୍ଳୋକା ଦେବୀରୂପରେ ପୂଜିତା ଓ ଆଦୃତା ହେଉଛନ୍ତି ।

ରାଜନନ୍ଦିନୀ, ରାଜବନିତା କୃଷ୍ଣା ଅଦୃଷ୍ଟର କୁଟିଳ ପରିହାସରେ କି ସନ୍ତାପରେ ତାପିତା ହୋଇ ନାହାନ୍ତି ? କିନ୍ତୁ ଜୀବନର ନିର-ବଚ୍ଛିନ୍ନ ସ୍ରୋତ ଉପରେ କଦାପି ଅସ୍ୱାଭାବିକ ପ୍ରତିଶୋଧ ନ ନେବା ହେଉଛି ତାଙ୍କ ବ୍ୟକ୍ତିତ୍ୱ ବା ନାରୀତ୍ୱର ଶ୍ଳାଘା । ଆଧୁନିକ ଯୁଗ ମନୀଷୀ ରୋମାଁ ରୋଲାଁଙ୍କ ଭଳି ସେ ଯେପରି ଚିନ୍ତା କରୁଥିଲେ ସଂସାରରେ ସବୁଠାରୁ ବଳ ବୀରତ୍ୱ ହେଉଛି, ଜୀବନକୁ ଜାଣିବା ଏବଂ ଜାଣି ସୁଦ୍ଧା ଜୀବନର ପୂଜା କରିବା ବା ଜୀବନକୁ ଭଲ ପାଇବା । ସେହି କାରଣରୁ କୃଷ୍ଣାଙ୍କ ପ୍ରତି ଜୀବନଦେବତାଙ୍କର ଅସୀମ ଆଶୀର୍ବାଦ ପଡ଼ିଥିଲା ସେହି ଆଶୀର୍ବାଦ ଜୀବନ ସହିତ ସଂଗ୍ରାମର ରୂପାୟନ ! ପୂର୍ବକାଳରେ ନର-ନାରୀମାନେ ସଂକଳ୍ପଚ୍ୟୁତ ହେଉ ନ ଥିଲେ ଓ ଦୃଢ଼ତାର ସହିତ ଜୀବନ ପଥରେ ନିଜର ମନୁଷ୍ୟତାର ମୂଲ୍ୟ ରଖୁଥିଲେ । ସହଜ ଜୀବନଯାତ୍ରା ଠାରୁ, ସୁବିଧାବାଦର ବାସ୍ତବ ପଥଠାରୁ ବ୍ୟକ୍ତିତ୍ୱ ଓ ନାରୀତ୍ୱର ପ୍ରତିଷ୍ଠା ଥିଲା ସେମାନଙ୍କ ଜୀବନର ଲକ୍ଷ୍ୟ ସାଧନା । ସେହି କାରଣରୁ ପଥଭ୍ରଷ୍ଟ ହେଲେ ସେମାନେ ଅନଳରେ ଦଗ୍‌ଧ ହେଉଥିଲେ ବା ପ୍ରୟାଗର ତ୍ରିବେଣୀ ସଙ୍ଗମରେ ତନୁ ଝାସୁଥିଲେ । ଜୀବନ ବିଜନମୟରେ ପାପ କଳଙ୍କ ମୋଚନ କରିବା ପାଇଁ ପ୍ରାୟଶ୍ଚିତ୍ତବିଧି ପାଳନ କରିବା, ଚାନ୍ଦ୍ରାୟଣାଦି କଠିନ ବ୍ରତ ପାଳନ କରି ପ୍ରାଣକୁ ତୁଚ୍ଛ ମନେ କରିବା ସେକାଳର ମାନବିକ ଆଚାର ଥିଲା ।

ଦ୍ରୌପଦୀଙ୍କର ଚଳନ୍ତି ମନୋବୃତ୍ତିରେ ଏହି ମୌଳିକତା କ୍ରିୟାଶୀଳ ଥିଲା । ପରମାର୍ଥ ଜ୍ଞାନ, ନିଷ୍ଠା, ସତୀତ୍ୱ, ଆତ୍ମସମ୍ମାନବୋଧ ଜ୍ଞାନର ସମ୍ମିଶ୍ରଣରେ ଦ୍ରୌପଦୀଙ୍କୁ ଯେ ଅପୂର୍ବ ରୂପ ଦେଇଛି, ତାହା ସେ ରାଜକୁମାରୀ ବା ରାଜକୁଳବଧୂ ନ ହୋଇ ଯଦି ସାଧାରଣ ଗୃହସ୍ଥର କନ୍ୟା ବା ବଧୂ ହୋଇଥାନ୍ତେ, ତଥାପି ସେ ରାଜରାଜେଶ୍ୱରୀ ରୂପେ ଜଗଜ୍ଜନବନ୍ଦିତା ହୋଇଥାନ୍ତେ । ନାରୀଜାତିର ଅନ୍ତର ନିତ୍ୟକାଳ ପାଇଁ ତାଙ୍କ ସ୍ମୃତିକୁ ଆରତି କରୁଥାନ୍ତା ।

ଜୀବନର ବାସ୍ତବତା ଘେନି ନାରୀତ୍ୱ । ନାରୀ ଏ ଧରାକୁ ରୂପ, ରସ, ଗନ୍ଧ, ବର୍ଣ୍ଣ ସୁଷମାରେ ବିଚିତ୍ର ଅଭିବ୍ୟକ୍ତି ଦେଇଛି । ଏହି ପୃଥିବୀକୁ କେନ୍ଦ୍ର କରି ତାର ଜୀବନର ଅଭିସାର । ଯାହାର ସ୍ପର୍ଶ ଓ ବାସ୍ତବ ଅସ୍ତିତ୍ୱ ପାର୍ଥିବ ଜଗତର ସତ୍ୟ, ସେହି ଉପାଦାନକୁ ନେଇ ଆତ୍ମ-ପ୍ରେରଣାରେ ନାରୀ କରେ ସଂସାର, ଗୃହ, ସମାଜ ଓ ରାଜ୍ୟରଚନା । ଦ୍ରୌପଦୀ ଜୀବନପୂଜାର ପୂଜାରିଣୀ ଥିଲେ ବୋଲି ତାଙ୍କର ପରାଂ ଜୀବନପ୍ରୀତି କୌଣସି ଆଧିଦୈବିକ ପ୍ରେରଣାରେ କେ, ଭକ୍ତ ଜୀବନର ନିରବଚ୍ଛିନ୍ନ ସ୍ୱପ୍ନକୁ ବିଚ୍ଛିନ୍ନ କରି ସ୍ୱତନ୍ତ୍ର ହୋଇ ବଞ୍ଚିବାର କଳ୍ପନା କରି ନାହିଁ । ସେଥିପାଇଁ ତାଙ୍କର ନାରୀତ୍ୱ ଯେପରି ଉପଭୋଗ୍ୟ ସେହିପରି ଏକ ପରମାଶ୍ଚର୍ଯ୍ୟ ଆକସ୍ମିକ ସୃଷ୍ଟି !

ଏହି ନାରୀଙ୍କର ସ୍ୱାମୀମାନଙ୍କ ପ୍ରତି ଯେ କଟୂକ୍ତି ତାହା ସ୍ୱାର୍ଥ-ପରତା ଦୋଷଦୁଷ୍ଟ ନୁହେଁ—ପାଣ୍ଡବଗୃହ, ସୋମବଂଶ, କୁଳବଧୂର ଆଭିଜାତ୍ୟ ଉପରେ ବାଧକ ଯାହା, ପାଣ୍ଡବମାନଙ୍କର ବ୍ୟକ୍ତିତ୍ୱ ଓ ବଂଶସମ୍ମାନର ହାନିକର ତାହାହିଁ । ସେହି କାରଣରୁ ସେ ଉପଯୁକ୍ତ ପତିମାନଙ୍କର ପତ୍ନୀଭାବରେ ସ୍ୱାମୀମାନଙ୍କ ପ୍ରତି ଯେ କର୍କଶ ବଚନ-ବାଣ ବିଦ୍ଧ କରିଛନ୍ତି, ତାହା ତାଙ୍କର ପତ୍ନୀତ୍ୱ ଓ ନାରୀତ୍ୱର ଗୌରବ ଶତ ସହସ୍ର ଗୁଣରେ ବୃଦ୍ଧି କରାଇ ତାଙ୍କୁ ଐଶ୍ୱର୍ଯ୍ୟଶାଳିନୀ କରିଅଛି । ଏପରି କଟୂକ୍ତି କାପୁରୁଷ ପତିମାନଙ୍କ ସଚରାଚର ଯୋଗ୍ୟ ପତ୍ନୀମାନେ

କରିଥାନ୍ତି ବୋଲି ଏହା ଅତି ସ୍ୱାଭାବିକ ପରିଣତି ଦ୍ରୌପଦୀ ଚରିତ୍ରକୁ ଦେଇଅଛି ।

ଦ୍ରୌପଦୀ ପତିଙ୍କର ସହଧର୍ମିଣୀ, ସହକର୍ମିଣୀ ଓ ପରାମର୍ଶଦାତ୍ରୀ ମନ୍ତ୍ରୀ । ଏହି ପତ୍ନୀତ୍ୱ ଭିତରେ ମଧ୍ୟ ତାଙ୍କ ଜୀବନରେ ବଡ଼ କଥା ହେଉଛି ତାଙ୍କର ବ୍ୟକ୍ତିତ୍ୱ । ତାହାପରେ ତାଙ୍କ ପତ୍ନୀତ୍ୱ ଏବଂ ଅନ୍ୟାନ୍ୟ ପାରିବାରିକ ସମ୍ବନ୍ଧର ବାସ୍ତବତା । ସେଥିପାଇଁ ସେ ପୂଜିତା—ସମ୍ମାନିତା ।

ପାଣ୍ଡବମାନଙ୍କୁ ସ୍ୱାମୀଦୃଷ୍ଟିରୁ ବିଗୁରିଲେ ସେମାନଙ୍କୁ ଦୁର୍ବଳ କାପୁରୁଷ ଓ ଭୀରୁ ବୋଲି ମାନି ନେବାକୁ ହୁଏ । ଧର୍ମ ଓ ନୈତିକତାର ଦାବୀ ପୁରୁଷ ପକ୍ଷରେ ଯେତେ ବଡ଼ ହେଉନା କାହିଁକି, ଯେଉଁଠି ନାରୀ ଏକାନ୍ତ ନିର୍ଭରଶୀଳା ଓ ପୁରୁଷର ବାହୁଚ୍ଛାୟା ତଳେ ତାର ସମ୍ମାନ ଆବଦ୍ଧ, ସେଠାରେ ନିର୍ଭରଶୀଳା ଅସହାୟା ଦୁର୍ବଳା ନାରୀକୁ ବାସ୍ତବତାର ଝଡ଼ ଝଞ୍ଜାରୁ ରକ୍ଷାକବଚ ହୋଇ ବଞ୍ଚାଇବା ଓ ସର୍ବତୋଭାବେ ରକ୍ଷା କରିବା ତାର ଏକାନ୍ତ କର୍ତ୍ତବ୍ୟ । ସଂସାରରେ ଏହାହିଁ ପୌରୁଷର ନାମାନ୍ତର ।

କପଟପାଶା ପରେ ପାଣ୍ଡବବନଗମନବାର୍ତ୍ତା ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିବାରୁ ସେ ସଞ୍ଜୟଙ୍କୁ ପଚାରିଲେ, କିଏ କିପରି ଭାବରେ ଗଲେ । ସଞ୍ଜୟ କହିଲେ, ଦ୍ରୌପଦୀ କେଶ ମୁକୁଳା କରି ଚଳେ । ବନ୍ଧୁମାନଙ୍କର ଅନୁରୋଧ ମାନି ଖୋସା ବାନ୍ଧିଲେ ନାହିଁ ।

"ଦ୍ରୌପଦୀ କେଶକୁ କରିଛି ମୁକୁଳା
ସତୀ ସାଧବୀ ସେ ପତିଭକତିବତ୍ସଳା ।
ଦୁଃଶାସନ ଦକ୍ଷିଣ ଭୁଜ ଉପାଡ଼ିବ ଭୀମ
ତେବେ ପୂର୍ଣ୍ଣ ହେବ ସିନା ତାର ମନସ୍କାମ ।
ଦ୍ରୌପଦୀକି ବନଯାତ୍ରେ କହିଲେ ସମସ୍ତେ

× × ×

ବନବାସେ କେଶ କମ୍ପା କରିଛୁ ମୁକୁଳା
ଏବେ କେଶ ବନ୍ଧନ ତୁ କର ରାଜବାଳା
ବ୍ୟାସ ଆଦି କହିଲେ ନ କଲ କାହା ବୋଲ
ତୁ ମହାଭଙ୍କ ବିଗୁର ଏହା ମନ୍ଦ ଭଲ ।”

କିନ୍ତୁ ପାଣ୍ଡବମାନଙ୍କ ଜୀବନରେ ଚୂଳବାଦ ବଡ଼ କଥା ନୁହେଁ—ଯଶ, ଧର୍ମ, ସତ୍ୟ ବଡ଼ କଥା । ଧୃତରାଷ୍ଟ୍ର କହୁଛନ୍ତି—

“ଧୃତରାଷ୍ଟ୍ର ବୋଇଲେ ତୁ ଶୁଣ ରେ ବିଦୁର
ସମ୍ପଦ ବିଅର୍ଥେ କିସ ଆବର ସୋଦର
ତେବେହେଁ ପାଣ୍ଡବଙ୍କର ନାହିଁ ନା ବିନାଶ
ପ୍ରତିଜ୍ଞାକୁ ଛାଡ଼ିଲେ ତ ହୋଇବ ଅଯଶ ।”

ସୁତରାଂ ନାରୀରକ୍ଷା ପାଇଁ ଯେ ପୌରୁଷକୁ ନାରୀମାନେ ମୂଲ୍ୟ ଦିଅନ୍ତି, ପୁରୁଷ ସେହି ଦୃଷ୍ଟିରୁ ପୌରୁଷର ମୂଲ୍ୟ କଷେ ନାହିଁ । ପୁରୁଷ ପକ୍ଷରେ ଯଶ କୀର୍ତ୍ତି, ପ୍ରତିଜ୍ଞାପାଳନ ହେଲା ନାରୀରକ୍ଷା, ନାରୀଲାଞ୍ଛନାର ପ୍ରତିବିଧାନ କରିବାଠାରୁ ବଡ଼ କଥା । ଦାର୍ଶନିକ ଦୃଷ୍ଟିରୁ ଏବଂ ମନସ୍ତାତ୍ତ୍ୱିକ ଦିଗରୁ ନରନାରୀଙ୍କର ଏହି ପ୍ରାକୃତିକ ବୈଲକ୍ଷଣ୍ୟ ଅନୁଧାବନ କରିବା କଥା ।

× × × ×

ସାଧାରଣ ଦୃଷ୍ଟିରୁ ଏହି ବିଗୁର ଯାହା ହେଉ, କିନ୍ତୁ ନାରୀ-ଦୃଷ୍ଟିରୁ ଏହାହିଁ ସମୀଚୀନ କଥା । କାରଣ ଆଗ ମନୁଷ୍ୟ, ତା ପରେ ନୀତିବାଦ ବା ଧର୍ମ । ନାରୀ ଉପଲବ୍ଧିରେ ଏହାହିଁ ସହଜ ସତ୍ୟ । ସେହି ଦୃଷ୍ଟିରୁ ଦେଖିଲେ ଦ୍ରୌପଦୀଙ୍କର କର୍କଶ ବାଣୀରେ ବିଚିତ୍ରତା ନାହିଁ । ପୁଣି ଚରିତ୍ର ବା ସତୀତ୍ୱର ପରିଚୟ ଏକ ଅଖଣ୍ଡ ଗୃହନୀତିକ ଆଦର୍ଶର ସମନ୍ୱୟ । ଚରିତ୍ରର ସମଗ୍ରତାହିଁ ସତୀତ୍ୱର ଶ୍ରେଷ୍ଠ ନିଦର୍ଶନ ବୋଲି ପ୍ରକୃତ ଦ୍ରଷ୍ଟା ସିଦ୍ଧାନ୍ତ କରିବେ ଦ୍ରୌପଦୀ ଏ ଦିଗରେ ପୂର୍ଣ୍ଣତମା ନାରୀ । ସଂଯମ ଦିଗରୁ ବିଗୁରିଲେ ସେ ବିରଳଦୃଷ୍ଟା ପତ୍ନୀ

ସତ୍ୟଯୁଗର ସ୍ୱୟମ୍ଭୂ ବ୍ରହ୍ମାଙ୍କର ସର୍ବଶ୍ରେଷ୍ଠ କଳ୍ପନା ମାନସକନ୍ୟା ତିଲୋତ୍ତମା ପରି ଦ୍ରୌପଦୀ ରୂପଗୁଣରେ ସେହିପରି ନିରୁପମା । ମହାଭାରତୀୟ ନାରୀଗହ୍ୱଣରେ ଏହି ଭାବନା କେବଳ ତିଲୋତ୍ତମା-ରୂପିଣୀ ।

× × × ×

ସାରଳା ଦାସ ଯେଉଁ କାଳରେ ଉତ୍କଳରେ ଆବିର୍ଭୂତ ହୋଇଥିଲେ ବଙ୍ଗର ମହାଭାରତକାର ସେହି ପଞ୍ଚଦଶ ଶତାବ୍ଦୀରେ ବଙ୍ଗଳାରେ ଆବିର୍ଭୂତ ହୋଇଥିଲେ । ୧୫୪୯ ଖ୍ରୀଷ୍ଟାବ୍ଦରେ କାଶୀରାମ ଦାସଙ୍କ ଜନ୍ମ । ସେ ବିରାଟ ପର୍ବ ପର୍ଯ୍ୟନ୍ତ ଲେଖି ମୃତ ହୋଇଥିଲେ । ତାଙ୍କ ମହାଭାରତରେ ସାରଳା ଦାସଙ୍କ ମହାଭାରତର ବହୁ ପ୍ରଭାବ ପଡ଼ିଥିବା କଥା ଭାରତ ଦର୍ପଣକାର ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦ ଶର୍ମା ଲେଖିଛନ୍ତି—ବଙ୍ଗର ପ୍ରସିଦ୍ଧ ସାହିତ୍ୟିକ ଶ୍ରୀ ଦୀନେଶ ଚନ୍ଦ୍ର ସେନ (ଡି ଲିଟ୍) ନିମ୍ନୋକ୍ତ କଥା କାଶୀରାମ ଦାସଙ୍କ ମହାଭାରତ ମୁଖବନ୍ଧରେ ଲେଖିଛନ୍ତି । କାଶୀରାମ ଦାସ ଏବଂ ତାଙ୍କର ପରିବାରବର୍ଗ ମେଦିନୀପୁର ରାଜାଙ୍କର ଅନୁଗୃହୀତ ଥିଲେ । ସେ ଏବଂ ତାଙ୍କର ପରିବାର ଓଡ଼ିଶା ସହିତ ବିଶେଷ ଭାବରେ ସଂପୃକ୍ତ ଥିଲେ । ତାହାର ଅନେକ ପ୍ରମାଣ ମିଳେ । କାରଣ କାଶୀରାମ ଦାସ ମହାଭାରତରେ କବି ଯେଉଁଠିପାରେ ସେଠି ନୀଳାଚଳସ୍ୱାମୀଙ୍କର ପ୍ରଶଂସାସୂଚକ ପଦ ତାଙ୍କ ଗ୍ରନ୍ଥରେ ସନ୍ନିବେଶିତ କରିଅଛନ୍ତି ।

କହେ କାଶୀ ଦାସ ପ୍ରଭୁ ନୀଳ ଶୈଳାରୂଢ଼,
ଦକ୍ଷିଣେ ଅନୁଜାଗ୍ରଜ ସମ୍ମୁଖେ ଗରୁଡ଼

ଏହିପରି ଭାବରେ ପଦ ସେ ଅନେକ ସ୍ଥଳରେ ଲେଖିଛନ୍ତି ।

# ଦ୍ୱିତୀୟ ଅଧ୍ୟାୟ

## ଗଙ୍ଗା, ଅମ୍ବା, ଅମ୍ବିକା, ଅମ୍ବାଲିକା, ସତ୍ୟବତୀ

ସାରଳା ଦାସଙ୍କ ମହାଭାରତର "ଗଙ୍ଗା" ଏକ ବିଚିତ୍ର ସୃଷ୍ଟି । ମୂଳ ସଂସ୍କୃତ ମହାଭାରତରେ ଗଙ୍ଗାଙ୍କୁ ଦେବୀ ରୂପରେ ଚିତ୍ରିତ କରାଯାଇଛି ତାଙ୍କଠାରେ ସବୁ ମହନୀୟ ଗୁଣ ଆରୋପ କରାଯାଇଛି; କିନ୍ତୁ ସାରଳା ଦାସ ସେ ପଥକୁ ଏକାବେଳକେ ତ୍ୟାଗ କରିଛନ୍ତି । ତାଙ୍କର ଗଙ୍ଗା ଦେବୀ ନୁହନ୍ତି, କେବଳ ସେ "ଗାଙ୍ଗୀ" । ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ଗାଙ୍ଗୀ କହିଲେ ଉଗ୍ରପ୍ରକୃତିସମ୍ପନ୍ନା ଭାର୍ଯ୍ୟାଙ୍କୁହିଁ ବୁଝାଏ । ଭାର୍ଯ୍ୟା ଦୁଷ୍ଟା, ମୁଖରା ହେଲେ, ସ୍ୱାମୀଙ୍କୁ ଅବହେଳା କରି ନାନା ପ୍ରକାର ନିର୍ଯ୍ୟାତନା ଦେଲେ ସ୍ୱାମୀ ସ୍ୱ ସଦ୍‌ଗୁଣରୁ ତାହା ବରଦାସ୍ତ କରୁଥିଲେ । ସାଧାରଣରେ ଲୋକେ ଏହିପରି ଭାର୍ଯ୍ୟାକୁ "ଗାଙ୍ଗୀ" ବୋଲି କହନ୍ତି । "ଗଙ୍ଗା ବୋଇଲେ ଥିବ, ଗାଙ୍ଗୀ ବୋଇଲେ ଯିବ" ଏହି ପ୍ରବାଦଟି ଓଡ଼ିଶାରେ ଘରେ ଘରେ ପରିଚିତ ।

× × × ×

ସତ୍ୟବତୀଙ୍କର ଜନ୍ମ ଏବଂ ତାଙ୍କ ଚରିତ ବିଚିତ୍ର । ଏହି ନାରୀ ସମାଜ ଓ ନୀତିର ଧାର ଧାରି ନାହାନ୍ତି । 'ବଂଶରକ୍ଷା' ର ସଙ୍କଳ୍ପ ଏହାଙ୍କୁ ନୀତି ଅନୀତିର ସୀମା ଅତିକ୍ରମ କରାଇଛି । ବଂଶରକ୍ଷା—କୁଳଠାରୁ ନାରୀଧର୍ମକୁ ବଡ଼ ବୋଲି ଏହି ନାରୀ ଭାବି ନାହାନ୍ତି । ଅମ୍ବା, ଅମ୍ବିକା, ଅମ୍ବାଲିକା ଏମାନେ ସେକାଳର ବଧୂ । ଏମାନଙ୍କର ସ୍ୱତନ୍ତ୍ର ସତ୍ତା ନାହିଁ । ଗୁରୁ ଆଜ୍ଞା, ବାଧ୍ୟତା, ଆଦେଶାନୁବର୍ତ୍ତିତା ଗୁଣମାନ କେବଳ ଏମାନଙ୍କ ଚରିତ୍ରକୁ ଶୋଭିତ କରିଅଛି ।

× × × ×

ନିର୍ଘାତ ରାଜନନ୍ଦିନୀ ଗଙ୍ଗା ଦେବୀଙ୍କୁ ଯେତେବେଳେ ଷୋଳବର୍ଷ ହେଲା, ସେ ସ୍ୱୟମ୍ବରା ହେବେ ବୋଲି ପିତା ତାଙ୍କ ନିମନ୍ତେ ଚନ୍ଦ୍ର

କଲେ । କିନ୍ତୁ କନ୍ୟା ନିଜର ପ୍ରକୃତ ପତି ନ ପାଇଲେ ବାହା ହେବେ ନାହିଁ ବୋଲି କହିବାରୁ ପିତା ନିରୁତ୍ତର ହୋଇ କନ୍ୟା ମତକୁ ସମର୍ଥନ କଲେ ।

"ଦୁହିତାକୁ ଗୃହେଁ ଦେଖି ନିର୍ଘାତ କହିଲା

× × ×

ସ୍ତ୍ରୀ ଜନମ ନିଷ୍ଫଳ କରୁଛୁ କାହିଁକି
ସ୍ୱୟମ୍ବର କରିବି କି ଦେବତାଙ୍କୁ ଡାକି ।
ଯାହାକୁ ଭାବିବୁ ମାଗୋ ତୋର ମନ ଇଚ୍ଛା
ମାଳା ଦେଇଣ ବରଣ କରିବୁ ଗୋ ବତ୍ସା ।
ଗଙ୍ଗା ବୋଇଲେ ବିମୁଖ ନୁହଇଁ ଅଟେ ତାତ
ରୁଦ୍ରହିଁ ମୋହର ପ୍ରିୟ ନାହିଁ ଏ ମୋ ବ୍ରତ ।
ନିର୍ଘାତ ବୋଇଲେ ମାଗୋ କହଇ ମୁଁ ତୋତେ
ତୁ ବିଭା ନୋହିଲେ ଦୋଷ ଲାଗିବଟି ମୋତେ ।
ଦୁହିତା ହୋଇଲେ ପିତା ଘରେ ରଜୋବତୀ
ଏକୋଇଶ ପୁରୁଷ ଯେ ତାର ନର୍କଗତି ।
ଗଙ୍ଗା ବୋଇଲେ ଅନେକ ଯୁଗ ବହିଯିବ
ଏହି ମତେ ଥିବି ତାତ ବହି ବାଳଭାବ ।

ଗଙ୍ଗା ଧ୍ୟାନରେ ବସିଥିଲେ । ରାଜର୍ଷି ଶାନ୍ତନୁ ତାଙ୍କ ପ୍ରତି ଆସକ୍ତ ହୋଇଥିବା ଦେଖି ଗଙ୍ଗାଙ୍କ ପିତା କନ୍ୟାକୁ ଧ୍ୟାନ ସମ୍ବରଣ ପୂର୍ବକ ଶାନ୍ତନୁଙ୍କୁ ବରଣ କରିବାକୁ କହିଲେ । ନିଜେ ନିର୍ଘାତ ରାଜା ମେଷ କୃଷ୍ଣ ଚତୁର୍ଥୀ ତିଥିରେ ଚନ୍ଦ୍ରବାର ହସ୍ତା ନକ୍ଷତ୍ର ତୃତୀୟ ପ୍ରହର ଧନୁଲଗ୍ନର ଚନ୍ଦ୍ରଶୁଦ୍ଧି ବେଳରେ ବ୍ରହ୍ମଯୋଗ ଓ ତୈତିଲ କରଣ ସମୟରେ ଶାନ୍ତନୁଙ୍କୁ ବାକ୍‌ଦାନ କଲେ; କିନ୍ତୁ ବିଭା ବେଳରେ ଉଭୟ କୁଳର ବଂଶ, ନାମ ଓ ଗୋତ୍ରାଦି ଉଚ୍ଚାରଣ ହେବାର ଦେଖି ଗଙ୍ଗା ଆଶ୍ଚର୍ଯ୍ୟ ହୋଇ ପିତାଙ୍କୁ କହିଲେ "ଏ ତ ବଡ଼ ଆଚମ୍ବିତ ! ଶଙ୍କର

ବଂଶାବଳୀର ଗୋବିନ୍ଦ ନାହିଁ, ଏ ଦରିଦ୍ରଙ୍କୁ ମୁଁ ବରିବ କିପରି ? ତୁମ୍ଭେ ନ ଜାଣି କିପରି ସତ୍ୟ କଲ ? ଯୁଗ ଯୁଗ ଧରି ରୁଦ୍ରଙ୍କୁ ମୁଁ ବରିବା ବୋଲି ବାଞ୍ଛା କରିଛି ।

"ନିର୍ଘାତ କହିଲୁ ମା ଗୋ ମୁହିଁ ସତ୍ୟ କଲି
ସଂକଳ୍ପ କରି ମୁହିଁ ତୋତେ ପଚାରିଲି ।
ତୋହର ବଚନେ ସତ୍ୟ କଲି ମୁଁ ଏହାଙ୍କୁ
ସତ୍ୟଭଙ୍ଗ ଦୋଷ ଏବେ ଲାଗୁଛି ଆମ୍ଭଙ୍କୁ ।
ପିତାର ବଚନ ଶୁଣି ଦେବୀ ଧବଳାଙ୍ଗୀ
ବୃଷଭ ଚଢ଼ି ଆସିଲେ ମାଳା ଦେଲେ ବେଗି ।
ଗଙ୍ଗା ବୋଇଲେ ତୁ ଏବେ ଶୁଣ ହେ ଶାନ୍ତନୁ
ମୋହର ବଲ୍ଲଭ ଅଟେ ଶିବହିଁ ଅଜନ୍ମୁ ।
ଈଶ୍ୱର ବୋଲି ମୁଁ ତୋତେ କଲି ସନ୍ନମତ
ନ ଜାଣିବା ପଣେ ସତ୍ୟ କଲୁକି ନିର୍ଘାତ ।
ତୋହର ମନେ ବିଚାର କରି ତୁହି ଭଲ
ତୁ ସହି ପାରିବୁଟିକି ମୋହର ଆର୍ଦ୍ଦୋଳ ।
ପିତା ସହି ନ ପାରିଲେ ମୋହର ଆର୍ଦ୍ଦୋଳ
ବାମନ ବିଷ୍ଣୁର ପାଦତଳେ ନେଇ ଥିଲି ।
ମୁହିଁ ବାତୁଳୀ ଦ୍ରୋହ କରିବି ଅପାର
ଗଙ୍ଗା କହଇ ମୁଁ ତୋତେ ବୋଲେ ନିରଧାର ।
ଅନେକ ଦୋଷ କଲେ କୋପ ନ କରିବୁ
ସର୍ବ ଦ୍ରବ୍ୟ ନାଶ କଲେ କିଛି ନ ବୋଲିବୁ ।
ଭର୍ତ୍ସନା ନ କରିବୁ ନ ଦେବୁ ମୋତେ ଗାଳି
ଅନୁକ୍ଷଣେ ଖଟୁଥିବୁ ମୋତେ ଛତ୍ରପାଳି ।
ଗଙ୍ଗା ବୋଲି ବୋଲୁଥିବୁ ତୁ ଅନୁବରତେ
ଗାଙ୍ଗୀ ବୋଇଲେ ମୁହିଁ ନ ଥାଇ ପୁରତେ ।"

ଗଙ୍ଗାଦେବୀଙ୍କର ପିତାଙ୍କ ସହିତ ଯୁକ୍ତି ଓ ଭୀଷ୍ମ ବର ଶାନ୍ତନୁଙ୍କ ସହିତରେ ଚୁକ୍ତି ଦେଖିଲେ ମନେ ହୁଏ, ପୁରାଣ ଯୁଗର ନାରୀମାନେ ନିତାନ୍ତ କୋମଳା, ମୃଦୁଳା ଓ ନିର୍ବୀର୍ଯ୍ୟା ନ ଥିଲେ ।

ବିବାହ ପରେ ଶାନ୍ତନୁ ଓ ଗଙ୍ଗାଙ୍କର ଦାମ୍ପତ୍ୟଜୀବନ ସାରଳା ଦାସ ବର୍ଣ୍ଣନା କରିଛନ୍ତି । ତହିଁରେ ଗଙ୍ଗାଙ୍କର ଯେ ଦୁଷ୍ଟ, ପ୍ରଖର ଓ ପ୍ରତିକ୍ରିୟା-ଶୀଳ ପ୍ରକୃତିର ପରିଚୟ ଦେଇଛନ୍ତି, ତାହା ଯେପରି ଜୀବନ୍ତ—ସେହିପରି ଗଙ୍ଗାଙ୍କର ନାରୀଚରିତ୍ରରେ ସ୍ୱାଧୀନ ଚିନ୍ତା ଓ ବାସ୍ତବତାର ପ୍ରକୃଷ୍ଟ ପ୍ରମାଣ ଦିଏ ।

ରାଜର୍ଷି ଏକାଦଶୀ କରନ୍ତି । ଗଙ୍ଗା ତାଙ୍କୁ କହିଲେ, "ତୁମେ ରାଜା ହୋଇଛ । ସଂସାରରେ ପୁଣି ଏକାଦଶୀ କଣ କରୁଛ ? ତୁମକୁ ବ୍ରତ ବୈରାଗ୍ୟ ଛାଡ଼ିବାକୁ ହେବ ଓ ପୂର୍ଣ୍ଣଭାବରେ ବିଷୟୀ ହେବାକୁ ହେବ ।" ରାଜର୍ଷି ମଧ୍ୟ ତାଙ୍କର କଥାରେ ବ୍ରତ ଜପ ତପାଦି ଛାଡ଼ି ପୁରା ସଂସାରୀ ହେଲେ । କିନ୍ତୁ ଶାନ୍ତନୁ ଏକାନ୍ତ ପତ୍ନୀବଶ ନ ହୋଇ ନିଜର ବ୍ୟକ୍ତିତ୍ୱ ଓ ଧର୍ମକୁ ବଞ୍ଚାଇ ରଖୁଥିଲେ ବୋଲି ଗଙ୍ଗାଙ୍କର ଅତ୍ୟାଗ୍ରହ ସହ୍ୟ କରୁଥିଲେ । ଗଙ୍ଗାଙ୍କର ଦୁଷ୍ଟ ଓ ନୃଶଂସ ପ୍ରକୃତିର ବର୍ଣ୍ଣନା କରି ସାରଳା ଦାସ ଲେଖିଛନ୍ତି—

"ଯେଣୁ ସେ ଖଳ ଦୁଷ୍ଟା ତାହାର ପ୍ରକୃତି
ନିଶ୍ଚଳ ଭାବରେ ତାର ରହିବ କି ମତି ।
ଅନ୍ନ ଦେଲେ ତାଙ୍କୁ ପୁଣି ନ ଦିଅନ୍ତି ପାଣି
ଋଷିଙ୍କି ସେ ପରିତ୍ୟଜ୍ୟା କରନ୍ତି ରଜନୀ ।
ତପ ଧର୍ମ ଛାଡ଼ି ଋଷି ପଶିଲେ ସଂସାରେ
କେବେ ବଶ ନ ହୋଇ ସେ ପଳାଇଲେ ଦୂରେ ।
ଅନେକ ଗୁଡ଼ିଏ ବଚନ ଗଙ୍ଗାଙ୍କୁ କହନ୍ତି
ସେ ତାଙ୍କୁ କଥା ନ କହି ମାନିନୀ ହୁଅନ୍ତି ।

ଦଣ୍ଡ କମଣ୍ଡଳୁ ସ୍ରୁବ ସ୍ରୁଚ ଯେ ପ୍ରୋକ୍ଷଣୀ
ଚୁଲ୍ଲିରେ ଦେଇ ଜାଳନ୍ତି ଯତନେ ତରୁଣୀ ।
ଗୁଆ ବାଡ଼ଆଡ଼ କରି ଆବର କର୍ପଟି
ଜଳନ୍ତା ଅନଳେ ଭରି କରେ ପରିପାଟୀ ।
ଭୋକବେଳ ଜାଣି ଅନ୍ନ ନ ଦଅଇ ପାଞ୍ଚି
ଅଭୋକ ବେଳରେ ସେ ଅନେକ କରି ଯାଚି ।
ଗାଢ଼େଣ ଧରନ୍ତି ଯେତେବେଳେ ତପୋବନ୍ତ
କେଶ ଧରି ମୁନିଙ୍କି ସେ ମାରନ୍ତି ବହୁତ ।
ମାଥେ ମୁଥ ମାରି ପୁଣି ପାଦେ ପ୍ରହାରନ୍ତି
ଶରୀରକୁ ନଖ ଦନ୍ତଘାତେ ବିଦାରନ୍ତି ।
ଋଷିଙ୍କ ବସନ ଖଣ୍ଡ ଖଣ୍ଡ କରି ଛିରି
ବାମ୍ଫୀରେ ପକାନ୍ତି ମାଳ ଆଦି ବେଗ କରି ।
ବୋଲନ୍ତି ବୁଢ଼ା ପୁଣି ଅଟୁ ରେ କୁଢ଼ଙ୍ଗା
ଏମନ୍ତେ ଅନେକ ଶାସ୍ତି ଦେଲେ ତାଙ୍କୁ ଗଙ୍ଗା ।"

ପୁରାଣବର୍ଣ୍ଣିତ ଗଙ୍ଗାଙ୍କର ସେ ମାୟାମୟୀ ରୂପରୁ ପ୍ରକୃତ ସାରଳା ଦାସ ବର୍ଣ୍ଣନା କରିଛନ୍ତି । ଗଙ୍ଗାଙ୍କୁ ଦେବୀରୂପରେ ମାନ୍ୟ କରିଯାଏ ବୋଲି ଦୋଷଗୁଡ଼ିକ ତାଙ୍କ ପକ୍ଷରେ ସ୍ୱାଭାବିକ ହୋଇ ପାରେ । କିନ୍ତୁ ମାନବୀ ପକ୍ଷରେ ଏହା ନିତାନ୍ତ ଅସ୍ୱାଭାବିକ ହେବ । ଏଥିପାଇଁ ସାରଳା ଦାସ ଗଙ୍ଗାଙ୍କ ପତିଙ୍କୁ ଉତ୍ତ୍ୟକ୍ତ କରିବା ପାଇଁ ଗଙ୍ଗା ଦେବୀଙ୍କ ହସ୍ତରେ ତାଙ୍କ ପୁତ୍ରମାନଙ୍କୁ ହତ୍ୟା କରାଇଲେ ଏବଂ ଶେଷ ପୁତ୍ରକୁ ନିଧନ କରିବା କାଳରେ ଶାନ୍ତନୁଙ୍କର କଟୂକ୍ତି ଏବଂ ପୁତ୍ରକୁ ଛଡ଼ାଇ ଆଣି ଗଙ୍ଗାଙ୍କୁ ଗାଙ୍ଗୀ ବୋଲି କହିବାରୁ ଗଙ୍ଗାଙ୍କର ଜଳରେ ଅନ୍ତର୍ଦ୍ଧାନ ହେବା ବିଷୟ ସାରଳା ଦାସ ବର୍ଣ୍ଣନା କରିଛନ୍ତି ।

× × × ×

ମହାଭାରତରେ ନରନାରୀଙ୍କର ପ୍ରକୃତି ଏବଂ ଭାବ ଗୋଟିଏ ଗୋଟିଏ ଭିନ୍ନ ପ୍ରକାରର ଏବଂ ତାହା ସ୍ୱାଭାବିକତା ଓ ଅସ୍ୱାଭାବିକତା ନେଇ

ଗଠିତ ହୋଇଥିବାରୁ ସବୁ ସମୟରେ ପାଠକ ପାଠିକା ନାୟକ ନାୟିକାଙ୍କର ପୂର୍ବଜନ୍ମ ବିବରଣାଦି ନ ଜାଣିଥିଲେ ମୂଳ ତାଳ ନ ପାଇ ଭେଳକା ହୋଇଯିବା ସହଜ କଥା ।

## ଅମ୍ବା—

ରାଜର୍ଷି ଶାନ୍ତନୁଙ୍କର ଅଯୋନିଜ ପୁତ୍ରଦ୍ୱୟ ଚିତ୍ରାଙ୍ଗଦ ଓ ବିଚିତ୍ର-ବୀର୍ଯ୍ୟଙ୍କର ବିବାହ ହୋଇଥିଲା ପଦ୍ମଦଳ ଦେଶର ରାଜା ପଦ୍ମନାଭ ଓ ରାଣୀ ମଳୟବତୀଙ୍କର ଚାରି କନ୍ୟାଙ୍କ ମଧ୍ୟରୁ ଦୁଇ କନ୍ୟାଙ୍କ ସହିତ । ବିଚିତ୍ରବୀର୍ଯ୍ୟ ଅମ୍ବିକାଙ୍କୁ ଓ ଚିତ୍ରାଙ୍ଗଦ ଅମ୍ବାଳିକାଙ୍କୁ ବିବାହ କରିଥିଲେ । କିନ୍ତୁ ଗଙ୍ଗାଦେବୀଙ୍କ ଶାପ ଥିବାରୁ ଦୁଇ କୁମାର ଅପୁତ୍ରକ ହେଲେ । ଏହା ଦେଖି ଶାନ୍ତନୁ ବହୁ ଯାଗଯଜ୍ଞାଦି କଲେ । ଶାପମୋଚନ ନ ହେବାରୁ ଶାନ୍ତନୁ ଭୀଷ୍ମଙ୍କୁ ଅମ୍ବା କନ୍ୟାଙ୍କୁ ବିଭା ହେବା କଥା କହିଲେ । ଭୀଷ୍ମ ରାଜି ହେଲେ । ବିବାହବେଦୀରେ ଭୀଷ୍ମଙ୍କୁ ବରବେଶରେ ଦେଖି ଶାନ୍ତନୁ ବଡ଼ ଆନନ୍ଦିତ ହେଲେ । ପୁଣି ବିଷାଦରେ ତାଙ୍କ ଚକ୍ଷୁରୁ ଲୋତକପାତ ହେଲା । ଭୀଷ୍ମ ଏଥିରେ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିଲାରୁ ଶାନ୍ତନୁ କହିଲେ—"ପୁତ୍ରର ବିବାହ ଦେଖି ମୋର ଆନନ୍ଦ ହେବାର କଥା, କିନ୍ତୁ ତୋର ମାତାଠାରୁ ତୋତେ ମୁଁ ଯେତେବେଳେ ଛଡ଼ାଇ ଆଣିଥିଲି, ସେତେବେଳେ ସେ ମୋତେ ଶାପ ଦେଇଥିଲେ ଯେ ତୋର ପୁତ୍ର ଭୀଷ୍ମଠାରୁ ଯେଉଁ ସନ୍ତାନ ଜାତ ହେବ ସେ ତୋତେ ହତ୍ୟା କରିବ । ମୋର ଏହି କଥା ମନେ ପଡ଼ି ଖେଦ ହେଉଛି ।" ଭୀଷ୍ମ ତତ୍‌କ୍ଷଣାତ୍ ପ୍ରତିଜ୍ଞା କଲେ ଯେ ସେ ବିବାହ କରିବେ ନାହିଁ । ବରପୂର୍ବା ଅମ୍ବାଙ୍କୁ ଭୀଷ୍ମଙ୍କ ଉପରେ କେହି ବିବାହ କରିବାକୁ ରାଜି ନ ହେବାରୁ ଅମ୍ବାର ପିତା ପଦ୍ମନାଭ ସ୍ୱୟଂ କନ୍ୟାକୁ ନେଇ ବାରୁଣାବତକୁ ଯାଇଁ ଭୀଷ୍ମଙ୍କ ନିକଟରେ ଛାଡ଼ି ଆସିଲେ । ଅମ୍ବାଙ୍କୁ ତାଙ୍କର ପିତା କହିଲେ —

"ତୁ ଆବର ମୋର ପୁରେ କି କରିବୁ ଯାଇ

× × ×

ଭୀଷ୍ମଙ୍କୁ ତୁ ସେବା କରୁଥିବୁ ଅବିରତେ
ସଞ୍ଚିଲେ ସଞ୍ଚୁ ନାଶିଲେ ନାଶୁ ସେହୁ ତୋତେ ।
ସେବା କରୁଥିଲେ ଅବା କରଇ ସେ ଦୟା
ବିଶ୍ୱରଣ ଘଟିଥାଅ ଆଗୋ ମହାମାୟା ।"

ତା ପରେ —

"ରାଜାର ନନ୍ଦନୀ ନବଯୌବନ ମୂରତି
ଭୀଷ୍ମଙ୍କ ନିକଟେ ଘଟିଥାଇ ଦିବା ରାତି ।
ଭୀଷ୍ମ ମହାକୋପ କଲେ ଦେଖିଣ ସେ ନାରୀ
ବୋଇଲେ ପାପିଷ୍ଠାକୁ ରେ ନିଅ ବାଳ ଧରି ।
କୋପେ ତାହାକୁ ବାହାର କରିଦେଲା ମାତ୍ରେ
ତାହା ଦେଖିଣ ଯୁବତୀ ବିମୋହିତ ଚିତ୍ତେ ।"

ଦେବବ୍ରତ ଭୀଷ୍ମ ମାତାଙ୍କ କଲ୍ୟାଣରୁ ଇଚ୍ଛାମୃତ୍ୟୁର ଅଧିକାରୀ ଥିଲେ । ସେ ଅକ୍ଷର ନ ଜାଣି ସବୁ ପ୍ରକାର ଶସ୍ତ୍ର ଶାସ୍ତ୍ରରେ ପଣ୍ଡିତ ଥିଲେ । କଠୋର ଓ ନମ୍ର ପ୍ରକୃତି ସମନ୍ୱୟରେ ସେ ମାନବ ହୋଇ ଦେବତ୍ୱଲାଭ କରିଥିଲେ । କିନ୍ତୁ ନାରୀ ସମ୍ପର୍କରେ ତାଙ୍କର ଚରିତ୍ରରେ ଯେ ଅପୂର୍ଣ୍ଣତା ଓ ଖଣ୍ଡତା ପରିଦୃଷ୍ଟ ହୁଏ, ତାହା ନିତାନ୍ତ ସାଧାରଣ ଶ୍ରେଣୀର ଲୋକଙ୍କଠାରୁ ତାଙ୍କୁ ଉଚ୍ଚ କରି ନାହିଁ । ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାହା ଭଙ୍ଗ କରି ଅମ୍ବା ପ୍ରତି ସେ ଯେଉଁ ଅମାନୁଷିକ ନିଷ୍ଠୁରତା ଦେଖାଇଛନ୍ତି, ତାହା ତାଙ୍କର ପୌରୁଷକୁ ଯେପରି ଅସୁନ୍ଦର କରିଛି, ଅମ୍ବାକୁ ସେହିପରି କରୁଣାର ପାତ୍ରୀ କରି ଜଗଜ୍ଜନ ସମକ୍ଷରେ ଛିଡ଼ା କରାଇଛି । ନାରୀର ପୂଜା ସହିତରେ ନିର୍ଯ୍ୟାତନାର ଯେ ପ୍ରମାଣଗୁଡ଼ିକ ମହାଭାରତ ଉପାଖ୍ୟାନରେ ଅଛି, ତହିଁମଧ୍ୟରୁ ଭୀଷ୍ମକୃତିକ ଅମ୍ବା ପ୍ରତ୍ୟାଖ୍ୟାନର ଗୁରୁତ୍ୱ ବେଶି । ନାରୀଜୀବନ ବାସ୍ତବରେ କଣ ତାହା ସଂସାରରେ କେତେଦୂର ଅବହେଳାର ବସ୍ତୁ ହୋଇ ପାରେ, ତାହାର 'ଚିତ୍ର ଶୂଦ୍ର ମୁନିଙ୍କ ଅନାଡ଼ମ୍ବର ଭାଷାରେ ଫୁଟିଛି ଅତି କରୁଣ ହୋଇ :—

"ବୋଲଇ ଯୁବତୀମଣି ଶୁଣ ଭୀଷ୍ମଦେବ
ମୋତେ ନାଶ କଲେ ତୋର କିସ ଧର୍ମ ହେବ ?
ବଚନେ ଦୂଷିତା ହେଲି ମୁଁ ତୋର ବାନ୍ଧବୀ
ତୋହ ଯୋଗୁଁ ଅବଶ୍ୟ ମୁଁ ଏ ଜୀବନ ଦେବି ।
ଅମ୍ବା ବୋଇଲି ମୁଁ ଏବେ ଯାଉଅଛି କି ନା
ଯେଉଁଠାରେ ମଲେ ମୁହିଁ ତୋତେ ହତ୍ୟା ସିନା ।"

ନାରୀର ଏ ଅଭିମାନପୂର୍ଣ୍ଣ ଆବେଦନ ଭୀଷ୍ମଙ୍କ ଅଟଳ ହୃଦୟରେ ରେଖାପାତ କଲା ନାହିଁ । ଯେଉଁଠି ନାରୀ ପୁରୁଷ ଉପରେ ପ୍ରତିଶୋଧ ନେବାକୁ ଚାହେଁ, ସେଠାରେ ସେ ତାହାର ପ୍ରତିହିଂସା ଚରିତାର୍ଥ କରିବାପାଇଁ ନିଜକୁ କଷ୍ଟ ଦେଇ ବା ଆତ୍ମହତ୍ୟା ଦ୍ୱାରା ସାର୍ଥକ ଓ ସଫଳ କରେ । ସେ ଦୁର୍ବଳା, ପୁରୁଷ ପ୍ରତି ତାର ପ୍ରତିଶୋଧ ଅଧିକାଂଶ କ୍ଷେତ୍ରରେ ଅନ୍ତର୍ନିର୍ଯ୍ୟାତନା ବା ଆତ୍ମବିଦ୍ରୋହରେ ପର୍ଯ୍ୟବସିତ ହୁଏ । ଅମ୍ବାର ସମସ୍ତ ମୋହମୟ ଆକର୍ଷଣ ଶକ୍ତି ବିଫଳ ହେଲାରୁ ଓ ତାକୁ ରାଜ୍ୟରୁ ବିତାଡ଼ିତ କରିବା ଭୀଷ୍ମଙ୍କର ଉଦ୍ଦେଶ୍ୟ ବୁଝି ତାର ନାରୀତ୍ୱରେ ଆଘାତ ଲାଗିଲା —

"ଭୀଷ୍ମ ବୋଇଲେ ମୁଁ ମନେ ହାସେ ଦେଖି
ବାହାର ହୋଇ ତୁ ଯା ଯା ମୋ ରାଜ୍ୟ ଉପେକ୍ଷି ।
ଅନେକ ଭର୍ତ୍ସନା ବାକ୍ୟ ବୋଇଲେ ସେ ରାଗେ
ତୋତେ ନାଶିବି ବୋଲି ମୁଁ ଝାସିବି ପ୍ରୟାଗେ ।
ଏତେ ବୋଲି କାନ୍ଦି କାନ୍ଦି ଆସଇ ସୁନ୍ଦରୀ ।" .

ଅମ୍ବା ଅପମାନିତା ଓ ଲାଞ୍ଛିତା ହୋଇ ପ୍ରତିଜ୍ଞା କଲେ, "ମୁଁ କିଛି ସାଧନା କରି ପ୍ରୟାଗରେ ଝାସ ଦେବି ଓ ଜନ୍ମାନ୍ତରରେ ଭୀଷ୍ମଙ୍କୁ ନାଶ କରିବି ।" ଗଙ୍ଗାକୂଳରେ ପରଶୁରାମଙ୍କ ନିକଟରେ ଅମ୍ବା ଗୁହାରି କଲାରୁ, ପରଶୁରାମ ଭୀଷ୍ମଙ୍କୁ ପତ୍ନୀ ଗ୍ରହଣ କରିବାକୁ ଆଦେଶ ଦେଲେ, କିନ୍ତୁ ବୀର ଭୀଷ୍ମ ତାଙ୍କୁ ଅମାନ୍ୟ କରି ତାଙ୍କ ସହିତ ଯୁଦ୍ଧ କଲେ । ପରଶୁରାମ ଯୁଦ୍ଧରେ ପରାଜିତ ହେଲେ । ସବୁ ଦିଗରୁ ବିଫଳ ହୋଇ ଅମ୍ବାର ପ୍ରତିହିଂସାନଳ ଜଳିଉଠିଲା । ନିଜର

ଅବଳାତ୍ୱ ସମ୍ବନ୍ଧରେ ମଧ୍ୟ ସେ ଅତ୍ୟନ୍ତ ସଚେତନ ଥିବାର କବି ଚିତ୍ର କରିଛନ୍ତି ।

"ଅମ୍ବା କନ୍ୟା ଯେ ପ୍ରୟାଗ ତୀର୍ଥକୁ ହିଁ ଗଲା
ତ୍ରିବେଣୀରେ ସ୍ନାନ କରି ମାଧବ ପୂଜିଲା ।
ହେ ମାଧବ ହୋଇଥାଅ ତୁହି ମୋର ସାକ୍ଷୀ
ଭୀଷ୍ମଙ୍କ ଯୋଗୁଁ ହୋଇଲି ମୁଁ ସିନା ବିମୁଖୀ
ଭୀଷ୍ମଙ୍କ ଉପରେ ଯାଉ ହତ୍ୟାଦୋଷ ମୋର
ମାଧବଙ୍କୁ ସାକ୍ଷୀ କରି ଛାଡ଼ିବି ଶରୀର ।
ମୁହିଁ ତ୍ରିଶୀ ମାନ୍ଦ ଦେବ ନୁହଇ ନା ଯୋଧୀ
ଜନ୍ମେ ଜନ୍ମେ ଭୀଷ୍ମଙ୍କୁ ମୁଁ ପାରିବି କି ସାଧି ।
ଏ ମୋହର ରୂପ ଗୁଣ ଲକ୍ଷଣ ଦେଖନ୍ତେ
ସଂଗ୍ରାମେ ଶସ୍ତ୍ର ଛାଡ଼ିବ ଭୀଷ୍ମ ମ୍ଳାନଚିତ୍ତେ ।"

ପ୍ରତ୍ୟାଖ୍ୟାତା ନାରୀର କ୍ଷୋଭ ଓ ମର୍ମବେଦନା କବିଙ୍କ କାବ୍ୟରେ ଅତି ଜୀବନ୍ତ ହୋଇ ଏହିଠାରେ ଫୁଟି ଉଠିଛି ।

× × ×

## ସତ୍ୟବତୀ, ଅମ୍ବିକା ଓ ଅମ୍ବାଳିକା

ଧୃତରାଷ୍ଟ୍ର, ପାଣ୍ଡୁ ଓ ବିଦୁରଙ୍କ ଜନ୍ମବୃତ୍ତାନ୍ତ, ଯେଉଁ ଅଧ୍ୟାୟରେ ସାରଳା ଦାସ ଲେଖିଅଛନ୍ତି, ସେ ଅଧ୍ୟାୟରେ ପୌରାଣିକ, ସାମାଜିକ ନୀତିର ଓ ସାମାଜିକ ପରିସ୍ଥିତିର ଯେ ପରିଚୟ ମିଳେ, ତହିଁରୁ ମନେ ହୁଏ, ଏହି ଶତାବ୍ଦୀର ନାରୀସ୍ୱାଧୀନତା, ଆଧୁନିକ ସଭ୍ୟତା ଓ ବିଜ୍ଞାନଗର୍ବିତ ଦେଶମାନଙ୍କର ସାମାଜିକ ରୀତି ନୀତି ଓ ନାରୀଧର୍ମପଦ୍ଧତିକୁ ବଳି ଯାଇଅଛି । ଏହିଠାରେ ଆମ୍ଭମାନଙ୍କର ଶାସ୍ତ୍ରରେ ପୌରାଣିକ କୃଷ୍ଣ-ଦ୍ୱୈପାୟନ ଋଷି "ଅକାଳେ ନିୟମ ନାସ୍ତି" ନାମରେ ଧର୍ମରକ୍ଷା କରିଛନ୍ତି । ଏହା ସାଧାରଣ ଲୋକଙ୍କର ଜ୍ଞାନର ଅଗମ୍ୟ; ସୁତରାଂ "ବଡ଼ ଲୋକଙ୍କୁ ଉତ୍ତର ନାହିଁ କି ସରଗକୁ ନିଶୁଣୀ ନାହିଁ ।"

ନାରୀ ଯେ ସେହି କାଳର ସମାଜ ଓ ବଂଶସ୍ଥିତିର ସମସ୍ତ ଦାୟିତ୍ୱଗୁଡ଼ିକ ସମ୍ବନ୍ଧରେ ବିଚାରକ ଆସନ ନେଇ ତାର ମନୋମତ ଭାବରେ ବ୍ୟବସ୍ଥା କରି ପାରୁଥିଲା ଏବଂ ସେ ଯେ ସଂସାର ଓ ଗୃହର ସର୍ବମୟୀ କର୍ତ୍ତ୍ରୀ ଥିଲା; ଏହି ବିଷୟରେ ପାଠକଙ୍କୁ ନିଃସନ୍ଦେହ ହେବାକୁ ପଡ଼େ ।

ଗଙ୍ଗା ମାତାଙ୍କ ଶାପଫଳରୁ ଯେତେବେଳେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ଅପୁତ୍ରକ ହେଲେ ସେତେବେଳେ ତାଙ୍କର ଶାଶୁ ସତ୍ୟବତୀ ଦେବୀଙ୍କ ମନରେ ସୋମବଂଶ ନାଶର ଆଶଙ୍କା ଜାତ ହୋଇ ତାଙ୍କୁ ମହାବିଚଳିତ କରିଦେଲା । ଭାରତବର୍ଷର ପ୍ରସିଦ୍ଧ କୁରୁବଂଶ କପରି ରକ୍ଷା ହେବ, ଏହି ବିଷୟରେ ପରାମର୍ଶ କରିବାପାଇଁ ସେ କୁଳବଧୂ ଅମ୍ବିକା ଓ ଅମ୍ବାଳିକାଙ୍କ ନିକଟକୁ ଯାଇ କହିଲେ—

"ସନ୍ତାନ ଜାତକୁ ମାଗୋ ଅଛି ଟିକି ବୁଦ୍ଧି
କେମନ୍ତ ଉପାୟେ ମାଗୋ ହେବ କାର୍ଯ୍ୟ ସିଦ୍ଧି ।"

ଅମ୍ବିକା କହିଲେ—

"କରପତ୍ର ଯୋଡ଼ି କରି ଅମ୍ବିକା ବୋଇଲା ।
ସମସ୍ତେ ଦେଖିଲେ ସତୀପଣେ ବନ ଗଲା ।"

ସତ୍ୟବତୀ ବୋଇଲେ—

"ସତ୍ୟବତୀ ବୋଇଲେ ଗୋ ନ ବୋଲ ତୁ ଏହା
ବଂଶରକ୍ଷା କର ମାଗୋ ଛାଡ଼ି ଧର୍ମସ୍ପୃହା ।"

ଅମ୍ବିକା ବୋଇଲେ—

"ଅମ୍ବିକା ବୋଇଲେ କରିବି ଯେ ତୁମ୍ଭ ବୋଲ
ଯେବେ ବ୍ରତ ଛାଡ଼ିବି ପୁଂସ କାହାକୁ କଲ ।
ଭୀଷ୍ମଙ୍କୁ ବୋଲ ଆସନ୍ତୁ ଆମ୍ଭର ତହିଁକି
ଆନ ପୁରୁଷେ ଆମ୍ଭର କାର୍ଯ୍ୟହିଁ ଅଛି କି ?

ବଧୂଙ୍କ ବଚନରେ ସତ୍ୟବତୀ ଭୀଷ୍ମଙ୍କ ନିକଟକୁ ଗଲେ । ଭୀଷ୍ମଦେବ ତାଙ୍କର "ଦାରସଂଗ୍ରହଣ" ପ୍ରତିଜ୍ଞା ଯୋଗୁଁ ବିନୟ କରି

ତାଙ୍କୁ ନିଜର ଅସମ୍ମତି ଜଣାଇଲେ । ସେଠାରୁ ସେ 'ମନ ଦୁଃଖରେ ବ୍ୟାସଦେବଙ୍କ ଠାରୁ ଯାଇ ତାଙ୍କର ଆକାଂକ୍ଷା ଜଣାଇଲେ ବ୍ୟାସଦେବ ସତ୍ୟବତୀଙ୍କୁ ଶୋକାକୁଳା ଦେଖି ଅତି ଦୁଃଖିତ ହେଲେ । ସତ୍ୟବତୀ ସାହସ ଲଭି ତାଙ୍କୁ ସତ୍ୟ କରାଇଲେ ଏବଂ କହିଲେ, "ମୁଁ ଯାହା କହିବି, ତୁ ମୋର ପୁଅ ବୋଲି ତାହା ତୋତେ ମାନିବାକୁ ହେବ ।" ତାହାପରେ ମାତାଙ୍କ ପ୍ରସ୍ତାବରେ ସେ ଆଶ୍ଚର୍ଯ୍ୟ ହୋଇ କହିଲେ, ଏ ପ୍ରସ୍ତାବରେ ବାଧ ହେଲେ ମୋତେ ପାପ ଲାଗିବ ।

ସତ୍ୟବତୀ କହିଲେ—

"ସତ୍ୟବତୀ ବୋଲେ ବାବୁ କିମ୍ପା ନ ଭରସୁ
ସଂସାର ଲୋକଙ୍କର ତୁହି ପାତକ ଯେ ଧ୍ୱଂସୁ ।
ବିଶେଷ କନିଷ୍ଠ ପର ନୋହେ ଭ୍ରାତୃବଧୂ ।"

ବ୍ୟାସ ସମ୍ମତ ହେଲେ ।

× × × ×

ସତ୍ୟବତୀ ବଧୂମାନଙ୍କୁ କୁଳବଂଶଲୋପ କଥା କହି ବୁଝାଇଲେ । ବଧୂମାନେ କହିଲେ, "ଆପଣ ଆମର ଗୁରୁଜନ । ଆପଣଙ୍କ କଥାରେ ଆମ୍ଭେମାନେ ଅବାଧ ହୋଇ ନାହୁଁ, କି ହୋଇ ପାରିବୁ ନାହିଁ । ଆପଣ ବିଗୃହ ଯେ ଆଜ୍ଞା ଦେବେ, ଆମ୍ଭେମାନେ ତାହାହିଁ କରିବୁ ।"

ସତ୍ୟବତୀ କହିଲେ—

"ମାଗୋ ଭୀଷ୍ମ ପାଶେ ଗଲି ତୁରନ୍ତ ଛଆର
ଦ୍ୱାର ସହିଲି ସେହି ସତ୍ୟବ୍ରତ କର ।
ବ୍ୟାସ ଋଷି ଅଟଇ ମୋହର ଜ୍ୟେଷ୍ଠ-ପୁତ୍ର
ତାହାର ସଙ୍ଗତେ ତୁମ୍ଭେ ପ୍ରୀତି କର ମାତ୍ର ।"

( ଆଦ୍ୟପର୍ବ )

ବଧୂମାନେ ଶାଶୁଙ୍କର ଏ ଅସମ୍ଭବ ଆଜ୍ଞା ପାଇ ମୂର୍ଚ୍ଛିତା ହେଲେ । ପରେ କହିଲେ—

“ଦୁସ୍ତର କଥା କହିଲ ମାଗୋ ନ ବିଚାର
ଜ୍ୟେଷ୍ଠ ଗୁରୁର କେମନ୍ତେ ହେବୁ ମନୋହାରୀ ।
ନୀତିବନ୍ତୀ ହୋଇ କିମ୍ପା ଅନୀତି କହିଲ
ଜଳ ଅଗ୍ନିକି କିପାଇଁ ଏକ ସଙ୍ଗ କଲ ?”

(ଆଦ୍ୟପର୍ବ)

ସତ୍ୟବତୀ କହିଲେ—

ସତ୍ୟବତୀ ବୋଇଲେ ଗୋ ମୋର ଦେହ ଛୁଅଁ
ପାପ ବୋଲେ ପୁଣ୍ୟ ବୋଲେ ଏକମନ ହୁଅ ।”

ବଧୂ— ଦେଢ଼ଶୁର ଭ୍ରାତୃବଧୂ ଯୋଗେ ପାପ ଯେତେ

× × ×

ସେହି ପାତକେ ଦୂଷିତ ହୋନ୍ତି ଯେତେ ଜନ
ମହାଦୋଷ ଚିତ୍ରଗୁପ୍ତ କରନ୍ତି ଲେଖନ ।
ଏକଥା କିମ୍ପା ବିଚାର ନ କର ଗୋ ଶାଶୁ
ଏତେ ନର୍କଯୋଗ ଦେଖି ଦେଖି ଯେ ଭରସୁ ।”

( ଆଦ୍ୟପର୍ବ )

ବଧୂମାନଙ୍କ ମନରେ ଯେ ନୈତିକ ସଂସ୍କାର ଥିଲା, ତାହା ବଂଶ ଉତ୍ପନ୍ନ କରିବାଠାରୁ ଆହୁରି ଗଭୀର ଓ ଆହୁରି ବ୍ୟାପକ ଥିଲା । କିନ୍ତୁ ସତ୍ୟବତୀ ଅଦ୍ଭୁତ ନାରୀସୃଷ୍ଟି । ତାଙ୍କ ମନରେ କୌଣସି ନୀତି ଅନୀତି ଘଟିତ ସଂସ୍କାରର ଲେଶ ମାତ୍ର ଚିହ୍ନ ନ ଥିଲା । ସେ ଥିଲେ ଯେପରି ଦେଶ କାଳ ପାତ୍ରାପାତ୍ରର ଅତୀତ । ସ୍ୱୟମ୍ଭୂଙ୍କ ଭଳି ତାଙ୍କର ଉପମା ତାଙ୍କର ଠାରେହିଁ ଖଟେ । ବଧୂମାନଙ୍କର ଲଜ୍ଜା, ଧର୍ମଭୟ, ଚିରନ୍ତନ ସଂସ୍କାର ଓ ଆତ୍ମଗ୍ଳାନିର ଆତିଶଯ୍ୟ ଦେଖି ଚତୁରୀ ଶାଶୁ ଠାକୁରାଣୀ ନିଜର ଆତ୍ମ-ପରିଚୟ ଯାହା ବର୍ଣ୍ଣନା କରିଛନ୍ତି ଓ ତାଙ୍କର ଜନ୍ମବୃତ୍ତାନ୍ତ ଯେପରି ବଧୂମାନଙ୍କ ଆଗରେ ପ୍ରକାଶ କରିଛନ୍ତି, ତାହାର ଚିତ୍ର ଦେବାକୁ ରୁଚିରେ ବାଧେ । ସତ୍ୟବତୀଙ୍କ ଉପଦେଶ ଓ ଯୁକ୍ତି ଯାହା ସେ ଦେଇଛନ୍ତି, ତାହା କୌଣସି ମତେ ପାରମ୍ପରିକ ଯୁକ୍ତିଦ୍ୱାରା ତିଷ୍ଠି ପାରିବା ଅସମ୍ଭବ ।

ପୂର୍ବକାଳରେ ବଧୂମାନେ ଶାଶୁ, ମାତା, ମାତୃଷ୍ୱସା ପ୍ରଭୃତି ଗୁରୁଜନମାନଙ୍କର ବାକ୍ୟ ପ୍ରତିପାଳନ କରିବାକୁ ପରମ ଧର୍ମ ମନେ କରୁଥିଲେ । ସେମାନଙ୍କର ବାଧ୍ୟତା, ବଶତା ଏତେ ବେଶି ଥିଲା ଯେ, ଅନେକ କ୍ଷେତ୍ରରେ କନ୍ୟାମାନେ ନିଜର ନିଜତ୍ୱକୁ ବିସର୍ଜ୍ଜନ କରି; ଏପରି କି ଆତ୍ମତ୍ୟାଗ କରି ଗୁରୁ ଆଜ୍ଞା ମାନ୍ୟ କରିବାକୁ ନିଜର କର୍ତ୍ତବ୍ୟ ଧର୍ମ ମନେ କରୁଥିଲେ । ସତ୍ୟବତୀ ଯୁକ୍ତି ଓ ଉପଦେଶ ଦାନକରି ଛଳରେ ଯେ ପ୍ରକାରାନ୍ତରେ ଜବରଦସ୍ତି କରିଛନ୍ତି, ତାହା ତାଙ୍କର ଉକ୍ତ ଯୁକ୍ତିମାନଙ୍କରୁ ଜଣାପଡ଼େ । ନୀତି, ଆଚାର, ଧର୍ମ ସଂସ୍କାରଠାରୁ ଯେ ବଂଶରକ୍ଷା ବା ମାନବସୃଷ୍ଟିର ମୂଲ୍ୟ ଖୁବ ବେଶି, ଏହି ସତ୍ୟ ପ୍ରତି ଯୁଗର ଗୋଟିଏ ଶାଶ୍ୱତ ରୀତି । ଏ ଯୁଗରେ ଯେପରି "ସବୁରି ଉପରେ ମନୁଷ୍ୟ ସତ୍ୟ ତାହାର ଉପରେ ନାହିଁ" ଏହି ପଦ୍ୟଟିରେ ଗୋଟିଏ ଗଭୀର ସତ୍ୟ ଦେଖା ଦେଇଅଛି; ସେହିପରି ବହୁ ପୂର୍ବକାଳରେ ମଧ୍ୟ ଆମ୍ଭମାନଙ୍କ ଲୋକସମାଜରେ ଧାର୍ମିକ ଶାସ୍ତ୍ରଜ୍ଞସମାଜରେ ଏହି ସତ୍ୟଟି ସବୁ ଧର୍ମ, ନୀତି ଓ ଆଚାର ବିଚାର ଉପରେ ସ୍ଥାନ ପାଇଥିଲା । ତାହା ସଂସ୍କୃତ ମହାଭାରତକାରଙ୍କଠାରୁ ଆରମ୍ଭ କରି ଉତ୍କଳର ବାଣୀପୁତ୍ର ସାରଳା ଦାସଙ୍କ କାବ୍ୟରେ ସୁନ୍ଦର ଭାବରେ ଫୁଟି ଉଠିଛି ।

ସତ୍ୟବତୀ କହୁଛନ୍ତି :—

"ସତ୍ୟବତୀ କହନ୍ତି ମୋ ଶୁଣୁଜ ସନ୍ତତି
ପୁତ୍ରେ କରନ୍ତି ବିନା ସେ ଦୋଷ ବିନଶ୍ୟତି ।
ବ୍ୟାସ ଅଂଶେ ଉପୁଜିବେ ଯେବଣହିଁ ପୁତ୍ରେ
ପାପ କଳଙ୍କ ଥିବ କି ଆମ୍ଭର ଏ ଗୋତ୍ରେ ।"

ସବୁ ଯୁଗରେ ସବୁ ସମାଜରେ ପୁତ୍ର ସନ୍ତାନ ପ୍ରତି ସମସ୍ତଙ୍କର ମମତା ଅଧିକ ଥିବାର ଜଣାପଡ଼େ । ପୁତ୍ର ପିଣ୍ଡରକ୍ଷାକାରୀ, ପୁଣି ପୁଂନାମ ନରକରୁ ଉଦ୍ଧାରକାରୀ । ଏହାକୁ ହିନ୍ଦୁ ସମାଜ ଅତି ଅଭ୍ରାନ୍ତ ଭାବରେ ବିଶ୍ୱାସ କରି ଆସିଛି । ଆଉ ଏହି ପୁତ୍ର ସନ୍ତାନପାଇଁ ସମାଜରେ ପାପ ପୁଣ୍ୟ ନୀତି-ଅନୀତିର କିଛି ବାରଣ ରହି ନାହିଁ । ଏହା

ମହାଭାରତ ସମାଜ ସଭ୍ୟତାର ମୂଳ ସୃଷ୍ଟି । ସତ୍ୟବତୀ ନିଜର ପରିଚୟ ଦେଇ କହୁଛନ୍ତି :—

"ସତ୍ୟବତୀ ବୋଲେ ଆଗୋ ଶୁଣ ତତ୍ତ୍ୱ କଥା
ସନ୍ତାନ ଧର୍ମର ଅମ୍ଭେ କହିବା ବାରତା ।
ଲୀଳାବତୀ କଳାବତୀ ବେନି ଯେ ନରେଶୀ
ହୋଇଲେ ବେନି ଯୁବତୀ କାଳେହେଁ ତରୁଣୀ ।

ଯାହାର ନିମନ୍ତେ ଯେମନ୍ତେ ଉପୁଜନ୍ତି ପୁତ୍ରେ
ତାହାନ୍ତ ଭେନ ଶୃଙ୍ଗାର କରାଇଲେ ଗୁପ୍ତେ ।
ଏମନ୍ତେ ସନ୍ତାନ ପାଇଲେ ବେନି ଦେବୀ
କାଳେ ସେହି ନ ଲେଖିଲେ ମାନ ଓ ଗୌରବୀ ।

ମଲାଶୁର, ଦେଢ଼ଶୁର, ଭଗ୍ନୀଜ ଜାମାତା
ଏତେ ଯୋଗ କରାଇଲେ ସେ ବେନି ବନିତା ।
ଏମନ୍ତେ ପ୍ରୀତି କରାଇ ହୋଇଲେ ଅସତୀ
ଏକ ଦୁହିତା ମାତ୍ରକ ହୋଇଲା ଉତ୍ପତ୍ତି ।

ମାତା ବୋଲେ ଉପୁଜାଇ ମୁଁ ଅସତ୍ୟ ବାଟେ
ତୁ ସତ୍ୟବତୀ ନୌକାରେ ଥାଅ ଜଳଘାଟେ ।
ଦାସରାଜ ଅପୁତ୍ରକ ମୁଁ ଏକ ଦୁହିତା
ଧର୍ମ କର୍ମରତ ମୋତେ କରାଇଲେ ପିତା । (ଆଦ୍ୟପର୍ବ)

ଦାସରାଜାଙ୍କର ଦୁଇପତ୍ନୀଙ୍କ ନାମ ଲୀଳାବତୀ ଓ କଳାବତୀ । ସେ ଅପୁତ୍ରକ ହେବାରୁ ସେମାନଙ୍କର ମାନ ଗୌରବ ନାଶ ଯିବା ଭୟରୁ ସେମାନେ ଅଗତି ଟତ କରି ଅସତୀ ହେଲେ । ଅସତୀ ମାତାଙ୍କର ସତ୍ୟବତୀ ଏକମାତ୍ର କନ୍ୟା । ପିତା ମାତା ତାଙ୍କୁ ବାଲ୍ୟକାଳରୁ ଧର୍ମ କର୍ମ ଶିକ୍ଷା ଦେଇ ଦ୍ୱାଦଶବର୍ଷ ବୟସରେ ସ୍ୱହରୁ ଯାଇ ଯାତ୍ରୀମାନଙ୍କୁ ବିନା ପାରିଶ୍ରମିକରେ ନୌକାରେ ପାରି କରିବାକୁ ଆଜ୍ଞା ଦେଲେ । ସତ୍ୟବତୀ କ୍ଷତ୍ରିୟକୁଳ ରାଜଦୁଲଣୀ; ନୌକା ପରିଚାଳନା କଲେ ।

ପରେ ମହାମୁନି ପରାଶରଙ୍କ ବରରେ କିପରି "ମତ୍ସ୍ୟଗନ୍ଧା"ରୁ "ଯୋଜନ-ଗନ୍ଧା"ରେ ରୂପାନ୍ତରିତ ହେଲେ ତାହାର ବର୍ଣ୍ଣନା ନିଷ୍ପ୍ରୟୋଜନ ।

ଉପର ଉକ୍ତ ପଦମାନଙ୍କରୁ ବଂଶରକ୍ଷା ନିମନ୍ତେ ସନ୍ତାନପ୍ରାପ୍ତି ପାଇଁ ଲୋକସମାଜର ଆଗ୍ରହ ଅତ୍ୟଧିକ ପ୍ରବଳ ଥିଲା, ତାହା ଜଣାପଡ଼ୁଛି । ପୁଣି ସମାଜ ଏହା ସବୁ କିପରି ବରଦାସ୍ତ କରି ବଳଶାଳୀ ହୋଇଥିଲା, ତାହା ମଧ୍ୟ ଜଣା ପଡ଼ୁଛି । ସତ୍ୟବତୀ ଜାରଜକୁମାରୀ, ସେ କେବର୍ତ୍ତୀ ପେଷା ଧରିଥିଲେ । ତାହା ପରେ ତାଙ୍କୁ ବ୍ରାହ୍ମଣ ମୁନି ପରାଶର ପତ୍ନୀରୂପରେ ବରଣ କରିବାରୁ ତାହାଙ୍କ ଔରସରେ ବେଦବ୍ୟାସ କୃଷ୍ଣ ଦ୍ୱୈପାୟନଙ୍କର ଜନ୍ମ ହୋଇଥିଲା । ଏହି ବ୍ୟାସଦେବଙ୍କୁ ନାରାୟଣଙ୍କର ଅବତାର ବୋଲି ମହାଭାରତରେ ବର୍ଣ୍ଣନା କରାଯାଇଅଛି ।

ଜାରଜ କୁମାରୀଙ୍କର ଧର୍ମକର୍ମରେ ଯେ ଅଧିକାର ଥିଲା ତାହା ମଧ୍ୟ ଦେଖିବାର କଥା । ଜୀର୍ଣ୍ଣଶକ୍ତି ପ୍ରବଳ ଥିଲେ ମନୁଷ୍ୟ ଯେପରି ସର୍ବଭକ୍ଷ ହୋଇ ସୁଦ୍ଧା ସୁସ୍ଥ ଶରୀରରେ ଦୀର୍ଘଜୀବୀ ହୋଇ ରହିପାରେ, ସେହିପରି ମହାଭାରତୀୟ ସମାଜରେ ଏହି ଉପମା ଯଥାର୍ଥରେ ପ୍ରଯୁଜ୍ୟ ହୋଇ ପାରେ । ସହସ୍ର ସହସ୍ର ବର୍ଷ ପୂର୍ଣ୍ଣ ସମାଜ ବଳଶାଳୀ ଓ ମେଧାବୀ ଥିଲା ବୋଲି ସମସ୍ତ କର୍ମ, ଅପକର୍ମ, ପାପ ପୁଣ୍ୟକୁ ସେ ଆବଶ୍ୟକତା ଦୃଷ୍ଟିରେ ଜୀର୍ଣ୍ଣ କରି ପାରୁଥିଲା ।

"ଅଗ୍ନି ଯେସନେ ସର୍ବ ଖାଇ । ବଶ୍ୟରେ ଦୋଷ ଗୁଣ ନାହିଁ ॥"
ଭାଗବତର ଏହି ପଦ ସହିତ ସେହିକାଳର ସମାଜର ଦୃଷ୍ଟାନ୍ତ ଏକା ସଙ୍ଗତ ।

ଅମ୍ବିକା ଶାଶୁଙ୍କ ଉପଦେଶାଦି ଶୁଣି କହିଲେ—

"ସ୍ତ୍ରୀଜନ୍ମ ହେତୁ ଆମ୍ଭେ ଅଟୁ ମନ୍ଦଜାତି—

× × ×

ସର୍ବଦା ଅଶୁଚି କରୁ ନାନାଦି ଅକ୍ରିୟା
ସମସ୍ତେ ଧଇଲୁ ମାଗୋ ନାହିଁ ସତକ୍ରିୟା ।

ମଦିରା ଖାଇଲେ ଯେସନ୍ତେ ହୁଏ ଅସମ୍ଭାଳ
ପର ପୁରୁଷ ଦେଖିଲେ ତେସନ୍ତେ ଆମ୍ଭେ ଭୋଳ ।
ଯାହାର ହାତ ଧରୁ ସେ ନୁହଇ ଆମ୍ଭର
ଅବିରତେ ଇଚ୍ଛୁ ପର ପୁରୁଷ ସୁନ୍ଦର ।
ଆମ୍ଭେ ଅବା ଇଚ୍ଛା କାଲୁ ଅଟୁ ମହାପାପୀ
ସେ କମ୍ପା ପାପ ଲଭିବେ ବ୍ୟାସ ମହାତପୀ ।"

ଅମ୍ବିକା ନାରୀର ଆତ୍ମଗ୍ଲାନି ପ୍ରକାଶ କରୁଛନ୍ତି ଏବଂ ନାରୀଜନ୍ମ ଯେ ଅକାରଣ, ଏହି କଥା କହୁଛନ୍ତି । କାରଣ ନାରୀ ଯାହାର ହାତ ଧରେ ସେ ତାହାର ହୁଏ ନାହିଁ; ଏଥିପାଇଁ ନାରୀର ଏତେ ବେଦନା—ଏତେ ଅନୁଶୋଚନା । ପରେ ପୁଣି ବିବେକ ଦଂଶିବାରୁ କହୁଛନ୍ତି—

"ବୋଲନ୍ତି ବଧୂମାନେ ଯେ ପାତକ ହୋଇବ
ସେହି ପାତକମାନଙ୍କୁ ପୁଣି କେ ଲଭିବ ।"

ସତ୍ୟବତୀ ପ୍ରବୋଧ ଦେଉଛନ୍ତି—

"ସତ୍ୟବତୀ ବୋଲନ୍ତି ମୁଁ ତୁମ୍ଭଙ୍କୁ ଭେଟାଇ
ଏ ପାପ ଦୋଷ ସମସ୍ତ ମୋତେ ଯେ ଲାଗଇ ।
ଯଦ୍ୟପି ପଶନ୍ତି ବଧୂମାନେ ଅନ୍ୟ ବାଟେ
ଗୁରୁପତ୍ନୀମାନେ ତାଙ୍କୁ ରଖନ୍ତି ଆକଟେ ।"

ସତ୍ୟବତୀ ସମସ୍ତ ପାପ "ବଂଶରକ୍ଷା" ହେତୁ ମହାପୁଣ୍ୟ ବିବେଚନାରେ ବରଣ କରିନେଲେ । ବ୍ୟାସଙ୍କ ସହିତରେ ଭ୍ରାତୃବଧୂମାନଙ୍କର ମିଳନ ହେଲା । ରାଜା ପାଣ୍ଡୁ ଓ ଧୃତରାଷ୍ଟ୍ରଙ୍କର ଜନ୍ମ ହେଲା । ଦାସୀଙ୍କଠାରୁ ଧାର୍ମିକ ମନ୍ତ୍ରୀ ବିଦୁର ଜନ୍ମ ହେଲେ ।

ଅମ୍ବାଳିକା କିନ୍ତୁ ଆପତ୍ତି କରିଥିଲେ । ସେ କହିଲେ—"କପାଳରେ ଯାହା ଅଛି ତାହା ହେବ, କିନ୍ତୁ ମାଆ, ମୁଁ ଧର୍ମ ଛାଡ଼ିବି ନାହିଁ ।" ସତ୍ୟବତୀ ପକ୍କା ଲୋକ; ସେ ଜାଣନ୍ତି କେଉଁ ରୋଗରେ କି ଔଷଧ । ନାରୀର ପ୍ରକୃତି ମୂଳରେ ଈର୍ଷା ହେଉଛି ରାଜା । ସେଥିପାଇଁ କହିଥିଲେ—

"ସତ୍ୟବତୀ ବୋଇଲେ ଗୋ ଉପାୟ ହିଁ ଥିଲେ
ବଂଶରକ୍ଷା କରିବା ନା ନିଜ ବୁଦ୍ଧି ବଳେ ।
ଦୁଇ ଭଉଣୀ ଗୋ ଥାନ୍ତୁ ଯେବେ ସେହିମତେ
ତାର ସମ୍ପଦ ଦେଖି ତୁ ମୁର୍ଚ୍ଛିବୁ କେମନ୍ତେ ?

ଅମ୍ବାଳିକା ରାଜି ହେଲେ । ରାଣୀ ସତ୍ୟବତୀ ଦୁଇ ନାତିଙ୍କୁ ଲାଳନ-ପାଳନ କରୁଥାନ୍ତି । ଅମ୍ବା ଗୋଟିଏ କୁମରକୁ ଜନ୍ମଦାନ କରି ଦେହତ୍ୟାଗ କରିଥିଲେ । ଅମ୍ବାଳିକା ଜୀବିତ ଥିଲେ । ପ୍ରତି ମୁହୂର୍ତ୍ତରେ ତାଙ୍କର ଜୀବନ ଅସହ୍ୟ ହୋଇ ଉଠୁଥିଲା । ପ୍ରତିଦିନ ସେ କୃତ ପାପର ପ୍ରାୟଶ୍ଚିତ୍ତ ବିଧାନ ଚିନ୍ତାରେ ମନ ନିବେଶ କରିଥାନ୍ତି । ତାଙ୍କର ଜୀବନ-ଧାରଣ ଅସହ୍ୟ ହେଲା ।

ସେ କହିଲେ—

"ଅମ୍ବାଳିକା ବୋଇଲେ ଗୋ ଶୁଣ ସତ୍ୟବତୀ
ତୋ ବଚନ ନ ଲଙ୍ଘି ମୁଁ ହୋଇଲି ଅସତୀ ।
ଦୁରନ୍ତ ପାତକେ ଆମ୍ଭେ ଅର୍ଜିଲୁ ଆତ୍ମଜ
କିନ୍ତୁ କର୍ମକୁ ଦୁଷିତ ହୁଏ କୁଳ ଲାଜ
ଅତିପାତକ ଦୋଷେ ଯେ ହେଲି ଅନାଗ୍ରହୀ
ପୁତ୍ର ଜାତ କଲି ତୁ ଗୋ ସମ୍ଭାଳ ତୋହରି
ଯତନେ ପାଳ ବାରଣ ନ କର ଗୋ ଦେବୀ
ପ୍ରୟାଗତୀର୍ଥକୁ ମା ଗୋ ମୁହିଁ ଏବେ ଯିବି ।
ଦୋଷ ନାଶ ଅର୍ଥେ ତୀର୍ଥେ ଝାସିବି ଅବଶ୍ୟ
ମୋତେ ବିଦାୟ କରିଣ ହୋଇବା ହରଷ ।
ବାରଣ ନ କର ଆଗୋ ମାତ ଧର୍ମ ଅର୍ଥେ
ପୁତ୍ର ଜନ୍ମ ହୋଇଲା ଗୋ ଯିବଇଁ ମୁଁ ତୀର୍ଥେ ।"

"ସତୀତ୍ୱ"ର ଚରମ ବିକାଶ ଅମ୍ବାଳିକାଙ୍କ ଠାରେ । ଶାଶୁଙ୍କର ଆଜ୍ଞାନୁକାରିଣୀ ଅମ୍ବାଳିକାଙ୍କର ଗୁରୁଭକ୍ତିର ପରାକାଷ୍ଠା କାହିଁ ? ପାପର ପ୍ରାୟଶ୍ଚିତ୍ତ କରିବାପାଇଁ ସେ ତ୍ରିବେଣୀ ସଙ୍ଗମରେ ଝାସ ଦେବେ । ଏତକ

ସ୍ୱାଧୀନତା ତାଙ୍କର ନାହିଁ ବୋଲି ଗୁରୁଜନଙ୍କର ଅନୁଜ୍ଞା ସେଥିପାଇଁ ମଧ୍ୟ ଲୋଡ଼ା । ମନ ତାଙ୍କର ତପୋନଷ୍ଟ ନିର୍ମଳ, ଚିତ୍ତ ଶୁଦ୍ଧ, କିନ୍ତୁ ଦେହ ପାର୍ଥିବ କାରଣ ଯୋଗେ ଯାହା କରୁଛି ସେଥିପାଇଁ ସେ ଦାୟୀ ନୁହନ୍ତି । ସେ ଗୁରୁଜନଙ୍କ ଆଜ୍ଞା ପାଳନ କରିଛନ୍ତି । ସତୀ ନାରୀର ଏହା ଧର୍ମ, କିନ୍ତୁ ଦେହ ଆତ୍ମାଠାରୁ ସ୍ୱତନ୍ତ୍ର ହେଲେହେଁ ଦେହୀର ଲାଜ, ମାନ, କୁଳ-ଭୟ ତ ଅଛି ? ମନ ଦୂଷିତ ନ ହେଲେ କଣ ହେଲା !

"କିନ୍ତୁ କର୍ମକୁ ଦୁଷିଟେ ହୁଏ କୁଳ ଲାଜ ।"

ସେ ଦେହ ବିସର୍ଜ୍ଜନ ନ କଲେ ତାଙ୍କର ତୃପ୍ତି ନାହିଁ । ସେ ଦ୍ୱାଦଶ କାମିନୀଙ୍କୁ ସଙ୍ଗରେ ନେଇ ତପସ୍ୱିନୀ ବେଶ ଧରି ସଂସାରର ରାଗ, ମୋହ ଓ ବାତ୍ସଲ୍ୟ ମମତା ଆଦିରୁ ଚିତ୍ତ ଫେରାଇ ଆଣି ପରମାର୍ଥିନୀ ହେଲେ । ଅମ୍ବାଳିକା ପ୍ରୟାଗରେ ପାଞ୍ଚ ମାସ ପରେ ପହଞ୍ଚିଲେ ।

ସ୍ନାନ ଅର୍ଚ୍ଚନିକ କରି ବିପ୍ରମାନଙ୍କୁ ଦାନାଦିରେ ତୋଷି ମାଧବଙ୍କର ଦର୍ଶନ କରି ପ୍ରାର୍ଥନା କଲେ—

"ଭୋ ମାଧବ ମୋର ଆନ ପାତକ ଯେ ନାହିଁ ।
× × ×
ପରହିଂସା, ପର ଅପବାଦ ଯେ ନ ଭଥଇ
ଏକ ପାପ କଲି ବଂଶରକ୍ଷାର ନିମନ୍ତେ
ଗୁରୁ ବଚନରେ ଜ୍ୟେଷ୍ଠ ଶ୍ୱଶୁର ସଙ୍ଗତେ ।
ସେ ଦୋଷ ଖଣ୍ଡନ ମୋର କରିବେ ମାଧବ
ସ୍ତ୍ରୀ ଜନ୍ମରୁ ଉଦ୍ଧାର ପ୍ରଭୁ ଦେବଦେବ ।"

ଦେବଦେବ ମାଧବଙ୍କୁ ଆକୁଳ ପାର୍ଥନା ଶୁଣାଇ ତାହା ପରେ ତ୍ରିବେଣୀ ସଙ୍ଗମରେ ଅଙ୍ଗ ଝାସିଦେଲେ । କବି ଅମ୍ବାଳିକାଙ୍କୁ କି ନିପୁଣ ଭାବରେ ପୂର୍ଣ୍ଣତା ଦେଇଛନ୍ତି ! ଅମ୍ବାଳିକା ସଂସାରର ସଂସାରୀ, ରାଜାର ରାଣୀ ରାଜମାତା, ରାଜକନ୍ୟା, ରାଜବଧୂ ଚକ୍ଷୁ ପଲକରେ ସର୍ବତ୍ୟାଗିନୀ ତାପସୀ ରୂପେ ପ୍ରକାଶିତ ହେବା ପାଠକକୁ ବିସ୍ମିତ କରାଏ । ମନଠାରୁ ଚିତ୍ତଠାରୁ ଦେହ ପୃଥକ୍ ହୋଇ ସୁଦ୍ଧା, ପୃଥକ୍ ନୁହେଁ । ସେହି କଥା ଉପଲବ୍ଧି

କରିଛନ୍ତି ବୋଲି ଦେହର ପାପ ଅମ୍ବାଳିକାଙ୍କ ମନରେ ଗ୍ଲାନି ଆଣି ବିଚଳିତ କରିଥିଲା । ସେଥିପାଇଁ ତ୍ରିବେଣୀରେ ସେ ପାପଦେହ ତ୍ୟାଗ କରି ସୁଧୀଜନବାଞ୍ଛିତ ପୁରକୁ ଯାତ୍ରା କଲେ ।

"ଗୁରୁ ଦୋଷର ପାତକ ସବୁ ନାଶ ଗଲା
ନିରଞ୍ଜନ ସ୍ୱରୂପେ ସେ ଆକାଶେ ବସିଲା ।"

# ତୃତୀୟ ଅଧ୍ୟାୟ

## ଗାନ୍ଧାରୀ

ଧୃତରାଷ୍ଟ୍ର ଅନ୍ଧ ନରପତି ଥିଲେ ବୋଲି ପାଣ୍ଡୁ ହସ୍ତିନାର ରାଜା ହୋଇଥିଲେ । କିନ୍ତୁ କନିଷ୍ଠ ଭ୍ରାତାର ରାଜପଣ ଜ୍ୟେଷ୍ଠ ଭ୍ରାତାଙ୍କ ମନରେ ଅନବରତ ପୀଡ଼ା ଦେଉଥିଲା । ପତ୍ନୀ ଗାନ୍ଧାରୀ ସ୍ୱାମୀଙ୍କର ବିରସ ବଦନ ସହ୍ୟ କରି ନ ପାରି କାରଣ ପଚାରିଲେ । ଧୃତରାଷ୍ଟ୍ର କହିଲେ "ମୁଁ ଜ୍ୟେଷ୍ଠ, କିନ୍ତୁ କନିଷ୍ଠ ସାବତ ଭାଇର ବଳ ବୀର୍ଯ୍ୟ ସମ୍ପଦ ମୁଁ ଦେଖି ପାରିବି ନାହିଁ । ଭଲ ଦିନ ଦେଖି ମୁଁ ପ୍ରୟାଗ ପ୍ରୟାଣ କରି ତ୍ରିବେଣୀ ସଙ୍ଗମରେ ଅଙ୍ଗ ଝାସିବି । କ୍ଷତ୍ରିୟ ହୋଇ ପରଧନରେ ବଞ୍ଚିବା, ରାଜ୍ୟର ରାଜା ହୋଇ ସଂଗ୍ରାମରେ ଡରିବା, ଦେବତା ହୋଇ ନିର୍ଦ୍ଦୟ ହେବା, ତୀର୍ଥ ହୋଇ ଲୋକଠାରେ ମାୟା କରିବା, ସୁନ୍ଦରୀ ହୋଇ ଦୁର୍ଭଗା ହେବା, ଯୋଗୀ ହୋଇ ଇନ୍ଦ୍ରିୟସଂଯମୀ ନ ହେବା, ପଣ୍ଡିତ ହୋଇ ଦରିଦ୍ର ହେବା ଏହିପରି ଜୀବନ ଅସାର୍ଥକ ବୋଲି ମହାତ୍ମାମାନେ କହିଛନ୍ତି ।"

ଗାନ୍ଧାରୀଙ୍କ ପ୍ରକୃତି ଅତ୍ୟନ୍ତ ଧର୍ମପ୍ରବଣ ଥିଲା । ମହାଭାରତର ନାରୀସୃଷ୍ଟିରେ ସେ ଦୋଷ ଗୁଣ ମିଶ୍ରଣରେ ଅନବଦ୍ୟା । ତାଙ୍କର ସ୍ୱାମୀଙ୍କ ପ୍ରତି ଅଚଳା ଭକ୍ତି ଥିଲେ ମଧ୍ୟ ଓ ସ୍ୱାମୀଙ୍କୁ ନିଜଠାରୁ ଶ୍ରେଷ୍ଠ ସ୍ଥାନ ଦେଇଥିଲେ ସୁଦ୍ଧା ଯେଉଁଠାରେ ସ୍ୱାମୀଙ୍କର ଭ୍ରମ ଭ୍ରାନ୍ତି ଉପସ୍ଥିତ ହୋଇଥିଲା, ସ୍ୱାଧୀନ ସ୍ତ୍ରୀ ସେଠାରେ ବିଚକ୍ଷଣ ମନ୍ତ୍ରୀତୁଲ୍ୟ ସତ୍ ପରାମର୍ଶ ଦେବାକୁ ନିଜର କର୍ତ୍ତବ୍ୟ ବୋଲି ମଣୁଥିଲେ । ଦାସୀତ୍ୱ ସ୍ୱୀକାର କରି ସ୍ୱାମୀଙ୍କର ସବୁ କଥାକୁ ଆଜ୍ଞାବହ ପରି ମାନି ନେବାକୁ ମହାଭାରତର ନାରୀ କିପରି କୁଣ୍ଠାବୋଧ କରିଛି ତାହାର ନମୁନା ଗାନ୍ଧାରୀଙ୍କ ମୁଖରେ କବି ସାରଳା ଦାସ କୁହାଇ ଦେଇଛନ୍ତି—

"ଯାହା ସ୍ୱାମୀ ଅରଜନ୍ତି ତାହା ହାଦେ ଭୁଞ୍ଜି
କେହି ଜନ ବସ୍ତ୍ର ନାହିଁ ଜନ୍ମି ପୁର ମଟି

ଖଣ୍ଡିଆ କୁବୁଜା କରେ ଅପାରଗ ଚେଷ୍ଟା
ବଳବନ୍ତ କାହାକୁ ବା କରେ ଦୀର୍ଘ ମୋଟା ।
ସୁନ୍ଦର ଅବା ପଣ୍ଡିତ କେବଣ ପୁରୁଷ
କ୍ଷଣକେ କରଇ ସେ ଗୋ ହରଷ ବିରସ ।
ଚେତନା ପୁରୁଷ ତାହା ନ ଚେତଇ କ୍ଷଣେ
ସକଳ ବ୍ରହ୍ମାଣ୍ଡରେ ସେହୁ ଅଛୁ ଜଣେ ।
କୁତୂହଳେ ଘେନୁଥାଅ ନାନା ରୂପ ଧରି
କ୍ଷଣେ କ୍ଷଣେ ଗୋରି କଳା ହୋଇ ଅବତରି ।
କ୍ଷଣେ ପିଙ୍ଗଳ କ୍ଷଣକେ ହୁଅଇ ସେ ଅନ୍ଧ
ନାନା ରୂପ ବର୍ଣ୍ଣକୁ ଯେ ଥାଇ ତାର ସନ୍ଧ ।
ଛାଡ଼ ମାନ ଅଭିମାନ ନ ଭାଳ ହେ ବୈଦେହି
ଦୁଃଖ, ସୁଖ ହୃଦଗତେ ସ୍ୱାମୀ ରହିଥାଏ ।

ଧର୍ମଶୀଳା ପତ୍ନୀଙ୍କ ଉପଦେଶରେ କି ଗଭୀର ପାଣ୍ଡିତ୍ୟ ଫୁଟି ଉଠିଛି । ଭାରତବର୍ଷର ଦର୍ଶନ ସାଧାରଣତଃ କର୍ମବାଦ ଉପରେ ପ୍ରତିଷ୍ଠିତ । ମନୁଷ୍ୟ ନିଜ ନିଜର କୃତ କର୍ମଫଳ ଅବଶ୍ୟ ଭୋଗ କରିବାକୁ ବାଧ୍ୟ ହୁଏ । ସର୍ବଦା ଦୈବ ବା ଅଦୃଷ୍ଟର ପୁରୁଷ ଅଧୀନ । ଏହି ଅଦୃଷ୍ଟବାଦ ହିନ୍ଦୁ ଭାରତବର୍ଷ ଉପରେ ଆଜିପର୍ଯ୍ୟନ୍ତ ଗଭୀର ପ୍ରଭାବ ପକାଇ ଚାଲିଛି । ଜ୍ୟୋତିଷ ଶାସ୍ତ୍ର ପ୍ରଭୃତି ଏହି "କପାଳ ବା ଅଦୃଷ୍ଟବାଦ"କୁ ଆହୁରି ଦୃଢ଼ ଭାବରେ ମନୁଷ୍ୟସଂସ୍କାର ମୂଳରେ ପ୍ରୋଥିତ କରି ଦେଇଛି । ମହାଭାରତ ଯୁଗରେ, ଗାନ୍ଧାରୀ ଏହି ଭାବରେ ଅଧୀନ ଥିବାରୁ ସେ ସ୍ୱାମୀଙ୍କୁ, ତାଙ୍କର କର୍ମଫଳ ଅବଚଳିତ ହୋଇ ଭୋଗ କରିବା ପାଇଁ ପ୍ରବୃତ୍ତି ନା ଦେଉଛନ୍ତି । କେବଳ ସେତିକି କହିଲେ ସ୍ୱାମୀଙ୍କର ମନ ପରିବର୍ତ୍ତିତ ହେବ ନାହିଁ ବୁଝି ସେ ଦର୍ଶନଶାସ୍ତ୍ରର ସାର କଥା କହି ତାଙ୍କର ବୁଦ୍ଧି ଉପରେ ପ୍ରଭାବ ପକାଇବାର ଚେଷ୍ଟା କରି କହିଛନ୍ତି:—

"ଚଇତନ୍ୟ ପୁରୁଷକୁ ନାଥ ଏକ କରି
ପାଣ୍ଡୁ ପର ବୋଲି ନିଜ ଶରୀର ନ ହାରି

ସଂସାରଯାକ ଏବେ ସେ କରଇ ଏକତ୍ର
ତାକୁ ଚିହ୍ନି ପାରିଲେ ହେ ପାଇବ ମୁକତ ।"

ସେ ଏହି ଗୁଟେଗୋଟି ଧାଡ଼ିରେ ବେଦ ବେଦାନ୍ତ, ଗୀତା, ଉପନିଷଦର ସାର କଥା ପ୍ରକାଶ କରିଅଛନ୍ତି । ସାଧ୍ୱୀ ଗାନ୍ଧାରୀ ପତିଙ୍କୁ କହୁଛନ୍ତି—ଚୈତନ୍ୟମୟ ପୁରୁଷ ହେଉଛନ୍ତି ଜଗତର ଏକମାତ୍ର କାରଣ, ସ୍ରଷ୍ଟା । ତାଙ୍କ ଛଡ଼ା ଆଉ ଜଣେ କର୍ତ୍ତା ନାହିଁ କି କେହି ନାହିଁ । ନିଜର ସାନ ଭାଇକୁ ନିଜଠାରୁ ସ୍ୱତନ୍ତ୍ର ମଣିବା ନିଜର ଅଜ୍ଞତାର ପରିଚାୟକ । ଯେତେବେଳେ ଏକମାତ୍ର ପୁରୁଷ ସମସ୍ତଙ୍କ ଘଟରେ ବିଦ୍ୟମାନ ହୋଇ, ବହୁ ରୂପରେ ବହୁ ଭାବରେ ସ୍ୱୀୟ ଲୀଳା ବିସ୍ତାର କରି ଜଗତରେ ନିଜକୁ ବିଭିନ୍ନ ଘଟରେ ପ୍ରକଟ କରି ରହିଛନ୍ତି, ସେତେବେଳେ ମନୁଷ୍ୟର ଆତ୍ମ ପର ଭେଦଜ୍ଞାନ କରିବା ମୂର୍ଖତା ଓ ଜଡ଼ତା । ତୁମେ କାହିଁକି ପ୍ରାଣ ହାରିବ ?

ଏ ଯୁଗରେ ଭାରତୀୟ ନାରୀ ଏହିପରି ଉପଦେଷ୍ଟା ସ୍ୱାମୀ ଓ ପରିଜନଙ୍କୁ ହୋଇଥିବେ କି ନା ସନ୍ଦେହ । କିନ୍ତୁ ଗୋଟିଏ ସ୍ୱର୍ଣ୍ଣିମୟ ଅତୀତ ଯୁଗରେ ନାରୀ ପୁରୁଷ ସମ୍ମୁଖରେ ଏହି ପରା ବିଦ୍ୟାର ସାର ତତ୍ତ୍ୱମାନ ବ୍ୟାଖ୍ୟାନ କରୁଥିଲା । ଏହା ସାରଳା ଦାସଙ୍କ ମନଗଢ଼ା କଥା ନୁହେଁ । ବ୍ୟାସ-ରଚିତ ସଂସ୍କୃତ ମହାଭାରତ ମଧ୍ୟ ଏହିପରି ଭୂରି ଭୂରି ସାକ୍ଷ୍ୟ ଦେଇଅଛି । ଗାନ୍ଧାରୀଙ୍କର ଏହି ସଦୁପଦେଶରେ କିଛି ଫଳ ହେଲା ନାହିଁ । ଧୃତରାଷ୍ଟ୍ର ଈର୍ଷା ଓ ଜିଗୀଷାର ଅଧୀନ । ସେ କହୁଛନ୍ତି—

"ପର ସମ୍ପଦ ଦେଖି ନ ପାରଇ ସଙ୍ଗାତ ।"

ଗାନ୍ଧାରୀ ରୁଦ୍ରାଣୀ ମୂର୍ତ୍ତି ଧରିଲେ । ସ୍ୱାମୀଙ୍କର ଅହିତ ଯହିଁରେ ହେବ ତାହା ଜାଣି ଶୁଣି ସ୍ତ୍ରୀ କିପରି ଉଦାସୀନ ଓ ନିଶ୍ଚିନ୍ତ ହୋଇ ରହିବ ? ସେ କହୁଛନ୍ତି—

"ଗାନ୍ଧାରୀ ବୋଇଲେ ଏ ଯେ ଅଟଇ ଅକଥା
ପାପୀ ଲୋକ ବୋଲି ତାକୁ ପାଇ ସେ ଅବସ୍ଥା ।
ବିଶ୍ୱର ନାୟକ ସିନା ଅଟେ ଜଳୁପତି
ଆକାଶେ ଥାଇ କରିବ ମଞ୍ଚେ ହିଏ ଶାସ୍ତି ।

ପଙ୍ଗୁ ବଧୀର ଖଣ୍ଡିଆ କୁବୁଜା ଏ ଯେତେ
ଯମର ବାହୃତ ସିନା ଅଟନ୍ତି ସମସ୍ତେ ।
ବୋଲନ୍ତି, ଏମାନେ ଜାଣ ଅଟନ୍ତି ଯେ ଦାଙ୍କ
ମନ୍ଦ ପ୍ରକୃତ କେବେହେଁ ନୁହଇ ସଲଖ ।
ଆପେ ନ ଦେଖି ଆପଣା ଶରୀରବାକୃତ
ପରର ସମ୍ପଦ ଦେଖି କାତର ହୁଅନ୍ତି ।
ପରନିନ୍ଦା ପରହିଂସା ଛଡ଼ ଧୃତରାଷ୍ଟ୍ର
ଅନିତ୍ୟ ସଂସାର ଏ ଯେ ଅଟେ ମାୟାଦୃଷ୍ଟ ।
ଲୋଭ ମୋହ କାମ କ୍ରୋଧ ଅହଙ୍କାର ହିଂସା
ଏହା ଦୂର କର ସ୍ୱାମୀ ନ ବଢ଼ା ମନୀଷା ।
ଅନେକ ବାରେ ଉଆର କହିଲେ ଗାନ୍ଧାରୀ
ଶାନ୍ତ ଆତ୍ମା ନୋହିଲେ ଅନ୍ଧ ଦଣ୍ଡଧାରୀ ।”

ଗାନ୍ଧାରୀ ସ୍ୱାମୀଙ୍କୁ ଭର୍ତ୍ସନା କରି ନାହାନ୍ତି । ଯାହା ସତ୍ୟ, ସେହି ଅପ୍ରିୟ ସତ୍ୟକଥାମାନ ନିରପେକ୍ଷ ଭାବରେ ଶୁଣାଇଛନ୍ତି । ଏହିଠାରେ ଗାନ୍ଧାରୀଙ୍କର ଆନ୍ତର ଗୋଟିଏ ଅନନ୍ୟସାଧାରଣ ମହଦ୍‌ଗୁଣ ପ୍ରକଟିତ ହୋଇଛି । ଧୃତରାଷ୍ଟ୍ର ଅନ୍ଧ, ଜ୍ୟେଷ୍ଠ, ସେ ରାଜା ହେବାକୁ ଅଭାଜନ ହେଉନ୍ତୁ ପଛକେ, ସେ ଯେ ବଂଶରୀତି ଅନୁସାରେ ରାଜସିଂହାସନର ଅଧିକାରୀ, ଏଥିରେ ଦ୍ୱିମତ ନାହିଁ । କୁରୁକୁଳବୃଦ୍ଧ ଋଷିମାନଙ୍କର ଓ ଧୃତରାଷ୍ଟ୍ରଙ୍କ ଆଜ୍ଞାରେ ପାଣ୍ଡୁ ରାଜା ହୋଇଥିଲେ ସତ୍ୟ, କିନ୍ତୁ ନ୍ୟାୟତଃ ଧୃତରାଷ୍ଟ୍ରହିଁ ରାଜା । କେଉଁ ସ୍ତ୍ରୀ ସ୍ୱାମୀର ରାଜପଣ ନ ଚାହେଁ ? କେଉଁ ସ୍ତ୍ରୀ ରାଜ୍ୟର ଅଧୀଶ୍ୱରୀ ହେବାକୁ ଆକାଂକ୍ଷିତ ନ ହୁଏ ? ସାମାଜିକ କୌଳିକ ତଥା ସମ୍ପଦର ଆଭିଜାତ୍ୟ ସାଧାରଣ ନାରୀର ଏକାନ୍ତ ବାଞ୍ଛିତ ପଦାର୍ଥ ନୁହେ କି ? ଗାନ୍ଧାରୀ ଯେତେବେଳେ ଜାଣୁଛନ୍ତି, ସେ ରାଣୀ ଓ ଧୃତରାଷ୍ଟ୍ର ରାଷ୍ଟ୍ରର ରାଜା, ତଥାପି ରାଜ୍ୟର ମଙ୍ଗଳଦୃଷ୍ଟିରେ ଓ ପ୍ରଜାମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ଦୃଷ୍ଟିରେ ଅନ୍ଧସ୍ୱାମୀ ରାଜା ହେଲେ ରାଜ୍ୟରେ ଶୃଙ୍ଖଳା ରହିବ ନାହିଁ ବୋଲି ସେ ଅନୁଭବ କରୁଛନ୍ତି । ପୁଣି ନିଜର

ଦେବର ରାଜା ହେବାରେ ତାଙ୍କର କୌଣସି ପ୍ରକାର ବିକ୍ଷୋଭ ପ୍ରକାଶ ପାଉ ନାହିଁ । ସ୍ୱାମୀଙ୍କର ଦୁର୍ବଶା ଓ ଈର୍ଷା ତାଙ୍କୁ ବ୍ୟଥିତ କରୁଛି । ସେ ବୁଝାଉଛନ୍ତି, ଖୁଣ୍ଡ ହେଉଛନ୍ତି, ବିରକ୍ତ ହେଉଛନ୍ତି । କିନ୍ତୁ ସ୍ୱାମୀ ବଧୀର । ଗାନ୍ଧାରୀଙ୍କଠାରେ ଗୋଟିଏ ଦେବାବନାନ୍ଦିତ ଅସାଧାରଣ ନାରୀତ୍ୱ ଫୁଟିଛି । କବି ଗାନ୍ଧାରୀଙ୍କୁ ଏହିଠାରେ "ଅତି ମାନବୀ" ରୂପରେ ଆରୋପ କରିଛନ୍ତି । ସେଠାକୁ ସାଧାରଣ ନାରୀ ପୁରୁଷଙ୍କର କଳ୍ପନା ଯାଇ ନ ପାରିବ ନାହିଁ । କିନ୍ତୁ ଏଥିପାଇଁ ଏ କଥା ଭାବିବା ଭୁଲ ଯେ, ଗାନ୍ଧାରୀ କବିଙ୍କର କାଳ୍ପନିକ ନାରୀସୃଷ୍ଟି । ଭାରତର ନାରୀଜାତି ଅତୀତ କାଳରେ ଯେପରି ସଦ୍‌ଗୁଣ, ଆତ୍ମସଂଯମ, ତିତିକ୍ଷା ଓ ଧୈର୍ଯ୍ୟର ପରିଚୟ ଦେଇ ଯାଇ ଅଛନ୍ତି, ତାହାର ପ୍ରଭାବ ସମସ୍ତ ସମାଜକୁ ନିୟନ୍ତ୍ରିତ କରିଅଛି । ଏ କଥା ନ ମାନିବାକୁ ଗତି ନାହିଁ ।

ପାଣ୍ଡୁ ନେପଥ୍ୟରୁ ଜ୍ୟେଷ୍ଠଭ୍ରାତାଙ୍କ କଥା ଶୁଣି ତାଙ୍କର ଅନ୍ତରର କଥା ବୁଝି କହିଲେ—

"ଆଜ ସକଳ ଛାଡ଼ିଲି ମୋର ମନସ୍କାମ
ତୋତେ ସମର୍ପିଲି ଦଣ୍ଡ ଛତ୍ର ରାଜ୍ୟଧର୍ମ
ଏ ପଞ୍ଚ କଣ୍ଟକରେ ସ୍ୱାମୀ ତୁହି ଅଧିକାରୀ
ସଂସାର ପାଳିଣ ଭୋଗ କର ବସୁନ୍ଧରୀ ।"

ମନ୍ତ୍ରୀ ସଞ୍ଜୟ କହିଲେ—

'ଅନ୍ଧ ନୃପତି କପରି ହୋଇ ପାରିବ ?"

× × ×

କୁନ୍ତୀ ଓ ମାଦ୍ରୀ ଦୈବବଳରୁ ପାଞ୍ଚପୁତ୍ର ଲାଭ କରିବାରୁ ଏବଂ ଏହି ପୁତ୍ରମାନେ ସୁଯୋଗ୍ୟ ହେବାରୁ ଗାନ୍ଧାରୀ ମନରେ ଈର୍ଷାଭାବ ଜାଗ୍ରତ ହେଲା । ମାଦ୍ରୀ ଅଶ୍ୱିନୀକୁମାରଙ୍କୁ ସ୍ମରଣ କଲେ । ଦେବତାଙ୍କ ରାଜ୍ୟରେ ଅଶ୍ୱିନୀକୁମାରଙ୍କର ରୂପରେ ପ୍ରସିଦ୍ଧି ଥିଲା । ତାହାଙ୍କଠାରୁ ନକୁଳ ନାମକ ଅତ୍ୟନ୍ତ ସୁକୁମାର ଏବଂ ସୁଶୋଭନ ତେଜସ୍ୱୀ ପୁତ୍ର ଉପୁଜିଥିଲା ।

× × × ×

ଗାନ୍ଧାରୀ ଅତି ଉଚ୍ଚ ସ୍ତରର ନାରୀ । ଶତ କୁମାରଙ୍କର ଜନନୀ ହୋଇ ସୁଦ୍ଧା ମୁହୂର୍ତ୍ତିକ ପାଇଁ ତାଙ୍କ ମନରେ ଶାନ୍ତି ନ ଥିଲା । ସେ ଜାଣୁଥିଲେ, ତାଙ୍କର କୁମାରମାନେ ଦୁଷ୍ଟ, ଦୁର୍ମତିପରାୟଣ ଏବଂ ସେଥିପାଇଁ କାଳ-କ୍ରମେ କୁଳଧ୍ୱଂସର କାରଣ ହେବେ ।

ଦିନେ ଗାନ୍ଧାରୀ ଯମୁନାତୀରରେ ଅଙ୍ଗମାର୍ଜନା କରୁଥିବା ସମୟରେ ଦୁର୍ବାସା ଋଷି ଯାଇଁ ଉପନୀତ ହେଲେ । ଗାନ୍ଧାରୀ ତାଙ୍କୁ ପ୍ରଣାମ କଲେ । ଦୁର୍ବାସା ତାଙ୍କୁ "ସୁଲକ୍ଷଣା ହୁଅ" ବୋଲି କଲ୍ୟାଣ କରିବାରୁ କୁରୁରାଣୀ କହିଲେ, "ଆପଣ ବ୍ରହ୍ମବେତ୍ତା, ଆପଣଙ୍କୁ କୁନ୍ତୀ ଦେବୀ ଯେପରି ପରିତୋଷ କରି ବର ପାଇଛନ୍ତି ମୁଁ ସେହିପରି ଚାହୁଁଛି ।" ଗାନ୍ଧାରୀ କହିଲେ— "ବଶିଷ୍ଠ କହିଛନ୍ତି, ମୋର ପୁତ୍ରଗୁଡ଼ିକ ମୂର୍ଖ, ପାପାଚାରୀ, ହେବେ । ମୁଁ ଏପରି ପୁତ୍ର ଗୋଟିଏ ଚାହେଁ ଯେ କି ମୋର କୁଳକୁ କାରଣ ହେବ । ଆଉ ଗୋଟିଏ ଦୁହିତା ମଧ୍ୟ ଅନୁଗ୍ରହ କରିବେ । ଗାନ୍ଧାରୀଙ୍କ ଅଳରେ ଦୁର୍ବାସା କୃପୌଷଧି ଦେଲେ । କିନ୍ତୁ ଗାନ୍ଧାରୀଙ୍କର ପୁତ୍ରୋତ୍ପତ୍ତି ଏକ ରହସ୍ୟଜନକ କଥା—

"ଧୃତରାଷ୍ଟ୍ର ପୁଚ୍ଛା କଲେ ଶୁଣ ଗୋ ଗାନ୍ଧାରୀ
ଶରୀର ଅଳସ ହେଲା ଗର୍ଭ ହେଲା ଭାରି ।
ଗାନ୍ଧାରୀ ବୋଲେ ଦୁର୍ବାସା ଦୟା କଲେ ମୋତେ
ଗର୍ଭେ ପୁତ୍ରେକ ରହିଲା ଋଷିଙ୍କର ମନ୍ତ୍ରେ ।

ଗାନ୍ଧାରୀ ଜନ୍ମତଃ ବନ୍ଧ୍ୟା ନାରୀ । ବହୁ ଯାଗ ଯଜ୍ଞାଦି କରି ଓ ବ୍ୟାସାଦି ଋଷିମାନଙ୍କର ଆଶୀର୍ବାଦରେ ଯଜ୍ଞଚରୁ ଖାଇ ତାଙ୍କର ଶତ ପୁତ୍ର ଜାତ ହୋଇଥିଲା । ପରେ ମଧ୍ୟ ସେହିପରି ସନ୍ତାନଜନ୍ମର ବିବୃତ୍ତି କବି ପ୍ରକାଶ କରିଛନ୍ତି ।

କୁନ୍ତୀ ଦେବକୁମାରମାନଙ୍କର ଜନନୀ ବୋଲି ଗାନ୍ଧାରୀ ମନେ ମନେ ଈର୍ଷାନ୍ୱିତା ହୋଇ ପଡ଼ିବା ସ୍ୱାଭାବିକ । କିନ୍ତୁ କବି ତାଙ୍କ ପଦରେ ଗାନ୍ଧାରୀ ଠାରେ ଯେଉଁ ନାରୀତ୍ୱ ଫୁଟାଇଛନ୍ତି, ତାହା ଦରଦୀ ଚିତ୍ତରେ କରୁଣାର

ପ୍ଲାବନ ଆଣେ । ଗାନ୍ଧାରୀ ଈର୍ଷାକ୍ରୁ ନୁହନ୍ତି—ଦୁଃଖିନୀ ନାରୀ । କୁନ୍ତୀ ସୁପୁତ୍ରଙ୍କର ଜନନୀ ହୋଇଛନ୍ତି, ଏଥିପାଇଁ ଗାନ୍ଧାରୀଙ୍କ ମନରେ ଲଜ୍ଜାର ବେଦନା । ଦୁର୍ବାସାଙ୍କୁ ସେ ସେଥିପାଇଁ ମିନତି କରି କହିଲେ—

"ଗାନ୍ଧାରୀ ବୋଇଲେ ମୁନି ତୁମ୍ଭ ମନ୍ତ୍ରବଳେ
ଶତପୁତ୍ର ପାଇଲି ମୁଁ କର୍ମ୍ମର ସଫଳେ,
ପୁତ୍ରନ୍ତ କୋଳେ ଧରଣ ବୋଇଲେ ବଶିଷ୍ଠ
ଅସନ୍ତାନ ପୁଣେ ତୋର ହେବେ ମହାଦୁଷ୍ଟ ।
ନନ୍ଦଗୃର ବାଞ୍ଛା କଲୁ ଧୃତରାଷ୍ଟ୍ର ରାଣୀ
ରାଜ୍ୟକୁ ତୋହର କେହି ନୋହିବେ କାରେଣୀ ।"

ଗାନ୍ଧାରୀଙ୍କର ପାତିବ୍ରତ୍ୟ ମଧ୍ୟ ଅତି ଶ୍ଳାଘାର ବିଷୟ । କବି କହୁଛନ୍ତି:—

"ସ୍ୱାମୀ ଜେନି ଚକ୍ଷୁ ଅନ୍ଧ ଜାଣିଣ ଗାନ୍ଧାରୀ
ଆପେ ଆପେ ମନେ ମନେ ଅନେକ ବିଚାରି ।
କର୍ମର ବିପାକେ ସ୍ୱାମୀ ହୋଇଲେ ପାତକୀ
ତେଣୁ କରି ପୁତ୍ରଙ୍କର ସମ୍ପଦ ନ ଦେଖି ।
ସ୍ୱାମୀର ନଷ୍ଟ ହୋଇଲା ଯେବେ ଦେନି ଆଖି
ମୁହିଁ ପାମରୀ କରିବି କିସ ତାହା ଦେଖି ।
କପାଳୀ ତୀର୍ଥେ ଗାନ୍ଧାରୀ ଦେବୀବ୍ରତ କଲା
ସ୍ୱାମୀର ଅନ୍ଧ ନେତ୍ର ନ ଦେଖିବି ବୋଇଲା ।
ଅନ୍ଧପଟଳ ବାନ୍ଧିଲା ଆପଣା ନେତ୍ରରେ
ବାଟ ନ ଦିଶି ରହିଲା ସରସ୍ୱତୀ ତୀରେ ।"

କି କଚନାତୀତ ଅନୁଭୂତି । ସ୍ୱାମୀ ଯେବେ ନ ଦେଖିବେ, ପୁତ୍ରଙ୍କର ସମ୍ପଦ ନ ଦେଖିବେ, ପୁତ୍ରମାନଙ୍କୁ ନ ଦେଖିବେ, ପତ୍ନୀ ହୋଇ ଗାନ୍ଧାରୀ କିପରି ଚକ୍ଷୁରିନ୍ଦ୍ରିୟର ତୃପ୍ତି ସାଧନ କରିବେ ? ଏଠାରେ ନାରୀର ପତି ପ୍ରତି ଚରମ ଶ୍ରଦ୍ଧା ଓ ସମ୍ମାନ ଫୁଟି ଉଠିଛି । ସ୍ତ୍ରୀ

ସ୍ୱାମୀର ସହଧର୍ମିଣୀ । ଗାନ୍ଧାରୀ ଧୃତରାଷ୍ଟ୍ରଙ୍କର ସହଧର୍ମିଣୀ ହେଲେ । ଏହାଠାରୁ ବଡ଼ ଆଦର୍ଶ ପତ୍ନୀଜୀବନରେ କଣ ଦେଖାଯାଇ ପାରେ ?

କୁନ୍ତୀ ଏ କଥା ଶୁଣି ବିଚଳିତ ହୋଇ ସ୍ୱାମୀଙ୍କୁ କହିଲେ, "ଗାନ୍ଧାରୀଙ୍କ ପଟଳକୁ ଆମ୍ଭେମାନେ କହି ବୋଲି ଫିଟାଇବା । ଚାଲ ଆମ୍ଭେମାନେ ଏଠୁ ହସ୍ତିନାକୁ ଯିବା ।" ପାଣ୍ଡୁ ଭ୍ରାତୃଜାୟାଙ୍କୁ ଅତ୍ୟନ୍ତ ସ୍ନେହ ଓ ଭକ୍ତି କରୁଥିଲେ । ନମନୀୟତା ତାଙ୍କ ପ୍ରକୃତିର ଭୂଷଣ ଥିଲା । ସେ କହିଲେ, "ମୁଁ ଭ୍ରାତୃଜାୟାଙ୍କର ଏ କଷ୍ଟ ଦେଖି ପାରିବି ନାହିଁ । ତୁମ୍ଭର ଯିବା ଉଚିତ । କୁମାରମାନଙ୍କୁ ସଙ୍ଗରେ ନେଇଯାଅ, ସେ କୁମାରଙ୍କୁ ଦେଖିବା ନିମନ୍ତେ ଅକ୍ଷିପଟଳ ଖୋଲି ପାରନ୍ତି," କୁନ୍ତୀ ହସ୍ତିନା ପୁରକୁ ଯିବାକୁ ସଜ ହେଲେ । ମାଦ୍ରୀ ଅତି ରୂପବତୀ ନାରୀ ବୋଲି ସ୍ୱାମୀଙ୍କର ଜୀବନସଂଶୟ ଚିନ୍ତା ସବୁବେଳେ କୁନ୍ତୀଙ୍କ ଚିତ୍ତରେ ନିର-ବଚ୍ଛିନ୍ନ ଥିଲା । ସେ ଗଲାବେଳେ ତାଙ୍କର ଶଙ୍କା ପ୍ରକାଶ କରି କହୁଛନ୍ତି—

"କୁନ୍ତୀ ମାଦ୍ରୀଙ୍କି ବୋଇଲେ ଜାଣ ଏକାନ୍ତେ
ସ୍ୱାମୀସେବା କରୁଥାଅ ଆସିବା ପର୍ଯ୍ୟନ୍ତେ ।
ଏ ତୋହର ରୂପ ଗୁଣ ସୁନ୍ଦରକୁ ଦେଖି
ନ ସ୍ପର୍ଶ ସ୍ୱାମୀ ଅସନ୍ତୁ ତୋହର କଟକ ।"

ମାଦ୍ରୀ ଅପରିଣାମଦର୍ଶିନୀ ଯୁବତୀ । ସେ କୁନ୍ତୀଙ୍କର ଆଶଙ୍କାକୁ ନିତାନ୍ତ ଲଘୁ ଭାବରେ ନେଲେ—

"ହସିଣ ବୋଇଲେ ମାଦ୍ରୀ ଦେବୀ ତାହା ଶୁଣି
ଏ କଥା କୋଠାକୁ ମୁହିଁ ଜାଣ ସିନା ଜାଣି ।"

କିନ୍ତୁ ଏକଥା ଶୁଣି କୁନ୍ତୀଙ୍କ ମନ ତୁଷ୍ଟ ହେଲା ନାହିଁ । ରାଜାଙ୍କୁ ସମ୍ଭାଳ ରଖିବାକୁ ପରାମର୍ଶ ଦେଇ ଶିବପାଦ ବୋଲି ଏକ ଶବର ହାତରେ ଏକ ଭାର ଦ୍ରାକ୍ଷାଫଳ ଦେଇ ପୁତ୍ରମାନଙ୍କୁ ଅଳଙ୍କାରରେ ମଣ୍ଡି ଗୋବିନ୍ଦ ଓ ଇନ୍ଦ୍ର ନାମରେ ଦୁଇଟି ମେଷରେ ଅର୍ଜ୍ଜୁନ ଓ ନକୁଳଙ୍କୁ ବସାଇଲେ ଏବଂ ବନରୁ ଶ୍ୱେତ ତୁରଙ୍ଗମ ଦୁଇଟି ଅଣାଇ ଯୁଧିଷ୍ଠିର ଭୀମସେନଙ୍କୁ ବସାଇ ହସ୍ତିନା ଅଭିମୁଖରେ ଗମନ କଲେ ।

କୁନ୍ତୀ ଧୃତରାଷ୍ଟ୍ର ପୁରରେ ବଜେ ହେଲେ । ଧୃତରାଷ୍ଟ୍ର ପ୍ରଭୃତି ଅମାତ୍ୟ ସ୍ୱଜନମାନେ କୁନ୍ତୀପୁତ୍ରଙ୍କୁ ସ୍ନେହସମ୍ଭାଷଣ କଲେ । କୁନ୍ତୀ ଜ୍ୟେଷ୍ଠ ଭଗିନୀ ବଡ଼ ଜାଆ ଗାନ୍ଧାରୀଙ୍କୁ ପ୍ରଣିପାତ କଲେ । ପୁତ୍ରମାନେ ମଧ୍ୟ ଜ୍ୟେଷ୍ଠ ମାତାଙ୍କୁ ପ୍ରଣାମ କଲେ । କୁନ୍ତୀଙ୍କର ଉଦ୍ଦେଶ୍ୟ ଥିଲା ଜାଆଙ୍କର ଅନ୍ଧପଠଲ ଖୋଲିବା । ସେ କହିଲେ—

"କୁନ୍ତୀ ବୋଲଇ ଏକଥା ତୋତେ କି ଯୋଗାଇ
ଚକ୍ଷୁରେ ଅନ୍ଧପଠଲ ବାନ୍ଧିଲୁ କିମ୍ପାଇଁ ?"

ଗାନ୍ଧାରୀ କହିଲେ—

"ଗାନ୍ଧାରୀ ବୋଇଲେ ମୋର ସ୍ୱାମୀର ଯେ ଯୋଗ
ମୁଁ ତାର ଭରିଯା ସିନା କରିବି ତା ଭୋଗ ।
ସ୍ୱାମୀ ଦୃଷ୍ଟିକଷ୍ଟୀ ମୁହିଁ ତାଙ୍କ ସଙ୍ଗେ କଷ୍ଟି ।
ତାଙ୍କ ଦୃଷ୍ଟି ନାହିଁ କିମ୍ପା ଥିବ ମୋର ଦୃଷ୍ଟି ।

ସ୍ୱାମୀଙ୍କ ପ୍ରତି ନିର୍ବିଡ଼ ସହାନୁଭୂତି ଗାନ୍ଧାରୀଙ୍କ ଜୀବନକୁ କୃଚ୍ଛ୍ର ସାଧନାରେ ପୁଣ୍ୟମୟ କରିଦେଇଛି । ସାରଳା ଦାସଙ୍କ ଲେଖନୀରେ ତାହା ସୁନ୍ଦରଭାବରେ ଚର୍ଚ୍ଚିତ ହୋଇଛି ।

କୁନ୍ତୀ କହୁଛନ୍ତି—

"କୁନ୍ତୀ ବୋଇଲେ ଏପରି ନୁହଇ ଉଚିତ
ପୁଅମାନଙ୍କ ସମ୍ପଦ ଦେଖିବ କେମନ୍ତ ।
ଅନେକ ଦୁଃଖେ ଅର୍ଜ୍ଜିଲୁ ଏ ଶତ ପୁଅଙ୍କୁ
ଦୁଃଖେ ପ୍ରତିପାଳନ ଗୋ କରିଲୁ ଏହାଙ୍କୁ ।"

ଗାନ୍ଧାରୀ କହିଲେ—

"ଗାନ୍ଧାରୀ କହିଲେ ମୋର ସବୁ ପୁତ୍ର ଦୁଷ୍ଟ
ଯାହା ଅର୍ଜିଛନ୍ତି ସ୍ୱାମୀ ଆପଣା ଅଦୃଷ୍ଟ ।
କୁନ୍ତୀଦେବୀ ତୁ ଗୋ ନ ବୋଲ ମୋତେ ଆନ
ମୋହର ପୁତ୍ରଙ୍କୁ ତୁହି ନ କର ଅଭିନ୍ନ ।"

ଗାନ୍ଧାରୀ କାହାରି କଥା ନ ଶୁଣି ଅନ୍ଧପଟଳ ପିନ୍ଧିଲେ । ମନସ୍ୱିନୀ ସ୍ତ୍ରୀର କି ଭୀଷଣ ପ୍ରତିଜ୍ଞା ! କି ସ୍ୱେଚ୍ଛାକୃତ ତ୍ୟାଗ !!

ପାଣ୍ଡୁଙ୍କ ମୃତ୍ୟୁ ପରେ କୁନ୍ତୀ ଏକାବେଳେକେ ଶୋକରେ ଅଭିଭୂତ ହୋଇ ଆପଣାକୁ ନିତାନ୍ତ ଅସହାୟ ମନେ କରିବାରୁ ଗାନ୍ଧାରୀ ତାଙ୍କୁ ବହୁତ ସାନ୍ତ୍ୱନା ଦେଲେ ଏବଂ ହସ୍ତିନାପୁରରେ ତାଙ୍କ ସଙ୍ଗରେ ରହିବା ପାଇଁ କହିଲେ । ଏହା ଶୁଣି କୁନ୍ତୀ କହିଲେ—

"କୁନ୍ତୀ ବୋଇଲେ ଗୋ ତୁମ୍ଭେ ନୁହଁ ଦୟାବନ୍ତୀ
ସମ୍ଭାଳି ନ ପାରିବ ମୋ ପୁତ୍ରେ ଦୁଷ୍ଟମତି ।
ଏବେ କପାଇଁ ମୋଠାରେ ଲଗାଇଛ ମାୟା
କାଲେ ସମ୍ଭାଳି ନ ପାରି ଛାଡ଼ିବ ସୁଦୟା ।
ସେ ଶତ୍ରୁ ପୁତ୍ରେ ଗୋ ଅଛନ୍ତି ତୋର ତହିଁ
ଏ ସାନ ପୁତ୍ରକୁ ଘେନିଥିବ ଏଥି ରହି ।"

କୁନ୍ତୀ ଗାନ୍ଧାରୀଙ୍କ ହୃଦ୍‌ଗତ ଭାବ ଜାଣି ଏପରି କହିଛନ୍ତି । ଗାନ୍ଧାରୀ ବୁଝିଲେ ବିଧବା ହେବାରୁ କୁନ୍ତୀଙ୍କର ମନରେ ଠିକଣା ନାହିଁ । ସେ ତାଙ୍କୁ ମଧ ଭବିଷ୍ୟତରେ ଶତ୍ରୁ ବୋଲି ଆଶଙ୍କା କରୁଛନ୍ତି । ବୈଧବ୍ୟ ଦୁଃଖରେ ମସ୍ତିଷ୍କ ବିକୃତ ହୋଇ ଯାଇଛି; କିନ୍ତୁ ଗାନ୍ଧାରୀ ବୟୋଜ୍ୟେଷ୍ଠା—ରାଜରାଣୀ । ସାନ ଜାଆଙ୍କର ଉତ୍ତେଜନାରେ ସେ ବିଚଳିତ ହେଲେ ଏ କ୍ଷେତ୍ରରେ ସୁନ୍ଦର ଦିଶିବ ନାହିଁ । ତାଙ୍କୁ ସବୁ ସମ୍ଭାଳିବାକୁ ହେବ । ଗାନ୍ଧାରୀ ଦୁଃଖରେ କହୁଛନ୍ତି—

କୁନ୍ତୀଙ୍କର ଅଗ୍ରତରେ ବୋଲନ୍ତି ଗାନ୍ଧାରୀ
ରାଜ୍ୟ ଛାଡ଼ି କମ୍ପା ଏଥେଁ ଥିବ ଦୁଃଖ କରି ।
ଏହୁ ସଂସାରର ଦୁଃଖ ନ ଦେଖିବ ବୋଲି
ଆପଣା ଚକ୍ଷୁରେ ଅନ୍ଧପଟଳ ବାନ୍ଧିଲି ।
ଅନ୍ଧ ଅନ୍ଧୁଣୀ ଆମ୍ଭେ ଯେ ହୋଇଲୁ ନିଷ୍ଫଳ
ସବୁ ପୁଅଙ୍କୁ ମାତା ତୁ ଯତ୍ନେ ପ୍ରତିପାଳ,

ଯେତେ କାଳ ବଞ୍ଚିଥିବୁ ଆମ୍ଭେ ବେନି ପ୍ରାଣୀ
ତୁମେ ପଞ୍ଚରାଜ୍ୟରେ ହୋଇବ କାରେଣୀ ।
ଏକ ମାତ୍ର ପାଣ୍ଡୁଙ୍କୁ ଯେ ଦେଇ ନ ପାରବ
ତୋହର ଆଜ୍ଞା ପାଳଣ ଥିବ ଛୋଟେ ସେବ ।
ଉଠି ଗାନ୍ଧାରୀ କୁନ୍ତୀଙ୍କି ଧରି କୋଳ କଲେ
ତୋ ଆପଦ ଘେନେ ବୋଲି ଶିର ଆଉଁଷିଲେ ।
କୋଳ କରି କୁନ୍ତୀଙ୍କୁ ବସାଇଲେ କୋଳେ
ତଦନ୍ତେ ସହଦେବଙ୍କୁ କୋଳରେ ଧରିଲେ ।

ଗାନ୍ଧାରୀ ଦେବୀ ମୃତପତିର ଶୋକ ପାସୋରିବା ପାଇଁ ଯେଉଁ ଉପାୟରେ କୁନ୍ତୀଙ୍କୁ ସାନ୍ତ୍ୱନା ଦେଇଛନ୍ତି, ତାହା ସାଧାରଣ ମାନବୀ ପକ୍ଷରେ ସମ୍ଭବପର ନୁହେ । ପାଣ୍ଡୁ ବଡ଼ ଭାଇଙ୍କ ପାଇଁ ରାଜ୍ୟତ୍ୟାଗ କରିଥିଲେ । ଗାନ୍ଧାରୀ ଦେବରପତ୍ନୀଙ୍କୁ ସୁଖୀ କରିବାକୁ ତାଙ୍କର ପୁତ୍ର-ମାନଙ୍କୁ ରାଜ୍ୟଭାର ଦେଇ କୁନ୍ତୀଙ୍କୁ ରାଜମାତା ହୋଇ ରାଜ୍ୟ ପାଳନ କରିବାକୁ ଅନୁରୋଧ କରୁଛନ୍ତି । ନିଜ ପୁଅମାନଙ୍କୁ ମଧ୍ୟ କୁନ୍ତୀଙ୍କ ନିକଟରେ ଅବାଧରେ ସମର୍ପଣ କରି ଦେଉଛନ୍ତି । କେବଳ ସେତିକି ନୁହେଁ, ସେ କହୁଛନ୍ତି କେବଳ ପାଣ୍ଡୁଙ୍କ ଛଡ଼ା ଆଉ ମୋର ତତେ ଅଦେୟ କିଛି ନାହିଁ । "ତୋର ଆପଦ ବିପଦକୁ ମୁଁ ନିଜର ବୋଲି ବରଣ କରି ନେଉଛି ।" ଏହାଠାରୁ ବଳି ଶୋକସାନ୍ତ୍ୱନାର ଉପାୟ ଆଉ କଣ ହୋଇ ପାରେ ?

ଗାନ୍ଧାରୀଙ୍କୁ ବ୍ୟାସ କହୁଛନ୍ତି —"ଶୁଣସି ଗାନ୍ଧାରୀ
ଯେମନ୍ତେ କୁନ୍ତୀର ପୁତ୍ରେ ପଣ୍ଡୁଙ୍କୁ ନ ସ୍ମର ।
ଯତନ କରି ଏହାଙ୍କୁ ଥାଅ ପ୍ରତିପାଳି
ତୁ ମହାସତୀ କୁଳୀନ ଗୋ ଅଟୁ ରାଜବାଳୀ ।
× × × × × ×
ଶତପୁତ୍ରଙ୍କ ଛାଡ଼ିଲ ସେ ତୋର ପ୍ରତି ଆଶୁଁ ।"

ଅତୀତ କାଳର ଏ ସୁନ୍ଦର ପାରିବାରିକ ଚିତ୍ର ଏହି ଭାବରେ ଯେପରି ମହତ୍ତ୍ୱପୂର୍ଣ୍ଣ ହୋଇ ରହିଛି, ଚିତ୍ରରେ ସେହିପରି ଚମତ୍କାରିତ୍ୱ ବିଦ୍ୟମାନ ରହିଅଛି ।

ପତିପରାୟଣା ସତୀ ସାଧ୍ୱୀ ଗାନ୍ଧାରୀଙ୍କର ଅନ୍ତରାଳ ଚରିତ୍ରରେ ସାରଳା ଦାସ ଯେ ସାଧାରଣ ମାତୃହୃଦୟର ସ୍ୱାଭାବିକ ଦୁର୍ବଳତାର ଚିତ୍ର ଦେଇଛନ୍ତି, ତାହା ପ୍ରଣିଧାନ କରିବା କଥା । ଶତ ପୁତ୍ର ନିଧନରେ ଶୋକାକୁଳା ଗାନ୍ଧାରୀଙ୍କର ବୁଦ୍ଧିଭ୍ରଂଶ ଘଟିଥିଲା । ହିତାହିତ ବିଚାର-ଶକ୍ତି ମଧ୍ୟ ଲୋପ ପାଇଥିଲା । ନିଜ ପୁତ୍ରମାନଙ୍କର ଦୋଷ ଥିଲେ ମଧ୍ୟ ଏବଂ ସେମାନେ ନିଜେ ନିଜ ନିଧନର କାରଣ ହୋଇଥିଲେ ମଧ୍ୟ ଗାନ୍ଧାରୀ ପୁତ୍ର-ଶୋକରେ ସାଧାରଣ ସ୍ତରର ନାରୀଙ୍କ ଭଳି ତାହା ଭୁଲିଯାଇ ପାଣ୍ଡବ ଓ ଶ୍ରୀକୃଷ୍ଣଙ୍କୁ ଶତ୍ରୁରୂପରେ ଦେଖୁଥିଲେ । ମହାଭାରତ ଯୁଦ୍ଧ କ୍ଷେତ୍ରରେ ଯେତେବେଳେ ପାଣ୍ଡବଗଣଙ୍କ ସହିତ ଶ୍ରୀକୃଷ୍ଣ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ସାକ୍ଷାତ କଲେ, ସେତେବେଳେ ଗାନ୍ଧାରୀ ହୃଦୟରେ କପଟ ରଖି ବାହ୍ୟରେ ସ୍ନେହପ୍ରକାଶପୂର୍ବକ ଅକ୍ଷିପଟଳ ଖୋଲି ପାଣ୍ଡବମାନଙ୍କୁ ଦେଖିବା ଇଚ୍ଛା ପ୍ରକାଶ କରିଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଯୁଧିଷ୍ଠିରଙ୍କୁ ଦେଖି ନେତ୍ରାନଳରେ ଦଗ୍ଧ କରିବା । ଶ୍ରୀକୃଷ୍ଣ ଏକଥା ଜାଣି ଗାନ୍ଧାରୀଙ୍କର ଏକମାତ୍ର ଜୀବିତ ପୁତ୍ର ଦୁର୍ଦ୍ଧର୍ଷଙ୍କୁ ଗାନ୍ଧାରୀଙ୍କ ଅକ୍ଷିପଟଳ ଫିଟାଇବାକୁ କହିଲେ । ଗାନ୍ଧାରୀ ସ୍ୱାମୀ ଅନ୍ଧ ଥିବାରୁ ନିଜର ପୁତ୍ରମୁଖ ଦେଖି ନ ଥିଲେ । ସେଥିପାଇଁ ଦୁର୍ଦ୍ଧର୍ଷଙ୍କୁ ପାଣ୍ଡୁପୁତ୍ର ମଣି ପ୍ରତିହିଂସା ଅଗ୍ନିରେ ଦହନ କରି ଦେଲେ । ପୁଣି ନିଜ ପୁତ୍ରଗଣଙ୍କ ଦୋଷ ପ୍ରତି ଲକ୍ଷ୍ୟ ନ ରଖି ଶ୍ରୀକୃଷ୍ଣଙ୍କୁ ସ୍ୱବଂଶକ୍ଷୟର କାରଣ ମନେ କରି ଅଭିଶାପ ଦେଇଥିଲେ ।

"ତାହା ଶୁଣି ବିକଳରେ ବୋଇଲା ଗାନ୍ଧାରୀ
ତୁହି ନାଶ କରାଇଲୁ ବଂଶକୁ ମୋହର ।
ତୋହର କପଟେ ନାଶ ଗଲା ମୋର ବଂଶ
ହେ କୃଷ୍ଣ ତୋର ଏପରି ହେଉ ବଂଶ ନାଶ ।"

(ନାରୀପର୍ବ)

ନାରୀର ସ୍ୱାଭାବିକ ଚିତ୍ର ଗାନ୍ଧାରୀଙ୍କ ମାତୃଚରିତ୍ରରୁ ଜଣାପଡ଼େ। ସେ ଜ୍ଞାନ ଧର୍ମ ସବୁ ବିଷୟରେ ଅଭିଜ୍ଞା ଥିଲେ। ପତ୍ନୀରୂପେ ନୀତିନିଷ୍ଠା ତାଙ୍କ ଜୀବନର ଅଲଙ୍କାର ଥିଲା। କିନ୍ତୁ ମାତୃରୂପେ ତାଙ୍କ ଚରିତ୍ର ବିଶ୍ଳେଷଣ କଲେ ସେ ଅତି ସାଧାରଣ ନାରୀରୂପରେ ପ୍ରତିହିଂସାପରାୟଣା ପ୍ରତିଭାତ ହୁଅନ୍ତି।

ଗାନ୍ଧାରୀଙ୍କର ସମଦର୍ଶିତା ନ ଥିଲା ବୋଲି ପୁତ୍ରମାନଙ୍କ ସୌଭାଗ୍ୟ ଓ ରାଜ୍ୟାଭିଷେକ ଉତ୍ସବର କୋଳାହଳ ତାଙ୍କର ଶ୍ରୁତିକଟୁ ହେବାରୁ ସେ ପରଶ୍ରୀକାତର ହୋଇ ସ୍ୱାମୀଙ୍କୁ ଗଙ୍ଗାସାଗରରେ ଝାସ ଦେବାକୁ ପ୍ରବର୍ତ୍ତାଇ ଥିଲେ।

"ଗାନ୍ଧାରୀ ବୋଇଲେ ସ୍ୱାମୀ ଶୁଣ ମୋ' ବଚନ
ଯେବେ କାଳ ଥିବା ସହୁଥିବା କଷ୍ଟମାନ
ଅଭିଷେକ ସାରି ଆମ୍ଭେ ଯାଇ ଏଥୁ ଜାଣ
ଗଙ୍ଗାସାଗରରେ ଝାସି ହାରିବା ପରାଣ।"

ଏହା ନାରୀଚରିତ୍ରରେ ଅତି ଅସହ୍ୟ ତାର ପରିଚୟ ହିଏ। କିନ୍ତୁ ସାରଳା ଦାସ ନାରୀଙ୍କୁ ନାରୀଭାବରେ ଦେଖାଇଛନ୍ତି, ରକ୍ତ ମାଂସ ଶରୀରର ବେଦନା, ବିଗ୍ରହ ଓ ଭାବନାକୁ ଊର୍ଦ୍ଧ୍ୱକୁ ଉଠାଇ ନାହାନ୍ତି। ତେଣୁ ଏହା ନାରୀର ଅତି ସ୍ୱାଭାବିକ ଚିତ୍ର ବୋଲି ମନେ ହୁଏ।

ଗାନ୍ଧାରୀ ଯେ ସଂସାରୀ ହୋଇ ନିରାସକ୍ତ ତାହା ତାଙ୍କ ଚରିତ୍ରରୁ ଜଣାଯାଏ। ଗାନ୍ଧାରୀ ସ୍ଥିତପ୍ରଜ୍ଞା, ହର୍ଷ ଶୋକରେ ଅନଧୀରା। ଏହାଙ୍କ ମହିମା କବିର ଅମରସୃଷ୍ଟି। ଗାନ୍ଧାରୀ ଦେବରପୁତ୍ରମାନଙ୍କ ଦ୍ୱାରା ସ୍ୱପୁତ୍ର ନିଧନବାର୍ତ୍ତା ପାଇ ବିଚଳିତା ହୋଇଥିଲେ। ଦେବରପତ୍ନୀ କୁନ୍ତୀଙ୍କ ପ୍ରତି ତାଙ୍କର ଅନୁରାଗ ଓ ତାଙ୍କ ସନ୍ତାନଙ୍କ ପ୍ରତି ମମତା ଅନୁଭୂତ ହୋଇ-ଥିଲା। ଚିରନ୍ତନ ନାରୀପ୍ରାଣର ଗଠଣା ଅନୁକୂଳରେ ପ୍ରତିକ୍ରିୟା ଗାନ୍ଧାରୀ ଚରିତରେ ସାରଳା ଦାସଙ୍କ ଅପୂର୍ବ ସୃଷ୍ଟି। ପୁଣି ଅନ୍ୟ ଦିଗରେ ମଧ୍ୟ ଦେଖିଲେ ଏହାର ବିପରୀତ ଧନ ଓ ପ୍ରବୃତ୍ତିର ବିକାଶ ଗାନ୍ଧାରୀ ଚରିତରେ

ରହିଛ ଯେଉଁଠି ସେ ପୁତ୍ର ଓ ରାଜ୍ୟହୀନା ଅବସ୍ଥାରେ ବାସ୍ତବ ସନ୍ତାପରେ ତାପିତା ହୋଇ ବିସ୍ମୃତବିଭ୍ରମ କରି ସାଧାରଣ ନାରୀର ଯଥାର୍ଥ ପରିଚୟ ଦେଇଛନ୍ତି × × ×

ଗାନ୍ଧାରୀଙ୍କ ପୁତ୍ର ଦୁର୍ଯ୍ୟୋଧନ ଯେତେବେଳେ ଭାନୁମତୀଙ୍କୁ ବିବାହ କରି ରାଜ୍ୟକୁ ଆଣିଲେ ସେ ମାତାଙ୍କୁ ଅକ୍ଷପଟଳ କାଢ଼ି ବୋହୂ ଓ ତାଙ୍କ ସମ୍ପଦ ଦେଖିବାକୁ ଅନୁରୋଧ କଲେ । ସେ ସମୟରେ ଗାନ୍ଧାରୀଙ୍କର ମାତୃଚରିତ୍ରର ଯେଉଁ ପରାକାଷ୍ଠା ସାରଳା ଦାସ ଦେଖାଇଛନ୍ତି, ତାହା ତାଙ୍କର ମାତୃତ୍ୱକୁ ଅମଳିନ ଗୌରବ ଦେଇଛି । ଦୁର୍ଯ୍ୟୋଧନଙ୍କ ଆକୁଳ ଆହ୍ୱାନରେ ମାତା ହେଲେ ମାତ୍ର ସ୍ୱଧର୍ମ, ସ୍ୱପ୍ରତିଜ୍ଞାରୁ ବିଚଳିତା ହୋଇ ନ ଥିଲେ । ବୋହୂଙ୍କୁ ଅର୍ଘ୍ୟଥାଳିରେ ବନ୍ଦାପନା କରି ଗୃହପ୍ରବେଶ କରାଇ ମୁହଁଚିରିକ ପାଇଁ ଅକ୍ଷିପଟଳ କାଢ଼ି ପୁତ୍ର ଓ ବଧୂମୁଖ ଦର୍ଶନ କରି ନ ଥିଲେ । ସେ ତପସ୍ୱିନୀ, ପତିଶାନ୍ତଦର୍ଶିନୀ ଥିବାରୁ ପୁତ୍ରକୁ କହିଲେ—

"ଗାନ୍ଧାରୀ ବୋଇଲେ କଣ ସମ୍ପଦ ଦେଖିବି
ବିପଦ ଦେଖିବି ପୁଣି କେମନ୍ତେ ଛାଡ଼ିବି ?
ଏହି ସମ୍ପଦକୁ ତିରି ବୁଝୁଅଛୁ କାଳ
ଏ ସମ୍ପଦ ନ ରହିବ ତୋହର ଚିରକାଳ ।
ଜନ୍ମକାଳେ ମୁଁ ଦେଖିଲି ତୋ ଦୁଷ୍ଟ ପ୍ରକୃତି
ତୋହର ଯେତେକ କଥା ଦେଖଇ ଅନୀତି ।
ବିଦୁର କହିଲା ମୋତେ ପରମାର୍ଥ ବାଣୀ
ଅକ୍ଷିପଟଳ ବାନ୍ଧିଲି ତା ବଚନ ଶୁଣି ।"

ଏହି ନାରୀଙ୍କ ଚରିତ୍ର ଅଧ୍ୟୟନ କରିବା ଯୋଗ୍ୟ । ଆଲୋକ ଅନ୍ଧକାର, ଭଲ ମନ୍ଦ ଓ ଦୋଷ ଗୁଣରେ ଏହି ନାରୀଙ୍କ ଚରିତ୍ର ପତ୍ନୀଭାବରେ, ମାତୃଭାବରେ ଭିନ୍ନ ଭିନ୍ନ ଦିଗରୁ ଦେଖିଲେ ନାରୀଚରିତ୍ରର ଅନଧିଗମ୍ୟ ରହସ୍ୟ ଦୃଷ୍ଟ ହୁଏ । ଅବସ୍ଥାର ସଂଘାତ ଏହି ନାରୀଙ୍କ

ଜୀବନରେ ନାନା ଘଟଣାରେ ବିଭିନ୍ନ ରଙ୍ଗର ବିଚିତ୍ର ସମାବେଶ କରିଛି । ସାରଳା ଦାସଙ୍କ ତୂଳୀରେ ଏ ଚିତ୍ର ବଡ଼ ଉଜ୍ଜ୍ୱଳ ଓ କରୁଣ ।

# ଚତୁର୍ଥ ଅଧ୍ୟାୟ

## କୁନ୍ତୀ, ମାଦ୍ରୀ

ଗାନ୍ଧାରୀ ଓ କୁନ୍ତୀଙ୍କ ଚରିତ୍ରଚିତ୍ରଣ ସାରଳା ଦାସ ମହାଭାରତରେ ଅତି ଜୀବନ୍ତ ହୋଇଛି । ଉଭୟେ ସତୀ ସାଧ୍ୱୀ । ଉଭୟଙ୍କ ନାମ ପ୍ରାତଃସ୍ମରଣୀୟ । ଗାନ୍ଧାରୀ ରାଜରାଣୀ ହୋଇ ସକଳ ଐଶ୍ୱର୍ଯ୍ୟ ଭୋଗ କରୁଥିଲାବେଳେ ସାନ ଜାଆ କୁନ୍ତୀ ଅତି ଦୁଃଖରେ ପୁତ୍ରମାନଙ୍କୁ ଧରି ବନରେ ଜୀବନଯାପନ କରୁଥିଲେ । ଦୁଇ ଜାଆଙ୍କ ମୌଳିକ ପ୍ରକୃତିକୁ କବି ଅତି ନିପୁଣତା ସହକାରେ ଚିତ୍ରଣ କରିଛନ୍ତି । ଉଭୟଙ୍କ ଚରିତ୍ରର ବିଭିନ୍ନ ଦିଗ, ଏପରିକି ପରସ୍ପରବିରୋଧୀ ପ୍ରକୃତି ମଧ୍ୟ ସେ ଚିତ୍ରଣ କରିଛନ୍ତି । ଭାର୍ଯ୍ୟାରୂପରେ, ମାତୃରୂପରେ, ରକ୍ତମାଂସ ଦେହଧାରିଣୀ ରମଣୀ ରୂପରେ ସାରଳା ଦାସ କୁନ୍ତୀଙ୍କୁ ଯେପରି ଭାବରେ ଚିତ୍ରଣ କରିଛନ୍ତି ତାହା ଅତି ଚମତ୍କାର ହୋଇଛି ।

## କୁନ୍ତୀ

ସିଂହପୁର କଟକର ରାଜା କୁନ୍ତୀଭୋଜ । ତାଙ୍କ କନ୍ୟାଙ୍କର ନାମ କୁନ୍ତୀ । ରାଜା ପୁତ୍ରହୀନ ଥିଲେ ବୋଲି ଏକମାତ୍ର କନ୍ୟାକୁ ପୁତ୍ରାଧିକ ସ୍ନେହରେ ପାଳିଥାନ୍ତି । ଦିନେ ମହାକୋପୀ, ମହାତେଜା ଦୁର୍ବାସା ମୁନି ଆସି ରାଜାଙ୍କ ନଗରରେ ଉପସ୍ଥିତ ହେଲେ । ରାଜା ପାଦ୍ୟ ଅର୍ଘ୍ୟ ଆସନାଦି ଦେଇ କୁଶଳ ଜିଜ୍ଞାସା କଲେ । ଦୁର୍ବାସା କହିଲେ, "ତୋର ରାଜସମ୍ପଦ ଓ ଭକ୍ତି ଦେଖି ମୁଁ ତୋ' ରାଜ୍ୟରେ ଏହି ଚତୁର୍ମାସ୍ୟା କାଳରେ ରହିବାପାଇଁ ମନ ବଳାଇଛି । ତାହା ପରେ ଚାଲିଯିବି ।" ରାଜା କୃତକୃତ୍ୟ ହେଲେ । ଦୁର୍ବାସା କହିଲେ, ମୋତେ ପର ବୋଲି ଭାବିବୁ ନାହିଁ; ନିଜ ଲୋକପରି ଭାବିବୁ । ମୋର ଏପରି ଏକ ସେବାକାରୀ ଦରକାର, ଯେ କି ମୋର

ସେବା କରିବ । ରାଜା କହିଲେ, ପରଲୋକ କ'ଣ କରିବ ? ମୋର ସୁଲକ୍ଷଣୀ ଝିଅ ଆପଣଙ୍କର ସେବାକାର୍ଯ୍ୟ ଭଲ କରି ପାରିବ । ରାଜା କୁମାରୀଙ୍କୁ ଡକାଇ ତାଙ୍କର କର୍ତ୍ତବ୍ୟ ନିର୍ଦ୍ଦେଶ କରିଦେଲେ । ସେ ରାଜ୍ୟ ବାହାରେ ଋଷିଙ୍କ ପାଇଁ ବାସ ନିର୍ମାଣ କରିଦେଲେ । ରାଜକନ୍ୟା ଅତି ଭକ୍ତିରେ ଋଷିସେବାରେ ଆତ୍ମନିୟୋଗ କରିଥାନ୍ତି ।

"କୁନ୍ତୀ ବିନୟ ହୋଇଣ ଥାନ୍ତି ଅବିରତେ,
ଦୁର୍ବାସା ଋଷିଙ୍କୁ ଭକ୍ତି କରିଥାନ୍ତି ଚିତ୍ତେ ।
ରାତ୍ର ପ୍ରଭାତରୁ ଉଠି ଅଗଣା ପହଁରି,
ଛଡ଼ା ଫୁଲକୁ ପକାଇ ଦିଏ ଯତ୍ନ କରି ।
ପଡ଼ିଥିବା ଆମ୍ବପତ୍ର ଆଣଇ ସାଉଁଟି,
ଧୋଇ ପିଣ୍ଡାରେ ଶୁଖାଇ ଦିଏ କାଛ ଗୋଟି,
ଗଡ଼ୁ ପାଣି କପୋରକୁ ମାଜଇ ଆମ୍ବିଳେ,
ଆଶ୍ରମ ଖଣ୍ଡି ଲେପନ କରଇ ଗୋମଳେ ।
ବଭୂତି ଗୁଡ଼ିଏ ଆଣି ରଖେ ସଞ୍ଚି କରି,
ପତ୍ରଗୁଡ଼ିଏ ଆଣଇ ବେଲଗଛୁଁ ପାରି ।
ବାଳୁତ ସୁକୁମାରୀ ସେ ରାଜାର କୁମାରୀ,
ସୁଜ୍ଞାନୀ ପ୍ରାୟ ଥାଏ ଋଷିଙ୍କ ସେବା କରି ।
ଋଷି ରହିଣ ଥାନ୍ତି କୁଡ଼ିଆ ଭିତରେ;
କବାଟ କିଳିଣ କୁନ୍ତୀ ଜଗିଥାନ୍ତି ଦ୍ୱାରେ ।

ସୁକୁମାରୀ ରାଜନନ୍ଦିନୀ ପାଞ୍ଚ ବର୍ଷକାଳ ଏହିପରି ଘନିଷ୍ଠ ଭାବରେ ସେବା କରି ଋଷିଙ୍କୁ ସନ୍ତୁଷ୍ଟ କଲେ । ଋଷି ବିଦାୟ ନେବାକୁ ରାଜାଙ୍କ ନିକଟକୁ ଗଲେ । କୁନ୍ତୀଙ୍କୁ ବହୁ ପ୍ରଶଂସା କରି କହିଲେ, "ତୁ ସୋମବଂଶୀ ରାଣୀ ହୁଅ ଓ ପୁତ୍ର ପୌତ୍ର ଦେଖ" ବୋଲି ଆଶୀର୍ବାଦ କଲେ । ଅପୁତ୍ରକ ରାଜାଙ୍କୁ ପୁତ୍ରବର ପ୍ରଦାନ କରି ଋଷି ଯେତେବେଳେ ନଗରରୁ ପ୍ରସ୍ଥାନ କଲେ, ଦେଖିଲେ ପଛରେ ରାଜକନ୍ୟା ଦୌଡ଼ି ଦୌଡ଼ି ଆସୁଛନ୍ତି । ଦୁର୍ବାସା କାରଣ ପୁଚ୍ଛନ୍ତେ ରାଜକନ୍ୟା କହିଲେ, "ଆପଣ

ସନ୍ତୋଷ ହେବାର ଜାଣିଲି ସତ୍ୟ, କିନ୍ତୁ ମୋତେ ବର ପ୍ରଦାନ କରନ୍ତୁ ।'' ଦୁର୍ବାସା କହିଲେ, "ତୁ ପାଞ୍ଚବର୍ଷ ସେବା କଲୁ କିଛି ଗୃହିଁ ନାହୁଁ, ମୁଁ ତ ଯାଚି କରି କିଛି ଦିଏ ନାହିଁ । ତୋର ଦରକାର କ'ଣ କହ । କୁନ୍ତୀ କହିଲେ, "ମୁଁ କିଛି ଜାଣି ନାହିଁ, ଯାହା ମଙ୍ଗଳଜନକ ହେବ, ତାହା ଆପଣ ଦେବେ ।'' ଦୁର୍ବାସା କହିଲେ—

"ଦୁର୍ବାସା ବୋଇଲେ ଯେଣେ ସ୍ତ୍ରୀଙ୍କର ଚିତ୍ତ
ସୁନ୍ଦର ଭର୍ତ୍ତା ସୁନ୍ଦର ପୁତ୍ର ଭାଗ୍ୟବନ୍ତ ।
ଏସନ ବାଞ୍ଛା ସ୍ତ୍ରୀଙ୍କ ପ୍ରକୃତ ଏ କଥା ।''

ଅବବାହିତା ତରୁଣୀ କଣ ଗୃହେଁ, ତାହା ଅନ୍ତର୍ଯାମୀ ମୁନି ଜାଣିଛନ୍ତି । କିଶୋରୀ କ'ଣ ଗୃହେଁ ? ସେ ଗୃହେଁ ସୁନ୍ଦର ସ୍ୱାମୀ, ସୁନ୍ଦର ବଳବାନ୍ ପୁତ୍ର ଓ ନାରୀଜୀବନର ବା ତ ବର । ଏହା ଛଡ଼ା ଦ୍ୱିତୀୟ କ'ଣ ହୋଇ ପାରେ ? ଦୁର୍ବାସା ଗୋଟିଏ ଜପାମାଳ ଦେଇ କହିଲେ "ଏହି ମାଳରେ ତୁ ଯାହା ନାମ ଜପିବୁ, ସେ ତୋ ପ୍ରତି ପ୍ରସନ୍ନ ହେବ । ଏହା କହି ମୁନି ଅନ୍ତର୍ଦ୍ଧାନ ହେଲେ । କୁନ୍ତୀ ଅଜ୍ଞାନ କିଶୋରୀ । ବାଳିକାସୁଲଭ କୌତୂହଳରେ ତାଙ୍କର ଚିତ୍ତ ପୂର୍ଣ୍ଣ । ମାଳର ଗୁଣ ପରୀକ୍ଷା ଲାଗି ସେ ଉଚ୍ଛନ୍ନ ହୋଇ ପଡ଼ିଲେ ।

"ବିଚାର କରନ୍ତି କୁନ୍ତୀ ଭୋଜର ଦୁଲଣୀ
× × × ×
ଏଥିର ତଦନ୍ତ ମୁହିଁ ଜାଣିବି କେମନ୍ତେ ।''

ବାଳୀ ଯମୁନାର ମନୋହର ପୁଳିନକୁ ଗଲେ । ସେଠାରେ ପତ୍ର ଶଯ୍ୟା ରଚନା କଲେ । ଦୂର ଦିଗ୍‌ବଳୟକୁ ତାଙ୍କର ଦୃଷ୍ଟି ସଞ୍ଚାଳିତ ହେଲା । ସେତେବେଳେ ବିଶ୍ୱଚକ୍ଷୁ ସବିତା ତାଙ୍କର ଅରୁଣ-ରଥକୁ ଅସ୍ତାଚଳର ସିନ୍ଦୂରାୟମାଣ ପଥରେ ସଞ୍ଚାଳିତ କରୁଥିଲେ । କୁନ୍ତୀ ସକୌତୂହଳରେ ଅଂଶୁରବିଙ୍କୁ ସ୍ମରଣ କଲେ । ମିହିର କୁମାରୀଙ୍କ ସନ୍ନିଧିରେ ଉପଜାତ ହେବାରୁ କୁମାରୀ ଆଚମ୍ୱିତ ହେଲେ । ଭୟ-ବିହ୍ୱଳା କୁମାରୀ ସୂର୍ଯ୍ୟଙ୍କ ଆଗମନର କାରଣ ପଚାରିଲେ । ସୂର୍ଯ୍ୟ ତାଙ୍କର

ଅଭିପ୍ରାୟ ଜଣାଇଲେ । କୁମାରୀଙ୍କୁ ତାଙ୍କର ଅଜ୍ଞାନକୃତ ପାପର ପ୍ରାୟଶ୍ଚିତ୍ତ କରିବାକୁ ହୋଇଥିଲା ।

ଅନ୍ତଃସତ୍ତ୍ୱା କୁନ୍ତୀ ଲଜ୍ଜାରେ ମ୍ରିୟମାଣ ହୋଇପଡ଼ି ଅକୁଳ-ଭାବରେ କହିଲେ—

ଆବର ଗର୍ଭେ ରହିଛି ମୋହର ସନ୍ତତି
× × ×
ପିତାର ବଦନ ମୁହିଁ ଚାହିଁବି କେମନ୍ତେ
ବିଭା ହୋଇବ କେବଣ କାନ୍ତ କହି ମୋତେ ।
× × ×
ଉଭୟ କୁଳକୁ ଲାଜ ଉପୁଜିବ ଜାଣ ।

ସୂର୍ଯ୍ୟଦେବତା ସାନ୍ତ୍ୱନା ଦେଇ ଅନ୍ତର୍ହିତ ହେଲେ । କିଛିକାଳ ପରେ ତେଜସ୍ୱୀ କୁମାର କୁନ୍ତୀଗର୍ଭରୁ ଜନ୍ମିଲା । କୁନ୍ତୀ ଆତଙ୍କିତା ହୋଇ ବିଚାରୁଛନ୍ତି—

"କୁମରଟି କୋଳେ ଧରି ସେ ଭୋଜ କୁମାରୀ
କି ବୁଦ୍ଧି କରିବି ବୋଲି ମନରେ ବିଚାରି ।
କି ସୁନ୍ଦର ପୁତ୍ରଗୋଟି କେମନ୍ତ କରିବି
ପିତା ମାତାଙ୍କୁ କି କହି ମୁହିଁ ପ୍ରବୋଧିବି ?
ଅବଶ୍ୟ ସେ ପଚାରିବେ ପୁତ୍ର ଦେଖି ମୋତେ
ବୋଲିବେ କାହୁଁ ପାଇଲୁ ଏ ପୁତ୍ର କେମନ୍ତେ ।
ମହାଗୁରୁ ସମ୍ମୁଖରେ ତ ନ କହିବି ମିଥ୍ୟା
ସତ କହିଲେ ତ ହେବ ଲଜ୍ଜା ଅପମିତା ।
ପରର ଦାର ବୋଲି କେ ବିଭା ନ ହୋଇବେ
ସର୍ବେ ଦୁର୍ବାସା ଋଷିଙ୍କୁ ପଛେ ଦୋଷ ଦେବେ ।

କବି ଅନୂଢ଼ା ପ୍ରାଣର କଥା କହୁଛନ୍ତି — ଏକାଧାରରେ ଭୀତି, ଲଜ୍ଜା, ଗ୍ଲାନି, ଅନ୍ୟାଧାରରେ କୁମାରୀଚରିତ୍ରର ଦୃଢ଼ତା, ସତ୍ତ ସାହସ,

ଗୁରୁ ଗୌରବ ରକ୍ଷା କରିବାର ଅସାମାନ୍ୟ ସାହସ ଭିତରେ ଅପୂର୍ବ ଦ୍ୱନ୍ଦ୍ୱ ଉପର ଛନ୍ଦରେ ଫୁଟି ଉଠିଛି । କୁମାରୀ ଭାବନାର କୂଳ ନ ପାଇ କିଂକର୍ତ୍ତବ୍ୟବିମୂଢ଼ା ହୋଇ ପଡ଼ିଲେ । ଶେଷରେ ଘୋର ଗ୍ଳାନି ଓ ଲଜ୍ଜାରୁ ମୁକ୍ତ ପାଇବାକୁ ଗୋଟିଏ ଉପାୟ ଚିନ୍ତିଲେ । ସେହି ଉପାୟ ହେଉଛି— ନବକୁମାରକୁ ଲୋକଲୋଚନର ଅଗୋଚରରେ ରଖିବା । ଗୋଟିଏ ମୃତ୍ତିକା ମଞ୍ଜୁଷରେ କୁମାରୀ ନବଜାତ ପୁତ୍ରକୁ ରଖି ଯମୁନାସ୍ରୋତରେ ଭସାଇ ଦେଲେ । ତାଙ୍କ ମନରେ ନବଜାତ ପୁତ୍ରର ଜୀବନ ପାଇଁ ଉଦ୍‌ବେଗର ସୀମା ନାହିଁ । ମାତୃତ୍ୱର ସହଜାତ କୋମଳ ବୃତ୍ତିଗୁଡ଼ିକ ବଳପୂର୍ବକ ନିରୋଧ କରି ନିଜକୁ ସାନ୍ତ୍ୱନା ଦେଇ ସେ ଭାବୁଛନ୍ତି :—

"ଜପାମାଳୀ ଥିଲେ ମୋର କାହାକୁ ଗୋ ଭୀତ,
ଅନେକଥର ହୋଇବି ମୁହିଁ ପୁତ୍ରବତୀ ।"

ଜପାମାଳୀ ଯେତେଦିନ ରହିଛି ସେତେଦିନ ପୁତ୍ରବତୀ ହେବାର ସମ୍ଭାବନା ତ ରହିଛି ।

× × ×

ପାଣ୍ଡୁ ରାଜା ହେବାରୁ ଧୃତରାଷ୍ଟ୍ରଙ୍କ ମନରେ ଈର୍ଷା ଜାତ ହେଲା । ସେ ମନରେ ଶାନ୍ତି ପାଇଲେ ନାହିଁ । ପାଣ୍ଡୁ ଜ୍ୟେଷ୍ଠ ଭ୍ରାତାଙ୍କର ମନୋଗତ ଭାବ ବୁଝି ପାରି ସେ ନିଜେ ସିଂହାସନ ତ୍ୟାଗ କରିବେ ଏବଂ ଧୃତରାଷ୍ଟ୍ର ରାଜା ହେବେ ବୋଲି ପ୍ରସ୍ତାବ କଲେ । ପାଣ୍ଡୁ ଏହା କାର୍ଯ୍ୟରେ ମଧ୍ୟ ପରିଣତ କଲେ । ପାଣ୍ଡୁ କହିଲେ —

"ପାଣ୍ଡୁରାଜା ବୋଇଲେ ମୁଁ ବନସ୍ତରେ ଥିବି,
ହସ୍ତେ ଧନୁ ଶର ଘେନି ସକଳ ସାଧିବି ।
ଦୁଷ୍ଟ ଭୂମିପଦକୁ ମୁଁ ଧରିବଇଁ ଖୋଜି,
ଧୃତରାଷ୍ଟ୍ରଙ୍କ ଆଜ୍ଞାହିଁ ଏଥିରେ ପ୍ରସିଦ୍ଧି ।"

ଭ୍ରାତୃଭକ୍ତିର ଅପୂର୍ବ ଦୃଷ୍ଟାନ୍ତ ! ଅମଳ ଆତ୍ମତ୍ୟାଗର ଆଦର୍ଶ ରାଜା ପାଣ୍ଡୁ କୁନ୍ତୀ ଦେବୀଙ୍କୁ ସଙ୍ଗରେ ନେଇ ବନବାସକୁ ପ୍ରୟାଣ କଲେ । ସେଠାରେ ନାନା ଦୁଃଖ ସହ୍ୟ କଲେ । ଅମାତ୍ୟବର୍ଗଙ୍କ ଉତ୍ତେଜନା

ତାଙ୍କ ଆଦର୍ଶରୁ ତାଙ୍କୁ ତିଳେ ମାତ୍ର ବିଚ୍ୟୁତ କରି ପାରିଲା ନାହିଁ । ରାଜା ମୃଗୟାବିଦରେ ରତ ହେଲେ । ସେଠାରେ ମଦ୍ରାଧିପତିଙ୍କ କନ୍ୟା ମାଦ୍ରୀ ଦେବୀଙ୍କ ସହିତରେ ତାଙ୍କର ବିବାହ ହୋଇଥିଲା । ଦିନେ ମୃଗୟା ବିନୋଦରେ ମତ୍ତ ଥିଲା ବେଳେ ତାଙ୍କ ଶର ଯାଇ ତାଙ୍କ ଅଜ୍ଞାତରେ ମୃଗଋଷି ଦମ୍ପତିଙ୍କୁ ବିଦ୍ଧ କଲା । ସେହି ମୃଗଋଷି ବ୍ରହ୍ମର୍ଷି । ସେ ଶାପ ଦେବାରୁ ପାଣ୍ଡୁ ଅପୁତ୍ରକ ହେଲେ । କୁରୁକୁଳର ବଂଶଲୋପ ପାଇଁ ଭାଳେଣି ପଡ଼ିଲା । କୁନ୍ତୀ କ୍ଷୁବ୍ଧ ହେଲେ । କୁନ୍ତୀଙ୍କ ମନରେ ପାଣ୍ଡୁ ରାଜ୍ୟତ୍ୟାଗ କରିଥିବାରୁ ଯେ ଅନ୍ତର୍ଦାହ ହେଉଥିଲା, ଋଷିଙ୍କ ଶାପକଥା ପାଣ୍ଡୁଙ୍କ ମୁଖରୁ ଶୁଣିବାରୁ ତାହା ବିଶେଷଭାବରେ ପ୍ରକାଶିତ ହେଲା । ନାରୀର ସହଜ ଦୁର୍ବଳତା କୁନ୍ତୀଙ୍କ ମନରେ ପ୍ରକାଶ ପାଇଛି —

"କେତେ ମହାଋଷି ଏତେ କର୍ମ ଆଚରିଲା,
କୋପ ନ ସଂହରି ପୁଣି ଅଭିଶାପ ଦେଲା ।
ଧୃତରାଷ୍ଟ୍ରଙ୍କୁ ଯେ ରାଜ୍ୟ ଦେଲ ରାଜ୍ୟଅର୍ଥେ,
ସେହି ଧର୍ମ ଲଙ୍ଘାଇଲା ତୁମ୍ଭଙ୍କୁ ଯଥାର୍ଥେ ।"

ତୁମ୍ଭେ ଯେଉଁ ଧର୍ମକୁ ଡରି ଭାଇଙ୍କୁ ରାଜ୍ୟ ଦେଇ ଆସିଲ, ସେହି ଧର୍ମ ତୁମ୍ଭଙ୍କୁ ଅତଳ ତଳେ ନେଇ ବୁଡ଼ାଇ ଦେଲା । କୁନ୍ତୀଙ୍କ ହୃଦୟରେ ସ୍ୱାମୀଙ୍କ ଅବିମୃଶ୍ୟକାରିତା ଓ ଅପରିଣାମଦର୍ଶିତା ହେତୁ ଯେ କ୍ଷୋଭ ହୋଇଛି ତାହା ସଂସାରରେ ଧୂଳିମଳିନ ସହସ୍ର ସାଧାରଣ ନାରୀଙ୍କର କ୍ଷୋଭ । ତାହା ନିତି ଆମ୍ଭମାନଙ୍କ ଚକ୍ଷୁରେ ପଡ଼େ । କିନ୍ତୁ ଏ କ୍ଷେତ୍ରରେ ଗାନ୍ଧାରୀଙ୍କ ପ୍ରକୃତିର ଭୁଙ୍ଗତା କୁନ୍ତୀଙ୍କଠାରେ ନ ଥିବାରୁ କୁନ୍ତୀ ସହଜ ନାରୀର ବେଦନା ବୋଧ କରିଛନ୍ତି । କବି ଏହି ସ୍ଥଳରେ କୁନ୍ତୀଙ୍କୁ ଶତ ସହସ୍ର ନାରୀଙ୍କର ସ୍ୱାଭାବିକ ରୂପ ଦେଇଛନ୍ତି । ପାଣ୍ଡୁଙ୍କ ମନରେ ଘୋର ଚିନ୍ତା ହେଲା । ଏପରି ସମୟରେ ଦିନେ ବ୍ୟାସ ଯାଇ ତାଙ୍କ ସନ୍ନିଧାନରେ ମିଳିତ ହେଲେ । ରାଜାଙ୍କର ଦୁଃଖ ଦେଖି ସେ କହିଲେ :—

"ବ୍ୟାସ ତିଆରନ୍ତି ପାଣ୍ଡୁ ରାଜାଙ୍କୁ ବସାଇ
ଦୁର୍ବାସାଙ୍କ ମନ୍ତ୍ରମାନ କୁନ୍ତୀ ଅଛି ପାଇ ।

ବଧୂଙ୍କ ପ୍ରତି ତୁ ମନେ ନ ଧରିବୁ ହିଂସା
ସନ୍ତାନ ଜାତ କରନ୍ତୁ ଯେ ଯାର ମନୀଷା ।
ବାରୁ ସ୍ତ୍ରିୟେ ଅଟନ୍ତି ଅତି ବୁଦ୍ଧିମତୀ
ଉପାୟ କରି ସନ୍ତତି କରନ୍ତି ଉତ୍ପତ୍ତି ।"

ପାଣ୍ଡୁ ଉପସ୍ଥିତ ଅବସ୍ଥା ଦେଖି ସମ୍ମତ ହେଲେ । ତାଙ୍କର ଚରିତ୍ରବାନ୍‌ତାକୁ କୁନ୍ତୀ ଅନେକ ପ୍ରକାର ଜ୍ଞାନ ଓ ସଦୁପଦେଶାଦି ଦେଇ ନିବୃତ୍ତ କରାଇଲେ । ମାଦ୍ରୀ ରୂପବତୀ ଓ ଯୌବନବତୀ, କୁନ୍ତୀଙ୍କଠାରୁ କନିଷ୍ଠା । ସେଥିପାଇଁ କୁନ୍ତୀ ତାଙ୍କୁ ମଧ୍ୟ ସ୍ୱାମୀଙ୍କର ଆସୁରଦୃଷ୍ଟିରୁ ବହୁତ ବୁଝାଉଥିଲେ । ଏହିପରି ବେଦନାରେ ଦୁଇ ପତ୍ନୀଙ୍କର ଛଟୋଟି ବର୍ଷ କଟିଗଲା । ଦିନେ ଅଗସ୍ତି ମୁନି ଆସି ପହଞ୍ଚିଲେ । ଦୁଇ ପତ୍ନୀଙ୍କୁ ଏବଂ ପାଣ୍ଡୁଙ୍କୁ ଡାକି କହିଲେ—

"ତୁମ୍ଭ ଆଗେ ଆଜ୍ଞା ଦେବୁଂନା ତଥାରି
× × × ×
ଯେବଣ ବାଟେ ସନ୍ତାନ ହୋଇବ ଉତ୍ପତ୍ତି
ତହିଁର ଉପାୟ କର ବେନି ଯେ ଯୁବତୀ ।
ଶାସ୍ତ୍ର ପୋଥି ଦିଂଠାଇଣ ଯା ଆମ୍ଭେ ବଖାଣି,
ସନ୍ତାନକାରଣୀ ତୁ ଗୋ ଭୋଜର ଦୁଲଣୀ
ଯତନେ ସେନେହ କଲୁ ପରରତେ ଇଚ୍ଛା
ସନ୍ତାନ ପାଇଁ କି ମାଗୋ ନାହିଁ ତୋର ବାଞ୍ଛା
ସ୍ୱାମୀଙ୍କି ସଙ୍କୋଚ ନ କର ଗୋ ମାହେଶ୍ୱରୀ
ପୁତ୍ରନ୍ତ ଉପୁଜାଇ ଗୋ ଲଭ ସ୍ୱର୍ଗପୁରୀ ।
ମାନବ ଇଚ୍ଛିଲେ ସିନା ହୋଇବୁ ଦୋଷୀ
ଦେବତାଙ୍କୁ ଇଚ୍ଛିଲେ ଗୋ ହେବୁ ସତୀ ନାରୀ ।"

କୁନ୍ତୀ ଉତ୍ତର ଦେଲେ—

"କୁନ୍ତୀ ବୋଇଲେ ପରମ ଗୁରୁ ଅଟ ତୁମ୍ଭେ
ତୁମ୍ଭ ଆଜ୍ଞା ଅବଜ୍ଞା କି କରି ପାରୁ ଆମ୍ଭେ ।"

ଋଷି କହୁଛନ୍ତି —

"ଶୁଣି ଅମ୍ଭେ ବୋଇଲୁ ଗୋ ପୁରୁ ଅଛୁ ଏହା
ତୁମ୍ଭେ କିଛି ଭ୍ରାନ୍ତି ଆଗୋ ନ କର ସୁନ୍ଦରୀ ।
ସ୍ତ୍ରୀଧର୍ମରେ ଏମନ୍ତ ଅଛଇ ଯୁକତି
ସ୍ୱାମୀର ବୀର୍ଯ୍ୟେ ଯେବେ ନ ଉପୁଜେ ସନ୍ତତି ।
ପରପୁରୁଷର ବୀର୍ଯ୍ୟେ ରଖନ୍ତି ସେ ବଂଶ
ସ୍ୱାମୀ ଅଭିଶାପ ପ୍ରାପ୍ତ ତୁମ୍ଭର କି ଦୋଷ ?
ତୁମ୍ଭର ଉପର ବଂଶ ପୁତ୍ରର ବଚନେ
ଦେଖିଲୁଟିକି କେମନ୍ତ କଲେ ଶାଶୁମାନେ,
ବ୍ୟାସ ଅଟନ୍ତି ଯେ ଜ୍ୟେଷ୍ଠ ଶ୍ୱଶୁର ତାଙ୍କର
ତାହାଙ୍କୁ ଭେଟି ଇଚ୍ଛିଲେ ସେ ପୁଣି ଶୃଙ୍ଗାର ।
ଉପୁଜିଲେ ଅନ୍ଧ ପାଣ୍ଡୁ ବିଦୁର ଏ ତିନି
ରଜରେ ଶୁଦ୍ଧ ହୁଅନ୍ତି ସ୍ତ୍ରୀଏ ଏ ଭେନି ।"

ମାଦ୍ରୀଙ୍କୁ ଦୟା କରିବାକୁ ଅଗସ୍ତି ମୁନି କୁନ୍ତୀଙ୍କୁ ପରାମର୍ଶ ଦେଲେ । କହିଲେ, "ତୋର ଜପାମାଳି ଦେଲେ ସେ ମଧ୍ୟ ପୁତ୍ରବତୀ ହେବ ।" ମାଦ୍ରୀଙ୍କି ମଧ୍ୟ କୁନ୍ତୀଙ୍କୁ ଭକ୍ତି କରିବାକୁ ଉପଦେଶ ଦେଇ ଅଗସ୍ତି ବିଦାୟ ନେଲେ । କୁନ୍ତୀ ଧର୍ମ ଦେବତାଙ୍କୁ ସ୍ମରଣ କଲେ । ଧର୍ମ ଆସି କୁନ୍ତୀଙ୍କୁ ପ୍ରସନ୍ନମନରେ ଆଶୀର୍ବାଦ କରି କହିଲେ—

"ମର୍ତ୍ତ୍ୟ ସ୍ୱର୍ଗରେ ତୁହି ଗୋ ବୋଲାଇବୁ ସତୀ × ×
ଏ ମର୍ତ୍ତ୍ୟ ସ୍ୱର୍ଗେ ହୋଇବେ ଦେବେ ଉତପତ୍ତି ।
ସମସ୍ତେ ତୋ ଦାସ, ପୁତ୍ର ହେବେ ଅଧିପତି ।
ନାରାୟଣ ଉତପତ୍ତି ହେବେ ମର୍ତ୍ତ୍ୟପୁରେ
ସେ ଆରାଧନା କରିବେ ତୋହର ପୟରେ ।
କୋଟିଏ ତୀର୍ଥ ସ୍ନାନରେ ଯେତେ ଫଳ ଶ୍ରୁତି
ତବ ନାମ ଧରି ଲୋକ ପାଇବେ ସଦ୍‌ଗତି
× ×

ପୁତ୍ର ଦେଖି ପାଣ୍ଡୁ ହରଷିତ ହେଲେ । ନିଜର ବଂଶରକ୍ଷା ହେଲା ବୋଲି କୁନ୍ତୀଙ୍କ ଠାରେ କୃତଜ୍ଞତା ପ୍ରକାଶ କଲେ । ଧୃତରାଷ୍ଟ୍ର ହସ୍ତିନାରୁ ପୁତ୍ର ଦେଖି ସନ୍ତୋଷ ହୋଇ କହିଲେ—

"ଧନ୍ୟ ସେ ସାଧବୀ ଅଟେ ଭୋଜର କୁମାରୀ
ବଂଶ ଉଦ୍ଧାରିଲା ବୁଦ୍ଧି ଉପାୟ ଯେ କରି ।"

ଋଷିମାନେ ସମସ୍ତେ ଆଶୀର୍ବାଦ କଲେ । ସମସ୍ତ ସମାଜ ଭୋଜକୁମାରୀଙ୍କର ମାତୃତ୍ୱକୁ ପ୍ରଶଂସା କରିଥିଲା । ବଂଶରକ୍ଷାଠାରୁ ରାଜକୁଳର ଧର୍ମନୀତିକୁ ବେଶୀ ମୂଲ୍ୟବାନ୍ ବୋଲି କ୍ଷତ୍ରିୟକୁଳ ଭାବୁ ନ ଥିଲା । ଯୁଧିଷ୍ଠିରଙ୍କର ସାତ ବର୍ଷ ବୟସ ହେଲା । ମାତା ଦେଖିଲେ ଏ ପୁତ୍ର ଏତେ ଅହିଂସ ଯେ ଚାଲିଲେ ତାର ପାଦ ଭୂଇଁରେ ଲାଗେ ନାହିଁ । ଦିନେ ଗୋଟିଏ କୀଟ ବାଳକ ଅଙ୍ଗରେ ଦଂଶନ କଲା । ବାଳକ ପ୍ରତିହିଂସାପରାୟଣ ନ ହୋଇ ସେହି କୀଟକୁ ଧୀରଭାବରେ ଦଂଶନ ସ୍ଥାନରୁ ଉଠାଇ ଦେଲା । କୁନ୍ତୀ ଦେଖି ପ୍ରମାଦ ଗଣିଲେ। କ୍ଷତ୍ରିୟକାମିନୀମାନଙ୍କ ପକ୍ଷରେ ଏହି କୃତ୍ୟ ଧାରଣାର ଅତୀତ । ଏପରି ପୁତ୍ର ଜାତ କରି ତାଙ୍କର ଅନୁଶୋଚନା ଆସିଲା । ସେ ସ୍ୱଗତ ଉକ୍ତି କରୁଛନ୍ତି—

"ଆଦ୍ୟରୁ ହିଂସା କରଇ ମୋଠାରେ ଗାନ୍ଧାରୀ
ଏ ପୁତ୍ର ଯେବେ ମୁହିଁ କି କାର୍ଯ୍ୟ କରି ପାରି ।
ଅତି ଧାର୍ମିକପଣେ କି ରହେ କ୍ଷତ୍ରିପଣ,
ଦୁଃଖ ପାଇ ଉପୁଜାଇ ନୋହିଲା କାରଣ ।
ସ୍ତିରୀଜନ୍ମ ବୃଥା ମୋର ହୋଇଲା ଅସତୀ,
କେତେ ଭକ୍ତିରେ ଦିନ ଯିବ ନାହିଁ ଗତି
ପ୍ରଥମେ ଆଦିତ୍ୟରାଜ ଦୁଜେ ପାଣ୍ଡୁ ରାଏ
ତୃତୀୟେ ଧର୍ମଦେବତା ବୀର୍ଯ୍ୟେ ପୁତ୍ର ପାଏ ।
ତେବେକେ ଭୋ ଧର୍ମ ମୋର ନ ଗଲା ଦୁଷ୍କର୍ମ
ଏ ସଂସାରେ ଉପୁଜ ନ କଲା କିଛି ଧର୍ମ ।

ରାଜକୁଳେ ଉପୁଜି ମୁଁ ଉପେକ୍ଷିଲି ଧର୍ମ,
କେମନ୍ତେ ମୁକତ ମୋତେ କରିବଟି ଯମ ।
ରାଜପଦେ ବସିଲେ ଯେ ବଢ଼ଇ ପ୍ରତାପ
ରାଗ ମୋହ ଦେହେ ଥିଲେ ଉପୁଜଇ ପାପ ।"

ଦେବୀ ଅନୁତାପରେ ମନସ୍ଥ କଲେ ପୁଣି ଗୋଟିଏ ବୀର୍ଯ୍ୟଶାଳୀ ଦପଷ୍ଟ କୁମାରର ଜନନୀ ହେବେ, ତହୁଁ ସେ ପବନ ଦେବତାଙ୍କୁ ସ୍ମରଣ କଲେ । ପବନଙ୍କର ଔରସରେ ଗଦାଧର ବୀର ବୃକୋଦରଙ୍କର ଉତ୍ପତ୍ତି ହେଲା । ମହାବଳୀ ପୁତ୍ରକୁ ଦେଖି ପାଣ୍ଡୁ ଓ କୁନ୍ତୀ ଯେ ପୁତ୍ର ମାନବ ଦେହରେ ଦେବତାଙ୍କର ଅବତାର ଭାବି ଭୟରେ ତାଙ୍କୁ ସ୍ତୁତି କଲେ । ପୁଣି ଜ୍ଞାନ ଅଜ୍ଞାନରେ ତାଙ୍କର କିଛି ଦୋଷ ଥିଲେ କ୍ଷମା ଦେବାକୁ ପ୍ରାର୍ଥନା କଲେ ।

କୁନ୍ତୀ କିନ୍ତୁ ଭୀମଙ୍କର ଦୁଷ୍ଟ ପ୍ରକୃତି ଦେଖି ତାଙ୍କ ଜନନୀତ୍ୱ ସାର୍ଥକ ହେଲା ବୋଲି ଭାବି ପାରିଲେ ନାହିଁ । ମନରେ ଗ୍ଳାନି ଆସିଲା । ମାଦ୍ରୀ ସପତ୍ନୀ ପୁତ୍ର ଦୁଇଟିଙ୍କୁ ପାଳନ କରୁଥାନ୍ତି । ଭୀମ ସପ୍ତମ ବର୍ଷରେ ଉପନୀତ ହେବାରୁ ମାତା କୁନ୍ତୀ ଦେଖିଲେ—

"ଭୀମସେନର ସପତ ବରଷ ଉତ୍ତାରେ,
ଦୁଷ୍ଟ ପ୍ରକୃତି ଦେଖିଣ କୁନ୍ତୀ ଯେ ବିଗୃରେ ।
ବଳବନ୍ତ ମୂର୍ଖ ଏ ଯେ ହେବ ଅପଣ୍ଡିତ,
ଧନୁର୍ବିଦ୍ୟାରେ ଏ ପୁତ୍ର ନୋହିବ ନିର୍ଜିତ ।"

କୁନ୍ତୀଙ୍କର ସନ୍ତାନକ୍ଷୁଧା ମେଣ୍ଟିଲା ନାହିଁ । ସେ ଭାବିଲେ, ସ୍ୱର୍ଗର ରାଜା ଦେବାଧିରାଜ ଇନ୍ଦ୍ର 'ବଳ, ବୀର୍ଯ୍ୟ, ସମ୍ପଦ, ସୌନ୍ଦର୍ଯ୍ୟ, ବିଦ୍ୟା, ଖ୍ୟାତି, କୁଳ, ଶୀଳ, ସମ୍ମାନ ସର୍ବାଧାରରେ ପୂର୍ଣ୍ଣ' । ତାଙ୍କର ବିଭୂତି ଘେନି ଗୋଟିଏ କୁମାର ଜନ୍ମ ହେଲେ ତାଙ୍କର ମନୋରଥ ପୂର୍ଣ୍ଣ ହେବ । ଭାବଗ୍ରାହୀ ଇନ୍ଦ୍ର କୁନ୍ତୀଙ୍କ ପ୍ରତି ପ୍ରସନ୍ନ ହେଲେ । ତହୁଁ ସର୍ବଗୁଣାଳଂକୃତ, କ୍ଷତ୍ରିୟ-କୁଳମଣ୍ଡନ ବୀର ଫାଲ୍‌ଗୁନଙ୍କର ଜନ୍ମ ହେଲା । ବହୁକାଳର ବାଞ୍ଛିତ

ଫଳ ପାଇ ପାଣ୍ଡବମାତା ସନ୍ତାନଗର୍ବରେ ଉଲ୍ଲସିତା ହୋଇ ଉଠିଲେ । ତାଙ୍କର ବନବାସଜନିତ ସମସ୍ତ କ୍ଷୋଭ ଦୂର ହୋଇଗଲା ।

ଦେବକୁମାରମାନଙ୍କର ମାତା ହୋଇ ଶତଶୃଙ୍ଗ ପର୍ବତ ନିମ୍ନରେ ଗୋଟିଏ କୁଟୀରବାସିନୀ ହୋଇ କୁନ୍ତୀ ଭାବିଲେ, ଯେପରି କି ସେ ସେହି କାଳରେ ଭୂତରାଜ୍ୟଶ୍ରୀ ଫେରି ପାଇଲେ । କିନ୍ତୁ କୁନ୍ତୀଙ୍କର ଚିନ୍ତା ତୁଟିଲା ନାହିଁ । ମାଦ୍ରୀଙ୍କ ପାଇଁ ତାଙ୍କ ମନରେ ଦୁଃଖ ରହିଗଲା । ସେ ନିଜେ ପୁତ୍ରବତୀ ହୋଇ ରହିବେ ଅଥଚ ସପତ୍ନୀ ଅପୁତ୍ରିକା ହୋଇ ରହିବେ; ଏହା ତାଙ୍କୁ ଅଶାନ୍ତି ଦେଲା ।

## ମାଦ୍ରୀ

ଏହିଠାରେ ମହାଭାରତକାର କବି ଅଦ୍ଭୁତ ଗୋଟିଏ କାରଣ ଦର୍ଶାଇଛନ୍ତି । ସେହି କାରଣଟି ଏପରି ଅପ୍ରାସଙ୍ଗିକ ବୋଧ ହେଉଅଛି ଯେ, ଯେଉଁଠି କୁନ୍ତୀ ମାଦ୍ରୀଙ୍କ ବନ୍ଧ୍ୟାତ୍ୱ ପାଇଁ ବେଦନା ବୋଧ କରୁଛନ୍ତି, ଅଥଚ ସେ ବେଦନା ତାଙ୍କର ସହଜାତ ପ୍ରକୃତିର ଖାଣ୍ଟି ଅନୁଭବ ନୁହେଁ । କାରଣ ମାଦ୍ରୀଙ୍କ ସହିତ ପାଣ୍ଡୁଙ୍କ ମିଳନରେ ପାଣ୍ଡୁଙ୍କର ମୃତ୍ୟୁ ହେବ ବୋଲି ଋଷି ଅଭିଶାପ ଦେଇଥିଲେ । ଏହା ଛଡ଼ା ତାହାର ଅନ୍ୟ ବଳିଷ୍ଠ କାରଣ ଅଛି । ସେ କାରଣ କାହିଁକି ଲେଖାଗଲା ତାହାର ହେତୁ ମଧ୍ୟ କେହି ଦେଇ ନ ପାରନ୍ତି । କବିଙ୍କ କଳ୍ପନାକୁ ସେଠି କେବଳ ଦୂରରୁ ଜୁହାର କରିବାକୁ ହୁଏ । ଅନ୍ୟଥା ଗତି ନାହିଁ ।

"ତିନି ପୁତ୍ର ମୁଖ ଦେଖି କୁନ୍ତୀ ଦେବୀ ଭାଳି,
ସହି ନ ପାରଇ ପର ପୁରୁଷ ଆର୍ଦ୍ଦୋଳି ।
ଆପଣା ସ୍ୱାମୀଙ୍କି ସିନା ଲଗେ ଭାର୍ଯ୍ୟା ଚିନ୍ତା,
ପର ପୁରୁଷ ଶୃଙ୍ଗାରେ ଅନେକ ଅବସ୍ଥା ।
ନ ପାରଇ ସହି ପର ପୁରୁଷ ଆର୍ଦ୍ଦୋଳି,
ମାଦ୍ରୀକି ଘେନିଣ ଦେବୀ ଏକାନ୍ତରେ ଭାଳି ।
"ତୁ ଗୋ ମାଦ୍ରୀ ମୋର ସପତ୍ନୀ ହୁଅ ଅବା,
ଭକତି କରି ବହୁତ କଲୁ ମୋର ସେବା ।

ତୁ ମୋର ଅଭିନ୍ନ ଅଟୁ ପ୍ରାଣ ସଙ୍ଗାତୁଣୀ,
ମୋତେ ସେବ ଅପୁତ୍ରିକା ମଧ୍ୟେ ହେବୁ ଗଣି ।
ଏମନ୍ତ କହି ମାଦ୍ରୀକି ଦେଲେ ଜପାମାଳ,
ସ୍ମରଇ ଗୋ ଦିଗପାଳ ମଧ୍ୟୁ ମନେ ଭଲ ।"

ମାଦ୍ରୀ ରୂପବତୀ ଓ ଗୁଣବତୀ; ପୃଥିବୀର ଅଲଙ୍କାର ପରି । ସପତ୍ନୀଙ୍କର ବଦାନ୍ୟତାରେ ସେ ସନ୍ତୋଷ ହେଲେ ।

କିନ୍ତୁ ସେ ବଡ଼ ଚତୁର ଥିଲେ । ସପତ୍ନୀଙ୍କ କୁମାରମାନେ ତାଙ୍କର ସ୍ନେହରେ ତାଙ୍କ ନିକଟରେ ପାଳିତ ହେଉଥିଲେ । ଜ୍ୟେଷ୍ଠ ସପତ୍ନୀଙ୍କୁ ମଧ୍ୟ ସେ ଗୁରୁଜ୍ଞାନରେ ସମ୍ଭ୍ରମ କରି ସ୍ନେହ ଦେଖାଇ ଚଳୁଥିଲେ । କିନ୍ତୁ ନାରୀର ସହଜ ସ୍ୱଭାବ ତାଙ୍କ ପ୍ରକୃତିର ବିଶିଷ୍ଟତା ଥିଲା । ଯଦିଓ ସପତ୍ନୀଙ୍କର ଶୁଭ ମନାସରେ ସପତ୍ନୀଙ୍କ ଦତ୍ତ ଜପାମାଳରେ ସେ କୃତକୃତ୍ୟା ହୋଇ ତାଙ୍କ ନିକଟରେ କୃତଜ୍ଞତା ପାଶରେ ଆବଦ୍ଧ ହେଲେ କିନ୍ତୁ ମନରେ ତାଙ୍କର ଜ୍ୱାଳାଭାବଟି ବରାବର ଜାଗ୍ରତ ରହିଲା । ସେଥିପାଇଁ ଜପାମାଳୀ ଧରି ଯେତେବେଳେ ଯେଉଁ ଦେବତାଙ୍କୁ ମନାସିବାକୁ ବସନ୍ତି ସେତେବେଳେ ସେ ଭାବୁଥାନ୍ତି—

"ବୋଇଲେ ଧର୍ମ, ପବନ, ଇନ୍ଦ୍ର ଦେଲେ ପୁତ୍ର
ଦେବତାଙ୍କ ମଧ୍ୟେ ଆଉ ନାହିଁ ବଳବନ୍ତ ।
ନାରାୟଣ ଦେବତାଙ୍କୁ ସୁମରିବି ଆଜ,
କଷ୍ଟୁରୀ ବାସେ ମୁଁ ଉପୁଜାଇବି ଆତ୍ମଜ ।
ମୋର ପୁତ୍ର ଗୋଟି ହେଉ ବଳବନ୍ତ ଅତି,
ସକଳ ବ୍ରହ୍ମାଣ୍ଡେ ସେହି ହେଉ ଏକ ଖ୍ୟାତି ।
ଗାନ୍ଧାରୀ ପୁତ୍ରନ୍ତ କୁନ୍ତୀ ତିନି ପୁତ୍ର ଜଣି,
ମୋ କୁମର ହେଉ ଏକ ନୃପଶିରୋମଣି ।"

ନାରୀର ଉତ୍କଟ ସ୍ୱାର୍ଥପରତା ସବୁ ଯୁଗର ସବୁ କାଳର ଗୋଟାଏ ଅତି ସତ୍ୟ ଚିତ୍ରବୃତ୍ତି । ସେ କାଳର ନାରୀ ଭିତରେ ଠିକ୍ ଏ କାଳର

ନାରୀ ପରି, ସପତ୍ନୀ ହିଂସା, ଜାଜ୍ୱଲ୍ୟମାନ ଭାବ, ପୂରା ମାତ୍ରାରେ ରହିଥିଲା । କବିଙ୍କ ନିର୍ଜୀକାଙ୍କ ଦୃଷ୍ଟିରୁ ଏହା ବାଦ୍ ଯାଇ ନାହିଁ । ମାଦ୍ରୀ ଅଶ୍ୱିନୀ-କୁମାରଙ୍କୁ ସ୍ମରଣ କରି ଦୁଇ ପୁତ୍ର ପ୍ରାପ୍ତ ହୋଇଥିଲେ । କୁନ୍ତୀ ହସ୍ତିନାକୁ ଆସିଲା ବେଳେ ଯେଉଁ ଶଙ୍କା ତାଙ୍କ ମନରେ ଉଦୟ ହୋଇ-ଥିଲା, କାର୍ଯ୍ୟତଃ ତାହା ଫଳିଲା । ମାଦ୍ରୀ ନିଜର ପତିଙ୍କୁ ସ୍ମରଣ କଲାରୁ ପାଣ୍ଡୁ ଆସି ଉପସ୍ଥିତ ହେଲେ । ମାଦ୍ରୀ ଖିଆଲବଶରେ ପଡ଼ି ଏହପରି ସ୍ମରଣ କରିଥିବାରୁ ଘୋର ଅନୁତାପ କଲେ ।

କିନ୍ତୁ ଫଳରେ ହେଲା ଯେ ଅକାଳ ନାରାଚ ଆସି ପାଣ୍ଡୁଙ୍କ ଠାରେ ପଡ଼ିଲା ଏବଂ ସେ ପ୍ରାଣତ୍ୟାଗ କଲେ ।

ସାରଳା ଦାସ ପାଣ୍ଡୁ ଓ ମାଦ୍ରୀଙ୍କ ମୃତ୍ୟୁ ଏକ ସଙ୍ଗେ ହେଲା ବୋଲି ଲେଖିଛନ୍ତି । କିନ୍ତୁ ମୂଳ ମହାଭାରତରେ ସହଦେବ ଜନ୍ମ ଭିନ୍ନ ପ୍ରକାର । ଗର୍ଭବତୀ ମାଦ୍ରୀ ସହଦେବ ଜନ୍ମ ପରେ ଚିତାରେ ପଶିବା କଥା ସ୍ୱାଭାବିକ, କିନ୍ତୁ ସାରଳା ଦାସ ଏହି ବ୍ୟାପାରକୁ ଏକ କପୋଳକଳ୍ପିତ ଅଲୌକିକ ଭାବରେ ବର୍ଣ୍ଣନା କରିଅଛନ୍ତି । ଘଟଣା ସନ୍ନିବେଶ ମଧ୍ୟ ସେହିପରି । ନକୁଳ ସହଦେବ ଅଶ୍ୱିନୀକୁମାରଙ୍କ ଔରସରୁ ଜନ୍ମ ବୋଲି ମୂଳ ମହାଭାରତ କହେ । କିନ୍ତୁ କବି ଏଠି କହୁଛନ୍ତି ଯେ ସହଦେବ ପାଣ୍ଡୁଙ୍କ ଔରସଜାତ ପୁତ୍ର । ବନରେ ଯେତେବେଳେ ଦମ୍ପତିଙ୍କର ଏକ ସମୟରେ ମୃତ୍ୟୁ ଘଟିଲା ସେତେବେଳେ ସଦ୍ୟଜାତ ଶିଶୁ ଅନାଥ ହୋଇ ପ୍ରାଣତ୍ୟାଗ କଲା । ପରେ ଦେବତାମାନଙ୍କ ପ୍ରେରଣାରେ ଦେବବୈଦ୍ୟ ଅଶ୍ୱିନୀକୁମାର ବନସ୍ଥଳରେ ଆସି ଦେଖିଲେ, ଶିଶୁ ପ୍ରାଣହୀନ । ତାଙ୍କୁ ଦେବ-ସମାଜରେ ଲଜ୍ଜା ହେବ ବୋଲି ସେ ନିଜର ଅର୍ଦ୍ଧପ୍ରାଣ ସେହି ଶିଶୁଠାରେ ସଞ୍ଚାର କରାଇ ତାହାକୁ ସାକ୍ଷମ କରି ଗଲେ ଏବଂ ସେହି ପୁତ୍ରକୁ ନିର୍ଜୀକାଙ୍କ, ଜୀବଜ୍ଞ ଓ ମହାଜ୍ଞାନୀ ହେବା ପାଇଁ ଆଶୀର୍ବାଦ କଲେ ।

ଯାହାହେଉ, କୁନ୍ତୀ ଏ ସମସ୍ତ ବ୍ୟାପାର କିଛି ଜାଣି ନ ଥିଲେ । ଦିନେ ଯମୁନାକୂଳରେ ସ୍ନାନ ସାରି ଦର୍ପଣ ସମ୍ମୁଖରେ ଯେତେବେଳେ

ପ୍ରସାଧାନ ଆରମ୍ଭ କଲେ, ଦେଖିଲେ ଯେ—ତାଙ୍କର ସୌମ୍ୟ ବଦନ ଶୁଷ୍କ ହୋଇ ଯାଇଛି । ପୁଣି ତାଙ୍କ ସୁବର୍ଣ୍ଣବାହୁ କୃଷ୍ଣବର୍ଣ୍ଣ ଦିଶୁଛି । ଏହି ଦୁର୍ଲକ୍ଷଣ ତାଙ୍କୁ ବ୍ୟାକୁଳ କଲା । ସେ ବିଚାରିଲେ—

"ବିଚାରନ୍ତି ଦେବୀ ପୁଣି ଏ ମୋହର କାୟ,
ଦିଶଇ ତ ବିଧବାର ଲକ୍ଷଣ ପରାୟ ।
କି ଅବା ପ୍ରମାଦ ବନେ ପଡ଼ିଲା ପାଣ୍ଡୁଙ୍କୁ,
କିବା ପ୍ରମାଦ ପଡ଼ିଲା ଭୋଜ ନୃପତିଙ୍କୁ ।
ଜାତକର୍ତ୍ତା ପିତା କନ୍ୟା ସ୍ୱାମୀ ଯେ ଦେବତା,
ଦୁଇ ବିୟୋଗେ ବ୍ୟାକୁଳ ଦିଶନ୍ତି ବନିତା ।
ମୁହିଁ ଯେ ଛାଡ଼ି ଆସିଲି ପାଣ୍ଡୁଙ୍କୁ କାନନେ,
ମାଦ୍ରୀର ତୁଲେ କି କ୍ରୀଡ଼ା କଲେ ତୋଷ ମନେ ।"

କୁନ୍ତୀଙ୍କର ଆଶଙ୍କା ତାଙ୍କ ମନରେ ସତ୍ୟ ପରି ପ୍ରତିଭାତ ହେବାକୁ ଲାଗିଲା । ବିଧୁରା ପତ୍ନୀ କହୁଛନ୍ତି—

"ନିଶ୍ଚୟ ସ୍ୱାମୀ ମୋହର ରମଣ ଇଛିଲେ
ଋଷିର ଶାପେ ଅକାଳ କାଣ୍ଡେ ନାଶ ଗଲେ ।"

କୁନ୍ତୀଙ୍କର ବେଦନା ବଳି ପଡ଼ିବାରୁ ଚଳଚଳ ନେତ୍ରରେ ସେ ଗାନ୍ଧାରୀଙ୍କୁ କହୁଛନ୍ତି—

"ସ୍ୱାମୀଙ୍କୁ ପ୍ରମାଦ ମୋର ପଡ଼ିଲା ବନସ୍ତେ
× × × ×
ମୁହିଁ ବହନ ଯାଉଛି କ୍ଷତଶୃଙ୍ଗ ଯାଏ
ସ୍ୱାମୀର ବଦନ ସତେ ଚାହିଁବି କି ସ୍ନେହେ ।"

ଗାନ୍ଧାରୀ କୁନ୍ତୀଙ୍କୁ ସାନ୍ତ୍ୱନା ଦେଇ କହିଲେ, "ପାଣ୍ଡୁ ଶବ୍ଦଭେଦୀ ବାଣଧାରୀ, ତ୍ରୈଲୋକ୍ୟବିଜୟୀ ବୀର । ସେ କଦାପି ଦେହତ୍ୟାଗ କରି ନାହାନ୍ତି । ତୁମ୍ଭେ ବ୍ୟସ୍ତ ହୁଅ ନାହିଁ । କିନ୍ତୁ କୁନ୍ତୀଙ୍କ ଅନ୍ତର ବେଦନାରତ । ସେ ବରବର ଭାବୁଥିଲେ—

"ମାଦ୍ରୀ କୋଳେ ନାଶ ଗଲେ ନରେନ୍ଦ୍ର ପାଣ୍ଡୁରାୟ
× × × ×
ଏହି ବଇରସିଂହ ମୋ ଅଛଇ ଗାନ୍ଧାରୀ
ଅବର କାହୁଁ ପାଇବ ପାଣ୍ଡୁ ଦଣ୍ଡଧାରୀ ।"

ଭୂରିଶ୍ରବା, ବିଦୁର, ସଞ୍ଜୟ, ଭୀଷ୍ମଙ୍କୁ ଧୃତରାଷ୍ଟ୍ର ଆଜ୍ଞା ଦେଲାରୁ ସମସ୍ତେ କୁନ୍ତୀଙ୍କ ସହିତ ରଥାରୋହଣ କରି ଶତଶୃଙ୍ଗ ପର୍ବତକୁ ଗମନ କଲେ । ପଥରେ ବୃନ୍ଦାରକ ବନରେ କୁନ୍ତୀ ନାନା ଅଶୁଭ ନିଦର୍ଶନମାନ ଦେଖିଲେ, କହିଲେ—

"ଆହା ଦଇବ ବୋଲନ୍ତି ରାଜାର ନନ୍ଦନୀ
ଜୀଅନ୍ତା ପାଣ୍ଡୁ ଦେଖିବ ସତେ ଚୟୂ ବେନି ।"

ଶିବପାଦ ଶବରକୁ ପଥରେ ଦେଖିଲେ । ତାହାର ସ୍ତ୍ରୀ "ପୋହଲା" ନାମକ କିରାତୁଣୀ ପାଣ୍ଡୁଙ୍କର ମୃତ୍ୟୁ ସମ୍ବାଦ ବହନ କରି ହସ୍ତିନାକୁ ଯାଉଥିଲା । କୁନ୍ତୀ ତାକୁ ଦେଖି ପାଣ୍ଡୁଙ୍କର ଶୁଭ ସମାଚାର ପଚାରିବାରୁ "ପୋହଲା" ଦୁଃସମ୍ବାଦ ଗୋପନ କଲା । କୁନ୍ତୀ ଶାନ୍ତ ହୋଇ ଅଳ୍ପ ଦୂରରେ ଯାଇ ଦେଖିଲେ ତାଙ୍କର ଆଶଙ୍କା ସତ୍ୟ ହୋଇଛି । ପାଣ୍ଡୁ ଓ ମାଦ୍ରୀ ମୃତ ଅବସ୍ଥାରେ ପଡ଼ିଛନ୍ତି । ତାଙ୍କ ଉପରେ କାଳଶର ପଡ଼ିଛି । ବିଦୁର ଓ କୁନ୍ତୀ ଦୁହେଁ ଏହି ଦୃଶ୍ୟରେ ମୂର୍ଚ୍ଛିତ ହୋଇ ପଡ଼ିଲେ । ଭୂରିଶ୍ରବା ଓ ଭୀଷ୍ମ ଆଦି ସମସ୍ତେ ଶୋକାକୁଳ ହୋଇ ପଡ଼ିଲେ । କୁନ୍ତୀଙ୍କର ବୈଧବ୍ୟ ଶୋକକୁ ସାରଳା ଦାସ ଅଳ୍ପ କଥାରେ ରୂପ ଦେଇଛନ୍ତି ।

"ହାହା ନାଥ ବୋଲି ଉଚ୍ଚେ ରୋଦନ୍ତି ସେ ପଢ଼ି,
ଗୁଣସାଗର ନାଥ ତୁ ନାଶ ଗଲୁ ହିଡ଼ି ।
ସ୍ୱାମୀକି କୋଳ କରଣ ହୃଦରେ ଲଗାଇ,
ସୁନ୍ଦର ବଦନ ଗୋଟି କେଣେ ଲୁଚିଯାଇ ।
ପ୍ରାଣର ବଲ୍ଲଭ ମୋର ଦୁଃଖୀର ଜୀବନ,
ମୃତପିଣ୍ଡ ଘେନି ଦେବୀ କରନ୍ତି ରୋଦନ ।

ହା ଜଗଦ୍‌ବନ୍ଦନ ନାଥ କେଉଁଆଡ଼େ ଗଲ,
ଗମ୍ଭୀର ସମୁଦ୍ରେ ମୋର ଭେଳା ବୁଡ଼ାଇଲ ।
ଧର୍ମେ ଥାଇ ରାଜ୍ୟ କଲ ଆହା ପ୍ରାଣଗୁରୁ,
ପାପ ଲୁଚିଲା ଧର୍ମରେ ଅଧର୍ମ ଆଚରୁ ।
ମୁହିଁ ରଢ଼େଣୀ କମାଇ ଛାଡ଼ିଗଲ ତୋତେ,
ମାଦ୍ରୀ ଛୁମ୍ଭଙ୍କୁ ଏମନ୍ତ କରବ କେମନ୍ତେ ।
ଆହା ପ୍ରାଣନାଥ ପଞ୍ଚ ଜଠକାଧିକାରୀ,
ଶୋକ ସମୁଦ୍ରରେ ମୋତେ ଗଲ ଛାଡ଼ି କରି ।"

ସମସ୍ତେ କୁନ୍ତୀଙ୍କୁ ସାନ୍ତ୍ୱନା ଦେଲେ । କିନ୍ତୁ ତାଙ୍କର ମନ ମାନିଲା ନାହିଁ । ଯେତେବେଳେ ବିଶ୍ୱଦେବ ନବଜାତ ଶିଶୁ ସହଦେବଙ୍କୁ ଆଣି କୁନ୍ତୀଙ୍କ କୋଳରେ ଦେଲେ ସପତ୍ନୀର ସେହି ପୁତ୍ରକୁ ଦେଖି କୁନ୍ତୀଙ୍କର ମାତୃହୃଦୟ ତରଳି ଯାଇଥିଲା । ସେ ବହୁ କଷ୍ଟରେ ନିଜର ଶୋକାବେଗ ସମ୍ବରଣ କଲେ । କୁନ୍ତୀ ନିଜେ ମାଦ୍ରୀଙ୍କୁ ଚିତାରେ ଶୁଆଇ ସ୍ୱାମୀଙ୍କର ପ୍ରେତକାର୍ଯ୍ୟାଦି ଆତ୍ମୀୟ ସ୍ୱଜନଙ୍କ ସହିତ ସମାଧନ କଲେ । ଶ୍ରାଦ୍ଧ ସମାପନ ହେବାରୁ ଭୀଷ୍ମଦେବ କୁନ୍ତୀଙ୍କୁ ହସ୍ତିନା ଯିବାକୁ କହିଲେ । କିନ୍ତୁ ଯେଉଁଠି ତାଙ୍କ ସ୍ୱାମୀଙ୍କର ଓ ତାଙ୍କ ଜୀବନର ମୂଲ୍ୟବାନ ଦିନଗୁଡ଼ିକ କଟିଛି, ସେହି ଶତଶୃଙ୍ଗ ପର୍ବତକୋଳରୁ ରାଜନବରକୁ ବାହୁଡ଼ିବା ପାଇଁ ତାଙ୍କର ମନ ବଳିଲା ନାହିଁ । ସେ କହିଲେ, ମୋର ପୁଅମାନଙ୍କୁ ଏଇଠାକୁ ପଠାଇ ଦିଅ । ମୁଁ ଏହି ନିର୍ଜନ ନିକାଞ୍ଚନ ପଲ୍ଲୀରେ ସେମାନଙ୍କୁ ନେଇ ବାସ କରିବି । ତା ଛଡ଼ା ସ୍ୱାମୀହୀନ ଅବସ୍ଥାରେ ରାଜଧାନୀକୁ ଯିବାକୁ ସେ ଅନିଚ୍ଛୁକ ହେବାର ଆଉ ଏକ ଗୂଢ଼ କାରଣ ଥିଲା । କୁନ୍ତୀ କହୁଛନ୍ତି—

"ପୁଅଙ୍କୁ ଅଣାଇ ଦେବା ହେଉ ମୋର ଏଥେଁ
ମୁଁ ରହି ପାରିବି କି ଗାନ୍ଧାରୀ ସମେତେ ?
ଜାଣିଛ ଦୁଷ୍ଟପ୍ରକୃତ ଅଟଇ ଗାନ୍ଧାରୀ,
ତାଙ୍କ ପୁତ୍ରମାନେ ସେହିପରି ଦୁଷ୍ଟାଚାରୀ,

କେତେବେଳେ ନ ପାରିବେ ସେ ମୋତେ ସମ୍ଭାଳି,
ସେ ସହି ନ ପାରିବେ ମୋ ଭୀମର ଆଉଳି ।
ସୋଦରେ ବିବାଦୀ ହୋଇ ରହିବା କେମନ୍ତେ,
ପୁଅଙ୍କୁ ଘେନି ମୁଁ ଏଥେଁ ରହିବି ନିଶ୍ଚିନ୍ତେ ।"

ବିଧବା ପାଣ୍ଡୁମହିଷୀ ବାଳକ ପୁତ୍ରଙ୍କୁ ନେଇ ସର୍ବଦା ସୋଦର-କଳହ ବୃକୋଦରର ସହିତ ଅବଶ୍ୟମ୍ଭାବୀ ବୋଲି ଚିହ୍ନି ଦେଖି ପାରିଥିଲେ । ସେଥିପାଇ ସେ ଶାନ୍ତିରେ ଦୂରରେ ରହିବାକୁ ଚେଷ୍ଟା କଲେ । ସ୍ୱାମୀ ନ ଥିଲେ ପରିବାରରେ ବିଧବା ଓ ତାଙ୍କର ସନ୍ତତିମାନଙ୍କର ଦୁର୍ଦ୍ଦଶା ଯେ ନିଶ୍ଚିତ, ଏକଥା ବୁଦ୍ଧିମତୀ ମନସ୍ୱିନୀ କୁନ୍ତୀ ଭାବି ପାରିଥିଲେ । ଗାନ୍ଧାରୀ ପ୍ରତ୍ୟକ୍ଷ ଓ ପରୋକ୍ଷରେ କୁନ୍ତୀଙ୍କ ପ୍ରତି କେବେ ଶତ୍ରୁତା ଆଚରଣ କରି ନ ଥିଲେ ସୁଦ୍ଧା ଗାନ୍ଧାରୀ ରାଜାର ରାଣୀ ବଳଶାଳିନୀ ଓ ତାଙ୍କର ପୁତ୍ରମାନେ ଦୁଷ୍ଟ ବୋଲି ଜାଣିଥିଲେ । ସେଥିପାଇଁ କୁନ୍ତୀ ସେଠାରୁ ଗଲେ ତାଙ୍କର ପାରିବାରିକ ଶାନ୍ତି ଯେ ଭଗ୍ନ ହେବ; ପୁଣି ଭୀମର ଦାଉ ଯେ ସମସ୍ତଙ୍କୁ ଅତିଷ୍ଠ କରିବ ଓ ତାହାର ଫଳ ମଧ୍ୟ କୁନ୍ତୀଙ୍କି ଭୋଗ କରିବାକୁ ହେବ; ଏହା ମଧ୍ୟ ସଂସାର ଅଭିଜ୍ଞା ବିଧବା ଦିବ୍ୟଚକ୍ଷୁରେ ଦେଖି ପାରିଥିଲେ । ସାରଳା ଦାସ ଏହି ପାରିବାରିକ ଚିତ୍ର ବଡ଼ ନିପୁଣତା ସହକାରେ ଲେଖି-ଛନ୍ତି । ବିଧବାର ମନୋଭାବ ମଧ୍ୟ ତାଙ୍କ ଲେଖାରେ କୃତିତ୍ୱ ସହକାରେ ଧରା ଦେଇଛି । କୁନ୍ତୀ ଶୋକରେ ଅଧୀର ହୋଇ କହୁଛନ୍ତି—

"କୁନ୍ତୀ ବୋଇଲେ ମୁଁ ପ୍ରୟାଗ ତୀର୍ଥେ ଯିବି,
ବାଞ୍ଛାବଟ ତଳେ ଏହି ପ୍ରାଣ ବିସର୍ଜିବି ।"

ବ୍ୟାସ ବୁଝାଉଛନ୍ତି, "ତୁ ପାଞ୍ଚପୁତ୍ର ପାଇଛୁ, ସେମାନେ ପଞ୍ଚ କଟକରେ ରାଜା ହେବେ । ତୁ ବିରସ ହୋଇ ଅଧୀର ହେଲେ ଚଳିବ କିପରି ? ସଂସାର ମୃତ୍ୟୁଧର୍ମୀ । ତୁ ସଂସାର ନ ରଖିଲେ ଚଳିବ ନାହିଁ । ଯଦି ତୀର୍ଥଗାମୀ ହେବାକୁ ଚାହୁଁ, ତୋର ପୁଅମାନେ ପାରିଗଲେ ଯିବୁ । ମୁଁ କଲ୍ୟାଣ କରୁଛି, ତୋତେ ସକଳ ଧର୍ମ ପ୍ରାପ୍ତ ହେଉ । ହସ୍ତିନା-

ପୁରରେ ସମସ୍ତେ ଉପବାସରେ ଅଛନ୍ତି, ତୋତେ ନ ଦେଖିଲେ କେହି ଜଳ ସ୍ପର୍ଶ କରିବେ ନାହିଁ । ରାଜା ଧୃତରାଷ୍ଟ୍ର ତୋର ପଥ ଚାହିଁଛନ୍ତି । କୁନ୍ତୀ ଗଲେ ।

କୁନ୍ତୀଙ୍କୁ ସାଷ୍ଟାଙ୍ଗ କରିବାକୁ ଧୃତରାଷ୍ଟ୍ର ଗାନ୍ଧାରୀଙ୍କୁ ପଠାଇଲେ । କୁନ୍ତୀଙ୍କୁ ଗାନ୍ଧାରୀ ଦେଖି କୋଳ କଲେ ଓ ବହୁତ ପ୍ରବୋଧନା ଦେଲେ ।

"ଗାନ୍ଧାରୀ କୋଳ କରଣ ଧଇଲେ କୁନ୍ତୀଙ୍କୁ,
ମାଗୋ ଚାଲ ଆମ୍ଭେ ଯିବା ହସ୍ତିନାପୁରକୁ ।"

× × ×

ବନବାସ କାଳରେ କୁନ୍ତୀ ପୁତ୍ରମାନଙ୍କ ସହିତ ଭିକ୍ଷା ମାଗିବାକୁ ଗଲେ । ପୁତ୍ରମାନେ ବିପ୍ରବେଶ ଧରି ଛଦ୍ମନାମ ଧରିଲେ । ଭିକ୍ଷାର ସ୍ୱରୂପ ପୁତ୍ରଙ୍କ ମାତା ବୁଝାଉଛନ୍ତି:—

"ବାବୁ ଭିକ୍ଷା ବୋଲି କରି ଅଟେ ଯେଉଁ କର୍ମ
କଲପଣା କରିଣ ସେ ଦିଅନ୍ତି ସର୍ବ ଜନ ।
ବହୁତ ନ ଦେଲେ ତହୁଁ ନ ହସେ ନୟନେ
ଯାଅ ବୋଲି ବାହୁଡ଼ାଇ ଦିଅନ୍ତି ସ୍ତ୍ରୀମାନେ ।
ନ ପାଇଲା ଦ୍ୱାରମାନ ନ ପୁଣ ତୁ ପୋଡ଼ୁ
ରାଗେ ନ ପୁଣ ସମସ୍ତ ଧରିଣ କଚାଡ଼ୁ ।"

ଭିକ୍ଷା ଦେବାକୁ କେହି ଭଲ ପାନ୍ତି ନାହିଁ; କଲଣା କରନ୍ତି, ପୁଣି ଗୃହିଣୀ ନାରୀମାନେ ଭିଖାରୀକୁ ଘରୁ ତଡ଼ି ଦିଅନ୍ତି, ଏହା ସାରଳା ଦାସଙ୍କ ସମାଜର ଚିତ୍ର ନୁହେଁ, ସବୁ ଯୁଗର ସବୁ କାଳର ଚିତ୍ର । ସାଧାରଣ ମନସ୍ତତ୍ତ୍ୱ ଦିଗରୁ ଏହାର ବାସ୍ତବତା ଆମ୍ଭେମାନେ ପ୍ରତିଦିନ ଅନୁଭବ କରୁଁ ଓ ଦେଖୁଁ । ସାରଳା ଦାସ କେଡ଼େ ଦୂରଦ୍ରଷ୍ଟା ପୁରୁଷ ଥିଲେ ଏବଂ ନାରୀମାନଙ୍କର ସାଧାରଣ ପ୍ରକୃତିରେ କପରି ସଞ୍ଚୟ କରିବାର କୃପଣଭାବ ରହିଛି, ତାହା ଯଥାର୍ଥରେ କୁନ୍ତୀ କହିଛନ୍ତି । ସେ ଯୁଗରେ ଅପୁତ୍ରକ ଲୋକକୁ ଗ୍ରାମବସତିରୁ କାଢ଼ି ଦେଉଥିଲେ । ଅଛୁଆଁ ଲୋକଙ୍କୁ ଗ୍ରାମ ବାହାରେ ଉଚ୍ଚଶ୍ରେଣୀ ଲୋକେ ରଖିବା କଥା ମଧ୍ୟ

ସାରଳା ଦାସ ଲେଖିଛନ୍ତି । କୁନ୍ତୀ ସବୁ ନାରୀଙ୍କ ଭଳି ଅଦୃଷ୍ଟବାଦିନୀ ବା କର୍ମବାଦିନୀ ଥିଲେ:—

"ଅଛୁଅଁ ଲୋକଙ୍କ ନଗର ବାହାରେଟି ଥାଇ
ଅସଭ୍ୟ ଅଶୁଚ ନୀଚ କ୍ରିୟା ଅଜାତ,,
ତାହାଙ୍କର ଘରେ ଏହି ଭିକ୍ଷା ମାଗୁଛନ୍ତି ।
ହେ କର୍ମ ପୁରୁଷ ତୋତେ ମୋର ନମସ୍କାର
ଶତ ଶତ ଦଣ୍ଡବତ ପୟରେ ତୋହର ।
ତୁହି ଯାହା ଭିଆଇଲୁ ତାକୁ କର୍ମ ବୋଲି
ତୋ ବୁଦ୍ଧି ଶିକ୍ଷାରେ ଏତେ ଦୂରକୁ ଅଇଲି
ହସ୍ତେ ଭିକ୍ଷାପାତ୍ର ଦେଇ ହରିଲୁ ସମ୍ପତ୍ତି
ଆଉ କପାଇଁ ବିଷାଦ କରି ଦେଉ ଶାସ୍ତି ।
ତୁ ଯେ ଉଶ୍ୱାସ କରିବୁ ଏହି ମହାଭାର .
ଏ ମାନବଜନ୍ମକୁ ଗୋ ନିନ୍ଦା ତୁ ନ କର ।
ସତତ ନିଶ୍ଚଳ ଚଳ ଚଞ୍ଚଳ ଯେ ତୁହି
ଭାବ ଅଭାବ ସ୍ୱାମୀ ତୋ ତହୁଁ ଆନ ନାହିଁ ।
ହେ ସଂସାର ଜନମାନେ କେହି ନୁହଁ ବଣା
କର୍ମ ପୁରୁଷ ଗୋଟିଏ ଜୀବର ଧାରଣା ।" (ଆଦ୍ୟପର୍ବ)

ଏଥିରୁ କୁନ୍ତୀଙ୍କ ଜୀବନରେ ଯେ ଦୃଷ୍ଟିଭଙ୍ଗୀ ତାହା ପରିଷ୍କାର ଜଣାପଡ଼େ । କର୍ମର ଫଳ ଏବଂ କର୍ମଚକ୍ରରେ ପ୍ରାଣୀ ସ୍ୱକର୍ମାନୁରୂପ ସୁଖ ଦୁଃଖ ଭୋଗିବାକୁ ବାଧ୍ୟ ବୋଲି ସେ କହୁଛନ୍ତି । ଏହି କର୍ମ ବିପାକକୁ ନଷ୍ଟ କରି ଦେବା କାହାରି ଆୟତ୍ତାଧୀନ ନୁହେଁ କୁନ୍ତୀ ଭକ୍ତିମତୀ ଥିଲେ । ଶ୍ରୀକୃଷ୍ଣଙ୍କୁ ଈଶ୍ୱର ଭାବରେ ସେ ବିପଦବେଳେ ସ୍ମରଣ କରିଥାନ୍ତି । ଦୁଃଖ ବିପଦ ପଡ଼ିଲେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବେ ବୋଲି ଦୁଃଖ ବିପଦ ଆସିବାକୁ ସେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରୁଥିଲେ । ଏହା ମୂଳ ମହାଭାରତ ଓ ଶ୍ରୀ ମଦ୍ଭାଗବତରେ ଉଲ୍ଲେଖ ଅଛି ।

ମହାଭାରତ ଯୁଦ୍ଧ ସରିଲାରୁ ଦୁର୍ଯ୍ୟୋଧନ ପ୍ରାଣହତ ହୋଇ କୃଷ୍ଣ-ଦ୍ୱୈପାୟନ ହ୍ରଦରେ ଆତ୍ମଗୋପନ କଲେ । କୁନ୍ତୀ ପାଣ୍ଡବ ଓ ଶ୍ରୀକୃଷ୍ଣଙ୍କୁ ପଚାରିଲେ, ଦୁର୍ଯ୍ୟୋଧନଙ୍କୁ ତୁମ ଭିତରୁ କି କେହି ମାରିଛ ? ସମସ୍ତେ ଯୁଦ୍ଧରେ କେତେ ହତ୍ୟା କରିଛନ୍ତି ତାର ହିସାବ ଦେଲେ, କିନ୍ତୁ ମାନଗୋବିନ୍ଦ ଦୁର୍ଯ୍ୟୋଧନଙ୍କୁ କେହି ଦେଖି ପାରିଲେ ନାହିଁ ବୋଲି ଜଣାଇଲେ । କୁନ୍ତୀ ତାଙ୍କ ପୁତ୍ରମାନଙ୍କୁ ଓ ଶ୍ରୀକୃଷ୍ଣଙ୍କୁ ବହୁ ଧିକ୍କାର କଲେ । ପୁତ୍ରମାନଙ୍କୁ ବନ୍ଦାଇବା ପାଇଁ ଯେଉଁ ବନ୍ଦାଣଥାଳି ଧରିଥିଲେ ତାହା ଫିଙ୍ଗି ଦେଇ କୋପରେ ଘର୍ମାକ୍ତା ହୋଇ କହିଲେ :—

"କେହି ସିଂହ ନୁହନ୍ତି ଏ ସମସ୍ତେ ଶୃଗାଳ ।
ଏହାଙ୍କୁ ଜାତ କରି ଗର୍ଭ ମୋର ପୋଡ଼ୁ,
ଏ କଳ୍ପିଜ ଆତ୍ମା ମୋର ଶରୀରରୁ ଛାଡ଼ୁ ।
ରେ ପାଣ୍ଡବେ ଧିକ ହେଉ ତୁମ୍ଭର ଗାରିମା ।" (ଗଦାପର୍ବ)

କୁନ୍ତୀ ବନବାସକାଳରେ ଭୀମଙ୍କୁ ଅଧେ ଅନ୍ନ ଦେଇ ଅନ୍ୟ ଅଧକ ଅନ୍ନ ଗୃହଭାଇଙ୍କୁ ଦେଇ ନିଜେ ପେଜ ପିଇ ରହୁଥିଲେ । ଭୀମ ଆହୁରି କଷ୍ଟ କଲେ ଭୀମକୁ ପେଜ ପିଆଇ ନିଜେ ଉପବାସ କରୁଥିଲେ । ଦୁର୍ଯ୍ୟୋଧନ ଭୀମକୁ ବିଷଲଡ଼ୁ ଖୁଆଇ କପଟ ସମୁଦ୍ରରେ ପକାଇଥିଲା ସେହି ଅତୀତ ଇତିହାସ ଭୀମର ମନେ ପକାଇ କୁନ୍ତୀ କହିଲେ :—

"ଶତେ ଭାଇଙ୍କୁ ମାରିବୁ ପ୍ରତିଜ୍ଞା ତୁ କଲୁ
ଶୃଗାଳ ମାରି ସିଂହକୁ ଦେଖି ପଳାଇଲୁ ?
ଧିକ ହେଉ ମୋତେ, ତୋତେ ଗର୍ଭେ ଠାବ ଦେଲି
ସିଂହ ପୁତ୍ର ଜାତ କରି ଶୃଗାଳ ପାଇଲି ।
ଧିକ ଧିକ ହେଉ ତୋର ବୀରଶୂରପଣ
ଧିକ ବୃକୋଦର ନାମ ଧରିବାର ଜାଣ ।
ଧିକ ହେଉ ରେ ଅର୍ଜ୍ଜୁନ ବୀରପଣ ତୋର
ଧିକ ଧିକ ଦଶ ନାମ ବୃଥା ଧରିବାର ।
ଧିକ ହେଉ ତୋର ନୃପପଣକୁ ଯୁଧିଷ୍ଠି
ପାଶୋରିଲୁ ବନେ ଯେତେ ପାଇଲୁ ଅରିଷ୍ଟି ।" (ଗଦାପର୍ବ)

ଏହା ଶୁଣି ଭୀମ ରାଗରେ ପ୍ରତିଜ୍ଞା କଲେ, ଆଜି ଯଦି ଦୁର୍ଯ୍ୟୋଧନକୁ ନ ମାରିବି ତେବେ ମୁଁ ନିଜେ ଅଗ୍ନିଦଗ୍ଧ ହୋଇ ମରିବି ।

ବଧୂ ଦ୍ରୌପଦୀଙ୍କର ତେଜସ୍ୱୀ ଭାବ ଶାଶୁ କୁନ୍ତୀଙ୍କଠାରେ ମଧ୍ୟ ବିଦ୍ୟମାନ ଥିଲା । ଦ୍ରୌପଦୀ ଯେପରି ବନପର୍ବରେ ସ୍ୱାମୀମାନଙ୍କୁ ଝିଙ୍ଗାସି କାପୁରୁଷ କହି ଯୁଦ୍ଧରେ କୌରବନାଶର ' ପ୍ରେରଣା ଦେଉଥିଲେ, କୁନ୍ତୀ ମଧ୍ୟ ରାଜ୍ୟସମ୍ପଦହରଣ, ବନବାସକଷ୍ଟରେ ଅତ୍ୟନ୍ତ ଉତ୍ତ୍ୟକ୍ତ ବୋଧ କରି ପୁତ୍ରମାନଙ୍କୁ କ୍ଷତ୍ରିୟ ରାଜାମାନଙ୍କର କାମ୍ୟକର୍ମ ଯୁଦ୍ଧଦ୍ୱାରା କୌରନାଶ ଏବଂ ନିଜର ଅଧିକାର ପୁନଃପ୍ରତିଷ୍ଠା କରିବା ନିମନ୍ତେ ପୁତ୍ରମାନଙ୍କ ପୌରୁଷକୁ ତୀକ୍ଷ୍ଣଭାବରେ ଆଘାତ କରି ପ୍ରେରଣା ଦେଇଛନ୍ତି । ଏଥିରେ ନାରୀପ୍ରକୃତିର ଗୋଟିଏ ବିଶିଷ୍ଟ ଗୁଣକୁ ସାରଳା ଦାସ ଚିତ୍ର କରିଛନ୍ତି । ପୁରୁଷର ଦୁର୍ବଳପଣକୁ ନାରୀ କ୍ଷମା କରି ପାରେ ନା ଏବଂ ପୁରୁଷର କାପୁରୁଷତାକୁ ନାରୀ କେବଳ ପତ୍ନୀଭାବରେ ନୁହେଁ, ମାତୃଭାବରେ ମଧ୍ୟ କ୍ଷମା କରି ପାରେ ନାହିଁ, ଏହାହିଁ ଏଥିରୁ ପ୍ରତିପନ୍ନ ହେଉଛି । ମନସ୍ତତ୍ତ୍ୱ ଦିଗରୁ ଦେଖିଲେ ନାରୀପ୍ରକୃତିର ଏହି ଦିଗ ଦୃଷ୍ଟି ହୁଏ ।

ସେହିପରି ଦୁଃଶାସନବଧବେଳେ ଦ୍ରୌପଦୀଙ୍କର ଅତୀତରେ କୁରୁ-ସଭାତଳେ ହୋଇଥିବା ଅପମାନ କଥା ଦ୍ରୌପଦୀ ଭୀମଙ୍କର ମନେ ପକାଇବାରୁ ଭୀମ ଦୁଃଶାର ଭୁଜ ଛିଣ୍ଡାଇଦେଲେ । ସେହି ଛିନ୍ନ ଭୁଜର ରକ୍ତକୁ ଦ୍ରୌପଦୀ ପାନ କରିଥିଲେ ଓ ଦୁଃଶାସନର ଭୁଜନିର୍ଗତ ରକ୍ତରେ କେଶ ପ୍ରକ୍ଷାଳନ କରି ଯମୁନାରେ ସ୍ନାନ କରିବାକୁ ଯାଇଥିବା କଥା ସାରଳା ଦାସ ଲେଖିଛନ୍ତି :—

"ଏହା କହି ଦେବୀ ଶିରେ ଶୋଣିତ ଢାଳିଲେ
ଆନନ୍ଦିତା ହୋଇ ଦେବୀ ତାହା ପାନ କଲେ ।" (ଗଦାପର୍ବ)

ମୂଳ ମହାଭାରତରେ ଏହି ବିବରଣୀ ଥାଉ ନ ଥାଉ, ସାରଳା ଦାସ ଦ୍ରୌପଦୀଙ୍କୁ ପ୍ରତିହିଂସାବଶରେ ନରରକ୍ତ ପାନ କରାଇଛନ୍ତି—ପ୍ରତିଶୋଧ ମନୋଭାବର ଉଗ୍ର ମୂର୍ତ୍ତି ପ୍ରଦର୍ଶନ ପାଇଁ ।

ମହାଭାରତରେ ' ଏହି ନାରୀ ଦୁଇଟି ହେଉଛନ୍ତି ମୁଖ୍ୟ ନାୟିକା । କୋମଳ କାନ୍ତ ନାରୀସୁଲଭ ଗୁଣମାନଙ୍କ ସହିତରେ ପ୍ରତିଶୋଧସ୍ପୃହା, ଆତ୍ମସମ୍ମାନ ନିମନ୍ତେ ସ୍ୱାମୀ ପୁତ୍ରଙ୍କ ଜୀବନକୁ ଯୁଦ୍ଧରେ ଉତ୍ସର୍ଗ କରି ବିପଦକୁ ବରଣ କରି ଆଣିବା ମହାଭାରତୀୟ ଏହି ଦୁଇ ନାରୀଙ୍କ ପ୍ରକୃତିରେ ଜୀବନ୍ତ କରି ଥୋଇଛନ୍ତି ସାରଳା ଦାସ । ନାରୀ ଦୁଃଖରେ, ଅସମ୍ମାନରେ କ୍ରୋଧରେ ଆତ୍ମଘାତିନୀ ହୁଏ, କିନ୍ତୁ ଆତ୍ମବିଶ୍ୱାସସମ୍ପନ୍ନା ସବଳା ନାରୀମାନଙ୍କର ଲକ୍ଷଣ ଅନ୍ୟ ପ୍ରକାର । ସେମାନେ ନାରୀ ହେଲେ ମଧ୍ୟ ନିଜର ବ୍ୟକ୍ତିତ୍ୱକୁ ମୂଲ୍ୟ ଦିଅନ୍ତି ।

---

# ପଞ୍ଚମ ଅଧ୍ୟାୟ

## ଦ୍ରୌପଦୀ ଚରିତ

### (୧)

ସପ୍ତକାଣ୍ଡ ରାମାୟଣ କାବ୍ୟ ଯେପରି ସତୀକୁଳଭୂଷା ସୀତାଙ୍କୁ କେନ୍ଦ୍ର କରି ରଚିତ ହୋଇଅଛି, ମହାଭାରତର ଅଷ୍ଟାଦଶ ପର୍ବରେ ସେହିପରି ପଞ୍ଚପାଣ୍ଡବଙ୍କ ପାଟରାଣୀ ଦ୍ରୌପଦୀଙ୍କୁ ଶ୍ରେଷ୍ଠ ନାୟିକା କରି ରଚିତ ହୋଇଅଛି । କିନ୍ତୁ ସୀତାଙ୍କର ପ୍ରସିଦ୍ଧି, ତାଙ୍କର ତ୍ୟାଗ, ଧୈର୍ଯ୍ୟ ଏବଂ ସତୀତ୍ୱ ଯୋଗୁଁ ; ଦ୍ରୌପଦୀଙ୍କର ପ୍ରସିଦ୍ଧି ତାଙ୍କର ଶୌର୍ଯ୍ୟ, ଆତ୍ମସମ୍ମାନବୋଧ, ଅନମନୀୟ ପ୍ରତିଜ୍ଞା ଏବଂ ତେଜ ଯୋଗୁଁ; ତାହା ସାରଳାଙ୍କ ପ୍ରାଣର ଆବେଗରେ ମହାଭାରତ କାବ୍ୟକୁ ଏକ ଅନବଦ୍ୟ ଭାସ୍ୱର ରୂପ ଦେଇଛି । ସତୀତ୍ୱରେ ଦ୍ରୌପଦୀଙ୍କର ଶିର ସୁଉଚ୍ଚ ରହିଛି; କିନ୍ତୁ ତାଙ୍କ ଜୀବନର ପ୍ରତୀକ ହେଉଛି ଦୀପ୍ତି । ଏହି ଦୀପ୍ତ ରାଗ ତାଙ୍କ ଭାଷାରେ, ଆନନରେ ଏବଂ ଜୀବନର ବିଭିନ୍ନମୁଖୀ ଘଟଣାନିଚୟରେ ଫୁଟି ଉଠିଛି । ନାରୀତ୍ୱ ସହିତ ଆତ୍ମସମ୍ମାନଜାତ ବୀରତ୍ୱ ତାଙ୍କର ବ୍ୟକ୍ତିତ୍ୱକୁ ଏକ ଭୀମକାନ୍ତ ରୂପ ଦେଇଛି । ସେ ପାଣ୍ଡବ ମହିଷୀ, ପାଣ୍ଡବଙ୍କର ପତ୍ନୀ, ସଖୀ, ସେବିକା । ପୁଣି ସ୍ଥଳବିଶେଷରେ ସେ ବୀର, ଧନୁର୍ଦ୍ଧର, ପଞ୍ଚପତିଙ୍କର ସ୍ୱାମିନୀ, ମନ୍ତ୍ରିଣୀ, ପୂଜନୀୟା ଦେବୀ । ସେ ସ୍ୱାମୀ ଓ କୁଳବୃଦ୍ଧ ଶାଶୁ ଶ୍ୱଶୁର ଗୁରୁଜନଙ୍କ ପ୍ରତି କର୍ତ୍ତବ୍ୟପରାୟଣା, ଦେବଦ୍ୱିଜଋଷିମାନଙ୍କ ପ୍ରତି ଭକ୍ତିମତୀ । ଭଗବାନ୍ ଶ୍ରୀକୃଷ୍ଣଙ୍କର ନର୍ମ୍ମସଖୀ ଓ ଭକ୍ତଶିଷ୍ୟା ଭଗିନୀ କୃଷ୍ଣା—ମହାଭାରତ କାବ୍ୟ ମଧ୍ୟରେ ଗୋଟିଏ ଦୁର୍ଲ୍ଲଭ ଚାରିତ୍ରିକ ସମନ୍ୱୟର ଆଧାରରୂପା । ନାରୀର ଦୁଃଖ, ନାରୀର ଦୈନ୍ୟ ଓ ଦୁର୍ଦ୍ଦଶା ଦେଖିଲେ ଓ ତାର ନିରବଲମ୍ବ ଅବସ୍ଥା ଦେଖିଲେ ଲୋକଚିତ୍ତରେ କରୁଣାର ଉଦ୍ରେକ ହୁଏ ଏବଂ ନିରତିଶୟ ସହାନୁଭୂତିରେ କବିହୃଦୟ ତରଳି ଯାଇ ଅଶ୍ରୁଧାରାରେ ଏହି କରୁଣ ଭାବକୁ ପ୍ରକାଶ କରେ । ଦ୍ରୌପଦୀଙ୍କ କ୍ଷେତ୍ରରେ କିନ୍ତୁ ତାହା ହୁଏ ନାହିଁ । କାରଣ ସେ ଯଦ୍ୟପି ଦୁଃଖ ଓ ଦୈନ୍ୟ ଭିତରେ ଗଳିଛନ୍ତି, ତଥାପି ତାଙ୍କର ଆଗନ୍ତୁକ

ଦୁର୍ଭାଗ୍ୟକୁ ସେ ଅତି ସାହସିକତା ସହିତ ଜୀବନରେ ବରଣ କରି ନେଇଛନ୍ତି । କାରଣ ତାଙ୍କ ଭିତରେ ଯେଉଁ ପ୍ରଦୀପ୍ତ ବୀରାଙ୍ଗନା ଥିଲା, ସେ ବରାବର ଦୈବ ବା ଅଦୃଷ୍ଟର ପରିହାସ ସହିତରେ ସଂଗ୍ରାମ କରି କରି ଆସିଛି । ସେଥିପାଇଁ ଧୃଷ୍ଟା ତାଙ୍କୁ ଦୁଃଖରେ ବିକଳ ବୋଧ କରେ ନାହିଁ । ପାଣ୍ଡବରାଣୀ କେଉଁଠାରେ ନୀରବରେ ଅଶ୍ରୁମୁଖୀ ହୋଇ ଅଯୌକ୍ତିକ ଦୁର୍ଭାଗ୍ୟ ସହିତରେ ରଫା ନିଷ୍ପତ୍ତି କରି ନାହାନ୍ତି । ଦୁର୍ଭାଗ୍ୟ, ଅପମାନ ଓ ଅସମ୍ମାନକୁ ଜନ୍ମାର୍ଜିତ ପାପର ପ୍ରାୟଶ୍ଚିତ୍ତ ବୋଲି କେଉଁଠି ସ୍ୱୀକାର କରି ନାହାନ୍ତି । ଆଘାତରେ ପ୍ରତିଘାତ ଦେବାକୁହିଁ ତାଙ୍କର ପ୍ରକୃତି ଗଠିତ ହୋଇଥିଲା । ଯାହା ନ୍ୟାୟ, ଯାହା ସତ୍ୟ, ଯାହା କରଣୀୟ, ତାହା ତାଙ୍କର ଧ୍ୟେୟ ଥିଲା । ସଂସାରରେ ଚଳିବାକୁ ହେଲେ ଯେଉଁ ନୀତି, ଯେଉଁ ରୀତି, ଯେଉଁ ଧର୍ମ, ଯେଉଁ କର୍ତ୍ତବ୍ୟ ନେଇ ଚଳିବାକୁ ହୁଏ, ସେ ଥିଲେ ତାହାର ପ୍ରଧାନ ଉପାସିକା । ତାଙ୍କର ବାସ୍ତବବାଦୀ ମନ ଅନାଗତ, ଅଦୃଶ୍ୟ, ପାପପୁଣ୍ୟର ବିଶ୍ଳେଷଣରେ ତତ୍ପର ନ ଥିଲା । ବରଂ ସେ ନିଜେ ଧର୍ମଶୀଳା ହୋଇ ଯେଉଁ ଧର୍ମ ଧାର୍ମିକଙ୍କୁ ରକ୍ଷା କରି ନ ପାରେ ସେହି ଧର୍ମ ବିପକ୍ଷରେ ବିଦ୍ରୋହ ଘୋଷଣା କରିବାକୁ ପରାଙ୍ମୁଖୀ ହୋଇ ନାହାନ୍ତି । ପ୍ରାଣର ଅଧୀର ସ୍ରୋତ ତାଙ୍କର ଜୀବନକୁ ତରଙ୍ଗିତ କରିଛି—ଚଞ୍ଚଳ ଓ ଉନ୍ନତ କରିଛି । ତାଙ୍କର ଜୀବନ, ଜୀବନବେଦୀର ପୂଜା ନୈବେଦ୍ୟ । ସେ ସେହି ବେଦୀର ଦେବତାକୁ ପ୍ରତିକ୍ଷେତ୍ରରେ ପ୍ରତ୍ୟହ ଷୋଡ଼ଶୋପଚାରରେ ଉପାସନା କରି ସାର୍ଥକ ନାରୀ ହୋଇ ପାରିଛନ୍ତି । ତାଙ୍କର ଜୀବନଭଙ୍ଗୀରେ ଯେ ବୈଚିତ୍ର୍ୟ ଫୁଟି ଉଠିଛି, ଯେ ପୂର୍ଣ୍ଣତା ସୁଠାମ ସୁନ୍ଦର ରାଜରାଜେଶ୍ୱରୀ ମୂର୍ତ୍ତିରେ ତାଙ୍କର ବିଶିଷ୍ଟତାକୁ ଲୋକଲୋଚନର ଗୋଚର କରିଛି ତାହା ମହାଭାରତର ସମଗ୍ର ନାରୀଚରିତ୍ରରେ ଅନୁପମ । ମହାମାୟା ଭଗବତୀଙ୍କ ପରି ତାଙ୍କଠାରେ ବାଣୀ, ଅନ୍ନପୂର୍ଣ୍ଣା ଓ ପ୍ରଳୟଙ୍କରୀ ଚଣ୍ଡିକାଙ୍କର ଆବିର୍ଭାବ ହୋଇଛି । ତାହା ପାଠକକୁ ଆନନ୍ଦ ଓ ବିସ୍ମୟରେ ମୁଗ୍ଧ କରିଦିଏ । ତାର ହୃଦୟର ସ୍ନେହ ସମ୍ଭ୍ରମ ସେହି ଯାଜ୍ଞସେନୀଙ୍କ କାଳଜୟୀ ସ୍ୱରୂପ ନିକଟରେ ଅର୍ପିତ ହୋଇଯାଏ । କବି

ସାରଳା ଦାସ ମଧ୍ୟ ଏ ସୂକ୍ଷ୍ମଟି ସହିତ ପରିଚିତ ଥିଲେ । ତାଙ୍କ ଜୀବନର ଭଙ୍ଗୀ କବିଙ୍କର ମାନସଚକ୍ଷୁରେ ପ୍ରତିଭାତ ହୋଇଥିଲା ଅତି.. କପଟ ଭାବରେ ।

ଦ୍ରୁପଦ ରାଜା ଅପୁତ୍ରିକ ଥିଲେ ବୋଲି ଋଷିମାନଙ୍କ ପରାମର୍ଶରେ ଯଜ୍ଞ ଆରମ୍ଭ କଲେ । ସେହି ଯଜ୍ଞ ଅନଳରୁ ଅନଳରୂପା କୃଷ୍ଣାଙ୍କର ଆବିର୍ଭାବ । ସୀତାଙ୍କ ତୁଲ୍ୟ ଦ୍ରୌପଦୀ ମଧ୍ୟ ଅଯୋନିସମ୍ଭବା ଥିଲେ । କାଳକ୍ରମେ ତାଙ୍କର ସ୍ୱୟମ୍ବର ଦିନ ଆସିଲା । ରାଜା ଦ୍ରୁପଦ ଅତି କଠୋର "ଲକ୍ଷବିନ୍ଧା" ପଣ କଲେ । ସ୍ୱୟମ୍ବର ସଭାରେ କୃଷ୍ଣାଙ୍କୁ ଧରି ରାଜକୀୟ ଆଡ଼ମ୍ବରରେ ପରିବାରୀ ମୁଦୁସୁଲୀମାନେ ଉପସ୍ଥିତ ହୋଇଥିଲେ । କୃଷ୍ଣାଙ୍କର ରୂପକୁ ଉପସ୍ଥିତ ରାଜାମାନେ ନିରେଖି ପାରିଲେ ନାହିଁ ।

ଦ୍ରୁପଦ କହିଲେ:—

"ଯେ ଲକ୍ଷ ବିନ୍ଧିବ ସେହି ନେବ ମୋ କୁମାରୀ
ତୁମ୍ଭେ କେହି ନ ହୋଇବ ତାର ବିଘ୍ନକାରୀ ।"

କୃଷ୍ଣାଙ୍କୁ ସଖୀମାନେ କୁଙ୍କୁମ, ଚତୁଃସମ, ଅଁଳା ତେଲ, ପୁଷ୍ପ, ଗନ୍ଧଦ୍ରବ୍ୟ, ତାମ୍ବୁଳ, ସରୁ ଝିଁନବାସ, ହାର, ନାନା ଅଳଙ୍କାରରେ ସଜ୍ଜିତ କରିଥିଲେ । ସୁକୁମାରୀ ନବନବୟସୀ ହୁଲଣୀ ଭୂଷଣରେ ଶମୁଖା । ତାଙ୍କର ସମସ୍ତ ଅବୟବକୁ ଏବଂ କଣ୍ଠସ୍ୱର ଓ କାନ୍ତିକୁ କବି ଉପମା ଦେଇ ବର୍ଣ୍ଣନା କରିଛନ୍ତି ଜୀବନ୍ତ କରି । ଏକ କଥାରେ ତାଙ୍କର ଗୁରୁଲ୍ୟସ୍ୟର ବର୍ଣ୍ଣନା କରି କବି କହୁଛନ୍ତି:—

"ଶରଦ ଚନ୍ଦ୍ରବଦନା ବୋଲନ୍ତେ ତ ଭଲ,
ରାହୁ ତେଜ ଲାଗି ସେହୁ କଳଙ୍କ ରହିଲା ।
ନିଷ୍କଳଙ୍କ ବଦନାଟି ଏହାଙ୍କୁ ନିର୍ଦ୍ଦେଶି,
ତେଣୁ ଏହା ପଟାନ୍ତର ନୋହେ ପୂର୍ଣ୍ଣ ଶଶୀ ।"

ମୁଦୁସୁଲୀ ଜୟସେନୀ, କେଶିନୀ, କୃଷ୍ଣାଙ୍କୁ ସଭାକୁ ଆଣିଲାରୁ ଷ୍ଟା କେଶିନୀକୁ ଉପସ୍ଥିତ ରାଜାମାନଙ୍କର ବିକ୍ରମ, କୁଳ, ଧନ, ଶୀଳାଦି ଶୁଣିଲେ । ତାହା ପରେ ଲକ୍ଷବିନ୍ଧା ପର୍ବ ଆରମ୍ଭ ହେଲା । ସମସ୍ତ ରାଜଗଣ

ଅକୃତକାର୍ଯ୍ୟ ହୋଇ ଅପମାନିତ ହୋଇ ବସିଲେ । ଦ୍ରୌପଦୀଙ୍କୁ ସଖୀ କହିଲେ, "ତୁ ଏବେ କାହାକୁ ବରଣ କରିବୁ ?" ଦ୍ରୌପଦୀ କହିଲେ—

"ଏଥିରେ କାହାକୁ ମୋର ନ ବଳଇ ଚିତ୍ତ,"

ପୁଣି ପରେ କୁମାରୀ ଦୁର୍ଗାଙ୍କୁ ସ୍ତବ କରିବାରୁ ତାଙ୍କର ଶୁଭଯୋଗ ପଡ଼ିଲା । ନାନା ଲକ୍ଷଣରେ ଶୁଭ ଯୋଗର ପ୍ରଥମ ଚିହ୍ନ ସୂଚିତ ହେଲା । ଏହି ଶୁଭ ଲକ୍ଷଣ ଆମ୍ଭମାନଙ୍କ ସମାଜରେ ନୂଆ କଥା ନୁହେଁ ।

"ଧର୍ମ ଉଦିତ ହେଲେ ସ୍ଫୁରେ ବାମ ଆକ୍ଷି,
ଆଗରେ ପଡ଼ିଲା ଆସି ଶଙ୍ଖଚିଲ ପକ୍ଷୀ ।
ବାମ ଜାନୁ ବାମ ବାହୁ ସ୍ଫୁରେ ଘନ ଘନ,
ଏସନ ଶୁଭ ଲକ୍ଷଣ ଦେଖି ହୃଷ୍ଟ ମନ ।"

ବ୍ରାହ୍ମଣବେଶୀ ପାର୍ଥ ଲକ୍ଷ ବିନ୍ଧିବାରୁ ରାଜଗୋଷ୍ଠୀରେ ଗୋଳ ହେଲା । ସବୁ କ୍ଷତ୍ରିୟ ରାଜାମାନେ "ପାମର ବ୍ରାହ୍ମଣ"ଙ୍କୁ ନାଶ କରିବା ନିମନ୍ତେ ଧାଇଁ ଆସିବା ଦେଖି ଯାଜ୍ଞସେନୀ ସ୍ୱାମୀଙ୍କ ପାଇଁ ଭୀତତ୍ରସ୍ତ ହୋଇ କହୁଛନ୍ତି—

"ଯାଜ୍ଞସେନୀ ଅର୍ଜ୍ଜୁନର ଧରି ପାଦ ବେନି,
ବୋଇଲେ ପଣ୍ଡାଏ ଘେନ ସବୁରି ଦୟ୍ନିନୀ ।
ଏ ଦୁଷ୍ଟ ରାଜାଏ ମିଳି କଲେଣି ଅନୀତ,
ପ୍ରାଣପଣେ ଭାଇ ମୋର ଦେଖ ଯୁଝୁଛନ୍ତି ।
ଭାଇମାନେ ଭାଙ୍ଗି ଗଲେ ତୁମ୍ଭେ ହେବ ଏକା,
ଏଡ଼େ ଦୁର୍ଗମ ଥାଟକୁ ନ କରୁଛ ଶଙ୍କା ।
ହେ ସ୍ୱାମୀ ମୁହିଁ ତୋହର ଆପଦ ଘେନଇ,
ଶରୀର ନାଶ ନ କର ଏ ଦୁଃଖିନୀ ପାଇଁ ।

× × × ×

ନାଶ ଯିବ ସ୍ୱାମୀ କାର୍ଯ୍ୟ ନୋହିବ ତ କିଛି,
ଏକା ଜଣକୁ ହେ ସ୍ୱାମୀ କାହିଁରେ ନ ଲେଛୁ ।

ଦ୍ରୌପଦୀ ଯୁକ୍ତି ଦେଉଛନ୍ତି—

"ଏକା ପରାକ୍ରମେ କାହିଁ ସାଧି ହୁଏ ପୃଥ୍ୱୀ,
ଏକା କେବଟେଣି କି ସିଦ୍ଧ ହୋଇଯାଏ ମନ୍ତ୍ରି ।
ପର୍ବତ କି ଟଳେ ଏକା ଜଣକର ବଳେ,
ବହୁତ ନାଶ ଯାଇ କି ଜଣେ କୋପ କଲେ ।
ଦେବତା ହୋଇଲେ ମଧ୍ୟ କି କରିବ ଏକା,
ଏକା ଜଣେ ଥିଲେ ତୀର୍ଥ ପଦେ ନୋହେ ଲେଖା ।"

ଦ୍ରୌପଦୀ ଅଧୀରା, ଆବେଗମୟୀ ! ସେଥିପାଇଁ ମନୋବୃତ୍ତି ଉପରେ ସବୁବେଳେ ତାଙ୍କର ପ୍ରଭୁପଣ ରହେ ନାହିଁ । ନବପରିଣୀତା ତରୁଣୀଙ୍କର ଧୀରତା ଓ ଆତ୍ମ ସଂଯମରେ ଅପାରଗତା ମଧ୍ୟ ଉପସ୍ଥିତ କ୍ଷେତ୍ରରେ ଅତି ସ୍ୱାଭାବିକ । ସ୍ୱାମୀଙ୍କୁ ସେ ଯୁଦ୍ଧରୁ ନିବର୍ତ୍ତିନ୍ଥୁ ଦେଲେ କାଳେ ତାଙ୍କର କଥା ନ ରହିବ ବୋଲି ତାଙ୍କର ଅଭିଜ୍ଞତା ଅନୁଯାୟୀ ଯୁକ୍ତି ପରାମର୍ଶ ମଧ୍ୟ ଦେଲେ । କିନ୍ତୁ ମନ ସ୍ଥିର ରହୁଛି କେତେବେଳେ ? ସ୍ୱାମୀଙ୍କର ଉତ୍ତର ଶୁଣିବାଯାଏ ଧୈର୍ଯ୍ୟ ରହିଲା ନାହିଁ । କାଳୀ ସ୍ମରଣ କରି ଦ୍ରୌପଦୀ କୁରୁଥାଟକୁ ଚାହିଁ କହୁଛନ୍ତି,—

"ଆରେ କଉରବେ ତୁମ୍ଭେ ଦେଉଅଛ କଷ୍ଟ,
ଧର୍ମବାଟରୁ ଲଙ୍ଘୁଛ ଆରେ ରେ ପାପିଷ୍ଠ ।
ମୁହିଁ ଯେ କଷ୍ଟରେ ହେଉଅଛଇ ବୈକଲ୍ୟ,
ଏ ମୋର ଲକ୍ଷ ବହିଲେ ତୁମ୍ଭର କି ଭଲ ।
ଯଦ୍ୟପି ହୋଇଥିବି ମୁଁ ଅଗ୍ନିରୁ ଜନମ,
ଅଯୋନି-ଯୋନିସମ୍ଭବା ଯାଜ୍ଞସେନୀ ନାମ ।
ଯେବେ ମୁହିଁ ହୋଇଥିବି ସତ୍ୟବ୍ରତୀ ସତୀ,
ମହାଯଜ୍ଞୁ ଜାତ କଲା ଯେବେ ବ୍ୟାସ ଯତି ।
ଏ ମୋହର ଶାପ ତୁମ୍ଭ ଉପରେ ଯେ ପଡ଼ୁ,
ଏହି ସ୍ୱାମୀ ହସ୍ତେ ତୁମ୍ଭ କନ୍ଧ ପଦ ଛିଡ଼ୁ ।"

ବାସବିପତ୍ନୀଙ୍କର ଅସ୍ଥିର ଆବେଗରେ ତ୍ରାସିତ ହେଲେ । ମନେ ମନେ ଭାବିଲେ—

ଶୁଣି ବାସବ ମନେ ପାଇଲ୍ଲକ ତ୍ରାସ,
ନ ପୁଣ ଦ୍ରୌପଦୀ ବୋଲେ ବଂଶ ଯାଉ ନାଶ ।
ବେଳୁଁ ବେଳ ବଢ଼ି ଆସୁଅଛୁ ଏହା କୋପ,
ଆମ୍ଭର ପାଖକୁ ନିକ ଆସଇ ଏ ତାପ ।

× × ×

ଏ ମହାସତୀର ଶାପ ନ ଯିବ ମେଣ୍ଟାଣ ।"

ପତ୍ନୀଙ୍କ ଯୁକ୍ତିର ଉତ୍ତର ଦେଇ ପାର୍ଥ ପ୍ରବୋଧୁଛନ୍ତି—

"ତୁ ଯେ ମହାସତୀ ମୋତେ ବୋଲୁ ଏକା ଏକା,
ଏକା ହନୁମନ୍ତ ପୋଡ଼ି ପକାଇଲା ଲଙ୍କା ।
ଏକା ମନ୍ଦର ସମୁଦ୍ର ପକାଇଲା ମନ୍ଥି,
ଦାନବ ଧ୍ୱଂସିଲା ଏକା ନାରାୟଣ ମୂର୍ତ୍ତି ।
ଗରୁଡ଼ ବିନତାସୁତ ଅଟଇଟି ଏକା,
ଧ୍ୱଂସିଲାଟି ନାଗକୁଳ ନ କରିଣ ଶଙ୍କା ।
ଏକାକୀ ଅଟଇ ପୁଣି ପୁଣ୍ୟ ଭଗୀରଥ,
ଆକାଶୁଁ ଗଙ୍ଗା ଆଣିଲା ବଂଶ କଲା ସାର୍ଥ ।
ଦେଖ ଗୋ ଏକା ଅଟଇ ନାଗ ଯେ ଅନନ୍ତ
ଫଣାରେ ରହିଛି ପୃଥ୍ୱୀ ସିନ୍ଧୁ ଦ୍ୱୀପ ସାତ ।
ଏକାକୀ ପରଶୁରାମ ବଧି କ୍ଷତ୍ରିବୃନ୍ଦ
ଏକୋଇଶ ବାର କଲା ପୃଥ୍ୱୀକୁ ନିକ୍ଷତ୍ରି ।
ଦେଖ ମୋର ବଂଶେ ଥିଲେ ନୃପତି ଯଯାତି,
ବାଣ୍ଟିଥିଲେ ନବ ଖଣ୍ଡେ ସପ୍ତଦ୍ୱୀପା କ୍ଷିତି ।
ଏକାକୀ ଅଗସ୍ତି ବାଲ୍ଖିଲ୍ୟୋଦର କାଳେ,
ସପତ ସମୁଦ୍ରଜଳ ଗଣ୍ଡୂଷେ ଶୋଷିଲେ ।
ତୁ ମୋତେ ଗୋ ସଙ୍ଗାତୁଣୀ ନ ବୋଲ ଗୋ ଏକା
ଅଗାଧ ସମୁଦ୍ରଗର୍ଭ କାହିଁ ହୁଏ ଲେଖା ।
ଏହିକ୍ଷଣି ଦେଖ ଏକା ମୋହର ଚରିତ,
ମାୟାବୀ କୌରବଙ୍କୁ ମୁଁ କରିବି ନିପାତ ।"

ଘୋର ସଂଗ୍ରାମ ହେଲା । ଶିଖଣ୍ଡି, ଧୃଷ୍ଟଦ୍ୟୁମ୍ନ ମହାବିପଦ ଦେଖି ଭଗ୍ନୀ ଦ୍ରୌପଦୀଙ୍କୁ ଗୃହକୁ ଲେଉଟି ଯିବାକୁ କହିଲେ । ଦ୍ରୌପଦୀ ପଣ୍ଡବଙ୍କର ସତୀ ସାଧ୍ୱୀ ପତ୍ନୀ । ସେ କହିଲେ—

"କରିବି କି ତୁମ୍ଭ ସତ୍ୟ ବଚନ ଲଙ୍ଘନ ?

× × × ×

ଯେ ବିନ୍ଧିଲା ଲକ୍ଷ ଜାଣ ସେହି ମୋର ବର,
ସେହି ମୋ ଜୀବନଧନ ମୁଁ ଦାସୀ ତାହାର ।
ସେ ମଲେ ତାହାର ସଙ୍ଗେ ମରଣ ମୋହର,
ଆଉ କାହିଁ ପାଇଁ ମୁହିଁ ଯିବି ତୁମ୍ଭ ଘର ।
ପିତାଙ୍କୁ ସଙ୍ଗରେ ଘେନି ଯାଅ ଦୁଇ ଭାଇ
ନଗରକୁ ରକ୍ଷା କର ସୈନ୍ୟ ସଙ୍ଗେ ନେଇ ।
ଏ ଦୁଷ୍ଟ ରାଜାଏ ନେବେ ବାହାନ୍ତି ପୁରକୁ,
ମୁଁ ହି କେବେଁ ନଛାଡ଼ିବି ଏ ଦ୍ୱିଜବରକୁ ।"

ବୀର ରମଣୀର ତେଜୋମୟୀ ବାଣୀ ଏକନିଷ୍ଠ ପତ୍ନୀତ୍ୱର ଚରମ କଥା ! ବୀରାଙ୍ଗନା ଦୁଃସାହସିକତାର ମୂର୍ତ୍ତିମତୀ ବିଗ୍ରହ, ରଣସ୍ଥଳରେ ତାଙ୍କର ବିଳାସ, ରଣକ୍ଷେତ୍ରର ଭୟଙ୍କର ଦୃଶ୍ୟ ଯେପରି ନାରୀକୁ ଆନନ୍ଦ ଦେଉଛି । ବୀରମାନଙ୍କର ରଣକୌଶଳ ଦେଖି ଦେଖି ଭୀମଙ୍କ ଉପରେ ନଜର ପଡ଼ିବାରୁ ଭାମିନୀ ପାର୍ଥଙ୍କୁ ପଚାରୁଛନ୍ତି,—

"ଦ୍ରୌପଦୀ ବୋଇଲେ ତୁମ୍ଭେ ଶୁଣ ହେ ପଣ୍ଡିଏ,
ଏ ପଣ୍ଡା ତୁମ୍ଭର କିସ ହୁଅନ୍ତି ଯେ ଧାଏଁ ।
ଏହାଙ୍କର ତେଜ ଦିଶେ ଅନଳ ପରାୟେ,
ବାହୁ ଦୁଇ ଶାଳଗଜା ଗିରିତୁଲ୍ୟ କାୟେ ।"

ଫାଲ୍‌ଗୁନ କହିଲେ—

"ଦ୍ରୌପଦୀ ଅଗ୍ରତରେ କହଇ ଫାଲ୍‌ଗୁନ,
ଆମ୍ଭର ଏ ଜ୍ୟେଷ୍ଠ ଭ୍ରାତା ଜାଣ ଯାଜ୍ଞସେନୀ ।

ରଣରେ ଜୟ ପରାଜୟ କଳନା କରିବା ଦୁଃସାଧ୍ୟ ହେଲା । କୁତୂହଳୀ କୃଷ୍ଣା ତାଙ୍କର ଦାସୀ କେଶିନୀକୁ ପଚାରୁଛନ୍ତି—

"ବୋଇଲେ ଦ୍ରୌପଦୀ ଦେବୀ ଶୁଣ ଲୋ କେଶିନୀ,
ଅନ୍ଧାର ପ୍ରାୟ ଦିଶିଲା କାହାର ବାହିନୀ ।

କେଶିନୀ କହିଲା—

ମୃଦୁସ୍ୱରୀ ବୋଇଲା ଗୋ ଶୁଣ ଶଶିମୁଖୀ,
ଗୃହ ରାଜାଙ୍କର ସୈନ୍ୟ ଆସୁଛନ୍ତି ସଖୀ ।
ଅଛନ୍ତି ଅସୁର ବୀର ଏହି ଗୃହ ରାଏ,
ବାମେ ନାରକା ସମ୍ବର ବଜ୍ରନାଭ ଧାଏଁ ।
ଦ୍ୱିତୀୟ ସାଗର ପ୍ରାୟ ଦିଶୁଛନ୍ତି ଥାଟ,
ଦେବତା ଭୟ କରନ୍ତି ଛାଡ଼ନ୍ତି ଯେ ରାଷ୍ଟ୍ର ।
ଏ ଯେବେ ଏହାଙ୍କୁ ଆଜ ଜିଣିବଟି ବଳେ,
ପ୍ରତ୍ୟକ୍ଷେ ଜାଣିବା ସିନା ଏହି ଜଗପାଳେ ।"

ଦ୍ରୌପଦୀ ବିଧିମତେ ବିବାହିତା ସିନା ହୋଇ ନ ଥିଲେ, କିନ୍ତୁ ଲକ୍ଷବିନ୍ଧା ପରେ ଅପରିଚିତ ବ୍ରାହ୍ମଣ ପଣ୍ଡାପ୍ରତି ତାଙ୍କର ହୃଦୟ ପକ୍ଷପାତୀ ହୋଇ ସାରିଥିଲା । ଉଲ୍ଲସିତା ଦ୍ରୌପଦୀ କହୁଛନ୍ତି—

"ଦ୍ରୌପଦୀ ବୋଇଲେ ଆଗୋ ଶୁଣ ମୃଦୁସ୍ୱରୀ
ଏହିକ୍ଷଣି ଜିଣିବେ ମୁଁ ଶକୁନ ଦେଖିଲି ।"

ଯୁଦ୍ଧରେ ଛଦ୍ମବେଶୀ ପାଣ୍ଡବଙ୍କର ଜୟ ହେଲା । ଧର୍ମରାଜ ଯୁଧିଷ୍ଠିର କୃଷ୍ଣାଙ୍କଠାରେ ବ୍ୟାସ କହିଥିବା ସୁଲକ୍ଷଣମାନ ଦେଖି ସାନନ୍ଦ ହେଲେ । ଭୀମ ଦ୍ରୌପଦୀଙ୍କୁ ନେଇ ଜ୍ୟେଷ୍ଠ ଭ୍ରାତାଙ୍କ ନିକଟରେ ଜଣାଇଲେ ଯେ, ଏହି ଦ୍ରୁପଦ ରାଜପ୍ରାସାଦରେ ଏଣିକି ଆମ୍ଭେମାନେ ଏହାଙ୍କ ସହିତ ବାସ କରିବା । ଧର୍ମରାଜ କୃତଘ୍ନ ନୁହନ୍ତି । ସେ କହିଲେ—ମୁଁ ଦୁର୍ଗତି ବେଳେ ଯେଉଁ କୁମ୍ଭଶାଳରେ ବଞ୍ଚିଥିଲି ସେହିଠାରେ ରହିବାକୁ ହେବ । ଆଜି ସମ୍ପଦ ହେଲାବେଳେ ରାଜପ୍ରାସାଦରେ ରହିବା ଉଚିତ ନୁହେଁ ।

ସେହି କୁମ୍ଭାରଶାଳରେ ବିଭାଘର ହେବ । ଯେଉଁ କୁମ୍ଭାର ଆମ୍ଭମାନଙ୍କୁ ବିପଦ କାଳରେ ଆଶ୍ରୟ ଦେଲା ସେ ଆଜି ତା ଶାଳରେ ଆମ୍ଭମାନଙ୍କ ବିବାହ ଦେଖି କେତେ ଖୁସି ନ ହେବ ? କେଶିନୀ ବିଶ୍ୱାସିନୀ ଦାସୀ । ନିଜର ପ୍ରଭୁଙ୍କ ସମ୍ବନ୍ଧରେ ତାର ଆଶଙ୍କା ଦେଖି ପାଣ୍ଡବମାନେ ଦ୍ରୁପଦ ରାଜାଙ୍କର କିଛି ଅନିଷ୍ଟ ହେବାର ଆଶଙ୍କା ନାହିଁ ବୋଲି କନ୍ୟାକୁ ଓ ଦାସୀକୁ ଭରସା ଦେଲେ । କେଶିନୀ ସେମାନଙ୍କର ମହତ୍ତ୍ୱକୁ ପ୍ରଶଂସା କଲା । ଦ୍ରୌପଦୀଙ୍କ ତ୍ରୈଲୋକଲକ୍ଷ୍ମୀ ରୂପ ପାଣ୍ଡବଙ୍କୁ ସମଭାବରେ ମୁଗ୍ଧ କରିଥିଲା । ପ୍ରତ୍ୟେକେ ଭାବୁଥିଲେ ଯେ ସେ ସେହି ନାରୀଙ୍କର ସ୍ୱାମୀ । ରଣଭଙ୍ଗ ହେବା ଦିନ ରାତି ଅର୍ଦ୍ଧଯାମରେ ପାଣ୍ଡବମାନେ ଦ୍ରୌପଦୀଙ୍କୁ ନେଇ କୁମ୍ଭାର-ଶାଳକୁ ଗମନ କଲେ । ଯୁଧିଷ୍ଠିରଙ୍କୁ ମାଆ ପଚାରିଲେ 'ଆଜି କ'ଣ ଭିକ୍ଷା ଆଣିଲ ?' ଯୁଧିଷ୍ଠିର ରୂପକ କରି କହିଲେ, "ଗୋଟିଏ ଉତ୍ତମ ଫଳ ଆଣିଛୁ" । ମାତା କହିଲେ, "ପାଞ୍ଚ ଜଣଯାକ ଭାଗ ବାଣ୍ଟି ଭୋଜନ କର ।" ଭୀମ କହିଲେ—

"ଭୀମସେନ ବୋଇଲେ ସେ ନୁହଇ ନା ଫଳ,
ଲକ୍ଷ ବିନ୍ଧି ଆଣିଅଛୁ କନ୍ୟା ଏହା ମୂଳ ।"

ମାତା କହିଲେ—

"କୁନ୍ତୀଏ ବୋଇଲେ ସବୁ ଶୁଣ ମୋର ନାନ,
ଏ ମୋହର ବଚନ ଟି ନୋହିବ ତ ଆନ ।"

କବି କହୁଛନ୍ତି—

"ଯାହା କି କହିଲେ ଭୋଜରାଜାର ଦୁହିତା,
ପୁତ୍ରମାନଙ୍କ ପ୍ରକୃତି ଜାଣେ ସିନା ମାତା ।"

ରାଜକୁମାରୀ ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହେଲେ । କେଶିନୀ ସଙ୍ଗରେ "ଧାଈ" ହୋଇ ପିତାଙ୍କ ଗୃହରୁ ଆସିଥିଲା । ନବବଧୂର ପିତାଳୟରୁ ଆସିଥିବା ଦାସୀ ଛଡ଼ା ଆଉ କେହି ଶ୍ୱଶୁରାଳୟରେ ବିଶ୍ୱାସଭାଜନ ହୁଅନ୍ତି ନାହିଁ । ଏହା ଆମ୍ଭେମାନେ ଏବେ ମଧ୍ୟ ଦେଖିଥାଉଁ । ସାରଳା ଦାସ ଯେତେଗୁଡ଼ିଏ କୁମାରୀମାନଙ୍କର ବିବାହକଥା ଲେଖିଛନ୍ତି ସବୁ

କୁମାରୀମାନଙ୍କ ସହିତ ପିତ୍ରାଳୟରୁ ଦାସୀ ଯାଇଛନ୍ତି । ଏ କ୍ଷେତ୍ରରେ ମଧ୍ୟ ତାହାର ବ୍ୟତିକ୍ରମ ହୋଇ ନାହିଁ । କେଶିନୀ ଦ୍ରୌପଦୀଙ୍କର ଏକାଧାରରେ ସଖୀ ଓ ଅନ୍ୟଧାରରେ ଦାସୀ । ଦ୍ରୌପଦୀ ସ୍ୱାମୀ-ମାନଙ୍କର ଦୁରବସ୍ଥା ଦେଖି କହୁଛନ୍ତି—

"କେଶିନୀର ମୁଖ ଚାହିଁ ବୋଲେ ଯାଜ୍ଞସେନୀ,
କେମନ୍ତେ ବୁଲନ୍ତି କରେ ଭିକ୍ଷାପାତ୍ର ଘେନି ।"

କୁମ୍ଭଶାଳରେ କୁମ୍ଭାରମାନେ ପ୍ରବେଶ ହୋଇ ଶୀତ ନିବାରଣ ନିମନ୍ତେ ତୃଣଗୁଚ୍ଛିଏ ଜାଳିଲେ । କେଶିନୀର ଏହି ଦୃଶ୍ୟ ଅସହ୍ୟ ହେଲା । କୋପଭର ହୋଇ କେଶିନୀ ଏହି ଦୃଶ୍ୟ ଦେଖାଇବାପାଇଁ ଦ୍ରୁପଦ ରାଜାଙ୍କୁ ଆଣିବାକୁ ଗଲା -

"କେଶିନୀ ବୋଇଲେ ଏବେ ଦେଖିଲଇଁ ବସା,
ବସିଥିବ ଦ୍ରୁପଦ ତ ହୋଇ ନିଭରସା ।
ରାଜାର ଆଗେ ବାରତା କହଇ ମୁଁ ଯାଇଁ,
ଦ୍ରୁପଦକୁ ଆଣଇଁ ମୁଁ ଏଥକୁ କଢ଼ାଇ ।
ଏତେକ କଥା ତହୁଁ ଗଲା ମୁରୁସୁଲୀ,
ଦ୍ରୁପଦର ଭୁବନକୁ ବେଗେ ଗଲା ଚଳି ।"

ଉପସ୍ଥିତ କ୍ଷେତ୍ରରେ କୃଷ୍ଣାଙ୍କର ଏକମାତ୍ର ସହାୟ କେଶିନୀ । କେଶିନୀ କୁମାରୀଙ୍କର ଦୁଃଖ ବୁଝିଲା ଏବଂ ତାଙ୍କ କଥା ଶୁଣିଲା । ପିତାଙ୍କ ଆଗରେ ସମସ୍ତ ଘଟଣା କହିବାକୁ କେଶିନୀ କ୍ରୋଧରେ କୁମ୍ଭଶାଳରୁ ଚାଲିଗଲା । ତା ପରେ ଶାଶୁ ବଧୂଙ୍କ ପାଇଁ ଶଯ୍ୟା ପାତି ଓ ବଧୂଙ୍କୁ ଶୟନ କରିବାକୁ ଆଜ୍ଞା ଦେଲେ । ସେହି ଶଯ୍ୟାର ବର୍ଣ୍ଣନା ସାରଳା ଦାସ କରିଛନ୍ତି—

"କୁମ୍ଭାର ପାଉଁଶେ ଶଯ୍ୟା ଗୋଟିଏ ସେ କଲେ,
କର୍ପଟୀ ଖଣ୍ଡିଏ ପାତି କୁନ୍ତୀ ଯେ ଶୋଇଲେ ।
ତାହାଙ୍କର ପାଦତଳେ ପାଉଁଶ ଶଯ୍ୟାରେ,
କୁନ୍ତୀ ବୋଇଲେ ଦ୍ରୌପଦୀ ଶୁଅ ଏହିଠାରେ ।"

ଦ୍ରୌପଦୀଙ୍କ ଜୀବନରେ ଏ ଅଭୂତପୂର୍ବ ପରୀକ୍ଷା । ରାଜାର ଏକମାତ୍ର ନନ୍ଦନୀ ଆଜନ୍ମ ସୁକୁମାରୀ ଆଦର ପ୍ରତିପାଳିତା ଦ୍ରୌପଦୀ କୁଣ୍ଠିତା ହୋଇ ଇତସ୍ତତଃ କରି କପାଳରେ କର ଦେଇ ବସିଲେ । ମନେ ମନେ ଦୈବକୁ କହୁଛନ୍ତି—

"ଖାଇଶଯ୍ୟା ଦେଖି ଦେବୀ ଦ୍ରୌପଦୀ ବିକଳେ,
ଏମ୍ଭେ ଦଇବ ବୋଲି ଦେଲେ କରକୁ କପାଳେ ।"

ଶାଶୁ ବଧୂଙ୍କ ମନୋଭାବ ବୁଝି କହିଲେ—

କୁନ୍ତୀ ବୋଲନ୍ତି ଭୟାଣି ଅଛନ୍ତି ମୋ ପୋଏ,
ତୋ କର୍ମେ ତୁହି ଏହାଙ୍କୁ ପାଇଲୁ ଗୋ ମାଏ ।
ଯାହା ଅରଜିବା ସିନା ତାହାହିଁ ଭୁଞ୍ଜିବା,
ବିପଦ ସମ୍ପଦ ଏ ଗୋ ସଂସାର ବୁଝିବା ।

ସୁଖଲପ୍‌ସୁ ନବବିବାହିତା ତରୁଣୀ ଶାଶୁଙ୍କୁ କିଛି ପ୍ରକାଶ୍ୟରେ ଉତ୍ତର କଲେ ନାହିଁ । କିନ୍ତୁ ତାଙ୍କର ସମସ୍ତ ଅନ୍ତର ନିଜର ଆକସ୍ମିକ ଦୁର୍ଭାଗ୍ୟ ସହିତ ପ୍ରଥମ ପରିଚୟର ଗ୍ଲାନିରେ ଦଗ୍ଧ ହୋଇ ଯାଉଥିଲା । ତାହାର ସ୍ୱାଭାବିକ ପରିଣତି ସାରଳା ଦାସଙ୍କ ଲେଖନୀ ଫୁଟାଇଛି । ନବ-ବଧୂଙ୍କ ମନକଥା ଭାଷାରେ ଧରିଦେଇଛି ବଡ଼ ସହଜ ସାବଲୀଳ ଭଙ୍ଗୀରେ ।

ଦ୍ରୌପଦୀ ବିକଳ ହେଲେ ପାଉଁଶକୁ ଦେଖି,
ଦଇବ ପୁରୁଷ ମୋର କର୍ମେ ଏହା ଲେଖି ।
ହଂସୁଲୀ ତୂଳୀର ମୁକ୍ତା ରହିଅଛି ଘେରି,
ଖଟୁଥାନ୍ତି ନିତ୍ୟ ଶତ ଶତ ପରିବାର ।
ସୁପାଟ ଉପରେ ପୁଣି ଦାସୀନେତ ପାରି,
ତହିଁ ଉପରେ କର୍ପୂରଗୁଣ୍ଡିକ ସିଞ୍ଚାଡ଼ି ।
ତହିଁ ଉପରେ ପଡ଼ଇ ଶରୀର ମୋହର,
କେମନ୍ତେ ଶୋଇବି ମୁଁ ଗୋ ପାଉଁଶ ଉପର ।
ଲକ୍ଷେକ ବ୍ରାହ୍ମଣ ଘେନି ବ୍ୟାସ ମହାଯତି,
ମହାଯଜ୍ଞରୁ ମୋତେ ଗୋ କଲେ ଉତପତ୍ତି ।

ପଞ୍ଚାଳ ରାଜାର ମୁଁ ଗୋ ଅଟଇ ଦୁଲଣୀ,
ଦାଇବ ପୁରୁଷ ମୋତେ ଏହା କଲା ଆଣି ।
ପାଉଁଶ ପଡ଼ିଲେ ଜନକର ଶିରୀ ଯାଇ,
ମାଡ଼ିଲେଟି ଜନକର ସୁକୃତ ସରଇ ।
ମୁଁ ପରମ ମାହେଶ୍ୱରୀ ଦେହେଁ ଜ୍ଞାନ ଥାଉଁ,
ଏ ପାଉଁଶ ଶଯ୍ୟାରେ ମୁଁ ଶୋଇବ ଗୋ କାହୁଁ ?

ଯାଜ୍ଞସେନୀଙ୍କ ମନରେ ରାଜକୁମାରୀର ଆଭିଜାତ୍ୟ ଦଂଶନ କରିବାକୁ ଲାଗିଲା । ଦମ୍ଭ, ଆତ୍ମଗ୍ଳାନି, ଆହତ-ଆତ୍ମାଭିମାନ ତାଙ୍କର ଅନ୍ତରକୁ ମଥିତ କରି ଦେଉଥିଲା । ମାରୁତ ଭୀମସେନଙ୍କ ଚକ୍ଷୁରେ ଏହି ଭାବ ଫୁଟିଉଠି ଧରାପଡ଼ିଗଲା । ସେ ବଳବାନ ହେଲେ କଣ ହେବ, ମୂର୍ଖ, ହୁଣ୍ଡା, ଅଖାଡ଼ୁଆ ପଣରେ ସରିଥିଲେ । ଚକ୍ଷୁଲଜ୍ଜାର ସେ ଧାର ଧାରି କଥା କହିବା ଲୋକ ନ ଥିଲେ । ଚକ୍ଷୁ ତରାଟି ସେ କହିଲେ—

"କେ ଗୃହୁଁ ଦ୍ରୌପଦୀ ଶୋଉନାହୁଁ ତୁ କାହିଁକି ?

ଦ୍ରୌପଦୀଙ୍କ ଅବସ୍ଥା ସରିଗଲା । ସେ ମନରେ ଭାବିଲେ—

ଦେଖି ମହାଭୟ କଲେ ଦ୍ରୁପଦକୁମାରୀ,
ଏ ଦୁଷ୍ଟ ବ୍ରାହ୍ମଣ ପୁଣି ମୋତେ ତ ନ ମାରି ।
ସେଠାରୁ—ଭୟରେ ଦ୍ରୌପଦୀ ଦେବୀ ଶୋଇଲେ ବ୍ୟାକୁଳେ,
ସେହି ପଞ୍ଚପାଣ୍ଡବଙ୍କ ଚରଣର ତଳେ
ଦେଖିଲେ—ତମ୍ଭାର କପୋରି ହରିଗୋବନ୍ଦ ଯେ ମୁଣି
ଦେଖି ମୂର୍ଚ୍ଛାଗଲେ ଦେବୀ ଦ୍ରୁପଦ ଦୁଲଣୀ,

ମନରେ ତରୁଣୀଙ୍କର ଘୋର ଅନୁଶୋଚନା ଓ ମନସ୍ତାପ ଆସିଲା ।

ରାଜାର କୁମାରୀ ହୋଇ ହୀନ କର୍ମ ମୋର,
ଭିକ୍ଷାରୀ ବ୍ରାହ୍ମଣଙ୍କୁ ମୁଁ ପାଇଲିଁ ବର,
ହେ ଦାଇବ ପାପ ପୁଣ୍ୟ କପାଁ ନ ବିଚାରୁ
ଆବର କପାଇଁ ସ୍ତ୍ରୀଜନ୍ମ ଗୋଠା କରୁ ।"

ବ୍ରାହ୍ମଣ ପଣ୍ତ୍ରା ପାର୍ଥଙ୍କ ବୀରତ୍ୱରେ ଓ ଲକ୍ଷ୍ୟଭେଦରେ ଯେଉଁ ପୂର୍ବରାଗ କୃଷ୍ଣା ଚିତ୍ତରେ ଉଦୟ ହୋଇଥିଲା, ତାହା ସଂସାରର ବାସ୍ତବ କ୍ଷେତ୍ରକୁ ଆସି ଅତି ନିର୍ମମ ଭାବରେ ଚୂର୍ଣ୍ଣ ହୋଇ ଯାଇଛି। ନବୀନା ନାୟିକାର ସ୍ୱପ୍ନମୟୀ କଳ୍ପନା ମୂର୍ତ୍ତିଙ୍କେ ଛାୟାବାଜିସମ ମାନସପଟରୁ ଅନ୍ତର୍ଦ୍ଧାନ ହେବାରୁ କୃଷ୍ଣା ନାରାୟଣଙ୍କୁ ସୁମରି ଅନୁଶୋଚନା କରି ଭାବୁଛନ୍ତି—

"ଆନଭଳି ରାଜା ଯେବେ ମୋତେ ପାଇଥାନ୍ତା,
ମଥା ଉପରେ ବସାଇ ମୋତେ ଘେନି ଯାନ୍ତା।
ନିର୍ଦ୍ଦୟ ବ୍ରାହ୍ମଣ ଗଲେ ଏତେକରେ ରାଗି,
ଅନ୍ତେ ହୋଇଲି ମୁଁ ପୁଣି ତାଙ୍କ ପାଦଲାଗି।
ଦ୍ରୌପଦୀର ଶୋଚନା କେ ମୁଖେ କହି ପାରେ,
ପୁଣ ପୁଣ ଦେବୀ ନାରାୟଣଙ୍କୁ ସୁମରେ।"

ସାରଳା ଦାସ ଦ୍ରୌପଦୀ ଚରିତ୍ରରେ ସତୀଧର୍ମବିରୁଦ୍ଧ ଭାବନା ଆଣି କାବ୍ୟ କଳ୍ପନା କରିଛନ୍ତି। ମାତ୍ର ବ୍ୟାସରଚିତ ମୂଳ ମହାଭାରତରେ ଏହା ନାହିଁ। ଜ୍ଞାନବତୀ ଦ୍ରୌପଦୀ ବୀରର ମୂଲ୍ୟ ବୁଝି ପରିତୁଷ୍ଟ ହୃଦୟରେ ହୃଷ୍ଟମନରେ ପାଣ୍ଡବଙ୍କ ଅନୁଗମନ କରିବା କଥା ଲିଖିତ ଅଛି। ଏଣେ ଦ୍ରୁପଦରାଜ କନ୍ୟାର କୌଣସି ସମ୍ବାଦ ନ ପାଇ ଚିନ୍ତାରେ ଅସ୍ଥିର ହେଲେ। ବ୍ରାହ୍ମଣମାନେ କନ୍ୟାକୁ କେଉଁଆଡ଼େ ନେଲେ ଖୋଜି ଖୋଜି ନ ପାଇ ରାଜା ରାଣୀଙ୍କ ଶୋକର ବିରତି ନାହିଁ। ରାଜାଙ୍କର ଦୁହିତାଙ୍କ ପାଇଁ ଯେ ସନ୍ତାପ ତାହା ପୁତ୍ର ଧୃଷ୍ଟଦ୍ୟୁମ୍ନ ଶିଖଣ୍ଡିକୁ ଦେଖି କ୍ରୋଧରେ ପରିଣତ ହେଲା। ରାଜା କହିଲେ, "ତୁମ୍ଭେମାନେ ଦ୍ରୌପଦୀଙ୍କୁ କେଉଁଠାରେ ବିସର୍ଜନ କଲ? ତାହା ଆଗରୁ ତୁମ୍ଭର ମୃତ୍ୟୁ ହେଲା ନାହିଁ?" ପିତାଙ୍କ ଭର୍ତ୍ସନାରେ କୁମାରମାନେ କୋପଭରେ ଭଗିନୀର ଇତିବୃତ୍ତ ଜାଣିବାକୁ ବାହାରିଲେ। କିନ୍ତୁ ସେମାନଙ୍କ ସମସ୍ତ ଚେଷ୍ଟା ବିଫଳ ହେଲା। ଏହି ସମୟରେ କେଶିନୀ ପୁରପ୍ରବେଶ କରିବା ଦେଖି ସମସ୍ତେ ଆଶ୍ୱସ୍ତ ହୋଇ ଦ୍ରୌପଦୀଙ୍କ ବିଷୟ ପଚାରିଲେ। କେଶିନୀ ସମସ୍ତ ଗୋପନ କରି କହିଲା—

"ସମସ୍ତ କୁଶଳ ବୋଲି କହେ ମୃଦୁସ୍ୱରେ।"

ପୁଣି କହିଲେ—

"ଦ୍ରୌପଦୀ ଦେବୀ ଯେ ମୋତେ ଆଜ୍ଞା ଦେଲେ ରାଇ,
ପିତାଙ୍କୁ ଘେନି ମୋହର ଆସ ବେଗ ହୋଇ ।
ବଳେ କରିବା ଭେଟ ଦେବ ସେଠାରୁ ତ୍ୱରିତେ,
ନ ପୁଣ ସେଠାରୁ ଚଳଯାନ୍ତି ଅନ୍ୟ ପଥେ ।"

ଗୋପନରେ କୁମାରଦ୍ୱୟ ଯାଇଁ କୁଲାଲଶାଳର ଅନତିଦୂରରେ ରହିଲେ । କେଶିନୀ ପ୍ରଥମେ ଡିହୁଡ଼ି ଧରି ଶାଳରେ ପ୍ରବେଶ କଲା । ସମସ୍ତେ ସୁଷୁପ୍ତିମଗ୍ନ । କୁମାରମାନଙ୍କୁ ସନ୍ତର୍ପଣରେ ଆଣି ଦେଖାଇ କେଶିନୀ କହୁଛି—

"ସୀମନ୍ତ ସ୍ଥାନରେ ଶୋଇଛନ୍ତି ମାହେଶ୍ୱରୀ,
ତାହାଙ୍କର ପାଦତଳେ ବିପ୍ର ସଦାଗୃହୀ ।
ତାଙ୍କ ପାଦତଳେ ଦେଖ ସେ ଗୃହ ବାପୁଡ଼ା,
ପାଞ୍ଚଁଶେ ଶୋଇ ଅଛନ୍ତି ନାହିଁ ଯେ କପଡ଼ା ।"

ତାଙ୍କ ପାଦତଳେ ଦ୍ରୌପଦୀ ଶୋଇଛନ୍ତି ।

କେଶିନୀ ଦ୍ରୌପଦୀଙ୍କର ବାଲ୍ୟସହଚରୀ, ବାଲ୍ୟକାଳରୁ ସେ ଦେଖିଛି ଯେ କେତେ ସୁଖରେ ରାଜକୁମାରୀ ପ୍ରତିପାଳିତା ହୋଇ ଆସୁଥିଲେ । ଆଜି କି ଯାତନାରେ ତାଙ୍କର ଦିନ ଯାଉଛି । କୁମାରମାନଙ୍କ ମନରେ ବିରକ୍ତି ଉପୁଜାଇବା ନିମନ୍ତେ କେଶିନୀ କହୁଛି—

"ମାଗୋ କେଉଣ ପାତକେ ପାଇଲୁ ଏ ଶାସ୍ତି,

× × × ×

ମାଗୋ ରତ୍ନଖଟେ ପୁଷ୍ପ ଗୁଡ଼ାଏ ଯେ ପାରି
ତହିଁରେ ତୋହର କାୟାଗୋଟି ଥାଏ ପଡ଼ି ।
ଲକ୍ଷେ ମାଢ଼ ତୁଳ ହୋଇ କର୍ପୂରର ଧୂଳି,
ଶଯ୍ୟା ଉପରେ ସିଞ୍ଚନ୍ତି ନେଇ ଦୁଇ ଓଳି ।
ଆଲଟ ଚାମର ଧରି ଲକ୍ଷେ ମୁଦୁସୁଲୀ,
ଅହର୍ନିଶି ଯାହା ଇଚ୍ଛା କରନ୍ତି ପୋଇଲୀ ।

ଭିକ୍ଷାଣୀ ବ୍ରାହ୍ମଣ କମ୍ବା ଦୈତ୍ୟ କାମରୂପୀ,
ଏହାଙ୍କର ପାଦଲାଗି ହୋଇଲୁ ଅଦ୍ୟାପି ।

ଏ କଥା ଶୁଣି ଶୋକଭର ହୋଇ କୁମାର ଶିଖଣ୍ଡୀ ଅସି ଧରିଲେ । କେଶିନୀ କହିଲା—

"ଏ କୁବୁଦ୍ଧି କଲେ ସବଂଶେ ନାଶ ଯିବ ।"

ଧୃଷ୍ଟଦ୍ୟୁମ୍ନ କହିଲେ—

ଦ୍ରୁପଦ ଆସିଣ ଦେଖୁ ଦୁହିତା କଷ୍ଟହିଁ ।

× × × ×

ଦଦବ ଛତା ଖଣ୍ଡିଆ ଯୋତା ଭିକ୍ଷାମୁଣି,
ଯେବେହେଁ ପାପ କରିଅଛୁ ମୋହର ଭଉଣୀ ।"

କେଶିନୀ କୁମାରଙ୍କୁ କହିଲା—ବଡ଼ଲୋକଙ୍କୁ ନିନ୍ଦା କଲେ ନିଜର ଅନିଷ୍ଟ ହୁଏ ।

କୁମାର ନବର୍ତ୍ତି ଯାଇ ପିତାଙ୍କ ଆଗରେ ଆନୁପୂର୍ବିକ ସମସ୍ତ ଘଟଣା ବର୍ଣ୍ଣନା କରିଗଲେ । କେଶିନୀ ଦାସୀ, ସେ ଅର୍ଥ ପାଇଲେ ସତ୍ୟକୁ ମିଥ୍ୟା ଏବଂ ମିଥ୍ୟାକୁ ସତ୍ୟ ବୋଲି କହି ପାରେ । ଦାସୀଙ୍କ ନୀଚତାର ସ୍ୱରୂପ କପର କବି କୁମାରଙ୍କ ମୁଖରେ ଶୁଣାଇଛନ୍ତି—

ଏହି ମୋଢ଼ୀ କେଶିନୀ ଯେ ଅଟେ ଅନାଗୃହୀ,
ପରବାଦୀ ପରବେଶକାରିଣୀ ଚତୁରୀ ।
ଧନ ଥୋକାଏ ଏହାକୁ ଲୋକ ଯେବେ ଦେବ,
ରୋଗୀ ଲୋକଙ୍କୁ ଏ କାମଦେବହିଁ କହିବ ।

କିନ୍ତୁ ରାଜା ସମସ୍ତ ବୃତ୍ତାନ୍ତ ଜାଣିଥିବା ହେତୁ କୁମାରମାନଙ୍କ ଭ୍ରମ ଦୂର କରିବା ପାଇଁ କହିଲେ —

"ତୁମ୍ଭେ କିମ୍ପାଇଁ ରେ ନିନ୍ଦା କର ଏ କେଶିନୀ,

× × × ×

ରାଜା ଯଦ୍ୟପି ମୋହର ଦୁହିତା ପାଆନ୍ତା,
ସଙ୍ଗାଲୁଣୀ କରି ବହି ମଥାରେ ନିଅନ୍ତା ।

ତାହାଙ୍କ ପାଦକୁ ଯୋଗ୍ୟ ଯେବେ ମୋ କୁମାରୀ,
ନୁହନ୍ତି ବ୍ରାହ୍ମଣ ସେହୁ ସ୍ୱର୍ଗୁଁ ଅବତର ।
ଦ୍ରୌପଦୀର ବଡ଼ ଭାଗ୍ୟ ମୋ ବଂଶର ପୁଣ୍ୟ,
ଦେଖିଲେ ମୁକତ ହେବ ଯିବ କଷ୍ଟମାନ ।
ଦେଖି ମୁକତ ହୁଅନ୍ତୁ ଲୋକେ ମୋ ରାଜ୍ୟର,
ମୋହର ପୁରେ ଉତ୍ସବ କରାଅ ସତ୍ୱର ।"

× × ×

ପାଣ୍ଡବମାନଙ୍କର ପ୍ରକୃତ ଇତିହାସ ଜାଣି ପରେ ଦ୍ରୌପଦୀଙ୍କର ଆତ୍ମଗ୍ଲାନି ଦୂର ହେଲା । ସେ କେଶିନୀକୁ କହିଲେ—

"ଦ୍ରୌପଦୀ ଦେବୀ ବୋଇଲେ ଶୁଣ ଲୋ କେଶିନୀ,
ଧନ୍ୟ ଧନ୍ୟ ଲୋ ମୋହର ପିତା ମାତା ବେନି ।
ମୁହିଁ ଯେ ଉତ୍ତମ ସ୍ତ୍ରୀକୁଳେ ଅଛି ଜନ୍ମି,
ଏ ପାଞ୍ଚ ଜଣ ଅଟନ୍ତି ଆକାଶର ମୁନି ।"

ବିବାହ ଉତ୍ସବାନ୍ତ ପରେ ଦିନେ ବ୍ୟାସ ପାଣ୍ଡବପତ୍ନୀଙ୍କୁ ପଚାରିଲେ,

"ଅଛନ୍ତି ଏଠାଁ ପାଣ୍ଡବ ଏ ପଞ୍ଚ ମୂରତି,
ଏହାଙ୍କ ମଧ୍ୟେ କାହାକୁ ବଳଇ ତୋ ମତି ।"

ଦ୍ରୌପଦୀ ସତୀ ନାରୀ, ସେ କେବେ ମିଥ୍ୟା କହିବେ ନାହିଁ । ସେ କହିଲେ—

"ତୁମ୍ଭେ ବ୍ରହ୍ମବେତ୍ତା ଗୁରୁ ପରମ ଯେ ଗୁରୁ,
ତୁମ୍ଭର ସମ୍ମୁଖରେ ମିଥ୍ୟା କେବା କହି ପାରୁ ।
ପ୍ରତ୍ୟକ୍ଷେ ଅଛନ୍ତି ଏଠାରେ ମୋର ବାପ ମାଏ,
ପାଞ୍ଚହେଁ ବଳନ୍ତି ମୋତେ ଏକା ଇନ୍ଦ୍ର ପ୍ରାଏ ।"

ଏହା କିଛି ସହଜ କଥା ନୁହେଁ । ମାତା ତାହାର ସମସ୍ତ ପୁତ୍ରଙ୍କୁ ସମଭାବରେ ଦେଖୁଥିଲେ ସୁଦ୍ଧା ତହିଁରେ ମଧ୍ୟ ଉତ୍ତମ ମଧ୍ୟମ ଅଧମର ବିଚାର କରେ । ଏ ମାତୃହୃଦୟର ଗୂଢ଼ ଏବଂ ସତ୍ୟ କଥା । କିନ୍ତୁ ଦ୍ରୌପଦୀ ପାଞ୍ଚ ପତିଙ୍କୁ ସମାନଭାବରେ ଦେଖୁଛନ୍ତି । ଏଥିରୁ ବୁଝି ହେବ ଯେ, ଦ୍ରୌପଦୀଙ୍କୁ

ସାଧାରଣ ନାରୀଙ୍କର ମାନଦଣ୍ଡରେ ମାପିଯିବା ଉଚିତ ହେବ ନାହିଁ । ସେ ସାଧାରଣ ନାରୀମାନଙ୍କଠାରୁ ବହୁ ଊର୍ଦ୍ଧ୍ୱରେ । ସୁତରାଂ ତାଙ୍କ ଚରିତ୍ରକୁ ଗ୍ରାମ୍ୟ ନୀତିରେ ପଞ୍ଚ ପତିଙ୍କର ସ୍ତ୍ରୀଭାବରେ ଶ୍ଳେଷ କରିବା କଥା ନାହିଁ । କିନ୍ତୁ ବନପର୍ବରେ "ସତ୍ୟ ଆମ୍ବ" ପ୍ରସଙ୍ଗରେ ଦ୍ରୌପଦୀଙ୍କ ମନୋଭାବକୁ କବି ଯେପରି ଭାବରେ ପ୍ରକାଶ କରିଛନ୍ତି, ତାହା ଏହା ସହିତ ଖାପ ଖାଉ ନାହିଁ ।

## ( ୨ )

କପଟପାଶାରେ ବ୍ୟସନୀ ଧର୍ମରାଜ ସମସ୍ତ ଭ୍ରାତାମାନଙ୍କୁ ହରାଇ ଶେଷରେ ଯାଜ୍ଞସେନୀଙ୍କୁ ହାରିଲେ । ଦୁର୍ଯ୍ୟୋଧନ ଆଦେଶରେ ଦୁଷ୍ଟ ଦୁଃଶାସନ ପ୍ରବଳ ବେଗରେ ଯାଇ ବାରୁଣାବତରେ ଉପସ୍ଥିତ ହେଲା । ସେ ମାତା କୁନ୍ତୀ ଦେବୀଙ୍କ ଅଜ୍ଞା ଅବଜ୍ଞା କରି ଓ ତାଙ୍କୁ ଭୁତଳଶାୟୀ କରି ଶେଷରେ ତାଳମ୍ବପୁର, ନେଳବାସପୁର, ଝୀନପୁର, ମଣିପୁର, ରହପୁର, ଅବକାଶପୁର, ଚନ୍ଦ୍ରଶାଳପୁର ଖୋଜି କୁଳବଧୂ ଦ୍ରୌପଦୀଙ୍କୁ ନ ପାଇ ପାକ-ଶାଳାରେ ଭୀତା ବହୁଳା ଦ୍ରୌପଦୀଙ୍କୁ ଭେଟିଲା । ଦ୍ରୌପଦୀ ଏକବସ୍ତ୍ରା ଥିଲେ ଓ ପାକାସ୍ପରଶ ଥିବାରୁ ବହୁ ବିନୟରେ ଦୁଃଶାସନର ପ୍ରଚେଷ୍ଟାକୁ ରୋଧିବାକୁ ବସିଲେ । ମାତ୍ର ଦୁଃଶାସନ ଧର୍ମବାଣୀ ଅମାନ୍ୟ କରି ଦେବୀଙ୍କୁ ଆକର୍ଷି ସଭାମଧ୍ୟକୁ ଘେନି ଆସିଲା । ଲଜ୍ଜା, କ୍ରୋଧ ଓ କ୍ଷୋଭରେ ଦ୍ରୌପଦୀ ହରିଙ୍କୁ ସ୍ମରଣ କଲେ । ସେ ଆକୁଳ ହୋଇ କହିଲେ—

"ସଭାକୁ ନ ନିଅ ତୋତେ ମୋହରଟି ରାଣ
ସଭାରେ ବସିଅଛନ୍ତି ମୋର ମାନ୍ୟ ଜନ ।
ସଭାକୁ ନେଲେ ଲଜ୍ଜା ହେବ ନ ଜାଣୁ କି ବୀର,
ସଭାରେ ବସି ଅଛନ୍ତି ପଞ୍ଚ ସହୋଦର ।

ଦୁଃଶା ଏ କଥାରେ କର୍ଣ୍ଣପାତ କଲା ନାହିଁ । ଦେବୀଙ୍କ ରାଣକୁ ଏଡ଼ି ଦୁର୍ଯ୍ୟୋଧନ ଆଗରେ ସମସ୍ତ କହିଲା । ଦୁର୍ଯ୍ୟୋଧନ ସଖାମାନଙ୍କ ସହିତ ନାନା ଅଶ୍ରାବ୍ୟ ଭାଷାରେ ଦେବୀଙ୍କୁ ଅପମାନ କରି କୁରୁସଭାରେ ତାଙ୍କୁ

ବିବସ୍ତ୍ରା କରିବା ନିମନ୍ତେ ନିଜଭାଇଙ୍କୁ ଆଜ୍ଞା ଦେଲା । ଏହା ଶୁଣି ଦେବୀ ଭାବିଲେ, ସଭାସ୍ଥ ସମସ୍ତ ମାନ୍ୟ ଗଣ୍ୟଙ୍କୁ ସେ ଆବେଦନ କରି ଦୁରବସ୍ଥାର ପ୍ରତିକାର ଲୋଡ଼ିବେ, ସେଥି ପାଇଁ ସେ କହିଲେ —

"ଦ୍ରୌପଦୀ ଦେବୀ ବୋଇଲେ ଏ କୁରୁସଭାରେ,
ଧାର୍ମିକ ବିବେକୀ ଜନ ଅଛନ୍ତି ଏଠାରେ ।
କେହି ପଦେ ନ କହୁଛି ଦେଖୁଛି ଅନୀତି,
ଭୀଷ୍ମ ଦ୍ରୋଣ ଭୂରିଶ୍ରବା ଆଦିକରି ଅଛନ୍ତି ।

ଦୁଃଶାସନ କହିଲା—

"ଆପଣାକୁ ହାରିଲେ ଖେଳେ ଧର୍ମ ନୃପବର
ବାମା ତହିଁ ରହିଲା କାହିଁ ତାଙ୍କ ଅଧିକାର ?"

ଦ୍ରୌପଦୀ ଯେଉଁ ନୀତିଗତ ଓ ବୈଧାନିକ ପ୍ରଶ୍ନ ଉତ୍‌ଥାପନ କଲେ, ତାହାର ମୀମାଂସା ଭୀଷ୍ମଦ୍ରୋଣାଦି ବିଜ୍ଞ ପଣ୍ଡିତମାନେ ପ୍ରକାଶ୍ୟରେ କରି ପାରିଲେ ନାହିଁ । ସବୁ କାଳରେ ସବୁ ଯୁଗରେ ଅର୍ଥ ଓ କ୍ଷମତା ଧାର୍ମିକ ବ୍ୟକ୍ତିମାନଙ୍କୁ ମଧ୍ୟ ସ୍ଥଳବିଶେଷରେ କ୍ଳୀବ, କାପୁରୁଷ କରି ଦେଇଥାଏ । ଦୁର୍ଯ୍ୟୋଧନ ହସ୍ତିନାର ରାଜା । ସଭାସଦ ତାଙ୍କର ଅର୍ଥଦାସ, ଅନ୍ନଦାସ । ସେଥିପାଇଁ ବିଜ୍ଞମାନେ ଏହା ଅନ୍ୟାୟ, ଅନୀତି ବୋଲି ଜାଣି ସୁଦ୍ଧା ତୁନି ହୋଇ ରହିଲେ । ଏହା ଦେଖି ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ କହିଲା, "ତୁ ଯେଉଁ ଶ୍ରୀକୃଷ୍ଣଙ୍କୁ ଡାକୁ, ସେ ତୋତେ ଏ କ୍ଷେତ୍ରରେ ରକ୍ଷା କରୁ ନାହିଁ କାହିଁକି ?" ଦ୍ରୌପଦୀ ସମସ୍ତ ସହ୍ୟ କରିବେ; କିନ୍ତୁ ଇଷ୍ଟ ଦେବତା ଅନାଥର ନାଥ ପାଣ୍ଡବସହାୟ ଶ୍ରୀକୃଷ୍ଣଙ୍କ ନିନ୍ଦା ସହ୍ୟ କରି ପାରିବେ ନାହିଁ । ତେଣୁ ସେ ବିରକ୍ତ ହୋଇ ଘୃଣାରେ କୁରୁରାଜଙ୍କୁ ଭର୍ତ୍ସନା କଲେ । ଦୁଃଶାସନ ଭାଇର ଇଙ୍ଗିତରେ ଦେବୀଙ୍କୁ ବିବସ୍ତ୍ରା କରିବାକୁ ଧାଇଁ ଗଲାରୁ ବୁଦ୍ଧିମତୀ ମାନିନୀ ଦ୍ରୌପଦୀ କହିଲେ, "ରହ ! ସମ୍ମୁଖରେ ମୋର ପଞ୍ଚପତି ଅଛନ୍ତି, ସେମାନେ ମୋତେ ରକ୍ଷା କରିବେ କି ନାହିଁ, ମୁଁ ପଦେ ପଚାରି ଯାଏଁ ।

ଯୁଧିଷ୍ଠିରଙ୍କୁ ଦେବୀ କହିଲେ—

"ଯୁଧିଷ୍ଠିରଙ୍କୁ ଚାହିଁ ଦେବୀ ଲୋତକ ଲୋଚନେ,
କହନ୍ତି ଭୋ ପ୍ରଭୁ ଥାଉଁ ତୁମ୍ଭ ସନ୍ନିଧାନେ ।
ବାରନାରୀ ପ୍ରାୟେ ଆଣି କରନ୍ତି ଏ ବଳେ,
ଧର୍ମରାଜ ବୋଲାଉଛ ଏ ମହୀମଣ୍ଡଳେ ।
ଏ ମହାସଭାରେ ଦେବ ତୁମ୍ଭ ରମଣୀଙ୍କ,
ବିବସ୍ତ୍ରା କଲେ ତୁମ୍ଭଙ୍କୁ ଲଜ୍ଜା ହେବ ନାହିଁ ?"

ଧର୍ମରାଜ ଧର୍ମପଣ ଓ ପ୍ରତିଜ୍ଞାକୁ ବଡ଼ କରି ଅଧୋମୁଖରେ ବସିବାରୁ ଦେବୀ ପାର୍ଥଙ୍କ ନିକଟକୁ ଯାଇଁ ପଚାରିଲେ :—

"ପାର୍ଥ ମୁଖ ଚାହିଁ ପୁଣି ଗଦଗଦ ସ୍ୱରେ,
ବୋଲନ୍ତି ଦ୍ରୌପଦୀ ଦେବୀ ଅତ୍ୟନ୍ତ କାତରେ ।
ବାସବନନ୍ଦନ ତୁମ୍ଭେ ପୃଥ୍ୱୀର ଭୂଷଣ
ଦ୍ୱିତୀୟ କୃଷ୍ଣ ବୋଲାଅ ଦେଖ ମୋ ଲକ୍ଷଣ ।
ଧିକ ବୀରପଣ ଧିକ ତୁମ୍ଭ ଜୀଇଁବାର
ଘରୁ କେଶ ଧରି ମୋତେ ଏ ମୂର୍ଖ ପାମର ।
ବିବସନ କରୁଅଛି ଏ ମହାସଭାରେ,
ନିର୍ଲଜ୍ଜ ଜୀବନ କମ୍ପା ଧରିଛ ସଂସାରେ ।"

ପାର୍ଥ ପ୍ରତିବାଦ କରି କହିଲେ—"ମୋତେ କାହିଁକି ଏତେ ଧିକ୍କାର କରୁଛ ? ମୋର ପରାକ୍ରମ କ'ଣ ତୁମ୍ଭଙ୍କୁ ଜଣା ନାହିଁ ? ଯେତେବେଳେ ସତ୍ୟଭାମାକୁ ଗୋବିନ୍ଦ ଦୈତ୍ୟ ହରଣ କଲା, ସେତେବେଳେ "ଅର୍ଜୁନ ରଖ", କହିବାରୁ ମୁଁ ନିପୁର ଯୁଦ୍ଧ ସତ୍ୟଭାମାକୁ ଉଦ୍ଧାର କରି ଶ୍ରୀକୃଷ୍ଣଙ୍କୁ ଦେଇଥିଲି । ମୋତେ ଏ ଅବସ୍ଥାର ପ୍ରତିକାର କରିବା କଥା କହ। ଛାଡ଼ ! କାରଣ—

"କଷ୍ଟରେ ଆଜ୍ଞା ଦିଅନ୍ତେ ଯେବେ ଧର୍ମସୁତ,
ଦେଖନ୍ତା ସଖୀ କିପରି ମୋହର ସାମର୍ଥ୍ୟ !"

ଦେଖି କ୍ଷୁବ୍ଧ ହୋଇ ନକୁଳଙ୍କ ନିକଟକୁ ଯାଇଁ କହିଲେ—

ହେ ନକୁଳ ତୁମ୍ଭେ ପରା ମହାବଳୀୟାର,
କୁମାରପଣରେ ପାଠ ସ୍ୱର୍ଗରେ ତୁମ୍ଭର ।
ନବ ନିଶିତ କୁନ୍ତକୁ ବହ ବୀରପଣେ,
ମୋର ଏ କଷଣ ଦେଖି ସହୁଛ ଯା ପ୍ରାଣେ ।
ସଭାମଧ୍ୟେ ଦୁଃଶାସନ କରୁଛି ଉଲଙ୍ଗ,
କପର ସହୁଛ ଛିଡ଼ି ନ ପଡ଼ଇ ଅଙ୍ଗ ।”

ନକୁଳ ପାର୍ଥଙ୍କ ଭାଷଣର ପୁନରାବୃତ୍ତି କଲେ । ତହୁଁ ଦେବୀ ଯାଇ ସହଦେବଙ୍କୁ କହିଲେ—

“ଆଗହୁଁ କିମ୍ପାଇଁ ମୋତେ ନ କର ଗୋଚର,
ଏବେ ହରି ପାରିବ କି ଦୁର୍ଗତି ମୋହର ।
ତୁମ୍ଭେ ମନ୍ତ୍ରୀବର ପରା ତିନକାଳ ଜ୍ଞାତା,
ଛମୁରେ ଜଣାଅ ଭୂତ ଭବିଷ୍ୟତ କଥା ।
ତୁମ୍ଭଠାରେ ଥାଉଁ ଥାଉଁ ଏମନ୍ତ ଶକତି,
ଜାଣି ନ ଥିଲ ଆଗୁଁ କି ପଡ଼ିବ ବିପତ୍ତି ?”

ସହଦେବ କହିଲେ, “ଦେବଜ୍ୟୁଠ ମାୟାରୁ ଏ ଦୁଷ୍ଟମାନେ ମରିବେ । ଧର୍ମସୁତ ଆଜ୍ଞା ଦେଲେ ମୁଁ କ୍ଷଣିତରେ ଏହାର ପ୍ରତିଶୋଧ ନିଅନ୍ତି । କିନ୍ତୁ ମୁଁ ନାଚାର ।” ଦ୍ରୌପଦୀଙ୍କର ମୁଖ ନିରାଶାରେ ମଳିନ ହେଲା ।

ଅସହାୟା ଅନାଥା ରମଣୀ ପରି ସେ ଲୋତକରେ ଅଙ୍ଗ ସିକ୍ତ କଲେ । ତାଙ୍କର ଅବସ୍ଥା ଦେଖି ଭୀମଙ୍କର ଅସହ୍ୟ କଷ୍ଟ ହେଲା । ଦ୍ରୌପଦୀ ଶେଷ ଆଶ୍ରୟ ଭାବି ବୀର ବୃକୋଦରଙ୍କୁ କହିଲେ—

“ଦ୍ରୌପଦୀ ଭୀମଙ୍କୁ ଚାହିଁ ବୋଇଲେ ହୋ ଦେଖ,
ତୁମ୍ଭ ପରା ବୀର ଥାଉଁ ମୋର ଏଡ଼େ ଦୁଃଖ ।
ଏ ପାମର ଦୁଃଶାସନ ଧଇଲା ମୋ କେଶ,
ଦେଖି ମନରେ କେମନ୍ତ ନ ଧରୁଛ ରୋଷ ।

ବାଉନଭାର ଗଦା କି କରେ ନାହିଁ ଘେନ,
ସିଂହନାରୀକୁ ଶୃଗାଳ ବଳେ ଘରୁ ଆଣି ।
ସଭାମଧ୍ୟେ ବିବସନ କରେ ତୁମ୍ଭ ଆଗେ,
ଧିକ ତୁମ୍ଭ ବଳ ବୀର୍ଯ୍ୟ ଧର କେଉଁ ବାଗେ ।”

ଭୀମ ଶିର ଝୁଣି ନିରୁପାୟ ହୋଇ ପାର୍ଥଙ୍କ ବଚନର ପୁନରାବୃତ୍ତି କଲେ । ଦେବୀଙ୍କର ସହ୍ୟର ସୀମା ବଳିଗଲା । ସେ ପାଞ୍ଚପତିଙ୍କୁ କହିଲେ—

“ଦ୍ରୌପଦୀ ବୋଇଲେ ଧିକ ତୁମ୍ଭ ବୀରପଣ,
ନିର୍ଲଜ୍ଜ ହୋଇ ଜୀଇଁଛ କିମ୍ପା ପାଞ୍ଚ ଜଣ ।
ଏ ନିର୍ଲଜ୍ଜ ମୁଖ ତୁମ୍ଭେ ଦେଖାଅ କିପାଇଁ,
ପାଞ୍ଚ ଜଣ ହସ୍ତ ଧରି ଅନାଥା ହେଲଇଁ ।
ତୁମ୍ଭେ ମହନ୍ତ ବୋଲି ମୁଁ ଆଶା କରିଥିଲି,
ଅନାଥା ନାରୀ ପରାଏ ବ୍ୟର୍ଥେ ଦିନ ନେଲି ।
କିପାଇଁ ଆଣିଲ ଲକ୍ଷେ ରାଜା ମଧ୍ୟୁଁ ଜିଣି,
ପାଞ୍ଚପତି ଆଗେ କେଶ ଦୁଃଶା ଧରି ଟାଣି ।
ଧିକ ତୁମ୍ଭ ଗଦାବଳ ଧିକ୍ ତୁମ୍ଭ ବାହା,
ଉଲଗ୍ନ ବେଳେ ନୋହିଲ ଜଣେ କେହି ସାହା ।

ଭୀମ କ୍ରୋଧରେ ଗର୍ଜି କହିଲେ—

“ଭୀମ ବୋଲେ ଦ୍ରୌପଦୀ ନ କର ମୋତେ ମାନ;
ଯେ କରେ କେଶ ଧରିଛି ତୋର ଦୁଃଶାସନ ।
କହୁଅଛି ତୁମ୍ଭଙ୍କୁ ମୁଁ ଶ୍ରୁତିପଥେ ଶୁଣ,
ସେ ଭୁଜ ମୁଁ ଉପାଡ଼ିବ ଏ ସତ୍ୟ ବଚନ ।
ଯୁଧିଷ୍ଠିରଙ୍କ ରାଣ ମୋତେ ନିଶ୍ଚେ ଉପାଡ଼ିବ,
ଏହା ମୁଁ ନ କଲେ ପିତୃଦ୍ରୋହୀ ହୋଇବ ।”

ଏହା ପରେ କୁରୁସଭାରେ ଦୁଃଶାସନ ଦ୍ରୌପଦୀଙ୍କୁ ବିବସନ କରିବାର ଚେଷ୍ଟା କଲା । ଦ୍ରୌପଦୀ କାତରରେ ଭକ୍ତବତ୍ସଳ ଶ୍ରୀହରି ରବିନାରାୟଣଙ୍କୁ ପ୍ରାର୍ଥନା କଲାରୁ ଛପନକୋଟି ବସ୍ତ୍ର ତାହାଙ୍କ ଅଙ୍ଗରେ

ଅଦୃଶ୍ୟ ନାରୀମାନେ ବେଷ୍ଟନ କରି ଲଜ୍ଜା ନିବାରଣ କଲେ । ଦ୍ରୌପଦୀଙ୍କ ପ୍ରାର୍ଥନାକୁ କବି କେତୋଟି ସଂସ୍କୃତ ଶ୍ଳୋକରେ କହିଛନ୍ତି—

ହେ ନାଥ ହେ ଯଦୁପତେ କରୁଣା କଟାକ୍ଷ
ଲକ୍ଷ୍ମୀପତେ ଯଦୁପତେ କମଳାୟତାକ୍ଷ ।
କ୍ଷୀପ୍ରଂ ବିଧେହି କରୁଣାଂ ନୃପତେଃ ସଭାୟାଂ
ଦୁଃଶାସନୋ ବିବସନାଂ କୁରୁତେ ହି ମାଂ ଚ ।

ମୂଳ ମହାଭାରତରେ ବ୍ୟାସ ସଂସ୍କୃତରେ ଯେଉଁ ପ୍ରାର୍ଥନା ଲେଖିଛନ୍ତି ସାରଳା ଦାସ ସେହି ଶ୍ଳୋକ ତାଙ୍କ କାବ୍ୟରେ ନ ଦେଇ ନିଜେ ସଂସ୍କୃତ ଶ୍ଳୋକ ରଚନା କରିଛନ୍ତି ଭାମିନୀ ଦ୍ରୌପଦୀଙ୍କର ମନୋ-ବୃତ୍ତିକୁ ପ୍ରତିଫଳିତ କରିବା ପାଇଁ ।

ଦ୍ରୌପଦୀ ପଞ୍ଚପାଣ୍ଡବଙ୍କର କାପୁରୁଷତାକୁ ସହି ନ ପାରି ସେମାନଙ୍କର ମୃତ୍ୟୁ କାମନା କରି ଯେ ଲାଞ୍ଛନାତ୍ମକ ଭାଷା ବ୍ୟବହାର କରିଛନ୍ତି, ତାହା ଶାସ୍ତ୍ରନିର୍ଦ୍ଦେଶମତେ ସତୀଧର୍ମବିରୋଧୀ । କିନ୍ତୁ ଏହି ନାରୀ ବିଚିତ୍ରଧର୍ମିଣୀ । ଏହାଙ୍କ ପ୍ରକୃତି ଓ ଚରିତ୍ର ଗଠନ ଏପରି ଯେ ତାହା କୌଣସି ଧରାବନ୍ଧା ନୀତି ନିୟମ ନିର୍ଦ୍ଦେଶର ଅଧୀନ ନୁହେଁ । ସେ ଧର୍ମକୁ "କ୍ଷେତ୍ରେ କର୍ମ ବିଧୀୟତେ" ନୀତିରେ ବିଚାରିବା କଥା କବି ସୁନ୍ଦରଭାବରେ ମହାଭାରତରେ ଲେଖିଛନ୍ତି । ଏହାର ଅର୍ଥ ନୁହେଁ ଯେ ଦ୍ରୌପଦୀ ଅଧାର୍ମିକା ଥିଲେ । ତାହା ହୋଇଥିଲେ ତାଙ୍କର କୋପଦୃଷ୍ଟି ହସ୍ତିନା ନଗରକୁ ଜଳନ୍ତ ଅଗ୍ନିରେ ଧ୍ୱଂସ କରି ପାରିଥାନ୍ତା; କିମ୍ବା ତାଙ୍କୁ ସନ୍ତୋଷ କରିବାକୁ ପୁରନାରୀମାନେ ପୂଜା କରି ଥାନ୍ତେ । ଯେଉଁଆଡ଼ୁ ଦେଖିଲେ କୃଷ୍ଣାଙ୍କ ଚରିତ୍ର ବିଚିତ୍ର ବୋଧ ହୁଏ । ଦ୍ରୌପଦୀ ବୀରାଙ୍ଗନା ହେଲେହେଁ, ସାଧାରଣ ନାରୀସୁଲଭ ଭୀତି ତାଙ୍କୁ ତ୍ରସ୍ତ କରିଛି । ନାରୀସୁଲଭ ପତିନିର୍ଭରତା ତାଙ୍କ ପ୍ରକୃତିରେ ମହାଭାରତୀୟ ପର୍ବମାନଙ୍କର ସବୁ କ୍ଷେତ୍ରରେ ଫୁଟି ଉଠିଛି । ତଥାପି ତାଙ୍କର ତେଜସ୍ୱିତା ବାସ୍ତବତା ଓ ସ୍ୱାଭାବିକତାର ସୃଷ୍ଟି କରିଛି । ସାରଳା ଦାସ ଏହି ଶକ୍ତିମୟୀ ନାରୀଙ୍କୁ ମହାଶକ୍ତି ଯୋଗମାୟା- ଅଂଶ-ସମ୍ଭୂତା ହୋଇଥିବାରୁ ତାଙ୍କୁ ବହୁପ୍ରକାର ସ୍ତବ ଓ ସ୍ତୁତି କରି

ଲେଖିଅଛନ୍ତି । ଏହି ଦେବୀସ୍ୱରୂପିଣୀ ନାରୀପ୍ରକୃତିରେ ପ୍ରଭୃତି ହଂସ ବା ଅନ୍ୟାନ୍ୟ ଶ୍ରୀ ପ୍ରଭୃତି ଶୋଧସ୍ପୃହା ତାଙ୍କ ଚରିତ୍ରକୁ ଅଧିକ ମହନୀୟ ଓ ଶ୍ରଦ୍ଧେୟ କରିଛି । ନାରୀହୃଦୟରେ ରୁଦ୍ରଭାବ ସହିତ କୋମଳ ଭାବର ମିଶ୍ରଣ ଦ୍ରୌପଦୀଚରିତ୍ରର ବିଶେଷତ୍ୱ । ମହାଭାରତ ଯୁଦ୍ଧ ଶେଷରେ ଅଶ୍ୱତ୍ଥାମା କର୍ତ୍ତୃକ ତାଙ୍କର ପଞ୍ଚପୁତ୍ର ନିଧନରେ ସେ ଯେପରି ଶୋକାତୁରା ହୋଇ ପଡ଼ିଛନ୍ତି, ତାହା ତାଙ୍କର ଅତି ସାଧାରଣ ପୁତ୍ରଶୋକାକୁଳା ଜନନୀର ରୂପ ଦେଖାଇଛି । ଭୀମ କାନ୍ତ ପ୍ରକୃତିର ପ୍ରତୀକ ଦ୍ରୌପଦୀ ।

( ୩ )

## ସୁଦେଷ୍ଣା ଓ ଦ୍ରୌପଦୀ

ବନବାସ ଶେଷ କରି ପାଣ୍ଡବମାନେ ବିରାଟପୁରରେ ଏକ ବର୍ଷ ଅଜ୍ଞାତ ବାସ କରିବାପାଇଁ ଉପସ୍ଥିତ ହେଲେ । ସମସ୍ତେ ବିରାଟ ରାଜପ୍ରାସାଦରେ ନାନା କାର୍ଯ୍ୟରେ ନିଯୁକ୍ତ ହେଲେ । ଛଦ୍ମବେଶୀ ପଞ୍ଚ ପାଣ୍ଡବଙ୍କୁ କେହି ଚିହ୍ନିଲେ ନାହିଁ । ଦ୍ରୌପଦୀ ରାଣୀହଂସପୁରରେ ପ୍ରବେଶ କଲାରୁ ଦାସୀମାନେ ଶଙ୍କିତ ହୋଇ ରାଣୀ ସୁଦେଷ୍ଣାଙ୍କୁ କହିଲେ :—

"ବିରାଟର ପରମେଶ୍ୱରୀ ତୁହି ପରମାଣି,
ନିଶ୍ଚୟ ସେହି ତୋହର ହେବ ସପତଣୀ ।"

ମହାଭାରତକାର ଲେଖିଛନ୍ତି, ଦ୍ରୌପଦୀ ଜାତକମଳିନୀ, ନିପୁର-ମୋହିନୀ । ତାଙ୍କ ଆକୃତି ଅନ୍ତଃପୁର ପରିଚାରିକାମାନଙ୍କ ମନରେ ପ୍ରଭୁ-ପତ୍ନୀଙ୍କ ସର୍ବନାଶର ଶଙ୍କା ଜାତ କଲା । ଏହା ଅତି ସ୍ୱାଭାବିକ । କବିଙ୍କ ନାରୀଚରିତ୍ର ଚିତ୍ରଣରେ ନାରୀଚରିତ୍ରରେ ଈର୍ଷା, ପରଶ୍ରୀକାତରତା, ହିଂସା, ପୁଣି ଦୟା, ଦାକ୍ଷିଣ୍ୟ, ଭକ୍ତି, ଶ୍ରଦ୍ଧା ପ୍ରଭୃତି ଭଲ ଓ ମନ୍ଦ ଦିଗ ବର୍ଣ୍ଣିନା କରିଛନ୍ତି । କବି ପ୍ରକାଶନୈପୁଣ୍ୟରେ ବାହାଦୁରି ପାଇବାର ଉପଯୁକ୍ତ । ଉତ୍କଳରେ ଅନ୍ୟାନ୍ୟ ପୁରାଣମାନଙ୍କ ଦୃଷ୍ଟିରୁ ଏହି ଦିଗରେ ସାରଳା ଦାସଙ୍କ ଲେଖା ଶୀର୍ଷ ସ୍ଥାନ ଅଧିକାର କରେ ।

ଦାସୀମାନେ ଦ୍ରୌପଦୀଙ୍କୁ ଅପମାନ ଦେଇ ପ୍ରାସାଦରୁ ବିଦାୟ କରିବାକୁ କହିଲାରୁ ରାଣୀ ସୁଦେଷ୍ଣା ଉତ୍ତର ଦେଲେ :—

"ସୁଦେଷ୍ଣା ବୋଇଲେ ଆଗୋ ଏମନ୍ତ ନ ବୋଲ,
ବିପନ୍ନଙ୍କୁ ଗଞ୍ଜାଳ ଗୋ କେବେ ନୁହେଁ ଭଲ ।
କଷଣ ପାଇଲେ ଆଗୋ ଆସନ୍ତି ଦେବତା,
ଗଞ୍ଜାଳ କରିଲେ ମୃତ୍ୟୁ ହୁଏ ସମାପତି ।" (ବିରାଟ ପର୍ବ)

ସମ୍ରାଜ୍ଞୀସୁଲଭ କରୁଣା ଓ ଦାକ୍ଷିଣ୍ୟବୃତ୍ତି ସୁଦେଷ୍ଣାଚରିତ୍ରକୁ ଭୂଷିତ କରିଛି । ତାଙ୍କ ମତରେ ଦେବତା ବା ଦେବପତ୍ନୀମାନେ ମଧ୍ୟ ଦୁରବସ୍ଥାରେ ପଡ଼ିଲେ ଆଶ୍ରୟ ଲୋଡ଼ିବାକୁ ଆସନ୍ତି । ମହତ୍ ଲୋକର ଲାଞ୍ଛନା କଲେ ଗୃହସ୍ଥ ଓ ଗୃହିଣୀମାନଙ୍କର ବିଶେଷ ଅନିଷ୍ଟ ଘଟିଥାଏ ଓ ଗୃହସ୍ଥର ଧର୍ମ ଲୋପ ହୁଏ । ସୁଦେଷ୍ଣାଙ୍କର ଏପରି ବିଚାରବୁଦ୍ଧି ତାଙ୍କର ପଦମର୍ଯ୍ୟାଦା ଓ ଆଭିଜାତ୍ୟର ପରିଚୟ ଦିଏ । ସେ ସାଧାରଣ ସ୍ତରର ନାରୀଙ୍କ ଠାରୁ ଅତି ଊର୍ଦ୍ଧ୍ୱରେ ରହିଥିବାର ପରିଚୟ ମିଳେ । ପରିଚାରିକା ପରିଜନମାନଙ୍କର ଆଶଙ୍କା ରାଣୀଙ୍କ ମନରେ ପ୍ରତିକ୍ରିୟା ହୁଏ ତ ସୃଷ୍ଟି କରିଥିବ; କିନ୍ତୁ ସେ ତ ରାଜାର ରାଣୀ, ଆଶ୍ରିତବତ୍ସଳା ହେବା ତାଙ୍କର କର୍ତ୍ତବ୍ୟ ବୋଲି ଅନୁଭବ କରିବା ହେଲା ତାଙ୍କ ନାରୀତ୍ୱର ମହତ୍ତ୍ୱ ।

ରାଣୀଙ୍କ ଆଜ୍ଞାରେ ଦାସୀମାନେ ଯେତେବେଳେ ବାହାରୁ ଦ୍ରୌପଦୀଙ୍କୁ ଆଣି ରାଣୀଙ୍କ ସମ୍ମୁଖରେ ଉପସ୍ଥିତ କରାଇଲେ ସେତେବେଳେ—

"ଦେଖି ସୁଦେଷ୍ଣା ଆସନ ଛାଡ଼ିଲେ ସତ୍ୱରେ ।"

ଅତିଥିସତ୍କାର ନାରୀର ପଦମର୍ଯ୍ୟାଦାର ପରିଚାୟକ । ସେ ଯୁଗରେ ପୁରୁଷମାନେ ଯେ ଆଗନ୍ତୁକା ନାରୀକୁ ସମ୍ମାନ ପ୍ରଦର୍ଶନ କରୁଥିଲେ, ଏହା ନୁହେଁ, ନାରୀ ମଧ୍ୟ ନାରୀର ମହତ୍ତ୍ୱ ବୁଝି ସମ୍ମାନ କରୁଥିଲା । ସାରଳା ଦାସ ଉପରୋକ୍ତ ପଦଟିରେ ସୁଦେଷ୍ଣାଙ୍କର ବ୍ୟକ୍ତିତ୍ୱକୁ ଅତି ସୁନ୍ଦର କରି ଚିତ୍ରଣ କରିଛନ୍ତି ।

କୁରୁସଭାରେ କୌରବମାନଙ୍କ ଦ୍ୱାରା ବିବସ୍ତ୍ରା ଓ ଲାଞ୍ଛିତା ହେଲା ପରେ ଦ୍ରୌପଦୀ କେଶ ପ୍ରସାଧନ ନ କରି ଉନ୍ମୁକ୍ତକେଶୀ ରହିଥିଲେ । ତାଙ୍କୁ ଦେଖି ରାଣୀ ଭାବିଲେ:—

"କିବା ମେନକା ଦୁହିତା ଏହି ଶକୁନ୍ତଲା
ତେଜିଣ ଭୂଷଣ କେଶ କରିଛି ମୁକୁଳା ।"

ରାଣୀଙ୍କର ଶ୍ରୀମ୍ବା ନାମରେ ଗୋଟିଏ ଦାସୀ ଥିଲା । ରାଣୀ ନବାଗତାଙ୍କୁ କିପରି ରୀତିରେ ବ୍ୟବହାର କରିବେ, ତାହା ଲୌକିକ ଉପଦେଶ ଛଳରେ ସେ ରାଣୀଙ୍କୁ କହିଲା:—

"ସମସ୍ୟା ସଦବାକ୍ୟରେ ସୁବାକ୍ୟ କହିବ ।
ପ୍ରସ୍ତାବ ଅନୁସାରେ ଗୋ ପ୍ରତ୍ୟୁତ୍ତର ଦେବ ।
ଯେହୁ ଅବା ଯେଉଁରୂପେ କରେ ମନବାଞ୍ଛା ।
କ୍ଷୁଧାର୍ତ୍ତି ଭୋଜନ ଦେବ କରି ମନ ଇଚ୍ଛା ।
ସମସ୍ୟା ଅନୁରୂପେ ଗୋ କହିବ ବଚନ ।
ଧର୍ମ ଅନୁରୂପେ ଗୋ ଧର୍ମ ସ୍ଥାପିଛି ଜାଣ ।
ଶାପ ଅନୁରୂପରେ ଗୋ ହୋଇବାକ ବନ୍ଦୀ ।
ପରାକ୍ରମ ଅନୁରୂପେ ହୋଇବାକ ଦ୍ୱନ୍ଦୀ ।
ମନ୍ତ୍ରୀ ଅନୁରୂପେ ଗୋ ସେନ ସାପଦାନ ।
ଦେବୀ ଅନୁରୂପେ ଗୋ ପୂଜା ବଦ୍ୟମାନ ।
ସମସ୍ୟା ଅନୁରୂପେ ଗୋ କରିବାକ କୋପ ।
ଏମାନ ତେଜିଲେ ନିଶ୍ଚେ ବୃଦ୍ଧି ହୁଏ ପାପ ।
ତୁ ଯେ ପଣ୍ଡିତା ବିବେକୀ ଅଟୁ ଧର୍ମଶୀଳା ।
ତୋ ତହୁଁ ଗୁରୁହଂସିତା ବାକ୍ୟ ଅନର୍ଗଳା ।"

ଉପରୋକ୍ତ ପଦମାନଙ୍କରୁ ସାରଳା ଦାସଙ୍କ ସାମାଜିକ ଓ ବ୍ୟାବହାରିକ ଜୀବନର ରୀତିନୀତି, ବିଜ୍ଞାନ ଅନୁଧ୍ୟାନର ପରିଚୟ ।

ସେ କାଳରେ ନିଜ ପଦମର୍ଯ୍ୟାଦାରୁ ନ୍ୟୂନ ବ୍ୟକ୍ତିମାନେ ରାଣୀ ଓ ରାଜାମାନଙ୍କୁ ଉପଦେଶ ଦେଉଥିଲେ । ସେ ଯୁଗର ନରନାରୀମାନେ

ଯେ ଧର୍ମନିଷ୍ଠ ଓ କର୍ତ୍ତବ୍ୟପରାୟଣ ଥିଲେ ତାହା ଯଥାର୍ଥ ବୋଧହୁଏ । କାରଣ ପଦମର୍ଯ୍ୟାଦା ବା ଆଭିଜାତ୍ୟଜନିତ ଅହମିକା ଓ ଅହଙ୍କାର ବ୍ୟକ୍ତିମାନଙ୍କର ସାଧାରଣ ବିଶ୍ଚରବୁଦ୍ଧିକୁ ବିକୃତ କରୁ ନ ଥିଲା ।

ସୁଦେଷ୍ଣା ନବାଗତାଙ୍କ ପରିଚୟ ଜିଜ୍ଞାସା କଲାରୁ ସେ ଉତ୍ତର ଦେଲେ ଯେ, ସେ ଚକ୍ରବର୍ତ୍ତୀ ମହାରାଜା ଯୁଧିଷ୍ଠିରପତ୍ନୀ ଦ୍ରୌପଦୀଙ୍କର ଦାସୀ—ତାଙ୍କ ନାମ ସୈରନ୍ଧ୍ରୀ । କୁତୂହଳୀ ମହିଷୀ ସୁଦେଷ୍ଣା ଦ୍ରୌପଦୀ ନାମ ଶୁଣି ଚମକି ପଡ଼ି କହିଲେ, "ବହୁ ରାଜ୍ୟରେ ତାଙ୍କ କଥା ଆଲୋଚିତ ହୁଏ, କିନ୍ତୁ ମୋ ମନରେ ସନ୍ଦେହ ହୁଏ ବୋଲି ମୁଁ ବିଶ୍ୱାସ କରେ ନାହିଁ । କିଛି କପଟ ନ କରି ମୋତେ କହିବ—

"ପାଞ୍ଚାଳ ରାଜାଙ୍କ ସୁତା ନାମ ଯାଜ୍ଞସେନୀ
କେଉଁରୂପେ ଭାର୍ଯ୍ୟା ହୁଏ ପଞ୍ଚ ସ୍ୱାମୀ ଘେନି ?"

ଦ୍ରୌପଦୀ—

"ଦ୍ରୌପଦୀ ବୋଇଲେ ତୁମ୍ଭେ ବସ ଆଗୋ ମାୟେ
ଏହୁ ବଡ଼ ଦୁରାସଦ ସନ୍ଦେହ କଥାଏ ।
ଆଗୋ ତୁମ୍ଭେ ପୁଚ୍ଛା କର ପାଣ୍ଡବଙ୍କ କଥା
ପାଞ୍ଚଙ୍କର ରମଣୀ ସେ ଅଟେ ତତ୍ତ୍ୱ କଥା ।"

ସନ୍ଦିଗ୍ଧମନା ରାଣୀ କହିଲେ—

"ସୁଦେଷ୍ଣା ବୋଇଲେ ଶୁଣ ସ୍ତ୍ରିୟମାନେ ଭଲ
ଏକ ନାରୀ ସଙ୍ଗେ କେଉଁଠି ପାଞ୍ଚଙ୍କ ଅର୍ଦ୍ଧୋଳ ।"

ପାଞ୍ଚାଳୀ—

"ପାଞ୍ଚାଳୀ ବୋଇଲେ ପୁଣି ଶୁଣ ମନ ଘେନି
ନିତ୍ୟ ପ୍ରତି ପରୀକ୍ଷା ଗୋ କରଇ ବହ୍ନି ।
ଯୁଧିଷ୍ଠିର ପୁରକୁ ସେ ଗମେ ଯେଉଁ ଦିନ
କ୍ରୀଡ଼ା ରସ ରଙ୍ଗ ସାରି ପଶେ ହୁତାଶନ ।
ସେ କାୟା ଦହନ କରି ଅନ୍ୟ ପୁଣି ଯାଏ
ପରଦିନ ଭୀମସେନେ ସମର୍ପଇ କାୟେ ।

ବୃକୋଦର ସଙ୍ଗେ ରସ ରଙ୍ଗେ ପୁଣି ମାତି
ଦୋହଦ ଅଗ୍ନିରେ ଯାଇ ପାଶେ ମହାସତୀ ।
ସେଦିନ ଅନଳେ ଦାହ କରି ନିଜ କାୟେ
ପୁଣି ଅଙ୍ଗ ସମର୍ପଇ ବୀର ଧନଞ୍ଜୟେ
ନକୁଳ ସହଦେବଙ୍କୁ ଏହିପରି ପ୍ରୀତି
ସମସ୍ତଙ୍କୁ ଶୁଦ୍ଧକାୟେ ଦିଏ ଗୁଣବତୀ ।
ଆନ ସ୍ତ୍ରୀମାନଙ୍କର ଜଳରେ ସ୍ନାହାନ
ଅଗ୍ନିସ୍ନାନ କରି ସେହି ବଞ୍ଚୁଥାଇ ଦିନ ।
ଏକର ଉଚ୍ଛିଷ୍ଟ ସେ ଗୋ ଅନ୍ୟେ ନ ଦିଅଇ
ସେ ପଞ୍ଚପୁରୁଷ ଏକ ଅଟେ ତାଙ୍କ ଦେହୀ ।
ଅସଂଖ୍ୟ ମହିମା ତାର କହି ତ ନ ପାରି
ସେହି ସେ ମାହେଶ୍ୱରୀ ଗୋ ପାଣ୍ଡବଙ୍କ ନାରୀ ।
ସୈରନ୍ଧ୍ରୀ ବୋଇଲେ ତାଙ୍କୁ ସେବା ମୁଁ କରଇ
ପଞ୍ଚଭୂତେ ଏକ ଆତ୍ମା ମୁଁ ତାହା ଦେଖଇ ।
ତାହାଙ୍କ ସାନ୍ନିଧ୍ୟେ ଖଟେ ସୈରନ୍ଧ୍ରୀ ମୋ ନାମ
ଲାଗି କରଇ ଅଲେଖ ଚିତା ଚନ୍ଦ୍ରସମ ।
ଏହିପରି ଅଭିନ୍ନ ମୁଁ ଦେଖଇ ତାହାଙ୍କୁ
ଦ୍ରୌପଦୀ ମଧ୍ୟ ଅଟନ୍ତି ସେପରି ସବୁଙ୍କୁ ।"

ରାଣୀ ମନେ ମନେ ଖୁସି ହେଲେ । ସେହି ମହାମାୟାଙ୍କ ସେବକୀ ବୋଲି ସୈରନ୍ଧ୍ରୀଙ୍କ ପ୍ରତି ମଧ୍ୟ ତାଙ୍କର ଭକ୍ତି ସମ୍ଭ୍ରମ ଉଦୟ ହେଲା । ଏହି ଭାବ ଗୋପନ କରି ରାଣୀ ସୈରନ୍ଧ୍ରୀଙ୍କୁ ପଚାରିଲେ, "ତୁମ୍ଭେ ଏଠାକୁ କି ପ୍ରୟୋଜନରେ ଆସିଲ ?" ସୈରନ୍ଧ୍ରୀ କପଟ କରି ନାନା କଥା କହିଲେ । ଯଥା—ତାଙ୍କ ସ୍ୱାମୀ କପଟପାଶାରେ ସର୍ବସ୍ୱ ହରାଇ ବନବାସୀ ହୋଇଥିଲେ । ସେ ଜନମୁଖରୁ ଶୁଣିଲେ ତାଙ୍କ ସ୍ୱାମୀ ବିରାଟ ନଗରକୁ ଆସିଛନ୍ତି । ସେ ସ୍ୱାମୀ ଅନ୍ୱେଷଣରେ ଆସି ତାଙ୍କୁ ଖୋଜି ପାଇଲେ ନାହିଁ । ତେଣୁ କାରୁପାୟ ଗଡରେ ଆସି ରାଣୀଙ୍କ

ଆଶ୍ରୟରେ ପରିବାସୀ ହୋଇ ରହିବାକୁ ଇଚ୍ଛା କରୁଛନ୍ତି । ସୈରିନ୍ଧ୍ରୀ କହିଲେ—

"ଦେଖିଲି ଧାର୍ମିକା ଆଉ ବିବେକୀ ତୁମ୍ଭଙ୍କୁ,
ତେଣୁ ତୁମ୍ଭ ନିକଟରେ ଇଚ୍ଛା ରହିବାକୁ ।"

ସୁଦେଷ୍ଣା ଏହା ଶୁଣି ନିଜର ଅକିଞ୍ଚନତା ପ୍ରକାଶ କରୁଛନ୍ତି—

"ସୁଦେଷ୍ଣା ବୋଇଲେ ମୋର ଅତିଭାଗ୍ୟ ହେବ,
ତୁମ୍ଭେ ମୋହର ରାଜ୍ୟରେ ଦିନ କଟାଇବ ।
ମୁହିଁ ହୀନ ଦ୍ରୌପଦୀଙ୍କି ଦେଖିବ ବା କାହିଁ
ଖଣ୍ଡାଇବ ସେହି ଦୁଃଖ ତୁମ୍ଭ ମୁଖ ଚାହିଁ ।"

ଦ୍ରୌପଦୀଙ୍କ ମୁକ୍ତକୁନ୍ତଳ ଉପରେ ସହସା ରାଣୀଙ୍କର ଦୃଷ୍ଟିପାତ ହେଲା । ରାଣୀ—

ଆଉ ଏକ କଥା ଅଛି ମୋହର କଠାଳ
ସର୍ବଗୁଣେ ସାଧବୀ ଗୋ ମୁକ୍ତ କିପାଁ ବାଳ ?"

ଦ୍ରୌପଦୀ କହିଲେ, "ମୋର ଏକ ଦେବର ମୋ ସହିତ କଳହ କରି ମୋତେ କଟୂକ୍ତି କଲା । ମୁଁ ମଧ୍ୟ ତାକୁ ଭର୍ତ୍ସନା କଲି । ତହୁଁ କ୍ରୋଧାନ୍ଧ ହୋଇ ନିର୍ବୋଧ ଚଣ୍ଡାଳ ଅନ୍ତଃପୁରରେ ପ୍ରବେଶ କରି ମୋର କେଶାକର୍ଷଣ କରିଥିଲା । ତେଣୁ ମୁଁ ସେହିକାଳୁଁ ମୁକ୍ତକୁନ୍ତଳା ହୋଇ ରହିଅଛି । ଅଭିମାନ ବଶରେ ସେହି କାଳୁ ମୁଁ କବରୀ ଖୋପେ ନାହିଁ ।"

ଉପରୋକ୍ତ କଥା ଶୁଣି ବିରାଟ ରାଣୀଙ୍କର ଭୟରେ କଣ୍ଠ ତାଳୁ ଶୁଷ୍କ ହୋଇଗଲା । ମନରେ ଭାବିଲେ, ଜଣେ ନାରୀ ହୋଇ ତାର ଏତେ କ୍ରୋଧ, ଅହଙ୍କାର ଅହମିକା ଓ ପ୍ରତିଶୋଧସ୍ପୃହା ! ଭାବ ଗୋପନ କରି ରାଣୀ ମୌଖିକ କହିଲେ:—

"ସୁଦେଷ୍ଣା ବୋଇଲେ ଆଗୋ ମୋ' ରାଜ୍ୟେ ରହିଲେ
ଉକତ ହୋଇ ନ ପାରେ ଅବା ମୋର ବୋଲେ ।
ସହୋଦର ଦିଅରକୁ କିପାଁ ଏତେ କ୍ଷମା
ତୋତେ ପୁଣି ଏଠାବରେ କେ କରିବ ରକ୍ଷା ?"

ପାଣ୍ଡବ ପାଟରାଣୀ, ହସ୍ତିନା କଟକର ଅଧୀଶ୍ୱରୀ ଦ୍ରୌପଦୀ । ଭାଗ୍ୟ-ବିଡ଼ମ୍ବନାରେ, କର୍ମବିପାକରେ, ବିଧିକୂଟରେ ଆଜି ପଥର ଭିକାରଣୀ । ନିଜର ଗ୍ରାସାଚ୍ଛାଦନ ଓ ଆତ୍ମମର୍ଯ୍ୟାଦା ରକ୍ଷା କରିବା ପାଇଁ ସେ ଆଶ୍ରୟ-ଦାତ୍ରୀଙ୍କ ନିକଟରେ ଯେପରି ସ୍ତୁତି ମିନତି କରି କହିଛନ୍ତି, ତାହା ବଡ଼ କରୁଣ ।

"ସୈରନ୍ଧ୍ରୀ ବୋଇଲେ ଆଗୋ ଶୁଣ ଠାକୁରାଣୀ
ଯେ ଦ୍ରୌପଦୀ ସେହି ତୁମ୍ଭେ ଅଟ ମହାରାଣୀ ।
ଯେ ସେବକ ସବୁରି ସେ ଅଟଇ ନିଯୁତ
ଠାକୁରାଣୀ ପଣ ଅଟେ ବଡ଼ଇ ମହତ୍ତ୍ୱ ।
ବେଶ ଭୂଷଣେ ତୋତେ ଗୋ ସଜାଇବି ନିତ
ଗନ୍ଧ ଚନ୍ଦନ ଅଙ୍ଗେ ଗୋ ବୋଳିବି ସୁଗନ୍ଧୀ ।"

କନ୍ଦ—"କଥାଏ ମାଗୁଛି ତୋତେ ଶୁଣ ମାହେଶ୍ୱରୀ
କଷ୍ଟେ ଉଚ୍ଛିଷ୍ଟ ନ ଦେବୁ ମୋତେ ଯେଉଁପରି ।
ପାଲଟା ବସନ ମୋତେ ନ ଦେବୁ ଗୋ ମାୟେ
ନ କହିବୁ କଦାଚନ ଭର୍ତ୍ସନା କଥାଏ ।
ସାମାନ୍ୟ ଜନେ ସମସ୍ୟା କରିବ ଗୋ ତେଜ୍ୟା
ପୁରୁଷଙ୍କୁ ନ ଛୁଇଁବି ନ ଛୁଇଁବି ଶଯ୍ୟା ।
ପୁରୁଷେ ନ ବରଗିବ ଉଚ୍ଛିଷ୍ଟ ନ ଦେବ
ଏହି ଷଡ଼ କଥା ସଦା ମନରେ ରଖିବ ।"

ତାହା ହେଲେ—"ବହୁତ ବହୁତ କଥା ତୋର ଉପୁଜିବ
ଏହି କଥା ତୋର କାଳେ କାଳେ ରହିଥିବ ।"

ସୁଦେଷ୍ଣା ଦ୍ରୌପଦୀଙ୍କ ପ୍ରସ୍ତାବରେ ସମ୍ମତ ହେଲେ । ଦ୍ରୌପଦୀ କହିଲେ, "ମା, ମୁଁ ଏଠାରେ ରହିଲେ ମୋର ପତିମାନଙ୍କୁ ଇଚ୍ଛା କଲେ ଦେଖି ପାରିବି । ରାଣୀ ମନେ କଲେ, ବୋଧହୁଏ ଏହି ନାରୀ ଆତ୍ମସଂଯମୀ ନୁହେଁ । ମୌଖିକ କହିଲେ :—

"ସୁଦେଷ୍ଣା ବୋଇଲେ ଆଗୋ ଥାଅ ନିତ୍ୟକର୍ମେ
ଯେତେକାଳ ଉଦିତ ଗୋ ହେବ ମୋର ଧର୍ମେ ।

ତାହା ପରେ ରାଜପୁର ବିଧି ଅନୁସାରେ ସୈରନ୍ଧ୍ରୀଙ୍କୁ ରାଣୀ ଗୋଟିଏ ଶାଢ଼ୀ ପିନ୍ଧିବାକୁ ଯାଚିଲେ ।

“ସୁଦେଷ୍ଣା ଶାଢ଼ୀ ଯାଚନ୍ତେ ଧରି ଊର୍ଦ୍ଧ୍ୱହସ୍ତେ
ଦ୍ରୌପଦୀ ହେଠ ବଦନେ ଚନ୍ତେ ଜଗନ୍ନାଥେ ।”

ଏଠାରେ ଦ୍ରୌପଦୀଙ୍କ ଚିତ୍ତବିକ୍ଷୋଭ ଅନ୍ତପୀଡ଼ାଦାୟକ । ଏହି ନାରୀ ଅତ୍ୟନ୍ତ ମାନିନୀ ଓ ଆତ୍ମସମ୍ମାନବତୀ—ବ୍ୟକ୍ତିତ୍ୱ ଗୌରବରେ ଗର୍ବିଣୀ । ନିଜର ସମାନପଦସ୍ଥା ଜଣେ ନାରୀଙ୍କର “ଦାସୀଶାଢ଼ୀ” ଗ୍ରହଣ କରିବାକୁ ତାଙ୍କ ଅନ୍ତରର ସୁପ୍ତ ସିଂହ ଗର୍ଜି ଉଠିଲା । ଆହତ ଅଭିମାନର ଚରମ ବେଦନାକୁ ସାରଳା ଦାସ ତାଙ୍କ ଅମର କାବ୍ୟରେ ଫୁଟାଇଛନ୍ତି ଏହିପରି :—

“ଦାସବତ୍ସଲ ଭକତ ଜନଙ୍କର ବନ୍ଧୁ
ଏ ବିପଦୁଁ ରକ୍ଷା କର ଆହେ କୃପାସିନ୍ଧୁ ।
ଊର୍ଦ୍ଧ୍ୱହସ୍ତେ ଦେବ ମୋତେ ନେବ ତଳହସ୍ତେ
ଏ ପୁଣି କରିବ କୋପ ନ ବାନ୍ଧିଲେ ମାଥେ ।
ନେଲେ ନିଶ୍ଚୟ ହୋଇବ ମୋର ଦାସୀପଣ
ଏ କଥାକୁ ସାକ୍ଷୀ ହୁଅ ଦେବ ନାରାୟଣ ।
ଶାଢ଼ୀ ଘେନି ମସ୍ତକରେ ପୁଣି ନ ବାନ୍ଧିଲେ
ନପୁଣ ଜାଣିବ ଏହୁ ବିନୟ ହୋଇଲେ ।
ହେ ଶ୍ରୀହରି ଜାଣ ସବୁ ଏଥିର ଚରିତ
ମୁହିଁ ତୋହର ଆଶ୍ରିତ ପାଣ୍ଡବ ସହିତ ।

× × ×

ଶ୍ରୀହରିଙ୍କ ନାମ ଗୋଟି ଯା ହୃଦରେ ଥାଇ
ସୁଦେଷ୍ଣାର ହୃଦଗତେ ବଜ୍ର କଲେ ଯାଇଁ ।
ଶାଢ଼ୀକୁ ଧରିଣ ଥିଲେ ବିରାଟର ରାଣୀ
କରୁ କାଢ଼ି ଝୀନବାସ ଥୋଇଲା ଧରଣୀ ।

ରାଣୀ ଦ୍ରୌପଦୀଙ୍କୁ କହିଲେ:—

"ଅଗୋ ତୁମ୍ଭେ ହେଲ ମୋର ରାଜ୍ୟ ଗଉରବୀ
ଉପର ବସ୍ତ୍ରରେ ଶାଢ଼ୀ କେଉଁ ରୂପେ ଦେବ ?
ସମ୍ମୁରେ ଥୋଇଲ୍ ନେଇ ମତ୍ସ୍ୟରାଜରାଣୀ
ନାରାୟଣ ସୁମରଣ ଘେନେ ମହାମାଣୀ ।
ଜଗନ୍ନାଥ ଲକ୍ଷ୍ୟ କରି ଆପଣେ ଧଇଲେ
ତରକେ ଉପର ବସ୍ତ୍ରେ ଶାଢ଼ୀ ନ ଘେନଲେ ।"

ସେହିଦିନୁ ବିରାଟ ଅନ୍ତଃପୁରରେ କୃଷ୍ଣା ରହିଲେ ଦାସୀ । ରାଣୀ କିନ୍ତୁ ମନରେ ଶଙ୍କିତା ହୋଇ ଭାବୁଥିଲେ :—

"ଲୌକିକ କର୍ମରେ ଥାଇ ପାଟ ମହାଦେଇ
ଅବଚଳତ ଚିତ୍ତରେ ମନେ ବିଚାରଇ ।
ଯା ବୋଲି ବୋଇଲେ ଏହୁ କରିବ ଯେ କୋପ
ମୋର ପୁତ୍ରେ ବଞ୍ଚିବେ କି ଦେଖି ଏ ସ୍ୱରୂପ ?
ଯେଉଁ ପରକାରେ ଯୋଗ ଥିବ ମୋତେ ପୁତେ
ନିଶ୍ଚୟେ ତାହା ଭୁଞ୍ଜିବି ଅର୍ଜି ଅଛି ଏବେ ।
କଥାକୁ ଗୋପ୍ୟାନ କଲେ କୁଳ ନାଶ ଯାଇ
ସନ୍ଦେହକୁ ଫିଟାଇଲେ ମୂର୍ଦ୍ଧନ ଫାଟଇ ।
କର୍ମ ଆଦର ରହିଲେ ପାଟ ମହାଦେଇ
ଆପଣାର ମନକଥା କାହାକୁ ନ କହି ।"

ସାରଳା ଦାସଙ୍କ ଉପରୋକ୍ତ ପଦଗୁଡ଼ିକରେ ମନୁଷ୍ୟମାନଙ୍କେ କର୍ମ ବା ଅଦୃଷ୍ଟର ଅଧୀନ । ଦୈବକ୍ରିୟା ମନୁଷ୍ୟଜୀବନର ନିୟାମକ ବୋଲି ସାରଳା ଦାସ ସ୍ୱୀକାର କରିଛନ୍ତି । ତାଙ୍କର ଲେଖାରୁ ଜଣାପଡ଼େ, ସେ ଅତ୍ୟନ୍ତ ଅଦୃଷ୍ଟବାଦୀ ଥିଲେ । ସେହି କାରଣରୁ ପ୍ରତି ଶୁଭାଶୁଭ ଘଟଣାରେ ସେ ଜ୍ୟୋତିଷବିଦ୍ୟା ଓ ଦେବଦେବୀଙ୍କ ଶରଣ ନେଇଛନ୍ତି । ଅଦୃଷ୍ଟକୁ ନିଜର ଅଧୀନକୁ ଆଣିବା ପାଇଁ ସେ ତନ୍ତ୍ର ମନ୍ତ୍ର ଯନ୍ତ୍ରର ଆଶ୍ରୟ ନେଇଛନ୍ତି । ତାଙ୍କ ମତରେ କିନ୍ତୁ ମନୁଷ୍ୟ ପୂର୍ବକୃତ କର୍ମଫଳର ଅଧୀନ ଏବଂ ଦୈବ

ମନୁଷ୍ୟର ଚୂଳକ । ସେହି କାରଣରୁ ସେ ଦ୍ରୌପଦୀଙ୍କ ପୂର୍ବଜନ୍ମ ରହସ୍ୟ, ପଞ୍ଚପତି ଲାଭର କାରଣ, ସୁଦେଷ୍ଣାଙ୍କ ପୂର୍ବଜନ୍ମ ଓ କର୍ମ, ଦ୍ରୌପଦୀଙ୍କ ପୁତ୍ରମାନଙ୍କର ଅକାଳରେ ହତ ହେବାର କାରଣ ରୂପେ ଜନ୍ମାନ୍ତର କର୍ମ ଓ ତାର ଫଳ ଏହିପରି ଅନେକ ଘଟଣାର ପୂର୍ବାପର ସଙ୍ଗତିକରେଇ ଜନ୍ମାନ୍ତରବାଦ ଓ କର୍ମବାଦକୁ ସ୍ୱୀକାର କରିଅଛନ୍ତି ।

## ( ୪ )

## ପାଞ୍ଚାଳୀଙ୍କ ଦଶା

"ରହିଲେ ପାଞ୍ଚାଳୀ ନାଟ୍ୟକର୍ମେ ସୁଦେଷ୍ଣାର
ଅଳେଖ ତିଳକ ଗଭି ବନ୍ଧା କାର୍ଯ୍ୟ ସାର ।"

ବିରାଟ ରାଣୀଙ୍କ ଅଧୀନରେ କୃଷ୍ଣା ସୈରିନ୍ଧ୍ରୀ କାର୍ଯ୍ୟରେ ନିଯୁକ୍ତ ହେଲେ । କୃଷ୍ଣାଙ୍କ ତୀବ୍ର ଆତ୍ମସମ୍ମାନବୋଧ ତାଙ୍କ ଜୀବନର ସବୁ ଅବସ୍ଥାରେ ଦୁଃଖର ବୃଶ୍ଚିକ ଦଂଶନ ବେଦନା ଦେଇଛି । ତାଙ୍କ ଭିତରେ ଯେ ଆତ୍ମାଭିମାନ ରହିଛି ତାର ଚିହ୍ନ ମହାଭାରତ କବି ତାଙ୍କ ଉକ୍ତି ଓ ଆଚରଣରେ ପ୍ରତି ସ୍ଥଳରେ ଫୁଟାଇ ଅଛନ୍ତି ।

କୀଚକବଧ ପୂର୍ବରୁ ଦ୍ରୌପଦୀ ବୁଝିଲେ, ବିରାଟରାଣୀ ଭ୍ରାତୃବତ୍ସଳା ହୋଇ ଭ୍ରାତା କୀଚକର ଷଡ଼୍‌ଯନ୍ତ୍ରରେ ସହାୟତା କରୁଛନ୍ତି । ନିର୍ଦ୍ଦିଷ୍ଟ ଅପମାନ ଏବଂ ଲାଞ୍ଛନା ଜାଣି ସେ ତାଙ୍କର ବୀରପତିମାନଙ୍କୁ ଯେଉଁ ବାଣୀ ଶୁଣାଇଛନ୍ତି, ତହିଁରେ ଜଡ଼ ପ୍ରାଣରେ ଚେତନା ଉଦ୍ରେକ ହେବ । କିନ୍ତୁ ସତ୍ୟସନ୍ଧ ଧର୍ମରାଜ ଯୁଧିଷ୍ଠିର ତାଙ୍କର ପ୍ରତିଜ୍ଞା ନିମନ୍ତେ ଅବିଚଳିତ ରହି-ଥିଲେ । ଅନ୍ୟ ଭ୍ରାତୃବର୍ଗ ମଧ୍ୟ ଅଚଳ ଅଟଳ । କେବଳ ଭୀମ ଏହି ବ୍ୟାପାରରେ ଉଦାସୀନ ରହି ପାରି ନ ଥିଲେ । ଭାରତରେ ଏପରି ଏକ ଯୁଗ ଥିଲା, ଯେଉଁ ସମୟରେ ପୁରୁଷମାନେ ଅସାଧାରଣ ଦୃଢ଼ତା ଅବଲମ୍ବନ କରି ନିଜର ପ୍ରତିଶ୍ରୁତି ବା ପ୍ରତିଜ୍ଞାକୁ ସଂସାରର ଯାବତୀୟ ପଦାର୍ଥ ଏପରିକି ପ୍ରାଣାଧିକା ପତ୍ନୀ ଓ ସନ୍ତାନମାନଙ୍କଠାରୁ ମଧ୍ୟ ବେଶି ମୂଲ୍ୟବାନ୍ ମଣୁ ଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ, ପୁରୁଷ ତାର କର୍ତ୍ତବ୍ୟ ଓ

ସଂକଳ୍ପକୁ ସ୍ତ୍ରୀଠାରୁ ବଡ଼ ମନେ କରେ । ତାହା ଆଦର୍ଶ ନିକଟରେ କେବଳ ସତ୍ୟ, ବଡ଼; ଅନ୍ୟ ସମସ୍ତ ମିଥ୍ୟା ବା ମୋହ । ସେହି କାରଣରୁ ଭୋଗ ଭୂମିରେ ଗୃହୀତ ପୁରୁଷ ନାରୀ ନିମନ୍ତେ ଯୁଦ୍ଧାଭିଯାନ କରି ନିଜର ପଞ୍ଚଭୌତିକ ଶରୀର ଏବଂ ଭାଗ୍ୟକୁ ବିପନ୍ନ କରିବାକୁ ଗଲେ ମଧ କୌଣସି କ୍ଷେତ୍ରରେ ସମୟ ସମୟରେ ତାର ଜୀବନରେ ଅତି ସମ୍ମାନନୀୟ ଏବଂ ପ୍ରାଣାଧିକା ସ୍ତ୍ରୀର ମୂଲ୍ୟବୋଧ ଅତ୍ୟନ୍ତ ତୁଚ୍ଛ ହୋଇପଡ଼େ ପାଣ୍ଡବମାନଙ୍କ ପ୍ରକୃତିରେ ଆଧ୍ୟାତ୍ମିକତା ସହିତ ବାସ୍ତବବାଦର ତୁମୁଳ ସଂଗ୍ରାମ ହୋଇ ଶେଷରେ ସ୍ୱର୍ଗାରୋହଣ ପର୍ବର ଅଧ୍ୟାତ୍ମବାଦରେ ତାର ପରିସମାପ୍ତି ଘଟିବାର ଦେଖାଯାଏ ।

× × ×

ଦିନେ ବିରାଟମହିଷୀ ସୁଦେଷ୍ଣା ଚନ୍ଦନଯାତ୍ରା ଦେଖିବାକୁ ଓ ଜଳବିହାର କରିବାକୁ ନଦୀତୀରକୁ ପରିବାରୀ, ମୁହୁସୁଲି ଓ ରାଜ-ପରିବାରମାନଙ୍କୁ ନେଇ ଯାଇଥିଲେ । ସୈରନ୍ଧ୍ରୀ ନୌକାବିହାର ସେନାପତି କୀଚକର ଦୃଷ୍ଟିପଥାରୁଢ଼ା ହେବାରୁ କୀଚକର ମସ୍ତିଷ୍କବିକୃ ଘଟିଲା । ସେ ହତାହତ ଜ୍ଞାନଶୂନ୍ୟ ହୋଇ ପଡ଼ିଲା । ଉପଯ ଉଦ୍‌ଯାପନାନ୍ତେ ସମସ୍ତେ ପୁରକୁ ବାହୁଡ଼ିଲେ । କିନ୍ତୁ ରୂପତୃଷା କୀଚକ ଆତ୍ମସଂଯମରେ ଅପାରଗ ହୋଇ ପଡ଼ି ନିଜର ପରିବାରୀ ମୁହୁସୁଲି-ମାନଙ୍କ ହସ୍ତରେ ମହାର୍ଘ ଉପହାର, ବାର୍ତ୍ତା ଓ ଛଟାଳ ପ୍ରଭୃତି ସୈରନ୍ଧ୍ରୀଙ୍କୁ ପ୍ରଲୋଭିତ କରିବାପାଇଁ ପଠାଇଲା ।

ମୁହୁସୁଲିମାନଙ୍କର ଦୌତ୍ୟ ଓ ଓକିଲତି କରିବା ସାରଳା ଦାସ ଲେଖିଛନ୍ତି—

"ଦାସୀପଣେ ସେବା କରି ପାଉଥିଲୁ ଦୁଃଖ
ରାଜ୍ୟର କାରେଣୀ ହୋଇ ପାଇବୁ ତୁ ସୁଖ ।"

ଦ୍ରୌପଦୀ ଅପ୍ରତ୍ୟାଶିତ ଭାବରେ ଦାସୀମାନଙ୍କର ଏପରି କୁତ୍ସି ଓ ନଗ୍ନ ପ୍ରସ୍ତାବରେ ମର୍ମାହତା ହୋଇ ପ୍ରମାଦ ଗଣିଲେ । ଅତୀତର

ସମସ୍ତ ଦୁଃଖ ଦୁର୍ଦ୍ଦଶାର ଚିତ୍ର ତାଙ୍କର ମାନସପଟରେ ଚିତ୍ରିତ ହୋଇଗଲା । ଅନୁଶୋଚନାରେ ନିଃସହାୟା ନାରୀ ଭାବୁଛନ୍ତି—

"ରାଜ୍ୟଭାର ତେଜି କନ୍ଦମୂଳ କଲି ଗ୍ରାସ
ଦାସୀପଣରେ ପଶିଲି ଏ ଅଜ୍ଞାତ ବାସ ।"

କିନ୍ତୁ ମୋର ଅଦୃଷ୍ଟ ଏତେ ମନ୍ଦ ଯେ ଭାଗ୍ୟବିଧାତା ଏଥିରେ ତୁଷ୍ଟ ହେଲେ ନାହିଁ । ପ୍ରଲୋଭନର ପରାମର୍ଶଦାତ୍ରୀ ଦାସୀମାନଙ୍କୁ ଦ୍ରୌପଦୀ ବହୁ ତିରସ୍କାର କଲେ । କିନ୍ତୁ ଦେଖିଲେ ତାଙ୍କର ତିରସ୍କାର ଦାସୀମାନଙ୍କୁ ମନ୍ଦ ପ୍ରସ୍ତାବରୁ ନିବୃତ୍ତ କରୁ ନାହିଁ । ଦ୍ରୌପଦୀଙ୍କର କ୍ରୋଧ ଉଦ୍ରିକ୍ତ ହୋଇ ଉଠିବାରୁ ପ୍ରଜ୍ଜ୍ୱଳିତା ହୋଇ ସେ ଦାସୀଙ୍କୁ କହିଲେ—

"ଆଲୋ ସ୍ତ୍ରୀକୁଳେ ଜାତ ହୋଇଲୁ ଚଣ୍ଡାଳୀ
ପର ପୁରୁଷଙ୍କୁ ମନ ଖଟାଉ ହିୟାଳୀ ।
ପୂର୍ବର ପାପରେ ପର ପୁରୁଷ ପ୍ରାର୍ଥନା
ଯାହା ଅର୍ଜି ଥାଇ କଲନ୍ତର ଭୋଗ ସିନା ।
କପଟୀ ନାରୀ ଲୋ ତୁମ୍ଭେ ପରଘରେ ପଶ
ସୁଜନ ଲୋକର ଧର୍ମ କଥାରେ ନ ରସ ।
ଦୁଷ୍ଟପଣେ କଥା କହ ସନ୍ତ ଜନଙ୍କୁହିଁ
ଯହିଁ ନାଶ ଯିବ ଇଚ୍ଛା କର ଯେନ ତାହିଁ ।
ଏହି ଜନ୍ମରେ ଅଟ ଲୋ ତୁମ୍ଭେ ମହାପାପୀ
ଆମ୍ଭଙ୍କୁ ମନ୍ଦବାଣୀ ଲୋ କୋଲୁଛ ଅଦ୍ୟାପି ।
ଆମ୍ଭଙ୍କୁ ଭର୍ତ୍ସନା ତୁହ୍ମେ କରୁ ଅନୁପମେ
ଉର୍ଚ୍ଛିଷ୍ଟ ଭୁଞ୍ଜିବଟି ଏହି ଅନୁକ୍ରମେ ।
ଦୁଷ୍ଟର ପାମରୀ ଅଲୋ ଦୂଷିତା ତୁ ହୀନ
ସ୍ତ୍ରୀକୁଳରେ ତୋତେ ଲୋ କେ କରେ ଲେଖନ ?
ପୋଡ଼ୁ ପୋଡ଼ୁ ତୋ' ବଦନ ନ ଯାଉ ତୁ ଲଜ୍ଜା
ପରଠାରେ ଯାଇ ପଶୁ ସ୍ୱାମୀ କର ତେଜ୍ୟା ।
ଯେବଣ ସ୍ୱାମୀ ତୋତେ ଲୋ ହେବ ବିଭା ଯୋଗ
ସ୍ତ୍ରୀକୁଳେ ଦୂଷିତା ଲୋ ଅନ୍ୟେ ଦିଅ ଭୋଗ ।"

ଚତୁର୍ଦ୍ଦଶୀ ମୁଦୁସୁଲୀ ଉପରୋକ୍ତ ବୃତ୍ତାନ୍ତ କୀଚକଙ୍କୁ ଜଣାଇବାରୁ କୀଚକ କ୍ରୋଧ ସମ୍ବରଣ କରି ପୁଣି ଭଗିନୀ ସୁଦେଷ୍ଣାଙ୍କ ନିକଟ ବାର୍ତ୍ତା ପେଷିଲା:—

"କୀଚକ ବୋଲଇ ଇହମାଳା ମୁଁ ଦେଲଇଁ
ମୋହର ଅବସ୍ଥା ଥରେ କହ ତୁହି ଯାଇଁ ।"

ସମସ୍ତ ବୃତ୍ତାନ୍ତ ଶୁଣି ରାଣୀ ସ୍ତମ୍ଭିତା ହେଲେ । କନିଷ୍ଠ ସହୋଦର ହୋଇ ଜ୍ୟେଷ୍ଠା ଭଗ୍ନୀ ନିକଟକୁ ଏପରି ଅସଙ୍ଗତ ବାର୍ତ୍ତା ପେଷିବା କାଣ୍ଡଜ୍ଞାନଶୂନ୍ୟତାର ବୃତ୍ତାନ୍ତ ବୋଲି ମନେ କରି ଦାସୀ ହାତରେ ଭାଇ କୀଚକ ନିକଟକୁ ବାର୍ତ୍ତା ପେଷିଲେ ।

"ଯାଅ ଯାଅ ଲୋ ଦାସୀ ତୁ କହ କୀଚକକୁ
ଏହି ନୀଚ କଥା ସବୁ ନ ଆଣୁ ମନକୁ ।"

ମୁଦୁସୁଲୀଠାରୁ ଭଗିନୀ ସୁଦେଷ୍ଣାଙ୍କର ଉପରୋକ୍ତ ବିମୁଖ ସନ୍ଦେଶ ପାଇ ପ୍ରତିକ୍ରିୟାରେ କୀଚକର ମନ୍ଦ ସଂକଳ୍ପ ଦୃଢ଼ରୁ ଦୃଢ଼ତର ହୋଇ ଉଠିଲା । ପୁଣି ସେ ନିତାନ୍ତ ନିର୍ଲଜ୍ଜ ହୋଇ ରାଣୀଙ୍କ ନିକଟକୁ ବାର୍ତ୍ତା ପଠାଇଲା । ଦାସୀ ଆସି ରାଣୀଙ୍କୁ କହିଲା, "କୀଚକ କହିଛନ୍ତି—ସୈରନ୍ଧ୍ରୀ ତାଙ୍କ ପୁରକୁ ନ ଗଲେ ସେ ଜୀବନ ହାରିଦେବେ ।" ନିରୁପାୟ ହୋଇ କରି ଭଗିନୀ ମହା ସମସ୍ୟାରେ ପଡ଼ିଲେ । ଦ୍ରୌପଦୀଙ୍କ ନିକଟରେ ଇତିପୂର୍ବରୁ ସମସ୍ତ ପ୍ରକାର ପ୍ରଲୋଭନ ବ୍ୟର୍ଥ ହୋଇଥିବା କଥା ସେ ଜାଣି ଥିଲେ । ଭାଇକୁ ମଧ୍ୟ ଖବର ଦେଇଥିଲେ ଯେ ସେ ଅଶ୍ରଦ୍ଧେୟ ସ୍ତ୍ରୀ, ଦ୍ରୌପଦୀଙ୍କ ଅନିଚ୍ଛାରେ ସେ ଜୋର କରି ସୈରନ୍ଧ୍ରୀଙ୍କୁ କୀଚକ ନିକଟକୁ ପଠାଇଲେ ତାଙ୍କର ଅଖ୍ୟାତି ଓ ପାପ ହେବ । ତଥାପି ଭ୍ରାତୃସ୍ନେହର ପ୍ରାବଲ୍ୟରୁ ତାଙ୍କର ନ୍ୟାୟବୁଦ୍ଧି ଭାଙ୍ଗିଗଲା । ଶେଷରେ ସେ ଚକ୍ଷୁଲଜ୍ଜା ଓ ନୀତି ଛାଡ଼ି ଦ୍ରୌପଦୀଙ୍କୁ ଡାକି କହିଲେ—

"ଶୁଣି ସୁଦେଷ୍ଣା ଚାହିଁଲେ ସୈରନ୍ଧ୍ରୀ ମୁଖକୁ
କସ ବୋଇଲା ଯୋଇଲୀ ଶୁଣିଲ କି ତାକୁ ।"

ସୈରନ୍ଧ୍ରୀ ରାଣୀଙ୍କର ଦାସୀତ୍ୱ ସ୍ୱୀକାର କଲା ଆଗରୁ ରାଣୀଙ୍କ ନିକଟରେ କେତେଗୁଡ଼ିଏ ସର୍ତ୍ତ କରି ରଖିଥିଲେ । ରାଣୀ ସେଭଳି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ତାହା ସ୍ମରଣ କରାଇ ଦ୍ରୌପଦୀ ତାଙ୍କୁ କହିଲେ—

"ସୈରନ୍ଧ୍ରୀ ବୋଇଲେ ମୁହିଁ ପାହା ଅଛି ମାଗି
ସମସ୍ତ ବୋଲିବ ମୋତେ ମୁହିଁ ପରତ୍ୟାଗୀ ।
ପଶ୍ଚିମେ ଉଦୟ ଯଦି ହେବେ ଦିନକର
ରସାତଳେ ପଡ଼ିବ ଗୋ ଯେବେ ମହୀଭାର ।
ପର୍ବତ ଉପରେ ଯେବେ ଫୁଟିବ କମଳ
ଏହା ହେଲେ ମଧ୍ୟ ମୋର ବଚନ ଅଟଳ ।
ମୁହିଁ ତୀର୍ଥବାସିନୀ ଗୋ ଅଟେ ଦେଶାନ୍ତରୀ
ଏହି କଥା ଗୋଟି ସତ ଅଟଇ ମୋହର ।
ଶୁଣ ଗୋ ସୁଦେଷ୍ଣା ରାଣୀ କହୁଛି ତୁମ୍ଭଙ୍କୁ
ପଞ୍ଚ ଗନ୍ଧର୍ବେ ଅଛନ୍ତି ମୋରେ ରଖିବାକୁ ।
ମୋତେ ଯେ କରିବେ ଆଶ ମାରିବେ ତାହାକୁ
ନ ରଖି ପାରିବେ ଚନ୍ଦ୍ର ସୂର୍ଯ୍ୟ ଆଦି ତାଙ୍କୁ ।"

ଏହା ଶୁଣି ସୁଦେଷ୍ଣା ଦାସୀଦ୍ୱାରା କନିଷ୍ଠ କୀଚକ ନିକଟ-ପୁଣି ବାର୍ତ୍ତା ପ୍ରେରଣ କଲେ—

"କୀଚକକୁ ବୋଲ ଯାଇଁ ଦେଖୁ ଦାସୀ ପର
ତାହାର ଦେହ ଛୁଇଁଲେ ହେବ ହତଶିରୀ ।
ଏସବୁ କହିଲେ ଯେବେ ନ ଶୁଣିବ ଅବା
ଉପାୟେ କୀଚକପୁରେ ତାହାକୁ ପେଷିବା ।

× × ×

ମୁହିଁ ଜାଣିଲି ସେ ସ୍ତ୍ରୀ ଅଟେ ମହାସତୀ ।"

ସମସ୍ତ ପୂର୍ବାପର ଘଟଣା ଶୁଣି ଦ୍ରୌପଦୀ ନୀରବ ରହିଲେ । ସୁଦେଷ୍ଣା ସୈରନ୍ଧ୍ରୀ ମୌନ ରହିବା ଦେଖି ଦ୍ରୌପଦୀଙ୍କ ପଞ୍ଚପତିର ଉଦାହରଣ ଦେଇ ତାଙ୍କର ଯୁକ୍ତିମାନ ଖଣ୍ଡନ କରିବାରୁ ସୈରନ୍ଧ୍ରୀ ଦ୍ରୌପଦୀ କହିଲେ —

"ଦ୍ରୌପଦୀ ବୋଇଲେ ଏହା ନୁହଇ ଯୁକତେ ?
ପତି ସତୀ ବିନା ପୃଥ୍ୱୀ ରହନ୍ତା କେମନ୍ତେ ।

ଚନ୍ଦ୍ର ହରଣ କରିଲା ତାରା ମହାସତୀ
ବୃହସ୍ପତି ଶାପେ ରହୁ ଗଲେ ତାଙ୍କ ମୂର୍ତ୍ତି ।
ଇନ୍ଦ୍ର ହରଣ କରିଲା ଗଉତମ ପତ୍ନୀ
ଋଷିଶାପେ ସେହୁ ହୋଇଲା ସହସ୍ରେକ ଯୋନି ।
ସୀତାଙ୍କୁ ଗୁରିଇ ନେଇ ରାବଣ ମରିଲା
ସୁଗ୍ରୀବ ଭାରିଯା ହରି ବାଳୀ ଭସ୍ମ ହେଲା ।
ଶକୁନ୍ତଳା ହରଣେ ଗୋ ନାଶ ଶମ୍ଭୁ ମନୁ
ଚରଣ ପ୍ରମାଣେ ଯମ କାଟିଲା ତା ତନୁ ।
ସ୍ୱାମୀ ସେବା ନ କଲେ କ ସେବକହିଁ ବର୍ତ୍ତି
ତପୋଧନ ତହିଁ ରାଜା କଲ୍ପକ ଅନୀତି ।”

ପୁଣି—

“ସ୍ୱାମୀ ହେଲେ ସେବକକୁ ଯେବେ ହୁଏ ରାଗୀ
ସମସ୍ତ ଅର୍ଜିଲେ ସୁଖ ନ ହୁଏ ସେ ଭୋଗୀ ।
× × ×

ରାଣୀ ବସୁରହଲେ ସୈରନ୍ଧ୍ରୀ ବିରକ୍ତ ହେଲେ ତାଙ୍କ ରାଜ୍ୟ ଭସ୍ମ ହୋଇଯିବ । ସେହି ଭୟରେ ଦ୍ରୌପଦୀଙ୍କୁ କୋଳାଗ୍ରତ କରି କ୍ଷମାପାର୍ଥିନୀ ହେଲେ । ରାଣୀଙ୍କର ଏତେ ନ୍ୟୂନତା ଦେଖି ମୁଦୁସୁଲୀ କ୍ରୋଧରେ ପୁଣି ଦ୍ରୌପଦୀଙ୍କୁ ଗୁହିଁ କହୁଛନ୍ତି କଲା :—

“କେଶ ଧରଣ ତୋତେ ଲୋ ନେବ ଏହିକ୍ଷଣି ।”

ଦ୍ରୌପଦୀ କହିଲେ —

“ଅମହନ୍ତ ଲୋକର ମୁଁ କଥାକୁ ଜାଣିଲି
× × ×
ଅଗୋ ସୁଦେଷ୍ଣା ସତ୍ୟକୁ ଲଙ୍ଘିଲେଟି ମହୀ
ସଚରାଚର ସମସ୍ତେ ନ ବର୍ତ୍ତିବେ କେହି ।
ପୃଥିବୀ ମଧ୍ୟରେ ଯେବେ ହେବ ଶସ୍ୟହାନି
ସର୍ବ ପ୍ରାଣୀ ବଞ୍ଚିବେ କ ଆଉ ଏ ମେଦିନୀ ?

ଅତ୍ୟନ୍ତ ଅବାଧ୍ୟ ଯେବେ କରବେଟି ରାଜା
କାହା ଆଗରେ କହବେ ଆଉ ଜନ ପ୍ରଜା ?

ସୁଦେଷ୍ଣା ଦୁର୍ବଳା ହେଲେହେଁ ସ୍ୱଭାବତଃ ଧାର୍ମିକା । ସେ ନାରୀର ମର୍ଯ୍ୟାଦା ଓ ସଂସାରର ନୀତି ଅନୀତି ବୁଝନ୍ତି । କିନ୍ତୁ ଦୁର୍ବଳ ମନୁଷ୍ୟ ପାରିବାରିକ ସମ୍ବନ୍ଧ ବନ୍ଧନର ସ୍ନେହ ଯୋଗେ ସାଧାରଣତଃ ନୈତିକ-ବର୍ତ୍ତ୍ୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରେ ନାହିଁ । ସେଥିପାଇଁ ଦୁର୍ବଳ-ହୃଦୟା ଜ୍ୟେଷ୍ଠ ଭଗ୍ନୀ କନିଷ୍ଠ ଭ୍ରାତାର ମମତାବଶରେ ତାହାର ଜୀବନ-ନାଶ ଆଶଙ୍କାରେ ଦ୍ରୌପଦୀଙ୍କୁ ପୁଣି ଆବେଦନ କରିଛନ୍ତି । ସୈରିନ୍ଧ୍ରୀ ରାଣୀଙ୍କ ମନୋଗତ ଭାବ ବୁଝିବାରେ ବାକି ନ ଥିଲା । ସେ ଉତ୍ତର ଦେଲେ—

"ସୈରିନ୍ଧ୍ରୀ ବୋଇଲେ ପୂର୍ବୁଁ ଯାହା ଅଛି ମାଗି
ସମସ୍ତ ବୋଲି ତାହାକୁ କରି ପରିତ୍ୟାଗୀ ।
ଉଚ୍ଛିଷ୍ଟ ଛୁଇଁବି ନାହିଁ ପାଦ ନ ଛୁଇଁବି
ପୁରୁଷ ପାଶେ ନ ପେଷି କିଛି ନ ବୋଲିବି ।
ଆଉରି ଯେତେକ ମୋତେ କହିବ ଗୋ ରାଣୀ
ତାହା ଅବଜ୍ଞା ନ କରି କରିବି ଗୋ ପୁଣି ।"

ରାଣୀଙ୍କ ନିବେଦନ ବିଫଳ ହେବାରୁ ସେ ବିସ୍ମିତା ହୋଇ ନିର୍ବାକ ହୋଇଗଲେ । ମୌଖିକ ଉଦାସୀନତା ଦେଖାଇ କହିଲେ:—

"ସହୋଦରେ କାର୍ଯ୍ୟ କିବା ସୈରିନ୍ଧ୍ରୀରେ କାର୍ଯ୍ୟ
ସୈରିନ୍ଧ୍ରୀ ବିସ୍ମିନେ ଭାଇ ପ୍ରାଣ ଦେବ ଆଜ ।
ଗଲେ ମରିବ ନ ଗଲେ ମରିବ ନିଶ୍ଚିତେ
ସୁଦେଷ୍ଣା ବୋଇଲେ କୀଚକ ଅଛି ନା ଯୁକତେ ।"

ପରିଶେଷରେ ସୁଦେଷ୍ଣା ନିଯୋଗରେ ଦ୍ରୌପଦୀ ଶ୍ରୀକୃଷ୍ଣଙ୍କୁ ସ୍ମରଣ ଓ ପ୍ରାର୍ଥନାପୂର୍ବକ ତାଙ୍କର ପଦବାହିକା ରୂପେ କୀଚକପୁରକୁ ଗମନ କଲେ । ଏହା ପୂର୍ବରୁ ରାଣୀ କୀଚକର ମରଣ ନିଶ୍ଚିତ ବୋଲି ଧିକ୍କାର ବାଣୀ ଶୁଣାଇ ଦେଇଥିଲେ ।

ସୈରିନ୍ଧ୍ରୀ ଦ୍ରୌପଦୀ ବୀରଜାୟା, ବୀରାଙ୍ଗନା । କୀଚକକୁ ଷଣ୍ଢ ଦେଇ ବାହୁଡ଼ି ଆସିଲାବେଳେ ସେ ଏହି ନାରୀଙ୍କୁ ଅପମାନିତ କରିବାର ପ୍ରୟାସ କରିବାରୁ ଓ ଏହି କାର୍ଯ୍ୟରେ ସୁଦେଷ୍ଣା ଓ କୀଚକର ଦାସୀମାନେ ସହାୟିକା ହୋଇ ପଥରୁଦ୍ଧ କରିବାରୁ ଦ୍ରୌପଦୀ ସେମାନଙ୍କୁ ପଦପ୍ରହାର ଦ୍ୱାରା ରୁଧିରାକ୍ତ କରି ନିର୍ଭୀକ ଚିତ୍ତରେ ବିରାଟ ରାଜସଭାରେ ଅଭିଯୋଗ କରିବାକୁ ଉପସ୍ଥିତା ହେଲେ । ରାଜସଭାରେ ପଞ୍ଚପାଣ୍ଡବ ସମାସୀନ ଥିଲେ । ସେମାନଙ୍କ ସମ୍ମୁଖରେ ଏହି ବୀରାଙ୍ଗନା ବିରାଟ ରାଜାଙ୍କୁ ବହୁ ଧିକ୍କାର ବାଣୀ ଶୁଣାଇଲେ । ତାଙ୍କର ଅଭିଯୋଗର ମର୍ମ ହେଲା ଯେ, ସେ ରାଜା ହୋଇ ରାଜ୍ୟରେ ନାରୀ ପ୍ରତି ଅବମାନନା ଓ ଅପମାନର ପ୍ରତିକାର କିଛି କରୁ ନାହାଁନ୍ତି । ପୁଣି ଟିଘାସି କହିଲେ:—

"ତୁମ୍ଭର ନିକଟେ କେତେ ସେବା ନ କରନ୍ତି
ପ୍ରଭୁ ହୋଇଲେ କି ଗଳାକାରରେ ଧରନ୍ତି ?"

ପ୍ରକାଶ୍ୟ ରାଜସଭାରେ ଅଧୀନସ୍ଥା ଦାସୀର ଏ କଟୂକ୍ତି ରାଜାଙ୍କ ଆତ୍ମାଭିମାନରେ ବାଧିଲା । ଶ୍ୟାଳକର ଅପମାନ ବରଦାସ୍ତ କରି ନ ପାରି ଦ୍ରୌପଦୀଙ୍କୁ ସେ ନାନା କୁକଥାମାନ କହିଲେ । ପୁଣି ଶେଷରେ ଚାଟୁକାର ପ୍ରାୟ କୀଚକର ଅବୈଧ ଓ ଅସଙ୍ଗତ ପ୍ରସ୍ତାବକୁ ସମର୍ଥନ କରି ସୈରିନ୍ଧ୍ରୀଙ୍କୁ ପ୍ରବଞ୍ଚନା ଦେଲେ । ପଞ୍ଚାଳ କୁମାରୀ ଅଦୃଷ୍ଟକୁ ଚାହିଁ ଅଶ୍ରୁବର୍ଷଣ କଲେ ।

ଅବସ୍ଥାର ଗୁରୁତ୍ୱ ଅନୁଭବ କରି ସେହି ନିଶୀଥରେ ପ୍ରଥମେ ଦ୍ରୌପଦୀ ଧର୍ମରାଜ ଯୁଧିଷ୍ଠିରଙ୍କ ନିକଟକୁ ଯାଇ କହିଲେ—

"ହେ ସ୍ୱାମୀ ତୋ ପାଦପଦ୍ମେ ଲକ୍ଷେ ରାଜା ବନ୍ଦେ
ଶ୍ରୀ ନାରାୟଣ ବିନୟୀ ଯାର ପାଦପଦ୍ମେ ।
ନାଗ ନର ଅମରାଦି ତ୍ରୈଲୋକ୍ୟର ସ୍ୱାମୀ
ସର୍ବଦା ସେବା କରନ୍ତି ଯାକୁ ଅନ୍ତର୍ଯ୍ୟାମୀ ।
ସ୍ୱାମୀ ମୋରୁ ଶୌରି କରି ଅନଳ ପରଶି
କିଯୁଗାନ୍ତେ ତୋ ଦର୍ଶନେ ତା ଚକ୍ଷୁକୁ ଦହି ।"

ଯୁଧିଷ୍ଠିର କହିଲେ "ବାତୁଳୀ ପ୍ରାୟ କାହିଁକି କହୁଛ ? ଭୀମ ଛଡ଼ା କେହି ତୁମକୁ ରକ୍ଷା କରି ପାରିବେ ନାହିଁ ।" ଧର୍ମରାଜଙ୍କଠାରୁ ନିରାଶ ହୋଇ ଦ୍ରୌପଦୀ ଅର୍ଜ୍ଜୁନ ନିକଟରେ ପ୍ରବେଶ ହେଲେ:—

ଦ୍ରୌପଦୀ—"ସମସ୍ତଙ୍କ ବଳ ଧ୍ୱଂସି ଆଣିଲ ଯେ ମୋତେ
ନଟକାର ପ୍ରାୟେ ଲଭ୍ୟ ହେଲ ପଞ୍ଚଭ୍ରାତେ ।
ଏକା ହୋଇଣ ସହିଲି ପଞ୍ଚଙ୍କ ଅର୍ଦ୍ଧୋଲୀ
ତଥାପି ରହି ନ ପାରେ ହେଲି ଏତେ ଭଳି ।
କନ୍ଦମୂଳ ଆହାରରେ କାଳଯାକ ଦୁଃଖୀ
କେଶ ଆକର୍ଷଣ କଲା କରି ନିରମାଖି ।
ତାହା ମଧ୍ୟ ସହିଲି ମୁଁ ଆଦରିଣ କର୍ମ
କାହାକୁ କହିବି ସବୁ ଦେଖୁଛନ୍ତି ଧର୍ମ ।
ସଙ୍କୋଚନର ନନ୍ଦନ ବିରାଟର ଶଳା
ସୁଦେଷ୍ଣା ଭାଇ କୀଚକ ଦେଖି ହେଲା ଭୋଳା ।
ଗନ୍ଧପତ୍ର ଲେଖା ଦେଇ ପେଷିଲା ସୁଦେଷ୍ଣା
ମୋତେ ଦେଖିଣ ପାମର କରିଲାକ ତୃଷ୍ଣା ।
ପୁରେ ଚଣ୍ଡାଳ ଧରିଲା ଆସି ମୋତେ ବଳେ
ତାପେ ଭଗ୍ନ ହେଲି ଆସି ଆସ୍ଥାନର ତଳେ ।
ଦେଖିଣ ମୋତେ ବୋଇଲେ ମତ୍ସ୍ୟ ଦଣ୍ଡଧାରୀ
ନାଥ ରେ ଏ ମୋହିନୀ ସୈରିନ୍ଧ୍ରୀ ବାଳ ଧରି ।"

ଦ୍ରୌପଦୀ ନିଜର ବେଦନା ପ୍ରକାଶ କରୁ କରୁ କ୍ରନ୍ଦନ କଲେ । ଅର୍ଜ୍ଜୁନ କହିଲେ "ପାଷାଣରେଖା ଲଙ୍ଘିବାର ନୁହେଁ । ଧର୍ମରାଜ ପ୍ରତିଜ୍ଞାବଦ୍ଧ, ତାଙ୍କୁ ଅବଜ୍ଞା କରିଥିଲେ ଆଜି ଆମ୍ଭେମାନେ ବନପର୍ବ ସାରି ଅଜ୍ଞାତ ବନବାସ କରି ନ ଥାନ୍ତୁ । ଯୁଧିଷ୍ଠିର ଜ୍ୟେଷ୍ଠଭ୍ରାତା । ତେଣୁ ତାଙ୍କୁ ଅବଜ୍ଞା କରି ଅବାଧ୍ୟ ହେବାର ଶକ୍ତି ଆମର ନାହିଁ । ସେହିହେତୁ ତୁମର ସମସ୍ତ ଅପମାନ ଆମ୍ଭେମାନେ ନୀରବରେ ସହ୍ୟ କରିଆସିଛୁଁ । ନିର୍ବୀର୍ଯ୍ୟ ପାର୍ଥ ଶକ୍ତିଶୂନ୍ୟ ଓ ନିଷ୍କ୍ରିୟ ଅବସ୍ଥାରେ ରହିଥିବାରୁ ନିରୁପାୟ ହୋଇ ପତ୍ନୀଙ୍କୁ ଉଦାସୀନ ଭାବରେ କହିଲେ—

"ମୁଁ ଏବେ ବୋଲୁଛି ହୁଅ କୀଚକ ଭରିଯା ।"

ଦ୍ରୌପଦୀ—"ସୈରନ୍ଧ୍ରୀ ବୋଇଲେ ତୁମ୍ଭ ଜୀବନକୁ ଧିକ
ପାଞ୍ଚ ଜଣର ଭରିଯା ମୁହିଁ ଅଟେ ଏକ ।
ମୋତେ ଆନକୁ ଦେଇଣ ତୁମ୍ଭେ ନାକୁ ଯିବ
କେମନ୍ତେ ରାଜସଭାରେ ମୁହଁ ଦେଖାଇବ ?
ଏତେକେ ତ ଛାଡ଼ିଲ ଲାଜ ହେଲ ନଟପ୍ରାୟ
ପୁରୁଷ ରୂପୁଁ ବାହାର ତୁମ୍ଭେ ଧନଞ୍ଜୟ ।
ନ ଜାଣି ଜାରଜ ବୋଲି ବୋଲନ୍ତି କୌରବେ
ରାଜ୍ୟ ସାଧିବାକୁ ଯିବ ତୁମ୍ଭେ କେଉଁ ଭାବେ ?

ପାର୍ଥ ମର୍ମବେଦନାରେ କାତର ହୋଇ ଆଉ ନ ଝିଙ୍ଗାସିବାକୁ ପତ୍ନୀଙ୍କୁ ଅନୁରୋଧ କରି ଭୀମ ନିକଟକୁ ଯିବାକୁ ଅନୁରୋଧ କଲେ । କୃଷ୍ଣା ନକୁଳଙ୍କ ନିକଟରେ ପ୍ରବେଶ କରି କହିଲେ—

ତୁମ୍ଭ ତହିଁକି ଅଇଲି ମୁହିଁ ବିଶ୍ୱାକାଲେ
କୀଚକ ପାମର ମୋତେ ହରି ଇଚ୍ଛେ ବଳେ ।
ଉପାୟ ଚିନ୍ତିବା ପାଇଁ ଅଇଲି ଏ ରାତି
ପ୍ରଭାତରେ ନେବ ମୋତେ କୀଚକ ଦୁର୍ମତି ।

ନକୁଳ—

"ନକୁଳ ବୋଇଲେ ଯେବେ ସ୍ୱାମୀ ଦେଲେ ଆଜ୍ଞା
ସେବକ ମାନଙ୍କ କରି ପାରେ କି ଅବଜ୍ଞା ?
ଯାଅ ଯାଅ ସଖୀ ଆମ୍ଭେ ଥାଇ କି କରିବୁଁ ?
ନିଷ୍ଟୟ ତୁ କୀଚକର ଭରିଯା ହୋଇବୁ ।'

କ୍ରୋଧରେ କୃଷ୍ଣା କହିଲେ —

"ଧିକ ଧିକ ହେଉ ତୁମ୍ଭ ଜୀବନ ଏ ଜାତି
ସଂସାରେ ବୋଲନ୍ତି ପଞ୍ଚ ପାଣ୍ଡବ ଯୁବତୀ ।
ନଟକାର ପ୍ରାୟ ହେଲା ତୁମ୍ଭର ପ୍ରକୃତି
କୃଷ୍ଣ ହେତୁ ପରେ ଦିଅ ନିଜର ଯୁବତୀ ।"

ସାରଳା ଦାସ ଏଠାରେ ଯେଉଁ ପାରିବାରିକ ଓ ସାମାଜିକ ରୂପ ଦେଇଛନ୍ତି, ଏହା ସମାଜ ଓ ରାଷ୍ଟ୍ରର ଶାଶ୍ୱତକାଳର ସତ୍ୟ। ଦ୍ରୌପଦୀ ସ୍ୱାମୀମାନଙ୍କୁ "ନଟକାର" ବା "ଭଡ଼ୁଆ" ବୋଲି କହିଛନ୍ତି। ପୁଣି ବିରାଟ ରାଜା ନିକଟରେ ଗୃହକର୍ମ କରିବା ଯୋଗୁଁ ନିଜର ସମ୍ମାନ ନ ଥିବାରୁ "ବୃତ୍ତି ହେତୁ ପରେ ଦିଅ ନିଜର ଯୁବତୀ" ବୋଲି ବଡ଼ କଥା କହିଛନ୍ତି। ଏହି ବୃତ୍ତି ବା ଗୃହକର୍ମ ପାଇଁ ଅନ୍ନଦାତା ଦୁର୍ଯ୍ୟୋଧନର ସଭାତଳେ ନିର୍ଯ୍ୟାତନ କାଳରେ କୁଳୀନ, ବୃଦ୍ଧ, ବିଜ୍ଞ ବ୍ୟକ୍ତିମାନେ ଅନ୍ୟାୟ କାର୍ଯ୍ୟର ପ୍ରତିକାର କରିବା ଦୂରେ ଥାଉ ପ୍ରକାଶ୍ୟ ପ୍ରତିବାଦ କରିବାକୁ ସୁଦ୍ଧା ସାହସୀ ହୋଇ ନାହାଁନ୍ତି। ଗୃହକର୍ମ କରି ଯେଉଁମାନେ ଅନ୍ୟର ଦତ୍ତ ଅନ୍ନ ଭୋଜନ କରି ଜୀବନ ନିର୍ବାହ କରନ୍ତି, ସେମାନେ ଅମନୁଷ୍ୟ। ସେମାନଙ୍କର ସ୍ତ୍ରୀକୁ ପ୍ରଭୁକବଳରୁ ରକ୍ଷା କରିବାକୁ ସ୍ୱାଧୀନତା ମଧ୍ୟ "ବୃତ୍ତି" ହେତୁ ଅପହୃତ ହୋଇଥାଏ। ଏ ବିଡ଼ମ୍ବନା ଦ୍ୱାପର ଯୁଗର ମହାଭାରତ କାଳରେ ଯେ ସତ୍ୟ ଥିଲା କିମ୍ବା ଆକସ୍ମିକ ଭାବରେ ଘଟିଥିଲା, ତାହା ନୁହେଁ। ସଂସାରରେ ଚିରକାଳ ଏହିପରି ଖାଦ୍ୟ ଖାଦକ ସମ୍ବନ୍ଧ ରହିଛି। ପ୍ରଭୁଭୃତ୍ୟ ସମ୍ପର୍କରେ ଉପରୋକ୍ତ ଅତ୍ୟାଚାର ଓ ଅନ୍ୟାୟ ବର୍ତ୍ତମାନ ସୁଦ୍ଧା ବହୁ ସ୍ଥାନରେ ଘଟିଥିବା କଥା ଆଧୁନିକ ଇତିହାସ ସାକ୍ଷ୍ୟ ଦିଏ। ସୁତରାଂ ଏହି ବୃତ୍ତିରେ ମନୁଷ୍ୟର ମନୁଷ୍ୟତ୍ୱର ସ୍ୱାଧୀନତା ଲୋପ ହେବାରୁ ସେ ନୀତି ଅନୀତି ବାରଣ ରଖି ନ୍ୟାୟାନୁମୋଦିତ ପଥରେ କର୍ତ୍ତବ୍ୟ କରି ପାରେ ନାହିଁ। ମନୁଷ୍ୟଜାତିର ଏପରି ବ୍ୟାବହାରିକ କ୍ଲୀବତ୍ୱ ଏକ ସାମାଜିକ, ପାରିବାରିକ ଏବଂ ରାଷ୍ଟ୍ରିକ ବିଚାରରେ ସତ୍ୟ ବୋଲି ପାଞ୍ଚଶହ ବର୍ଷ ପୂର୍ବେ ସାରଳା ଦାସ ମଧ୍ୟ ଦେଖିଥିଲେ।

ନକୁଳଙ୍କ ଆତ୍ମାଭିମାନ ଆହତ ହେବାରୁ ସେ ଧର୍ମରାଜଙ୍କ ଦୋହାଇ ଦେଇ ଅନ୍ୟ ସହୋଦରମାନଙ୍କ କୁଳି ପତ୍ନୀଙ୍କୁ ନିରାଶ କଲେ। ପୁଣି କହିଲେ "ଧର୍ମରାଜ ଭୀମଙ୍କ ଉପରେ କୀଚକବଧ ଭାର ଦେଇଛନ୍ତି। ସେ ନିରାଶ କଲେ ମୁଁ ପ୍ରତିକାର କରିବି।" ଏହା ଶୁଣି ଦ୍ରୌପଦୀ ସହଦେବଙ୍କ ନିକଟ ଗଲେ। ସହଦେବ ଉଲୂକ ବିଦ୍ୟା ଜାଣନ୍ତି ଏବଂ ତ୍ରିକାଳଜ୍ଞ ଅଟନ୍ତି। କୃଷ୍ଣାଙ୍କ ଅଭିଯୋଗ ଶୁଣି ତାଙ୍କୁ ଭୀମସେନଙ୍କ ନିକଟକୁ ପଠାଇଲେ।

ଭୀମଙ୍କ ନିକଟରେ ଦ୍ରୌପଦୀ ରାତିର ଚତୁର୍ଥ ଯାମ, ଉଷାର ଅବ୍ୟବହିତ ପୂର୍ବେ ପହଞ୍ଚିଲରୁ ନିର୍ବୋଧ ଭୀମ ପତ୍ନୀ ଆଗମନର ଉଦ୍ଦେଶ୍ୟ ନ ବୁଝି ପାରି ଭିନ୍ନ ଅର୍ଥ କଲେ । ଏହା ଶୁଣି ଦ୍ରୌପଦୀ ଘୃଣା ଓ କ୍ଷୋଭରେ କହିଲେ —

"ଦ୍ରୌପଦୀ ବୋଇଲେ ତୁମ୍ଭେ ଏଡ଼େ ନୀଚ ମୂର୍ଖ
ଅପଣ୍ଡିତ ପ୍ରାୟେ କଥା କହ ଯେ ବାଲକ ।
ଯଥା ଅନୁରୂପ ଆପେ ତଥା ବାକ୍ୟ ଭାଷି
ଆସି ନାହିଁ ଶୃଙ୍ଗାରର ହୋଇଣ ପ୍ରୟାସୀ ।
ଅଜ୍ଞାତ ସତୁର ଦିନ ଆଉ ବାକୀ ଅଛି ।"

ଭୀମ ପତ୍ନୀଙ୍କ କଥାର ମର୍ମ ତଥାପି ନ ବୁଝି ନିର୍ବୋଧଙ୍କ ଭଳି କହିଲେ, "ତୁମେ ଏଠୁ ଚାଲିଯାଅ । ବିରାଟ ରାଜା ଭାବିବେ ମୁଁ ପରଦାର ମର୍ଦ୍ଦଣ କଲି । ସେ ମୋତେ ବହୁ ସମ୍ମାନ ଦାନ କରୁଛନ୍ତି । ସେ କଣ ଭାବିବେ ?"

ଦ୍ରୌପଦୀ ଉନ୍ମାଦିନୀ ପ୍ରାୟ କମ୍ପିତା ହୋଇ କ୍ରୋଧ ଓ କ୍ଷୋଭରେ ପ୍ରଜ୍ଜ୍ୱଳିତ ହୋଇ କହିଲେ—

"ସୈରନ୍ଧ୍ରୀ ବୋଇଲେ ଶୁଣ ଶୁଣ ଏବେ ମୂର୍ଖ
ତୁମ୍ଭଙ୍କୁ ମୁଁ ସେବା କରି ହୋଇଲି ନିରେଖ ।
ବିରାଟ ଶଳା କୀଚକ ଯେହୁ ମହାବୀର
ସେହୁ ମୋତେ ହରି ଇଚ୍ଛେ କରି ବଳତ୍କାର ।"

ସୈରନ୍ଧ୍ରୀ ପୁଣି କହିଲେ—

"...................ତୁମ୍ଭ ପ୍ରାଣ ଧିକ ଧିକ
ରାଜ୍ୟଭାର ଅନ୍ୟେ ଦେଇ ମାଗ ତୁମ୍ଭେ ଭିଖ ।
ସିଂହ ବୋଲି କରି ମୁଁ ଯେ ବରିଲି ତୁମ୍ଭଙ୍କୁ
କୋଇଲା ଜାତ କରିଛି ଶୃଗାଳ ଛୁଆଙ୍କୁ ।
ତୁମ୍ଭେ ଜୀଇ ଥାଉଁ ହେବ ମୁଁ ଅନ୍ୟ ଭାରିଯା
ନିର୍ଲ୍ଲଜ୍ଜ ପ୍ରାଣ ତୁମ୍ଭର ନ କରୁଛ ତେଜ୍ୟା ।

କାଲେବର ଗଦା ତୁମ୍ଭେ ଧର ବେନି ହସ୍ତେ
ତାହା ଧିକ ଧିକ ତାହା ଧିକ ହେଉ ତୋତେ ।
ବୃକୋଦର ଆମ୍ଭା ତୁ ରେ କେଉଁଗୁଣେ ବହୁ
ନର୍ଲ୍ଲଜ୍ଜ ମୁଖକୁ ତୋର ଗୃଧ୍ର ପକ୍ଷୀ ଖାଉ ।
ରାଜ୍ୟଭାର ସମ୍ପଦାଦ ଅର୍ପିଲ ଅନ୍ୟକୁ

× × ×

ହସ୍ତିନା ସଭାକୁ ଯାଇଁ ଶୁହାଁବ କା ମୁଖ
ଏମାନ ସହୁ ବର୍ତ୍ତିବା ହେବ କେଉଁ ସୁଖ ?"

ଏହି ତେଜୋଗର୍ଭ ବାକ୍ୟ ଶୁଣି ବୃକୋଦର ଭୀମ ଗର୍ଜନ କରି ଯେପରି ଭବରେ କୀଚକବଧ କଲେ, ତାହା ମହାଭାରତ ପାଠକେ ଜାଣନ୍ତି ।

ଉପରୋକ୍ତ ପଦମାନଙ୍କରେ ଯେଉଁ ପ୍ରେରଣା ଦ୍ରୌପଦୀ ସ୍ୱାମୀଙ୍କୁ ଦେଇଛନ୍ତି, ତାର ଉପମା ମହାଭାରତରେ କୌଣସି ନାରୀ ଚରିତ୍ରରେ ନାହିଁ । ଶ୍ରୀକୃଷ୍ଣ ଯେପରି ମହାଭାରତ ରଙ୍ଗମଞ୍ଚର ପ୍ରଧାନ ନାୟକ, ଦ୍ରୌପଦୀ ସେହିପରି ପ୍ରସିଦ୍ଧ ନାୟିକା । ସ୍ତ୍ରୀ ଦ୍ରୌପଦୀ ସାଧ୍ୱୀ ସତୀ ହେଲେହେଁ, ହୀନବୀର୍ଯ୍ୟ ସ୍ୱାମୀମାନଙ୍କୁ ଶୃଗାଳ ବୋଲି କହି ସେମାନଙ୍କର ମୃତ୍ୟୁକାମନା କରି ସମ୍ପିଛନ୍ତି । ତାଙ୍କ ପ୍ରକୃତିରେ ଯେ ଅଧୀରତାର ସ୍ଥାନ ରହିଛି, ସେହି ଅଧୀରତାର ଔଚିତ୍ୟ ଅନୌଚିତ୍ୟ ସମ୍ବନ୍ଧରେ ବିଚାର କରିବାକୁ ଗଲେ ମୂଳତଃ ନାରୀପ୍ରକୃତି ଗବେଷଣାର ଅପେକ୍ଷା ରଖେ । ଦ୍ରୌପଦୀ ସତ୍ୟ ଶିବ ସୁନ୍ଦରର ଉପାସିକା ହେଲେହେଁ ସେ ନାରୀ । ପାରିପାର୍ଶ୍ୱିକ ଘଟଣାସଂଘାତ ତାଙ୍କୁ ଯେ ସମୟ ସମୟରେ ବିଚଳିତ କରିଦିଏ; ଏହା କେବଳ ତାଙ୍କର ନୁହେଁ, ପ୍ରତ୍ୟେକ ନାରୀର ଏହା ସ୍ୱାଭାବିକ ପ୍ରକୃତି । କାରଣ ନାରୀର ସୃଷ୍ଟି ବସ୍ତୁର ବେଷ୍ଟନୀ ମଧ୍ୟରେ— ବସ୍ତୁକୁ ଛାଡ଼ି ସେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ନୁହେ । ପାଣ୍ଡବମାନଙ୍କ ଚରିତ୍ରରେ ଯେପରି ପ୍ରତିଜ୍ଞାପରାୟଣତା ବା ଆଦର୍ଶପୂଜା, ସଂକଳ୍ପପ୍ରୀତି ରହିଛି, ଏହି ସ୍ତ୍ରୀଙ୍କଠାରେ ତାହା ସେତେ ଦୂର ଦେଖାଯାଏ ନାହିଁ । ନାରୀ ପୁରୁଷର ମୌଳିକ ପ୍ରକୃତିରେ ଏହି ତାରତମ୍ୟ ଥିବାରୁ ସ୍ୱାମୀମାନେ ଯେଉଁ ଘଟଣା-

ମାନଙ୍କରେ ଅବିଚଳିତ ରହି ଦୁଃଖ ଯନ୍ତ୍ରଣାକୁ ନିର୍ବିରୋଧରେ ସହ୍ୟ କରି ପ୍ରଶାନ୍ତ ରହିଛନ୍ତି, ସ୍ତ୍ରୀ ପ୍ରତିପଦରେ ସେଠାରେ ବିକ୍ଷୁବ୍ଧ ସମୁଦ୍ର ତୁଲ୍ୟ ଭାବୋଚ୍ଛ୍ୱାସ ତରଙ୍ଗରେ ଦୋଳାୟିତା ହୋଇଛନ୍ତି । ଦ୍ରୌପଦୀ ଦେବୀ ନୁହନ୍ତି, ଦାନବୀ ନୁହନ୍ତି, ରକ୍ତମାଂସଗଠିତା ନାରିକା ମାନବୀ । ଏହି ମାନବୀତ୍ୱର ସାମଞ୍ଜସ୍ୟରେ ତାଙ୍କର ଚରିତ୍ର ଗଠିତ । ତେଣୁ କୁରୁ-ସଭାତଳେ ଲାଞ୍ଛିତା ଦ୍ରୌପଦୀ ସ୍ୱାମୀମାନଙ୍କୁ ଅଧୀର ହୋଇ ଧିକ୍କାରି-ଛନ୍ତି । କୀଚକ ଉପାଖ୍ୟାନରେ ହୀନବୀର୍ଯ୍ୟ ସ୍ୱାମୀମାନେ ସ୍ତ୍ରୀକୁ ରକ୍ଷା କରିବାକୁ ଅସମର୍ଥ ହେବାରୁ ଦ୍ରୌପଦୀ ଧିକ୍କାର ଦେଇ ବିଦ୍ରୋହିଣୀ ହୋଇଛନ୍ତି । ସାରଳା ଦାସ ଦ୍ରୌପଦୀ ଚରିତ୍ରକୁ ଯେପରି ରୂପ ଦେଇଛନ୍ତି, ତହିଁରେ ଜନମନର ସହାନୁଭୂତି ଏହି ଦୁର୍ଜ୍ଜୟ ଆତ୍ମସମ୍ମାନବତୀ ରମଣୀଙ୍କ ପଦସୀମାରେ ଲୁଣ୍ଠିତ ହୋଇପଡ଼େ । ଏହି ନାରୀଚରିତ୍ରରେ ଭୀମ କାନ୍ତିର ଅପୂର୍ବ ଲୀଳା ଦେଖିବାକୁ ମିଳେ । ସାରଳା ଦାସ ଏହି ଚରିତ୍ରକୁ ଯେପରି ଦକ୍ଷ ତୂଳିକାରେ ଅଙ୍କିତ କରିଛନ୍ତି, ତହିଁରୁ ଦେଖାଯାଏ, ଅତି ଜୀବନ୍ତ—ତାଙ୍କର ଭାଷଣ, ଅତି ବିଚିତ୍ର ତାଙ୍କର ଅନୁଭୂତି, ସୁନ୍ଦରତମ ତାଙ୍କର ଆକୃତି, ମହିମାମଣ୍ଡିତ ତାଙ୍କର କାମ୍ୟ ଆଦର୍ଶ । ଏହି ଚରିତ୍ର ସାଧାରଣ ନାରୀକୁ ପ୍ରେରଣା ଦିଏ ବିବେକ ବୁଦ୍ଧିର ଇଙ୍ଗିତ, ଭକ୍ତିର ବ୍ୟଞ୍ଜନା ଏବଂ ଅବିଚଳ ପ୍ରତିଜ୍ଞାର ଆଭାସ । ସାରଳା ଲେଖନୀ ଏହି ଚରିତ୍ର ଚିତ୍ରଣରେ କାର୍ପଣ୍ୟ କରି ନାହିଁ ବୋଲି ଏହା ନାରୀସମାଜ ଠାରୁ ସମ୍ମାନର ଦାବୀ ରଖେ ।

× × ×

କୀଚକ ଭୀମକର୍ତ୍ତୃକ ବଧ ହେବାରୁ ରାଜକାମିନୀମାନଙ୍କ ସହ ବିରାଟ ରାଣୀ ସୁଦେଷ୍ଣା ଶୋକରେ ମୁହ୍ୟମାନା ହେଲେ । ଦ୍ରୌପଦୀ ସୁପଣ୍ଡିତା, ସୁଜ୍ଞାନୀ । ସେ କିପରି ଭାବରେ ରାଣୀଙ୍କୁ ସାନ୍ତ୍ୱନା ଦେଉଛନ୍ତି, ତାହା ପ୍ରଣିଧାନ କରିବା କଥା ।

"ମାଗୋ ପରମ ସାଧବୀ ହେଉ କିପାଁ କ୍ରୋଧୀ ·
ଅନିତ୍ୟ ସଂସାର ମାଗୋ ଯାହା ଅଛି ଅର୍ଜି ।

‘“ଭୁଲ ଭଲ ମନ୍ଦ ହେଉ ତା’ ଅବଶ୍ୟ ଭୁଞ୍ଜି
ମାଗୋ ସକଳ ପ୍ରାଣୀଙ୍କ କଲେ ଉତକର୍ମ
ଶିରୀ ଆୟୁଷ ବର୍ଦ୍ଧିତ ହୁଏ ହ୍ଲାଦେ ଧର୍ମ ।
ଧର୍ମ ଲଙ୍ଘିବା ପାଇଁ କ ଲୋଡ଼େ ଯେଉଁ ପ୍ରାଣୀ
ଆୟୁ କ୍ଷୟ ଯାଏ ତାର ଶିରୀ ହୁଏ ହାନି ।
ମାଗୋ ମାୟା ସଂସାର ଏ ଦଇବ ରଚନା
ଜଳବମ୍ବ ପ୍ରାୟେକ ଗୋ କ୍ଷଣେ ଅନ ସିନା ।
ଯେହ୍ନେ ବୃକ୍ଷତଳେ ବସି ପଥିକ ସମୂହେ
ଶରୀରକୁ ସୁସ୍ଥ କରି ଯାନ୍ତି ଯେଝା ଲୟେ ।
ଯେ ଯହୁଁ ଆସିଥିଲୁ ଗୋ ତହିଁ ଗଲୁ ଫେରି
ସବୁରଙ୍କ ମୃତ୍ୟୁ ଅଛି ଜାଣ ଗୋ ସୁନ୍ଦରି ।
ପର ଉପକାରୀ ହୋଇ ଜନ୍ମେ ଯେ ମେଦିନୀ
କ୍ଷଣମାତ୍ରକେ ସେ ସ୍ଥଡ଼େ ନ ରହଇ ପୁଣି ।
ଭାରିଜା ପୁତ୍ର ପଉତ୍ର ବନ୍ଧୁଙ୍କୁ ମାଗନ୍ତେ
ମୋହର ମୋହର କରି ମରେ ଅନର୍ଥେ
ମାୟାପାଶ ଲଗାଇଛି ଜଗତ ମୋହନ
ଚିରକାଳ ଏ ପିଣ୍ଡରେ ନ ରହେ ଜୀବନ ।
କେହୁ କାହାର ପିଅର କେ କାହାର ପୁଅ
ଅଦଭୁତ ପାଠ ମୋର ଅଟେ ମାୟା ମୋହ ।
ମାଗୋ ନିରପେକ୍ଷ ଅଟେ ଏ ଯମ· ସଂସାରେ
ଉପାୟେ ମାରଇ ଦୋଷ ନ ନିଅଇ ଶିରେ ।
ଦୋଷ ଜାତ କରୁଏ ସେ ମରିବା ନିମନ୍ତେ
ଜ୍ୱର ଆଦି ନାନା ରୋଗ ଦେଉଥାଇ ନିତ୍ୟେ ।”

ଦ୍ରୌପଦୀଙ୍କର ସାନ୍ତ୍ୱନାରେ ନାରୀମାନେ ଶାନ୍ତ ହେଲେ । ଦ୍ରୌପଦୀ ସଂସାର ସର୍ଜନା ଓ ବିନାଶକୁ ଜଳବିମ୍ବ ତୁଲ୍ୟ ଅସାର ଓ ଅନିତ୍ୟ

ଭାବରେ ଜ୍ଞାନଚକ୍ଷୁ ଦେଇ ଦେଖିଛନ୍ତି । ଏ ଦୃଷ୍ଟି ସାଧାରଣ ନାରୀଦୃଷ୍ଟି ନୁହେଁ । ଏହା ତାପସ ଦୃଷ୍ଟି—ଜ୍ଞାନଦୃଷ୍ଟି । ଏହି ସତ୍ୟକୁ ଦ୍ରୌପଦୀ ବୁଝି-ଥିଲେ ବୋଲି ତାଙ୍କର ପ୍ରଜ୍ଞା ଉଜ୍ଜ୍ୱଳ ହୋଇଥିଲା ।

ସାରଳା ଦାସ ବନପର୍ବରେ ଦ୍ରୌପଦୀଙ୍କ ସମ୍ବନ୍ଧେ ଗୋଟିଏ ଚିତ୍ର ଆଙ୍କିଛନ୍ତି । ତାହା ଦ୍ରୌପଦୀ ଚରିତ୍ରରେ ଖାପ ଖାଉ ନ ଥିବାରୁ ଏହା ଯେ ପ୍ରକ୍ଷିପ୍ତ ବା ସାରଳାଙ୍କ ଅଦ୍ଭୁତ କଳ୍ପନାଶକ୍ତି ପ୍ରସୂତ, ଏହା ନ କହି ଗଲ ନାହିଁ । ଏହା ପାଠକ ପାଠିକାଙ୍କ ବିଚାର ପାଇଁ କେବଳ ଲେଖାଗଲା ।

× × ×

ବନପର୍ବରେ ପାଣ୍ଡବ ଓ ଦ୍ରୌପଦୀଙ୍କ ସତ୍ୟ ପରୀକ୍ଷା କରିବା ଛଳରେ ସତ୍ୟଆମ୍ବ ଗଳ୍ପ ଅବତାରଣାରେ ଦ୍ରୌପଦୀଙ୍କ ଚରିତ୍ର ତାଙ୍କ ମନସ୍ତତ୍ତ୍ୱରୁ ଜଣାପଡ଼େ । କିନ୍ତୁ ତାଙ୍କର ମୌଳିକ ଚରିତ୍ର ଅନୁଧାବନ କଲେ ସତ୍ୟଆମ୍ବ ଗଳ୍ପ ପ୍ରକ୍ଷିପ୍ତ ଗଳ୍ପ ଭଳି ମନେ ହୁଏ ।

"ଦ୍ରୌପଦୀ ବୋଲେ ସ୍ତ୍ରୀଙ୍କ ଏମନ୍ତ ପ୍ରକୃତି
ସୁନ୍ଦର ପୁରୁଷ ଦେଖି ବଳାବନ୍ତି ମତି ।
ଯୁବକରେ ମୋର ଛନ୍ତି ଏହି ପାଞ୍ଚ ପତି
ଅର୍ଜ୍ଜୁନ ପରେ ମୋହର ବେଶି ଥାଏ ମତି ।
ଯଦ୍ୟପି ମୋହର ପତି ଛନ୍ତି ପାଞ୍ଚ ଜଣ
କର୍ଣ୍ଣ ସୌନ୍ଦର୍ଯ୍ୟରେ ମୋର ଭୁଲିଯାଏ ମନ ।"

ସାରଳା ଦାସଙ୍କର ଏହି କପୋଳକଳ୍ପିତ ଆଖ୍ୟାନଟି ପରବର୍ତ୍ତୀ କାଳରେ ଅଷ୍ଟାଦଶ ଶତାବ୍ଦୀର କବି ଦୀନକୃଷ୍ଣ ଦାସଙ୍କ 'ରସବିନୋଦ'ରେ ସ୍ଥାନ ପାଇଛି । ତହିଁରେ ଦୀନକୃଷ୍ଣ ଦ୍ରୌପଦୀଙ୍କ ଛଡ଼ା କୁନ୍ତୀଙ୍କର ସତ୍ୟ ପ୍ରକାଶ ମଧ୍ୟ ବର୍ଣ୍ଣନା କରିଛନ୍ତି । ଦ୍ରୌପଦୀ କହିଛନ୍ତି:—

"ଏ ପଞ୍ଚ ପତି ମୋର ଥିଲେ,
କର୍ଣ୍ଣକୁ ମନ ଯାଇ ଭଲେ ।
ସେ ତ ଅଟନ୍ତି ଜ୍ୟେଷ୍ଠଶୁର
ତାହାଙ୍କୁ ମନ ଥାଇ ମୋର ।" (ରସବିନୋଦ-୨୫ ଅଧ୍ୟାୟ )

କୁନ୍ତୀ କହୁଛନ୍ତି:—

"କୁଇନ୍ତା ବୋଇଲେ ଗୋବିନ୍ଦ
ଆମ୍ଭେ ଯେ ସ୍ତ୍ରୀଜାତି ମନ୍ଦ ।
ଦେଖିଲେ ସୁନ୍ଦର ପୁରୁଷ
ତାହାକୁ ମନ ହୁଏ ବଶ ।
ପିତା ଯେ ପୁତ୍ର ଭାଇ ଆଦି
ଛାଡ଼ି କଷ୍ଟ୍ୟ ତାଙ୍କୁ ଖେଦି ।" (ରସବିନୋଦ ୨୫ ଅଧ୍ୟାୟ)

ସାରଳା ଦାସ ହନୁମୁଖରେ ଧନଞ୍ଜୟଙ୍କୁ କୁହାଇଛନ୍ତି:—

"ବିଗୃହିଣ କାର୍ଯ୍ୟ କର ଆହେ ସ୍ତ୍ରୀମାନେ
ସ୍ତ୍ରୀଜାତିକୁ ବିନାଶ ନ କର କୁକର୍ମେ ।
ପର ପୁରୁଷକୁ ଦେଖି ନ କର ଗୋ ଆଶେ
ବେଶ୍ୟା ଶୃଙ୍ଗାର ନ କର କଦାପି ପୁରୁଷେ ।
କ୍ଷଣକ ଦୋଷ ଗୋ ଏଥେ ଲୋକ ହେଲେ ଦୋଷୀ
କଞ୍ଚିତ ଦୋଷେ ବହୁତ ପାପେ ଗଲେ ପଶି ।
ଆଦ୍ୟ ଅପର୍ଣ୍ଣା ଯେ ସ୍ତ୍ରୀ ତାଙ୍କ ବଡ଼ ପଣ
ସମସ୍ତ ନାଶ ଯାଇଛି ଏହି ଦୋଷେ ଜାଣ ।" (ମଧ୍ୟପର୍ବ)

ପ୍ରାତଃସ୍ମରଣୀୟା ନାରୀମାନେ ଆଦର୍ଶଚରିତ୍ର ହୋଇ ମଧ୍ୟ ସାଧାରଣ ସ୍ତରର ନାରୀମାନଙ୍କର ଯେ ମନସ୍ତତ୍ତ୍ୱ କହିଛନ୍ତି, ତାହା ବିଶ୍ଳେଷ୍ୟ । ଆଧୁନିକ ଯୁଗର ଯୌନତତ୍ତ୍ୱବିଦ୍ ଫ୍ରୟେଡ଼ଙ୍କ ନୂତନ ଆବିଷ୍କାର ଏହି ମନସ୍ତତ୍ତ୍ୱ ସହିତ ସମ୍ପର୍କ ରଖେ ବୋଲି ମନେ ହୁଏ । ବହୁଭର୍ତ୍ତା ଇଚ୍ଛାର କାରଣ ନେଇ ବହୁତ ତଥ୍ୟ ବୈଜ୍ଞାନିକ ଗବେଷଣା କରି ହୋଇ ଆବିଷ୍କୃତ ହୋଇଛି ।

ମୋର ମନେ ହୁଏ, ଉପରୋକ୍ତ ପଦଗୁଡ଼ିକ ରୂପକ ଭଳି ସାରଳା ଦାସ ଚରିତ୍ରବତୀ ନାରୀମାନଙ୍କ ମୁଖରେ କୁହାଇ ଅଛନ୍ତି । ଉପରୋକ୍ତ ବୃତ୍ତିମାନ ସାଧାରଣ ସ୍ତରର ନାରୀର ମୌଳିକ ବୃତ୍ତି ହୋଇ ଥିବାରୁ

ବୋଧହୁଏ ଆମ୍ଭମାନଙ୍କ ଭାରତୀୟ ସମାଜମାନଙ୍କରେ ଏପରି ସାମାଜିକ ଓ ପାରିବାରିକ ବିଧିନିଷେଧର କଟକଣାମାନ ଗୋଟିଏ ପାରମ୍ପରିକ ସଂସ୍କାର ଭଳି ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଅଛି । ସେହି କାରଣରୁ ଏହା ଏକ ମୌଳିକ ତତ୍ତ୍ୱ ବୋଲି ସାରଳା ଦାସଙ୍କ ଲେଖାକୁ ପରବର୍ତ୍ତୀ ଲେଖକମାନେ ଅନୁକରଣ କରିଥିବାର ଦେଖାଯାଏ ।

# ଷଷ୍ଠ ଅଧ୍ୟାୟ

## ଅନ୍ୟାନ୍ୟ ନାରୀଚରିତ୍ର

## (କ) କନ୍ୟା ଚରିତ୍ର

### ଭାନୁମତୀ ସ୍ୱୟମ୍ବର

ଭାନୁମତୀ ଭୁବନ ରାଜକନ୍ୟା । ଧରାରେ ତାଙ୍କର ଉପମା ନ ଥିଲା । ସେ ସ୍ୱର୍ଗୀୟା ନାରୀ । ଦ୍ୱାପର ଯୁଗରେ ଗୃହ ଭଉଣୀ ଜନ୍ମ ଥିଲେ—ଅହଲ୍ୟା ଅରୁନ୍ଧତୀ, ରତ୍ନ, ଦମୟନ୍ତୀ । ତ୍ରେତା ଯୁଗରେ ସେମାନେ ସୀତା, ସାବିତ୍ରୀ, ଇନ୍ଦୁମତୀ ଓ ତାରା ରୂପରେ ଜନ୍ମିଲେ । ମହାଭାରତ ଯୁଗରେ ପୁଣି ସେମାନେ ରୁକ୍ମିଣୀ, ରେବତୀ, ଭାନୁମତୀ ଓ ଦ୍ରୌପଦୀ ରୂପରେ ଜନ୍ମଲାଭ କଲେ ।

ତରୁଣୀ ଭାନୁମତୀ ସ୍ୱୟଂ ଲକ୍ଷ୍ମୀଙ୍କ ଅବତାର ଏବଂ ସେ ପାଷାଣ ସ୍ପର୍ଶ କଲେ ତାହା ସୁବର୍ଣ୍ଣରେ ପରିଣତ ହେଉଥିଲା । ପୁଣି ସେ ପାଷାଣ ସ୍ପର୍ଶ କଲେ ତାହା ଜଳବିନ୍ଦୁରେ ପରିବର୍ତ୍ତିତ ହେଉଥିଲା । ତାଙ୍କର ଅମୃତପାକ ଅନ୍ନ ଲକ୍ଷ ଲକ୍ଷ ବୁଭୁକ୍ଷୁଙ୍କର ପରମ ପରିତୋଷ କରି ପାରୁଥିଲା । ବାଲ୍ୟକାଳରେ କେବଳ କ୍ଷୀର ପାନ କରି ସେ ବଢ଼ିଥିଲେ ହୋଇଥିଲେ । କନ୍ୟାଙ୍କ ତରୁଣ ଅବସ୍ଥା ଦେଖି ଦିନେ ତାଙ୍କ ପିତା କନ୍ୟାଙ୍କର ମତ ପଚାରିଲେ ।

କନ୍ୟା—

"ମୋହର ଯେତେବେଳେ ଭାତ ହୋଇବଟି ଇଚ୍ଛା
ତୋହର ଆଗେ କହଇ ସିନା ମନବାଞ୍ଛା ।
× × ×
ଏମନ୍ତେ ଯେ ଚୌଷଠୀ ବରଷ ହୋଇଲା
× × ×
ବାଳୁତ ଭାବେ ଖେଳଇ ଘରେ ସେ କୁମାରୀ ।"

ଏହି କନ୍ୟା ଚିରଯୌବନା ଥିବାରୁ ତାଙ୍କର ଦୈହିକ ବୃଦ୍ଧି-ବିକାର ଘଟି ନ ଥିଲା । ବିଧାତାଙ୍କ ବରରେ ତାଙ୍କର କନ୍ୟାବସ୍ଥା ରହିଥିଲା ଚିରନ୍ତନ । ପିତା ପୁଣି ଦିନେ ପଚାରିଲେ :—

"ମାଗୋ ଏବେ ଆଜ୍ଞା ତୁହି ଦେବୁ କନ୍ୟା ମୋତେ
କାହାକୁ ପ୍ରଦାନ ମୁହିଁ କରିବଇଁ ତୋତେ ।"

ଭାନୁମତୀ—

"ଭାନୁମତୀ ବୋଲେ ଯେବେ ହେଲୁଣି ଅଥୟ
ରାଜାମାନଙ୍କୁ ଅଣାଇ କର ସ୍ୱୟମ୍ବର ।"

ରାଜା ପୃଥିବୀରେ ସମସ୍ତ ରାଜାମାନଙ୍କୁ ବରଣ କରି ଅଣାଇଲେ, କିନ୍ତୁ ସେମାନଙ୍କ ଆତିଥ୍ୟ ଚର୍ଯ୍ୟା କରିବାପାଇଁ ଧନାଭାବରୁ ଚିନ୍ତିତ ହେବା ଦେଖି ଲକ୍ଷ୍ମୀ ସ୍ୱରୂପିଣୀ କନ୍ୟା କହିଲେ:—

"ମାଙ୍କଡ଼ା ପଥରେ ତାତ ଲଗିଲେ ମୋ କର
ଯାହା ବାଞ୍ଛା କରିବ ତା ହୋଇବ ନିକର ।"

ରାଜା ନିଶ୍ଚିନ୍ତ ହେଲେ । ଶୁଦ୍ରକ ମନ୍ତ୍ରୀ ଓ ଦେଶାନ୍ତରମାନଙ୍କୁ ଡକାଇ ଭାନୁମତୀଙ୍କ ଚିତ୍ରପଟ ସହି ଥାଳୀରେ ଅକ୍ଷତ ଗୁଆ ନିମନ୍ତ୍ରଣ ଚିଠାଉ ଦେଇ ରାଜନିମନ୍ତ୍ରଣ କରିବାକୁ ପଠାଇଲେ । ଏଣେ ବିଶ୍ୱକର୍ମାଙ୍କୁ ଡକାଇ ନଗର ପ୍ରାସାଦ ସଜ୍ଜା ଆରମ୍ଭ କଲେ ।

"ସ୍ୱୟମ୍ବ ମଣ୍ଡପେକ ଭିଆଇଲେ ଶୁଭ ଯୋଗେ
ଅକ୍ଷତ ଅର୍ଘ୍ୟମାନ ଯେ ଭିଆଇଲେ ଆଗେ ।
ଅଶ୍ୱଶାଳ ଗଜଶାଳ କଲେ ନଦୀକୂଳେ ।
ସୁବର୍ଣ୍ଣ କଳସମାନ ଥାପି ଅନୁକୂଳେ
ନେତର ପତାକାମାନ ଉଡ଼େ ଘରଘର
କଦଳୀ ପୋତି ତୋରଣ ବାନ୍ଧି ଦ୍ୱାର ଦ୍ୱାର ।
ଅଶୀପଦ୍ମ ଘର ବସେ ଭୂମନ୍ଦର ନଗ୍ରେ
ବିଜୟୀ ଭୂମନ୍ଦ ରାଜା ମଣ୍ଡାଇଲା ବ୍ୟଗ୍ରେ ।

ଯେସନେ ଦିଶଇ ଶୋଭା ପୁର ବାରସ୍ୱତୀ
ଇନ୍ଦ୍ରର ଭୁବନ ଏହି କି ଅମରାବତୀ ।”

ରାଜାମାନେ ଗୁଆ ଚିଠାଉ ପାଇ ଆସିଲେ । ବିଦ୍ୟାନଗରରେ ଭୁମନ୍ତୁ ରାଜା ନିମନ୍ତ୍ରିତ ରାଜାମାନଙ୍କ ସ୍ୱାଗତ କଲେ । ମହାଭାରତକାର ନରପତିମାନଙ୍କର ସ୍ଥାନ ବର୍ଣ୍ଣନା କରିଛନ୍ତି :—

"କଳିଙ୍ଗ, ଉତ୍କଳିଙ୍ଗ ଦେଶ ତେଲିଙ୍ଗ ଆବର
ଭୁଜଙ୍ଗ ଚଉଙ୍ଗ, ବଙ୍ଗ ଦେଶ ବିଜେପୁର ।
ଛିରଦେଶ ବୀରଦେଶ ମହାତ୍ତଣ ଦେଶ
ସିଂହଳ ଦ୍ୱୀପ ଭୋଗକଣ୍ଠ ମହାରନରେଶ ।
କମ କ୍ଷୀ କାଞ୍ଚୀଦେଶ ଓଡ଼ାହାଳ ବେଲ୍ଲାଳ
କୌଶିକ ଗୌଡ଼ୀଦେଶ ନେପାଳ ଭୂପାଳ ।
ମାଳବଦେଶ ଗୁର୍ଜ୍ଜରଦେଶ ମରହଟ୍ଟ
ମଗଧଦେଶ କର୍ଣ୍ଣାଟଦେଶ ମହାରାଷ୍ଟ୍ର ।
ମତ୍ସ୍ୟଦେଶ କାଶୀଦେଶ ରାଷ୍ଟ୍ର ଗୁଜୁରାଷ୍ଟ୍ର
କାଶ୍ମୀର ଯେ କାନ୍ୟକୁବ୍ଜ ନିର୍ଦ୍ଦରି ସୌରାଷ୍ଟ୍ର ।
ନୀଳ ଅନୀଳ ଆବର ସୁକାନ୍ତ ଉତ୍କଳ
ମହ୍ଲାର ଗାନ୍ଧାରଦେଶ ପାଞ୍ଚାଳ କୋଶଳ ।
ଶ୍ୱେତରମଣ୍ଡଳ ଯେ ମେଥିମଣ୍ଡଳ ସୁଢ଼ଳ
ମଧୁମଣ୍ଡଳ ମଳୟମଣ୍ଡଳ ଯେ ମରୁତ ।
ସ୍ଥାପିଥିଲେ ଯେ ଛତିଶମଣ୍ଡଳେ ଛତ୍ରତ
ବରଣ ପାଇ ଆସିଲେ ଏସବୁ ନୃପତି ।
ସୋମରାଷ୍ଟ୍ର ମହାରାଷ୍ଟ୍ର ରାଷ୍ଟ୍ର କୁତରାଷ୍ଟ୍ର
କଣ୍ଟକରାଷ୍ଟ୍ର ଭୈରବରାଷ୍ଟ୍ର ଉଡ୍ରରାଷ୍ଟ୍ର ।
ଚନ୍ଦ୍ରରାଷ୍ଟ୍ର ଭାନୁରାଷ୍ଟ୍ର ଦେଶ ଗୁଜରାଷ୍ଟ୍ର
ଜଳତରଙ୍ଗ ରାଷ୍ଟ୍ର ଯେ ନୀଳ ଅଙ୍ଗରାଷ୍ଟ୍ର ।
ସୌରାଷ୍ଟ୍ରକୁ ଘେନଣି ଏମନ୍ତେ ବାର ରାଷ୍ଟ୍ର

ଖଣ୍ଡପୁର ନଗର ଯେ ନଗ୍ର ବିନ୍ଧ୍ୟପୁର
ସୁବଳୟ ନଗର ଯେ ବିତାଳ ନଗର ।
କନଖଳ ନଗର ଯେ ମେଖଳ ନଗର
ବୀରବର କୋଶଳ ଯେ ଭୈରବ କୋଶଳ ।
ମତ୍ସ୍ୟ କୋଶଳ ଆବର ଉତ୍ତର କୋଷଳ
ଜଳଭୁଜଙ୍ଗ କୋଶଳ ଯେ ଫାଲ୍‌ଗୁନ କୋଶଳ ।”

ଉପରୋକ୍ତ ଲେଖାରୁ କବିଙ୍କର ଅସାଧାରଣ ଭୌଗୋଳିକ ଜ୍ଞାନ ଓ ଦେଶପରିଚୟ ପ୍ରକାଶିତ । ଦେଶ, ମଣ୍ଡଳ, ରାଷ୍ଟ୍ର, ନଗର, କୋଶଳ ଏପରି କେତେ ପ୍ରକାରେ ଯେ ଦେଶର ପରିଚୟ ଦେଇଛନ୍ତି—ଏଥିରେ କବିକଳ୍ପନାର ବାହାଦୁରୀ ।

କନ୍ୟାଙ୍କର ଅନୁକୂଳ ହେଲା । କନ୍ୟାଙ୍କର ଶୁକ୍ଳ ଦଶମୀ ତିଥିରେ ବୃହସ୍ପତି ବାର ମଘା ନକ୍ଷତ୍ର, ବାଳବ ନାମକ କରଣ ପ୍ରୀତି ନାମକ ଯୋଗରେ ମକର ସଂକ୍ରାନ୍ତିର ଚତୁର୍ଦ୍ଦଶ ଦିନ ଭୋଗ ପରେ ତାରା, ଚନ୍ଦ୍ର, ବାର, ଯୋଗ, ନକ୍ଷତ୍ର ବିଚାରି ବିବାହଲଗ୍ନ ସ୍ଥିର ହେଲା । କବିଙ୍କର ଜ୍ୟୋତିଷବିଦ୍ୟା ନିପୁଣତା ତାଙ୍କର ପ୍ରତ୍ୟେକ ଅନୁଷ୍ଠାନ ବିଧିରେ ଲକ୍ଷ୍ୟ କରିବା କଥା ।

ରାଜା ଯୁବରାଜମାନଙ୍କୁ ନାନା ଅନ୍ନ ବ୍ୟଞ୍ଜନରେ ମନୋହର କରାଇଲେ । ପାଦ୍ୟ ଅର୍ଘ୍ୟ ସୁବର୍ଣ୍ଣମାଳ ଉପହାର ଦେଲେ ! ଅଭିବାଦନ ସାରି କନ୍ୟାପୁରକୁ ଯାଇ ରାଜା ପଚାରିଲେ :—

“ବିନୟ ଭାବେ ପଚାରେ ନୃପ ଦୁହିତାକୁ
ତୋର ଆଜ୍ଞାରେ ଆଣିଲି ନିମନ୍ତ୍ରି ରାଜାଙ୍କୁ ।
କେମନ୍ତେ ବିଧାନ ହେବ କହ ତଥ୍ୟ କରି
ମାଳା ଘେନି ତୋ’ ଇଚ୍ଛାରେ ଆଣ ବର ବରି ।
ଅନେକ ହମ୍ଭାରି ଘେନି ବିଜେ କଲେ ନୃପ
ତୁହି ସେ ସିଂହା ବୁଝିବୁ ରାଜାଙ୍କ ସ୍ୱରୂପ ।”

ଭାନୁମତୀ—

"ଭାନୁମତୀ ବୋଲେ ଏବେ ତାତ କର ବୁଝି
ଯାହା କରେ ଅଛି ଶଙ୍ଖନିଧି ପଦ୍ମନିଧି।
× × ×
ସେ ରାଜାକୁ ପ୍ରଦାନ ଯେ କରିବୁ ତୁ ମୋତେ।"

ରାଜା—

"......ମୁଁ ତାହା ଜାଣିବି କପରି ?"

× × ×

ସ୍ୱୟମ୍ବର ସଭା ଆରମ୍ଭ ହେବାରୁ ରାଜାମାନଙ୍କ ଉପହାର ଦେଇ ଭୂମନ୍ତ୍ର କହିଲେ —

"ମୋହର ଦୁହିତା ନାମ ଅଟେ ଭାନୁମତୀ
ତାହାର ଇଚ୍ଛାରେ ସେହି ବରିବ ନୃପତି।
ଯାହାକୁ ତା ଇଚ୍ଛା ତାକୁ ବରିବ କୁମାରୀ
ମାଳା ଦେଇଣ ବରିଲେ ଦେବି ବିଭା କରି।"

କ୍ଷତ୍ରିୟ କୁମାରମାନଙ୍କ ଅହମିକା, ଈର୍ଷା, ଦମ୍ଭ, ଗର୍ବ, ଅଭିମାନ ରାଜାଙ୍କୁ ଜଣା ଥିଲା। ସମସ୍ତେ କନ୍ୟାପ୍ରାର୍ଥୀ ବଳଶାଳୀ ଯୋଦ୍ଧା। ଯୁଦ୍ଧର ଆଶଙ୍କା କରି ଭୂମନ୍ତ୍ର ରାଜାମାନଙ୍କୁ ସଭାରେ କହିଲେ :—

"ଏଥିରୁ ନ ପୁଣ ଧରାଧରି ହୁଅ ସର୍ବେ
ଲକ୍ଷେ ରାଜାଙ୍କ ତ ମୋର ଏକ ଦୁହିତାଏ।
ମାଳା ଦେଇଣ କୁମାରୀ ଧରିବ ଯା ହସ୍ତ
ସେହି ସିନା ହୋଇବ ଯେ ତାର ପ୍ରାଣନାଥ।
ଏଥକୁ ସତ୍ୟ ବଚନ କରିବା ଗୋସାଇଁ
ଅଭିମାନ କଲେ କନ୍ୟା ମୁଁ ଆଣିବି ନାହିଁ।"

ରାଜାମାନେ କହିଲେ, "ଗୋଟିଏ କନ୍ୟା ସମସ୍ତଙ୍କ ପ୍ରାପ୍ତ ହେବ ନାହିଁ। ଦୁଷ୍ଟ ରାଜାମାନେ ପ୍ରମାଦ କରନ୍ତି। ସମସ୍ତେ ସେପରି ଅବିବେକ

ନୁହଁନ୍ତି । ନିମନ୍ତ୍ରଣରେ ଆସିବା ସମସ୍ତଙ୍କର ବଧ୍ୟ । ତେଣୁ ତୁମେ କନ୍ୟାକୁ ସଭାକୁ ଆଣ ।"

ରାଜା ସୁବେଶ କରାଇ କନ୍ୟାକୁ ସ୍ୱୟମ୍ବର ସଭାକୁ ଆଣିଲେ ।

"ଦୁହିତାକୁ ସୁବେଶ କରାଇ ନୃପମଣି
ରତ୍ନ ଖଚିତ ହାନ୍ଦୋଳା ମଧ୍ୟେ ବସ୍ତ୍ର ଠାଣି ।
ଲକ୍ଷେ ଚାମର ଢାଳନ୍ତି ଦାସୀ ଚଉକତି
ଲକ୍ଷେ ଦଣ୍ଡ ଲକ୍ଷେ ନେତ ଚବଲ ଉଡ଼ନ୍ତି ।
ଲକ୍ଷେକ ଜୟଶଙ୍ଖ ଯେ ସ୍ଫୁରଇ ଅଗ୍ରତେ
ଧାଇଁ ପରିବାରୀମାନେ ଗୋଡ଼ାନ୍ତି ସଙ୍ଗତେ
ସୁବର୍ଣ୍ଣ ଘାଗୁଡ଼ାମାନ ଘେନିଣ କାମିନୀ
ଧାମନ୍ତି କିରନ୍ତି ପୁଣି ହୁଳହୁଳି ଧ୍ୱନି ।
ସହସ୍ରେ ବନିତା ନୃତ୍ୟ କରନ୍ତି ଅଗ୍ରତେ
ବିଜୟ ବିଳାସିନୀ ଯେ ବରିବା ନିମନ୍ତେ
ସଭାମଧ୍ୟରେ ଯେ ସୁବର୍ଣ୍ଣ ମେରୁ ଅଛି
ବାଳ ଆଦିତ୍ୟ ପ୍ରାୟ ତା ଶୋଭା ବରଜୁଛି ।"

କନ୍ୟା ହନ୍ଦୋଳାରୁ ଓତୁରିଲେ । ଜରାସନ୍ଧ ରାଜା ଭାବିଲା, "ଏ କନ୍ୟା ନରଲୋକକୁ ପ୍ରାପ୍ତ ହେବ ନାହିଁ । "ରାଜାମାନଙ୍କର କନ୍ୟାର ଶୋଭା ଦେଖି ବୁଦ୍ଧି ହଜିଗଲା । ପିତା ଏହା ଦେଖି କନ୍ୟା ନିକଟକୁ ଯାଇ କହିଲେ :—

"ଦୁହିତାର ଅଗ୍ରତରେ ବୋଲଇ ଭୂମନ୍ତୁ
ସ୍ୱୟମ୍ବର କଲି ମାଗୋ ତୋ ଆଜ୍ଞା ପ୍ରମାଣୁ ।
ଧାର୍ମିକ ବଂଶିକ ବିବେକ ଯେ କୁଳଶୀଳ
ଏଥାହୁଁ ପୁଣ୍ୟବନ୍ତ ଯେ ନାହିଁ ରସାତଳ ।
ଏସନ ବସ୍ତୁର କର ମନେ ମନେ ବାଞ୍ଛା
ଯାହାକୁ ପାର ବର ଗୋ ଯେ ତୋହର ଇଚ୍ଛା ।"

ଦୁହିତା କହିଲା, "ଯାହା ହାତରେ ଶଙ୍ଖନିଧି ପଦ୍ମନିଧି ଥିବ ତାହାକୁ ମୁଁ ବରିବ ।" ରାଜା ଏହା ଶୁଣି ରାଜାମାନଙ୍କ ନିକଟରେ ପ୍ରକାଶ କଲେ—

"କର ପଲ୍ଲବ ଯୋଡ଼ିଣ କହନ୍ତେ ରାଜ ସାଇଁ ।

× × ×

ଭୋ ସ୍ୱାମୀ ଆନ ସନ୍ଦେଶ ମୋର ନାହିଁ କିଛି
ଏକ ସନ୍ତକ ଦୁହିତା ମୋର ମନେ ବାଛି ।
ଶଙ୍ଖନିଧି, ପଦ୍ମନିଧି ଅଛି ଯାର କରେ
ତାହାକୁ ଦୁହିତା ମୋର ବରିବ ସଭାରେ ।"

ସଭାସ୍ଥ ବ୍ୟକ୍ତିମାନେ କହିଲେ, "ପ୍ରତ୍ୟେକ ରାଜାମାନଙ୍କ କରରେ ଏହି ଚିହ୍ନ ରହିଛି ।  ରାଜା କନ୍ୟା ନିକଟ ପାଇ ପଚାରିଲେ, "ପୁଣି କି ଉପାୟ କରିବା ?"

ଭାନୁମତୀ କହିଲେ, "ପାଷାଣ ଦ୍ରବ୍ୟ ନେଇ ସମସ୍ତଙ୍କୁ ଦିଅ । ଯାହା କର ଲାଗି ପାଷାଣ ତରଳ ଜଳ ହେବ, ସେ ମୋର ପତି ହେବ । ଏହା ଶୁଣି ରାଜା ଭୂମନ୍ତୁ ପାଷାଣ ଦ୍ରବ୍ୟ ଆଣି ଗୃହ ଗଣା ଲକ୍ଷେ ନୃପତିଙ୍କ ହାତରେ ଦେଲେ । କିନ୍ତୁ ନିଷ୍ଫଳ ହେଲେ । ଏଣେ ରାଜାମାନେ କନ୍ୟାଲୋଭରେ ଅଧୀର ହୋଇ ଭୂମନ୍ତୁଙ୍କୁ ମାରି ତାଙ୍କ କନ୍ୟା ହରଣ କରିବାକୁ ବସିବାରୁ ସହସା କୁରୁଥାଟ ସଭାରେ ଆସି ଉପସ୍ଥିତ ହେଲେ । ମହାରଥୀ କର୍ଣ୍ଣ ଯୁଧ୍ୟମାନ ରାଜାମାନଙ୍କୁ ଯୁଦ୍ଧରେ ପରାସ୍ତ କରି ଘଉଡ଼ାଇ ଦେଲେ । ରାଜା କୃତଜ୍ଞତାରେ ଆପ୍ଲୁତ ହୋଇ ନିଜ କନ୍ୟା କର୍ଣ୍ଣଙ୍କୁ ପ୍ରଦାନ କରିବାକୁ ମନସ୍ଥ କରି କନ୍ୟାକୁ କର୍ଣ୍ଣଙ୍କ ଗଳାରେ ବରଣମାଳା ଦେବାକୁ ଆଦେଶ କଲେ । କନ୍ୟା ମଧ୍ୟ ପିତାଙ୍କ ବଳବତୀ ଇଚ୍ଛା ଦେଖି କୃତଜ୍ଞଭାବର ପ୍ରେରଣାରେ କର୍ଣ୍ଣଙ୍କୁ ନୀଳୋତ୍ପଳ ମାଳାରେ ବରିଣ କରିବାକୁ ଗଲାରୁ କର୍ଣ୍ଣ ଭାନୁମତୀଙ୍କ ହାତ ଧରି ବାଧା ଦେଇ କହିଲେ —

"ରାଧେୟ ବୋଇଲା ମୋତେ ନ ବର ସଙ୍ଗାତ
ଆପେ ଧଇଲାକ ଯାଇ ଭାନୁମତୀ ହାତ ।

ଦୁର୍ଯ୍ୟୋଧନର ଅଗ୍ରତେ ନେଇ ଉଭା କଲା
ଏ କୁରୁନାଥ ଏହାର ଗଳେ ଦିଅ ମାଳା ।”

ଦୁର୍ଯ୍ୟୋଧନ ବାଧା ଦେଇ କହିଲେ—

“ଦୁର୍ଯ୍ୟୋଧନ ବୋଲେ ମୈତ୍ର ବରଛ ତୁମ୍ଭଙ୍କୁ
ତୁମ୍ଭ ଭାରଯା କେମନ୍ତ ଦେଉଛ ଅମ୍ଭଙ୍କୁ ?”

କର୍ଣ୍ଣ— “କର୍ଣ୍ଣ ବୋଇଲା ମୋହର ତୁ ପରମଗୁରୁ
ତୁ ଥାଉଁ ରାଜଦୁହିତା ମୋତେ ଲୋଡ଼ା କରୁ ।
ଶଙ୍ଖନିଧି ପଦ୍ମନିଧି ତୋର ବେନି ହସ୍ତେ
ଶଙ୍ଖନିଧି ପଦ୍ମନିଧି ଏହା କର ପନ୍ତେ ।
ମୂର୍ଚ୍ଛାଭକ୍ଷେକୀ ଦୁହିତା ଅଟେ ଭାନୁମତୀ
ମାନଗୋବିନ୍ଦ ତୁ ସୋମବଂଶ ଚକ୍ରବର୍ତ୍ତୀ ।
ତୁ ଥାଉ ରାଜକନ୍ୟା କ ହୋଇବ ମୋହର ?”

ମୌଖିକ ଛଳନାରେ ମିତ୍ର କର୍ଣ୍ଣଙ୍କୁ ସେହିପରି କହିଲେ ସୁଦ୍ଧା, ମନେ ମନେ ମାନଗୋବିନ୍ଦ ଦୁର୍ଯ୍ୟୋଧନ ଭାନୁମତୀଙ୍କୁ କାମନା କରୁଥିଲେ । କର୍ଣ୍ଣଙ୍କ ଅକପଟ ମିତ୍ରତା ଦେଖି ଦୁର୍ଯ୍ୟୋଧନ ଖୁସି ହେଲେ । ଭାନୁମତୀ କାନ୍ତ କରଚକ୍ର ଦେଖି ତାଙ୍କୁ ବରଣମାଳା ଦେଲେ ।

ରାଜାଜନେ କର୍ଣ୍ଣଙ୍କ ମହତ୍ତ୍ୱ ଦେଖି ପ୍ରଶଂସା କଲେ ।

“କର୍ଣ୍ଣର ମଇତ୍ରପଣ ଦେଖି ରାଜାଜନେ
ଆପଣା ଭାରଯା ନେଇ ସମର୍ପିଲା ଆନେ ।
କହିବା କି ସ୍ୱଭାବେହିଁ ଏସନକ ପ୍ରୀତି
କର୍ଣ୍ଣ ଦୁର୍ଯ୍ୟୋଧନଙ୍କର ଏକ ଶୁକ୍ରମତି ।”

କନ୍ୟା ଦୁର୍ଯ୍ୟୋଧନଙ୍କୁ ମାଳା ଦେବାରୁ—

“କର୍ଣ୍ଣ ପ୍ରସନ୍ନେ ଯହୁଁ ବରିଲା ରାଜବାଳୀ
ଗଣିକାଗଣ ନାଚିଲେ ଦେଇ କରତାଳି ।

ସୁରନାରୀମାନେ ହୁଳହୁଳି ଦେଲେ
ଭୁବନବନ୍ଦା ଜନନୀ ସାନନ୍ଦ ହୋଇଲେ ।

କବି ବିବାହୋତ୍ସବ ବର୍ଣ୍ଣନା କରିଛନ୍ତି:—

"ନଗ୍ରେଣ ଅନେକ ବାଦ୍ୟ ମଙ୍ଗଳ ଉତ୍ସବ
ଭୂମନ୍ୟୁ ଯୋଗାଡ଼ କରିଥିଲେ ବିଭା ଦ୍ରବ୍ୟ ।
ଶଶଧର ଗୋତ୍ରୀ ଅଟେ ବୀର ଦୁର୍ଯ୍ୟୋଧନ
ଉଦ୍ଦାଳକ ଗୋତ୍ରୀ ସେହୁ ଭୂମନ୍ୟୁ ରାଜନ ।
ଉଦ୍ଦାଳକ ପୁରୋହିତେ କରନ୍ତି ଯେ ବିଭା
ବରକୁ କନ୍ୟା ଉଭୟେ ପାଉଛନ୍ତି ଶୋଭା ।
ଭୂମନ୍ୟୁ କୋଳେ ବସିଲେ କନ୍ୟା ଭାନୁମତୀ
ବ୍ୟାସଙ୍କ କୋଳେ ବିଜୟେ ହେଲେ କୁରୁପତି ।
ଏସନେକ ବିଭାଘର କଲେ ନାମ ଗୋତ୍ରେ
ଦେଶକାଳ ଉଚ୍ଚାରନ୍ତି ରାଜ ପୁରୋହିତେ ।
ସ୍ତ୍ରୀଉଚ୍ଚାର ବରଣ ଏ ଆଦି କର୍ମ ସାରି
ବରହସ୍ତେ ସମର୍ପିଲେ ନୃପତି କୁମାରୀ ।
କୁଶହସ୍ତ କରାଇଣ ରାଜା ପୁରୋହିତେ
ଦକ୍ଷିଣାବର୍ତ୍ତିକ ଶଙ୍ଖେ ଜଳ ତିଳ ହସ୍ତେ ।
ଦୁହିତା ଦେଲୁ ଦକ୍ଷିଣା ଦିଅସି ହୋ ରାୟେ
ଯେ ବିଧାନେ ପାରି ହେବୁ କରସି ଉପାୟେ ।
ଶଙ୍ଖେ ଜଳ ତିଳ ଘେନି ନୃପତି ଭୂମନ୍ୟୁ ।"

× × ×

ଶଙ୍ଖରେ ଜଳ ତିଳ ଧାରଣ କରି କନ୍ୟାପିତା ବହୁ ସାମଗ୍ରୀ, ଅଶ୍ୱ, ଗଜାଦି ଯୌତୁକ ଦେଲେ । ଏକ ପଦ୍ମ ଗୋଧନ, ଏକ ଖର୍ବ ଧେନୁ, ଶୂର ଲକ୍ଷ ଅଶ୍ୱ, ଲକ୍ଷେ ଶ୍ୱେତ ଗଜ, ସପ୍ତ ଭଣ୍ଡାର ରତ୍ନ, ଲକ୍ଷେ ଚାମର, ଲକ୍ଷେ ସ୍ୱର୍ଣ୍ଣ, ଲକ୍ଷେ ପରିବାରୀ, ନୃତ୍ୟକାରିଣୀ ଗଣିକାବୃନ୍ଦ, ଲକ୍ଷେ

ପାଠ ଛତ୍ର, ଲକ୍ଷେ ଆଲମ୍ବ, ଜୁଦଣ୍ଡ, ଗୃହ ଲକ୍ଷ ପାରିଦଣ୍ଡ, ଅୟୁତେ ମଣି-ଖଚିତ ରଥ, ତତ୍‌ସହ ବାଜୀ ଚତୁଷ୍ଟୟ ରାଜା ଜଳଥଳ ଠେକିଦେଲେ ଓ କନ୍ୟାସମର୍ପଣ ହେଲା ।

ତତ୍‌ପରେ—

"ଲାଜାହୋମ ଶେଷ କଲେ ମନ୍ତ୍ରରେ [illegible] ଏ
କନ୍ୟା ସମର୍ପି ଦକ୍ଷିଣା ଦେଇଗଲେ ରାଏ ।
ଘୃତ ପାରଣା କଲେ ଯେ ବରକନ୍ୟା ବେନି
ମୁନିଜନମାନେ କଲେ ଆଶୀର୍ବାଦ ଧ୍ୱନି ।
"ଚିରାୟୁ ହୋଇ ଭବରେ ରହ ସୁଲକ୍ଷଣୀ"
ଭଗବତୀମାନେ ଅର୍ଘ୍ୟ ବନ୍ଦାଇଲେ ଆଣି ।

× × ×

ବିଭା ସାରି ବରକନ୍ୟା ଗଲେ ନିଜ ପୁରେ
ଯେ ବିଧି ମଣୋହି ଶେଷ କରନ୍ତି ବିଗୃରେ ।
ଅଷ୍ଟ ଦିବସ ରହିଣ ବିଭାର ସଂଯୋଗେ
ପୁଣି ବିଭା ହେଲା ଭାନୁମତୀ ସେହିବାଗେ ।"

ଭାନୁମତୀ ପ୍ରତି ଅଷ୍ଟମ ଦିବସରେ ବିଭା ହେଉଥିଲେ ଓ ତାଙ୍କର ଚିରଦିନ କନ୍ୟାରୂପ ରହିଥିଲା । ସ୍ୱୟମ୍ବର ପରେ ଚତୁର୍ଥୀ, ଅଷ୍ଟମଙ୍ଗଳା ସାରି କନ୍ୟା ନେଇ ଦୁର୍ଯ୍ୟୋଧନ ସ୍ୱପୁରକୁ ଗଲେ । ବିବାହ ପରେ ଲାଜାହୋମ, ଯୌତୁକ, ସ୍ୱୀକାର, କୁଶଗ୍ରନ୍ଥି, ଗୋତ୍ରନାମ ଧରି ହସ୍ତଗ୍ରନ୍ଥି ଦେଇ ବିବାହ—ବିବାହ ପରେ ପଞ୍ଚଗ୍ରାସି, ପୁରନାରୀଙ୍କ ବନ୍ଦାପନା, ହୁଳହୁଳି ଏସବୁ ଜୀବନ୍ତ ଭଳି ସାରଳାଦାସ ବର୍ଣ୍ଣନା କରିଛନ୍ତି ।

ସେ ଯୁଗରେ କନ୍ୟାମାନଙ୍କର ସ୍ୱୟମ୍ବର ଚିତ୍ର ସାରଳା ଦାସ ପ୍ରାୟ ସବୁ ଏକାପରି ଦେଇଛନ୍ତି । କନ୍ୟାମାନଙ୍କର ବିବାହ ପ୍ରସଙ୍ଗରେ ପୂର୍ଣ୍ଣ ସ୍ୱାଧୀନତା ଓ ପତି ମନୋନୟନରେ କନ୍ୟାର ମତକୁ ପିତାର ଗୁରୁତ୍ୱ ଦାନ କରିବା—ଦେଖିବାର ଓ ଭାବିବାର ବିଷୟ । ଆଧୁନିକ କାଳରେ ବରର

ସର୍ବଭିନ୍ନ ପୂର୍ବକାଳରେ କନ୍ୟାସର୍ତ୍ତର ମୂଲ୍ୟ ଥିଲା । ଏହାର ଭୂରି ଭୂରି ପ୍ରମାଣ ମହାଭାରତରୁ ମିଳେ । ଯୌତୁକର ପରମ୍ପରା ମଧ୍ୟ ସେ ଯୁଗରୁ ଚଳି ଆସୁଥିବାର ପ୍ରମାଣ ମିଳେ । ଭାନୁମତୀ ଲକ୍ଷ୍ମୀରୂପିଣୀ ଥିଲେ ବୋଲି ସେ ପଥର ଛୁଇଁଲେ ସୁନା ହେଉଥିଲା ଏବଂ ତାଙ୍କ ହାତରେ ଶଙ୍ଖଚିହ୍ନ ପଦ୍ମଚିହ୍ନ ଥିବାର ଲେଖା ଅଛି । ମହାଭାରତ ଯୁଗରେ ଅନୂଢ଼ା କନ୍ୟାମାନଙ୍କର ଅତ୍ୟନ୍ତ ସମ୍ମାନ ଥିଲା । ପିତାକୁଳ ଶ୍ୱଶୁର-କୁଳ ଉଭୟ କୁଳର ସେମାନେ ଶ୍ରଦ୍ଧାଭାଜନ ଥିଲେ । ସେଥିପାଇଁ ସାଧାରଣତଃ ଦେଖିବାକୁ ମିଳେ, କନ୍ୟା କେବେ ଉପଯାଚିକା ହୋଇ ବର ଅନ୍ୱେଷଣ କରି ନାହିଁ କିମ୍ବା କନ୍ୟାପିତା ଚିନ୍ତିତ ହୋଇ ନାହାନ୍ତି । କାରଣ ବିବାହାର୍ଥୀ ଯୁବକମାନେ କଠୋର ପଣ ବା ବାଜି ରହୁଥିବାରୁ ସ୍ୱୟମ୍ବରସଭାରେ ନିଜ ନିଜର ପରାକ୍ରମ ଦେଖାଇ କନ୍ୟାଲାଭ କରିବାକୁ ଆସୁଥିଲେ ।

ସାରଳା ଦାସ ମୂଳ ମହାଭାରତ କଙ୍କାଳ ଉପରେ କବିକଳ୍ପନାର ରୂପ ଢାଳି ତାଙ୍କ ନିଜର ନିଜତ୍ୱ ଓ ନେତୃତ୍ୱ ସବୁ କ୍ଷେତ୍ରରେ ପ୍ରତିଷ୍ଠା କରିଛନ୍ତି । ଭାଷା ଅବୟବମାନ ଅତୀବ ସୌଷ୍ଠବ ଲାଭ କରିଛି । ତାଙ୍କର ଭାବ ସୁସମଞ୍ଜସପୂର୍ଣ୍ଣ ହୋଇଥିବାରୁ କବି ସ୍ୱୟମ୍ବରର ଚିତ୍ର ଗୁଡ଼ିଏ ଦେଇଛନ୍ତି । ତାହା ପଢ଼ିଲେ ଆନନ୍ଦ ହୁଏ—ଧୈର୍ଯ୍ୟଚ୍ୟୁତି ଘଟେ ନାହିଁ

---

## (ଖ) ରାଧିକା

ସାରଳା ଦାସଙ୍କ ପୂର୍ବେ ବୈଷ୍ଣବ ସାହିତ୍ୟ ଓଡ଼ିଶାରେ ଲେଖା ହୋଇ ନ ଥିଲା । ଅଭିମନ୍ୟୁ, ଦୀନକୃଷ୍ଣ, ଭକ୍ତଚରଣ, ଜଗନ୍ନାଥ ଦାସ ପ୍ରଭୃତି ତାଙ୍କର ପରବର୍ତ୍ତୀ ଯୁଗର କବି ଅଟନ୍ତି । କିନ୍ତୁ ସାରଳା ମହାଭାରତରେ ଶ୍ରୀକୃଷ୍ଣଙ୍କୁ ବିଷ୍ଣୁଙ୍କ ଅବତାର, ଭଗବାନ୍ ବୋଲି ସ୍ତୁତି କରାଯାଇଛି ।

ତାଙ୍କର ଗୋପଲୀଳା, ବୃନ୍ଦାବନ, ଯମୁନା ନଦୀ, କଦମ୍ବ, ବଂଶୀ, ଗୋପୀ ସମସ୍ତଙ୍କ କଥା ସ୍ଥାନେ ସ୍ଥାନେ ପ୍ରସଙ୍ଗକ୍ରମେ ଅଳ୍ପ ବର୍ଣ୍ଣନା ପାଠ କରିବାକୁ ମିଳେ । ସାରଳା ଦାସ ମହାଭାରତ ଲୀଳାରେ ରାମାୟଣ ଲେଖିଲା ଭଳି ରାଧା କୃଷ୍ଣ ଲୀଳାରୁ ଏକ ଅଧ୍ୟାୟ ଲେଖିଛନ୍ତି । ତାଙ୍କର ରାଧା କୃଷ୍ଣ ଓ ଦୂତୀ ଏକ ଅଭିନବ ଚରିତ୍ର ଅଟେ । ରାଧିକାଙ୍କୁ ସେ ଯେପରି ଚିତ୍ର କରିଛନ୍ତି, ତାହା ସହିତରେ ତାଙ୍କ ପରବର୍ତ୍ତୀ କାଳର କବିମାନଙ୍କର ଚିତ୍ରିତ ରାଧିକାଙ୍କ ଚିତ୍ରରେ ତାର ସାମଞ୍ଜସ୍ୟ ନାହିଁ ବା ମେଳ ନାହିଁ । ସାରଳା ଦାସଙ୍କ ରାଧିକା ଚିତ୍ର ତାଙ୍କର ସ୍ୱକପୋଳକଳ୍ପିତ—ସନ୍ଦେହ ନାହିଁ । ନଟବେଶ୍ୱର, ଗୋପୀଭାଷା, ନାବକେଳି, ଭୂତକେଳି ପ୍ରଭୃତିରେ ରାଧିକାଙ୍କୁ ଯେପରି ମାନୁଷୀ ଚରିତ୍ରରେ ତତ୍‌କାଳୀନ କବିମାନେ ଚିତ୍ରିତ କରିଛନ୍ତି, ସାରଳାଙ୍କ ଶ୍ରୀରାଧା ସେହି ଢଙ୍ଗର ଚିତ୍ର । ସେ ରାଧିକାଙ୍କ ଉତ୍କଣ୍ଠା, ବିରହ, ବିକ୍ଷେପ ସବୁ କଥା ବର୍ଣ୍ଣନା କରିଛନ୍ତି । ଏହି ଅଧ୍ୟାୟରେ ସେ 'ସହଜ ସୁନ୍ଦରୀ' ବୋଲି ଗୋଟିଏ କାମରୂପୀ ନାୟିକାକୁ ମଧ୍ୟ ସୃଷ୍ଟି କରିଛନ୍ତି । ସେ ରହସ୍ୟମୟୀ, ସର୍ବ ଗୁପ୍ତ ବିଦ୍ୟାର ଆକର । ବୟସ୍କା ଦୂତୀଙ୍କ ସହିତ ଶ୍ରୀକୃଷ୍ଣଙ୍କର ନାୟକ ସମ୍ବନ୍ଧ ଉତ୍କଳର କେଉଁ କବି ଲେଖି ନାହାନ୍ତି, କେବଳ ମହାଭାରତକାର ସାରଳା ଦାସ ଲେଖିଛନ୍ତି । ଦୂତୀ ରାଧିକାଙ୍କୁ କହିଲେ, "ଶ୍ରୀକୃଷ୍ଣ ତୁମକୁ ପ୍ରୀତି କରନ୍ତି ନାହିଁ ।" ପୁଣି ଦୂତୀଙ୍କର ବିପକ୍ଷ ଉକ୍ତି ଦିହାଇ କରି ଶ୍ରୀକୃଷ୍ଣଙ୍କ ବିରୁଦ୍ଧରେ ରାଧିକାଙ୍କୁ କହିବା ବଡ଼ ଆଶ୍ଚର୍ଯ୍ୟ ବିଷୟ । ଦୂତୀଙ୍କର ବେଶଭୂଷା ବିଲକ୍ଷଣମାନ ଦେଖି ରାଧିକା କାରଣମାନ ପଚାରିଲାରୁ ଦୂତୀ ଛଳୋକ୍ତି, ବକ୍ରୋକ୍ତି-ମାନଙ୍କରେ ସେହି ପ୍ରଶ୍ନମାନଙ୍କର ଯେପରି ଉତ୍ତର ଦେଇଛନ୍ତି ଓ ରାଧିକାଙ୍କୁ ନିରୁତ୍ତର କରାଇଛନ୍ତି, ତହିଁରେ କବିଚାତୁର୍ଯ୍ୟ ବଡ଼ କୌତୁକପ୍ରଦ ଓ ଉପଭୋଗ୍ୟ ହୋଇଛି । ଦୂତୀଙ୍କର ବିଚକ୍ଷଣତା ତାହା ପ୍ରକଟିତ କରିଛି । ଏହି ପ୍ରସଙ୍ଗରେ କବି ତନ୍ତ୍ର ମନ୍ତ୍ର ଗୁଣି ଗାରେଡ଼ି ବିଦ୍ୟାଦ୍ୱାରା ବଶୀକରଣ ଓ ଚୌର୍ଯ୍ୟ ପ୍ରକରଣ ପାଇଁ "ଲକ୍ଷଣା" ନାମକ ଲୌହ ସୁଢ଼ଙ୍ଗ ଖନନ ନିମନ୍ତେ ଆବିଷ୍କାର କରିଛନ୍ତି । ଶ୍ରୀକୃଷ୍ଣ ରାଧିକା ଭ୍ରମରେ ଦୂତୀଙ୍କ-

ସହ୍ଵ ଉପଗତ ହୋଇ ବ୍ୟଭିଚାରର ପାପ ନିମନ୍ତେ ଅତ୍ୟନ୍ତ ଅନୁତାପ ଓ ଆତ୍ମଗ୍ଲାନି ପ୍ରକାଶ କରିବା କଥା କବି ଲେଖିଛନ୍ତି ।

ବୈଷ୍ଣବ କବିମାନଙ୍କ ଭଳି ସାରଳା ଦାସ ଶ୍ରୀରାଧିକାଙ୍କୁ ମହିମାନ୍ୱିତା ଦେବୀ ଓ ଶ୍ରୀକୃଷ୍ଣଙ୍କୁ ଭଗବାନ ଆଦିମୂଳ ନ କରି ସାଧାରଣ ମନୁଷ୍ୟ ଓ ନାରୀ ଭାବରେ ଚିତ୍ରଣ କରିଛନ୍ତି । ତାଙ୍କର ଉର୍ବର କଳ୍ପନାଶକ୍ତି କେତେ ବିଚିତ୍ର, ଦେଖି ସ୍ତମ୍ଭିତ ହେବାକୁ ପଡ଼େ ।

---

## ଊଷା

ବୈତରଣୀ ନଦୀକୂଳରେ ଶୋଣିତପୁର ରାଜ୍ୟର ରାଜା ବାଣାସୁର । ଊଷା ତାଙ୍କର ଦୁହିତା । ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ପୁତ୍ର ପ୍ରଦ୍ୟୁମ୍ନକୁମାରଙ୍କ ପୁତ୍ର ଅନିରୁଦ୍ଧଙ୍କ ସହିତ କୁମାରୀ ଊଷା ପ୍ରଣୟପାଶରେ ଆବଦ୍ଧା ଥିଲେ । ପ୍ରଣୟ-ଭାବ ପୂର୍ବରୁ ଊଷା ଅନିରୁଦ୍ଧଙ୍କ ରୂପ ସ୍ୱପ୍ନରେ ଦେଖିଥିଲେ । ଏହି ସ୍ୱପ୍ନବିଳାସ ପ୍ରଣୟାଗମର କାରଣ । ପ୍ରଣୟ ଜାତ ହେବା ପୂର୍ବରୁ ଊଷା ଅନିରୁଦ୍ଧଙ୍କ ଚିତ୍ରପଟ ଦେଖି ମୁଗ୍ଧ ହୋଇଥିଲେ । ଶେଷରେ ଅନିରୁଦ୍ଧଙ୍କ ଅନ୍ୱେଷଣ ନିମନ୍ତେ ଊଷା ତାଙ୍କ ପରିଚାରୀକୁ ପଠାଇବାରୁ ମନ୍ତ୍ର ଯନ୍ତ୍ର ଅଭିଜ୍ଞା ପରିଚାରୀ ଶାୟିତ ଅବସ୍ଥାରେ ଅନିରୁଦ୍ଧଙ୍କୁ ଆଣି କୁମାରୀଙ୍କ ପ୍ରକୋଷ୍ଠରେ ପହଞ୍ଚାଇଥିଲା । ଏହି କଥା କ୍ରମେ ବାଣାସୁରଙ୍କ କର୍ଣ୍ଣଗୋଚର ହୁଅନ୍ତେ ବାଣାସୁର ଅନିରୁଦ୍ଧଙ୍କୁ ହତ୍ୟା କରିବାର ସଂକଳ୍ପ କଲେ । ଦୁଇ ପକ୍ଷର ତୁମୁଳ ଯୁଦ୍ଧ ଆରମ୍ଭ ହୋଇଥିଲା ଏବଂ ଶେଷରେ ଅନିରୁଦ୍ଧ ଯୁଦ୍ଧଜୟୀ ହୋଇ କନ୍ୟାକୁ ସ୍ୱପୁରକୁ ନେଇଗଲେ । ଏହି ଯୁଦ୍ଧରେ ଯଦୁବଂଶୀୟ ଯୋଦ୍ଧାମାନଙ୍କ ସହିତ ଶ୍ରୀକୃଷ୍ଣ ବଳରାମ ପ୍ରଭୃତି ଯୋଗ ଦେଇଥିଲେ ।

ପ୍ରଥମେ ଅନିରୁଦ୍ଧ ବାଣାସୁର ଦ୍ୱାରା ଧୃତ ହୋଇ ଯେତେବେଳେ ପ୍ରହରୀ, ସୈନ୍ୟମାନଙ୍କ ସମଭିବ୍ୟାହାରରେ ବାଣାସୁର ନିକଟକୁ ଆସିଲେ, ପତିହତ୍ୟା ଅବଶ୍ୟମ୍ଭାବୀ ଜାଣି ସଖୀ ଊଷାଙ୍କୁ କହିଲା—"ପିତା ବାଣାସୁରଙ୍କୁ ମନେଇ ବୁଝାଇ ଶାନ୍ତ କରିଦେଲେ ଆଉ ଏ ଅଶାନ୍ତି ଘଟିବ ନାହିଁ ।" ସେତେବେଳେ

ଯଦୁବଂଶ ଆଠ ବାଣାସୁର ସହିତ ଯୁଦ୍ଧ ଆରମ୍ଭ କରି ଦେଇଥିଲେ । ଉଷା କାତର ହେଲେ ମଧ୍ୟ ଅନିରୁଦ୍ଧଙ୍କ ବିକ୍ରମ କଥା ଜାଣିଥିଲେ । ତେଣୁ ସେ ସଖୀକୁ ଉତ୍ତର ଦେଲେ

"ଉଷା ବୋଇଲା ତାହାଙ୍କୁ କେ କହିବ ଯାଇଁ
ମରୁ ପଛକେ ପିଅରି, ରହୁ ମୋର ସାଇଁ ।

ଏହାର ତାତ୍ପର୍ଯ୍ୟ ଏହି ଯେ, କନ୍ୟା ପିତାଙ୍କଠାରୁ ନିଜର ସଙ୍କଳ୍ପିତ ଭାବୀ ପତିଙ୍କୁ ଅଧିକ ମୂଲ୍ୟ ଦିଏ, ପିତା ଓ ପିତାକୁଳ ସମ୍ମାନକୁ ନିଜର ଆତ୍ମସ୍ୱାର୍ଥଠାରୁ ଲଘୁ ବୋଲି ବିଚାର କରେ । ତେଣୁ ସଚରାଚର ଦେଖାଯାଏ, କନ୍ୟାମାନଙ୍କର ପିତୃକୁଳ ପ୍ରତି କୃତଜ୍ଞତାବୋଧ ସହଜାତ ବୃତ୍ତି ନୁହେଁ । ସାମାଜିକ ଓ ପାରିବାରିକ ଜୀବନରେ ଏହାର ଦୃଷ୍ଟାନ୍ତ ବହୁଳ ଭାବରେ ପରିଲକ୍ଷିତ ହୋଇଥାଏ । ମହାଭାରତକାର ଏହି ଭାବର ବହୁ ଦୃଷ୍ଟାନ୍ତ ଦେଖାଇଛନ୍ତି ।

ସାରଳା ଦାସଙ୍କର ପରବର୍ତ୍ତୀ କବିମାନେ ଏହି ହରଣଗୁଡ଼ିକ ନିଜ କାବ୍ୟମାନଙ୍କରେ ନାନା ବିଭବ ଏବଂ ନାନା ବର୍ଣ୍ଣରାଗ ଦେଇ ଲେଖିଛନ୍ତି । କେତେକ ସ୍ଥଳରେ ସାରଳା ଦାସଙ୍କ ଭାଷା ଓ ଲେଖନଶୈଳୀ ମଧ୍ୟ ପରବର୍ତ୍ତୀ କବିମାନଙ୍କର କାବ୍ୟ ଉପରେ ପ୍ରତିଫଳିତ ହୋଇଥିବା ଦେଖାଯାଏ । ପରବର୍ତ୍ତୀ ଯୁଗରେ କବି ସାରଳା ଦାସଙ୍କ ମହାଭାରତର ପ୍ରଭାବରୁ ବହୁ କାବ୍ୟ ସାହିତ୍ୟକାରମାନେ ମୁକ୍ତ ନ ଥିଲେ । ଏହି କବିଙ୍କର ଉଷାଙ୍କ ସ୍ୱପ୍ନଭଙ୍ଗ ପରେ ଉଷା ବିଳାପର ଅନୁକରଣରେ କବି ଶିଶୁଶଙ୍କର ଦାସଙ୍କର 'ଉଷାଭିଳାଷ', ପଦ୍ମନାଭ ନରେନ୍ଦ୍ରଙ୍କର 'ଶଶୀରେଖା' ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ପ୍ରଭୃତିରେ ଛାୟାପାତ ହୋଇଛି । ଶିଶୁଶଙ୍କରଙ୍କ 'ଉଷାଭିଳାଷ, ପଞ୍ଚମ ଛାନ୍ଦରେ—"ପଲଙ୍କ ତେଜିଣ ଉଠିଲା ସୁମୁଖୀ ସପନ ସଙ୍କେତ ପାଇଣ" ଇତ୍ୟାଦି । 'ଲାବଣ୍ୟବତୀ' ଦ୍ୱାଦଶ ଛାନ୍ଦରେ "ଚେତି ଚତୁର୍ଦ୍ଦିଗ ଚାହିଁଲା କାହିଁ ନାଗେଶ ପାଶେ ନାହିଁ ଦିବ୍ୟ ତରୁଣ" ଇତ୍ୟାଦି । ପଦ୍ମନାଭ ନରେନ୍ଦ୍ରଙ୍କ "ଶଶୀରେଖା" ଏକାଦଶ ଛାନ୍ଦରେ "ଚେତି ସଜନ ରଜନୀ ବିନାଶ କୃହିଁ ।"

ଇତ୍ୟାଦି । ସାରଳା ଦାସଙ୍କ "ଉଷାହରଣରେ" "ହା ହା ନାଥ ବୋଲି ଉଚ୍ଛେ ଦେଲି ରାବ" ଇତ୍ୟାଦି ।

ସାରଳା ଦାସଙ୍କ ମହାଭାରତରେ ବହୁ ନାୟିକାମାନଙ୍କର ରୂପ ବର୍ଣ୍ଣନା ଯେପରି କରାଯାଇଛି, ଉଷା ଓ ଅନ୍ୟାନ୍ୟ ନାୟିକାମାନଙ୍କର ଅଙ୍ଗ-ସୌଷ୍ଠବର ବର୍ଣ୍ଣନା ମଧ୍ୟ ପରବର୍ତ୍ତୀ କବିମାନେ ଗ୍ରହଣ କରିଛନ୍ତି । ତରୁଣୀର ରୂପ ବର୍ଣ୍ଣନାରେ ଗୋଟାଏ ନିର୍ଦ୍ଦିଷ୍ଟ ଶ୍ରେଣୀ କାବ୍ୟମାନଙ୍କରେ ସେହି କାରଣରୁ ଦେଖାଯାଏ ।

ଅଳଙ୍କାର, ବସନ, ଭୂଷଣ, ପ୍ରସାଧନକ୍ରିୟା ଓ ନାୟିକାର ରୂପରେଖ ସୌନ୍ଦର୍ଯ୍ୟ ବର୍ଣ୍ଣନ କାବ୍ୟମାନଙ୍କର ଅଚ୍ଛେଦ୍ୟ ଅଙ୍ଗ ସ୍ୱରୂପ । ସାହିତ୍ୟକାର କବି କେହି ତହିଁର ବର୍ଣ୍ଣନାରୁ କେଉଁ ଦେଶରେ ମୁକ୍ତ ନୁହନ୍ତି । କାରଣ କାବ୍ୟ ସାହିତ୍ୟର ପ୍ରଧାନତମ ଅଙ୍ଗ ହେଲା ଭାଷା ଓ ଭାବଦ୍ୱାରା ପ୍ରାକୃତିକ ହେଉ ବା ମାନବିକ ହେଉ ସୌନ୍ଦର୍ଯ୍ୟ ପରିସ୍ଫୁଟ କରି ପାଠକଙ୍କୁ ରସାସ୍ୱାଦର ଆନନ୍ଦ ଦେବା । ସାରଳା ଦାସ କାବ୍ୟର ଏହି ବର୍ଣ୍ଣନାଶୈଳୀର ଆଦିଗୁରୁ କହିଲେ ଚଳେ ।

ଉଷା ବର୍ଣ୍ଣନାରେ କବି ଲେଖିଛନ୍ତି:—

"ନୟନ ନୀଳ ଉତ୍ପଳ ନାସା ତିଳ ଫୁଲ
ଦନ୍ତ ଗଜମୋତି ସମ ବନ୍ଧୁଲି ଅଧର ।
ରକତ କୁମୁଦ ଜିଣି ପାଦତଳ ରଙ୍ଗ
ରାଜହଂସଗମନା ସେ ଅତି ଶୋଭା ଅଙ୍ଗ ।
କୋକିଳ ବଚନେ ବାଳା ଭାଷେ ମୃଦୁବାଣୀ
ଅପାଙ୍ଗ ଦୃଷ୍ଟିରେ କାମଦେବ ପାରେ ଜିଣି ।
କର୍ଣ୍ଣରେ ତା ହେମକୁପ ଶୁରୁ ଶୁକ୍ର ଗଞ୍ଜେ
ତହିଁରେ ମୁକୁତା କେତ୍ୟାଛି ମନ ଦର୍ପ ଭଞ୍ଜେ ।
କଣ୍ଠତଟେ ଶୋଭିବନ୍ତ ମୁକୁତାର ଗୁପ
ବାହାରେ ବାହୁଟି ତହିଁ ନାନା ରତ୍ନଧୀପ ।

ପୟୃରେ ନୂପୂର ତାର ବାଜେ ଝୁମ ଝୁମ
ଅଙ୍ଗୁଳିରେ ମୁଦ୍ରିକା ତା ସୂର୍ଯଜ୍ୟୋତି ସମ ।
ଦେବାଙ୍ଗ ବସନ ପରିଧାନ କରି ବାଳୀ
ନାନା କୁସୁମ ଦେଇଣ କେଶ ତା ସାମଳି ।
ସଙ୍ଗେ ସହଚରୀ ତାର ଚନ୍ଦ୍ରରେଖା ଘେନି
କୁସୁମ ବନର ମଧ୍ୟେ ଭ୍ରମଇ କାମିନୀ ।" (ମଧ୍ୟପର୍ବ)

---

## ସୁରେଖା

କୁନ୍ତଶେଖର ରାଜନନ୍ଦନୀ ସୁରେଖା । ପୂର୍ବରାଗ ପରେ ଶ୍ରୀକୃଷ୍ଣପୁତ୍ର ପ୍ରଦ୍ୟୁମ୍ନଙ୍କ ସହିତ ଗାନ୍ଧର୍ବ ମତରେ ତାଙ୍କର ବିବାହ ବା ହରଣ ହୋଇଥିଲା ।

ରାଜକନ୍ୟା ବହୁକାଳ ଅବିବାହିତା ଅବସ୍ଥାରେ ପିତୃଗୃହରେ ପ୍ରତିପାଳିତା ହେଉଥିଲେ । ତାଙ୍କର ପିତା କନ୍ୟାର ବିବାହ ବିଷୟରେ ଉଦାସୀନ ହୋଇ ରହୁଥିଲେ ଓ କୁମାରୀଙ୍କୁ ଆବଦ୍ଧ କରି ରଖାଉଥିଲେ । କାରଣ କେଉଁଠାରେ ମନୋମତ ଜାମାତା ତାଙ୍କୁ ମିଳୁ ନ ଥିଲେ ।

ଦିନେ ନାରଦ ଯାଇ ସୁରେଖା ସନ୍ନିଧିରେ ଉପସ୍ଥିତ ହେଲେ । ସୁରେଖା ଭକ୍ତିପୂର୍ବକ ପ୍ରଣାମ ଅର୍ଚ୍ଚନା କଲା ପରେ ନାରଦ ତାଙ୍କୁ "ବହୁପୁତ୍ରବତୀ ହୁଅ, ସୁଲକ୍ଷଣୀ ସାଧବୀ ହୋଇ ନାରାୟଣ ନନ୍ଦନର ପତ୍ନୀ ହୁଅ" କହି କଲ୍ୟାଣ କଲେ ।

ସୁରେଖା କହିଲେ :—

ଆଜଯାଏ ମୁନି ମୁହିଁ ବିଭା ହୋଇ ନାହିଁ
ମୋହର ସମାନ ବର ନ ମିଳିଲା କାହିଁ ।
ତୁମ୍ଭେ ମହାମୁନି ଯେବେ ଦୟା କଲ ମୋତେ
ଭଲ ବର ଖୋଜି ଆଣ ମୋହର ନିମନ୍ତେ ।"

କୁମାରୀଙ୍କ ବଚନ ଶୁଣି ନାରଦ ପାତ୍ର ଅନ୍ୱେଷଣ ନିମିତ୍ତ ଗଲେ । ପିତାଙ୍କର ମତାମତକୁ ଅପେକ୍ଷା ନ କରି କୁଳସମ୍ମାନକୁ ନ ଗଣି କୁମାରୀ ପତିନିର୍ବାଚନର ଦାୟିତ୍ୱ ନିଜେ ଗ୍ରହଣ କରିଥିଲେ ।

---

## ଚନ୍ଦ୍ରାବତୀ

ଚନ୍ଦ୍ରାବତୀ ଦୁର୍ଯ୍ୟୋଧନଙ୍କ ଝିଅ । କୃଷ୍ଣଙ୍କ ପୁତ୍ର ଯୁଦ୍ଧରେ କୌରବମାନଙ୍କୁ ପରାସ୍ତ କରି ତାଙ୍କୁ ହରଣ କରିଥିଲେ । ଅବଶ୍ୟ ପିତାଙ୍କ ଶତ୍ରୁକୁଳ ଶ୍ରୀକୃଷ୍ଣବଂଶର ପୁତ୍ର ଶାମ୍ବଙ୍କ ସହିତ ଚନ୍ଦ୍ରାବତୀଙ୍କର ବିବାହ ଓ ହରଣ ପର୍ବ ପୂର୍ବରୁ ପୂର୍ବରାଗ ପ୍ରଣୟ ସଂଘଟିତ ହୋଇଥିଲା । ଶାମ୍ବ ଗୋପନରେ ଚନ୍ଦ୍ରାବତୀପୁରରେ ମିଳିତ ହୋଇଥିଲେ । ତାଙ୍କୁ ଦେଖି ଚନ୍ଦ୍ରାବତୀ କହିଲେ:—

"ଚନ୍ଦ୍ରାବତୀ ବୋଇଲେ ତୁ ମୋର ପ୍ରାଣନାଥ
ତୋର ବ୍ୟତିରେକେ ମୋର ନାହିଁ ଆନେ ଚିତ୍ତ ।
ପିତା ଜନନୀ ପଛକେ ପାଅନ୍ତୁ ମୋ ଲାଜ
ବିଳମ୍ବ ନ କର ବେଗେ ଯିବା ହୁଅ ସଜ ।

ପିତା ଓ କୁଳକୁ ଅବଜ୍ଞା କରି କୁମାରୀ ପ୍ରଣୟୀକୁ ନେଇ ଆଜନ୍ମ ପରିଚିତ ଗୃହ ପରିବାର ବିସର୍ଜନ ଦେଇ ଚାଲିଯିବାକୁ ଇଚ୍ଛୁକା । ଶାମ୍ବଙ୍କୁ ଚନ୍ଦ୍ରାବତୀ ଏଥିପାଇଁ ପ୍ରବର୍ତ୍ତନା ଦେଉଛନ୍ତି ।

ଉପରୋକ୍ତ ସୁରେଖା ଚରିତ୍ର ଭଳି ଚନ୍ଦ୍ରାବତୀଙ୍କ କୁମାରୀ ଚରିତ୍ରର ସାଦୃଶ୍ୟ ବିବାହ ସମ୍ବନ୍ଧରେ ଏକାପରି ଦେଖାଯାଏ । ଚନ୍ଦ୍ରାବତୀ ପତି-ନିର୍ବାଚନ କାର୍ଯ୍ୟରେ ପିତା ମାତା କୁଳ କୁଟୁମ୍ବଙ୍କ ସମ୍ମାନ ଓ ଆଭିଜାତ୍ୟକୁ ତୁଚ୍ଛ ମଣିଛନ୍ତି । ସେ ମଧ୍ୟ ଆତ୍ମସ୍ୱାର୍ଥକୁ ଅନ୍ୟମାନଙ୍କ ସ୍ୱାର୍ଥଠାରୁ ବଡ଼ ବୋଲି ଦେଖିଛନ୍ତି । ଦୁହିତାର ପତିନିର୍ବାଚନରେ ସ୍ୱତନ୍ତ୍ରତା ଥିବାରୁ ସେ ପିତୃଶତ୍ରୁକୁ ମଧ୍ୟ ପତିରୂପେ ବରଣ କରିବାକୁ ପଶ୍ଚାତ୍‌ପଦ ହେଉ ନ ଥିଲା । ପୁଣି ଅଭିଭାବକ ପିତାମାନେ କନ୍ୟାମାନଙ୍କର ପତି ନିର୍ବାଚନରେ ଏକମତ ହୋଇ ନ ପାରୁଥିବାରୁ ପ୍ରତ୍ୟେକ ବିବାହରେ ଯୁଦ୍ଧ ବିଗ୍ରହ

ଘଟୁଥିଲା । ବଳ ପରାକ୍ରମ ମୂଲ୍ୟ ଦେଇ ପତ୍ନୀ କନ୍ୟାକୁ ହରଣ କରି ପରେ ବିବାହ କରୁଥିଲେ ।

ଏଥିରୁ ଅନୁମିତ ହୁଏ ଯେ, ସେ ଯୁଗରେ ପିତା କନ୍ୟାକୁ ଯୌତୁକାଦି ସହ ଜାମାତାକୁ ଅଗ୍ନିସାକ୍ଷୀ କରି ବିବାହ ବେଦୀରେ ସମ୍ପ୍ରଦାନ କରୁଥିଲେ ସୁଦ୍ଧା, ତାହାର ଅଭିଭାବକତ୍ୱ ଦାବୀରେ କନ୍ୟାକୁ ନିଜର ସମ୍ପତ୍ତି ବୋଲି ବିବେଚନା କରି ଯାହାକୁ ଇଚ୍ଛା ତାହାକୁ ଗୋରୁ ବଳଦ ଦେଲା ଭଳି ସମ୍ପ୍ରଦାନ କରୁ ନ ଥିଲେ ।

ଅବଶ୍ୟ ସାରଳା ଦାସ ରାଜକୁଳ ନାରୀ ଓ ସ୍ୱୟମ୍ବରପ୍ରଥା କଥା ଲେଖିଛନ୍ତି । ଏହା ସାଧାରଣ ସମାଜରେ ପ୍ରଭାବ ପକାଉଥିଲା କି ନା ଏବଂ ସାଧାରଣ ଦରିଦ୍ର ଗୃହସ୍ଥ କନ୍ୟାମାନଙ୍କର ଅବସ୍ଥା କଣ ଥିଲା, ତାହା କିଛି ଜାଣିବାର ଉପାୟ ନାହିଁ । ଏ କଥା ସତ୍ୟ ଯେ, ରାଜାମାନଙ୍କ ବ୍ୟତୀତ କନ୍ୟାକୁ ବଳପୂର୍ବକ ହରଣ କରିବା ବା ସ୍ୱୟମ୍ବର ସଭା ଡାକିବା ସାଧାରଣ ପ୍ରଜାମାନଙ୍କ ପକ୍ଷରେ ଅବାସ୍ତବ ଏବଂ ଅସମ୍ଭବ କଥା । କାରଣ ଯୁଦ୍ଧ, ପରାକ୍ରମ ପଛରେ ସମ୍ପଦ, ସୈନ୍ୟ, ସାମନ୍ତ, ରଥ, ଗଜ, ଅଶ୍ୱ ସାଧାରଣ ବ୍ୟକ୍ତି ପକ୍ଷରେ ଆହରଣ କରିବା ସମ୍ଭବ କଥା ନୁହେଁ ।

କିନ୍ତୁ ଏହା ସତ୍ୟ ଯେ, ପୂର୍ବକାଳର ସମାଜ ବ୍ୟବସ୍ଥାରେ ରାଜା ଓ ରାଜକୁଳ ପ୍ରଥା, ରୀତି, ନୀତିକୁ ସାଧାରଣ ଲୋକେ ଆଦର୍ଶ ବୋଲି ବିଚାରୁଥିଲେ ଏବଂ ରାଜା ଓ ରାଜବଂଶର ପ୍ରଭାବ ସମଗ୍ର ସମାଜ ଜୀବନ ଉପରେ ଯଥାର୍ଥ ପ୍ରତିକ୍ରିୟା ସୃଷ୍ଟି କରୁଥିଲା । ମହାଭାରତ ଯୁଗରେ ଶକ୍ତି ଓ ବିକ୍ରମହିଁ କେବଳ ଦେଶ, ତଥା ସମାଜକୁ ନିୟନ୍ତ୍ରଣ କରୁଥିଲା । ଧନ, ସମ୍ପଦ ତ ଶକ୍ତି ସହିତ ରହିଥିବା ସ୍ୱାଭାବିକ । ନୀତି ଓ ପ୍ରଥା ଏହି ଶକ୍ତି ସମ୍ପଦ ପଛରେ ଅବଶ୍ୟ ପ୍ରଧାନ ହୋଇ ରହିଥିଲା ।

---

## ତ୍ରୈଲୋକ୍ୟମୋହିନୀ

ମେରୁକୂଳ ନାମକ ଦୈତ୍ୟର କନ୍ୟା ତ୍ରିପୁରମୋହିନୀ । ପିତା କନ୍ୟା ନିମନ୍ତେ ଉପଯୁକ୍ତ ପାତ୍ର ଅନ୍ୱେଷଣ କରି ନିରାଶ ହୋଇ କନ୍ୟାକୁ

ପ୍ରାସାଦଠାରୁ ଦୂରରେ ଆବଦ୍ଧ କରି ରଖିଥିଲେ । କନ୍ୟା ସହଚରୀ ମାନଙ୍କ ସହିତ ନିର୍ଜନପୁରୀରେ ବନ୍ଦିନୀ ହୋଇ ରହିଲେ ।

"ସେପୁରେ ନେଇ ଥୋଇଲା ସେହି ସୁନ୍ଦରୀକି
ମାଛି ଯାଇ ନ ପାରଇ ତାହାର କତିକି ।"

ଦିନେ ଦୁର୍ବାସା ମୁନି କନ୍ୟାପୁରରେ ପ୍ରବିଷ୍ଟ ହେଲେ । ତ୍ରୈଲୋକ୍ୟ-ମୋହିନୀ ଦୁର୍ବାସାଙ୍କୁ ପ୍ରଣାମ କଲାରୁ ମୁନି ତାଙ୍କୁ ଆଶୀର୍ବାଦ କଲେ । ମୁନି କନ୍ୟାଙ୍କର କୁଶଳ ପୁଚ୍ଛିଲାରୁ କନ୍ୟା କହିଲେ :—

"ମୋ' ପାଇଁ ବର ଏକ ଠାବ କର ମୁନି ।"

କନ୍ୟାର ବଚନ ଶୁଣି ଦୁର୍ବାସା ଆନନ୍ଦିତ ହୋଇ ପାଖରେ ଥିବା କାର୍ତ୍ତିକେୟଙ୍କର ଚିତ୍ରପଟ କନ୍ୟାଙ୍କର ପସନ୍ଦ ନିମନ୍ତେ ଦେଖାଇଲେ । ତ୍ରୈଲୋକ୍ୟମୋହିନୀ ଚିତ୍ରପଟ ଦର୍ଶନରେ ମୁଗ୍ଧ ହୋଇ କହିଲେ —

"ହେ ମୁନି ସତେ କି ପ୍ରାପ୍ତ ହୋଇବ ସେ ମୋତେ ? × ×
କନ୍ୟା ବୋଇଲେ ହେ ମୁନି ତୁମ୍ଭରେ ଶରଣ
ଭକତବତ୍ସଳ ତୁମ୍ଭେ ତାଙ୍କୁ ବେଗେ ଆଣ ।"

ମୁନି କହିଲେ, "ଯଦି ଏହି ପୁରୁଷକୁ ତୁ ବରଣ କରିବାକୁ ଇଚ୍ଛା କରୁ ତେବେ ମୁଁ ସାତଦିନରେ ଏହି ବରଙ୍କୁ ତୋହ ନିକଟକୁ ଆଣିବି । ପୁଣି ଦୁର୍ବାସା କାର୍ତ୍ତିକେୟଙ୍କୁ ଆଣିବାକୁ କୈଳାସକୁ ଗଲା ପରେ ନାରଦ ଆସି କନ୍ୟା ନିକଟରେ ପହଞ୍ଚିଲେ । ନାରଦ କନ୍ୟାଙ୍କୁ କୁଶଳ ପୁଚ୍ଛା କଲାରୁ କନ୍ୟା କହିଲେ—

"ମୋର ପିତା ଦୁରନ୍ତକ ଦୈତ୍ୟ ଅଧିପତି
ଅନ୍ୟେ ପ୍ରଦାନ ନ କଲା ହୋଇଲି ଯୁବତୀ ।
ତିନି ପୁରରେ ଭ୍ରମଣ ଅଛଇ ତୁମ୍ଭର
ମୋର ଅନୁରୂପେ ବର ଆଣ ଖୋଜି କରି ।"

ଏହା ଶୁଣି ନାରଦ ଆଣିଥିବା ପ୍ରଦ୍ୟୁମ୍ନଙ୍କ ଚିତ୍ରପଟ କୁମାରୀଙ୍କୁ ପସନ୍ଦ ନିମନ୍ତେ ଦେଖାଇଲେ । କୁମାରୀ ଚିତ୍ରପଟ ଦେଖି ମୁଗ୍ଧ ହୋଇ କହିଲେ—

"ବୋଲେ ହେ ନାରଦ ମୁନି ତୁମ୍ଭଙ୍କୁ ଦଣ୍ଡିନି
ଏହୁ ମୋହର ସ୍ୱାମୀ କି ବେଗେ ଅଣ ଘେନି ।
କୁମାରୀ ବୋଲଇ ଚିତ୍ର ଦେଇଯାଅ ମୋତେ
ଆଜହୁଁ ବରିଲି ସେବା ତାଙ୍କ ପାଦାଗ୍ରତେ ।"

ନାରଦ ମନେ ମନେ ହସି କୁମାରୀଙ୍କୁ ପଚାରିଲେ, "ଦୁର୍ବାସା ପରା କାର୍ତ୍ତିକେୟଙ୍କୁ ବର କରି ଆଣିବାକୁ ଯାଇଛନ୍ତି ?"

ତ୍ରୈଲୋକ୍ୟମୋହିନୀ ଉତ୍ତର ଦେଲେ—
"କୁମାରୀ ବୋଇଲା ତାଙ୍କୁ ପରିତ୍ୟାଗ କଲି
ନିଜ ପତି କରି ଯାଙ୍କୁ ପ୍ରାଣ ସମର୍ପିଲି ।"

ଦୁର୍ବାସା ପ୍ରଥମେ ବର ଅନ୍ୱେଷଣରେ ଯାଇଥିବାରୁ କାର୍ତ୍ତିକେୟଙ୍କୁ ନେଇ ପ୍ରଥମେ କୁମାରୀଙ୍କ ପିତୃଗୃହରେ ପହଞ୍ଚିଲେ । କନ୍ୟାର ପିତା ବେଦୀରେ ବିବାହର ଆୟୋଜନ କଲେ । କନ୍ୟା ସୁବେଶ ହୋଇ ବେଦୀକୁ ଆସିବା ପୂର୍ବରୁ ଦେବୀପୂଜା କରିବାକୁ ଦେବୀମନ୍ଦିରକୁ ଗଲେ । ଇତ୍ୟବସରେ ପ୍ରଦ୍ୟୁମ୍ନଙ୍କୁ ନେଇ ନାରଦ ସେହି ପୂଜାମନ୍ଦିର ନିକଟରେ କୁମାରୀ ସନ୍ନିଧିରେ ଉପସ୍ଥିତ ହେଲେ ।

"ସମ୍ମୁଖରେ ପ୍ରଦ୍ୟୁମ୍ନକୁ ଦେଖି ଶଶିମୁଖୀ
ଅତି ଆନନ୍ଦତା ହେଲା ଦୁଃଖକୁ ଉପେକ୍ଷି ।
କଣ୍ଠେ ଲମ୍ବାଇ ସୁନ୍ଦରୀ କୁସୁମର ମାଳ
ରଥେ ବସାଏ ପ୍ରଦ୍ୟୁମ୍ନ ତାକୁ କରି କୋଳ ।" (ବନପର୍ବ)

ଉପରି ଉକ୍ତ କନ୍ୟା ଚରିତ୍ର ବର୍ଣ୍ଣନାରେ ସାରଳା ଦାସ ଦେଖାଇଛନ୍ତି କୁମାରୀମାନଙ୍କର ପତିନିର୍ବାଚନରେ ନିଷ୍ଠା ନାହିଁ । ଯେଉଁ କନ୍ୟା କାର୍ତ୍ତିକେୟଙ୍କ ଚିତ୍ର ଦେଖି ମୋହିତା ହୋଇ ଦୁର୍ବାସାଙ୍କୁ ତାଙ୍କୁ ଆଣିବା ପାଇଁ କୈଳାସକୁ ପଠାଇଥିଲେ, ନାରଦଙ୍କଠାରୁ ଅନ୍ୟ ପୁରୁଷର ଚିତ୍ର ଦେଖି ଓ ପ୍ରଶଂସା ଶୁଣି ସେ ପୁଣି ମତ ବଦଳାଇ ଶେଷରେ ପ୍ରଦ୍ୟୁମ୍ନଙ୍କ ଗଳାରେ ବରଣମାଳା ଦେଲେ !

ଏଥିରୁ ମନେ ହୁଏ, ସାଧାରଣତଃ ନାରୀ କୁମାରୀ ଅବସ୍ଥାରେ ଚପଳବୁଦ୍ଧିଯୁକ୍ତା ଓ ତାର ବିବେଚନାଶକ୍ତି ଲଘୁ ହୋଇଥାଏ । ସେହି କାରଣରୁ ପତିନିର୍ବାଚନରେ ଉତ୍ତମ ଅଧମ ବିବେଚନା କରି ନ ପାରି ସଙ୍କଳ୍ପ ପରିବର୍ତ୍ତନ କରେ । ପୁରାଣ ଯୁଗରେ ମଧ୍ୟ କୁମାରୀଚରିତ୍ରର ଏହି ଭାବାକୃତା ଓ ତାରଲ୍ୟ କଥା କବିକଳ୍ପନାରୁ ଅନ୍ତର୍ହିତ ହୋଇ ନ ଥିଲା ।

ପୁଣି ତ୍ରୈଲୋକ୍ୟମୋହିନୀଙ୍କ ଚରିତ୍ରରେ ଅନ୍ୟ କୁମାରୀମାନଙ୍କ ଭଳି ପତିନିର୍ବାଚନରେ ସ୍ୱତନ୍ତ୍ରତା ଦେଖାଯାଇଛି । ପତି ପ୍ରସଙ୍ଗରେ ବୟସ୍କ ଗୁରୁସ୍ଥାନୀୟ ଋଷିମାନଙ୍କ ସହିତ ତାଙ୍କର ପରାମର୍ଶ ଓ କାର୍ଯ୍ୟରେ ମାନାଙ୍କନ ରହି ନାହିଁ । କିନ୍ତୁ ଏଥିରେ କନ୍ୟାର ବିବାହ ସମ୍ବନ୍ଧରେ ପିତାଙ୍କ ଉଦାସୀନତା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି କନ୍ୟା ନିଜେ ନିଜର ପତିନିର୍ବାଚନ କରିବା କଥା ହେଲା ଘଟଣାର ତାତ୍ପର୍ଯ୍ୟ ।

---

## ଶୋଭାବତୀ

ଗନ୍ଧର୍ବ ସୁରଥସେନଙ୍କ କନ୍ୟା ନାମ ଶୋଭାବତୀ । କୃଷ୍ଣଙ୍କ ପୁତ୍ର ଶାମ୍ବ ତାଙ୍କୁ ଚୋରାଇ ଆଣିବାରୁ ଇନ୍ଦ୍ର ଯୁଦ୍ଧ କଲେ । ଏହାର ସମ୍ବାଦ ପାଇ ଯଦୁବଂଶ ଥାଟ ନେଇ ରାମ କୃଷ୍ଣ ଦୁଇ ଭାଇ ମିଳି ଇନ୍ଦ୍ର ବିରୁଦ୍ଧରେ ଅଭିଯାନ କଲେ । ଯୁଦ୍ଧରେ ଦେବରାଜ ଇନ୍ଦ୍ର ପରାସ୍ତ ହେଲେ । ବ୍ରହ୍ମାଙ୍କୁ ଶ୍ରୀକୃଷ୍ଣ ପଚାରିଲେ, "ଏ ଯୁଦ୍ଧ ବିଗ୍ରହରେ କେଉଁ ପକ୍ଷ ଦୋଷୀ ?" ବ୍ରହ୍ମା କହିଲେ, "କୁମର କୁମାରୀଙ୍କର ବିବାହ ସୁନିଶ୍ଚିତ । ସେମାନଙ୍କୁ ଡାକି ଆଣି ପଚାର ।" ଇନ୍ଦ୍ରଙ୍କ ଆଜ୍ଞାରୁ ଚନ୍ଦସେନ କୁମାର କୁମାରୀଙ୍କୁ ଆଣି ସଭାରେ ପହଞ୍ଚାଇଲେ ।

ବ୍ରହ୍ମା ଶୋଭାବତୀଙ୍କୁ ପଚାରିଲେ, ଯୁଦ୍ଧରେ ଦୋଷ କାହାର ହେଲା ?"
ଶୋଭାବତୀ କହିଲେ :—

"ତୋଟା ବୁଲିବାକୁ ମୁଁ ଆସିଥିଲି ବନେ
ସଖୀଗଣମାନଙ୍କୁ ମୁଁ ଘେନିଣ ଯେ ରଙ୍ଗେ ।"

ସେହି ତୋଠାରେ ବିହାର କଲାବେଳେ ଦେଖିଲି, ଏକ କୁମାର ଆସି ବିଭିନ୍ନ ବର୍ଣ୍ଣର କନକ ଚମ୍ପା ତୋଳନେଲେ । ତାଙ୍କୁ ଦେଖି ମୋର ମନ ମୋହିତ ହେଲା ଓ ବିଖଣ୍ଡ ହେଲା ।

"ହୃଦପଦ୍ମେ ମୋର ଏହି ଭାବନା ଯେ ହେଲା

× × ×

ଅବିବାହୀ କନ୍ୟା ମୁହିଁ, ବିଭା ଯେ ନ ହେଲେ
ଯାହାକୁ ତାହାକୁ କଷ୍ଟେ ବିଭା ହେବି ଭଲେ ।
ଏତେକ ବିଚାରି ମୁହିଁ ଶ୍ରଦ୍ଧା ଭାବ କଲି
ଏହାଙ୍କର ରୂପ ଗୁଣ ଦେଖି ମୁଁ ଜାଣିଲି ।
ମାଳା ଦେଇ ତହୁଁ ଯାଙ୍କୁ ବରିଲି ଯେ ମୁହିଁ
ଏଥିରୁ ଦୁର୍ଲ୍ଲଭ ବର ଲୋଡ଼ିଲେ ନ ପାଇ ।
ମାଳା ଦେଉ ଏହାଙ୍କର ଗଳାରେ ତୁରିତ
ଦୁହିଙ୍କର ମନ ତହୁଁ ହୋଇଲା ଏକତ୍ର ।
ରଥରେ ବସାଇ ଏହୁ ନେଉଥିଲେ ମୋତେ
ସାବଧାନ ଚିତ୍ତେ ଶୁଣ ଆହେ କୁଶନାଥେ ।"

କୁମାରୀକଥା ଶୁଣି ବ୍ରହ୍ମା ଯୁଧିଷ୍ଠିରଙ୍କୁ କହିଲେ, "ତୁମ୍ଭେ ସତ୍ୟବାଦୀ । ଏଥିରେ କାହାର ଦୋଷ କହ ?"

ଯୁଧିଷ୍ଠିର :—

"ଯୁଧିଷ୍ଠିର ବୋଲେ ଏହି କଥାତ ଯୋଗାଇ
ନ ପଚାରି କନ୍ୟାକୁ ଯେ ଯୁଝ କାହିଁ ପାଇଁ ?"

ଏହା ଶୁଣି ଇନ୍ଦ୍ର, ଈଶ୍ୱର ପ୍ରଭୃତି ଦେବତାମାନେ ଲଜ୍ଜାରେ ନିରୁତ୍ତର ହୋଇ ସଭାରେ ବସିଲେ । ବ୍ରହ୍ମା କହିଲେ, "ଦୁଇ ଦଳ କଳହ କଲେ ଦଳେ ହାରେ, ଏଥିରେ ଦୁଃଖ କରିବା କଥା ନାହିଁ ।

ଯୁଧିଷ୍ଠିରଙ୍କ ମନ୍ତବ୍ୟରୁ ବୁଝାପଡ଼େ, କନ୍ୟା ପତିନିର୍ବାଚନରେ ପୂର୍ଣ୍ଣ ଅଧିକାରିଣୀ । ପୁଣି ଏହି ପତିନିର୍ବାଚନ ପରେ କନ୍ୟାପିତା ଅନ୍ୟ ପତିକୁ

କନ୍ୟାଦାନର ଅଧିକାରୀ ନୁହନ୍ତି । ସେ କାଳରେ ପତିନିର୍ବାଚନର ଅଧିକାର କନ୍ୟା ପକ୍ଷରେ ନିରଙ୍କୁଶ ଥିବାରୁ ତାହାର ପ୍ରତିକ୍ରିୟାର ପରିଣତି ରୂପେ କାଳକ୍ରମେ ବାଲ୍ୟବିବାହ ପ୍ରଚଳିତ ହୋଇଥିଲା । ମହାଭାରତକାର ମଧ୍ୟ ଏହି ବାଲ୍ୟ ବିବାହ ଧର୍ମରକ୍ଷା ଦିଗରୁ ଉଚିତ ଓ ପିତାର କର୍ତ୍ତବ୍ୟ ବୋଲି ମନ୍ତବ୍ୟ ଦେଇଛନ୍ତି ।

ମହାଭାରତୀୟ ନାୟିକାମାନେ ପତିନିର୍ବାଚନରେ ସାଧାରଣତଃ ଅଭିଜାତ ବଂଶଜ, ରୂପବାନ୍, ବୀର୍ଯ୍ୟଶାଳୀ ପୁରୁଷଙ୍କୁ ବରଣ କରୁଥିଲେ । ପୁରୁଷ ପତ୍ନୀନିର୍ବାଚନରେ ବଂଶାଭିଜାତ୍ୟ, ଧନାଭିଜାତ୍ୟ, ସୁନ୍ଦରୀ, ଗୁଣବତୀ କୁମାରୀମାନଙ୍କୁ ବରଣ କରୁଥିଲେ । ମହାଭାରତରେ ଏହାର ବ୍ୟତିକ୍ରମ ମଧ୍ୟ କେତେକ ସ୍ଥଳରେ ଦେଖାଯାଏ ।

---

## ସତ୍ୟଭାମା

ଯଦୁକୁଳମଣ୍ଡନା ସତ୍ୟଭାମା ସତ୍ରାଜିତ ରାଜକନ୍ୟା । ସେ ସତ୍ରାଜିତ ଜାମାତା ଶ୍ରୀକୃଷ୍ଣଙ୍କ ଭବନରେ ଅତିଥି ହୋଇଥିବା କାଳରେ ତାଙ୍କଠାରୁ ଆତତାୟୀ ସ୍ୟମନ୍ତକମଣି ହରଣ କଲା ଏବଂ ତାଙ୍କୁ ବଧ କଲା । କନ୍ୟା ସତ୍ୟଭାମା ପିତୃବଧରେ ବିହ୍ୱଳା ହୋଇ ରଥାରୋହଣ କରି ଶ୍ରୀକୃଷ୍ଣଙ୍କ ଦ୍ୱାରା ପିତୃହନ୍ତାର ପ୍ରତିଶୋଧକାମୀ ହୋଇ ଇନ୍ଦ୍ରପ୍ରସ୍ଥକୁ ଗଲେ । ପଥରେ ହଳଧର ବଳରାମ ଓ ଶ୍ରୀକୃଷ୍ଣଙ୍କ ସାନ୍ତ୍ୱନା ବାଣୀରେ ପୁଣି ପିତୃଗୃହକୁ ବାହୁଡ଼ି ଆସି ଏକାଦଶ ଦିନରେ ଶ୍ରାଦ୍ଧକ୍ରିୟାଦି ବିଧିମତେ ସମ୍ପନ୍ନ କରିଥିଲେ ।

ସତ୍ୟଭାମାଙ୍କ ପିତାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ମହାଭାରତକାର ଯେପରି ଲେଖିଛନ୍ତି, ତହିଁରୁ ଅନୁମିତ ହୁଏ ଯେ, ଭାରତରେ ଏକ ସମୟରେ ଅସବର୍ଣ୍ଣ ବିବାହ ମଧ୍ୟ ପ୍ରଚଳିତ ଥିଲା । ପତିତାର କନ୍ୟା ନିଜ ରୂପ ଗୁଣରେ ରାଜରାଣୀ ହୋଇ ପାରୁଥିଲା ।

ସୁଗ୍ରର ପୁତ୍ର ଶମ୍ଭୁଜିତ । ଶମ୍ଭୁଜିତର ପୁତ୍ର ସୁରଜିତ ଓ ସୁରଜିତ ପୁତ୍ର ସୁରକ୍ଷିତ । ସୁରକ୍ଷିତ ପୁତ୍ର ଧୂମକେତୁ ଓ ଧୂମକେତୁ ପୁତ୍ର ଭାଗ୍ୟବାନ୍ ରାଜା । ତାଙ୍କର ବିବାହବୃତ୍ତାନ୍ତ ଚମକପ୍ରଦ । ବ୍ରାହ୍ମଣ ଶାସନ ସୃଷ୍ଟି ସମ୍ବନ୍ଧେ କବି ଲେଖିଛନ୍ତି —

"... ......ସୁକାନ୍ତି ନଗରୀ ପୂର୍ବ ଦିଗ୍ ଭଟେଣ

× × ×

ପାଞ୍ଚଶ ଶାସନ ତହିଁ ପାଞ୍ଚଶ ବସନ୍ତି
ବେଦ ବିଦ୍ୟାରେ ସେମାନେ ନିର୍ଜିତ ଅଛନ୍ତି ।
ଶଶୀକର ବୋଲିକରି ଏକଇ ବ୍ରାହ୍ମଣ
ତାହାର ଭାରିଯା ନାମ ଶ୍ରେୟାବତୀ ପୁଣ ।
ସମୟେକ ଶଶୀକର ବିପ୍ର ନାଶ ଗଲା
ତାହାର ଭାରିଯା ବାଲ୍ୟ ବିଧବା ହୋଇଲା ।
କିଛୁଦିନ ଅନ୍ତେ ସେହି କୁମାର୍ଗେ ଚଳିଲା
ସେ ଦେଶ ସାଧବ ସେନ କନ୍ୟା ଜାତ କଲା ।
ତାକୁ ଗ୍ରାମ ବାହାରେ ସେ ରାତ୍ରେ ପକାଇଲା ।
ପେଛଟେଣା ବୋଲି ଘରେ ରାତ୍ରେ ସେ ଶୋଇଲା ।"

ରାତ୍ରି ପ୍ରଭାତ ହେଉଣୁ ଜମ୍ବୁକଦମ୍ପତି ଶିକାରକୁ ବାହାରୁଥିଲେ । ପଥରେ ଦେଖିଲେ ଦିନକର ତେଜକ୍ଷଣା ଗୋଟିଏ କନ୍ୟା ଭୂମିରେ ପଡ଼ି କରୁଣ ରୋଦନ କରୁଛି । ତାହାର କରୁଣ ନାଦରେ ଆର୍ତ୍ତ ହୋଇ ଜମ୍ବୁକଦମ୍ପତି ସେହି ସୁନ୍ଦର ଶିଶୁଟିକୁ ସନ୍ତାନବାତ୍ସଲ୍ୟରେ ପାଳନ କଲେ । ମାନବ ଶିଶୁ ଆହାର ବିନା ବଞ୍ଚିବା ଅସମ୍ଭବ । ତେଣୁ ସେମାନେ ଅର୍କବୃକ୍ଷରୁ କ୍ଷୀର ଆଣି କନ୍ୟାଟିକୁ ଅତି ଯତ୍ନରେ ପାଳନ କଲେ ।

କାଳକ୍ରମେ ଫଳ ମୂଳ ଭୁଞ୍ଜି କନ୍ୟା ବୟଃପ୍ରାପ୍ତ ହେବାରୁ ରୂପରେ ତ୍ରିଭୁବନ ଆଲୋକିତ କଲା । ନିଜେ କନ୍ୟା ମଧ୍ୟ ଭାବିଲା—ମୁଁ ମାନବୀ; ଜମ୍ବୁକଗହ୍ବରରେ ମୋର ସ୍ଥାନ ହେଲା କିପରି ? ଯେତେବେଳେ

ଜମ୍ବୁକଦମ୍ପତି ଆହାର ଅନ୍ୱେଷଣରେ ବନଗମନ କରନ୍ତି, ସେହି ସମୟରେ କୁମାରୀ ଉଦ୍ଧ୍ୟାନ ପ୍ରାନ୍ତରରେ ବିହାର କରି ପ୍ରକୃତିର ନାନାବିଧ ରମଣୀୟ ଦୃଶ୍ୟରାଜି ଦେଖି ବିମୋହିତା ହେଉଥିଲା । ଏଣେ ଜମ୍ବୁକ ଦମ୍ପତି ମଧ୍ୟ କୁମାରୀର ଯୌବନାଗମ ଦେଖି ଚିନ୍ତିତ ହୋଇ ପଡ଼ୁଥିଲେ ।

ଦିନେ ରାଜା ମୃଗୟା ନିମନ୍ତେ ଗହ୍ୱର ବନରେ ପ୍ରବେଶ କରି ନିରୁଦ୍ଦେଶ ହୋଇ ଭ୍ରମଣ କରୁ କରୁ ଦେଖିଲେ, ଗୋଟିଏ ଲାବଣ୍ୟବତୀ ବାଳିକା ଉଭା ହୋଇଛି । ତାର ରୂପର ପଟାନ୍ତର ନାହିଁ ।

ରାଜା ଦେଖି ଭାବିଲେ—

"ଧନ୍ୟ ରେ ସୁନ୍ଦରୀ ନବ ଯୁବତି ମୂରତି  
ଗଗନେ ଥାଇଁ ଦେବେ ସେ ରୂପ କିରେଖନ୍ତି ।  
ଶରୀର ଚମ୍ପାକୁସୁମ ପ୍ରାୟେ ଝଟକଇ  
କେଶ ଚାମର ଭ୍ରମରମାଳାକୁ ନିନ୍ଦଇ ।  
କଣ୍ଠେ ତଡ଼ିକ୍ରିଆ କାମ କମାଣକୁ ଜିଣି  
ଉଦର ବର୍ତ୍ତୁଳ ପଦ୍ମପତ୍ରରେ ରସାଣି ।  
ଜାତିରେ ପଦ୍ମିନୀ ତୁହି ଅଟୁ ରୂପବତୀ  
ତୋର ରୂପ ଦେଖି ମୋହ ହେବେ ମୁନି ଯତି ।

ରାଜାଙ୍କଠାରେ ନେତ୍ର ପଡ଼ନ୍ତେ କୁମାରୀ ଚକ୍ଷୁ ଅବନତ କରି ଆତ୍ମ-ଗୋପନ କଲା । ଥରକୁଥର ରାଜା ନିରାଶ ହୋଇ ଶେଷରେ କୌଶଳ-କ୍ରମେ କୁମାରୀର ଇତିବୃତ୍ତ ଜାଣିଲେ ।

ଏହି ସମୟରେ ଜମ୍ବୁକଦମ୍ପତି ଲେଉଟି ଆସିଲେ । ରାଜା ସେମାନଙ୍କୁ କନ୍ୟାର ପାଣି ପ୍ରାର୍ଥନା କଲେ । ଜମ୍ବୁକ କହିଲା— "ତୁମେ ଏଠାକୁ ଆସି ବିବାହ କରି ଯିବ ।" ରାଜା ରାଜ୍ୟକୁ ଯାଇ ସୈନ୍ୟ ସାମନ୍ତ ଓ ରାଜଥାଟ ସହି ଆସି ଶୁଭଲଗ୍ନ, ଶୁଭଯୋଗ, ଶୁଭବାସର ଦେଖି ମଙ୍ଗଳକୃତ୍ୟ ବଢ଼ାଇଲେ । ଯୌତୁକରେ ଜମ୍ବୁକ ତାର ବାସଭୂମି ଦାନ କଲା ଓ ଚିରଚରିତ ଦଶଟି ଦୋଷ କନ୍ୟାର କ୍ଷମା ଦେବାପାଇଁ ପ୍ରାର୍ଥନା କଲା ।

"ହସ୍ତ ଧରି କନ୍ୟାକୁ ସେ ସମର୍ପିଣ ଦେଲା
ଏହା ଦଶ ଦୋଷ କ୍ଷମା କର ସେ ବୋଇଲା ।"

କୁମାରୀ ସ୍ୱାମୀ ଗୃହକୁ ଆସିବାକାଳରେ ପିତାମାତାଙ୍କୁ ବାହୁନଲା ।

"ପିତାମାତା ଧରି କନ୍ୟା କାନ୍ଦିଲା ଅନେକ ।"

ଜମ୍ବୁକ ତାହାର ପାରିଧି ଭୂମିତକ ଯୌତୁକ ଦେଇଥିଲା । ଶଙ୍ଖଜଳରେ ଯାହା ଯୌତୁକ ସ୍ୱରୂପ କନ୍ୟାଦାନ ସହିତ ଦେଇଛି, ସେ ପୁଣି ତହିଁରେ ବଞ୍ଚିବ କିପରି ? ସାରଳା ଦାସ ପଶୁ ଭିତରେ ବି ମନୁଷ୍ୟତାକୁ ଚମତ୍କାର ଛଟାରେ ଆରୋପ କରିଛନ୍ତି । ଏହି ପଂକ୍ତି କେତୋଟିର କନ୍ୟା ପିତାମାତାର ମନୋବୃତ୍ତି ସହିତ ରୂପାୟିତ ହୋଇଛି ।

"ଦକ୍ଷିଣା ଶୃଗାଳ ଦେଇ କାନ୍ଦି କାନ୍ଦି ଗଲା
ସେ ଭୂମିରେ ଜଳ କିଛି ଆହାର ନ କଲା ।
ତାର ସତ୍ୟ ଦେଖି ଇନ୍ଦ୍ର ପାଣି ବରଷିଲା ।
ଭୂମିରୁ ନ ଖାଇ ପାଣି ଦେହରୁ ଖାଇଲା ।
× × ×
ସେ ରାଜ୍ୟର ସୀମା ପାର ହେଲେ ବେନି ପ୍ରାଣୀ
ଏସନେକ ସତ୍ୟ କେହି ନ ପାଳିବେ ପୁଣି ।"

ଶୃଗାଳର ବି ଅପତ୍ୟସ୍ନେହ ଅଛି ବୋଲି ସେ କନ୍ୟା ଓ ଭୂମିଦାନ କରି କାନ୍ଦି କାନ୍ଦି ତାର ଆଶ୍ରୟ ସ୍ଥାନ ପର୍ଯ୍ୟନ୍ତ ତ୍ୟାଗ କରି ପଳାଇଲା । ପିତାମାତା କନ୍ୟାଦାନ କରି ତାର ଗୃହରେ ଜଳସ୍ପର୍ଶ ନ କରିବା ଓ ଦେଇଥିବା ଯୌତୁକ ଦ୍ରବ୍ୟ ମଧ୍ୟ କନ୍ୟାଗୃହରୁ ଗ୍ରହଣ ନ କରିବା ଆମ୍ଭମାନଙ୍କ ସାମାଜିକ ପରମ୍ପରା ଓ ଜାତୀୟ ସଂସ୍କାର । ଏହି ରୀତି ମହାଭାରତ ଯୁଗରେ ମଧ୍ୟ ଥିଲା ।

ପୁଣି —" ସେ ଭାଗ୍ୟବାନର ପୁଅ ହେଲା ଗୁଣଜିତ
ତାହାର ପୁଅଟି ଜାଣ ଏହି ଶକ୍ରାଜିତ ।
ତାହାର ପୁଅ ହୋଇଲା ସମର୍ଥକଜିତ
ବାସୁଦେବଙ୍କର ଶଳା ସେହି ସତ୍ୟାଜିତ ।"

ପୂର୍ବେ ନାରୀର ବ୍ୟକ୍ତିଗତ ସ୍ୱାଧୀନତା ଯଥେଷ୍ଟ ଥିଲେହେଁ ଏବଂ ସେ ଯେଉଁ କୁଳର କନ୍ୟା ହୋଇଥିଲେ ମଧ୍ୟ ବିବାହ ପରେ ତାକୁ ସ୍ୱାମୀର କୁଳଗୋତ୍ରରେ ନେବାପାଇଁ ସମାଜରେ ବାଧା ନ ଥିଲା । ସେଥିପାଇଁ ନାରୀର ଆଉ ସ୍ୱତନ୍ତ୍ର ଜାତି, କୁଳ, ଧର୍ମ କିଛି ବାଧା ସ୍ୱରୂପ ରହୁ ନ ଥିଲା । ସ୍ୱାମୀ ସହିତ ତାହାକୁ ଅର୍ଦ୍ଧାଙ୍ଗିନୀ ଭାବରେ ଜୀବନ ନିର୍ବାହ କରି ଦାମ୍ପତ୍ୟ ଧର୍ମ ପାଳନ କରିବାକୁ ପଡୁଥିଲା । କନ୍ୟା ରୂପବତୀ ଓ ସୁଶୀଳା ହୋଇଥିଲେ ତାହାକୁ ଯଦିଓ ରାଜାମାନେ ନିର୍ବିବାଦରେ ବରଣ କରି କୁଳବଧୂ ତୁଲ୍ୟ ସମ୍ମାନ କରୁଥିଲେ । ଏହି ଉଦାର ନୀତିପରମ୍ପରା ଓ ଗ୍ଲାନିବିହୀନ ମନୋଭାବ ସେହି କାଳ ସମାଜର ପୌରୁଷ ଓ ମର୍ଯ୍ୟାଦାର ପରିଚାୟକ ଏବଂ ସଜୀବତାର ନିଦର୍ଶନ ବୋଲି ଜଣାଯାଏ ।

ସତ୍ୟଭାମା ଯଦୁକୁଳ ବଧୂ—ଶ୍ରୀକୃଷ୍ଣଙ୍କ ଅଷ୍ଟପାଟରାଣୀ ବା ଅଷ୍ଟପତ୍ନୀଙ୍କ ଭିତରେ ଏକତମା ପତ୍ନୀ । ସୁଭଦ୍ରା ହରଣ ଓ ପରିଣୟରେ ସତ୍ୟଭାମାହିଁ ମଧ୍ୟସ୍ଥା ଏବଂ କର୍ତ୍ତ୍ରୀ । ଶ୍ରୀକୃଷ୍ଣ ସହିତ ମହାଭାରତ ଘଟଣାମାନଙ୍କରେ ସତ୍ୟଭାମାଙ୍କର ସମ୍ପର୍କ ରହିଛି ଏବଂ ସେ ଶ୍ରୀକୃଷ୍ଣଙ୍କର ପ୍ରିୟତମା ପତ୍ନୀ ଥିବାରୁ ତାଙ୍କ ପ୍ରେରଣାରେ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କ ଉଦ୍ୟାନ ନନ୍ଦନବନରୁ ପାରିଜାତ ନାମକ ମହାର୍ଘ ଦେବପୁଷ୍ପ ଅପହରଣ କରିଥିଲେ । ଏହି ପୁଷ୍ପ ପତ୍ନୀଙ୍କୁ ଉପହାର ଦେବା ଲାଗି ସ୍ୱର୍ଗର ଦେବତା ଇନ୍ଦ୍ରଙ୍କ ସହିତ ଶ୍ରୀକୃଷ୍ଣ ତୁମୁଳ ଯୁଦ୍ଧ କରି ତାଙ୍କୁ ପରାସ୍ତ କରିବା କଥା ମହାଭାରତ ଓ ଅନ୍ୟାନ୍ୟ ପୁରାଣମାନଙ୍କରେ ବର୍ଣ୍ଣିତ ଅଛି ।

---

## ରୁକ୍ମିଣୀ

ପାଣ୍ଡବ ଭ୍ରାତାମାନଙ୍କ ମଧ୍ୟରେ ମାରୁତି ଗଦାଯୁଦ୍ଧରେ ଅଦ୍ୱିତୀୟ ଥିଲେ । କୌରବ ଭ୍ରାତାମାନଙ୍କ ସହିତ ପାଣ୍ଡବ ପକ୍ଷର କଳହର କାରଣ ଖୋଜିଲେ ଭୀମସେନଙ୍କର ଦୁଷ୍ଟପଣ ଦେଖାଯାଏ । ଦୁର୍ଯ୍ୟୋଧନ ଗଦା-

ଯୁଦ୍ଧରେ ପାରଙ୍ଗମ ଥିଲେହେଁ ଭୀମଙ୍କ ବଳ ତାଙ୍କୁ ପରାସ୍ତ କରୁଥିଲା । ସେହି କାରଣରୁ ଈର୍ଷାପର ଦୁର୍ଯ୍ୟୋଧନ ଭୀମଙ୍କୁ ମାରିବାପାଇଁ ବିଷଲଡ଼ୁ ଖୁଆଇ ନଦୀରେ ଭସାଇ ଦେଇଥିଲେ । ଭୀମ ପାତାଳର ନାଗକନ୍ୟାମାନଙ୍କ ସହାୟତାରେ ପାତାଳକୁ ନୀତ ହୋଇ ନାଗକନ୍ୟା ପିତାଙ୍କ ଦତ୍ତ ମୃତ-ସଞ୍ଜୀବନୀ ଔଷଧ ଖାଇ ଜୀବିତ ହୋଇଥିଲେ । ପରେ ନାଗକନ୍ୟା ବିନ୍ଧ୍ୟବାଳୀ ଭୀମଙ୍କୁ ବିବାହ କରି ତାଙ୍କ ଔରସରେ ବେଲ୍ଲଳସେନ ନାମକ ପୁତ୍ର ଜାତ କରିଥିଲେ । ତହୁଁ ଉତ୍ତାରେ ଭୀମ ମାତା ଓ ଭ୍ରାତାମାନଙ୍କ ସହିତ ଜତୁଗୃହ ଦାହରୁ ରକ୍ଷା ପାଇ ବନବାସ କାଳରେ ବହୁ ଦୁଷ୍ଟ ଦାନବଙ୍କୁ ସଂହାର କରିଥିଲେ । ମୂଳ ମହାଭାରତକାର ପାଣ୍ଡୁପୁତ୍ର ପଞ୍ଚ-ଭ୍ରାତାଙ୍କୁ ପାଣ୍ଡବ ଓ ଧୃତରାଷ୍ଟ୍ର ତନୟମାନଙ୍କୁ କୌରବ ନାମରେ ଆଖ୍ୟାତ କରିଥିଲେ । ମାତ୍ର ସାରଳା ଦାସଙ୍କ ସିଦ୍ଧାନ୍ତ ଅନ୍ୟ ପ୍ରକାର । ପାଣ୍ଡବା-ସୁରକୁ ଭୀମ ବଧ କରିଥିଲେ ବୋଲି ପଞ୍ଚଭ୍ରାତା ପାଣ୍ଡବନାମରେ ଆଖ୍ୟାତ ହେଲେ ବୋଲି ସେ ଲେଖିଛନ୍ତି ।

ଯାହାହେଉ, ଦିନେ ହିଡ଼ମ୍ବକ ବନରେ ହିଡ଼ମ୍ବାସୁର ଭଉଣୀକୁ ଶିକାର ଘେନି ଆସିବାକୁ ପଠାଇଲା । କିନ୍ତୁ ବନରେ ହିଡ଼ମ୍ବିକା ଭୀମଙ୍କ ଭୀମକାନ୍ତ ରୂପ ଦୃଷ୍ଟି ତନ୍ମୟ ହୋଇ ନିଜର ଅସୁରୀରୂପ ପରିବର୍ତ୍ତନ କରି ମୋହିନୀରୂପ ଗ୍ରହଣ କରି ଭୀମଙ୍କ ପାଣିପ୍ରାର୍ଥୀ ହେଲା ।

ରାକ୍ଷସ ହିଡ଼ମ୍ବକ ଦୂରରୁ ଏହି ଇଙ୍ଗିତର ମର୍ମ ଭେଦ କରି କ୍ରୋଧରେ ହୁଙ୍କାରନାଦ ପୂର୍ବକ ଭୀମଙ୍କୁ ମାରିବା ପାଇଁ ବେଗରେ ଧାବିତ ହେଲା । ଦେବତାଗଣ ଭୀତ ତ୍ରସ୍ତ ହେଲେ । ହିଡ଼ମ୍ବିକା ଅସୁରୀ ହେଲେହେଁ ନାରୀ । ସେ କହୁଛି —

"ହିଡମ୍ବକ ଭାଇ ରାଇ ପେଷିଲାକ ମୋତେ
ମୁହିଁ ଯେ ଅଇଲି ଧରି ନେବାର ନିମନ୍ତେ ।
ତୁମ୍ଭେ ନର ଜାତି ଅଟ ଅସୁରଙ୍କ ଭକ୍ଷ
ମୁଁ ଆସି ଦେଖିଲି ତୋର ରୂପକୁ ପ୍ରତ୍ୟକ୍ଷ ।

ସୋଦର ଛାଡ଼ିଣ ମୁହିଁ କଲି କାମବାଞ୍ଛା
ମୁଁ ତୋହର ଦାସୀ ହେଲି ଯେ ତୋହର ଇଚ୍ଛା ।"

ହିଡ଼ିମ୍ବ ଥିବାର ଭାଇ ହିଡ଼ିମ୍ବକର, ଭୟରେ କେହି ତାହାର ଭଉଣୀକୁ ବିବାହ କରିବାକୁ ସାହସ କରୁ ନ ଥିଲେ । ସେଥିପାଇଁ ଅସୁରୀ ଭୀମଙ୍କୁ ପତିପଦରେ ବରଣ କଲା । ନାରୀର ପତି ବା ପ୍ରଣୟୀ ତୁଳନାରେ ସୋଦର ଯେ ତୁଚ୍ଛ, ଏ କଥା କବି କହୁଛନ୍ତି—

"ଛାଡ଼ିଲି ସୋଦର, ଲଜ୍ଜା କୁଳ ତେଜ୍ୟା କଲି ।"

ଘୋର ସଂଗ୍ରାମରେ ପାଣ୍ଡବମାନଙ୍କର ତ୍ରାସ ଦେଖି ଅସୁରୀ କହିଲା, "ସମସ୍ତେ ମୋ କାନ୍ଧରେ ବସନ୍ତୁ ।" କିନ୍ତୁ ଭୀମ ବିଶ୍ୱାସ କଲେ ନାହିଁ । ସେ ଭାବିଲେ ଏହା ଅସୁରୀର ମାୟା ।"

"ଭୀମ ବୋଇଲା ଜାଣିଲି ମୁଁ ତୋହର ମନ
କାନ୍ଧେ ବସାଇ ଆମ୍ଭଙ୍କୁ ଗିଳିବୁ ବହନ ।"

ହିଡ଼ିମ୍ବିକା ଦୁଃଖିତା ହୋଇ ଶପଥ କରି କହିଲା —

"ହିଡ଼ିମ୍ବିକା ବୋଲେ ଯେବେ କଲୁ ତୁ ଅପ୍ରତେ
ଅଲଂଘିତ ନିୟମ ମୁଁ କଲି ତୋ ଅଗ୍ରତେ
ଯେବେ ତୋ ଦେହରେ କିଛି ପରାକ୍ରମ ଅଛି
ଅସୁର ତୁଲେ ସଂଗ୍ରାମ କରି କିନା ପାଇଁ ।
ତୁ ମୋର ବଲ୍ଲଭ ମଲେ ମୋର ହେବ ଖେଦ
ତୋହର ମୋହର ଆତ୍ମା ଅଟଇ ଅଭେଦ ।"

ଅସୁରୀ ହେଲେ ସୁଦ୍ଧା ମାନବୀ ପରି ନାରୀର ମମତା ପ୍ରଣୟୀ ଜନ ପ୍ରତି ଦୁରନ୍ତ । ଭ୍ରାତା ସମ୍ପର୍କଠାରୁ ପ୍ରଣୟୀ ଜନର ମୂଲ୍ୟ ନାରୀ ନିକଟରେ ବେଶି । ସେଥିପାଇଁ ପିତା ଭ୍ରାତାଠାରୁ ନାରୀ ପକ୍ଷରେ ପତି ଅଧିକ । ଦକ୍ଷ-ଯଜ୍ଞରେ ସତୀ ପିତାଙ୍କର ପତିଙ୍କୁ ଅପମାନ ଦେବା ଦେଖି 'ଯଜ୍ଞକୁଣ୍ଡରେ' ପ୍ରାଣ ବିସର୍ଜନ କରିବା କଥା ପୁରାଣ ଇତିହାସ କହେ । ଅସୁରୀ କହିଲା :—

"ତା ମୃତ୍ୟୁଭେଦ କହଇ ହେବ କ ତୋ ସାଧ
ଯେବଣଠାରେ ମାରିଲେ ସେହି ହେବ ବଧ ?"

ଭୀମ କହିଲେ, "ଯଦି ତ୍ରିବାର ସତ୍ୟ କରି ମୋର ପତ୍ନୀ ହେବାକୁ ଇଚ୍ଛା କରୁଛୁ ତେବେ ତୋର ଭ୍ରାତାର ମୃତ୍ୟୁଭେଦ କଥା କହ ।"

ହିଡ଼ିମ୍ବିକା ଭୀମଗତପ୍ରାଣା । ସେଥିପାଇଁ ଆବାଲ୍ୟ ସୋଦର—ସ୍ନେହଶୀଳ ହିଡ଼ମ୍ବକ ମୁହୂର୍ତ୍ତିକ ମଧ୍ୟରେ ଭଗ୍ନୀର ଶତ୍ରୁ ହୋଇ ପଡ଼ିଲା । ପ୍ରେମର ଯାଦୁକର ମାୟା ସୋଦରପ୍ରୀତି ଉପରେ ଜୟଲାଭ କଲା । ନାରୀଚରିତ୍ର ଯେପରି କୋମଳ, ସେହିପରି ଅନ୍ତରଙ୍ଗ ଭାବାନୁରାଗୀ ଓ ମୁହୁର୍ମୁହୁଃ ପରିବର୍ତ୍ତନଶୀଳ । ହିଡ଼ିମ୍ବିକା ସୋଦରର ମୃତ୍ୟୁଭେଦ ପ୍ରଣୟୀ ନିକଟରେ ପ୍ରକାଶ କଲା । ଜଣେ ଅଜ୍ଞ ଅପରିଚିତ ପୁରୁଷ ନାରୀଚରିତ୍ରର ଚିରପରିଚିତ ବନ୍ଧନୀ ମଧ୍ୟରେ ଅନାୟାସରେ ଧରା ପଡ଼ିଲା । ପରିଚିତ ସୋଦର ଅପରିଚିତର ବ୍ୟବଧାନକୁ ଚାଲିଗଲା । ସାରଳା ଦାସଙ୍କର ଅନ୍ତର୍ଦୃଷ୍ଟି କେଡ଼େ ତୀବ୍ର—ତୀକ୍ଷ୍ଣ । ନାରୀର ଜନ୍ମସଂସ୍କାର ସହିତରେ ଆସିଥିବା ସ୍ୱାର୍ଥପରତାକୁ ସେ ଅଳ୍ପ କଥାରେ ଫୁଟାଇଛନ୍ତି —

ଭୀମ ପ୍ରଣୟିନୀର କଣ୍ଠିତ ମନସ୍ତାପର ଆଶଙ୍କା କରି କହିଲେ—
"ଆବର କଥା ଏ ତୋତେ ମାଗେ ପ୍ରିୟସଖି
ନ ପୁଣ ତୁ ଦୁଃଖ କରୁ ଭାଇ ମୃତ୍ୟୁ ଦେଖି ।"

ଉତ୍ତର ଆସିଲା :—
"ହିଡ଼ିମ୍ବିକା ବୋଇଲା ଯେ ତୁମ୍ଭର ବଇରୀ
ମୋହର ଅଟଇ ଶତ୍ରୁ ବେଗେ ପକା ମାରି ।"

ସଂଗ୍ରାମକାଳରେ ହିଡ଼ମ୍ବକ ଦେଖିଲା, ଅନ୍ତରୀକ୍ଷ ପଥରେ ଭଗିନୀ ରୁଦ୍ର-ଦଣ୍ଡ ଶୂଳଶକ୍ତି ଘେନି ବେଗରେ ଆସୁଛି । ସୋଦର ଆନନ୍ଦିତ ହୋଇ ଭଗ୍ନୀକୁ ଅସ୍ତ୍ର ମାଗିଲା । କିନ୍ତୁ—
"ଭୀମସେନ ଡାକିଲାକ ଅସୁରୀକୁ ଦେଖି
ତାର ହସ୍ତେ ଶକ୍ତି ନେଇ ଦେଲା ହିଡ଼ିମ୍ବିକା ।"

ଏହା ଦେଖି ଦନୁଜର ପ୍ରାଣ ଉଡ଼ିଗଲା । ସେ ଜାଣିଲା, ମୃତ୍ୟୁ ନିଶ୍ଚିତ । ଦାନବକୁ ହତ କଲା ପରେ ହିଡ଼ମ୍ବିକାକୁ ଭୀମସେନ ମାତା କୁନ୍ତୀଙ୍କ ନିକଟରେ ପହଞ୍ଚାଇଲେ । ଅସୁରୀ କୁନ୍ତୀଙ୍କୁ ପ୍ରଣାମ କଲା । ଭୀମ ମାତାଙ୍କୁ ଅସୁରୀର ମାୟାକପଟହୀନ ସତ୍ୟ କହି ହିଡ଼ମ୍ବିକାର ପରିଚୟ ଦେଇ ପ୍ରଣାମ କଲେ । କୁନ୍ତୀ ହିଡ଼ମ୍ବିକାର ଉଦ୍ଦେଶ୍ୟ ଓ ଆକାଙ୍‌କ୍ଷା ବୁଝି କହିଲେ, "ଯୁଧିଷ୍ଠିର ମୋର ଜ୍ୟେଷ୍ଠ ପୁତ୍ର, ତାକୁ ବାଛି ନ କରି ଭୀମକୁ ଆଶା କରୁଛୁ କାହିଁକି ?

"ହିଡ଼ମ୍ବା ଅସୁରୀ ହେଲେ କଣ ହେବ, ସେ କହିଲା ।—

"ହିଡ଼ମ୍ବା ବୋଇଲା ଯାର ଯାହାଠାରେ ଭାବ<br>
ପ୍ରଜାପତି ଭିଆଇଛି ନୁହେଁ ଆନ ଠାବ ।<br>
ସମୁଦ୍ର ମନ୍ଥିଲେ ଦେବ ଦୈତ୍ୟ ସତ୍ୟ ଯୁଗେ<br>
କମଳା ଜନମ ହେଲେ କୃଷ୍ଣର ଉଦ୍‌ଯୋଗେ ।"

ଜ୍ୟେଷ୍ଠ ଭାଇଙ୍କ ଆଦେଶ ବିନା ପାଣ୍ଡବମାନେ କିଛି କରନ୍ତି ନାହିଁ । ଭୀମଙ୍କୁ ଯୁଧିଷ୍ଠିର ହିଡ଼ମ୍ବୀ ସମ୍ବନ୍ଧରେ କିଛି ଆଜ୍ଞା ଦେଇ ନ ଥିଲେ । ସେଥିପାଇଁ ଭୀମ କାଳେ ହିଡ଼ମ୍ବିକା ପତି ହେବାକୁ କୁଣ୍ଠିତ ହେବେ ଭାବି ଯୁଧିଷ୍ଠିର କହିଲେ —

"...................ନ ଭାଳ ତୁ ଚିତ୍ତେ<br>
ଆଦ୍ୟରୁ ଭବାନୀ ସେହି ଲାଳିଅଛି ତୋତେ ।"

ମୂଳ ମହାଭାରତରେ ଅସୁରୀ ସହିତ ଭୀମଙ୍କ ଗାନ୍ଧର୍ବ ବିବାହ କଥା ଲିଖିତ । କିନ୍ତୁ ଆମ କବି କେବଳ ଗାନ୍ଧର୍ବ ବିବାହ କରାଇ ଦେଇ ବିବାହ ଉତ୍ସବକୁ ଛାଡ଼ି ଦେବାର ପାତ୍ର ନୁହନ୍ତି । ଗାନ୍ଧର୍ବ ବିବାହ ସହିତ ହୋମ, ଯଜ୍ଞ, ବେଦୀ, ଲଗ୍ନ, ବାର, ତିଥି, ନକ୍ଷତ୍ର, ଯୋଗ, କରଣ ସବୁ ସମ୍ପନ୍ନ କରାଇ ତୃପ୍ତ ହୋଇଛନ୍ତି ।

ମୂଳ ମହାଭାରତରେ ହିଡ଼ମ୍ବିକା ପୁତ୍ରର ଘଟୋତ୍କଚ ନାମ ରହିବାର କାରଣ ଉଲ୍ଲେଖ ନାହିଁ । ମାତ୍ର ଆମ କବିଙ୍କ ଉର୍ବର କଳ୍ପନାରେ ଶିଖଣ୍ଡୀ ଭୀଷ୍ମଙ୍କ ଶିର ଖଣ୍ଡିବେ ବୋଲି ନପୁଂସକ ଶିଖଣ୍ଡୀଙ୍କୁ ତାଙ୍କ ପିତା ଦ୍ରୁପଦ ରାଜ ଯେପରି 'ଶିଖଣ୍ଡି' ନାମରେ ନାମିତ କରିଥିବା ଲେଖିଛନ୍ତି, ସେହିପରି

ଘଟ ପରି ମସ୍ତକରେ କେଶମାନ ଉର୍ଦ୍ଧ୍ୱ ଥିବାରୁ କୁମାରର ନାମ ଘଟୋତ୍କଚ ହେବାର ଲେଖିଛନ୍ତି ।

"ପୁତ୍ରର ମସ୍ତକ ଗୋଟି ଘଟର ଆକାର
କଚ ସବୁ ଊର୍ଦ୍ଧ୍ୱ ମୁଖେ ଉଚ୍ଚେ ଫରଫର ।
କ୍ଷୀର ପାନ କରି ପୁତ୍ର ଲଭିଲ୍‌କ ଶାନ୍ତି
ଘଟୋତ୍କଚ ନାମ ତାର ରଖିଲେକ କୁନ୍ତୀ ।"

ଏହି କାରଣ ଦେଇ ସାରଳା ଦାସ ହିଡ଼ିମ୍ବିକାର କଥା ଲେଖିଛନ୍ତି ।

---

## (ଖ) ମୁକୁସୁଲି

ସାରଳା ମହାଭାରତରେ ରାଣୀ ରାଜକୁମାରୀ ଗହଣରେ ବହୁ ସଂଖ୍ୟକ ମୁକୁସୁଲି ସଖୀ, ପରିଗୃହୀ ବା ପୋଇଲୀମାନଙ୍କର ଖଣ୍ଟଣି କଥା ଉଲ୍ଲେଖ ହୋଇଅଛି । ସେମାନେ ନୀଚକୁଳଜାତା ହେଲେହେଁ ସେମାନଙ୍କର ସାଧାରଣ ବୁଦ୍ଧିବୃତ୍ତି ଯେ ପ୍ରଖର ଥିଲା, ତାହା ମହାଭାରତ ପାଠକ ପାଠିକାଙ୍କୁ ଗୋଚର ଥିବ । ରାଜାନ୍ତଃପୁରର କୌଣସି କାର୍ଯ୍ୟ ଏମାନଙ୍କ ସାହାଯ୍ୟ ଓ ସହାୟତା ବ୍ୟତିରେକେ ସମ୍ପନ୍ନ ହେଉ ନ ଥିଲା । ଏହାର ପରମ୍ପରା ଅଦ୍ୟାପି ରାଜଗଆସ ମାନଙ୍କରେ ରହିଛି । ବିବାହ, ଦୌତ୍ୟ ଓ ଅନ୍ୟାନ୍ୟ ସେବା କାର୍ଯ୍ୟରେ ସେମାନଙ୍କୁ ନିଯୁକ୍ତ କରା ଯାଉଥିଲା । ସେମାନେ ପ୍ରତ୍ୟୁତ୍ପନ୍ନମତି ଥିଲେ ।

ହାରାବତୀ ହରଣ ଅଧ୍ୟାୟରେ ନିକୁମ୍ଭ ନାମକ ଦୈତ୍ୟ ରମ୍ଭାକନ୍ୟା ହାରାବତୀଙ୍କୁ ହେରାଇ ଆଣି ସ୍ୱପୁରରେ ପତ୍ନୀରୂପେ ରଖିଥିଲା । କିନ୍ତୁ ହାରାବତୀ ନିକୁମ୍ଭକୁ ଅତ୍ୟନ୍ତ ଘୃଣା କରି ବୀତରାଗ ହୋଇଥିଲା । ଯେବେ ଅର୍ଜ୍ଜୁନଙ୍କୁ ହାରାବତୀ ଦେଖିପାରି ବଳପୂର୍ବକ ଘେନି ଆସି ନିଜ ଘରେ ରଖିଲା । ଅର୍ଜ୍ଜୁନ ହାରାବତୀର ସମ୍ପର୍କରେ ଭାଇ ହେବେ ବୋଲି ହାରାବତୀ ପ୍ରସ୍ତାବରେ ତାକୁ ବିବାହ କରିବାକୁ ଅନିଚ୍ଛୁକ ହେଲେ ।

ଭାଗବତୀର ସକଳ ଆବେଦନ ବ୍ୟର୍ଥ ହେଲାରୁ କ୍ରୋଧରେ ସେ ଅର୍ଜୁନଙ୍କୁ ଅସହାୟ ଅବସ୍ଥାରେ ଦେଖି ଗୋଟିଏ ଜୀର୍ଣ୍ଣ କୂପରେ ପକାଇ ଦେଇଥିଲା । ଉଲୁକବଦ୍ୟାରେ ଭାଗବତୀ ଅଭିଜ୍ଞ ଥିବାରୁ, ଅର୍ଜୁନଙ୍କୁ ଉଦ୍ଧାର କରିବାର ଉପାୟ ମଧ୍ୟ ତାହାକୁ ଜଣା ଥିଲା ।

ଏହି ସମୟରେ ଦିନେ ନିକୁମ୍ଭ ଦୈତ୍ୟ ପତ୍ନୀ ନିକଟକୁ ଯିବାକୁ ଇଚ୍ଛା କଲା । ପ୍ରକୋଷ୍ଠ ଭିତରୁ ବନ୍ଦ ରହିଥିବାରୁ ଦୈତ୍ୟ ରାଜା ମୁହୁସୁଲୀ-ମାନଙ୍କୁ କବାଟ ଖୋଲିବାକୁ ଅନୁଜ୍ଞା କଲା । ସେମାନେ କହିଲେ, "ତୁମ୍ଭେ ବରଂ ପ୍ରଭାତ ପର୍ଯ୍ୟନ୍ତ ସେହିଠାରେ ରହିଥାଅ । ରାଣୀ ପହୁଡ଼ିଛନ୍ତି, କବାଟ ଖୋଲିବାକୁ ଆଜ୍ଞା ନାହିଁ ।

"ମୁହୁସୁଲୀ ବୋଲେ ଦ୍ୱାର ନ ଫେଡୁ ଏକାଳେ
ଠାକୁରାଣୀ ଯେ କୋପିବେ କବାଟ ଫେଡ଼ିଲେ ।
ନିଶ୍ଚୟ ଯେବେ କି ତୁମ୍ଭେ ବଜେ କଲ ରାୟେ
ସେହିଦ୍ୱାରେ ରହିଥାଅ ପ୍ରଭାତର ଯାଏ ।
ନିଶିରେ ଦ୍ୱାର ଫେଡ଼ିବା ହୋଇ ନାହିଁ ଆଜ୍ଞା
ତାଙ୍କ ଆଜ୍ଞାକୁ କେମନ୍ତେ କରିବୁ ଅବଜ୍ଞା " (ବନପର୍ବ)

ନିକୁମ୍ଭ କହିଲା—

''ନିକୁମ୍ଭ ବୋଲେ ଯେବେ ଗୋ ନ ଫେଡ଼ିବ ଦ୍ୱାର
ପ୍ରଭାତେ କାଟିବି ନିଶ୍ଚେଁ ସମସ୍ତଙ୍କ ଶିର ।"

ପ୍ରଭାତ ହେଲାରୁ ରାଜା କବାଟ ବନ୍ଦ ରଖିବା କାରଣ ମୁହୁସୁଲୀଙ୍କୁ ପଚାରିଲେ । ମୁହୁସୁଲୀମାନେ ଏପରି ଗୋଟିଏ ସ୍ୱାଭାବିକ ଏବଂ ପ୍ରାକୃତିକ ବିଶ୍ୱାସଯୋଗ୍ୟ କାରଣ ଦର୍ଶାଇଲେ ଯହିଁରେ ଦୈତ୍ୟ ବିଶ୍ୱାସ କରି ଶାନ୍ତ ହେଲା ।

ନିକୁମ୍ଭ ଭାଗବତୀ ନିକଟରୁ ବିଦାୟ ହୋଇ ଆସିଲା ବେଳେ କହିଲା—

''ନରଗନ୍ଧ ଗନ୍ଧାଇଲେ ସଲଇ ମୋ ଜିହ୍ୱା
କେବଣ ଜାତି ପୁରୁଷ ପୁରେ ଅଛି ଅବା ?

ହାରାବତୀ ତୁନୀ ପଡ଼ିଲାରୁ ଦୈତ୍ୟମନରେ ଘୋର ସନ୍ଦେହ ହେଲା । ସେ ସାପ ଧରି ପ୍ରକୋଷ୍ଠରେ ମନୁଷ୍ୟର ସନ୍ଧାନ କଲା । ହାରାବତୀ ଛଳନା କରି କହିଲା,

"ହାରାବତୀ ବୋଲେ ଯେବେ ଅପ୍ରତେ ଦୋହର
ମୁହିଁ ତ ମନୁଷ୍ୟ ନମାରେ କର ଯେ ଆହାର "

ନିକୁମ୍ଭ—

"ଶିବ ଶିବ କରି ମୁଖେ ନିକୁମ୍ଭ ରାକ୍ଷସ
ନିଜ ଭବନରେ ଯାଇ ହୋଇଲା ପ୍ରବେଶ ।"

ହାରାବତୀ ଚରିତ୍ରକୁ ସାରଳା ଦାସ ଅତି ନୀଚ ଉଚ୍ଛୃଙ୍ଖଳ ଓ ଅସଂଯତ ଭାବରେ ଦେଖାଇଛନ୍ତି । ହାରାବତୀ ସୁନ୍ଦରୀ, କିନ୍ତୁ ସେ ମୋହିନୀ, ନାଗାନ୍ତ୍ର ଓ ଉଲୂକ ବିଦ୍ୟାରେ ବିଦୁଷୀ । ସେଥିପାଇଁ ସେ ଅର୍ଜ୍ଜୁନବୀରଙ୍କୁ ନିଜର ଭୋଗାଧୀନରେ ରଖିବାର ପ୍ରସ୍ତାବ କରି ପାରିଲା । ହାରାବତୀ ନିଜ ସ୍ୱାର୍ଥ ନିମନ୍ତେ ନିକୁମ୍ଭକୁ ଛଳିବା, ମିଥ୍ୟାଜାଲ ବିସ୍ତାର କରିବା, କୌଶଳ କରି ନିକୁମ୍ଭକୁ ହତ୍ୟା କରାଇ ଶେଷରେ ଇନ୍ଦ୍ରସଭାରେ ଦେବତାମାନଙ୍କ ସାହାଯ୍ୟରେ ଅର୍ଜ୍ଜୁନଙ୍କୁ ପତିରୂପେ ପାଇବା କଥା ଲିଖିତ ଅଛି ।

ମୃଦୁସୁଲିମାନଙ୍କର ଚରିତ୍ର ଏହି ଶ୍ରେଣୀର ବୋଲି ଏହି କନ୍ୟା ଚରିତ୍ର ମୃଦୁସୁଲିମାନଙ୍କ ଚରିତ୍ର ଚିତ୍ରଣ ସହ ଗ୍ରଥିତ ହେଲା ।

ବିରାଟ ସେନାପତି କୀଚକ ଦ୍ରୌପଦୀଙ୍କୁ ନିଜର ଭୋଗାୟତ୍ତ କରିବା ପାଇଁ ମୃଦୁସୁଲିମାନଙ୍କ ଦ୍ୱାରା ନାନା ମହାର୍ଘ ଉପହାରମାନ ପ୍ରେରଣ କରିଥିଲା । ବିରାଟ ରାଣୀ ସୁଦେଷ୍ଣାଙ୍କ ଦାସୀ କରୁଣା ଏହି ଭଳି ଦୌତ୍ୟ କାର୍ଯ୍ୟରେ ଥାଇ ଶେଷରେ ନିରାଶ ହୋଇଥିଲା । ଦ୍ରୌପଦୀଙ୍କ ପରିଚାରିକା ଓ ସଖୀ କେଶିନୀ ମଧ୍ୟ ଅତ୍ୟନ୍ତ ବୁଦ୍ଧିମତୀ ଥିଲା । ପୁଣି ଦ୍ରୌପଦୀଙ୍କ ବିବାହ ପରେ ଦ୍ରୁପଦରାଜା କେଶିନୀକୁ କନ୍ୟାଙ୍କ ସହିତ ଯୌତୁକ ସ୍ୱରୂପ ତାଙ୍କ ସ୍ୱାମୀଗୃହକୁ ପଠାଇଥିଲେ ।

ମୃଦୁସୁଲିମାନେ ରାଜକୁମାରୀ ଓ ରାଣୀମାନଙ୍କୁ ପ୍ରସାଧନ କରାଉଥିଲେ । ସେମାନେ କନ୍ୟା ସ୍ୱୟମ୍ବରା ହେବାକୁ ସଭାମଣ୍ଡପକୁ ଗଲାବେଳେ କନ୍ୟାକୁ

ସଙ୍ଗରେ ନେଇ ଯାଉଥିଲେ । ପୁଣି କୁମାରୀଙ୍କୁ ସଭାସ୍ଥ କୁମାରମାନଙ୍କର ପରିଚୟ ପ୍ରଦାନ କରୁଥିଲେ । ବରଣମାଳ ମଧ୍ୟ ପରିଚାରୀମାନେ ଧରି ଯାଉଥିଲେ । ବିବାହରେ ନାରୀ-ଅଗ୍ରମାନ ଓ ବରକନ୍ୟାଙ୍କୁ ସ୍ନାନ କରାଇବା, ଲୁଗା ପିନ୍ଧାଇବା, ବେଦୀକୁ ନେବା କାର୍ଯ୍ୟ ଏମାନେ କରୁଥିଲେ । ବିବାହ ପରେ ବର କନ୍ୟାଙ୍କୁ ଏମାନେ ବେଶ ଭୂଷଣ କରାଉଥିଲେ । ଶଙ୍ଖ ବଜାଇବା, ହୁଳହୁଳୀ ପକାଇବା କାର୍ଯ୍ୟ ଏମାନଙ୍କର ପ୍ରଧାନ ଥିଲା । ବିବାହ ବେଦୀ ନିକଟରେ ମଙ୍ଗଳ ଗାଇବା, ନୃତ୍ୟ କରିବା ଏମାନଙ୍କର କର୍ତ୍ତବ୍ୟ ଥିଲା । କନ୍ୟାମାନଙ୍କୁ ଅଳତା, କୁଙ୍କୁମ, କସ୍ତୁରୀ, ହରିଦ୍ରା, ସୁଗନ୍ଧ ଚନ୍ଦନ, କର୍ପୂର, ସୁବାସଜଳ ଯୋଗାଇ ଦେବାରେ ଏମାନେ ଅଭଜ୍ଞା ଥିଲେ । ଏହା ଛଡ଼ା ରାଜକୁମାର ଓ ରାଜକୁମାରୀମାନଙ୍କର ପ୍ରଣୟ ବ୍ୟାପାରରେ ଦୌତ୍ୟକାର୍ଯ୍ୟ ଏମାନେ ସମ୍ପାଦନ କରୁଥିଲେ । ଏହି କର୍ମମାନ ଚିରକାଳ ଧାଇ ପୋଇଲୀମାନେ ସମାଜରେ କରି ଆସୁଅଛନ୍ତି ।

ଚନ୍ଦ୍ରାବତୀ ପରିଣୟ କାଳରେ ଶାମ୍ବ ଗୋପନରେ ଚନ୍ଦ୍ରାବତୀ-ପୁରରେ ରହିଥିବ କଥା ନାରଦଙ୍କଠାରୁ ରାଜା ଦୁର୍ଯ୍ୟୋଧନ ଶୁଣିଲେ । କ୍ରୋଧରେ ପ୍ରଜ୍ୱଳିତ ହୋଇ ମୃଦୁସୁଳୀକୁ ଡାକି କହିଲେ:—

"ମୃଦୁସୁଳୀ ରାଣ ଆଜ୍ଞା ଦେଲେ ନରପତି
ମେଢ଼ରେ ପଶି ବୁଝି ଲୋ ଏ କେମନ୍ତ ରୀତି ।
ମେଧା ନାମେ ମୃଦୁସୁଳୀ ପଶିଲା ଭିତରେ
ଚନ୍ଦ୍ରାବତୀ ନରେ ଥିଲା ତାକୁ ଆସି ଦ୍ୱାରେ ।
ରାଗେ ମୃଦୁସୁଳୀ ଫେଲି ପକାଇ ଚଉରୀ
ଦେଖିଲା କୁମର ଏକ ଶସ୍ତ୍ର ଅଛି ଧରି ।"

ମୃଦୁସୁଳୀମାନେ ଅପ୍ରତ୍ୟାଶିତ ଭାବରେ କୁମାରୀଗୃହରେ ଏକ ତେଜସ୍ୱୀ ଧନୁର୍ଦ୍ଧାରୀ ପୁରୁଷ ଦେଖି ଆଚମ୍ବିତ ହେଲେ । କୁମାରୀ ଜୀବନର କଣ୍ଟିତ ଆଶଙ୍କା କରି ଶାମ୍ବକୁ କହିଲେ, "ଏଠାରୁ ଶୀଘ୍ର ଲମ୍ଫନ କର, ଗୋଟିଏ ନାରୀ ଯୋଗୁ ମୃତ୍ୟୁକୁ ବରଣ କର ନାହିଁ ।"

ଉଷା ହରଣରେ କୁମାର ଅନିରୁଦ୍ଧ ଗୋପନରେ ଉଷା ସହିତ ଦ୍ୟୁତକ୍ରୀଡ଼ା ସମ୍ବାଦ ପାଇ ଉଷାପିତା ବାଣାସୁର ସମ୍ବାଦର ତଥ୍ୟ ବୁଝିବାକୁ ମୁଦୁସୁଲିମାନଙ୍କୁ ପଠାଇଲା ।

"ଶୁଣି ମୁଦୁସୁଲିମାନେ ଅଇଲେକ ଖରେ
ବେଗେ ଜଣାଇଲେ ଆସି ନୃପତି ସ୍ମମୁରେ ।

× × ×

ତଗର କହିବା କଥା ଅଟେ ଦେବ ସତ ।"

ମୁଦୁସୁଲିମାନଙ୍କଠାରୁ ସଖୀ ବା ସଙ୍ଗାତମାନଙ୍କର ପରିବାରରେ ବିଶ୍ୱସ୍ତ ସ୍ଥାନ ରହିଥିଲା । ସେହି କାରଣରୁ ଉଷା ସଖୀଙ୍କୁ କହୁଛି —

"ତୁ ମୋତେ ସଙ୍ଗାତ ଆଗୋ ହୁଅସି ସଦୟେ
ପାଦ ଧରି କରି କହେ କହୁତ ବିନୟେ ।

× × ×

ଅବିଳମ୍ବେ ପତି ମୋତେ ନଷ୍ଟେଁ ଆଣି ଦବୁ ।"

ପ୍ରଣୟୀ ବିରହରେ ଉଷା ମ୍ରିୟମାଣ ହୋଇଥିଲା । ସେ ଅନିରୁଦ୍ଧର ଚନ୍ଦ୍ରପଟ୍ଟ ଧରି ଦିବସ ଯାମିନୀ ବସି କାନ୍ଦୁଥିଲା । ଯେଉଁଦିନ ସଖୀ ଚିତ୍ରରେଖା ଅନିରୁଦ୍ଧର ଅଚେତନ ଅବସ୍ଥାରେ ତାକୁ ଆକାଶ ମାର୍ଗରେ ପଲଙ୍କ ଉପରେ ରଖି ଘେନିଆସି ଉଷା ସମୀପରେ ପହଞ୍ଚାଇଲା, ସେହି କାଳରେ ଉଷା ଅତ୍ୟନ୍ତ ଆନନ୍ଦରେ ବିହ୍ୱଳ ହୋଇ

"ସଖୀକୁ ଦେଖି କୁମାରୀ ଉଠିଲା ଆସନୁ
ଧାଇଁ ଯାଇ କୋଳ କଲା ଅସୁରର ସୂନୁ ।"

ଉଷା କହିଲା:—

"ଆଜହୁଁ ମୁଁ ସଖୀ ତୋର ହେଲି ପରିଗୃହୀ ।" (ମଧ୍ୟପର୍ବ)

ସୁରେଖାର ପିତା କନ୍ୟା ବୟଃପ୍ରାପ୍ତା ହେବାରୁ ତାହାକୁ ମୁଦୁସୁଲି ପୋଇଲୀ ପରିବାରୀଙ୍କ ଜିମାରେ ରଖାଇ ବର ଖୋଜିବାକୁ ଗଲେ ।

"ପୋଇଲୀ ପରିବାରୀଏ ଏଥା ସଙ୍ଗେ ଥାନ୍ତି
ନାନା କଉତୁକେ ତାର ମନକୁ ରଞ୍ଜାନ୍ତି ।"

ସୁରେଖାର ପ୍ରଣୟୀକୁ ତାର ପିତା ବନ୍ଦୀ କରି ରଖିବାରୁ ସେ ଶୋକରେ ଆକୁଳ ହେଲା ।

"ଦାସୀ ପରିବାରୀମାନେ ବସି ଭସ୍ମାରିଲେ
ଅନେକ ପ୍ରକାରେ ତାକୁ ପ୍ରବୋଧନା ଦେଲେ ।"

ସୁରେଖା ବିବାହବେଳେ

"କୁମାରୀ ପାଖକୁ ଦାସୀମାନେ ଧାଇଁ ଗଲେ
ମେଢ଼ରେ ସେ କୁମାରୀଙ୍କି ବେଶ କରାଇଲେ ।"

କୀଚକ ଉପାଖ୍ୟାନରେ କୀଚକ ଦାସୀ କରୁଣା, ଭଉଣୀ ବିରାଟ ରାଣୀ ସୁଦେଷ୍ଣା ନିକଟକୁ ବାର୍ତ୍ତା ଓ ଉପହାର ନେଇ ଆସିଲା । ସୁଦେଷ୍ଣା ଭାଇ ପଠାଇଥିବା ଉପହାର ପାଇ ବାପଘର ପରିବାରର ସମସ୍ତଙ୍କର କୁଶଳ ସମାଚାର ପଚାରିଲେ ।

ବାପଘରୁ ଶାଶୁଘରକୁ ଯେଉଁ ଧାଙ୍ଗ ପୋଇଲାମାନେ ଭାର ବା ଚିଠି ଝିଅ ନିକଟକୁ ନେଇ ଶଙ୍ଖୋଳିବାକୁ ଯାଆନ୍ତି, ଝିଅମାନେ ସେମାନଙ୍କୁ ପିତୃକୁଳର ସମସ୍ତଙ୍କ କୁଶଳ କଥା ପଚାରନ୍ତି । ଏହା ଆମର ଗ୍ରାମ ଓ ସହରର ସମାଜରେ ଅଦ୍ୟାପି ପ୍ରଚଳିତ । ଏ ପରମ୍ପରା ସାରଳା ଦାସଙ୍କ ସମାଜରେ ମଧ୍ୟ ଥିଲା । ତେଣୁ କରୁଣା ସୁଦେଷ୍ଣାକୁ କହିଲା :—

"ସବୁ କୁଶଳ କହଇ ଚତୁରୀ ରମଣୀ
ସକଳେ କୁଶଳେ ଛନ୍ତି ଶୁଣ ଠାକୁରାଣୀ
ଏକା କୀଚକର ହୋଇଅଛି ଗୁରୁବ୍ୟାଧି ।"

କରୁଣା କହିଲା, ବହୁଔଷଧ ପ୍ରୟୋଗ ହୋଇ ସୁଦ୍ଧା କୀଚକ ରୋଗମୁକ୍ତ ହେଉ ନାହାନ୍ତି । ତୁମ୍ଭ ନିକଟରେ ଯେ ସୈରିନ୍ଧ୍ରୀ ନାମକ ଦାସୀ ଅଛି, ତାକୁ କୀଚକ ପାଇଲେ ରୋଗମୁକ୍ତ ହେବେ ।

ଭାଇର ନିର୍ଲଜ୍ଜତା, ହୀନତା ଓ ପାପ ପ୍ରବୃତ୍ତି ଦେଖି ବଡ଼ ଭଉଣୀ ସୁଦେଷ୍ଣା ଆଶ୍ଚର୍ଯ୍ୟ ବୋଧ କରି ସ୍ୱଗତୋକ୍ତି କରୁଅଛନ୍ତି —

"ନଷ୍ଟଜନ୍ମ ଭାଇର ମୋର ଶିରୀ ହେଲା ଚ୍ୟୁତ
ଭଗ୍ନୀଠାକୁ କେମନ୍ତେ ସେ ପେଶିଲାକ ଦୂତ ?

ମୋତେ କହିବାକୁ କି ସେ ନ ପାଇଲା ଲଜ୍ଜ୍ୟା
ବିପଦ ବେଳେ ପ୍ରାଣୀଙ୍କ ହୀନ ବୁଦ୍ଧି ଖଞ୍ଜା ।
ଦଇବ ବୁଦ୍ଧିରେ ବେଗ ହୋଇ ସେ ମରଇ
ପରସ୍ତ୍ରୀ ପରଧନ ଆଶ ଯେ କରଇ ।
ସତ୍ୟ କାୟା ଛାଡ଼ି ସେହି ଅସତ୍ୟେ ରହଇ
ପରମାୟୁ ଥାଉଁ ଥାଉଁ ସେ ପ୍ରାଣୀ ମରଇ ।"

ଏହି ଗର୍ବଗର୍ଭ ବଚନ ଶୁଣି ରାଜକୁଳକାମିନୀଙ୍କ ସହିତ ଅନ୍ୟ ଦାସୀମାନେ କରୁଣାକୁ ଝିଙ୍ଗାସି ଗାଳିଦେଲେ । କରୁଣା ରାଗଜର୍ଜର ହୋଇ ସୈରନ୍ଧ୍ରୀଙ୍କୁ କହିଲା—

"କେ ତୋହର ପିତା ମାତା କେ ତୋର ସୋଦର
ତୋତେ ଦେଖିଣ ବାଇ ଯେ କୀଚକ ଠାକୁର ।
ବହୁତ ପ୍ରତିଉତ୍ତର ଦଅଇ ପୋଇଲି
ସମସ୍ୟାକୁ ନ ଦଅନ୍ତି ଦ୍ରୁପଦ ଦୁଲାଳୀ ।"

ସୁଦେଷ୍ଣା କରୁଣା ଦାସୀକୁ କହିଲେ, "ଭିଇକୁ କହ, ଆଉ ଏପରି ନୀଚ ପ୍ରସଙ୍ଗ ନ ଆଣୁ ।" କରୁଣା ସୁଦେଷ୍ଣାଙ୍କଠାରୁ ବିଦାୟ ନେଇ ଆସି କୀଚକକୁ ସୁଦେଷ୍ଣାଙ୍କ ମତ ଜଣାଇଲା । ପୁଣି କହିଲା, ସୈରନ୍ଧ୍ରୀ ବିରାଟ ପୁରର ଦାସୀ ହୋଇ ରାଣୀଙ୍କ ଶରଣରେ ରହିଛି । ରାଣୀ ଶରଣାଗତା ଦାସୀକୁ ତାର ଅନିଚ୍ଛାରେ କାହାର ଉପପତ୍ନୀ ହେବାକୁ ଦେବେ ନାହିଁ । ତାହାହେଲେ ତାଙ୍କର ଶ୍ରୀହାନି ଘଟିବ ଓ ରାଜ୍ୟରେ ଅପଖ୍ୟାତି ହେବ ।

ପୁଣି ଦ୍ରୌପଦୀ ନିକଟ କୀଚକ ଦାସୀ ପଠାଇଲାରୁ ଦ୍ରୌପଦୀ ଉତ୍ତର ଦେଲେ—

"ଦାସୀମାନଙ୍କ କଥାରେ ମଜ୍ଜିଣ ଦୁର୍ବୃତ୍ତ
ମୋ' ସଙ୍ଗେ ଲାଗିଲେ ଆୟୁ ହେବ ତାର ଅନ୍ତ ।

ତା ପରେ—

ଚଳିଲେ ଚତୁରୀ ଦୁଷ୍ଟ ଅତି ପରତାପେ
ଜଣାଇଲେ ଯାଇକରି କୀଚକ ସମୀପେ ।"

ଭାଇର ଦୁଃଖ ଅସହ୍ୟ ହେଲାରୁ ସୁଦେଷ୍ଣାଙ୍କ ନୈତିକ ଚେତନା ଟିକିଏ କମିଗଲା । ସେ ଦ୍ରୌପଦୀ ହାତରେ କୀଚକ ନିକଟକୁ ପାନ ପଠାଇଲେ । ସୈରନ୍ଧ୍ରୀ ପରାଧୀନା ଦାସୀ । ସ୍ୱାମିନୀଙ୍କର ଆଜ୍ଞା ଅବଜ୍ଞା କଲେ ସେ କୋପ କରିବେ ବୋଲି ଅତି ଅନିଚ୍ଛାରେ ସେ କୀଚକ ନିକଟକୁ ପାନବାହିକା ହୋଇ ଗଲେ । ପାନ ଦେଇ କୀଚକପୁରରୁ ସେ ଫେରି ଆସିଲାବେଳେ—

"ସଖୀକୁ ଓଗାଳିଲେ ଯେ ସକଳ ପୋଇଲୀ
କୀଚକ ଅସାକ୍ଷମରେ ଧରନ୍ତି ସେ ବାଳୀ
ବାଟଭିତରେ ପେଲିଦେଲେ ଦ୍ରୁପଦ ଦୁଲାଳୀ
ଧରିଥିବା ଦାସୀମାନେ ପଡ଼ିଗଲେ ଢଳି ।"

× × × ×

କୀଚକ ନିକଟରେ—

"ବନ୍ଧୁ ଆଲିଙ୍ଗି ଗୃହର ବାଳୀମାନେ ଧରି
ଖଟୁଛନ୍ତି ଲକ୍ଷେ ତହିଁ ବିଳାସିନୀ ନାରୀ ।"

× × ×

ଦ୍ରୌପଦୀ ସ୍ୱୟମ୍ବରବେଳେ କେଶିନୀ ତାଙ୍କର ସଖୀ ଓ ଦାସୀ ରୂପେ କାର୍ଯ୍ୟ କରିଥିଲା । ସେ ସମୟରେ ସୈନ୍ୟମାନଙ୍କୁ ଦେଖି କୃଷ୍ଣା ପଚାରିଲେ :—

ବୋଇଲେ ଦ୍ରୌପଦୀ ଶୁଣ ଲୋ କେଶିନୀ
ଅଛାର ପ୍ରାୟେ ଦିଶିଲା କାହାର ବାହିନୀ ?

କେଶିନୀ—

"ମୃଦୁସୁଲ୍ଲୀ ବୋଇଲା ଗୋ ଶୁଣ ଶଶିମୁଖୀ
ଚୈଦ୍ୟ ରାଜାଙ୍କର ସୈନ୍ୟ ଆସୁଛନ୍ତି ସଖୀ ।"
"ଦ୍ରୌପଦୀ ବୋଇଲେ ଆଗୋ ଶୁଣ ମୃଦୁସୁଲ୍ଲୀ
ଏହିକ୍ଷଣି ଜାଣିବେ ମୁଁ ଶକୁନ ଦେଖିଲି ।

ଦ୍ରୌପଦୀଙ୍କ ମନ ବୁଝି କେଶିନୀ ପାଣ୍ଡବଦଳଙ୍କୁ ପ୍ରଶଂସା କଲା । ଦ୍ରୁପଦପୁରର ସେ ଅତି ବିଶ୍ୱାସୀ ଦାସୀ । ପ୍ରଭୁର ସ୍ୱାର୍ଥ ସେ ସଦା ଜାଗ୍ରତରେ ଜଗିଥାଏ । ରାଜଗୃହର ବିଶ୍ୱସ୍ତା ଦାସୀ କେଶିନୀ ପ୍ରତି ସଖ୍ୟଭାବ ଥିବାରୁ ଦ୍ରୌପଦୀ ତାକୁ ମନକଥା କହୁଥିଲେ । ଦ୍ରୌପଦୀ ବିବାହ ପରେ କେଶିନୀ ତାଙ୍କ ସହିତ ଯାଇ ପାଣ୍ଡବମାନଙ୍କ ଦୁରବସ୍ଥା ଓ କୃଷ୍ଣାଙ୍କ କଷ୍ଟ ଦେଖି ବ୍ୟଥିତ ହେଉଥିଲା । ଦ୍ରୌପଦୀଙ୍କୁ ଛାଡ଼ି ସେ ଯେତେବେଳେ ପୁଣି ପାଞ୍ଚାଳ ରାଜଭବନକୁ ବାହୁଡ଼ି ଗଲା, ପାଞ୍ଚାଳରାଜା ଝିଅର କୁଶଳ ଅବସ୍ଥା ସମ୍ବନ୍ଧରେ ପଚାରିଲାରୁ କେଶିନୀ ଦ୍ରୌପଦୀ ଯେପରି ଦରିଦ୍ର ଭାବରେ ଦୁଃଖରେ ତାଳାତପାତ କରୁଥିଲେ, ତାହା ସବୁ ଗୋପନ କରି କୁମାରୀଙ୍କର ମଙ୍ଗଳ ସମାଚାର ଶୁଣାଇଥିଲା । କାରଣ ସତ୍ୟ ପ୍ରକାଶ କଲେ, ତାର ପ୍ରଭୁ ଦୁଃଖିତ ହେବେ; ଏହି କାରଣରୁ ସେ କପଟ କରିଥିଲା ।

ଏଥିରୁ ସ୍ପଷ୍ଟ ଜଣାଯାଏ, ମୁହୁସ୍ଥଳୀ ଶ୍ରେଣୀର ସ୍ତ୍ରୀମାନେ ସେକାଳରେ ନିହାତି ଅଜ୍ଞ ଓ ନିର୍ବୋଧ ନ ଥିଲେ ।

---

## (ଗ) ସତ୍ୟ ଓ ସତୀତ୍ୱ

### ସତ୍ୟ

ସାରଳା ଦାସ ମହାଭାରତରେ ବହୁତ ଉପାଖ୍ୟାନ କଳ୍ପନା କରି ଲେଖିଛନ୍ତି । ତାଙ୍କ କାବ୍ୟରେ ଯେଉଁ ନାୟିକା ବା ନାରୀଚରିତ୍ର ପ୍ରଧାନ ଭୂମିକା ଗ୍ରହଣ କରିଅଛି, ଉପାଖ୍ୟାନମାନଙ୍କର ତାହା ସହିତ ସମ୍ବନ୍ଧ ମାତ୍ର ନାହିଁ । କିନ୍ତୁ ଆଖ୍ୟାନମାନଙ୍କରେ ସେ ଯେ ନର ନାରୀ ଚରିତ୍ର ଦେଇଛନ୍ତି, ତହିଁରୁ ଜଣାପଡ଼େ ତାହା ପୌରାଣିକ ଆଖ୍ୟାୟିକା । ସାରଳା ଦାସ ଏହି ଗଳ୍ପ ସୃଷ୍ଟି କରିଛନ୍ତି ସାଧାରଣ ନାରୀଙ୍କର ନୈତିକ ମାନଦଣ୍ଡକୁ ଉନ୍ନତ କରିବାକୁ ଏଥିରେ ସନ୍ଦେହ ନାହିଁ । ଯେ ଗଳ୍ପଟି

ସେ ଲେଖିଛନ୍ତି, ତାହା ଖୁବ୍ ପ୍ରସିଦ୍ଧ ବୋଲି ବଙ୍ଗଳା ବୈଷ୍ଣବ ସାହିତ୍ୟକାର ମଧ୍ୟ ସେହି ଗଳ୍ପ ତାଙ୍କ କାବ୍ୟରେ ସନ୍ନିବେଶିତ କରିଛନ୍ତି ।

"କୁଷ୍ଠି ବିପ୍ରେର ରମଣୀ ପତିବ୍ରତାଶିରୋମଣି
ପତିର ଲାଗି କୈଲ ବେଶ୍ୟାର ସେବା
ସ୍ତମ୍ଭିଲ ସୂର୍ଯ୍ୟେର ଗତି ଜୀଆଇଲ ମୃତ ପତି
ସ୍ତମ୍ଭିତ ହଇଲ ଦେବଦେବା ।"

ପୂର୍ବକାଳରେ କୌଶିକ ବୋଲି ଜଣେ ବେଦବେଦାଙ୍ଗଦର୍ଶୀ ବ୍ରାହ୍ମଣ ପଣ୍ଡିତ ଥିଲେ । ଯାଗ ଯଜ୍ଞ କର୍ମରେ ମଧ୍ୟ ସେ ଧୁରନ୍ଧର ଥିଲେ । କିନ୍ତୁ ସେ ଅତ୍ୟନ୍ତ ଦୁଷ୍ଟବୁଦ୍ଧି ବେଶ୍ୟାସକ୍ତ ଥିଲେ । ତାଙ୍କ ସ୍ତ୍ରୀଙ୍କର ନାମ ସତ୍ୟା । ସେ ଅତ୍ୟନ୍ତ ପତିପରାୟଣା ଥିଲେ ।

"ପତି ଯେ ପରମ ଗୁରୁ ପତି ମୁକ୍ତି ଗତି
ଏହି କଥାକୁ ଜାଣଇ ସେ ସାଧବୀ ସତୀ"

ସତ୍ୟା ଅତ୍ୟନ୍ତ ସୁନ୍ଦରୀ ଯୁବତୀ ହୋଇଥିବାରୁ ପାପାଶ୍ରିତ ଦୁଷ୍ଟ ବିଟ ପୁରୁଷମାନେ ତାହାର ସଙ୍ଗ ଲୋଡ଼ୁଥାନ୍ତି । ଯେତେବେଳେ କୌଶିକ ଦେବପୂଜା କରିବାକୁ ଘରୁ ଚାଲିଯାଏ, ସେହି ଅବସରରେ ପାପାଶ୍ରିତ ଲୋକମାନେ ଦୂତୀକୁ ଡକାଇ ସତ୍ୟା ନିକଟକୁ ନାନା ପ୍ରସାଧନ ଦ୍ରବ୍ୟମାନ ଉପହାର ଏବଂ ବହୁ ଧନ ଦେଇ ପଠାନ୍ତି । ଦୂତୀ ସୁବାସିତ ତେଲ, ଅଲତା, କୁଙ୍କୁମାଦିରେ ସୁସଜ୍ଜିତା ହୋଇ ସତ୍ୟା ନିକଟରେ ପ୍ରବେଶ ହୋଇ କହେ, "ପଣ୍ଡିଆଣୀ ତୁମ ନିକଟରେ ଗୋଟିଏ ବିଶ୍ୱାସ କଥା ଅଛି, ତାହା କହିବି । ତୁମ୍ଭ ସ୍ୱାମୀ ଏଡ଼େ ଜ୍ଞାନୀ ହୋଇ ପରଦାର ସଙ୍ଗତରେ ଥାଏ । ତୁମେ ଏଡ଼େ ରୂପ ଯୌବନବତୀ, ତୁମ ପ୍ରତି ତାହାର ମମତା କି ଆକର୍ଷଣ ନାହିଁ । ତୁମର ସୌନ୍ଦର୍ଯ୍ୟ ଅଛି, ମାତ୍ର ତୁମ ସ୍ୱାମୀ ଛଡ଼ା ଆଉ କୌଣସି ବିଟପୁରୁଷ କି ପ୍ରଣୟୀ ତୁମର ନାହିଁ । ଏ ନଗରରେ ଯେ ଦ୍ୱିଜମାନଙ୍କର ରାଜା, ସେ ତୁମକୁ ସ୍ନାନଘାଟରେ ଦେଖି ତୁମ କଥା

ମୋତେ ପଠାଉଥିଲେ । ତାଙ୍କର ବୟସ ତରୁଣ ମାତ୍ର । ତୁମେ ମୋ ଘର ଯାଉଁ ଯଦି ଆସନ୍ତ, ତେବେ ସେ ଯେ ଭୂଷଣ ଗୁଡ଼ିକ ଦେଇଛନ୍ତି, ସବୁ ଅଳଙ୍କାର ଆଭରଣ ତୁମେ ନିଅନ୍ତ । ତା ଛଡ଼ା ସେ ତୁମକୁ ସେ ଅସୀମ ଐଶ୍ୱର୍ଯ୍ୟ ମଧ୍ୟ ଦେବେ । ଦୂତୀ ସ୍ନାନଘାଟରୁ ଆସିଥିବା ପ୍ରମାଣ ସ୍ୱରୂପ ତାଙ୍କୁ ଘଟରେ ପାଣି ରହିଥିବା ଦେଖାଇଲା । ଏହା ଶୁଣି ମହାସତୀ ସତ୍ୟା କୁପିତ ହୋଇ କହିଲେ:—

"ମୁଁ ବସ୍ତ୍ରରେ ଆୟୁ ଶେଷ ତୋହର ହେଲଣି
ଏ ବୟସେ ନ ଛାଡ଼ିଲୁ ତୋର ଦୋ ଗୃରୁଣୀ
ମୁହିଁ ଅଟେ ପତିବ୍ରତା ଆନେ ନ ଛୁଅଇଁ
କଉଶିକ ଦ୍ୱିଜ ମୋର ଦେବତା ଅଟଇ ।
ଆଲୋ ଦୋଗୃରୁଣୀ ବୁଢ଼ି ମୋ ନିକଟୁ ପଳା
ଅନ୍ୟ ସ୍ତ୍ରୀ ନିକଟେ ଯାଇ ତା ମତିକି ବଳା ।
ଅନେକ ଭର୍ତ୍ସନା କରି କହେ ଦ୍ୱିଜନାରୀ
ପୁନଃପୁନଃ କହେ ଦୂତୀ ଅନୁରୋଧ କରି ।
ଅତି କୋପଭରେ ସାଧ୍ୱୀ କରି ଦ୍ୟନ୍ତେ ପାଟି
ପଳାଇଲା କଳଙ୍କିନୀ ହୋଇ ଛଟପିଟି ।"

ଏହାପରେ ବହୁ ଲମ୍ପଟ ପୁରୁଷମାନେ ସତ୍ୟା ନିକଟକୁ ଦୂତୀ ପଠାଇ ଧନଦ୍ୱାରା ତାହାର ମନ ବଶ କରିବାକୁ ଚେଷ୍ଟା କଲେ । ଏହି ନାରୀର ପ୍ରକୃତି ଧନଦ୍ୱାରା ବଶ ନ ହେଲାରୁ ନଗରର ପୁରୁଷମାନେ ଅବଜ୍ଞା କରି ତାକୁ ଦଣ୍ଡ ଦେଲେ । ଯାଚିଲା ଧନ ଗ୍ରହଣ ନ କଲାରୁ ଓ ଧନପ୍ରତି ଉଦାସୀନତା ହେଲାରୁ ଶେଷରେ ଗୌରବୀ ରମଣୀ ସତ୍ୟା ବଞ୍ଚି ରହିବାକୁ ଭିକ୍ଷ ମାଗିବାକୁ ବାଧ୍ୟ ହେଲା । କିନ୍ତୁ ଭିକ୍ଷା ନ ମିଳିବାରୁ ବ୍ରାହ୍ମଣୀ ଶରୀର ଅନାଭାବରୁ ଶୁଷ୍କ ହୋଇଗଲା । ଏହା ଦେଖି ଦୈବ ପୁରୁଷ ମାୟା କରି ଦୂତି ହାତରେ ବାର୍ତ୍ତା ପଠାଇ କହିଲେ, "ସ୍ୱାମୀ ଆଶାରେ ଦରିଦ୍ର ହୋଇ କାହିଁକି ମରୁଛ ?" କିନ୍ତୁ ବ୍ରାହ୍ମଣୀ ପାପିଷ୍ଠା ହୋଇ ନ ଥିବାରୁ ଓ ତାର ମତି ଦୁର୍ବଳ ନ ଥିବାରୁ କାହାର କଥା ଶୁଣିଲା ନାହିଁ

କ କାହା ପ୍ରସ୍ତାବ ମାନିଲି ନାହିଁ । ଦେବପୁରୁଷ ସତ୍ୟାର ପାତିବ୍ରତ୍ୟ ପରୀକ୍ଷା କରିବା ପାଇଁ ବିପ୍ର ନାରୀର ପତିଦେହରେ କୁଷ୍ଠବ୍ୟାଧି ଜାତ କରିଦେଲେ ।

"ବ୍ରାହ୍ମଣ ଅଙ୍ଗରେ ବ୍ୟାଧି ହୁଅନ୍ତେ ପ୍ରବଳ
ପୂଜ ରକ୍ତ ଅନୁକ୍ଷଣେ ବହିଲି କେବଳ ।
ତପ୍ତ ପାଣି ଘେନି ନାରୀ ତା କ୍ଷତକୁ ଧୁଏ
କ୍ଷତ ଗନ୍ଧ ଜାଣଇ ସେ ସୁବାସିତ ପ୍ରାୟେ ।
କୋମଳ ପଦ୍ମ ପାରିଣ ସ୍ୱାମିକି ଶୁଆଇ
ନଗରେ ପଶିଣ ଭିକ୍ଷା ମାଗିଣ ଆଣଇ ।
ତାହାଙ୍କ ଘରେ ପଡ଼ିଛି ଆସିଣ ଅକାଳ
ପାଞ୍ଚଗାଁ ବୁଲିଲେ ମିଳେ ମାଣେକ ଚାଉଳ ।"

ପୁଣି ବିହଙ୍ଗା ପୁରୁଷମାନେ ସତୀର ପତିଭକ୍ତି ପରୀକ୍ଷା କରିବା ନିମନ୍ତେ ପ୍ରସ୍ତାବ କଲେ । ଏହି ସ୍ତ୍ରୀର କେଶ ଧରି ଏହାକୁ ଆକାଶରେ ନେଇ ରଖିବ । ଆକାଶରେ ପାପସ୍ପର୍ଶ ହେବ ନାହିଁ । ନିଜେ ନାରାୟଣ ପରଦାରା ଗମନ କରି ନିର୍ବିକାର ପୁରୁଷ ବୋଲି ଅପାପବିଦ୍ଧ ରହିଲେ । ସତୀ ସ୍ତ୍ରୀ ପ୍ରସ୍ତାବ ଜାଣି ପାରି କହିଲା, "ମୋତେ ସ୍ପର୍ଶ କର ନାହିଁ, ତୁମ୍ଭମାନଙ୍କର ଅନିଷ୍ଟ ହେବ" ଏହା ଶୁଣି ଭୟରେ ବିହଙ୍ଗା ପୁରୁଷମାନେ ଅନ୍ତର୍ହିତ ହେଲେ । ବିହଙ୍ଗା ପୁରୁଷମାନେ ବି ସତୀ ସୀମା ଟପିବାକୁ ଭୟ କଲେ ।

ଦିନେ ରାଜଦ୍ୱାରରେ ବାରାଙ୍ଗନା ନୃତ୍ୟ ଦେଖି କୌଶିକ ହସିଲା । ସ୍ତ୍ରୀକୁ କହିଲା "ଏମାନେ ମୋର ଦିନେ ଭୋଗ୍ୟା ଥିଲେ ।"

ସତ୍ୟା କହିଲା—

"ସେ ସତୀ ବୋଇଲା ସ୍ୱାମୀ କାହିଁକି ହସିଲ
ପୂର୍ବର କଥା କି ତୁମ୍ଭେ ମନେ ପକାଇଲ ।
ଯେବେ ବେଶ୍ୟା ନାରୀଠାରେ କଲ ଅଭିପ୍ରାୟ
ମନୋବାଞ୍ଛା ପୂରାଇବ ଦେଇ ମୁଁ ନିଶ୍ଚୟ ।"

ବ୍ରାହ୍ମଣ କହିଲା "ପ୍ରିୟେ ! ମୁଁ କୁଷ୍ଠୀ, ଦୁର୍ଗନ୍ଧରେ ମୋତେ ସମସ୍ତେ ଘୃଣା କରିବେ । ତୁ କିପରି ଏପରି କଥା କହିବାକୁ ଭରସୁଛୁ ?" ସତୀ କହିଲା, "ମୁଁ କହିଲେ ସେହି ବେଶ୍ୟାମାନେ ତୁମକୁ ଅତ୍ୟନ୍ତ ସମାଦର କରିବେ । ଖଟଣି ସାରି ମେନକା, ମୋହିନୀ, କାଞ୍ଚନିକା, ଅମ୍ବୀ, ଚନ୍ଦ୍ରରେଖା ପ୍ରଭୃତି ବେଶ୍ୟାମାନେ ଫେରି ଆସୁଥିଲେ । ଏ ସମୟରେ ଏହି ଆଖ୍ୟାନ କହି ମାର୍କଣ୍ଡେୟ ଋଷି ଦ୍ରୌପଦୀଙ୍କୁ ସତୀଧର୍ମ ମହିମା ଶୁଣାଉ ଅଛନ୍ତି:—

"........ଶୁଣ ଦ୍ରୁପଦ କୁମାରୀ"
ପତିବ୍ରତା ହେଲେ ପୁଣ୍ୟ ହୁଅଇ ଏପରି ।
ଅନିତ୍ୟ ସଂସାର ଏହୁ କିଛି ନୁହେଁ ଚିର
ଅନେକ ଦୋଷ ବାଛଇ ଥାଇ ନାଶକର ।
ସ୍ୱାମୀ ସେବାହୁଁ ସ୍ତ୍ରିରୀଙ୍କ ଅନ୍ୟ ପୁଣ୍ୟ ନାହିଁ
ଏହି ମୋକ୍ଷ ଧର୍ମ ସିନା ତାଙ୍କର ଅଟଇ
ଆଦି ଅନ୍ତ କିଛି ନାହିଁ ବୟସ ମଧ୍ୟରେ
ତହିଁ ପାପ ପୁଣ୍ୟ ବିଧି ହୁଅଇ ଲବ୍‌ଧରେ ।
ବୟସ ଗଲେ ଶରୀର କି କରିବ ଆଉ
ଅଳପ ସୁଖରେ ପାପ ବଢ଼ଇ ନ କହୁଁ ।
ବୃଦ୍ଧ ବୟସେ ଶରୀର ଏ କଥା ଶୁଣିବ
ନିଜ ପ୍ରଭୁ ସେବା କଲେ କାରଣ ପାଇବ ।
ସୁସ୍ତ୍ରିରୀ ସୁବୁଦ୍ଧି ଆଉ ଅନ୍ତେ ସୁଗତି
ଅନିତ୍ୟ ସଂସାରେ ପାଆନ୍ତି ସେ ନିଜ ପତି ।"

ଏହି ଆଖ୍ୟାୟିକା ଭକ୍ତ ବିଲ୍ୱମଙ୍ଗଳ, ତୁଳସୀ ଦାସ ପ୍ରଭୃତି ମଧ୍ୟଯୁଗର ରୂପକ ଉପାଖ୍ୟାନ ଭଳି । ଯେଉଁ ଯୁଗରେ କୁଷ୍ଠୀ ବିପ୍ର ରମଣୀ ଭକ୍ତିରେ ପତିସେବା କରୁଥିଲା, ସେ ଯୁଗ ଆଜି ନାହିଁ । ସତ୍ୟ। ଆଗ ଯୁଗ ନାରୀର ନମୁନା । ଆଧୁନିକ ନାରୀ ସତ୍ୟା ଚରିତ ଦେଖି ବିଦ୍ରୋହ କରି କହିବେ, ସତ୍ୟା ସ୍ୱାମୀକୁ ଅନ୍ୟାୟ ପଥରେ ସାହାଯ୍ୟ

କଲା । ସ୍ୱାମୀ ନିକଟରେ ଯେତେବେଳେ ତାର ପତ୍ନୀତ୍ୱର ମୂଲ୍ୟ ନାହିଁ, ସେତେବେଳେ ସେ ଧର୍ମ ବା ମିଛ ସଂସ୍କାର ବଶରେ ସେହି ସ୍ୱାମୀକୁ ଭକ୍ତି ବା ସେବା କରିବ କାହିଁକି ? ପଥରେ ଶୂଳ ଧକ୍କା ଲାଗି ସ୍ୱାମୀର ବ୍ୟଥା ହେବାରୁ ଯେ ମୁଣ୍ଡାଇ ବେଶ୍ୟାଘରକୁ ନେଉଥିବା ସ୍ତ୍ରୀକୁ ଅଭିଶାପ ଦେଇ ପାରେ, ସେ ସ୍ୱାମୀ ତ ସ୍ୱାମୀ ପଦବାଚ୍ୟ ନୁହେଁ । ସ୍ତ୍ରୀର ତାକୁ ବର୍ଜନ କରିବା ସାମାଜିକ ଓ ପାରିବାରିକ ନୀତି ହେବା ଉଚିତ । ଯେଉଁଠି ସ୍ୱାମୀ ପରଦାରାସକ୍ତ ହେବାରୁ ସ୍ତ୍ରୀ ଭିକାରୁଣୀ ହେଲା ଓ ଭିକ ମାଗିଲା, ସେଠି ସେହି ସ୍ୱାମୀର ମୁଖାବଲୋକନ ନ କରି ଛାଡ଼ପତ୍ର ଦେବା ଉଚିତ । କିନ୍ତୁ ଭାରତୀୟ ନାରୀମାନଙ୍କର ଏକ ସମୟରେ ପତି ଗୋଟିଏ ଧର୍ମ ବା "ସଂସ୍କାର" ହୋଇଥିଲା ଏବଂ ଏହି "ସଂସ୍କାର"କୁ କେବଳ ସେମାନେ ଇହ ଓ ପରକାଳ ଧର୍ମ ବା ମୋକ୍ଷଗତି ପାଇଁ ପାଳନ କରି ଚାଲୁଥିଲେ । ଏହା ଭାରତୀୟ ପତ୍ନୀମାନଙ୍କର ଏକ ସଂସ୍କୃତି ଥିଲା । ସତ୍ୟା ସେମାନଙ୍କୁ ସ୍ୱାମୀଙ୍କ ତରଫରୁ ପ୍ରସ୍ତାବ କଲା । ବେଶ୍ୟାମାନେ କହିଲେ, "ତୁମ ଆଜ୍ଞା ପ୍ରମାଣେ ଆମ୍ଭେମାନେ ତୁମ ପ୍ରସ୍ତାବରେ ରାଜି ଅଛୁଁ । ତୁମର ସ୍ୱାମୀକୁ ଆମ ପୁରକୁ ନେଇ ଆସିବ ।" ବେଶ୍ୟାମାନଙ୍କୁ ସମ୍ମତି କରାଇ ସତ୍ୟା ନିଜ ପୁରକୁ ଯାଇ ପତିକୁ ସୁବେଶ କରାଇଲା ।

"ନିଶି ଅନ୍ଧାରେ ନ ଦିଶେ ଆପଣାର କାୟେ
କାନ୍ଧରେ ବସାଇ ସତୀ ପତି ଘେନିଯାଏ ।"

ବୈତରଣୀ ନଦୀତୀର ପଶ୍ଚିମ ଦିଗରେ ଅଣିମାଣ୍ଡବ୍ୟ ଶୂଳରେ ବସିଛନ୍ତି, ଅନ୍ଧକାର ପଥରେ କିଛି ଦେଖାଯାଉ ନାହିଁ । ପତିକୁ ବେଶ୍ୟା ସ୍କନ୍ଧରୁ ମୁଣ୍ଡାଇ କରି ନେବା ବେଳେ ପତିଙ୍କ ଠାରେ ଶୂଳର ଧକ୍କା ଲାଗିଲା । କୌଶିକ ବ୍ରାହ୍ମଣ ଦେହରେ ଆଘାତ ପାଇ କୋପ କରି ସ୍ତ୍ରୀକୁ ଶାପ ଦେଲା ।

"ମୋର ଯେବେ ସତ୍ୟ ଧର୍ମେ ସଦା ଚିତ୍ତ ଥିବ
ସୂର୍ଯ୍ୟ ଉଦୟ ହୋଇଲେ ତାର ପ୍ରାଣ ଯିବ ।"

ଶାପ ପାଇ ସତ୍ୟା କହୁଛି —

ସତୀ ବୋଲେ ଏବେ ମୁହିଁ ଯିବି କି ପ୍ରକାର
ଭର୍ତ୍ତାଙ୍କୁ ତଳରେ ଥୋଇ ସୂର୍ଯ୍ୟେ କରେ ସ୍ତବ
ଉଦୟ ନୋହିବୁ ଛାୟାଦେବୀଙ୍କ ବଲ୍ଲଭ ।
ଯେବେ ମୋ ବୋଲ ଲଙ୍ଘିଣ ହୋଇବୁ ଉଦୟ
ତେବେ ମୋର ଭର୍ତ୍ତା ପ୍ରାୟ ହୋଇବୁ ବିଷୟ ।
ଶାପ ଦେଇ ବରି ସତୀ ନିଜ ପୁରେ ଫେରେ
ଦିନକର ନାଥ ଆଉ ଉଦେ ନ ହୋଇଲେ ।
ସପତ ଦିନ ପର୍ଯ୍ୟନ୍ତ ନୋହିଲା ଦର୍ଶନ
ସତୀ ଆଦେଶେ କିରଣ ନ କଲା ପତନ ।"

ଏହା ଦେଖି ଶିବ, ବ୍ରହ୍ମା, ଇନ୍ଦ୍ର ପ୍ରଭୃତି ସୂର୍ଯ୍ୟଙ୍କୁ ଉଦୟ ନ ହେବା କାରଣ ପଚାରିଲେ । ସୂର୍ଯ୍ୟ କହିଲେ, "ପତିବ୍ରତା ଭୟରେ ମୁଁ ଉଦୟ ହୋଇ ପାରୁ ନାହିଁ । ଏହା ଶୁଣି ଦିଗପାଳମାନଙ୍କୁ ନେଇ ବ୍ରହ୍ମା ସତୀ ଗୃହକୁ ଗଲେ ଏବଂ ସୂର୍ଯ୍ୟଙ୍କ ଉଦୟକୁ ବନ୍ଦ କରିବା କାରଣ ସତ୍ୟାଙ୍କୁ ପଚାରିଲେ । ସତ୍ୟା କହିଲେ, "ସୂର୍ଯ୍ୟ ଉଦୟ ହେଲେ ମୋର ସ୍ୱାମୀ ହତ୍ୟା ଘଟିବ ।"

ତା ଶୁଣି ବୋଇଲେ ଉଦେ ହେଉ ଦିନକର
ତୋ' ପତିଙ୍କ ଜିଆଇଦେବା ଅମ୍ଭେ ପୁନର୍ବାର ।
ତା' ସଙ୍ଗେ ତୁ ମଧ୍ୟ ଯାଇ ପଡ଼ିବୁ ବହନ
ନିଷ୍ପାପେ ବଞ୍ଚାଇ ଦେବା ପୁଣି ପତି ପତ୍ନୀ ।"

ଏହାପରେ ଦେବତାଙ୍କ ବରରେ କୌଶିକ ସତୀ ମହିମାରେ ରୋଗ-ମୁକ୍ତ ହେଲେ ଓ ପୁନର୍ଜନ୍ମ ପାଇଲେ । ସତ୍ୟା ମଧ୍ୟ ପତିଙ୍କ ସହିତ ଦେହ ଛାଡ଼ି ଉନ୍ନତ ଦେହ ନେଇ ପୁଣି ରତି ଓ ମଦନ ରୂପ କାନ୍ତି ଧରି ଜନ୍ମ ହୋଇ ଅତିସୁଖରେ ସଂସାର କଲେ । ସତୀ ଆଜ୍ଞାରେ ସୂର୍ଯ୍ୟ ଉଦୟ ହେଲେ ।

ସତୀତ୍ୱ ସମ୍ବନ୍ଧରେ ପୃଥିବୀର ଭିନ୍ନ ଦେଶରେ ଭିନ୍ନ ସିଦ୍ଧାନ୍ତ ଓ ଧାରଣା ରୀତି ନୀତି ପ୍ରଚଳିତ ହୋଇଥିଲେ ସୁଦ୍ଧା, ଭାରତବର୍ଷରେ ସତୀତ୍ୱ ଗୋଟିଏ ଆଧ୍ୟାତ୍ମିକ ସଂସ୍କୃତିରୁ ଜନ୍ମ । ଏହାର ବିଶିଷ୍ଟ ଶ୍ରେଣୀ ସନାତନ କାଳରୁ ଏ ଦେଶ ସମାଜ ଚିନ୍ତାରେ ବଦ୍ଧମୂଳ ହୋଇ ରହିଅଛି । ମାନସିକ ଓ ଶାରୀରିକ ପବିତ୍ରତାକୁ ସତୀତ୍ୱ କହନ୍ତି । ଏହା ବିବାହିତ ଅବିବାହିତା ପ୍ରତି ନାରୀର ଧର୍ମ । ଏହା ସ୍ୱାମୀନିରପେକ୍ଷ ।

ବାବିଲୋନୀୟ ସଭ୍ୟତାରୁ ଯେ ସଂସ୍କୃତି ଚାରି ହଜାର ବର୍ଷ ପୂର୍ବେ ଗଠିତ ହୋଇଥିଲା, ତହିଁରେ ଆରବ ଦେଶମାନଙ୍କରେ ସତୀତ୍ୱର ମାନଦଣ୍ଡ ଭାରତବର୍ଷର ହିନ୍ଦୁ ସଂସ୍କୃତିରୁ ସୃଷ୍ଟି ହୋଇଥିବା ସତୀତ୍ୱ ଧାରଣାଠାରୁ ଭିନ୍ନ । ସତୀତ୍ୱ ସେ ଦେଶମାନଙ୍କରେ ଆଧ୍ୟାତ୍ମିକ ନୁହେଁ । ତାହା ଆଧିଭୌତିକ ଅର୍ଥରେ କେବଳ ସମାଜ ଜୀବନର ନିୟନ୍ତ୍ରଣ ପାଇଁ ଧରାଯାଉଥିଲା । ସମ୍ପତ୍ତି ମାତା ଓ ପିତାର ଅଧିକାରରେ ରହୁଥିଲା ।

ପୁରୁଷ ବହୁପତ୍ନୀକ ହେବା ଭଳି ନାରୀମାନେ ବହୁପତିକା ହେଉଥିଲେ । ପୁଣି ସମ୍ପତ୍ତିରକ୍ଷା ପାଇଁ ଭାଇ ଭଉଣୀକୁ ବିବାହ ହେଉଥିଲା । ରାଜା ବା ଗୃହସ୍ଥ ମୃତ ହେଲେ ରକ୍ଷିତା ଓ ପତ୍ନୀମାନଙ୍କର ଭର୍ତ୍ତା ହେଉଥିଲେ ସେମାନଙ୍କର ଉତ୍ତରାଧିକାରୀ ପୁତ୍ରମାନେ । ପାରସ୍ୟ ଦେଶରେ ମଧ୍ୟ ଏହି ରୀତି ଥିଲା । ୟୁରୋପୀୟ ଦେଶମାନଙ୍କରେ ସତୀତ୍ୱର ଧାରଣା ଓ ସିଦ୍ଧାନ୍ତ ଭାରତଠାରୁ ପୃଥକ୍ ହେଲେ ମଧ୍ୟ ଆରବ ଦେଶୀୟ ଆଚରଠାରୁ ଉନ୍ନତ ଥିଲା । ସେଠାରେ ରାଷ୍ଟ୍ର ଓ ସାମାଜିକ ପରିବର୍ତ୍ତନ ସତ୍ତ୍ୱେ ନାରୀର ସତୀତ୍ୱର ସମ୍ମାନ ଲୋକମଣ୍ଡଳୀରେ ଆଦୃତ ହୁଏ ।

ଆମ ଭାରତର ଶାସ୍ତ୍ର ସଂହିତାକାରମାନେ ନାରୀକୁ 'କ୍ଷେତ୍ର' ବୋଲି ଆଖ୍ୟା ଦେଇଛନ୍ତି । ସେହି ଦୃଷ୍ଟିରୁ ବିଜ୍ଞ ସୂକ୍ଷ୍ମଦ୍ରଷ୍ଟା ଶାସ୍ତ୍ରକାର ଋଷିମାନେ ସାଧାରଣ ନାରୀ ଚରିତ୍ରକୁ ବିଚାର କରିଛନ୍ତି । ସନାତନ କାଳର ହିନ୍ଦୁ ସଭ୍ୟତା ଗଠନକାରୀ ପୂର୍ବ ପୁରୁଷମାନେ 'ସତୀତ୍ୱ' ର ଆଧିଭୌତିକ ବିଚାରରେ "ରଜସା ଶୁଧ୍ୟତେ ନାରୀ" ବୋଲି ସିଦ୍ଧାନ୍ତ କରିଛନ୍ତି ।

ଏହାର ଅର୍ଥ ହେଉଛି, ବଳାତ୍କାରରେ ନାରୀକୁ କେହି ପୁରୁଷ ଭ୍ରଷ୍ଟ କଲେ ତାହାକୁ ସମାଜ 'ଅସତୀ' ଭାବୁ ନ ଥିଲା ବା ତାଙ୍କୁ 'ପତିତା' କରାଯାଉ ନ ଥିଲା । ପୁରୁଷ ହିନ୍ଦୁ ସମାଜରେ ବହୁପତ୍ନୀକ ହେବା ପ୍ରଥା ଥିଲା । ମାତ୍ର ଅର୍ଥନୈତିକ ଏବଂ ସମାଜର ପାରମ୍ପରିକ କୁଳପ୍ରଥାର ବିରୋଧ ଥିବାରୁ ନାରୀ ବହୁବଲ୍ଲଭା ହୋଇ ପାରୁ ନ ଥିଲା । ଏଥିରେ ସାମାଜିକ, କୌଳିକ ଏବଂ ଆଧ୍ୟାତ୍ମିକ ବାଧାର କାରଣ ବିଦ୍ୟମାନ ରହୁଥିଲା । ସାଧାରଣତଃ ସନ୍ତାନର ପ୍ରକୃତ ଜନକ କିଏ, ଏହା ବ୍ୟକ୍ତ କରିବାରେ କେବଳ ନାରୀର ସତୀତ୍ୱ ମପା ଯାଉଥିଲା । ପତି ବ୍ୟତିରେକେ ଅନ୍ୟ ପୁରୁଷଦ୍ୱାରା ସନ୍ତାନଜନନୀକୁ ଅସତୀ କୁହାଯାଉଥିଲା ଏବଂ 'ପତିତା' କରାଯାଉଥିଲା । ପ୍ରକାଶ୍ୟରେ ସ୍ତ୍ରୀ ପତି ବର୍ତ୍ତମାନରେ ପତ୍ୟନ୍ତର ଗ୍ରହଣ କରିବାରେ ସ୍ତ୍ରୀକୁ ଅସତୀ କୁହାଯାଉ ନ ଥିଲା । ସେଥିପାଇଁ ପୂର୍ବକାଳରୁ ହିନ୍ଦୁ ସମାଜରେ ଛାଡ଼ପତ୍ର ପ୍ରଥାକୁ ସ୍ୱୀକାର କରାଯାଇଛି । ଶାସ୍ତ୍ରରେ ମଧ୍ୟ ଅବସ୍ଥା ବିଶେଷରେ ନାରୀ ଛାଡ଼ପତ୍ର ଦେଇ ପତ୍ୟନ୍ତର ଗ୍ରହଣ କରିବାର ବ୍ୟବସ୍ଥା ରହିଛି ଏବଂ ବିଧବାର ପୁନର୍ବିବାହକୁ ଶାସ୍ତ୍ର ସଂହିତା ସ୍ୱୀକାର କରିଛି । ତେଣୁ ପତ୍ୟନ୍ତର-ଗ୍ରହଣ-କାରିଣୀ ନାରୀକୁ ଅସତୀ ବୋଲି ଧରାଯାଉ ନ ଥିଲା । କୁମାରୀ ଅବିବାହିତା ଅବସ୍ଥାରେ ମାତା ହେଲେ କମ୍ବା ପତି ବର୍ତ୍ତମାନରେ ପତ୍ନୀ ପର ପୁରୁଷ କର୍ତ୍ତୃକ ସନ୍ତାନବତୀ ହେଲେ ସେମାନେ 'ଅସତୀ' ଆଖ୍ୟାରେ ଅଭିହିତ ହେଉଥିଲେ । ତା ନ ହୋଇ ଯଦି ନାରୀକୁ କେହି ହରଣ କରି ନେଉଥିଲା ବା କେତେକାଳ ସ୍ଥାନାନ୍ତରରେ ରଖୁଥିଲା, ତଥାପି ସମାଜ ନିୟମ ନୀତି ଅନୁସାରେ ସେହି ନାରୀକୁ 'ପତିତା' ବା 'ଅସତୀ' ବୋଲାଯାଉ ନ ଥିଲା । କେବଳ ଅନ୍ୟଦ୍ୱାରା ସନ୍ତାନ ସମ୍ଭବା ହେଲେ ନାରୀ 'ଅସତୀ' ହେଉଥିଲା ।

ସଭ୍ୟତାର ପ୍ରତିଷ୍ଠା ଦିନରୁ ନାରୀ ସାପତ୍ନ୍ୟ ସହ୍ୟ କରି ଆସିଛି । କିନ୍ତୁ ପୁରୁଷ ନାରୀଠାରୁ ବଳିଷ୍ଠ ଥିବାରୁ ଓ ସନ୍ତାନକୁଟୁମ୍ବଙ୍କ ପାଳକ ଥିବାରୁ ସେ ପତ୍ନୀ-ଉପପତିର ଚିନ୍ତା ସୁଦ୍ଧା ସହ୍ୟ କରି ପାରି ନାହିଁ । ପତ୍ନୀର ଉପପତିର ସନ୍ଧାନ ପାଇଲା ମାତ୍ରେ ପତି ପତ୍ନୀକୁ ବର୍ଜନ କରିଛି ।

ମହାଭାରତ ଯୁଗରେ ନିର୍ଦ୍ଦିଷ୍ଟ ନିୟମର ସୀମା ମଧ୍ୟରେ ଏହି ପତ୍ୟନ୍ତର ଗ୍ରହଣ ପ୍ରଥା ପ୍ରଚଳିତ ଥିଲା । ସାରଳା ଦାସଙ୍କ କାଳରେ ମଧ୍ୟ ଏପରି ଥିଲା । ମନ୍ଦୋଦରୀ, ତାରା, କୁନ୍ତୀ, ଅହଲ୍ୟା, ଦ୍ରୌପଦୀ ଏମାନେ ପତ୍ୟନ୍ତର ଗ୍ରହଣ କରି ମଧ୍ୟ ପୁଣ୍ୟଶ୍ଳୋକା ସତୀ ନାରୀ ଅଟନ୍ତି ।

ଭାରତର ଦର୍ଶନ ଓ ସମାଜ-ନୀତି-ନିୟମ-ପରମ୍ପରାରେ ପତି ଅବିବାହିତା କୁମାରୀ ନିକଟରେ ଗୋଟିଏ ଧାରଣା ମାତ୍ର । ପତି ସହିତ ତାର ବାସ୍ତବ ସମ୍ବନ୍ଧ ନ ଥିଲେ ସୁଦ୍ଧା, ପତି ନାମକ ଧାରଣାକୁ ସେ ତାର ଚେତନାର ଉନ୍ମେଷ ଦିନୁଁ ପୂଜା ଓ ଶ୍ରଦ୍ଧା କରି ଶିଖେ । ପାରିବାରିକ ରୀତି ଓ ନୀତିରେ ନାରୀ ପକ୍ଷରେ ପତି ରୂପ, ରେଖ, ଦେହହୀନ ଏକ ବିଦେହୀ ଧାରଣା ମାତ୍ର ଏବଂ ଏହି ଧାରଣା ପ୍ରତି ସର୍ବୋତ୍କୃଷ୍ଟ ରହି ଏକାନ୍ତ ଭାବରେ ନିଷ୍ଠା ସହକାରେ ଆତ୍ମସମର୍ପଣ କରିବାର ଶିକ୍ଷା ଭାରତୀୟ ନାରୀର ସଂସ୍କୃତିର କ୍ରମ ପରିଣତି ମାତ୍ର ।

ସାରଳା ଦାସଙ୍କ ମହାଭାରତ ଯେଉଁ ସମାଜର ଚିତ୍ର ଦିଏ, ସେହି ସମାଜରେ ନାରୀ ପତି ନାମକ 'ଧାରଣା' ର ପୂଜାରିଣୀ ନୁହେଁ, କେବଳ ପତିର ପ୍ରତୀକ ବା ଧାରଣାକୁ ସେ ପୂଜା କରି ସନ୍ତୁଷ୍ଟ ରହି ଜୀବନ ବିତେଇ ନାହିଁ । ସେ ଏକ ସଚଳ, ଚେତନାମୟ ଜୀବନର ସନ୍ଧାନ କରି ସ୍ୱାମୀ ବା ପତିକୁ ବୁଝି ବିଚାରି ଦେଖି ଗ୍ରହି ବରଣ କରିଛି । ସେଥିପାଇଁ ସାରଳା ମହାଭାରତରେ 'ସତୀତ୍ୱ' ନାରୀଜୀବନରେ ଏକ ବଳିଷ୍ଠ ଜୀବନୀ ଶକ୍ତି ତାହାର ପ୍ରାଣରେ ସଞ୍ଚାରିତ କରିଛି । ସେ ବାସ୍ତବ ନାରୀ—ଯଥାର୍ଥ ମାତା, ପତ୍ନୀ; ତେଣୁ ସତୀତ୍ୱର ମୂଲ୍ୟବୋଧ ତାର ଜୀବନକୁ ପରିପୂର୍ଣ୍ଣ ଭାବରେ ସାର୍ଥକ ଏବଂ ସୁନ୍ଦର କରିଥିବାର ପରିଚୟ ପାଉଁ । ପତି ତା' ନିକଟରେ ପିତା ମାତା ପରିବାର ଶିଖାଇଥିବା ବା ପୁସ୍ତକଗତ ଏକ ଆଦର୍ଶର ପ୍ରତୀକ ନୁହେଁ । ପତି ତା ନିକଟରେ ଅତି ଜୀବନ୍ତ ଏବଂ ପତିକୁ କେନ୍ଦ୍ର କରି ତାର ଜୀବନରଥ ନିତ୍ୟ ସତ୍‌ପଥରେ ପ୍ରଦକ୍ଷିଣ କରି ଯାଇଛି ।

ଆମର ଭାରତୀୟ ନରନାରୀଙ୍କ ଜୀବନକୁ ଧର୍ମ, ଆଚାର, ନୀତି ସବୁ କ୍ଷେତ୍ରରେ, ସବୁ ଅବସ୍ଥାରେ ନିୟନ୍ତ୍ରଣ କରୁଥିବାରୁ ପତିପତ୍ନୀ ସମ୍ବନ୍ଧ, ସାମାଜିକ ଅନୁଷ୍ଠାନ, ନାରୀଧର୍ମ, ସବୁ ବିଷୟ ସହିତ ଏକମାତ୍ର ଧର୍ମାଚାର ପଦ୍ଧତିର ସମ୍ବନ୍ଧ ଅଙ୍ଗାଙ୍ଗୀଭାବରେ କାର୍ଯ୍ୟ କରି ଆସିଛି । କୁଳ, ବଂଶ, ପିଣ୍ଡ, ଶ୍ରାଦ୍ଧ ସେହି ସଂସ୍କାରର ଫଳ । ସତୀତ୍ୱ ବା ଏକ ପତିବ୍ରତକୁ ଆମର ରାଷ୍ଟ୍ର ଓ ସମାଜ ଉଚ୍ଚତମ ସ୍ଥାନ ଦେଇଥିବାରୁ ସତୀ ନାରୀ କେବଳ କୁଳନାରୀ ବା କୁଳବଧୂ ହେବାକୁ ଉପଯୁକ୍ତ ବିବେଚିତା ହୋଇଛନ୍ତି । କାରଣ କୁଳନାରୀହିଁ ପିତୃପିଣ୍ଡୋଦକ ଦେବାପାଇଁ ଅଧିକାରିଣୀ । ସ୍ୱାମୀ ସ୍ତ୍ରୀର ବିନା ସହଯୋଗରେ ଶ୍ରାଦ୍ଧପିଣ୍ଡ ଦାନ୍ତି ପାରନ୍ତି ନାହିଁ । ପୂର୍ବକାଳରେ ବଂଶରକ୍ତର ଶୁଦ୍ଧତା ଓ ବଂଶାନୁକ୍ରମ ପରମ୍ପରା (heritage) ଶୁଦ୍ଧମତୀ, ଶୁଚି ନାରୀମାନଙ୍କ ଉପରେ ଏକାନ୍ତ . ନିର୍ଭର କରୁଥିବାରୁ ସମାଜ ପରିବାରରେ ନାରୀର ମୂଲ୍ୟ ଓ ସମ୍ମାନ ଅତି ଅଧିକ କରାଯାଇଥିଲା । ସାମାଜିକ ସତୀତ୍ୱର ଯେ ଧାରା, ତହିଁରେ ପତ୍ୟନ୍ତର ଗ୍ରହଣକାରିଣୀ ନାରୀ ଧର୍ମତଃ ଅସତୀ ହେଉ ନ ଥିଲେ ଓ ବଳାତ୍କାରିତା ନାରୀଙ୍କୁ ସମାଜ, କୁଳ ଭ୍ରଷ୍ଟତା ଦୋଷରେ ବର୍ଜନ କରୁ ନ ଥିଲା ବୋଲି ଉକ୍ତ ହୋଇଛି । ଏହି କ୍ଷେତ୍ରରେ ସୀତା, ସାବିତ୍ରୀ, ଚିନ୍ତା, ଶୈବ୍ୟା, ଦମୟନ୍ତୀଙ୍କ ପ୍ରଦର୍ଶିତ ଏକ ପତିବ୍ରତ ସତୀତ୍ୱର ଆଦର୍ଶ ସମାଜରେ ସବୁ ଅବସ୍ଥାରେ ଅଚଳ ହେଉଥିଲା । ଉପରୋକ୍ତ ନାରୀମାନେ ସମାଜ ଓ ପାରିବାରିକ ଗଣ୍ଡିଠାରୁ ନିଜର ବ୍ୟକ୍ତିତ୍ୱ ବା ନାରୀତ୍ୱ ତଥା ପତ୍ନୀତ୍ୱକୁ ବଡ଼ କରିଥିଲେ । ସେମାନେ ସାଧାରଣ ନାରୀ ପ୍ରକୃତି ବା ବହୁବଲ୍ଲଭ ରୁଚିକୁ ଅତି ଉତ୍କୃଷ୍ଟ ଧରଣର ମାନସିକ ବ୍ୟକ୍ତିତ୍ୱ ବା ନାରୀତ୍ୱରେ ରୂପାନ୍ତର କରି ପାରିଥିଲେ । ତେଣୁ ସତୀ ସୀତା, ସାବିତ୍ରୀ ଭାରତୀୟ ନାରୀଚରିତ୍ରର ଆଦର୍ଶସ୍ଥଳ ହେଲେହେଁ ସେମାନେ ସମାଜର ଅଗଣିତ ନାରୀଜାତିର ସମଯାଂକ୍ତେୟା ନୁହନ୍ତି । ଏହା ନିରାଟ ସତ୍ୟ । ପୁରୁଷକୁଳରେ ଯେପରି ଖ୍ରୀଷ୍ଟ, ରାମ, କୃଷ୍ଣ, ମହମ୍ମଦ, ଶଙ୍କର, ଚୈତନ୍ୟ, ରାମକୃଷ୍ଣ, ବିବେକାନନ୍ଦ ପ୍ରଭୃତି ମହାତ୍ମା ମହାପୁରୁଷମାନେ ଲୋକଚରିତ୍ରର ସାରଭୂତ ଆଦର୍ଶ ନେଇ ଜନ୍ମଲାଭ କରିଥିଲେ,

ନାରୀକୁଳରେ ସେହିପରି ଦ୍ରୌପଦୀ ଅହଲ୍ୟା, କୁନ୍ତୀ, ତାରା, ମନ୍ଦୋଦରୀ ସାବିତ୍ରୀ, ସୀତା, ଚିନ୍ତା, ସତୀ ଦମୟନ୍ତୀ ପ୍ରଭୃତି ମହୀୟସୀ ଓ ଗରୀୟସୀ ନାରୀମାନେ ଜନ୍ମଗ୍ରହଣ କରି ନାରୀତ୍ୱର ଅମଳ କୀର୍ତ୍ତି ପ୍ରତିଷ୍ଠା କରି ପାରିଛନ୍ତି ।

ଏବେ ସମାଜରେ, କୁଳରେ ସାଧାରଣତଃ ନାରୀମାନେ ଦୈହିକ ସତୀତ୍ୱକୁ ପାଳନ କରିଥାନ୍ତି ବା ଏହାକୁ ସତୀତ୍ୱ ବୋଲି ଭାବିଥାନ୍ତି । କିନ୍ତୁ ପୁରାଣ ଯୁଗ ନାରୀଚରିତ୍ରରେ ସତୀତ୍ୱର ଆଦର୍ଶ କେବଳ ଦୈହିକ ନ ଥିଲା ବୋଲି ଆମ୍ଭମାନଙ୍କୁ ଧାରଣା କରିବାକୁ ହେବ । ସେମାନେ ପତି ନିର୍ବାଚନ କରୁଥିଲେ ଏବଂ ଦେହ କେବଳ ନୁହେଁ, ମନ, ପ୍ରାଣ, ଆତ୍ମା, ଚିତ୍ତ, ବୁଦ୍ଧିକୁ ମଧ୍ୟ ଶୁଦ୍ଧ ରଖିବାର ତପସ୍ୟା ଆତ୍ମିକ ସାଧନା ଏବଂ କର୍ତ୍ତବ୍ୟ-ବୋଧଦ୍ୱାରା କରି ପାରୁଥିଲେ । ଅର୍ଥାତ୍ ସେମାନଙ୍କର ଦେହ ମନ ଦୁଇଟିଯାକ ନିଷ୍ପାପ ପୁଣି ସତ୍ୟାଶ୍ରୟୀ ଥିଲା । ତେଣୁ ଏ ଯୁଗରେ ସତୀତ୍ୱର ସଂଜ୍ଞା କଣ ତାହା ସମସ୍ତଙ୍କର ଅନୁଧ୍ୟାନ କରିବା ଉଚିତ । ଏଯୁଗରେ ସାମାଜିକ ଓ ପାରିବାରିକ ଆବେଷ୍ଟନୀରେ ବିଧିବଦ୍ଧ ପ୍ରଣାଳୀର ଜୀବନଯାତ୍ରାକୁ ସତୀତ୍ୱ କହନ୍ତି, କିନ୍ତୁ ଏହା ଭ୍ରମ ।

ସତୀତ୍ୱ ନାରୀର ଆତ୍ମିକ ଉନ୍ନତିର ପ୍ରଧାନ ସୋପାନ । ଏହା କେବଳ ଭାରତୀୟ ନାରୀ ସଭ୍ୟତାର ମୂଳଭିତ୍ତି ନୁହେଁ, ଆମର ସନାତନ ସଂସ୍କୃତିର ମୂଳ କଥା । ପୃଥିବୀର ସବୁ ସମାଜରେ ସବୁ ଦେଶରେ ସତୀତ୍ୱର ପୂଜା ଓ ସମ୍ମାନ ରହିଛି । ଏହି ସତୀତ୍ୱର ସଂସ୍କାର ସମାଜ, ପରିବାର ଓ ଦେଶର ଶୃଙ୍ଖଳା, ସ୍ଥିତି ଓ ଗୋଟିଏ ବଶିଷ୍ଟ ସଭ୍ୟତାର ନିୟାମକ ଅଟେ ।

ଏଯୁଗର ନାରୀ ଆର୍ଥିକ ସ୍ୱାଧୀନତା ଚାହେଁ ଓ ପାଉଛି । କିନ୍ତୁ ଆର୍ଥିକ ସ୍ୱାଧୀନ ହେଲେ ମଧ୍ୟ, ପୃଥିବୀର ମାନବଜାତି ଓ ତାର ସମୃଦ୍ଧି, ସଭ୍ୟତା, ଉନ୍ନତି ନିମନ୍ତେ ସମାଜର ସୃଷ୍ଟିକାରିଣୀ ନାରୀର ସତୀତ୍ୱ ଧର୍ମ ଅପରିହାର୍ଯ୍ୟ । ଏହା ଦ୍ୱାରା ନାରୀର ଆତ୍ମିକ ଉନ୍ନତି ବା ଆଧ୍ୟାତ୍ମିକ ଉନ୍ନତି ମଧ୍ୟ ସମ୍ଭବପର ଅଟେ । ଏଣୁ ଆମ ଦେଶର ନାରୀମାନଙ୍କ ପକ୍ଷରେ ସତୀତ୍ୱ ପୁରୁଣାକାଳର କୁପ୍ରଥା, କୁସଂସ୍କାର ନୁହେଁ । ନାରୀ ନିମନ୍ତେ ଏହା

ଅତି ଅପରିହାର୍ଯ୍ୟ। ଏହି ସତୀତ୍ୱ ନାରୀକୁ କେବଳ ବ୍ରହ୍ମତ୍ୱରେ ଉପନୀତ କରିବାର ସୋପାନ ଅଟେ। ସେହି କାରଣରୁ ପୁରାଣ ଶାସ୍ତ୍ରରେ ସଧବା ନାରୀର ହବିଷ୍ୟ, ବ୍ରତ, ଓଷାଂ ପାଳିବା ବିଧି ନାହିଁ, କେବଳ ସତୀତ୍ୱ ଧର୍ମ ଆଚରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଉପସଂହାର

ମହାଭାରତରେ ସାରଳା ଦାସ ଯେ ନାରୀଚରିତ୍ର ଅଙ୍କିଛନ୍ତି, ତାହା ଉପରେ ସେ ଦେଶୀୟ, ସାମାଜିକ ରୀତି ନୀତିର ରଙ୍ଗ ଦେଇଛନ୍ତି । ପଞ୍ଚଦଶ ଶତାବ୍ଦୀର ଅତୀତ ଓଡ଼ିଶାରେ ଊନବିଂଶ ଶତାବ୍ଦୀର ଓଡ଼ିଶାର ନାରୀଚରିତ୍ର ମିଳେ । ସେ ଯୁଗରେ ବାଲ୍ୟବିବାହ ଓ ଲୁଚିବା ପ୍ରଥାର ପ୍ରଚଳନ ଥିଲା । ବିଂଶ ଶତାବ୍ଦୀରେ ଯେଉଁଠି ଆଧୁନିକ ପାଶ୍ଚାତ୍ୟ ଶିକ୍ଷାର ଆଲୋକପାତ ନ ହୋଇଛି, ସେଠାରେ ଅଦ୍ୟାପି ମଧ୍ୟ ପଞ୍ଚଦଶ ଶତାବ୍ଦୀର ରୀତି ବଞ୍ଚି ରହିଛି । ଗୁରୁଜନ ସମୀପରେ ସ୍ତ୍ରୀ ସ୍ୱାମୀ ସହିତ ଆଳାପ ନ କରିବା, ଭ୍ରାତୃଜାୟା ବୟସ୍କ ଦେବର, ଦେଢ଼ଶୁର ପ୍ରଭୃତିଙ୍କୁ ଲୁଚିବା ଓ କଥା ନ କହିବା ପ୍ରଥା ରହିଥିଲା । ଏହାର ଚିହ୍ନ ମନୁ ସଂହିତାରେ ମଧ୍ୟ ନିର୍ଦ୍ଦିଷ୍ଟ ଅଛି । ଅବିବାହିତା କନ୍ୟା ବୟସ୍କା ହୋଇଗଲେ ପିତାର ନିକଟ ସାନ୍ନିଧ୍ୟରୁ ମଧ୍ୟ ସଂହିତାକାର ବାଧା ଦେଇଛନ୍ତି । ଏହାର କାରଣ ଖୋଜିଲେ ଅନୁମିତ ହୁଏ ଯେ, ସେ ଯୁଗରେ ନରନାରୀ ସମ୍ବନ୍ଧ ସହଜ ଏବଂ ଶୁଭ୍ର ନ ଥିଲା । ମନୁଷ୍ୟ ଭିତରେ ଯେଉଁ ବର୍ବରତା ରହିଛି, ସେହି ବର୍ବର ଭାବକୁ ସଂଯମ କରିବା ନିମନ୍ତେ ଯେ ମନୁଷ୍ୟର ଶିକ୍ଷା ଓ ମାର୍ଜିତ ବୁଦ୍ଧି ରହିଥିଲା, ହୁଏ ତ ତାହା ପର୍ଯ୍ୟାପ୍ତ ନ ଥିଲା । ତେଣୁ ପାରିବାରିକ ଶୃଙ୍ଖଳା ଏବଂ ଗୁରୁ ଲଘୁ ସମ୍ପର୍କ ଯୁକ୍ତ ପାରମ୍ପରିକ ସଭ୍ୟତା ଖଣ୍ଡ ହେବା ଆଶଙ୍କାରେ ଉକ୍ତ ନିୟମ ବା ନୀତି ସମାଜରେ ପ୍ରଚଳିତ ଥିଲା । ଆଧୁନିକ ମନସ୍ତତ୍ତ୍ୱବିଦ୍ ବୈଜ୍ଞାନିକଗଣ ଏହି ମାନବିକ ବୃତ୍ତିର ମୌଳିକ ତଥ୍ୟମାନ ଉଦ୍‌ଘାଟନ କରି ଯାହା ଆବିଷ୍କାର କରିଛନ୍ତି, ତହିଁରୁ ଜଣାପଡ଼େ, ସାମାଜିକ ନରନାରୀ ସମ୍ପର୍କୀୟ ବିଧିନିଷେଧ ଗୁଡ଼ିକ ନିହାତି ଅସାର ମସ୍ତିଷ୍କପ୍ରସୂତ ଅଳୀକ କଳ୍ପନା ରୂପେ ପର୍ଯ୍ୟବସିତ ହୋଇ ନ ଥିଲା । ଏହି ନିୟମାନୁବର୍ତ୍ତିତା ଯୋଗୁଁ ସାମାଜିକ ନୀତି ଏବଂ ପାରିବାରିକ ସୌଷ୍ଠବ ବୃଦ୍ଧି ହୋଇ ହିନ୍ଦୁ ସମାଜକୁ ସଭ୍ୟତାର ଉଚ୍ଚତମ କୋଟିକୁ ନେଇ ଯାଇଥିଲା । ପାରିବାରିକ ମମତା, ଭକ୍ତି, ଶ୍ରଦ୍ଧା, ସ୍ନେହ,

ସହାନୁଭୂତି ପ୍ରଭୃତି ମହତ୍‌ଗୁଣ ଗୁଡ଼ିକ ନରନାରୀ ସମ୍ପର୍କରେ ବିନିଯୋଗ ହେଉଥିଲା। ତେଣୁ ବୟୋଜ୍ୟେଷ୍ଠ କନିଷ୍ଠକୁ ଶ୍ରଦ୍ଧା ସ୍ନେହ କରୁଥିଲେ ଓ କନିଷ୍ଠମାନେ ବୟୋଜ୍ୟେଷ୍ଠ ସମ୍ପର୍କରେ ବ୍ୟବଧାନ ସୀମା ଭିତରେ ରହିଥିବାରୁ ସେମାନଙ୍କୁ ଭକ୍ତି ଓ ସମ୍ମାନ କରୁଥିଲେ। କିନ୍ତୁ ଏ ଯୁଗରେ ତାହା ସଚରାଚର ଦେଖା ନ ଯିବାରୁ ଓ ଅର୍ଥନୀତି ପ୍ରଭୃତି ଆନୁସଙ୍ଗିକ ବହୁ କାରଣ ସତ୍ତ୍ୱେ ବ୍ୟବଧାନ ନ ଥିବାରୁ ନରନାରୀ, ଗୁରୁ ଲଘୁ ସମ୍ପର୍କରେ ମାନସିକ ସମ୍ପଦର ଯଥେଷ୍ଟ ହାନି ଘଟିଅଛି ବୋଲି ଦେଖାଯାଏ।

ସାରଳା ଦାସ ପୂର୍ବାପର ଘଟଣା ସଙ୍ଗତି ରଖି କାବ୍ୟ ରଚନା କରିଛନ୍ତି। ସେ ପ୍ରକ୍ଷିପ୍ତ ବିଷୟକୁ ମଧ୍ୟ ସଙ୍ଗତିକୁ ଆଣିଛନ୍ତି। ତହିଁରେ ଗୃହିଣୀ, ମାତା, କନ୍ୟା, ପିତା, ସପତ୍ନୀ, ବଧୂ, ରାଜା, ରାଣୀ ସମସ୍ତଙ୍କର କର୍ତ୍ତବ୍ୟ ଲିଖିତ। ଗୃହିଣୀଧର୍ମରେ ସାରଳା ଦାସ ଗୋଟିଏ ଭଲ ଚିତ୍ର ଦେଇଛନ୍ତି। ସ୍ୱାମୀ ଭିକ୍ଷାରୀ। ସ୍ତ୍ରୀ ଦୁଃଖିନୀ ନାରୀ। ସ୍ୱାମୀ ରୁଗ୍‌ଣ ହୋଇ ଯିବାରୁ ସ୍ତ୍ରୀକୁ ଭିକ୍ଷା ମାଗି ଯିବାକୁ ମନା କଲା। କିନ୍ତୁ ଘରେ କିଛି ନ ଥିବାରୁ ବ୍ରାହ୍ମଣୀ ମନେ ମନେ ଭାବୁଛି:—

"ବ୍ରାହ୍ମଣୀ ଭାବଇ ଯେବେ ପଠାଇବି ବନେ
ଘରଣୀପଣ ଦୂଷଣ ହେବ କାଳେ କାଳେ।
ବୋଲିବେ ଏ ନ ପାରିଲା ଦିନକ ଚଳାଇ
ଆଳସ୍ୟ ହୋଇଲା ରକ୍ତ ମାଂସ ଦେହ ବହି।
ଏମନ୍ତେ ଘରଣୀପଣ ହୋଇବ ଦୂଷିତ
ନ ଯାଉ ଏ ଦ୍ୱିଜବର ଆଜ ହେଉ ସୁସ୍ଥ।"

ପୂର୍ବେ ଲୋକନିନ୍ଦା ଅପବାଦ ଭିତରେ ନାରୀମାନେ କର୍ତ୍ତବ୍ୟ ଅବଧାରଣା କରୁଥିବାର ଉପରୋକ୍ତ ପଦରୁ ଜଣାପଡ଼େ।

ସାରଳା ଦାସ ମହାଭାରତରେ କେତେ ମନଗଢ଼ା ଗଳ୍ପ ଲେଖିଛନ୍ତି ଯଥା—ସ୍ୱର୍ଗାରୋହଣ ପର୍ବରେ ହରସାହୁ ବୈଶ୍ୟ ଝିଅ ହାରାବତୀ ସହିତ କେବଳ କନ୍ୟାଦାନରୁ କନ୍ୟାପିତାକୁ ରକ୍ଷା କରିବାକୁ ଯୁଧିଷ୍ଠିରଙ୍କୁ

ସ୍ୱର୍ଗକୁ ଯିବା ପଥରେ ବିବାହ କରିଅଛନ୍ତି । ଏତଦ୍ଦ୍ୱାରା କନ୍ୟା ଦାୟରେ ପିତାର ଦାୟିତ୍ୱ କେତେ ତାହା ଦେଖାଇଛନ୍ତି । ସନ୍ଥ ଜନମାନେ କନ୍ୟାଦାୟଗ୍ରସ୍ତ ପିତାକୁ ରକ୍ଷା କରି ସାହାଯ୍ୟ କରୁଥିବାର ଜଣାଯାଏ । ବାଳିକାମାନଙ୍କର ଖେଳଘର, ଶିବଙ୍କୁ ବାଳିକାମାନେ ଧୂଳି ଭୃତ ଦେବା ଓ ଶିବଙ୍କଠାରୁ ବରପ୍ରାପ୍ତି କଥା ଲେଖିଛନ୍ତି । ସାରଳା ଦାସ ମହାଭାରତରେ ତାଙ୍କର ରାମାୟଣ ମଧ୍ୟ ସଂକ୍ଷିପ୍ତ ବର୍ଣ୍ଣନା କରି ସମ୍ପୂର୍ଣ୍ଣ ରାମାୟଣ କଥା ଲେଖିଛନ୍ତି । ତହିଁରେ ଲକ୍ଷ୍ମଣ ସୀତାଙ୍କ କଥା ମାନି ରାମଚନ୍ଦ୍ରଙ୍କୁ ଖୋଜିବାକୁ ନ ଯିବାରୁ ସୀତାଙ୍କ କଟୂକ୍ତି ଦେଖିବା କଥା । ସୀତା କହୁଛନ୍ତି—

"ସୀତା ବୋଇଲେକ ମୁହିଁ ଜାଣେ ତୋର ମାୟା,
ରାମଙ୍କୁ ମରାଇ ତୁହି ହେବୁ ମୋର ନାହା ।
ଅନେକ ଝିଙ୍ଗାସି କଟୂବାକ୍ୟ ସେ ବୋଇଲେ,
ଏଥିପାଇଁ ଅଇଲୁ ତୁ ଶ୍ରୀରାମଙ୍କ ତୁଲେ ।
ରାମଙ୍କ ଶତ୍ରୁ ତୋଠାରେ ଟିକେ ଛନ୍ଦ ନାହିଁ,
ଏତେ କପଟୀ ହେଲୁ ତୁ ତାଙ୍କ ଭାଇ ହୋଇ ।"

ଏ ଶଙ୍କା ସବୁ କାଳରେ ସବୁ ଯୁଗରେ ନାରୀମନରେ ରହୁଛି । ଆମ ସମାଜରେ ଯେ ଦ୍ୱିତୀୟ ପ୍ରଥା ଥିଲା, ପୂର୍ବୋକ୍ତ ଉକ୍ତିରୁ ତହିଁର ପ୍ରମାଣ ମିଳେ । ନାରୀ ବିଧବା ହେଲେ ସେ କାଳରେ ଦେବରର ପତ୍ନୀ ହେଉଥିଲେ । ତାରା, ମନ୍ଦୋଦରୀ ଆଖ୍ୟାନରୁ ଏହାର ପ୍ରମାଣ ମିଳେ । ତେଣୁ ସୀତାଙ୍କ ମାନସିକ ଶଙ୍କା ନାରୀମନର ଗୋଟିଏ ଶାଶ୍ୱତ ମନୋବୃତ୍ତି । ହିନ୍ଦୁ ସମାଜରେ ଏହି ପ୍ରଥା ଏପର୍ଯ୍ୟନ୍ତ ନାନା ସମାଜରେ ବଞ୍ଚିଛି ।

ସାରଳା ଦାସ ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ ଲେଖିଛନ୍ତି । ଦୁଇଖଣ୍ଡି ପୁରାଣରେ ବୀରରସର ପ୍ରାବଲ୍ୟ ଦେଖାଯାଏ । ସୀତାଙ୍କ ପ୍ରେରଣାରେ ରାମ ବିଲଙ୍କା ରାବଣକୁ ମାରିଲେ । ନିଜେ ସୀତା ଯୁଦ୍ଧକ୍ଷେତ୍ରକୁ ଯାଇଥିଲେ । ଏହି ରାମାୟଣଟିରେ ସୀତାହିଁ ପ୍ରଧାନ ନାୟିକା । ମୂଳ ରାମାୟଣରେ ବାଲ୍ମୀକି ଏହି ତଥ୍ୟ ଲେଖି ନାହାଁନ୍ତି । ସୀତା ଚରିତ୍ରରେ

ସାରଳା ଦାସ ବୀରରସର ଆରୋପ କରିଛନ୍ତି, ଯାହା କି ମୂଳ ରାମାୟଣରେ ନାହିଁ । ସୀତା ରାମଙ୍କୁ କହୁଛନ୍ତି—ତୁମେ ରାବଣବଧ ପାଇଁ ଗର୍ବ କାହିଁ କି କରୁଛ ?

"ତୁମ୍ଭେ କିବା କଷ୍ଟ ପାଇଅଛ ରଘୁରାଣ,
ଘୋର କଷ୍ଟ ପାଇଲି ମୁଁ ମାଇଲି ରାବଣ ।
ଏମନ୍ତ ପ୍ରତିଜ୍ଞା ଯେବେ ଅଛ ରଘୁସାଇଁ
ବିଲଙ୍କାରେ ରାବଣକୁ ବଧ କର ଯାଇଁ ।

ବୈଦେହୀ ହିଁ ଗାସି କରି ପୁଣି କହିଲେ—

କାର୍ଯ୍ୟ ନ କରିଣ କିପାଁ ପ୍ରଶଂସି ହେଉଛ
କେଉଁ ଦିନ ରାବଣକୁ ତୁମ୍ଭେ ମାରିଅଛ ?

ଏହି ବୀରାଙ୍ଗନା ସୀତା ବନବାସରୁ ଫେରିଲା ବେଳେ ଯେପରି ବଧୂଭାବ ଦେଖାଇଛନ୍ତି, ତାହା ସାରଳା ଦାସ ବଡ଼ ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି —

" ଦେଖୁଥିଲେ ଉଭା ହୋଇ କରି ଦେବୀ ସୀତା,
ଦେଖି ଶାଶୁମାନଙ୍କୁ ସେ ନୁଆଁଇଲେ ମଥା ।
ଅଞ୍ଚଳ ଉହାଡ଼ ଦେବୀ ବସିଲେ ଝଟିତ
ବୋଇଲେ ରାମଙ୍କୁ ତୁମ୍ଭ ମାତା ଆସୁଛନ୍ତି ।
ଶୁଣିକରି ସଙ୍କୁଚିତ ହୋଇଲେ ଶ୍ରୀରାମ
ସୀତାଙ୍କୁ ବୋଇଲେ ତୁମ୍ଭେ କର ଯା ପ୍ରଣାମ ।"

ବୀରାଙ୍ଗନା ସୀତାଙ୍କର ପତିଙ୍କୁ ରାବଣ ମାରିବାକୁ ପ୍ରେରଣା ଦେବା ଓ ନିଜେ ଯୁଦ୍ଧଭୂମିକୁ ଯିବା, ପୁଣି ଶାଶୁମାନଙ୍କୁ ପାଛୋଟି ନେବା ପାଇଁ ଆସିବାର ଦେଖି ବଧୂଭାବ-ଦୁଇଟି ପାଖାପାଖି ରଖିଲେ ନାରୀ ଚରିତ୍ରର ଅଭିନବତ୍ୱ ଫୁଟିଉଠେ । ଏହି ସାମଞ୍ଜସ୍ୟ ବିଧାନ କେବଳ ସୀତାଙ୍କ ଭଳି ନାରୀଚରିତ୍ରରେ ଚିତ୍ରିବା ସାରଳା ଦାସଙ୍କ ପକ୍ଷେ ସମ୍ଭବ ହୋଇଛି, ଅନ୍ୟନାରୀର ଏହି ଚରିତ୍ର ଚିତ୍ର ଅଙ୍କନ ସମ୍ଭବ ହୋଇ ନ ଥାନ୍ତା । ବୀରତ୍ୱ ସାଥିରେ କମନୀୟତାର ଭାବ ସୀତାଚରିତ୍ର ଚିତ୍ରିବାକୁ ଯାଇଁ କବି ସଙ୍ଗତ କରି ଥୋଇ ପାରିଛନ୍ତି ।

## କବିଙ୍କ ନାରୀଚରିତ୍ରର ବୈଶିଷ୍ଟ୍ୟ

ପ୍ରାଚୀନ ସଂସ୍କୃତ କାବ୍ୟ ଲେଖକମାନେ ବହୁ ଅଂଶରେ ନାରୀଙ୍କୁ ଏକ ସୌନ୍ଦର୍ଯ୍ୟମୟୀ ପ୍ରତିମାରୂପେ ଚିତ୍ରଣ କରି ତାର ଦାମ୍ପତ୍ୟ ଜୀବନର ଭୋଗବିଳାସ ବିଭବକୁ କେବଳ ପ୍ରାଧାନ୍ୟ ଦେଇଥିଲେ । ପାରିବାରିକ ଜୀବନରେ ନାରୀର ସୁଖ ଦୁଃଖ, ମାନ ଅପମାନ, ଅଭାବ ଅଭିଯୋଗ, ଅସୁବିଧା ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିଲେ । କାବ୍ୟର ବିଷୟବସ୍ତୁର ବିଗ୍ରହଶୈଳୀ ବା ରୀତିର ଲୌହଚ୍ଛାଞ୍ଚହିଁ ଏହାର ପ୍ରଧାନ କାରଣ । କବିମାନେ ଯେ ଏହି ବିଷୟରେ ଅଜ୍ଞ ଥିଲେ ଏହା କହି ନ ପାରୁଁ । ସାରଳା ଦାସ ତାଙ୍କ ମହାକାବ୍ୟରେ ନାରୀଜୀବନର ବହୁ ବିଭବ ଓ ବିଭାଗ ପ୍ରତି ଲକ୍ଷ୍ୟ ରଖି ତାର ବିଶ୍ଳେଷଣ କରିଛନ୍ତି । ମନସ୍ତତ୍ତ୍ୱ ଦିଗରୁ ଏହି ନାରୀଚରିତ୍ର ବଡ଼ ଉଚ୍ଚାଙ୍ଗର ହୋଇଅଛି, ସନ୍ଦେହ ନାହିଁ । ସଂସ୍କୃତ ମହାଭାରତ ଓ ସଂସ୍କୃତ ପୁରାଣମାନଙ୍କରେ ନାରୀଚରିତ୍ରର ବିଭିନ୍ନ ଦିଗର ଚିତ୍ର ଦେଖିବାକୁ ମିଳେ । କିନ୍ତୁ ସାରଳା ଦାସଙ୍କ ମନସ୍ତତ୍ତ୍ୱ ବିଗ୍ରହ ଅନନ୍ୟସାଧାରଣ କହିଲେ ଚଳେ । ପ୍ରକୃତି ଓ ସ୍ୱଭାବକୁ ଏହି ଚିତ୍ର ଅତିକ୍ରମ କରି ନାହିଁ ।

ସାରଳା ଦାସ ମହାଭାରତରେ ଯେତେ ଗୁଡ଼ିଏ ନାରୀ ସୃଷ୍ଟି କରିଛନ୍ତି, ସେମାନେ ସକ୍ରିୟ, ସାବଲୀଳ, ଜୀବନ୍ତ । ରାମାୟଣର ନାୟିକା ସୀତାଙ୍କ ପରି ମହାଭାରତର ନାୟିକାମାନେ ନିସ୍ପନ୍ଦ, ନିଷ୍କ୍ରିୟ, ଦୈବାଧୀନା ନୁହନ୍ତି । ସୀତାଙ୍କ ପ୍ରକୃତିଠାରୁ ଦ୍ରୌପଦୀଙ୍କ ପ୍ରକୃତି ଭିନ୍ନ । ସୀତା ସତୀ ଥିଲେ । ସତୀତ୍ୱର ପରୀକ୍ଷା ଦେଇ ତାଙ୍କର ଜୀବନଯାତ୍ରା ପାତାଳରେ ନିର୍ବାଣ ଲଭିଥିଲା । ମାତ୍ର ମହାଭାରତୀୟ ନାରୀମାନଙ୍କୁ ଏପରି କଷ୍ଟିରେ ପରୀକ୍ଷା ଦେବାକୁ ପଡ଼ି ନାହିଁ । ମହାଭାରତ ନାରୀର ପତନ ଉତ୍‌ଥାନ ଅଛି । ମହାଭାରତ ଯୁଗରେ ସତୀତ୍ୱର ମହିମା ନାରୀଜୀବନକୁ ଦୀପ୍ତ କରିଛି, କିନ୍ତୁ ସତୀତ୍ୱ ସହିତରେ ବ୍ୟାବହାରିକ ଗୁଣଗୁଡ଼ିକର ସାଦୃଶ୍ୟ ରଚନା କରାଯାଇଛି—ବିଭିନ୍ନ ସମ୍ପର୍କ ମଧ୍ୟରେ । କିନ୍ତୁ ରାମାୟଣ ମହାଭାରତ ନାରୀମାନଙ୍କର ସାମଞ୍ଜସ୍ୟ ଅଛି । ସୀତାଙ୍କ ଚରିତ୍ରଠାରୁ ଦ୍ରୌପଦୀଙ୍କ

ଚରିତ୍ର ହୀନ ନୁହେଁ । ଯୁଗ ବିଭିନ୍ନ ହେଲେହେଁ ନାରୀଜୀବନର ଏକ ଆଦର୍ଶ କେନ୍ଦ୍ର ସୃଷ୍ଟି କରି ତାଙ୍କୁ ନେଇ ପରିଣତି ଦେଇଅଛି । ଭାରତୀୟ ସଂସ୍କୃତିର ଛାଞ୍ଚ ଭିତରେ କି ରାମାୟଣ, କି ମହାଭାରତ ସବୁ ଯୁଗର ନାରୀ ତିଆରି ହୋଇ ରୂପ ପାଇଛନ୍ତି । ଏହି କେନ୍ଦ୍ରିକ ଏକତ୍ୱରେ ନାରୀର ସନାତନ ବିକାଶ ଓ ସ୍ଫୁର୍ତ୍ତି । ମୂଳ ସ୍ୱର ଏକା ପରି । ଦୁଇ ଯୁଗର ନାରୀ ଏକା ଢଙ୍ଗର । ସୀତାଙ୍କ ପରି ଦ୍ରୌପଦୀ, ଗାନ୍ଧାରୀ ଓ କୁନ୍ତୀ ମଧ୍ୟ ଏକନିଷ୍ଠ ପତିବ୍ରତା ଥିଲେ । ସାଂସାରିକ ଦୃଷ୍ଟିରେ ଆମ୍ଭେମାନେ କୁନ୍ତୀ ଦ୍ରୌପଦୀଙ୍କ ଚରିତ୍ର ସହିତ ସୀତାଚରିତ୍ର ବିଚାରି ପାରିବା ନାହିଁ । ଏଥିପାଇଁ ସଂସାର ନିରପେକ୍ଷ ଭକ୍ତିମୟ ଋଷିଦୃଷ୍ଟିର ପ୍ରୟୋଜନ । ସେହି ଋଷିଦୃଷ୍ଟିରେ ବ୍ୟାସ, ସାରଳା ଦାସ ନାରୀ ଚରିତ୍ର ଚିତ୍ର କରିଛନ୍ତି । ସେହି ଆତ୍ମନିଷ୍ଠ ନାରୀମାନଙ୍କ ଚରିତ୍ର ବୁଝିବାକୁ ସାଧାରଣଙ୍କର ସଂସ୍କାର ଶୁଦ୍ଧ ହେବା ଦରକାର । କୁନ୍ତୀ ଚାରୋଟି ଦେବତାଙ୍କ ଔରସଜାତ ପୁତ୍ରମାନଙ୍କର ମାତା ହୋଇ, ଅପାପବିଦ୍ଧା ଥିବାରୁ ସମାଜ ଓ ରାଜ୍ୟ ତାଙ୍କୁ ଅଙ୍ଗୀକାର କରିଥିଲା । ଗୁରୁ ଆଜ୍ଞା, ସ୍ୱାମୀ ଆଜ୍ଞା ପାଇ ବଂଶଧାରା ରକ୍ଷା କରିବା ପାଇଁକି ସେ ପୁତ୍ରୋତ୍ପାଦନ କରିଥିଲେ । ଶାଶୁଙ୍କ ଆଜ୍ଞାରେ ଦ୍ରୌପଦୀଙ୍କ ଭାଗ୍ୟରେ ମଧ୍ୟ ସେହି ଦଶା ଘଟିଥିଲା । କୁନ୍ତୀ ଯେପରି ପାଣ୍ଡୁଙ୍କ ସହଧର୍ମିଣୀ ଓ ଅନୁଗାମିନୀ ଥିଲେ, ଦ୍ରୌପଦୀ ମଧ୍ୟ ସେହିପରି ପଞ୍ଚପତିଙ୍କର ସହଧର୍ମିଣୀ, ଅନୁଗାମିନୀ ଓ ନିଷ୍ଠାପର ସେବିକା ପୁଣି ମନ୍ତ୍ରିଣୀ ଥିଲେ । ଉଭୟେ ମହୀୟସୀ ପୁଣ୍ୟବତୀ ସତୀ ନାରୀ । ମହାଭାରତ ନାରୀ ଲୀଳାମୟୀ, ରାମାୟଣ ନାରୀ ତପସ୍ୱିନୀ । ରାମାୟଣ ନାରୀଙ୍କର ଜୀବନରେ ବେଦନା ଅଛି, ହର୍ଷ ନାହିଁ । ମହାଭାରତ ନାରୀ ଆନନ୍ଦ ବେଦନାରେ ଚଞ୍ଚଳା, ଜୀବନର ଗତିଛନ୍ଦରେ ଆକୁଳା ।

× × ×

ସାରଳା ଦାସ ଗାନ୍ଧାରୀ ଧୃତରାଷ୍ଟ୍ର ବିବାହ ଯେପରି ବର୍ଣ୍ଣିଛନ୍ତି, ତହିଁରେ ଅଦ୍ୟାପି ଆମ ଦେଶରେ କହନ୍ତି—ଧୃତରାଷ୍ଟ୍ରଙ୍କ କନ୍ୟା ନାହିଁ, ଗାନ୍ଧାରୀକୁ ବର ନାହିଁ । ପଲ୍ଲୀରେ ବହୁ ବିବାହକାରୀଙ୍କୁ କହନ୍ତି, "ଅମୁକ ଛନିଆ ଭଳି ହେଲା, ସାହାଡ଼ା ଗଛକୁ ପ୍ରଚାଇ ଶିରିଠା ହେଲା ।"

ସାରଳା ଦାସ ବହୁ ସାମାଜିକ ରୀତି, ପ୍ରବାଦ, ପଣ୍ଡିତକୁ ତାଙ୍କ କନ୍ୟା ସ୍ୱୟମ୍ବର ଓ ବିବାହ ପ୍ରଣାଳୀରେ ଭର୍ତ୍ତି କରିଛନ୍ତି ଦେଖି ଆଶ୍ଚର୍ଯ୍ୟ ଲାଗେ ।

ସେ ଯୁଗର ନାରୀମାନେ ପ୍ରସାଧନ-ପ୍ରିୟା, ଅଳଙ୍କାର-ବସନ-ପ୍ରିୟା, ସ୍ୱାଚ୍ଛନ୍ଦ୍ୟ ଅଭିଗାମୀ, ପ୍ରେମପ୍ରବଣା ଥିବାର ସାରଳା ଦାସ ଲେଖିଛନ୍ତି । ସପତ୍ନୀ-ଈର୍ଷା ଓ ଭେଦଭାବ ମଧ୍ୟ ସେମାନଙ୍କ ପ୍ରକୃତିରେ ଥିଲା । ନାଗ-କନ୍ୟା ବିନ୍ଧ୍ୟବାଳୀ, ହିଡ଼ିମ୍ବିକା ପ୍ରଭୃତି ସହଜ ସୁନ୍ଦରୀ ନାରୀମାନେ ସାଧାରଣ ଶ୍ରେଣୀର ନାରୀ ଥିଲେ ଓ ରହସ୍ୟବିଦ୍ୟାପାରଙ୍ଗମା ଥିଲେ । ଏହି ଶ୍ରେଣୀର ନାରୀଚରିତ୍ର ସାରଳା ଦାସଙ୍କ ମହାକାବ୍ୟରେ ବିଶେଷ ଭାବରେ ଦୃଷ୍ଟ ହୁଏ । ସେମାନଙ୍କ ଚରିତ୍ରରେ ବିଶେଷତ୍ୱ ଓ ଶିକ୍ଷଣୀୟ ବିଷୟ କିଛି ନ ଥିବାରୁ ସେମାନଙ୍କ ଚରିତ୍ର ଉଲ୍ଲେଖ କରାଗଲା ନାହିଁ ।

ମହାଭାରତ ଆମ ଦେଶରେ ଚର୍ଚ୍ଚା ହେବା ଉଚିତ । ଯାଗ ଯଜ୍ଞ, ହୋମ ବ୍ରତ, ପୂଜା ଅନୁଷ୍ଠାନ, ବିବାହ, ଶ୍ରାଦ୍ଧ ଅନୁକୂଳ ସମ୍ବନ୍ଧରେ ଯାହା ସବୁ ଲିଖିତ ଅଛି ସେ ସମ୍ବନ୍ଧରେ ଆଧୁନିକ ନାରୀମାନଙ୍କର ଜାଣିବାର ରହିଛି । ତାହା ଜାଣିବା ଅର୍ଥ ନିଜର ଜାତୀୟତା, ନିଜର ଐତିହ୍ୟ ଓ ପରମ୍ପରାକୁ ଜାଣିବା । ଫଳତଃ ଏହା ଦ୍ୱାରା ଜାତୀୟ ଆତ୍ମାକୁ ଚିହ୍ନିବା ସମ୍ଭବ ହୁଏ । ମୁଁ କେବଳ ନାରୀଚରିତ୍ର ଲେଖିଲି । କିନ୍ତୁ ଏହି ମହାକାବ୍ୟ ଏତେ ବିରାଟ ଏବଂ ମନୁଷ୍ୟଜୀବନର ଏତେ ଗୁଡ଼ିଏ ଦିଗର ଦର୍ଶନ ଏହି ପୁସ୍ତକରେ ରହିଛି ଯେ, ତାହା ଆମର ଶିକ୍ଷିତା ଝିଅ ବୋହୂମାନଙ୍କର ପ୍ରଣିଧାନର ବିଷୟ । ରାଜନୀତି, ଶାନ୍ତି, ଯୁଦ୍ଧନୀତି, ଅର୍ଥ, ନୀତିଶାସ୍ତ୍ର ସବୁ ଦିଗରେ ମହାଭାରତ ଶାଖା ମେଲିଛି । ସାରଳା ଦାସ ଯେପରି କବି ଥିଲେ, ସେହିପରି ଜଣେ ଶ୍ରେଷ୍ଠ ସମାଜତତ୍ତ୍ୱବିଦ୍ ପଣ୍ଡିତ ବ୍ୟକ୍ତି ଥିଲେ । ତାହାଙ୍କ ସ୍ମୃତିକୁ ନମସ୍କାର କରି ଏହି ଗ୍ରନ୍ଥ ଶେଷ କରୁଛି । ଭ୍ରମ ପ୍ରମାଦ ଏଥିରେ ଥିବ—ତଥାପି ମୋର ଆତ୍ମତୃପ୍ତି ।

# ଅଭିମତ

ଶ୍ରୀମତୀ ସରଳା ଦେବୀଙ୍କ ଲିଖିତ "ଭାରତୀୟ ନାରୀର ଆଦର୍ଶ" ଶୀର୍ଷକ ପ୍ରବନ୍ଧ ପାଠ କଲି । ଏହି ପ୍ରବନ୍ଧ ଓଜସ୍ୱିନୀ ଭାଷାରେ ଏକପ୍ରକାର ବ୍ୟଥିତ ପ୍ରାଣରେ ଲେଖା ହୋଇଅଛି । ଏହା ଆଜିକାଲି ଯୁଗର ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଉପସ୍ଥାପିତ ହେଲେ ଭାରତୀୟ ନାରୀପ୍ରକୃତିର ପ୍ରକୃତ ଛବିର ଧାରଣା ସେମାନଙ୍କର ହେବ । ତେଣୁ ଏପରି ପ୍ରବନ୍ଧର ଉପଯୋଗିତା ଅଛି । ବିଭିନ୍ନ ମତବାଦର ସ୍ଥାପନାରେ ଯେ ବିଚାର-ପଦ୍ଧତି ସୃଷ୍ଟି ହୁଏ, ତହିଁରୁ ପ୍ରକୃଷ୍ଟ ପନ୍ଥା କିଣ, ସ୍ୱତଃ ପ୍ରକାଶମାନ ହୁଏ । ବିପ୍ଳବମୟ ଯୁଗରେ ବିପ୍ଳବାତ୍ମକ ବିଷୟଦ୍ୱାରା ବିପ୍ଳବର ସାରବତ୍ତା ଉପଲବ୍ଧି ହୁଏ ଏବଂ ପ୍ରକୃତ ସତ୍ୟ ଉଦ୍ଭୂତ ହୁଏ । ତେଣୁ ଏହି ପ୍ରବନ୍ଧ-ପାଠକପାଠିକାଙ୍କ ମନରେ ଏକପ୍ରକାର ଭାବର ଜାଗରଣ କରିବ, ଯାହାଦ୍ୱାରା ସମାଜରେ ଶ୍ରେୟର ସମ୍ଭାବନା ଅଛି ।

କଟକ
୨୩।୧୧।୫୧

ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି
ସଭାପତି—ସାହିତ୍ୟ-ଉନ୍ନୟନ କମିଟି
ଉତ୍କଳ ବିଶ୍ୱବିଦ୍ୟାଳୟ .

# ପରିଶିଷ୍ଟ

## ଭାରତୀୟ ନାରୀର ଆଦର୍ଶ

### ପ୍ରଥମ ଅଧ୍ୟାୟ

ବିଂଶ ଶତାବ୍ଦୀର ଏ ଯୁଗକୁ ସାଧାରଣତଃ ବିଜ୍ଞାନ ଯୁଗ କହନ୍ତି । ଏ ଯୁଗର ସଭ୍ୟତା ସଂସ୍କୃତି ପୂର୍ବକାଳଠାରୁ ବେଶି ଉନ୍ନତ ହୋଇଛି ବୋଲି ମନେ କରିବାର ହେତୁ ନାହିଁ । ସହସ୍ର ଶତାବ୍ଦୀ ପୂର୍ବେ ଯେତେବେଳେ ସମାଜରେ ନଗ୍ନା ନାରୀମାନେ ଗିରିଗୁହାରେ ରହି ନଦୀ ନିର୍ଝର ଜଳ, ବଣର ଫଳ ମୂଳ ଖାଇ ଓ ପୁରୁଷମାନେ ଶିକାର କରି ଆଣୁଥିବା କଞ୍ଚା ମାଂସ ଖାଇ ବଞ୍ଚୁଥିଲେ, ସେ କାଳରେ ନାରୀ ମଧ୍ୟ ଏବକା ନାରୀମାନଙ୍କ ଭଳି ପୁରୁଷଙ୍କ ଦ୍ୱାରା ପାଳିତା ଏବଂ ରକ୍ଷିତା ହେଉଥିଲି । ସେ କାଳରେ ନାରୀ ଅପହରଣ, ନାରୀଧର୍ଷଣ, ନାରୀଲୁଣ୍ଠନ ସମାଜରେ ଚଳୁଥିଲି । ସେହି କାରଣରୁ ବଳିଷ୍ଠ ବ୍ୟକ୍ତି ବା ଦଳକୁ ଆଶ୍ରା କରି ବଞ୍ଚୁଥିଲି ନାରୀ । ଯେଉଁ କାଳରେ ବିଜ୍ଞାନ ଯନ୍ତ୍ର, ଶିଳ୍ପ, ରସାୟନ, ପଦାର୍ଥବିଦ୍ୟା, ଶରୀରବିଦ୍ୟା ପ୍ରଭୃତିର ଶାଖା ପ୍ରଶାଖା ଆବିଷ୍କାର କଲି, ପୁଣି ସାହିତ୍ୟ, କଳା, ଇତିହାସ ପୂର୍ବକାଳ ସମାଜ ଆଖିରୁ ପରଦା କାଢ଼ି ଦେଲି, ସେକାଳରୁ ମନୁଷ୍ୟ ବିଜ୍ଞାନ ଓ ବୁଦ୍ଧି ବଳରେ ତାର ଚିରକାଳର ାଶ୍ରୟ ପ୍ରକୃତିଠାରୁ ନିଜକୁ ଛଡ଼ାଇ ଆଣିଲି । ଆଜିକା ମନୁଷ୍ୟ ଅସାଧ୍ୟ ାକୃତିକ ବାଧାଗୁଡ଼ିକୁ ତାର ଉଦ୍ଭାବନୀ ଶକ୍ତିଦ୍ୱାରା ସାଧ କରି ପାରୁଛି ପ୍ରକୃତିର ଅସୀମ ଶକ୍ତିଭଣ୍ଡାରର ପ୍ରଭୁ ହୋଇ ବସିଛି । ପୂର୍ବକାଳ ନାରୀମାନଙ୍କ ସହିତରେ ଏ ଯୁଗ ନାରୀମାନଙ୍କୁ ତୁଳି ଦେଖିଲେ ବିଶେଷ ପରିବର୍ତ୍ତନ ଆଖିରେ ପଡ଼େ ନାହିଁ । ସେମାନେ ସେହିପରି ଦୁର୍ବଳ, ଭୀରୁ ରହିଛନ୍ତି । ପୁରୁଷ ଯେପରି ତାର ମୂଳ ପଶୁପ୍ରବୃତ୍ତି ବଦଳାଇ

ନ ପାରି କେବଳ ଚକ୍‌କଣ ସଭ୍ୟ ରୀତିର ନକଲି ବେଶ ପିନ୍ଧି ବିଜ୍ଞାନର କୃତ୍ରିମ ଅଭିଜାତ ଉପାୟମାନ ଜୀବିକା ମାନ୍ତରେ ପ୍ରୟୋଗ କରି ସଭ୍ୟ ବା ସଂସ୍କୃତ ବୋଲାଉଛି, ନାରୀ ମଧ୍ୟ ଏ ଦିଗରେ ତାକୁ ପୁରି ଅନୁକରଣ ଓ ଅନୁସରଣ କରି ଚାଲିଛି । ଧର୍ମ, ଲୋକାଚାର, ନୀତି, ରାଜ୍ୟର ଆଇନ ଭିତରେ ସେ ନିଜକୁ ଦମନ କରି ଚାଲିଛି । କାରଣ ଏ ଯୁଗର ମନୁଷ୍ୟ ପ୍ରାକୃତିକ କ୍ରମବିକାଶ ଧାରାରେ ମାର୍ଜିତ ସଂସ୍କୃତ ହେଲେ ହି ଏପର୍ଯ୍ୟନ୍ତ ପୃଥିବୀରେ ଗୋଷ୍ଠୀ ଉତ୍ତେଜନା, କ୍ରୀତ ଦାସଦାସୀପ୍ରଥା, ଯୁଦ୍ଧାଭିଯାନ, ଶୋଷଣ, ଦୁର୍ବଳପୀଡ଼ନ, ପରରାଜ୍ୟହରଣ, ଲୁଣ୍ଠନ ମନୁଷ୍ୟ ସମାଜରେ ନିନ୍ଦିତ ହୋଇ ନାହିଁ । ରାଜ୍ୟ ଆଇନ୍ ଏହି ସବୁ ଅନୀତି କଥାକୁ ଅଳ୍ପକାଳ ପାଇଁ ଦବେଇ ରଖେ ମାତ୍ର । ଭୟ ମନୁଷ୍ୟକୁ ସଙ୍କୁଚିତ କରିଥିବାରୁ ମନୁଷ୍ୟ ପଶୁ ନ ହୋଇ ମନୁଷ୍ୟ ବୋଲାଉଛି ମାତ୍ର । ନାରୀ ଶିକ୍ଷା ପାଇଥିଲେହେଁ, ତାର ମୂଳ ପ୍ରକୃତି ଠିକ୍ ଆଗଭଳି ରହିଛି । ସମାଜ ରାଷ୍ଟ୍ରରେ ନାରୀ ତାର ବ୍ୟକ୍ତିତ୍ୱର ପ୍ରତିଷ୍ଠା କରିବାକୁ ଇଚ୍ଛା କରେ । କିନ୍ତୁ ସମାଜତତ୍ତ୍ୱବିଦ୍ ପଣ୍ଡିତମାନଙ୍କ କହିଥିବା ଯୋଗ୍ୟତାର ଉଦ୍‌ବର୍ତ୍ତନ କଥାଟି ସେ ଭୁଲି ଯାଇଛି । ସେହି କାରଣରୁ ସେ ଆତ୍ମକେନ୍ଦ୍ରିକ ହୋଇଥିବାରୁ ନିଃସହାୟା ଭୀରୁ ହୋଇ ବଞ୍ଚିଛି । ଆଜିକାଲି ଦଳଗତ ଜୀବନ ଯାପନ ବା ଜୀବନ ବିକାଶ ସହିତ ତାର ସମ୍ବନ୍ଧ ନାହିଁ । ସେହି କାରଣରୁ ସେ ପରାଧୀନା—ପରତନ୍ତ୍ର । ଏ ଯୁଗର ଏ ଶତାବ୍ଦୀର ସିଦ୍ଧସାଧିକା ସେ ହୋଇ ପାରି ନାହିଁ । ସେଥିପାଇଁ ପୃଥିବୀର ଦ୍ୱିତୀୟ ମହାସମର ପରେ ଜର୍ମାନ ଓ ଜାପାନ ଦେଶର ନାରୀମାନେ କ୍ରୀତ-ଦାସୀ ଭାବରେ ବନ୍ଦୀ ହେଉଅଛନ୍ତି ଓ ଅବୈଧ ଜୀବନ ଯାପନ କରୁଛନ୍ତି । ପ୍ରାକୃତିକ କାରଣରୁ ଏହି ପ୍ରଥା ଆବହମାନ କାଳରୁ ପ୍ରଚଳିତ । ଏ ଯୁଗରେ ପୃଥିବୀର ପ୍ରତ୍ୟେକ ଦେଶରେ ନାରୀଜାତିର ନୈତିକ ଅଧଃପତନ ଘଟିଅଛି । ବିଜ୍ଞାନ ବି ତାକୁ ଜୈବିକ ପାରିପାର୍ଶ୍ୱିକ ଆବେଷ୍ଟନରୁ ମୁକ୍ତି ଦେଇ ପାରୁ ନାହିଁ । ପ୍ରାକୃତିକ କାରଣରୁ ଆର୍ଥିକ ପ୍ରତିଯୋଗିତାରେ ନାରୀ ଦୁର୍ବଳା ହୋଇ ମଧ୍ୟ ନର ସହ ପ୍ରତିଦ୍ୱନ୍ଦିନୀ ହୋଇଅଛି ।

ଏ ଯୁଗର ବିଜ୍ଞାନ ପୂର୍ବକାଳର ଅନ୍ଧାର ଗୁହାରେ ରହୁଥିବା ମନୁଷ୍ୟକୁ ବିଜୁଳି ଶକ୍ତିରେ ଚାଲୁଥିବା ନାନା ଉପକରଣ, ପ୍ରାସାଦ, ଜାହାଜ, ବେତାର, ଉଡ଼ା ଓ ବୁଡ଼ା ଜାହାଜ, ରାଡ଼ର, ରୋଗକଷ୍ଟ ନିବାରଣୀ ଆଶ୍ଚର୍ଯ୍ୟ ଔଷଧ ଓ ଶଲ୍ୟଚିକିତ୍ସା ଆଣି ଦେଇଛି । ଏହା ଛଡ଼ା ସାମାଜିକ ଶ୍ରେଣୀ ଚେତନାର ସ୍ୱରୂପ ମଧ୍ୟ ଦେଖାଇଛି । ଆଗେ ମନୁଷ୍ୟ ଶତ୍ରୁକୁ ଦେଖିଲେ ନଖ ଦାନ୍ତରେ ଚିରି ଖଣ୍ଡ ଖଣ୍ଡ କରି ଦେଉଥିଲା । କାମପ୍ରବୃତ୍ତି ସାର୍ଥକତା ପାଇଁ ନିର୍ମମ ଅସଭ୍ୟ ପାଶବିକ ଅଭିଯାନ କରୁଥିଲା । କିନ୍ତୁ ନବ ସଭ୍ୟତାରୁ ସେ ଯେ ବୁଦ୍ଧି ପାଇଲା, ତାହା ଫଳରେ ସେ ନାନା କୂଟ ତର୍କ ସଂଯୁକ୍ତ ଆଇନର ସୁବିଧା ନେଇ ଶତ୍ରୁକୁ ସାଧି ପାରିଲା । ସାମାଜିକ ବିଧିରେ ବିବାହ କରି ନିଜର ପାଶବ ପ୍ରବୃତ୍ତିକୁ ସଂଯମିତ କରି ପାରିଲା । କାରଣହୀନ ନଗ୍ନ ନରହତ୍ୟା ପୃଥିବୀରେ ନିନ୍ଦିତ ହେଉଥିବାରୁ ମନୁଷ୍ୟ ହଇଜା, ବସନ୍ତ ପ୍ଲେଗର ଜୀବାଣୁ ଓ ବିଷାକ୍ତ ବାଷ୍ପ ଗୁପ୍ତଆଡ଼େ ଖେଳାଇ ଗଣହତ୍ୟା ବା ଲୋକସଂହାର କରୁଛି । ମନୁଷ୍ୟ ଆଜି ପୂର୍ବ ପ୍ରତିଷ୍ଠିତ ଈଶ୍ୱରଙ୍କ ସନାତନ କଳ୍ପନାକୁ ମଧ୍ୟ ଅସ୍ୱୀକାର କରିଅଛି । ମନୁଷ୍ୟ ପ୍ରକୃତି ସହିତ ବିବାଦ କରି ଇନ୍ଦ୍ରିୟବୃତ୍ତିର ସାର୍ଥକତା ପାଇଁ ଅସଂଖ୍ୟ ଉପାୟ ଉଦ୍ଭାବନ କରିଛି । ମନୁଷ୍ୟର ପଶୁପ୍ରବୃତ୍ତିକୁ ଦବାଇ ରଖିଛି ଏବକା ପାଲିସ ମରା ସଭ୍ୟତା । ମନୁଷ୍ୟର ସହଜ ମୌଳିକ ବୃତ୍ତିରୁ ଜନ୍ମିଥିବା ସଂସ୍କାର ଓ ମାନବିକ ଗୁଣମାନଙ୍କୁ ଧୂଳିମାଟିରେ ପୋତି ଆଜି ସେ ବିଶ୍ୱ ରାଜପଥର ପଥିକ ହୋଇଛି । ସେ ଯନ୍ତ୍ର ସଭ୍ୟତାର ଭକ୍ତ ହୋଇ ତାର ପାପର ପ୍ରାୟଶ୍ଚିତ୍ତ କରୁଛି । ନାନା ଦୁରୂହ ରୋଗରେ ତାର ଶରୀର ମନ ବିକଳ, ଅବସନ୍ନ ହୋଇ ପଡ଼ୁଛି । କୃତ୍ରିମ ଜୀବନ ଯାପନ କରୁଥିବାରୁ ମନୁଷ୍ୟ ଯାହା କିଛି ମହତ୍ତର, ବୃହତ୍ତର, ସତ୍ୟ, ଶିବ, ସୁନ୍ଦର, ନ୍ୟାୟସଙ୍ଗତ, ତାକୁ ଚଳମାନ ଜୀବନସ୍ରୋତରୁ ଦୂରକୁ ଫିଙ୍ଗି ଦେଇଛି । ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ବଞ୍ଚିବା ଲାଗି ତା ହାତରେ ନୈତିକ ସମ୍ବଳ ବା ମନୁଷ୍ୟତ୍ୱର ମୂଳଧନ କିଛି ମାତ୍ର ଅବଶେଷ ନାହିଁ । ସେ ଆତ୍ମାଠାରୁ ଫିଟି ପଡ଼ି ଅସ୍ଥିମାଂସଗତ ବା ଦେହସ୍ଥ ହୋଇ ପଡ଼ୁଛି । ଇନ୍ଦ୍ରିୟମାନଙ୍କର ପ୍ରତ୍ୟକ୍ଷାନୁଭୂତି ବା

ସ୍ୱାଦର ମୂଲ୍ୟ ଦବାକୁ ଯାଇ ଆଧୁନିକ ମନୁଷ୍ୟ ଯଥାର୍ଥରେ ଦେଉଳିଆ ହୋଇ ଯାଇଛି । ଡାକଘର, ବ୍ୟାଙ୍କ, କଚେରୀ, କଳ କାରଖାନା, ଡାକ୍ତରଖାନା, ମାରଣାସ୍ତ୍ରର ପ୍ରୟୋଗଶାଳା ଆଜିକା ମନୁଷ୍ୟସତ୍ତାକୁ ନିୟନ୍ତ୍ରଣ କରୁଅଛି । ଯନ୍ତ୍ର ଭଳି ଧନ ଉତ୍ପାଦନର ଅହର୍ନିଶି ସାଧକ ମନୁଷ୍ୟ କେବଳ ଇନ୍ଦ୍ରିୟତାଡ଼ିତ ବୁଦ୍ଧିର ସାର୍ଥକତା ପାଇଁ ପାଷଣ୍ଡ ଓ ହୃଦୟହୀନ ହୋଇଛି । ଏହି ନିଷ୍ଠୁରତାହିଁ ତାର ଶୌର୍ଯ୍ୟ । ଖାଦ୍ୟ, ବସ୍ତ୍ର, ପେୟ, ଗୃହଭୂମି, ବିଳାସ ବ୍ୟସନ ଉପକରଣ ନିମନ୍ତେ ସେ ଖାଣ୍ଟି ମନୁଷ୍ୟତା ବିରୁଦ୍ଧରେ ରୀତିମତ ବିଦ୍ରୋହ କରି ଅଧ୍ୟାତ୍ମ ବୁଦ୍ଧିକୁ ଜୀବନରେ ଅଦରକାରୀ ମଣି ନିର୍ବାସିତ କରିଛି । ଯୋଉଠି ମନୁଷ୍ୟର ଅଲଙ୍କରଣ ବୁଦ୍ଧି ଆତ୍ମସ୍ୱାର୍ଥ ସୁରକ୍ଷା ପାଇଁ ଓ କ୍ଷୁଦ୍ର ଜାତୀୟ ଗୋଷ୍ଠୀ ସ୍ୱାର୍ଥ ପାଇଁ ବିଜ୍ଞାନ ବୁଦ୍ଧି ପ୍ରୟୋଗରେ ହତ୍ୟାକୁ ଶକ୍ତିର ଉତ୍ସ କରିଛି, ଯେଉଁଠି ଶୋଷଣବାଦ ଓ ଆଇନସଙ୍ଗତ ଡକାୟତି ଉପରେ ମନୁଷ୍ୟ ହିଂସା, ଈର୍ଷା ଓ ପରଶ୍ରୀକାତରତାର ଗୌରବ ପତାକା ଉଡ଼ାଇ ଏ ଶତାବ୍ଦୀରେ କେତୋଟି ବିଶ୍ୱଯୁଦ୍ଧ ଘଟାଇ ଭାବୀ ଯୁଦ୍ଧକୁ ଏଡ଼ିବା ପାଇଁ ବୁଦ୍ଧି କି ଉପାୟ ପାଉ ନାହିଁ, ସେଠାରେ ଏ ଯୁଗରେ ଏ କାଳରେ ନାରୀ ସତୀତ୍ୱର ମୂଲ୍ୟ କାହିଁ ? ବିଶ୍ୱ ରାଜପଥରେ ନାରୀର ଯେ ଚିରନ୍ତନ ରୂପର ମୂଲ୍ୟ ଥିଲା, ଆଜି କେବଳ ତାହାହିଁ ତାର ସମ୍ବଳ ହୋଇ ରହିଛି । ନାରୀ ଆତ୍ମାର ନିରାବରଣ—ତାର ଦେହ ପୁରୁଷର ଇନ୍ଦ୍ରିୟଗ୍ରାହ୍ୟ ବୋଲି ତାହାର ଜୟଗାନ ଆଜିକା ଦୁନିଆର ଶିଳ୍ପ, କଳା, କାବ୍ୟ, ସଙ୍ଗୀତ, ସାହିତ୍ୟର ବିଶିଷ୍ଟ ଉପଜୀବ୍ୟ ହୋଇଛି । କାରଣ ଯନ୍ତ୍ରଯୁଗର ମନୁଷ୍ୟ ଉପରେ ବାସ୍ତବତାହିଁ କେବଳ ରାଜତ୍ୱ କରୁଛି । ଭାରତର ଲୋକେ ଆଉ ନୈମିଷାରଣ୍ୟ, ଇଲୋରା, ଅଜନ୍ତା, ନାଳନ୍ଦା, ବିହାର ଗୁମ୍ଫାକୁ ଫେରିବେ ନାହିଁ । ମନୁଷ୍ୟର ଉଦ୍ଭାବନୀ ଶକ୍ତି ପ୍ରକୃତିକୁ ତୀବ୍ରଭାବରେ କରାୟତ୍ତ . କରି କ୍ରମେ ବସ୍ତୁସଭ୍ୟତାର ଶିଖରକୁ ନେଇ ସର୍ବଶକ୍ତିମାନ୍ ଭଗବାନଙ୍କ ସୃଷ୍ଟି ସହିତ ପ୍ରତିଦ୍ୱନ୍ଦିତା କରାଇବ । ସେ ଏ ଦୁନିଆର ପ୍ରଭୁ ହେବ । ଦିନେ ବିବେକାନନ୍ଦ, ଗାନ୍ଧୀ,

ଅରବିନ୍ଦ, ରବୀନ୍ଦ୍ର, ଯେଉଁ ସଂଘର୍ଷହୀନ ସହଜ ଜୀବନଯାତ୍ରାର କଳ୍ପନା କରୁଥିଲେ, ସେହି ଆଶ୍ରମ ଜୀବନ ସ୍ୱପ୍ନ କଳ୍ପନା ହୋଇ ଇତିହାସ ପୃଷ୍ଠାରେ ଜୀବନ୍ତ ସମାଧି ନେବ । ବିଗତ ଶତାବ୍ଦୀମାନଙ୍କରେ ଯେ ପୁଞ୍ଜିଭୂତ ଅତ୍ୟାଚାର, ଶୋଷଣ, ଉତ୍ପୀଡ଼ନର ଶିକାର ହୋଇ ମନୁଷ୍ୟ ଅଦୃଷ୍ଟ-ବାଦ ଉପରେ ନିର୍ଭର କରି ଶାନ୍ତି ଖୋଜୁଥିଲା, ସେହି ଶାନ୍ତି କାମନାର ଫାଙ୍କି ଭିତରୁ ଯେ ଗରଳ ପୃଥିବୀରେ ନବ୍ୟ ଶ୍ରେଣୀ ଚେତନା ଆଣି ଦେଇଛି, ସେହି ଗରଳ ଆଜି ବିଶ୍ୱମାନବ ଜାତି ଜାତିରେ ଦେଶ ଦେଶରେ ପାନ କରିବେ, ଫଳତଃ ଜୀବନସଂଗ୍ରାମ ଉତ୍କଟ ହୋଇଯିବାରୁ ଏ ଯୁଗର ନାରୀ ମଧ୍ୟ ପୁଞ୍ଜିବାଦୀ, ସାମନ୍ତବାଦୀ ସମାଜର ରୀତି, ଧର୍ମଯାଜକଙ୍କ ଅସାର କଳ୍ପନା ବୋଲି ମନେ କରି ସତୀତ୍ୱକୁ ଉପହାସ କରିବ । ଯେଉଁ ବିଜ୍ଞାନ ଅନ୍ଧକୁ ଦୃଷ୍ଟିଦାନ, ଦେହରେ କୃତ୍ରିମ ଯନ୍ତ୍ର ସ୍ଥାପନ ପ୍ରଭୃତି ନାନା ଅସମ୍ଭବ କଥାକୁ ସମ୍ଭବ କରିଛି, ପୁଣି ଦର୍ଶନବିଦ୍ୟାର ଚୈତନ୍ୟ ଓ ପରମାଣୁବାଦ ସହିତ ସମନ୍ୱୟ ସାଧନ କରିବାରେ ସମର୍ଥ ହୋଇ ଅଣୁ ଚୈତନ୍ୟର କ୍ରିୟା ପ୍ରତିକ୍ରିୟାର ସଂଘାତ ଅଭିଘାତ କଥା କହୁଛି, ତହିଁରେ ଏ ଯୁଗରେ ବାସ୍ତବତା ଓ ପଦାର୍ଥ ବା ବସ୍ତୁହିଁ ନାରୀଜୀବନରେ ସତ୍ୟ ହେବ । କ୍ରିୟା, ଆଚାର, ନିଷ୍ଠା, ନିୟମ, ସଂଯମ, ତପସ୍ୟା, ଧ୍ୟାନ, ଧାରଣା, ଉପବାସ, ବ୍ରତ, ପାର୍ବଣ, ସତୀତ୍ୱ, ଯତିତ୍ୱ ପ୍ରଭୃତି ପୁଞ୍ଜିବାଦୀ ସମାଜର ଅନୁଷ୍ଠାନକୁ କୁସଂସ୍କାର ବୋଲି ଧରାଯିବ । ଏବେ ମଧ୍ୟ ତାହା ଦେଖା ଯାଉଛି । ଧୂଳି ମାଟିର ମନୁଷ୍ୟକୁ ଉଠି ଆକାଶକୁ କଦାପି ଯାଇ ପାରିବ ନାହିଁ । ଆଜି ସତ୍ୟର ସଂଜ୍ଞା ନିର୍ଦ୍ଦିଷ୍ଟ ନୁହେଁ । ତେଣୁ ସତୀତ୍ୱର ମୂଲ୍ୟ ସମାଜ କେଉଁ ମାତରେ କପରି ନିର୍ଦ୍ଧାରଣ କରିବ ? ପୃଥିବୀରେ ଆଜି ସତୀର ମୂଲ୍ୟ ନ ଥିବା ସ୍ଥଳେ ସତୀତ୍ୱର ମୂଲ୍ୟବୋଧ ନ ରହିବା ସ୍ୱାଭାବିକ ନିୟମ । ସତୀତ୍ୱକୁ ପୁରୁଷର ସାମାଜିକ ଓ ପାରିବାରିକ ଶୃଙ୍ଖଳା ଓ ବଂଶଧାରାର ପବିତ୍ରତା ରକ୍ଷା ପାଇଁ ସମାଜ, ରାଷ୍ଟ୍ର ନାରୀକୁ କଳଙ୍କ ଓ ନରକଭୟ ଦେଖାଇ କୁସଂସ୍କାର ସୃଷ୍ଟି କରିଛନ୍ତି ବୋଲି ଏ ଯୁଗର ଲୋକମତ । ତେଣୁ ପୂର୍ବକାଳର ସମାଜ ଓ ରାଷ୍ଟ୍ରବିଧିର ପୃଷ୍ଠଭୂମିକା ଭାଙ୍ଗି ଯାଉଛି—ତେଣୁ ବାଧା ବନ୍ଧ ନାସ୍ତି ।

ବେଦ ଉପନିଷଦ ଯୁଗ ନାରୀ ଆତ୍ମସାଧିକା ଥିଲା ବୋଲି ଆତ୍ମ ଉପଲବ୍ଧିର ଉତ୍କର୍ଷରେ ସେ ଗୌରବ ବୋଧ କରୁଥିଲା । ତପସ୍ୟା, ବ୍ରତ ପ୍ରଭୃତି ନିୟମ, ସଂଯମ, ନିଷ୍ଠା ସହକାରେ ପାଳନ କରି ପରିବାର, ସ୍ୱାମୀ ପୁତ୍ରଙ୍କ ମଙ୍ଗଳ ନିମନ୍ତେ ସେ ନାନାବିଧ କୃଚ୍ଛ୍ର ସାଧନା କରୁଥିଲା । ଏହାର ଫଳ ଯାହା ହେଉ, ଏହା ଦ୍ୱାରା ସ୍ୱାଭାବିକ ନିୟମରେ ତାକୁ ବହୁଗୁଣର ଅନୁଶୀଳନ କରିବାକୁ ପଡୁଥିଲା । ଆତ୍ମକେନ୍ଦ୍ରିକ ନାରୀ ଅନ୍ତରରୁ ଶିବ ସୁନ୍ଦରର ପ୍ରେରଣା ପାଉଥିଲା । ଏହି କାରଣରୁ ଦୈହିକ, ମାନସିକ ପବିତ୍ରତାକୁ ବଞ୍ଚାଇବା ପାଇଁ ସେ ଶକ୍ତି ଆହରଣ କରୁଥିଲା ଏବଂ ପବିତ୍ରତା ପାଇଁ ତାର ଆଗ୍ରହ ପ୍ରବଳ ଥିଲା । ନିଃସ୍ୱାର୍ଥପର ନାରୀ ଗୁରୁଜନ ଓ କୁଟୁମ୍ବ, ଆତ୍ମୀୟ, ସ୍ୱାମୀ ପୁତ୍ରଙ୍କ ସେବାରେ ନିଜର ଆତ୍ମ ପ୍ରସାଦ ଲାଭ କରୁଥିଲା । କର୍ତ୍ତବ୍ୟ ପାଳନ ତାର ଧର୍ମ ଥିଲା । ଈଶ୍ୱରବିଶ୍ୱାସ ତାର ପ୍ରବଳ ଥିଲା । ତାର ଚରିତ୍ରରେ ଗାମ୍ଭୀର୍ଯ୍ୟ ଥିଲା ଓ ଉନ୍ନତ କୋଟିର ଚରିତ୍ରବତୀ ଥିବାରୁ ଚପଳ ଲଘୁପଣକୁ ସେ ପସନ୍ଦ କରୁ ନ ଥିଲା । ଦୟା, କ୍ଷମା, ପ୍ରୀତି, ବାତ୍ସଲ୍ୟ, ସତୀତ୍ୱ, ସୌଜନ୍ୟ, ପରୋପକାର, ଦାକ୍ଷିଣ୍ୟ, ଗୁରୁଭକ୍ତି, ଲଜ୍ଜା, ବିନୟ, ତାର ଚରିତ୍ରର ଭୂଷଣ ଥିଲା । ଆଧୁନିକ ବିଜ୍ଞାନ ଯୁଗର ବସ୍ତୁବାଦ ନାରୀର ସ୍ୱଭାବ ଧର୍ମକୁ କଳୁଷିତ କରିଥିବାରୁ ଓ ସେ ମାପି ଯୋଖି ଚଲାଖ ପଣରେ ଚଳିବା ଶିକ୍ଷା କରିଥିବାରୁ ଅତୀତ ଯୁଗରେ ତାର ଯେ ପ୍ରଜ୍ଞାତାନ୍ତ୍ରିକ ବୁଦ୍ଧିର ବିକାଶ ହୋଇଥିଲା, ତାହା ଉପହାସର ବସ୍ତୁ ହୋଇ ଯାଦୁଘର ସାମଗ୍ରୀ ଭଳି କେବଳ ପୋଥି ପୁରାଣରେ ବଞ୍ଚିଛି । ଏବେ ସେ ଅବଲୀଳାକ୍ରମେ ଚୋରି କରିବାକୁ, ମିଥ୍ୟା ପ୍ରବଞ୍ଚନା କରିବାକୁ, କପଟାଚରଣ କରିବାକୁ କୁଣ୍ଠିତ ହୁଏ ନାହିଁ । ଶଠତା ତାର ଜୀବନର ଅଙ୍ଗୀକ ହୋଇଛି । ଆଜିକା ସଂସାରରେ ସେ ସ୍ୱାମୀ ପୁତ୍ରଙ୍କୁ ଚୋରି ବଜାର କରିବାର ପ୍ରେରଣାଦାୟିନୀ । ଆନ୍ତଃପ୍ରାଦେଶିକ ଆନ୍ତର୍ଜାତିକ ପ୍ରଣୟ ପ୍ରସଙ୍ଗରେ ସେ ପ୍ରଧାନ ଅଂଶୀଦାର । ବିବାହ ପୂର୍ବରୁ କୌମାର୍ଯ୍ୟର ମର୍ଯ୍ୟାଦା ରକ୍ଷିବାର ନୈତିକ ସମ୍ବଳ ହରାଇ ବସିଛି ନାରୀ । ଓକିଲାତି, ପଞ୍ଚାୟତ ସଭ୍ୟା, ଡକ୍ଟୋରି, କିରାଣୀ, ନର୍ତ୍ତକୀ, ଗାୟିକା, ରାଜନୀତିକା,

ଶିକ୍ଷୟିତ୍ରୀ, ଡାକ୍ତର, ଟିକଟ କଲେକ୍ଟର, ଟେଲିଫୋନ୍ କର୍ମୀ, ଟାଇପିଷ୍ଟ, ଷ୍ଟେନୋ, ବ୍ୟବସାୟ, ଶିଳ୍ପ, ଦୋକାନ, କଳ କାରଖାନାରେ ନାରୀର ଅବାରିତ ଦ୍ୱାର । ସେ ଜୀବନର ରାଜପଥରେ ପୁରୁଷ ସହ ଅର୍ଥନୀତିକ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣା । ବିବାହ ତା ପକ୍ଷରେ ଆଜି ଗୋଟିଏ ଜୀବିକାର ପେଶା ହୋଇଛି । ବିବାହ ପୂର୍ବରୁ ସେ ପ୍ରଣୟ ବ୍ୟାପାରରେ ଲିପ୍ତ ହୋଇ ପ୍ରଣୟୀକୁ ବା ସେ ହାତରୁ ଗଲେ ଅନ୍ୟ ପ୍ରଣୟୀକୁ ବିବାହ କରୁଛି । ପୁଣି ଅନୁରାଗ ଫିକା ପଡ଼ିଗଲେ ସେହି ସ୍ୱାମୀ ଓ ସନ୍ତାନ ତ୍ୟାଗ କରି ଅନ୍ୟ ପତି ବରଣ କରୁଛି ବି । ଅବୈଧ ଜୀବନ ନିର୍ବାହ କରୁଛି । କେଉଁଠି କୁମାରୀ ପରସ୍ୱାମୀ ହରଣ କରୁଛି ଅବା ପରସନ୍ତାନ ପିତା ହରଣ କରି କୁତ୍ସିତ ଆତ୍ମପ୍ରସାଦର ଗର୍ବ ଅନୁଭବ କରୁଛି । କେଉଁଠି ବିବାହ ପୂର୍ବରୁ ସନ୍ତାନ ସମ୍ଭବା ହେଉଛି ବା ଭ୍ରୂଣହତ୍ୟା ପାପ କରୁଛି । ନାରୀ ତାର ସହଜ ମର୍ଯ୍ୟାଦା ନ ରଖିବାରୁ ଓ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରିବାକୁ ଇଚ୍ଛା କରି ପୁରୁଷଚକ୍ଷୁରେ ଅସମ୍ମାନିତା ଓ ହୀନ ହୋଇ ବିପଣି ର ସାମଗ୍ରୀ ହୋଇଛି । ଏ ଯୁଗର ପ୍ରଗତିଶୀଳା କଳ୍ପନାଲୋକିତା ନାରୀ ପ୍ରାଚ୍ୟ ନାରୀର ପ୍ରତିଷ୍ଠିତ ସଂସ୍କୃତି ହରାଇଛି । ନବସଂସ୍କୃତିର ଦାନ ଭାବି ଯେଉଁ ସଭ୍ୟତା ଆହରଣ କରିଛି, ତାହା ଅଖାଦ୍ୟ ଭକ୍ଷଣ, ସୌଷ୍ଠବହୀନ ବେଶ ଭୂଷଣ, ଅସୁନ୍ଦର ରୀତିନୀତି ଓ ଚାଲିଚଳଣି ପୁଣି ସପ୍ରତିଭ ନିର୍ଲଜ୍ଜପଣର ଅଭିମାନରେ ଅନମନୀୟ ଦାମ୍ଭିକତା । ଉପରିଉକ୍ତ ବିକୃତି ନିମନ୍ତେ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ବୈଜ୍ଞାନିକ ବସ୍ତୁତାନ୍ତ୍ରିକ ସଭ୍ୟତା, ବିଶୃଙ୍ଖଳ ସ୍ୱାତନ୍ତ୍ର୍ୟନୀତି ବା ନିୟମହୀନ ସ୍ୱେଚ୍ଛାଚାରିତା ଭାରତୀୟ ରାଷ୍ଟ୍ରର ତୁଙ୍ଗ ନେତାମାନଙ୍କର ଦେଶବିଭାଜନ ନୀତି, ଆନ୍ତର୍ଜାତିକ ବାଣିଜ୍ୟନୀତି ଓ ଶୁଳ୍କନୀତି, ଦ୍ରବ୍ୟମୂଲ୍ୟ ନିରୂପଣ ଓ ନିୟନ୍ତ୍ରଣ ନୀତି, ବୈଦେଶିକ ନୀତି ଓ ବୈଦେଶିକ ଅର୍ଥନୀତି, ଲୋକସଂଖ୍ୟା ବୃଦ୍ଧି, ଆର୍ଥିକ ଶୋଷଣ, ଖାଦ୍ୟ ଓ ବସ୍ତ୍ରାଭାବ ପ୍ରଭୃତି ଆନୁସଙ୍ଗିକ ସହସ୍ର କାରଣ ବିଦ୍ୟମାନ । ଏହା ଭାରତୀୟ ସହଜ ଜୀବନଯାପନ ପ୍ରଣାଳୀ ଓ ରୀତି ନୀତି ଉପରେ ଉତ୍କଟ ପ୍ରଭାବ ପକାଇଛି । ସୁତରାଂ ଉପରିଉକ୍ତ ଅବସ୍ଥା ବିପର୍ଯ୍ୟୟ ଯୋଗୁଁ

ଭାରତୀୟ ନାରୀ ତାର ସାଂସ୍କୃତିକ ଐତିହ୍ୟ ଛାଡ଼ି ବିଶ୍ୱର ଜାତି ଗୋଷ୍ଠୀରେ ନିଜର ସତ୍ତା ବିଲୀନ କରିବାକୁ ବାଧ୍ୟ ହୋଇଛି । କାରଣ ପୃଥିବୀ ଆଜି ମନୁଷ୍ୟ ପକ୍ଷରେ କ୍ଷୁଦ୍ର ହୋଇ ପଡ଼ିଛି, ତହିଁରେ ତାହାର ସ୍ୱତନ୍ତ୍ର ବିକାଶ ପାଇଁ ପରିସର ନାହିଁ । ଅର୍ଥନୈତିକ କାରଣରୁ ଭାରତର ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗି ଯାଉଥିବା ବେଳେ ଓ ରକ୍ଷଣଶୀଳ ପାରିବାରିକ ବୁନିୟାଦି ଲୋପ ହୋଇଯାଉଥିବା ବେଳେ ନାରୀର ସତୀତ୍ୱରକ୍ଷାର ପ୍ରଶ୍ନ ଅତିଶୟ ଅବାନ୍ତର ହୋଇ ପଡ଼ିଛି । କାରଣ ଏଥି ସତୀତ୍ୱ ଧର୍ମ ବିଚାରର ଅବକାଶ ବା ଅବସର ଆଉ ଆଧୁନିକ ନାରୀର ନାହିଁ । ପୃଥିବୀର ମନୁଷ୍ୟଜାତି ଆଜି ସଭ୍ୟ ପୋଷାକରେ ପଶୁଠାରୁ ଅଧମ ଓ ନୈତିକ ଯୁଦ୍ଧରେ ଅକ୍ଷମ ସୈନିକ ହୋଇ ପଡ଼ିଛି ଏବଂ ସଭ୍ୟତାର କଳଙ୍କପସରା ତାର ଶିରୋଭୂଷଣ ହୋଇଛି । ତେଣୁ ସାଧାରଣ ନାରୀର ସର୍ବାଙ୍ଗୀନ ଅବନତି ମଧ୍ୟ ଯୁଗାନ୍ତଗାମୀ । ଏହା ପ୍ରାକୃତିକ ନିୟମ; ସୁତରାଂ ବିଶ୍ୱରେ ସତୀତ୍ୱ ମୂଲ୍ୟବାନ୍ ହେଲେହେଁ ଏ ଯୁଗରେ ତାର ସାମାଜିକ ବ୍ୟକ୍ତିଗତ ବା ରାଷ୍ଟ୍ରୀୟ ମୂଲ୍ୟ ଜମାରୁ ନାହିଁ କହିଲେ ବାହୁଲ୍ୟ ନୁହେଁ । ଯୌନ ପବିତ୍ରତା କଥା ଆଜି ମନୁଷ୍ୟର କଳ୍ପନାତୀତ, କାରଣ ଏହା ଏକ ଆକାଶଧର୍ମୀ ଶୂନ୍ୟ କଳ୍ପନା ମାତ୍ର । କିନ୍ତୁ ପ୍ରାଚ୍ୟର ଭାରତନାରୀ ଏହି ଧାରଣାକୁ ଇନ୍ଦ୍ରିୟନିଗ୍ରହ ଓ ନିରୋଧ-ଦ୍ୱାରା ଜୀବନରେ ସତ୍ୟ କରି ପୃଥିବୀର ଶ୍ରଦ୍ଧା ଓ ସମ୍ମାନ ଟାଣି ଥିଲା । ନାରୀର ସତୀତ୍ୱ ଏ ଦେଶର ସମଗ୍ର ଜାତୀୟ ସଂସ୍କୃତିକୁ ଗୌରବର ମହିମା ଦେଇଥିବା କଥାରେ ଇତିହାସ ସାକ୍ଷ୍ୟ ଦିଏ ।

# ଦର୍ଶନଦୃଷ୍ଟିରୁ ନାରୀର ଆଦର୍ଶ

## ଦ୍ୱିତୀୟ ଅଧ୍ୟାୟ

ପ୍ରାଚ୍ୟ ଦର୍ଶନ ଦିଗରୁ ଆଲୋଚନା କଲେ ମନୁଷ୍ୟ ଆତ୍ମାର ଶୁଭ୍ର ରୂପ ସତ୍ ଚିତ୍ ଆନନ୍ଦମୟ । କିନ୍ତୁ ଜୀବଜଗତରେ ମନୁଷ୍ୟଠାରେ ଏହି ଐଶ୍ୱରିକ ବିଭୂତି ଦିଶେ ନାହିଁ । ଜୀବ ସାଧନବଳରେ ଶିବ ହୋଇ ପାରେ ସତ୍ୟ; କିନ୍ତୁ ଏହା ଲୌକିକ ନୁହେଁ ବୋଲି ମନୁଷ୍ୟର ଶାରୀରିକ ଓ ମାନସିକ ଗଠନ ଓ ଗୁଣ ପୂର୍ଣ୍ଣ ଶକ୍ତିଶାଳୀ ନୁହେଁ । ସୁତରାଂ ନର ଭଳି ନାରୀ ମଧ୍ୟ ପ୍ରକୃତି ସୃଷ୍ଟିରେ ଅପୂର୍ଣ୍ଣ, ଖଣ୍ଡ, ତ୍ରୁଟିଯୁକ୍ତ । ସାମାଜିକ ରାଷ୍ଟ୍ରିକ ଆବେଷ୍ଟନ ଏବଂ ପାରିପାର୍ଶ୍ୱିକ ଶୁଭାଶୁଭ ସଂସ୍କାରଦ୍ୱାରା ଆବଦ୍ଧ ହୋଇଥିବାରୁ ମନୁଷ୍ୟ ମାତ୍ରେ ସସୀମ, ଶକ୍ତିଧର ଏବଂ ଦେହ, ମନ ଉଭୟ ଦିଗରୁ ବିକୃତ । ଏହାହିଁ ବିଶ୍ୱବୈଚିତ୍ର୍ୟ ଏବଂ ବିଶ୍ୱ ନିୟମ । ସେହି କାରଣରୁ ସଂସାରରେ ମନୁଷ୍ୟର ନିନ୍ଦା ପ୍ରଶଂସାର ମୂଲ୍ୟ ଥିଲେ ସୁଦ୍ଧା ଦାର୍ଶନିକ ଦୃଷ୍ଟିରୁ ତାହାର ମୂଲ୍ୟ ନାହିଁ । କାରଣ ପ୍ରତ୍ୟେକ ମନୁଷ୍ୟ ଦୋଷଯୁକ୍ତ । ସଂସାର ଓ ସମାଜରେ ତାର ଶୃଙ୍ଖଳା ଦୃଷ୍ଟିରୁ ମନୁଷ୍ୟ ନିନ୍ଦିତ ବା ପ୍ରଶଂସିତ ହୋଇଥାଏ ମାତ୍ର । ଏହା ସହିତ ଆଦର୍ଶବାଦ କିମ୍ବା ବିଶୁଦ୍ଧ ନୀତିବାଦର କିଛି ସମ୍ପର୍କ ନାହିଁ । ତେଣୁ ନାରୀର ସତୀତ୍ୱ ସମାଜଦୃଷ୍ଟିରୁ ଯଥାର୍ଥ ବା ଅଯଥାର୍ଥ ହୋଇ ପାରେ, କିନ୍ତୁ ଦର୍ଶନବିଚାରରେ ଏହା ଅତି ଅସମ୍ଭବ କଥା । ତେଣୁ ନାରୀର ସତୀତ୍ୱ ଯେପରି ଗୋଟିଏ ସଂସ୍କୃତି ଓ କୃଷ୍ଟିଗତ ଆତ୍ମିକ ଆଦର୍ଶ ପୁରୁଷର ଯତିତ୍ୱ ବା ପୁରୁଷ ସତ୍ ଚିତ୍ ଆନନ୍ଦମୟ ଚୈତନ୍ୟରେ ଅବିଚ୍ଛିନ୍ନଭାବରେ ଅବସ୍ଥାନ କରିବା ମଧ୍ୟ ଗୋଟିଏ ଅତି ବିରଳତମ ଆତ୍ମିକ ଆଦର୍ଶ ଅଟେ । କାରଣ ଏହା ମାନବସଂସ୍କୃତିର ଅତି ଉନ୍ନତ ସ୍ତରର କଥା । ସର୍ବ-ସଂସ୍କାର ମୁକ୍ତାତ୍ମା ପକ୍ଷରେ ଏହା କେବଳ ସମ୍ଭବ, ଯାହା ଆମ୍ଭମାନଙ୍କର ଦୃଷ୍ଟିଗୋଚର ହୁଏ ନାହିଁ । ଉପରୋକ୍ତ ମାନବୀୟ ବିକାଶ ଏବଂ ମନୁଷ୍ୟର ଗୁଣାତୀତ ଅବସ୍ଥା ଅନାୟାସଲଭ୍ୟ ନୁହେଁ । ଏହି ଅବସ୍ଥାନ୍ତରପ୍ରାପ୍ତି

ପାଇଁ ଜନ୍ମଜନ୍ମାନ୍ତରର ସାଧନା ଓ ସଂସ୍କାର, ପରିବେଶ, ଶିକ୍ଷା, ପାରିପାର୍ଶ୍ୱିକ ଆବେଷ୍ଟନ, ଇନ୍ଦ୍ରିୟନିଗ୍ରହ, ସାଧନା, ପ୍ରାଣାୟାମ, ଯୋଗ ପ୍ରଭୃତି ଆବଶ୍ୟକ ହୁଏ । ଏହି ଉପାୟରେ ଆତ୍ମା ବିଶୁଦ୍ଧ ଓ ନିରହଙ୍କାରୀ ହେଲା ପରେ ଶୁଦ୍ଧଚିତ୍ତ ମନୁଷ୍ୟ ଭୋଗେନ୍ଦ୍ରିୟମାନଙ୍କୁ ନିୟନ୍ତ୍ରିତ କରି ପାରେ, ଅନ୍ୟଥା ନୁହେଁ । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ନରନାରୀ କେବଳ ସତ୍ ବା ସତୀତ୍ୱକୁ ଅର୍ଜନ କରି ପାରନ୍ତି । ତେଣୁ ଏହି ସବୁ ଆତ୍ମିକ ଗୁଣମାନଙ୍କୁ ଓ ଅବସ୍ଥାକୁ ସାମାଜିକ, ପାରିବାରିକ, ନୀତି ଓ ଶୃଙ୍ଖଳା ଦିଗରୁ ବିଚାରିଲେ ଯଥାର୍ଥ ସିଦ୍ଧାନ୍ତରେ ପହଞ୍ଚି ହେବ ନାହିଁ । ଏଥିପାଇଁ କାମନା-ବାସନା-ରହିତ ବିଶ୍ଳେଷଣାତ୍ମକ ଆତ୍ମବିଜ୍ଞାନର ଅତିସୂକ୍ଷ୍ମ ଦୃଷ୍ଟିକୋଣ ମାର୍ଜିତ ଶୁଦ୍ଧ ନିର୍ବୈକ୍ତିକ ନିରହଙ୍କାର ଚିତ୍ତବୃତ୍ତି ଏବଂ ତଦନୁସାରୀ ବିଚାରବୁଦ୍ଧିର ଅପେକ୍ଷା ରଖେ । ନାରୀର ଚିତ୍ତବୃତ୍ତି ଏବଂ ବୁଦ୍ଧିବିଚାରର ସ୍ୱାଭାବିକ ପ୍ରକ୍ରିୟାରୁ ପ୍ରାକୃତିକ କାରଣବଶତଃ ଅତ୍ୟନ୍ତ ବସ୍ତୁତାନ୍ତ୍ରିକ ଓ ବିଷୟାଭିମୁଖୀ ଆସକ୍ତିଯୁକ୍ତ ହୋଇଥିବାରୁ ସତୀତ୍ୱର ସାଧନ ନିମନ୍ତେ ପୃଥିବୀର ଧର୍ମାଚାର୍ଯ୍ୟମାନେ ଏବଂ ଭାରତୀୟ ଶାସ୍ତ୍ରରଚୟିତାମାନେ ତାହା ପାଇଁ ସ୍ୱାମିଭକ୍ତି ସ୍ୱାମିସେବା, ସ୍ୱାମୀ ଅନୁକୂଳା ଓ ଆଜ୍ଞାକାରିଣୀ ହେବାକୁ ନାରୀକୁ ଉପଦେଶ ଦେଇଛନ୍ତି । ଏହି ସତୀତ୍ୱ ସାଧନା ପାଇଁ ବ୍ରତ ଉପବାସକୁ ସ୍ୱାମିସେବା ଧର୍ମ ନିକଟରେ ତୁଚ୍ଛ କରାଯାଇଛି । ନାରୀର ମୁକ୍ତି ଏବଂ ସ୍ୱର୍ଗଲାଭ ନିମନ୍ତେ ଏହାହିଁ ସହଜ ସୁଗମ ପଥ ବୋଲି ପ୍ରାଚୀନ ପୁରାଣକାର ନିର୍ଦ୍ଦେଶ କରିଅଛନ୍ତି । ନାରୀର ଏହି ଜୀବନାଦର୍ଶ ସତୀତ୍ୱର ମୂଳସ୍ୱରୂପ । ପୁରୁଷର ମୋକ୍ଷଲାଭ, ବନ୍ଧନମୁକ୍ତି ନିମନ୍ତେ ଅନ୍ୟ ଉପାୟ ବିଧାନ କରାଯାଇଛି ।

# ତୃତୀୟ ଅଧ୍ୟାୟ

ଜଡ଼ବିଜ୍ଞାନ ଦୃଷ୍ଟିରୁ ମନୁଷ୍ୟର ଦେହ ଓ ମନର ସମୀକରଣ ହୋଇଛି । କେହି କାହାକୁ ଛାଡ଼ି ସ୍ୱତନ୍ତ୍ର ନୁହନ୍ତି । ସେହି ଦୃଷ୍ଟିରୁ ନାରୀର ସତୀତ୍ୱ ବା ପୁରୁଷର ଯତିତ୍ୱର ମୂଲ୍ୟ ନାହିଁ । ଏହା ଅଭିଜ୍ଞତାପ୍ରସୂତ ବୈଜ୍ଞାନିକ ସିଦ୍ଧାନ୍ତର ତଥ୍ୟ ହୋଇ ସାରିଛି । କାରଣ ବିଜ୍ଞାନଦୃଷ୍ଟିରେ ମନୁଷ୍ୟ ଏକ ରସାୟନିକ ଜଡ଼ ପଦାର୍ଥ । ତାର ମନ ମଧ୍ୟ ଦେହସ୍ତରରେ ବିବର୍ତ୍ତିତ ହେଉଛି । ତେଣୁ ଦେଶ କାଳ ପରିସ୍ଥିତିରେ ଏ ଯୁଗରେ ସତୀତ୍ୱର ନିଷ୍ଠାପର ସାଧନା ଅସମ୍ଭବ । ବର୍ଣ୍ଣାଶ୍ରମ ବ୍ୟବସ୍ଥା ଓ ଏକାନ୍ନବର୍ତ୍ତୀ ପରିବାର ଗୋଷ୍ଠୀ ଭାଙ୍ଗିଯିବାରୁ ଏବଂ ତା ଉପରେ ଏବେ ଧର୍ମନିରପେକ୍ଷ ରାଷ୍ଟ୍ରନୀତିର ପ୍ରତିଷ୍ଠା ହେବାରୁ ନାନା ଜଟିଳ ଅର୍ଥନୀତିକ କାରଣରୁ ପୁରାତନ ସମାଜ ସ୍ଥାନରେ ନୂତନ ସମାଜର ଗଠନ ପ୍ରତିଷ୍ଠା ଚାଲିଛି । ନାରୀ ଅର୍ଥନୀତିକ କାରଣରୁ ସ୍ୱାଧୀନ ହୋଇ ନିଜ ପାଇଁ ଓ ତା ସନ୍ତାନରକ୍ଷା ପାଇଁ ଚାକିରି କରୁଛି—ମୂଲ ଲାଗୁଛି । ନାରୀକୁ ପୋଷିବାକୁ ଆଜି ପୁରୁଷ ଅକ୍ଷମ । ତେଣୁ ପୁରୁଷ ନାରୀକୁ ମାତା ଭଗ୍ନୀ ପତ୍ନୀ ଭାବରେ ନ ଦେଖି ସହକର୍ମିଣୀ, ସହଧର୍ମିଣୀ, ପ୍ରତିଦ୍ୱନ୍ଦ୍ୱିନୀ ହିସାବରେ ଦେଖୁଛି । ନାରୀ ନିଜ ଭାଗ୍ୟବିଧାନ-ପୁରୁଷ ନିରପେକ୍ଷ ହୋଇ କରୁଛି । ଏହି କାରଣରୁ ରାଷ୍ଟ୍ର ଓ ସମାଜରେ ନାରୀର ସତୀତ୍ୱର ମୂଲ୍ୟ ଦବାକୁ କେହି ନାହିଁ ; ତେଣୁ ସତୀତ୍ୱ ନାରୀର ବ୍ୟକ୍ତି-ଜୀବନର ଆଦର୍ଶ ହୋଇ ପାରେ । ଯୌଥ ଜୀବନରେ ଏହାର ସାର୍ଥକତା ଆଦୌ ନାହିଁ । ଏହାହିଁ ପରିବର୍ତ୍ତିତ ଜଡ଼ବାଦୀ ସାମାଜିକ ଜୀବନର ଏକ ଅବଶ୍ୟମ୍ଭାବୀ ନିର୍ମମ ପ୍ରତିକ୍ରିୟା ।

ଆଧୁନିକ ସମାଜରେ ବ୍ୟକ୍ତିର ମୂଲ୍ୟ ନାହିଁ—ଗୋଷ୍ଠୀ ବା ସମଷ୍ଟିର ଅଛି । ତେଣୁ ଜଡ଼ ତୁଳନାରେ ଚେତନର ଓଜନ କମ ହୋଇ ପଡ଼ୁଛି । ଧର୍ମ, ଆଚାର, ବିଚାର, ଅନୁଷ୍ଠାନ, ସମାଜ, ରାଷ୍ଟ୍ର, ଈଶ୍ୱରବାଦ ଯାହା ଆଗକାଳରେ ଜନସମାଜରେ ସୁପ୍ରତିଷ୍ଠିତ ଧାରଣା ହୋଇ ରହିଥିଲା, ତାହା ଏବେ କେହି ନିର୍ବିଚାରରେ ମାନି ନେବାକୁ ପ୍ରସ୍ତୁତ ନୁହନ୍ତି ।

ପୃଥିବୀରେ ସମାଜତନ୍ତ୍ରବାଦ ପ୍ରବୃତ୍ତ ହେବା କାଳରୁ ପୁରୁଣା ପ୍ରଜ୍ଞାନୁସାରୀ ସିଦ୍ଧାନ୍ତ ଓ ଧାରଣାମାନଙ୍କୁ ମାନିବାକୁ ଏ ଯୁଗ ମନୁଷ୍ୟ ପ୍ରବଳ ବିରୋଧ କରିଛି । ଗତ ଶତାବ୍ଦୀର ପୁଞ୍ଜିଭୂତ ଶୋଷଣରେ ପୀଡ଼ିତ ମନୁଷ୍ୟ ବିପ୍ଳବୀ ହୋଇ ଜୀବନର ପ୍ରତ୍ୟକ୍ଷୀଭୂତ ସମସ୍ୟାମାନଙ୍କୁ ବାସ୍ତବମୂଲ୍ୟରେ ପୂର୍ବର ନୀତି ରୀତିମାନଙ୍କ ସହିତ ତୌଲି ଦେଖୁଛି । ଏ ଶତାବ୍ଦୀର କାବ୍ୟ, କଳା, ସାହିତ୍ୟ ମଧ୍ୟ ଏହି ବାସ୍ତବବାଦ ସଞ୍ଜାତ ବାମପନ୍ଥୀ ନୀତି ପ୍ରତିଷ୍ଠା କରିଛି । କାରଣ ମନୁଷ୍ୟ ଆଜି ମନୁଷ୍ୟ ଉପରୁ ଶ୍ରଦ୍ଧା ଓ ବିଶ୍ୱାସ ହରାଇ ବସିଛି । ବିଜ୍ଞାନ, ମନସ୍ତତ୍ତ୍ୱ ମାନବଚେତନା ସ୍ତରକୁ ଅତିକ୍ରମ କରି ଅବଚେତନର ପର୍ଦ୍ଦା ଛାଡ଼ି ନୂତନ ବିଶ୍ଳେଷଣରୁ ଆବିଷ୍କୃତ ସିଦ୍ଧାନ୍ତମାନଙ୍କୁ ମାନି ନେଇଛି । ଅମଡ଼ା ମାଡ଼ି ଅଦୃଷ୍ଟପୂର୍ବ ସ୍ଥାନ ଓ ପଥ ସୃଷ୍ଟି କରି ଅଜ୍ଞେୟ ଆଡ଼କୁ ଚାଲିବା ମନୁଷ୍ୟର ଚଳମାନ ପ୍ରଗତିର ଚିହ୍ନ । ତହିଁରେ ତାର ଧ୍ୱଂସ କି ସୃଷ୍ଟି କେହି କଳି ପାରିବେ ନାହିଁ । ଅନାଗତ କାଳର ବିଧାତା ଏହାର ବିଚାର ସୃଷ୍ଟି କରିବ । ଆଜି ମାନବସଭ୍ୟତାର ଆୟ ବ୍ୟୟ, ଲାଭ କ୍ଷତି କେହି ଅଙ୍କ କଷି କହିବା ସମ୍ଭବ ନୁହେଁ । ମନୁଷ୍ୟ ଆଜି ଅତୀନ୍ଦ୍ରିୟବାଦର କଳ୍ପନା, ଧ୍ୟାନ ଧାରଣା, ଆଚାର ବିଚାର, ଅନୁଷ୍ଠାନ ଧର୍ମ, ଲୋକଧର୍ମ ପୁରାଣ, ଶାସ୍ତ୍ର, ଶିଳ୍ପ ସାହିତ୍ୟ, ଅଙ୍କନ, କାବ୍ୟ, ସଙ୍ଗୀତ, କବିତାର, ରୀତି ନୀତି ଓ ଚିରାଚରିତ ପନ୍ଥା ପଦ୍ଧତିକୁ ଡେଇଁ ଯାଇଛି । ମନୁଷ୍ୟର ବୁଦ୍ଧି ଓ ପ୍ରଜ୍ଞା ବାସ୍ତବ ପୀଠ ଉପରେ ଆସନ ସୀମା କରିଅଛି । ମାନବ ସଂସ୍କୃତିର ଐତିହ୍ୟ ଆଦର୍ଶ ଗୁଣମାନ ଯାହା ମନୁଷ୍ୟତ୍ୱର ପରିଚାୟକ ଥିଲା, ତାହା ସ୍ଥାନରେ ଭୋଗ ବିଳାସ ବ୍ୟସନର ଜଡ଼ତା ଓ ପୁଞ୍ଜିବାଦରୁ ଜାତ ଈର୍ଷା, ଶଠତା, ହିଂସା, କ୍ଷମତାପ୍ରିୟ ପ୍ରଭୁତ୍ୱସ୍ପୃହା, ପରଶ୍ରୀକାତରତା, ଭଣ୍ଡତା, ମାତ୍ସର୍ଯ୍ୟବୃତ୍ତି ମୂଳ ହୋଇ ପ୍ରେରଣା ଦେଉଅଛି । ଏହି ପରିବର୍ତ୍ତିତ ଯେଉଁ ନବଯୁଗକୁ ଜନ୍ମ ଦେବ, କାଳକ୍ରମେ ତହିଁରେ ରୂପାୟିତ କରିବ ଆଗାମୀ ବିଶ୍ୱସଭ୍ୟତା । ସେହି ସଭ୍ୟତାରୁ ଯେ ସଂସ୍କୃତିର ପରମ୍ପରା ସୃଷ୍ଟି ହେବ, ତାହା ନାରୀର ସତ୍ତାକୁ ଅତିକ୍ରମ କରି ତାର ବାହାରଙ୍ଗ ଅସ୍ଥି, ମେଦ, ମାଂସ, ବର୍ଣ୍ଣରୁଚିକୁ ହିଁ ଯଥାର୍ଥ ମୂଲ୍ୟ ଦେବ ଯେଉଁଠି ସତୀତ୍ୱର ପ୍ରସଙ୍ଗ ପ୍ରଚୁର ହାସ୍ୟରସ କେବଳ ସୃଷ୍ଟି କରିବ ।

# ଉପସଂହାର

**ଆଧୁନିକ** ନାରୀର ସତୀତ୍ୱ ସମ୍ବନ୍ଧରେ ଗୋଟିଏ ପ୍ରଶ୍ନ ଉଠେ, ଯେ ଏହା ସାମନ୍ତବାଦୀ ବା ପୁଞ୍ଜିବାଦୀ ରକ୍ଷଣଶୀଳ ସମାଜର ମନୋବୃତ୍ତିରୁ ସମାଜ, ପରିବାର, ବଂଶ ଓ ସ୍ୱତ୍ୱ ଆବେଷ୍ଟନୀର ଶୃଙ୍ଖଳା ପାଇଁ ସୃଷ୍ଟି ହୋଇଛି । ନାରୀକୁ ପରଲୋକ, ସ୍ୱର୍ଗ, ନରକ, ଧର୍ମ, ଅଧର୍ମର ସଂସ୍କାରରେ ଅନ୍ଧ କରାଯାଇଛି ଏବଂ ଗୋଷ୍ଠୀସ୍ୱାର୍ଥ, ବଂଶଧାରାର ବିଶୁଦ୍ଧତା ପରିବାର ସ୍ୱାର୍ଥପାଇଁ ବିବାହର ଶିକୁଳିରେ ତାକୁ ବାନ୍ଧି କ୍ରୀତଦାସୀ ପରି ରଖା ଯାଇଛି । ନାରୀର ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ ସମାଜ ସହ୍ୟ କରି ନାହିଁ । ନାରୀକୁ ଧର୍ମନାମରେ ସ୍ୱାମୀର ବଂଶବାହିକା, ସ୍ୱତ୍ୱଶୃଙ୍ଖଳିକା, ସନ୍ତାନପାଳିକା କରି ହୋଇଛି । ନାରୀର ସହଜ ଭାବପ୍ରବଣ ମନ ସଂସ୍କାରମୁକ୍ତ ନ ଥିବାରୁ ସେ ସତୀତ୍ୱ ଓ ଏକପତିତ୍ୱକୁ ଧର୍ମରକ୍ଷା ନାମରେ ମାନି ଚାଲି ଆସିଛି ସଭ୍ୟତାର ଉନ୍ମେଷ ଦିନୁ । ଯୌନ ପବିତ୍ରତାକୁ ବଞ୍ଚାଇ ରଖିବାକୁ ସେ କାୟ ମନ ବାକ୍ୟ ନିୟୋଜିତ କରିଛି—ଇନ୍ଦ୍ରିୟର ତୃପ୍ତିକୁ ନିରୋଧ କରିଛି । ସେ ଆଧୁନିକ ଦୃଷ୍ଟିରୁ ଜୀବନକୁ ସତୀତ୍ୱ ଧର୍ମ ନିକଟରେ ଅସ୍ୱୀକାର କରିଛି । କିନ୍ତୁ ବସ୍ତୁତଃ ଭୟ ଉପଚିତ ସଂସ୍କାର ଏହି ସତୀସାଧନାର ମୂଳକ—ସତୀତ୍ୱର ମୂଲ୍ୟ ତହିଁରେ ନାହିଁ । ନାରୀର ଆତ୍ମବିକାଶ ପଥରେ ସତୀତ୍ୱର ସଂସ୍କାର ଏକ ମହାବିପତ୍ତି ଏବଂ ନିଗଡ଼ ବନ୍ଧନସ୍ୱରୂପ । ସମାଜ, ପରିବାର ଓ ରାଷ୍ଟ୍ର ଶୃଙ୍ଖଳା ନିମନ୍ତେ ନାରୀ ଅହର୍ନିଶି ତାର ବ୍ୟକ୍ତିତ୍ୱ ଓ ନାରୀତ୍ୱକୁ ଖର୍ବ କରି ପୁଣି ଆତ୍ମସଙ୍କୋଚନ କରି ବଳି ପଡ଼ୁଛି । ସେହି କାରଣରୁ ତାର ଆତ୍ମୋପଲବ୍ଧି ଘଟିବାର ଅବସର ନାହିଁ । ନିଜର ବ୍ୟାପ୍ତିକୁ ଦେହମନରେ ସେ ପଙ୍ଗୁ କରି ଦେଇଥିବାରୁ ନିଜ ଆତ୍ମାର ଅଭିଳାଷ ଜାଣି ଆତ୍ମପରିଚୟ ଲାଭ କରିବାର ସୌଭାଗ୍ୟରୁ ନାରୀ ବଞ୍ଚିତା ।

ଉପରୋକ୍ତ ବିଷୟଗୁଡ଼ିକ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଏହା ପୂର୍ଣ୍ଣ ସତ୍ୟ ନୁହେଁ । ଏହା ସମାଜର ନାରୀଧର୍ମ ସମ୍ବନ୍ଧୀୟ ପରିକଳ୍ପନା

ଦୃଷ୍ଟିରୁ ଆଂଶିକ ଭାବରେ ସତ୍ୟ । ସଚରାଚର ଦେଖାଯାଏ, ଯେଉଁ ସମାଜ ନାରୀ ଉପରେ ସତୀତ୍ୱର ଚାପ ପକାଇଛି, ସେଠାରେ ସମାଜ, ପାରିବାରିକ ଶାସନ ଏବଂ ଦାମ୍ପତ୍ୟ ଜୀବନର ଶୃଙ୍ଖଳା ଯଥାର୍ଥ ବ୍ୟର୍ଥ ହୋଇଛି । କିନ୍ତୁ ଏହା ହେବାରୁ ସତୀତ୍ୱ ଗୋଟିଏ ବିବଦେଶିତ ପ୍ରଥା କିମ୍ବା ଅସାର ସଂସ୍କାର ନୁହେଁ । ସ୍ୱେଚ୍ଛାକୃତ ସତୀତ୍ୱ ବା ଯୌନପବିତ୍ରତା ଆଦିମ କାଳରୁ କ୍ରମବିକଶିତ ନାରୀକୁ ଯଥାର୍ଥରେ ସଭ୍ୟା, ସୁସମ୍ପତା ଏବଂ ସୁସମ୍ମାନିତା କରି ଆସିଛି । ଯେଉଁ ନାରୀର ଯୌନ ପବିତ୍ରତା ସହିତ ଆଚରଣ, ବାକ୍ୟ, କ୍ରିୟାକର୍ମ ସତ୍ୟ ଉପରେ ପ୍ରତିଷ୍ଠିତ, ସେହି ନାରୀ ସତୀ । ଏହା ସାମନ୍ତବାଦ ବା ପୁଞ୍ଜିବାଦରୁ ଉତ୍ପତ୍ତି ହୋଇ ନାହିଁ, କି ସତୀତ୍ୱ ଗୋଟିଏ ସମାଜିକ ପ୍ରଥା ନୁହେଁ । ଯତିତ୍ୱ ଓ ସତୀତ୍ୱ ପୁରୁଷ ଓ ନାରୀ ଉଭୟଙ୍କର ଗୋଟିଏ ବିଶିଷ୍ଟ ଜୀବନାଦର୍ଶ ଓ ବିଶିଷ୍ଟ ଜୀବନଧର୍ମ । ସତୀତ୍ୱ ନାରୀତ୍ୱରେ ଉପନୀତ ହେବାର ଏକ କୃଷ୍ଟି । ଯାଯାବର ନାରୀ ଯେଉଁ କାଳରେ ସମଷ୍ଟି ବା ଦଳର ପତ୍ନୀ ହେବାକୁ ବାଧ୍ୟ ହେଉଥିଲା, ସେହି ବନ୍ୟ ବର୍ବର ଜୀବନରୁ ମାନବର କ୍ରମବିକଶିତ ସଭ୍ୟତା ତାକୁ ଏକପତ୍ନୀତ୍ୱ ଏବଂ ସତୀତ୍ୱର ଉତ୍ତମ ସଂସ୍କାରରେ ମହୀୟସୀ କରି ସଭ୍ୟତାର ସ୍ୱର୍ଣ୍ଣାସ୍ତରଣ ଉପରେ ବସାଇଛି । ଏହା ଦ୍ୱାରା ତାର ଆତ୍ମବିକାଶ ଓ ବ୍ୟାପ୍ତି ଖର୍ବ ନ ହୋଇ ଉଚ୍ଚସ୍ତରକୁ ଉଠିଅଛି । ଏହି ସତୀତ୍ୱଜାତ ସଭ୍ୟତାର ବିକାଶରୁ ସେ ବସ୍ତୁତନ୍ତ୍ରରୁ ପ୍ରଜାତନ୍ତ୍ରକୁ ଉନ୍ନୀତ ହୋଇ ପାରିଛି । ଏଥିଯୋଗୁଁ ରାଷ୍ଟ୍ର, ସମାଜ, ପରିବାର ପ୍ରତି ସେ ସମଧିକ ଦାୟିତ୍ୱଶୀଳ ମଧ୍ୟ ହୋଇ ପାରିଛି । ନାରୀସମ୍ମାନର ମୂଲ୍ୟ ଦେବାକୁ ଯାଇ ରାଜ୍ୟ ରାଜ୍ୟରେ ଯୁଦ୍ଧ ହୋଇଛି ଏବଂ ଲକ୍ଷ କୋଟି ଜୀବନ୍ତ ରକ୍ତରେ ଯୁଦ୍ଧଭୂମି ପ୍ଲାବିତ ହୋଇଛି ବୋଲି ପୃଥିବୀର ଇତିହାସ ସାକ୍ଷ୍ୟ ଦିଏ । ଆମର ରାମାୟଣ ମହାଭାରତ ଏହାର ମୂକ ସାକ୍ଷ୍ୟ ଦିଅନ୍ତି । ସୁତରାଂ ନାରୀର ଚିରନ୍ତନ ଓ ସନାତନ ଆଦର୍ଶ ସତୀତ୍ୱ । ଏହା ସଂସ୍କୃତିର ଜନନୀ । ସତୀ ନାରୀର ଜହର ବ୍ରତକୁ ପୃଥିବୀ ସଭ୍ୟତାର ଏକ ଆଶ୍ଚର୍ଯ୍ୟମୟ ବିଶିଷ୍ଟ ଅଧ୍ୟାୟ ବୋଲି ଧରାଯାଇଛି । ଏହା ସ୍ଥାନ, କାଳ,

ପାଇଁ ନିରପେକ୍ଷ ଅଟେ । ସାମାଜିକ ବା ପାରିବାରିକ ବିଧିନିଷେଧାତ୍ମକ ସତୀତ୍ୱର ମୂଲ୍ୟ ପ୍ରାଚ୍ୟ ଦେଶର ଅନ୍ତ୍ୟକ ଆଦର୍ଶରେ କଣ୍ଡାକର ନାହିଁ କାରଣ କେବଳ ବଂଶାନୁକ୍ରମିକ ସଂସ୍କୃତି ବା ପରମ୍ପରା ଏହାର ବାହନ-ସ୍ୱରୂପ । ଯଥାର୍ଥ ସତୀତ୍ୱ ଧର୍ମ ଏବଂ ଯୌନପବିତ୍ରତା ନାରୀର ବ୍ୟକ୍ତିଗତ ବିଶ୍ୱର ଓ ଶୁଭବୁଦ୍ଧି ପ୍ରେରଣାରୁ ଜନ୍ମଗ୍ରହଣ କରେ ଏବଂ ସେହି କାରଣରୁ ଏହା ନାରୀକୁ ପୁରୁଷଠାରୁ ମହନୀୟ, ମୂଲ୍ୟବାନ୍ ଏକ ବିଶିଷ୍ଟ ସମ୍ଭ୍ରମପୂର୍ଣ୍ଣ ମର୍ଯ୍ୟାଦା ଦାନ କରେ । ଏହି କାରଣରୁ ପୃଥିବୀରେ ଯଥାର୍ଥ ସତୀ ନାରୀ ବିରଳ ଥିବାରୁ ସତୀତ୍ୱଧର୍ମୀ ନାରୀର ମୂଲ୍ୟ ଚିରନ୍ତନ ଓ ସନାତନ ଅଟେ ।

ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼ରେ ବର୍ତ୍ତମାନ ବିଲାତର ନାରୀସମାଜର ଯେ ଚିତ୍ର ଦିଆ ହୋଇଛି, ସେହି ଚିତ୍ର ବର୍ତ୍ତମାନ ପାଶ୍ଚାତ୍ୟ ନାରୀର ସଂସ୍କୃତି ହୋଇ ଠିଆ ହୋଇଛି । ଏହି ସଂସ୍କୃତି ଭାରତୀୟ ନାରୀ ଗ୍ରହଣ କରିବା ଉଚିତ କି ନୁହେଁ, ତାହାର ବିଚାରକ ଆଗାମୀ ଯୁଗର ଭାରତୀୟ ନାରୀ । ନିମ୍ନଲିଖିତ ଭାବରେ ସମ୍ବାଦଟି ଛପା ହୋଇଛି :—

"ଇଂଲଣ୍ଡର ଜାତୀୟ ବିବାହ ସଂରକ୍ଷଣ କାଉନ୍ସିଲର ସାଧାରଣ ସମ୍ପାଦକ ଅନୁଷ୍ଠାନର ଏକ ବୈଠକରେ ଇଂଲଣ୍ଡର ବିବାହପ୍ରଥା ସମ୍ପର୍କରେ ଏକ ଚମକପ୍ରଦ ସମ୍ବାଦ ପ୍ରକାଶ କରିଛନ୍ତି । ଫଳରେ ସମଗ୍ର ପୃଥିବୀର ଲୋକେ ଗଭୀର ବିସ୍ମୟ ପ୍ରକାଶ କରୁଛନ୍ତି । ତାଙ୍କ ମତରେ ଇଂଲଣ୍ଡରେ ଯେତେ ଲୋକ ବିବାହ କରୁଛନ୍ତି, ସେମାନଙ୍କ ମଧ୍ୟରେ ପ୍ରତି ଛଅ ଜଣରେ ଜଣେ ଲୋକର ବିବାହବନ୍ଧନ ଛିନ୍ନ ହୋଇ ଯାଉଛି । ସୁନାର ସଂସାର ଚୂରମାର ହୋଇ ଯାଉଛି । କେବଳ ସେତିକି ନୁହେଁ- ଯେତେ କନ୍ୟା ବିବାହ କରୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରତି ଛଅ ଜଣରେ ଜଣେ ଗର୍ଭାବସ୍ଥାରେହିଁ ବିବାହ କରୁଛି । ସମାଜରେ ଯୁବକଯୁବତୀମାନଙ୍କର ଅବାଧ ମିଳାମିଶା ହେବା ଫଳରେ ଏଭଳି ଘଟଣା ସମ୍ଭବ ହେଉଛି ବୋଲି ପ୍ରକାଶ ପାଇଛି ।

ଏହି ଜାତୀୟ ବିବାହ-ସଂରକ୍ଷଣ କାଉନ୍ସିଲର ସାଧାରଣ ସମ୍ପାଦକ ମିଃ ଯୋସେଫ୍ ବେସ ହିସାବ କରି କହିଛନ୍ତି ଯେ, କେବଳ ୧୯୪୭

ମସିହାରେ ୬୦,୦୦୦ ବିବାହ ଭାଙ୍ଗି ଯାଇଛି । ଏହା ପୂର୍ବରୁ ବୋଧହୁଏ ଏତେ ପରିମାଣରେ ବିବାହସମ୍ପର୍କ ଛିନ୍ନ ହେବାର ଦେଖାଯାଉ ନ ଥିଲା । ୧୯୫୦ ମସିହାରେ କେବଳ ୩୦,୦୦୦ ବିବାହ ଅନୁଷ୍ଠାନ ନଷ୍ଟ ହୋଇ ଯାଇଛି । ଦୁଇ ପୁରୁଷ ତଳେ ଇଂଲଣ୍ଡରେ ବିବାହପ୍ରଥା ଯେ ଭଳି ନିର୍ଭରଶୀଳ ଓ ସୁଖମୟ ଥିଲା, ଆଜି ତାହା ଆଶା କରାଯାଇ ପାରୁ ନାହିଁ । ସମାଜବନ୍ଧନ କ୍ରମେ କ୍ରମେ ଶିଥିଳ ହୋଇ ଉଠୁଛି ।”

ମହାରାଜା ଶ୍ରୀରାମଚନ୍ଦ୍ର ଉତ୍କଳ ୟୁନିଭର୍ସିଟି ପ୍ରେସରେ ଶ୍ରୀ ପଦ୍ମଚରଣ ଦାଶଙ୍କ
ଦ୍ୱାରା ମୁଦ୍ରିତ—୧୯୫୨

ମୁଦ୍ରାକର
ଶ୍ରୀ ପଦ୍ମଚରଣ ଦାଶ,
ମହାରାଜା ଶ୍ରୀରାମଚନ୍ଦ୍ର
ଉତ୍କଳ ୟୁନିଭର୍ସିଟି ପ୍ରେସ,
କଟକ